RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-134 ◆MONDAY ◆10 NOVEMBER 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୧୩୪ ◆ସୋମବାର ◆୧୦ ନଭେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦



ପ୍ରମୋଦଙ୍କୁ ହ୍ୟାଟ୍ରିକ୍ ସ୍ୱର୍ଣ୍ଣ

▸କ୍ରୀଡ଼ା ପୃଷ୍ଠାରେ...

## ବିହାରରେ ସରିଲା ନିର୍ବାଚନ ପ୍ରଚାର: ୧୧ରେ ଭୋଟ, ୧୪ରେ ଫଳାଫଳ

# ନିଦ ହଜାଇଛନ୍ତି ମହିଳା ଭୋଟର

ଅନ୍ତିମ ପର୍ଯ୍ୟାୟରେ ୨୦ ଜିଲ୍ଲାର ୧୨୨ ଆସନରେ ମତଦାନ

ଦ୍ୱନ୍ଦ୍ୱରେ ନେତା, ଉତ୍ସାହିତ ମତଦାତା

ଆକଳନ କରିପାରୁ ନାହାନ୍ତି ବିଶେଷଜ୍ଞ





■ ପାଟନା, ୯।୧୧ (ଏଜେନ୍ସି): ବିହାର ବିଧାନସଭା ନିର୍ବାଚନ ପାଇଁ ଆଜି ପ୍ରଚାର ଅଭିଯାନ ଶେଷ ହୋଇଛି। ଆସନ୍ତା ୧୧ ତାରିଖ ମଙ୍ଗଳବାର ଦିନ ଅନ୍ତିମ ପର୍ଯ୍ୟାୟରେ ୧୨୨ ଆସନରେ ମତଦାନ ହେବାକୁ ଯାଉଛି। ଏଥିପାଇଁ ଆଜି ସନ୍ଧ୍ୟା ୫ଟାରୁ ନିରବ ସମୟ (ସାଇଲେଣ୍ଟ ଆୱାର) ଆରମ୍ଭ ହୋଇଛି। ୧୪ ତାରିଖ ତଥା ଶୁକ୍ରବାର ଫଳାଫଳ ପ୍ରକାଶ ପାଇବ। ମତଦାନ ପୂର୍ବରୁ ଭାରତ-ନେପାଳ ସୀମାରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ୧୧ ତାରିଖ ପର୍ଯ୍ୟନ୍ତ ସୀମା ସିଲ୍ କରିଦିଆଯାଇଛି। ଏହି ଅବଧି ମଧ୍ୟରେ ସୀମାରେ ଲୋକଙ୍କ ଗମନାଗମନ ଉପରେ କଟକଣା ଲଗାଇଦିଆଯାଇଛି। ବିହାର ନିର୍ବାଚନରେ ମୁଖ୍ୟ ମୁକାବିଲା ବିଜେପି ମେଣ୍ଟ ଏବଂ ଆରଜେଡି ମେଣ୍ଟ ମଧ୍ୟରେ ହେଉଛି। ଉଭୟ ପକ୍ଷ ବିଜୟକୁ ନେଇ ଆଶାବାଦୀ ଥିବା ବେଳେ ▸ପୃଷ୍ଠା-୭

## ନୂଆପଡ଼ା ଉପନିର୍ବାଚନ | କ୍ଷେତ୍ର ଛାଡ଼ିଲେ ବାହାର ନେତା

ରବିବାର ଅପରାହ୍ଣ ୪ଟାରୁ ନିରବ ଅବଧି ଆରମ୍ଭ

ନିର୍ବାଚନମଣ୍ଡଳୀରେ ୫୭ ସମ୍ବେଦନଶୀଳ ବୁଥ୍

ଆଜି ମତଦାନ କେନ୍ଦ୍ରକୁ ଯିବେ ପୁଲିଂ ପାର୍ଟି

■ ନୂଆପଡ଼ା, ୯।୧୧(ସମିସ): ରାଜ୍ୟର ବହୁ ଚର୍ଚ୍ଚିତ ନୂଆପଡ଼ା ଉପନିର୍ବାଚନ ନିମନ୍ତେ ରବିବାର ସନ୍ଧ୍ୟାରେ ଶେଷ ହୋଇଛି ପ୍ରଚାର। ନଭେମ୍ବର ୧୧ ତାରିଖ ସକାଳ ୭ଟାରୁ ଅପରାହ୍ଣ ୫ଟା ପର୍ଯ୍ୟନ୍ତ ଭୋଟଦାନ ପ୍ରକ୍ରିୟା ଚାଲିବ। ବାମପନ୍ଥୀ ଉଗ୍ରବାଦୀ ପ୍ରବଣ ଅଞ୍ଚଳର ୪୭ଟି ବୁଥ୍‌ରେ ସକାଳ ୭ଟାରୁ ଅପରାହ୍ଣ ୪ ଟା ପର୍ଯ୍ୟନ୍ତ ଭୋଟଦାନ ପ୍ରକ୍ରିୟା ଅନୁଷ୍ଠିତ ହେବ। ବିଜେଡିରୁ ସ୍ନେହାଙ୍ଗିନୀ ଛୁରିଆ, ବିଜେପିରୁ ଜୟ ଢୋଲକିଆ, କଂଗ୍ରେସରୁ ଘାସିରାମ ମାଝୀଙ୍କ ସମେତ ସମାଜବାଦୀ ପାର୍ଟିରୁ ରମାକାନ୍ତ ହାତୀ, ବିଏସପିରୁ ହେମନ୍ତ ତାଣ୍ଡି, ▸ପୃଷ୍ଠା-୭

# ଆଗକୁ ବ୍ୟାଙ୍କର ମହାମିଶ୍ରଣ

## ସବୁ ମିଶି ଦେଶରେ ରହିବେ ୫ଟି ବ୍ୟାଙ୍କ



■ ନୂଆଦିଲ୍ଲୀ, ୯।୧୧ (ଏଜେନ୍ସି): କେନ୍ଦ୍ର ସରକାର ଦେଶର ବ୍ୟାଙ୍କିଙ୍ଗ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଆଣିବା ପାଇଁ ଯୋଜନା କରୁଛନ୍ତି। ଏହାର ଏକ ଅଂଶ ସ୍ୱରୂପ, ସରକାର ବ୍ୟାଙ୍କଗୁଡ଼ିକର ମହାମିଶ୍ରଣ ପାଇଁ ପ୍ରସ୍ତୁତି ଚଳାଇଛନ୍ତି। ଦେଶରେ ବ୍ୟାଙ୍କଗୁଡ଼ିକର ମିଶ୍ରଣ କରି ଏକ ବିଶ୍ୱସ୍ତରୀୟ ବ୍ୟାଙ୍କ ପ୍ରତିଷ୍ଠା କରିବାକୁ କେନ୍ଦ୍ର ସରକାର ଯୋଜନା କରୁଛନ୍ତି। ଦେଶରେ ଥିବା ସମସ୍ତ ବ୍ୟାଙ୍କର ମିଶ୍ରଣ ଘଟାଇ କେବଳ ୫ଟି ବ୍ୟାଙ୍କ ରଖିବାକୁ ପ୍ରସ୍ତାବ ଥିବା ସୂଚନା ମିଳିଛି।

ରିପୋର୍ଟ ଅନୁଯାୟୀ, 'ନିତି' ଆୟୋଗର ସୁପାରିସ ଆଧାରରେ ସରକାର ଛୋଟ ସାର୍ବଜନୀନ କ୍ଷେତ୍ରର ବ୍ୟାଙ୍କଗୁଡ଼ିକୁ ବଡ଼ ବ୍ୟାଙ୍କ ସହିତ ମିଶ୍ରଣ କରିପାରନ୍ତି। ଏହି ମେଗା ମିଶ୍ରଣର ଏକ ଅଂଶ ସ୍ୱରୂପ, ସରକାର ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ, ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ବ୍ୟାଙ୍କ ଅଫ୍ ଇଣ୍ଡିଆ, ବ୍ୟାଙ୍କ ଅଫ୍ ବରୋଦା ଏବଂ ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରର ମିଶ୍ରଣ କରିବାକୁ ଯୋଜନା କରୁଛନ୍ତି। ତେବେ ଏହା ଗ୍ରାହକମାନଙ୍କ ପାଇଁ କିଛିଟା ସମସ୍ୟା ଆଣିପାରେ।

ମିଶ୍ରଣ ପରେ, ବ୍ୟାଙ୍କଗୁଡ଼ିକୁ ନୂତନ ବ୍ୟାଙ୍କ ପାଇଁ ସମସ୍ତ ପ୍ରାସଙ୍ଗିକ ଡକ୍ୟୁମେଣ୍ଟ ପ୍ରକ୍ରିୟାକରଣ କରିବାକୁ ପଡିବ, ଯାହା ସେମାନଙ୍କର କାର୍ଯ୍ୟଭାର ବୃଦ୍ଧି କରିବ। ଭାରତ ଏବେ ବିଶ୍ୱସ୍ତରୀୟ ବ୍ୟାଙ୍କ ପ୍ରତିଷ୍ଠା ଲକ୍ଷ୍ୟରେ ଆଗକୁ ବଢ଼ୁଛି। ଉଦ୍ଦେଶ୍ୟ ରହିଛି ଏଭଳି ବ୍ୟାଙ୍କ ପ୍ରତିଷ୍ଠା କରିବା, ଯାହା ଭିତ୍ତିଭୂମି, ମ୍ୟାନୁଫାକଚରିଂ ଏବଂ ଟେକ୍ନୋଲୋଜି ଭଳି ବୃହତ୍ ଆବଶ୍ୟକତାକୁ ପୂରଣ କରିବା ପାଇଁ ବଡ଼ ଆକାରରେ ଋଣ ଦେଇପାରିବ। ଆଉ ଏହି ଉଦ୍ଦେଶ୍ୟର ଏକ ଅଂଶ ହେଉଛି ଦେଶର ସରକାରୀ କ୍ଷେତ୍ରର ବ୍ୟାଙ୍କଗୁଡ଼ିକ (ପିଏସ୍‌ୟୁ) ଗୁଡିକର ମିଶ୍ରଣ। ଏହି ଯୋଜନା କେବଳ ଯେ, ଭାରତୀୟ ▸ପୃଷ୍ଠା-୭

# ଡିସେମ୍ବରରୁ ମୋବାଇଲ ରିଚାର୍ଜ ମହଙ୍ଗା



୧୯୯ ଟଙ୍କିଆ ପ୍ୟାକ୍‌ର ମୂଲ୍ୟ ୨୯୯ ଟଙ୍କା ହେବ

ରିଚାର୍ଜ ଖର୍ଚ୍ଚ ପୂର୍ବାପେକ୍ଷା ୧୨% ବଢ଼ିବ

■ ନୂଆଦିଲ୍ଲୀ, ୯।୧୧(ଏଜେନ୍ସି): ଦେଶର କୋଟି କୋଟି ମୋବାଇଲ ଉପଭୋକ୍ତାଙ୍କୁ ଲାଗିବାକୁ ଯାଉଛି ବଡ଼ ଝଟ୍‌କା। କାରଣ ଆସନ୍ତା ଡିସେମ୍ବରରୁ ମୋବାଇଲ ସେବା ମହଙ୍ଗା ହେବ। ଟେଲିକମ୍ କମ୍ପାନୀଗୁଡିକ ଡିସେମ୍ବରରେ ସେମାନଙ୍କ ରିଚାର୍ଜ ଓ ଡାଟା ପ୍ଲାନ୍ ମୂଲ୍ୟରେ ବୃଦ୍ଧି କରିବାକୁ ଯାଉଛନ୍ତି। ଦେଶର ତିନି ଟେଲିକମ୍ କମ୍ପାନୀ ଏୟାରଟେଲ୍, ଜିଓ ଏବଂ ଭୋଡାଫୋନ୍ ଆଇଡିଆ ସେମାନଙ୍କର ପ୍ରିପେଡ୍ ପ୍ଲାନ୍ ମୂଲ୍ୟରେ ବୃଦ୍ଧି କରିବେ। ନୂଆ ରିଚାର୍ଜ ପ୍ଲାନ୍ ଲାଗୁ ହେବା ପରେ ଉପଭୋକ୍ତାଙ୍କୁ ପୂର୍ବ ଅପେକ୍ଷା ୧୦-୧୨ ପ୍ରତିଶତ ଅଧିକ ଅର୍ଥ ଦେବାକୁ ପଡ଼ିପାରେ। ଏମିତିକି ବର୍ତ୍ତମାନ ଚାଲୁଥିବା ୧୯୯ ଟଙ୍କିଆ ପ୍ୟାକ୍‌ର ମୂଲ୍ୟ ୨୯୯ ଟଙ୍କା ହୋଇଯିବ। ଏହାଛଡା ୮୪ ଦିନିଆ ବୈଧତା ବିଶିଷ୍ଟ ୨ ଜିବି ଦୈନିକ ଡାଟା ପ୍ଲାନର ମୂଲ୍ୟ ୯୪୯ ଟଙ୍କାରୁ ୯୯୯ ଟଙ୍କା ମଧ୍ୟରେ ହୋଇପାରେ। ତେବେ ସରକାରୀ ଟେଲିକମ୍ କମ୍ପାନୀ ବିଏସ୍‌ଏନ୍‌ଏଲ୍ ଏହି ଦର ବୃଦ୍ଧିରୁ ବାହାରେ ରହିପାରେ।

## ନବୀନଙ୍କ ଭିଡିଓ ବାର୍ତ୍ତା | ସୁଖଦୁଃଖର ସାଥୀ ହେବେ ସ୍ନେହାଙ୍ଗିନୀ

### ନୂଆପଡ଼ାରୁ ହିଁ ଆରମ୍ଭ ହେବ ବିଜେପିର ପରାଜୟ



■ ଭୁବନେଶ୍ୱର, ୯।୧୧ (ସମିସ): ନୂଆପଡ଼ା ଉପନିର୍ବାଚନ ପାଇଁ ରବିବାର ସନ୍ଧ୍ୟାରୁ ବନ୍ଦ ହୋଇଛି ପ୍ରଚାର। ମଙ୍ଗଳବାର ସକାଳୁ ଉପନିର୍ବାଚନ ପାଇଁ ମତଦାନ ହେବ। ଏହା ପୂର୍ବରୁ ନୂଆପଡ଼ାର ଭୋଟରଙ୍କ ପାଇଁ ଏକ ଭିଡ଼ିଓ ବାର୍ତ୍ତା ଜାରି କରିଛନ୍ତି ବିଜେଡି ସୁପ୍ରିମୋ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଏହି ବାର୍ତ୍ତାରେ ନବୀନ ତାଙ୍କର ନୂଆପଡ଼ା, କୋମନା, ଖରିଆର୍ ରୋଡ୍ ସଭାରେ ବହୁ ସଂଖ୍ୟାରେ ଯୋଗ ଦେଇଥିବା ନୂଆପଡ଼ାବାସୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସେ କହିଛନ୍ତି ଯେ ପଶ୍ଚିମ ଓଡ଼ିଶାର ଜଣେ ଟାଣୁଆ ନେତ୍ରୀ ସ୍ନେହାଙ୍ଗିନୀ ଛୁରିଆଙ୍କୁ ସେ ନୂଆପଡ଼ା ଉପନିର୍ବାଚନ ପାଇଁ ପ୍ରାର୍ଥୀ କରିଛନ୍ତି। ନୂଆପଡ଼ାରେ ରହି ନୂଆପଡ଼ାବାସୀଙ୍କ ସେବା କରିବାକୁ ସ୍ନେହାଙ୍ଗିନୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେ ସବୁବେଳେ ନୂଆପଡ଼ାବାସୀଙ୍କର ସୁଖ ▸ପୃଷ୍ଠା-୭

# ଦୁର୍ଘଟଣା ନେଲା ୪ ଜୀବନ

## ଅଜଣା ଗାଡ଼ି ଧକ୍କାରେ ମା'-ପୁଅଙ୍କ ମୃତ୍ୟୁ





■ ରେଢ଼ାଖୋଲ, ୯।୧୧ (ସମିସ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଡିମିରିକୁଦା ଗ୍ରାମ ନିକଟରେ ଆଜି ଏକ ଦୁର୍ଘଟଣାରେ ମା'-ପୁଅଙ୍କ ମୃତ୍ୟୁ ଘଟିଛି। ମୃତକଦ୍ୱୟ ହେଲେ, ରେଙ୍ଗାଲି ପଞ୍ଚାୟତ ପିପିଲିକାନୀ ଗ୍ରାମର ମନୋଜ ମାଝୀ (୨୫) ଓ ତାଙ୍କ ମା' ମଞ୍ଜୁ ମାଝୀ (୬୦)। ୯ ମାସର ଗର୍ଭବତୀ ସ୍ତ୍ରୀକୁ ସାକ୍ଷାତ କରିବା ପାଇଁ ମନୋଜ ନିଜ ଶାଶୂଘର ନାକଟିଦେଉଳ ବ୍ଲକ୍ ଝାରବେଡ଼ା ଗାଁକୁ ବାଇକ୍‌ରେ ▸ପୃଷ୍ଠା-୭

## ବାଇକ୍ ଧକ୍କାରେ ୨ ମୃତ

■ କବିସୂର୍ଯ୍ୟନଗର / ପୋଲସରା / କୋଦଳା, ୯।୧୧ (ସମିସ): ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ଥାନା ଖଜାପଲ୍ଲୀ ଗ୍ରାମ ନିକଟରେ ଜଣେ ବୃଦ୍ଧଙ୍କୁ ବାଇକ୍ ଧକ୍କା ଦେବାରୁ ବୃଦ୍ଧଙ୍କ ସହ ବାଇକ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ, ମଠସରସିଂ ଶାଳବଣ ଗ୍ରାମର କାଶୀନାଥ ସେଠୀ ଓ ବାଇକ ଚାଳକ ପୋଲସରା ଥାନା ଅନ୍ତର୍ଗତ ରାଣିପଡ଼ା ଗ୍ରାମର ମିଟୁ ପରିଡ଼ା।

ମିଟୁ ଶନିବାର ରାତିରେ କୋଦଳା ଥାନା ଉଷ୍ଟାଳି ଗ୍ରାମରେ ଚାଲିଥିବା ମହାଭାରତ ନାଟକରେ ଦୁଃଶାସନ ଭୂମିକାରେ ଅଭିନୟ କରିଥିଲେ। ନାଟକ ସରିବା ପରେ ରବିବାର ଭୋର୍‌ରେ ସେ ବାଇକ୍ ଯୋଗେ ▸ପୃଷ୍ଠା-୭

## ୧୫ ଡିଗ୍ରୀ ତଳେ ୮ ସହର ତାପମାତ୍ରା

■ ଭୁବନେଶ୍ୱର, ୯।୧୧ (ସମିସ): ରାଜ୍ୟରେ ଆରମ୍ଭ ହୋଇଛି ଶୀତର ପ୍ରଭାବ। ଲଗାତାର ଗତ ୨-୩ ଦିନ ହେବ ଅଧିକାଂଶ ସ୍ଥାନରେ ଥଣ୍ଡା ଅନୁଭୂତ ହେଉଛି। ରାଜ୍ୟରେ ବର୍ତ୍ତମାନ କ୍ରମାଗତ ଭାବେ ଉତ୍ତରା ଥଣ୍ଡା ପବନ ପ୍ରବେଶ କରୁଥିବାରୁ ଥଣ୍ଡା ବଢ଼ିଛି। ଗତ ୨୪ ଘଣ୍ଟାରେ ୮ଟି ସହରର ତାପମାତ୍ରା ୧୫ ଡିଗ୍ରୀ ତଳେ ଥିବା ବେଳେ ୨ଟି ସହର ତାପମାତ୍ରା ୧୧ଡିଗ୍ରୀ ଛୁଇଁଛି। ଦାରିଙ୍ଗବାଡିରେ ତାପମାତ୍ରା ୧୧ଡିଗ୍ରୀ ଛୁଇଁଥିବା ବେଳେ ଝାରସୁଗୁଡା ୧୧.୭, ଫୁଲବାଣୀ ୧୨, ରାଉରକେଲା ୧୩.୨, ଭଦ୍ରକ ୧୪, ଅନୁଗୁଳ ୧୪.୬, କେନ୍ଦୁଝର ୧୪.୬ ଓ କୋରାପୁଟରେ ତାପମାତ୍ରା ୧୪.୬ ଡିଗ୍ରୀ ରେକର୍ଡ ହୋଇଛି। ଏହାବ୍ୟତୀତ ବର୍ତ୍ତମାନ ▸ପୃଷ୍ଠା-୭

## ମୟୂରଭଞ୍ଜରେ ଚାଞ୍ଚଲ୍ୟ | ଲୁଟ୍ ପାଇଁ ଗୁଳି କରି ମାରିଦେଲେ

ବଳଦ କିଣିବାକୁ ହାଟକୁ ଯାଉଥିଲେ

ଲୁଟି ନେଲେ ୫୦ ହଜାର ଟଙ୍କା

■ ରାଇରଙ୍ଗପୁର / ଶୁକ୍ଳି, ୯।୧୧ (ସମିସ): ଯୁବକଙ୍କୁ ଗୁଳି କରି ହତ୍ୟା କରିବା ସହ ଲୁଟିନେଲେ ୫୦ହଜାର ଟଙ୍କା।। ।ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲା ସୀମାନ୍ତବର୍ତ୍ତୀ କେନ୍ଦୁଆପୋଲ ନିକଟରେ ରବିବାର ଦିନ ଦ୍ୱିପହରେ ଘଟିଥିବା ଏହି ଘଟଣା ଚାଞ୍ଚଲ୍ୟ ସୃଷ୍ଟି କରିଛି। ମୃତକ ହେଲେ, ହାରା ମହାନ୍ତ। ତାଙ୍କ ଘର କଳନ୍ଦାରେ। ସେ କେନ୍ଦୁଝର ଜିଲ୍ଲାର ଖୁଣ୍ଟାପଡ଼ାସ୍ଥିତ ଶଶୁର ଘରେ ରହୁଥିଲେ। ଘାଗରବେଡ଼ା ପୁଲିସ ମୃତଦେହକୁ ବ୍ୟବଚ୍ଛେଦ ନିମନ୍ତେ ପଠାଇବା ସହ ହତ୍ୟା ମାମଲା ରୁଜୁ କରି ତଦନ୍ତ କରୁଛି।

ସୂଚନାନୁଯାୟୀ, ଅନ୍ୟ ଜଣେ ବ୍ୟକ୍ତିଙ୍କ ପାଇଁ ବଳଦ କିଣିବାକୁ ହାରା ଆଜି ଅଙ୍ଗାରପଦା ସାପ୍ତାହିକ ହାଟକୁ ଏକ ବାଇକ୍‌ରେ ଯାଉଥିଲେ। ପାଖରେ ତାଙ୍କର ୫୦ ହଜାର ଟଙ୍କା ଥିଲା। ଏହି ସମୟରେ କିଛି ଦୁର୍ବୃତ୍ତ ବାଇକ୍‌ରେ ତାଙ୍କୁ ପିଛା କରିଥିଲେ। ସେ ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲା ସୀମାନ୍ତବର୍ତ୍ତୀ ଅଞ୍ଚଳରେ ଥିବା କେନ୍ଦୁଆ ପୋଲ ପାର୍ ହେଉଥିବା ବେଳେ ଦୁର୍ବୃତ୍ତମାନେ ତାଙ୍କ ବାଟ ଓଗାଳିଥିଲେ। ହାରା କିଛି ବୁଝିବା ପୂର୍ବରୁ ସେମାନେ ତାଙ୍କୁ ବନ୍ଧୁକ ଦେଖାଇ ଭୟଭୀତ କରାଇବା ସହ ▸ପୃଷ୍ଠା-୭

## ମୁଗ ଡାଲି ଉତ୍ପାଦନରେ ସ୍ୱାବଲମ୍ବୀ ହୋଇପାରୁନି ଓଡ଼ିଶା

# ଚାଷୋପଯୋଗୀ ହେଉନି ସରକାରୀ ବିହନ

ରୋଗ ସହଣି କ୍ଷମତା କମ୍; ସୁହାଉନି ଜଳବାୟୁ

ଧଳା ମାଛି ଲାଗି ହଳଦିଆ ପଡ଼ିଯାଉଛି ପତ୍ର

ସ୍ଥାନୀୟ କିସମ ବିକଶିତ ହେଲେ ଉତ୍ପାଦନ ବଢ଼ିବ



■ ଭୁବନେଶ୍ୱର, ୯।୧୧ (ବିଶ୍ୱଜିତ ଗାଇଗରିଆ): ଧାନ ଚାଷ ପରେ ଡାଲି ଜାତୀୟ ଫସଲ କଲେ ମାଟିର ଉର୍ବରତା ବଢ଼ିବ। ଡାଲି ଜାତୀୟ ଫସଲ ଉତ୍ପାଦନ ମଧ୍ୟ ବୃଦ୍ଧି ପାଇବ। ଡାଲି ଉତ୍ପାଦନରେ ରାଜ୍ୟ ସ୍ୱାବଲମ୍ବୀ ହେବା ସହିତ କୃଷକଙ୍କ ବାର୍ଷିକ ଆୟ ମଧ୍ୟ ବଢ଼ିବ। ଏପରି ମହତ ଉଦ୍ଦେଶ୍ୟ ନେଇ ସରକାର ରାଇସ୍ ଫେଲୋ ମ୍ୟାନେଜମେଣ୍ଟ (ଆର୍‌ଏଫ୍‌ଏମ୍) ଯୋଜନା ଅଧୀନରେ ଚାଷୀମାନଙ୍କୁ ମୁଗ ବିହନ ପ୍ରଦାନ କରୁଛନ୍ତି। ହେଲେ ସରକାରୀ ବିହନ ଗଜା ହେଉନି। ଯେତିକି ଗଛ ଉଠୁଛି ତହିଁରେ ରୋକପୋକ ଅଧିକ ମାତ୍ରାରେ ଲାଗୁଛନ୍ତି। ଫଳରେ ସରକାରୀ ବିହନକୁ ଚାଷ କରିବା ପରିବର୍ତ୍ତେ ବଜାରରୁ ଡାଲି କିଣି ରାନ୍ଧି ଖାଇବାକୁ କୃଷକମାନେ ଶ୍ରେୟସ୍କର ମଣୁଛନ୍ତି।

ମୁଗ ଚାଷ ପାଇଁ ସରକାର ଏକର ପିଛା ୮କେଜି ବା ହେକ୍ଟର ପିଛା ୨୦ ▸ପୃଷ୍ଠା-୭


## ଆପଣଙ୍କ ପୁରୁଣା ବ୍ୟାଙ୍କ ଖାତାରେ ଟଙ୍କା ରଖି ଭୁଲିଯାଇଛନ୍ତି କି?



ଯାହା ଆପଣଙ୍କର ତାହାକୁ ପ୍ରାପ୍ତ କରିବାରେ ଆର୍‌ବିଆଇ ଆପଣଙ୍କୁ ସାହାଯ୍ୟ କରିବ ।

ଆପଣଙ୍କ ବ୍ୟାଙ୍କରେ ଅଚଳ ଖାତା (2 ବର୍ଷରୁ ଅଧିକ ଓ 10 ବର୍ଷ ପର୍ଯ୍ୟନ୍ତ ସମୟ ଧରି ନିଷ୍କ୍ରିୟ ଥିବା)ରେ ପଡ଼ିରହିଥିବା ଟଙ୍କା / ଦାବିହୀନ ଜମା (10 ବର୍ଷରୁ ଅଧିକ ସମୟ ଧରି)ଗୁଡ଼ିକୁ ଆର୍‌ବିଆଇର ଡିଇଏ ପାଣ୍ଠିକୁ ସ୍ଥାନାନ୍ତର କରିଦିଆଯାଇଥାଏ । ଆପଣ କିମ୍ବା ଆପଣଙ୍କର ଆଇନଗତ ଉତ୍ତରାଧିକାରୀ ତାହାକୁ ଯେକୌଣସି ସମୟରେ ଦାବି କରିପାରିବେ ।

### ନିଜ ଟଙ୍କାକୁ ଦାବି କରିବାର 3ଟି ସହଜ ସୋପାନ

1. ଆପଣଙ୍କ ବ୍ୟାଙ୍କର ଯେକୌଣସି ଶାଖା ପରିଦର୍ଶନ କରନ୍ତୁ, ତାହା ଆପଣଙ୍କ ନିୟମିତ ଶାଖା ନ ହୋଇଥିଲେ ମଧ୍ୟ କିଛି ଅସୁବିଧା ନାହିଁ
2. କେୱାଇସି ଦସ୍ତାବିଜ (ଆଧାର, ପାସ୍‌ପୋର୍ଟ, ମତଦାତା ପରିଚୟପତ୍ର କିମ୍ବା ଡ୍ରାଇଭିଂ ଲାଇସେନ୍ସ) ସହ ଏକ ଫର୍ମ ଦାଖଲ କରନ୍ତୁ
3. ଯାଞ୍ଚ ପରେ, ଯଦି ଆପଣଙ୍କର କୌଣସି ଅର୍ଥରାଶି ପ୍ରାପ୍ୟ ହୋଇଥାଏ ତେବେ ତାହାକୁ ସୁଧ ସହ ପ୍ରାପ୍ତ କରନ୍ତୁ

### ଆପଣଙ୍କର ଦାବିହୀନ ଜମାକୁ ଠାବ କରିବା ପାଇଁ

ଆପଣଙ୍କ ବ୍ୟାଙ୍କର ୱେବ୍‌ସାଇଟ୍‌ରେ ସନ୍ଧାନ କରନ୍ତୁ କିମ୍ବା ସମ୍ପ୍ରତି 30ଟି ବ୍ୟାଙ୍କକୁ ଅନ୍ତର୍ଭୁକ୍ତ କରୁଥିବା ଆର୍‌ବିଆଇର ଉଦ୍‌ଗମ ପୋର୍ଟାଲ (https://udgam.rbi.org.in) ଯାଞ୍ଚ କରନ୍ତୁ ।





ଅଧିକ ବିବରଣୀ ପାଇଁ, ପରିଦର୍ଶନ କରନ୍ତୁ: https://rbikehtahai.rbi.org.in
ମତାମତ ପାଇଁ, rbikehtahai@rbi.org.in କୁ ଲେଖନ୍ତୁ
କ୍ୟୁଆର୍ କୋଡ୍ ସ୍କାନ୍ କରନ୍ତୁ
ଆନୁଷ୍ଠାନିକ ହ୍ୱାଟ୍ସଆପ୍ ନମ୍ବର 99990 41935

ଜନହିତରେ ଜାରି କରିଛନ୍ତି
भारतीय रिज़र्व बैंक
RESERVE BANK OF INDIA
www.rbi.org.in

# ଶ୍ରୀଜଗନ୍ନାଥ ଚେତନା ପକ୍ଷରୁ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ

ଜଳେଶ୍ୱର, ୯।୧୧(ସମିସ): ଲକ୍ଷ୍ମଣନାଥ ପଞ୍ଚାୟତ ବିରେଶପୁର ଗାଁର ତୁଳସୀ ମଞ୍ଚ ଠାରେ କାର୍ତ୍ତିକ ପୂର୍ଣ୍ଣମୀ ଅବସରରେ ଶ୍ରୀ ଜଗନ୍ନାଥ ଚେତନା ପକ୍ଷରୁ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶନିବାର ସନ୍ଧ୍ୟାରେ ଆୟୋଜିତ



ଧର୍ମସଭାରେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ଯୋଗେଶ ଚନ୍ଦ୍ର ରାଉଳ ସଭାପତିତ୍ୱ କରି ଜଗନ୍ନାଥ ସଂସ୍କୃତି ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟଅତିଥି ଭାବେ ଜଗନ୍ନାଥ ଚେତନା ର ଅଦ୍ଧକ୍ଷା ଗୁରୁମା ଆଚାର୍ଯ୍ୟ ଅନ୍ନପୂର୍ଣ୍ଣା ଦେବୀ ଯୋଗଦେଇ ସତ୍ ପଥରେ ଚାଲିବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରାକ୍ତନ ସରପଞ୍ଚ ତଥା କବି ବସନ୍ତ ଦାସ ଭାଗବତ୍ ମାହାତ୍ମ୍ୟ ସମ୍ପର୍କରେ ଉଦବୋଧନ ଦେଇଥିଲେ। ଜଗନ୍ନାଥ ଚେତନା ର ରାଜ୍ୟ ପ୍ରଚାରକ ହରି ଭାଇ ମଞ୍ଚ ଆହ୍ୱାନ, ଅତିଥି ପରିଚୟ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିଲା ବେଳେ ଶ୍ୟାମ ସୁନ୍ଦର ଦଳାଇ ଧନ୍ୟବ।ଦ ଅର୍ପଣ କରିଥିଲେ। ରବିନ୍ଦ୍ର ଦାସ, ଅଜୟ ବେହେରା, ସୁଚିସ୍ମିତା ଗିରି, ବନବିହାରୀ ଜେନା, ସମିର ଜେନା, ହରିହର ଘୋଷ, ଅନିରୁଦ୍ଧ ଦଳାଇ, ସୁଶାନ୍ତ ଭୂୟାଁ ଏବଂ ଗୋବରଘାଟା, ଲକ୍ଷ୍ମଣନାଥ, ବିରେଶପୁରର ମାଁ ସୁଭଦ୍ରା ମାତୃ ମଣ୍ଡଳୀର ମାଁ ଭଉଣୀ ଓ ବହୁ ଶ୍ରଦ୍ଧାଳୁ ଯୋଗଦେଇ ଜଗନ୍ନାଥ କଥାମୃତ ପାନ କରିଥିଲେ।

## ୧୮ ସ୍କୁଲର ୮୦ ଛାତ୍ରଛାତ୍ରୀଙ୍କୁ ନେଇ ଅଧିବେଶନ

# ଶାସକ ଓ ବିରୋଧୀ ଦଳ ମଧ୍ୟରେ ହଟ୍ଟଗୋଳ

ବାଲେଶ୍ୱର, ୯।୧୧(ସମିସ)

ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟ, ସମଗ୍ର ଶିକ୍ଷା ତରଫରୁ ସ୍ଥାନୀୟ ପିଏମ୍ ଶ୍ରୀ ଜିଲ୍ଲା ସ୍କୁଲରେ ଜିଲ୍ଲା ସ୍ତରୀୟ ଆଦର୍ଶ ସଂସଦ ଏବଂ କଳା ପ୍ରଦର୍ଶନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଶିକ୍ଷାଧିକାରୀ ଡ. ବସନ୍ତ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାରୋହକୁ ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଉଦଘାଟନ କରି ପ୍ରତିଯୋଗୀ ଛାତ୍ରଛାତ୍ରୀଙ୍କୁ ସଂସଦ ବିଷୟରେ ଧାରଣା ପ୍ରଦାନ କରିଥିଲେ। ଜିଲ୍ଲାର ୧୮ଟି ପିଏମ୍ ଶ୍ରୀ ସ୍କୁଲରୁ ୮୦ ଜଣ ଛାତ୍ରଛାତ୍ରୀଙ୍କୁ ନେଇ ଅଧିବେଶନଟି ଅନୁଷ୍ଠିତ ହୋଇଥିଲା। ଏହି ଅଧିବେଶନରେ ବିରୋଧୀ ଓ ଶାସକ ଦଳ ମଧ୍ୟରେ ତର୍କ ବିତର୍କ, ପ୍ରଶ୍ନୋତ୍ତର ଏବଂ ବିଲ୍ ପାସ୍ ବିଷୟରେ ଗୃହରେ ହଟ୍ଟଗୋଳ ଦେଖିବାକୁ ମିଳିଥିଲା। ବିରୋଧୀ ଦଳର ସଭ୍ୟମାନେ ଗୃହରେ ହଟ୍ଟଗୋଳ କରି ଗୃହକୁ କିଛି ସମୟ ପାଇଁ ମୁଲତବି ରଖିଥିଲେ। ଏହି ପ୍ରତିଯୋଗିତାରେ ବିଚାରକ ଭାବେ କେକେଏସ୍ ମହାବିଦ୍ୟାଳୟ ସହକାରୀ ପ୍ରଫେସର ସଞ୍ଜୟ ସ ଏବଂ ଫକୀରମୋହନ ମହାବିଦ୍ୟାଳୟର ସହକାରୀ ପ୍ରଫେସର ସୁବ୍ରତ ବିଶ୍ୱାଳ ଯୋଗ ଦେଇଥିଲେ। ଆଦର୍ଶ ସଂସଦ କାର୍ଯ୍ୟକ୍ରମ ଶେଷ ପରେ ଦୁଇ ଜଣ ଛାତ୍ରଛାତ୍ରୀଙ୍କୁ ରାଜ୍ୟସ୍ତରୀୟ ଏମ୍ ୟୁ ଏନ୍ ରେ ପ୍ରତିଦ୍ୱନ୍ଦ୍ୱିତା




ପାଇଁ ମନୋନୀତ କରାଯାଇଛି। ସମସ୍ତ ପ୍ରତିଯୋଗୀଙ୍କୁ ଟ୍ରଫି ସହିତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ପରିଚାଳନା କରିବାରେ ଯଜ୍ଞେଶ୍ୱର ଜେନା, ଗୋଷ୍ଠୀ ଶିକ୍ଷା ଅଧିକାରୀ, ସଦର, ଆଦିକନ୍ଦ ରାଉତ, ଭାର ପ୍ରାପ୍ତ ପ୍ରଧାନ

**ଦୁଇ ଛାତ୍ରଛାତ୍ରୀ ରାଜ୍ୟସ୍ତରୀୟ ଏମ୍‌ୟୁଏନ୍‌ରେ ଭାଗନେବା ପାଇଁ ମନୋନୀତ**

ଶିକ୍ଷକ, ପିଏମ ଶ୍ରୀ ଜିଲ୍ଲା ସ୍କୁଲ, ଖଗେଶ୍ୱର ମହାରଣା, ଜିଲ୍ଲା ଯୋଜନା ସଂଯୋଜକ ସହଯୋଗ କରିଥିଲେ। ଡ. କୌଶିକ କୁମାର ଦାସ ଏବଂ ନୀଳଗିରି ପିଏମ ଶ୍ରୀ ଉଚ୍ଚ ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ମଞ୍ଚ ପରିଚାଳନା କରିଥିଲେ।

# ଜଳେଶ୍ୱର ସୀମାନ୍ତ ଗ୍ରାମୀଣ ମହୋତ୍ସବ ଓ ଉତ୍କଳ ବଙ୍ଗ ମୈତ୍ରୀ ଉତ୍ସବ ପ୍ରସ୍ତୁତି

ଜଳେଶ୍ୱର, ୯।୧୧ (ସମିସ): ୧୧ ଦିନ ବ୍ୟାପି ଜଳେଶ୍ୱର ସୀମାନ୍ତ ଗ୍ରାମୀଣ ମହୋତ୍ସବ ଓ ଉତ୍କଳ ବଙ୍ଗ ମୈତ୍ରୀ ଉତ୍ସବ ପାଇଁ ପ୍ରସ୍ତୁତି ବୈଠକ ଆଜି ସନ୍ଧ୍ୟାରେ ଶୋଭା କଲ୍ୟାଣ ମଣ୍ଡପ ପରିସରରେ ସଭାପତି କମଳ ଚକ୍ରବର୍ତ୍ତୀଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ଡିସେମ୍ବର ୨୧ରୁ ୩୧ ତାରିଖ ପର୍ଯ୍ୟନ୍ତ ଏହି ମହୋତ୍ସବ ଜାତୀୟ ରାଜପଥ ସନ୍ନିକଟ ତାରିଣୀ ବାଇପାସଠାରେ ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ଭାରତ ସରକାରଙ୍କ ସଂସ୍କୃତି ବିଭାଗ ଓ ଜଳେଶ୍ୱର ବିକାଶ ପରିଷଦର ସହଯୋଗରେ ଏହି ଉତ୍ସବ ଅନୁଷ୍ଠିତ ହେବ ବୋଲି ଶ୍ରୀ ଚକ୍ରବର୍ତ୍ତୀ ସୂଚନା ଦେଇଥିଲେ। ଚଳିତବର୍ଷ ପାଇଁ ସର୍ବସମ୍ମତ କ୍ରମେ ସଭାପତି ରୂପେ ବିଶିଷ୍ଟ ଶିକ୍ଷାବିତ୍ ତଥା ପୂର୍ବତନ ଅଧକ୍ଷ କାର୍ତ୍ତିକ



ଚନ୍ଦ୍ର ଦାସ, କାର୍ଯ୍ୟକାରୀ ସଭାପତି ରୂପେ ସୁନିଲ କୁମାର ନାୟକ, ଉପସଭାପତି ରୂପେ ଦ୍ୱାରିକେଶ ପଟ୍ଟନାୟକ, ନବ କୁମାର ମହାପାତ୍ର, କପିଳେଶ୍ୱର ମହାନ୍ତି, ବନମାଳୀ ଧଳ ଓ ସଞ୍ଜୀବ କୁମାର ପାତ୍ର, ସାଧାରଣ ସମ୍ପାଦକ ରୂପେ ମନୋରଂଜନ ଦାସ, ସମ୍ପାଦକ ରୂପେ ଶିବ ନାରାୟଣ ମହାପାତ୍ର, ଦୁର୍ଗା ଶଙ୍କର ଭୂୟାଁ, ସୁଜୟ କୁମାର ଗିରି, ରାକେଶ ବାରିକ ଓ ସୁଦାମ ଚରଣ ପାତ୍ର, କୋଷାଧକ୍ଷ ରୂପେ ସୌଭିକ କୁମାର ଜେନାକୁ ନିର୍ବାଚିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଶରତ ଚନ୍ଦ୍ର ପରିଡା, ମଧୁସୂଦନ ଦତ୍ତ, ସର୍ବେଶ୍ୱର ଜେନା, କେଦାର ଗିରି, ତପନ ମହାନ୍ତି, ବ୍ରଜେଶ୍ୱରୀ ସାହୁ, ଦେବଯାନୀ ଅଣ୍ଡିଆ, ଦୁର୍ଗାଶଙ୍କର ଆଶ, କବିତାବାଳା ମାନ୍ଧାତା, ସୁଧୀର କର, ଅକ୍ଷୟ ମିଶ୍ର, କ୍ଷୀତିଶ ବ୍ରହ୍ମ, ତାରାଶଙ୍କର ଦୀକ୍ଷିତ, ଚନ୍ଦନ ଦାସ, ରାକେଶ ଜାନା, ଅଶୋକ ଦାସ, ସୁକୁମାର ରଣା ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ରବୀନ୍ଦ୍ର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

## ଏନ୍‌ଟିଟି ଓ ପିଟିଟି ପ୍ରଥମ ସେମିଷ୍ଟାର ପରୀକ୍ଷା

ବାଲେଶ୍ୱର(ଉତ୍ତର), ୯।୧୧ (ସମିସ): ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଜଳେଶ୍ୱରପୁରସ୍ଥିତ ସମର୍ପଣ ଏକାଡେମୀ ଓ ଇ-ମାକ୍ସ ପକ୍ଷରୁ ଲକ୍ଷ୍ମଣ ୱାର୍ଣ୍ଡର୍ସ ଅନୁଷ୍ଠାନ ପରିସରରେ ଏନ୍‌ଟିଟି (ନର୍ସରି ଟିଚର୍ ଟ୍ରେନିଂ) ଓ ପିଟିଟି (ପ୍ରାଇମେରୀ ଟିଚର୍ ଟ୍ରେନିଂ) ପ୍ରଥମ ସେମିଷ୍ଟାର ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଏହା ଏକ ନୂତନ ପଦକ୍ଷେପ ଯେଉଁଠି ଶିକ୍ଷକତ୍ୱକୁ ବୃତ୍ତି ଭାବରେ ଚୟନ କରୁଥିବା ଛାତ୍ରଛାତ୍ରୀଙ୍କ ପାଇଁ ଏ ପ୍ରକାର ଶିକ୍ଷା କାର୍ଯ୍ୟକ୍ରମ ପ୍ରଥମ ଥର ପ୍ରଦାନ କରାଯାଉଛି। ଭୋଗରାଇରେ ଏହିପ୍ରକାର ଶିକ୍ଷା ପ୍ରଦାନ କରିବା ସହିତ ପ୍ରାକଟିକାଲ ଲକ୍ଷ୍ମଣ ୱଣ୍ଡର୍ସ ଏକାଡେମି ତରଫରୁ ପ୍ରଦାନ କରାଯିବ। ଅନୁଷ୍ଠାନ ପକ୍ଷରୁ ସେଣ୍ଟର ମୁଖ୍ୟ ପ୍ରଦୀପ କୁମାର ଦତ୍ତ ଆଗାମୀ ଦିନରେ ଏହି ସଂସ୍ଥା ଦ୍ୱାରା ଅନେକ ପ୍ରକାରର ଶିକ୍ଷକତ୍ୱ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ ହେବ ବୋଲି ସୂଚନା ଦେଇଛନ୍ତି।

# ସୋର କୋର୍ଟ ପକ୍ଷରୁ ଜାତୀୟ ଆଇନସେବା ଦିବସ

ସୋର, ୯।୧୧(ସମିସ): ସୋର କୋର୍ଟ ତାଲୁକ ଆଇନ ସହାୟତା କମିଟି ତରଫରୁ ଜାତୀୟ ଆଇନସେବା ଦିବସ ସୋର ବ୍ଲକ ଅନ୍ତର୍ଗତ ସରଶଙ୍କସ୍ଥିତ ଭଜଗୋବିନ୍ଦ ଉଚ୍ଚ ବିଦ୍ୟାପୀଠ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସୋର କୋର୍ଟର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ରାଜେଶ କୁମାର ଦାଶ ଯୋଗଦେଇ ସମାଜର ସବୁ ବର୍ଗର ଲୋକଙ୍କ ନିକଟରେ ନ୍ୟାୟ ପହଞ୍ଚିବାରେ ତାଲୁକ ଆଇନ୍ ସେବା କମିଟିର ଭୂମିକା ସମ୍ପର୍କରେ ମତ ରଖିବା ସହିତ ଲୋକ ଅଦାଲତ, ମଧ୍ୟସ୍ଥତା କେନ୍ଦ୍ର, ସ୍ଥାୟୀ ଲୋକ ଅଦାଲତ ଏବଂ ମାଗଣା ଆଇନ ସହାୟତା ସମ୍ବନ୍ଧରେ ସେଠାରେ ଉପସ୍ଥିତ ଥିବା ଛାତ୍ରଛାତ୍ରୀ, ଗ୍ରାମବାସୀ ଓ ଅଭିଭାବକମାନଙ୍କୁ ବିଶେଷ ଆଲୋକପାତ କରାଇଥିଲେ। ସୋର କୋର୍ଟର ବରିଷ୍ଠ




ଆଇନଜୀବୀ କାହ୍ନୁ ଚରଣ ବେହେରା, ଚିତ୍ତରଞ୍ଜନ ମହାପାତ୍ର, ଧୀରେନ୍ଦ୍ର କୁମାର ଦାସ, ଦେବାଶିଷ ପାଣିଗ୍ରାହୀ ସାମିଲ୍ ହୋଇ ଲିଗାଲ ଏଡ ପ୍ରତିଷ୍ଠାର ପୃଷ୍ଠଭୂମି ବିଷୟରେ ଆଲୋଚନା କରିଥିଲେ। ଲିଗାଲ ଏଡ ରିଟେନର ଆଇନଜୀବୀ ଦିଲ୍ଲୀପ୍ କୁମାର ଦ୍ୱିବେଦୀ ବିଭିନ୍ନ ବର୍ଗର ବ୍ୟକ୍ତିଙ୍କ ପାଇଁ ବିନା ମୂଲ୍ୟ ଆଇନ ସହାୟତା ବିଷୟରେ ଅବଗତ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ଆଇନଜୀବୀ କାହ୍ନୁ ଚରଣ ବେହେରା ସଭାପତିତ୍ୱ କରିବା ସହ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଲିଗାଲ ଏଡ କର୍ମଚାରୀ ଜ୍ୟୋତି ପ୍ରକାଶ ସେଠୀ, ବିଶ୍ୱରଂଜନ ବାରିକ, ଲିଗାଲଏଡ ସ୍ୱେଚ୍ଛାସେବୀ ଶଶିକାନ୍ତ କର, ସନତ ପାତ୍ର, ସଞ୍ଜୟ ମଲ୍ଲିକ, ସୁଶାନ୍ତ ଦାସ, ସୁକାନ୍ତି ସାହୁ ପ୍ରମୁଖ ସଭା ପରିଚାଳନାରେ ସହଯୋଗ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ଗୌରୀଶଙ୍କର ପଣ୍ଡା ଧନ୍ୟବାଦ ଦେଇଥିଲେ।

# ବାଉଁଶଗଡିଆ ଫୁଟବଲ ଫେଷ୍ଟିଭାଲ / ଏକ୍ସ ୱାରିଅର ଚାମ୍ପିଅନ



ଖଇରା, ୯ ।୧୧ (ସମିସ): ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ଅଧୀନ ବାଉଁଶଗଡିଆ ବିରିପଡିଆଠାରେ ଚାଲିଥିବା ଫୁଟବଲ ଫେଷ୍ଟିଭାଲ ରବିବାର ଦିନ ଉଦଯାପିତ ହୋଇ ଯାଇଛି। ଏଥିରେ ଆଗରପଡାର ଏକ୍ସ ୱାରିଅର ଟିମ ରଜତନଗରର ଜେପିଏସ ଟିମକୁ ପେନାଲ୍ଟି ସୁଟ ଆଉଟ(୫-୪)ରେ ପରାସ୍ତ କରି ଚାମ୍ପିଅନ ହେବାର ସୌଭାଗ୍ୟ ଅର୍ଜନ କରିଛି। ମୁଖ୍ୟ ରେଫେରୀ ଭାବେ କେଦାରନାଥ କାଲୁଣ୍ଡିଆ ଓ ସହଯୋଗୀ ରେଫେରୀ ଭାବେ ଲାଧୁ ମହାକୁଡ ମ୍ୟାଚ ପରିଚାଳନା କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୁବନେତା ନୀଳମାଧବ ପଣ୍ଡା, ମୁଖ୍ୟବକ୍ତା ଭାବେ ବ୍ଲକ ଅଧକ୍ଷା ଅଭିଲିପ୍ସା ସାହୁ, ସମ୍ମାନନୀୟ ଅତିଥି ଭାବେ ବିଜେପି ମଣ୍ଡଳ ସଭାପତି ସୁମନ୍ତ ଜେନା, ପ୍ରାକ୍ତନ ମଣ୍ଡଳ ସଭାପତି ପତିତପାବନ କର, ବିଜେପି ଜିଲ୍ଲା ଯୁବମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟ ଅଜୁ ଖିଲାର, ଶ୍ରୀକାନ୍ତ ବେହେରା, ଯୁବ ବ୍ୟବସାୟୀ ଗଜେନ୍ଦ୍ର ବାରିକ, ପ୍ରୀତିଶ ମହାପାତ୍ର, ମଙ୍ଗୁଲୁ ସିଂ, ତ୍ରିବନ ସିଂ, ଦେବେନ ସିଂ, ଶଶିକାନ୍ତ ଦାସ, ଜ୍ଞାନରଞ୍ଜନ ପଣ୍ଡା, ଅଜିତ ଦାସ, ବିଶ୍ୱନାଥ ଜେନା ଓ ନିରଞ୍ଜନ ସେଠୀ ପ୍ରମୁଖ ଯୋଗ ଦେଇଥିଲେ। ଅତିଥି ମାନେ ବିଜୟୀ ଟିମ୍‌କୁ ଟ୍ରଫି ସହ ୨୦ହଜାର ଏବଂ ରନର୍ସ ଅପ ଟିମକୁ କପ୍ ସହ ୧୫ହଜାର ଟଙ୍କା ପୁରସ୍କୃତ କରିଥିଲେ।

## ନେତାଜୀ ଆନ୍ତଃଜିଲା ଫୁଟବଲ ଟୁର୍ଣ୍ଣାମେଣ୍ଟ, ବାରିପଦା ଚାମ୍ପିଅନ




ଖଇରା, ୯ ।୧୧ (ସମିସ): ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ଶ୍ୟାମସୁନ୍ଦରପୁର ଗ୍ରାମ ପଞ୍ଚାୟତ ଅଧୀନ ଚାନ୍ଦଗୋଛି ମିନିଷ୍ଟାଡିୟମରେ ଚାଲିଥିବା ନେତାଜୀ ଆନ୍ତଃଜିଲା ଫୁଟବଲ ଟୁର୍ଣ୍ଣାମେଣ୍ଟ ରବିବାର ଦିନ ଉଦ୍‌ଯାପିତ ହୋଇ ଯାଇଛି। ଏଥିରେ ବାରିପଦା ଟିମ୍ ପାରାଦୀପ ଟିମକୁ ୩-୧ଗୋଲରେ ପରାସ୍ତ କରି ଚାମ୍ପିଅନ ହୋଇଛି। ରିଆଜ କାଦ୍ରୀ ମୁଖ୍ୟ ଓ ଜିତେନ୍ଦ୍ର ପ୍ରସାଦ ବାରିକ, ବିଏନ ଜେନା ଓ ଉତ୍ତମ ବାରିକ ସହଯୋଗୀ ରେଫେରୀ ଭାବେ ଦାୟିତ୍ୱ ତୁଲାଇଥିେ। ଆୟୋଜକ ନେତାଜୀ କ୍ଲବର ସଭାପତି ଅରୁଣ କୁମାର ପାଢୀଙ୍କ ପୌରହିତ୍ୟରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ଅଟଳ ଯୁବ ଶକ୍ତିର ଜିଲ୍ଲା ସଭାପତି ବିକାଶ କୁମାର ପାଢୀ ମୁଖ୍ୟ ଅତିଥି, ଏସଆର ଗ୍ରୁପର ଅଧକ୍ଷ ଇଂ ରାଜେଶ କୁମାର ମହାକୁଡ ମୁଖ୍ୟବକ୍ତା, ଟାଟା ପାୱାରର କନିଷ୍ଠ ଯନ୍ତ୍ରୀ ଅଭିନବ କୁମାର, ସମିତିସଭ୍ୟା ପ୍ରତିନିଧି ରବିନ୍ଦ୍ର ମହାନ୍ତି ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ପାଦକ ଦାମୋଦର ବେହେରା ବିବରଣୀ ପାଠ, ସୁବାଷ ଚନ୍ଦ୍ର ସାହୁ ଧାରା ବିବରଣୀ ପ୍ରଦାନ ଓ ଉପସଭାପତି ଅଭିମନ୍ୟୁ ରାଉଳ ମଞ୍ଚ ପରିଚାଳନା କରିଥିଲେ। ଚାମ୍ପିଅନ ଟିମ୍‌କୁ ୨୦ହଜାର ଓ ରନର୍ସ ଅପ ଟିମକୁ ୧୫ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ସଂଯୋଜକ ବିଭୁତି ପତିଙ୍କ ନେତାଜୀ କ୍ଲବର ସମସ୍ତ ସଭ୍ୟ ମଞ୍ଚ ପରିଚାଳନାରେ ସହଯୋଗ କରିଥିଲେ।

**ବେତନଟୀ ଅବକାରୀ ବିଭାଗ ପକ୍ଷରୁ ଚଢ଼ଉ**

## ନକଲି ମଦ, ସ୍ପିରିଟ୍ ଓ ବାଇକ୍ ଜବତ; ୨ ଗିରଫ

ବେତନଟୀ, ୯।୧୧(ସମିସ): ନକଲି ବିଦେଶୀ ମଦ ଚାଲାଣ ହେଉଥିବା ଖବର ପାଇ ବେତନଟୀ ଅବକାରୀ ବିଭାଗ ଦୁଇଜଣଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ନକଲି ବିଦେଶୀ ମଦ, ସ୍ପିରିଟ, ବାଇକ୍, ମୋବାଇଲ ଜବତ କରିଛି।

ସୂଚନା ମୁତାବକ, ମୟୂରଭଞ୍ଜ ଜିଲ୍ଲା ଅବକାରୀ ସୁପରିଣ୍ଟେଣ୍ଡେଣ୍ଟ ପ୍ରଶାନ୍ତ କୁଅଁରଙ୍କ ନିର୍ଦ୍ଦେଶକ୍ରମେ ଆଜି ସକାଳେ ବେତନଟୀ ଅବକାରୀ ଇନ୍ସପେକ୍ଟର ପ୍ରଦୀପ ବେହେରାଙ୍କ ନେତୃତ୍ୱରେ ବାଲେଶ୍ୱର ଜିଲ୍ଲା ରୁପ୍‌ସା ଅଞ୍ଚଳ ପଟୁ ବେତନଟୀକୁ ବେଆଇନ ଭାବେ ନକଲି ବିଦେଶୀ ମଦ ଚାଲାଣ କରୁଥିବା ଜଣେ ଅଭିଯୁକ୍ତଙ୍କୁ ଫାୟାର ଷ୍ଟେସନ ନିକଟରୁ ଗିରଫ କରାଯାଇଛି। ଅଭିଯୁକ୍ତ ଜଣକ ରୁପ୍‌ସା ଅଞ୍ଚଳର ସମେଶ୍ୱର ରାଉତ। ତାଙ୍କ ନିକଟରୁ ସିଲ୍ ନ ଥିବା ୪୫ ଲିଟର ନକଲି ବିଦେଶୀ ମଦ, ୨୦ ଲିଟର ସ୍ପିରିଟ, ବାଇକ ଓ ମୋବାଇଲ ଜବତ ହୋଇଛି। ସେହିଭଳି ଯାଞ୍ଚ ସମୟରେ ବେତନଟୀ ଅଞ୍ଚଳର ଜଣେ ମଦ ବ୍ୟବସାୟୀଙ୍କୁ ପୁଲିସ ଗିରଫ କରିବା ସହ ତାଙ୍କ ନିକଟରୁ ବହୁ ବିଦେଶୀ ମଦ ଜବତ କରାଯାଇଛି। ବେଆଇନ ଭାବେ ନକଲି ବିଦେଶୀ ମଦ ରୁପ୍‌ସାର କେଉଁ ସ୍ଥାନରୁ ଆସୁଛି ଓ ବେତନଟୀର କେଉଁ କେଉଁ ସ୍ଥାନକୁ ଚାଲାଣ ହେଉଛି, ସେ ନେଇ ଅଧିକ ତଦନ୍ତ ଜାରି ରହିଥିବା ସୂଚନା ମିଳିଛି। କିଛିଦିନ ତଳେ ବେତନଟୀ ହାତୀଝୁରି ନିକଟରୁ ଏଭଳି ବହୁ ପରିମାଣର ନକଲି ବିଦେଶୀ ମଦ ଜବତ ହୋଇଥିଲା।

## ପଥର ବୋଝେଇ ଡମ୍ପର ଜବତ

ସୋର, ୯।୧୧(ସମିସ): ସୋର ଥାନା ସୋର ଗୋପୀନାଥପୁର ରାସ୍ତା ଦହିପୁର ଛକ ନିକଟରେ ତହସିଲ ପକ୍ଷରୁ ଚଢ଼ଉ କରାଯାଇ ଏକ ବେଆଇନ ପଥର ବୋଝେଇ ଡମ୍ପରକୁ ଜବତ ଜବତ କରିଥିବା ଜଣାପଡିଛି। ଆଜି ସନ୍ଧ୍ୟାରେ ସୋର ତହସିଲଦାର ଦୈତାରୀ ମଲ୍ଲିକ ଏକ ଟିମ୍ ସହ ଦହିପୁର ଛକ ନିକଟରେ ବାଗୁଡ଼ି ପାହାଡ଼ରୁ ପଥର ବୋଝେଇ କରି ଆସୁଥିବା ଏକ ଡମ୍ପରର କାଗଜପତ୍ର ଯାଞ୍ଚ କରିଥିଲେ। ଯାଞ୍ଚ ପରେ ବେଆଇନ ଭାବେ ପଥର ଚାଲାଣ କରୁଥିବା ଜାଣିପାରି ତହସିଲଦାର ଶ୍ରୀ ମଲ୍ଲିକ ଡମ୍ପରକୁ ଜବତ କରି ସୋର ଥାନାରେ ଜିମା ଦେଇଛନ୍ତି।

**ଭୋଗରାଇରେ ବଢ଼ି ଚାଲିଛି ଫାଷ୍ଟଫୁଡ ଦୋକାନ**

# ଅପମିଶ୍ରିତ ଖାଦ୍ୟ ଉପରେ ନାହିଁ ନିୟନ୍ତ୍ରଣ, ହେଉନି ଯାଞ୍ଚ

ଚନ୍ଦନେଶ୍ୱର, ୯।୧୧(ସମିସ)

ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକର ଥାନାଛକ, କମର୍ଦ୍ଦା, ଦେଉଳା, ଭୋଗରାଇ ହାଟ, ଚୌକି ହାଟ ଆଦି ସ୍ଥାନରେ ଛତୁ ଫୁଟିଲା ପରି ଫାଷ୍ଟଫୁଡ ଦୋକାନ ଖୋଲାଯାଇ ଚାଲିଛି ବେପାର। ବିଶେଷ କରି ଚନ୍ଦନେଶ୍ୱର ବଜାର ଓ ରାସ୍ତା କଡରେ ମାଳ ମାଳ ଫାଷ୍ଟଫୁଡ ଦୋକାନ ଦେଖିବାକୁ ମିଳୁଛି। ନିୟମକୁ ଫୁ କରି ଅଧିକାଂଶ ସ୍ଥାନରେ ଦୂଷିତ, ଅପମିଶ୍ରିତ ଓ ନିମ୍ନମାନର ଖାଦ୍ୟ ଅବାଧରେ ବିକ୍ରି ଚାଲିଛି। ଖାଦ୍ୟ ବଦଳରେ ଲୋକଙ୍କୁ ବିଷ ଦିଆଯାଉଥିବା ବେଳେ ନିଜର ମୁନାଫା ପାଇଁ ଲୋକଙ୍କ ଜୀବନ ସହ ଖେଳୁଛନ୍ତି ବ୍ୟବସାୟୀ। ଖାଦ୍ୟ ସୁରକ୍ଷା ବିଭାଗର ଉଦାସୀନତା, ଏମାନଙ୍କ ପାଇଁ ଫାଇଦା ସୃଷ୍ଟି କରିଛି।

ସୂଚନାଯୋଗ୍ୟ ଯେ ପୂର୍ବ ଭାରତର ଅନ୍ୟତମ ପ୍ରସିଦ୍ଧ ଶୈବପୀଠ ଭାବେ ବାବା ଚନ୍ଦନେଶ୍ୱରଙ୍କ ପୀଠକୁ ପ୍ରତ୍ୟେକ ଦିନ ଜିଲ୍ଲା, ରାଜ୍ୟ ତଥା ରାଜ୍ୟ ବାହାରୁ ହଜାର




ହଜାର ଲୋକ ଆସିଥାନ୍ତି। ସେହିପରି ଏସିଆ ମହାଦେଶର ସର୍ବବୃହତ ଶିବଲିଙ୍ଗ ବାବା ଭୂଷଣ୍ଡେଶ୍ୱର, ସୌନ୍ଦର୍ଯ୍ୟମୟୀ ବେଳାଭୂମି ତାଳସାରୀ ଓ ବୈଚିତ୍ର୍ୟରେ ଭରା ବିଚିତ୍ରପୁର ଇକୋ ଟୁରିଜିମକୁ ଏହି ରାସ୍ତା ଦେଇ ହଜାର ହଜାର ଭକ୍ତ, ଶ୍ରଦ୍ଧାଳୁ ଓ ପର୍ଯ୍ୟଟକ ଯାଇଥାନ୍ତି। ଏହାର ସୁଯୋଗ ନେଇ ସକାଳରୁ ସଞ୍ଜ ଯାଏ ଏଠାରେ ପସରା ମେଲାଇ ଥାନ୍ତି ଫାଷ୍ଟଫୁଡ ଦୋକାନୀ। ଏହି ଫାଷ୍ଟଫୁଡ ଦୋକାନଗୁଡିକରେ ବହୁଳ ମାତ୍ରାରେ ନିମ୍ନମାନର ଓ ଅପମିଶ୍ରିତ ଖାଦ୍ୟ ପ୍ରଦାର୍ଥ ବିକ୍ରି ହେଉଥିବା ନେଇ ବାରମ୍ବାର ଅଭିଯୋଗ ହେଉଛି। ଚନ୍ଦନେଶ୍ୱର ପ୍ରସିଦ୍ଧ ଆଳୁଦମ ଓ ଚାଟ ଖାଇବାକୁ ଲୋକଙ୍କର ଏତେ ଗହଳି ଲାଗିଥାଏ ଯେ ଲମ୍ବା ଧାଡିରେ ଅପେକ୍ଷା କରିବାକୁ ପଡିଥାଏ। ଏଠାକାର ଆଳୁଦମରେ ଏତେ ପରିମାଣରେ ରଙ୍ଗ ମିଶିଥାଏ ଯେ ତାହା ଦେଖିଲେ ସହଜରେ ଅନୁମାନ କରିହେବ। ଏହାଛଡା ରାସ୍ତା କଡରେ ଅସ୍ଥାୟୀ ଠେଲା ଗାଡ଼ିରେ ଗୁପଚୁପ, ଚାଉମିନ, ଅଣ୍ଡାରୋଲ, ଚିକେନ ପକୋଡା ଇତ୍ୟାଦି ଦୂଷିତ ପରିବେଶରେ ବିକ୍ରି କରାଯାଉଛି। ବ୍ୟବସାୟୀ ଶସ୍ତାରେ କୁକୁଡ଼ା ଆଣି ଉପରୋକ୍ତ ଜଙ୍କ

**ଅଘଟଣ ଘଟିଲେ ଚେତା ପଶିବ କି ଖାଦ୍ୟ ସୁରକ୍ଷା ବିଭାଗର?**

ଫୁଡ ତିଆରି କରି ବିକ୍ରି କରୁଛନ୍ତି। କେତେକ ଦୋକାନରେ ବାସି, ପଚାଷଢା ପନିପରିବା, ନିମ୍ନମାନର ତେଲ, ମସଲା, ସସ, ରଙ୍ଗ ଆଦି ବ୍ୟବହାର ହେଉଥିବା ଦେଖିବାକୁ ମିଳୁଛି। ପାଟିକୁ ସୁଆଦ ଲାଗୁଥିଲେ ବି ଏହି ଫାଷ୍ଟଫୁଡ ଖାଇ ଲୋକେ ରୋଗକୁ ଆମନ୍ତ୍ରଣ କରୁଛନ୍ତି। ଖାଦ୍ୟ ଦ୍ରବ୍ୟ ଗୁଡିକ କେତେକ ସ୍ଥାନରେ ଖୋଲା ମେଲାରେ ରଖି ବିକ୍ରି କରିବା ଦ୍ୱାରା ରାସ୍ତାର ଧୂଳି ଆଉ ମାଛି ବସି ଖାଦ୍ୟକୁ ଆହୁରି ଦୂଷିତ କରୁଛି। ବିଶେଷ କରି କୌଣସି ଦୋକାନୀ ହାତରେ ଗ୍ଲୋବସ ପିନ୍ଧି ନ ଥାନ୍ତି କି ହାତକୁ ଭଲରେ ଭାବେ ଧୋଇ ନ ଥିବା ଦେଖିବାକୁ ମିଳିଥାଏ। ଏହାଛଡା ଗୋଟିଏ ପାଣି କୁଣ୍ଡରେ ବାରମ୍ବାର ଅଇଁଠା ବାସନ ଧୁଆ ଯାଉଥିବା ଦେଖିବାକୁ ମଧ୍ୟ ମିଳୁଛି। ବର୍ତ୍ତମାନ ହଇଜା ସମୟରେ ଖାଦ୍ୟରେ ମାଛି ବସିବା ବିପଦର କାରଣ ହୋଇପଡିଛି। ଉଲ୍ଲେଖଯୋଗ୍ୟ କିଛି ବର୍ଷ ପୂର୍ବେ ଭୋଗରାଇରେ ଫାଷ୍ଟଫୁଡ ଖାଇ ପିଲାମାନେ ଅସୁସ୍ଥ ହୋଇଥିଲେ ଓ ଜଣେ ପିଲାର ମୃତ୍ୟୁ ମଧ ହୋଇଥିଲା। ସେତେବେଳେ ସ୍ୱାସ୍ଥ୍ୟ ବିଭାଗ ତରଫରୁ ଦୁଇ ତିନି ଧରି ବିକ୍ରି ହେଉଥିବା ଖାଦ୍ୟର ମାନ ଯାଞ୍ଚ ହୋଇଥିଲା। ବଜାରରେ ଦୂଷିତ ଓ ନିମ୍ନମାନର ଖାଦ୍ୟ ବିକ୍ରୟ ଉପରେ ଲଗାମ ଲଗେଇବା ପାଇଁ ସରକାରୀ କଳ ଅଛି ସତ ତାହା କାମରେ ଆସୁନାହିଁ। ଏହାଛଡା ଶହଶହ ଜଳଖିଆ ଦୋକାନ ରେଜେଷ୍ଟ୍ରିଭୁକ୍ତ କି ନୁହେଁ, ତାହାର ଯାଞ୍ଚ ହେଉ ନ ଥିବା ଅଭିଯୋଗ ହେଉଛି। ଜିଲ୍ଲା ପ୍ରଶାସନଠୁ ଆରମ୍ଭ କରି ଜନ ପ୍ରତିନିଧି ସମସ୍ତେ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ଦୋମୁହାଣୀ ମେଳା ପଡ଼ିଆରେ ସାପ୍ତାହିକ ହାଟର ଶୁଭାରମ୍ଭ

ଖୁଣ୍ଟିଂ, ୯।୧୧(ସମିସ): ଶୁକୃଳି ବ୍ଲକ ଅନ୍ତର୍ଗତ ଅର୍ଜ୍ଜୁନବିଲ୍ଲା ପଞ୍ଚାୟତରେ ଅବସ୍ଥିତ ଭରାଜବଂଶର ପ୍ରାଚୀନ ରାଜଧାନୀ ଆଦିପୁର ଗଡ଼। ଏହାର ଅନତି ଦୂରରେ ପୁଣ୍ୟତୋୟା ବୈତରଣୀ ଓ ଖଇରଭଣ୍ଡନ ନଦୀ ଦ୍ୱୟର ସଙ୍ଗମ ସ୍ଥଳୀ ଦୋମୁହାଣୀ ପୀଠ ବହୁବିଧ ଐତିହାସିକ ଓ ପୌରାଣିକ କୀର୍ତ୍ତି ବହନ କରି ଏକ ଅନନ୍ୟ ପୁଣ୍ୟତୀର୍ଥ ଭାବେ ସ୍ୱତନ୍ତ୍ର ପରିଚୟ ବହନ କରିଛି। ଏହି ପବିତ୍ର ଭୂଖଣ୍ଡର ପାଦଦେଶରେ ପ୍ରବାହିତ ବୈତରଣୀ ନଦୀ ଉଭୟ କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲା ମଧ୍ୟରେ ବିଭାଜନର ସୀମାରେଖା ଟାଣିଥିଲେ ସୁଦ୍ଧା ଉଭୟ ଜିଲ୍ଲାବାସୀଙ୍କ ମଧ୍ୟରେ ଭାଇଚାରା ଓ ଉତ୍ତମ ସମ୍ପର୍କ ବଜାୟ ରଖିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି। ଉଭୟ ଜିଲ୍ଲାର ବହୁ ସଂଖ୍ୟକ ବୁଦ୍ଧିଜୀବୀ, ସମାଜସେବୀ, ବରିଷ୍ଠ ନାଗରିକ, ଯୁବ ସମ୍ପ୍ରଦାୟ ଓ ସ୍ୱୟଂସହାୟକ ଗୋଷ୍ଠୀର ଉଦ୍ୟମକ୍ରମେ 'ପୁଣ୍ୟତୀର୍ଥ ଦୋମୁହାଣୀ ବିକାଶ ପରିଷଦ, ଆଦିପୁର' ନାମରେ ଏକ ରେଜେଷ୍ଟ୍ରିଭୁକ୍ତ ସ୍ୱେଚ୍ଛାସେବୀ ସଂଗଠନ ପ୍ରତିଷ୍ଠିତ ହୋଇ ଏହି ଅବହେଳିତ ପୀଠର ବିକାଶ ପାଇଁ ଅଣ୍ଟା ଭିଡ଼ିଛି। ଅନୁରୂପ ଭାବେ ସ୍ଥାନୀୟ ସରପଞ୍ଚ ଲକ୍ଷ୍ମୀ ମୁଣ୍ଡା ମେଳା ପଡ଼ିଆରେ ପଞ୍ଚାୟତ ପକ୍ଷରୁ ପ୍ରତି ଶନିବାର ଏକ ସାପ୍ତାହିକ ହାଟ ବସାଇବା ପାଇଁ ଅଗ୍ରଣୀ ଭୂମିକା ଗ୍ରହଣ କରି ସ୍ଥାନୀୟ ଗଣ୍ୟମାନ୍ୟ ବ୍ୟକ୍ତି ଓ କୃଷକଙ୍କ ସହଯୋଗରେ ଏହାର ଶୁଭାରମ୍ଭ କରିଛନ୍ତି।





## ଦୋଛକିରେ କଣ୍ଟିଲୋ କଂସାବାସନ ହସ୍ତଶିଳ୍ପ

# ପ୍ରୋତ୍ସାହନ ନାହିଁ; ବୁଡ଼ିବାକୁ ବସିଲାଣି ବେଉସା

ନୟାଗଡ଼/କଣ୍ଟିଲୋ, ୯।୧୧(ସମିସ)





ଦିନ ଥିଲା ଘରେ ଘରେ ପିତ୍ତଳ ହାଣ୍ଡିରେ ରୋଷେଇ ହେଉଥିଲା। ବିତ୍ତଶାଳୀ ପରିବାର ପ୍ରତ୍ୟେକଙ୍କୁ ପିତ୍ତଳ ଥାଳି, ଗିନ, ତାଟିଆରେ ଖାଦ୍ୟ ପରସା ଯାଉଥିଲା। ଯୁଗ ପରିବର୍ତ୍ତନ ଘଟିବା ସହ ପିତ୍ତଳ ସାମଗ୍ରୀରେ ଖାଦ୍ୟ ଖାଇବାର ସଉକ ମଧ୍ୟ କମିଛି। ଯାହା ଦ୍ୱାରା କଂସାବାସନ କାରିଗରଙ୍କ ହାତ ତିଆରି ସାମଗ୍ରୀର ଚାହିଦା କମିଛି। ନୟାଗଡ଼ ଜିଲ୍ଲା ଖଣ୍ଡପଡା ବ୍ଲକ ଅଧିନ କଣ୍ଟିଲୋ କଂସାବାସନ ରାଜ୍ୟ ତଥା ଦେଶରେ ସୁପ୍ରସିଦ୍ଧି ଲାଭ କରିଛି। ବର୍ଷ ବର୍ଷ ଧରି ସୁନାମ ଅର୍ଜନ କରିଥିବା ଏହି ହସ୍ତଶିଳ୍ପ ଷ୍ଟିଲ୍ ଓ ନନଷ୍ଟିକ ଯୁଗ ସହ ତାଳ ଦେଇ ପାରୁନଥିବା ବେଳେ ଏହାର ଶହ ଶହ କାରିଗର ଓ ଶିଳ୍ପ ଦୟନୀୟ ଅବସ୍ଥାରେ ରହିଛି। ମହାପ୍ରଭୁ ଜଗନ୍ନାଥଙ୍କ ଆଦିପୀଠ ଶ୍ରୀନୀଳମାଧବଙ୍କ କ୍ଷେତ୍ର କଣ୍ଟିଲୋରେ ବସବାସ କରୁଥିବା ଅଧିକାଂଶ କୁଶଳୀ କଂସା ପିତ୍ତଳ କାରିଗରମାନେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ପ୍ରସିଦ୍ଧ ଲାଭ କରିଥିବା ଅନେକ କଂସାରି ପରିବାର ନିବୃତ୍ତ ରହିଥିବା ଦେଖାଦେଇଛି। ଦିନଥିଲା କଣ୍ଟିଲୋ ପାଟଣାର ପ୍ରାୟ ୨୦୦ରୁ ଉର୍ଦ୍ଧ୍ୱ ଶାଳ ଚାଲୁଥିବା ବେଳେ ବର୍ତ୍ତମାନ ଉଭୟ ଗ୍ରାମରେ ମାତ୍ର ୨୦ରୁ ୨୫ଟି ଶାଳ ଚାଲୁଥିବା ଦେଖାଯାଇଛି। କଞ୍ଚାମାଲ ଅଭାବ ଏକ ପ୍ରମୁଖ ସମସ୍ୟା ହୋଇଛି। ବଜାରର ଚାହିଦା ଅନୁଯାୟୀ ଏଠାରେ ବିଭିନ୍ନ ପ୍ରକାର କଂସାବାସନ, ବିଭିନ୍ନ ପ୍ରକାର ପିତ୍ତଳମୂର୍ତ୍ତୀ ସମେତ ଗରିଆ ତିଆରି କରୁଥିବା ଦେଖିବାକୁ ମିଳିଛି। ସେଥିମଧ୍ୟରୁ ବେଲପୁରୀ, ଢେଁକୁମା, କୁଣ୍ଡି, ବୈଠି, ତାସ୍କୋ, ଭଟିମୁଣ୍ଡା, କଣ୍ଟିଲୋ, ପଶ୍ଚିମା, ଦକ୍ଷିଣୀଗରା, ବାଲକାଟି ଗରା ବେଶ ଚାହିଦା ରହିଥିବା କାରିଗରମାନେ କହିଛନ୍ତି। ଶାଳରେ ବାସନ ତିଆରି ସମୟରେ କୋଇଲା ବ୍ୟବହାର ହେଉଥିବା ବେଳେ କଟକଣା ମଧ୍ୟ ବାଧକ ସାଜିଛି। ବାସନ ତିଆରି ସମୟରେ ୫ରୁ ୮ କିଲୋଗ୍ରାମ ଓଜନର ହାତୁଡ଼ିରେ ପିଟି ବାସନକୁ ଆକାର ଦିଆଯାଏ, ଯାହାକି ଆଜିକାର ଯୁବପିଢ଼ିଙ୍କ ପାଇଁ କାଠିକର ପାଠ। ପ୍ରତିକୂଳ ପରିସ୍ଥିତିରେ ହସ୍ତଶିଳ୍ପ ଗତି କରୁଥିବା ବେଳେ ଆଜି ମଧ୍ୟ ହାତ ତିଆରି ମଜବୁତ ସାମଗ୍ରୀ ଚାହିଦା କିଛି ମାତ୍ରାରେ ରହିଛି। ବିଭିନ୍ନ ଯାନିଯାତ୍ରା ମେଳା ମହୋତ୍ସବରେ କଂସାବାସନ ସାମଗ୍ରୀକୁ କିଛି ଲୋକ ବେଶ ଆଗ୍ରହର ସହ ନେଇଥାନ୍ତି। ମହାମାରୀ ପରେ ଏହି କ୍ଷୁଦ୍ରଶିଳ୍ପ ପ୍ରତି ଉନ୍ନତ ଜ୍ଞାନକୌଶଳ ତଥା ଆଧୁନିକ ଯନ୍ତ୍ରପାତି ବଡ ଆହ୍ୱାନ ସୃଷ୍ଟି କରିଛି। ପାରମ୍ପରିକ ପଦ୍ଧତିକୁ ବାଦଦେଇ ଉନ୍ନତ ଜ୍ଞାନକୌଶଳରେ ଏହି ବାସନକୁସନ ତିଆରି ଶିଳ୍ପକୁ ସରକାର ପ୍ରୋତ୍ସାହନ ଯୋଗାଇ ଦେଉଛନ୍ତି। ଫଳରେ ଯେଉଁ କେତେ ପରିବାର ଏହାଦ୍ୱାରା ଜୀବିକା ନିର୍ବାହ କରୁଥିଲେ ଏବେ ସେମାନେ ଚିନ୍ତାରେ ପଡିଛନ୍ତି। ସେମାନଙ୍କ ଅଭିଯୋଗ ହେଲା ମେସିନ ମାଧ୍ୟମରେ ତିଆରି ବାସନକୁସନ ହାତ ତିଆରି ଭଳି ମଜବୁତ ହୋଇପାରିବ ନାହିଁ। ଏଥିପ୍ରତି ସରକାର ଦୃଷ୍ଟି ଦେଇ ପାରମ୍ପରିକ ପଦ୍ଧତିକୁ ପ୍ରୋତ୍ସାହନ ଯୋଗାଇଦେବା କଥା। ନଚେତ ବହୁ ପରିବାର ଜୀବିକା ହରାଇବା ସହ ପାରମ୍ପରିକ ହସ୍ତ ଶିଳ୍ପ ଲୋପପାଇବ।



## ● ସନ୍ଧ୍ୟାରେ ନିଖୋଜ ଯୁବକ ସକାଳୁ ଉଦ୍ଧାର

# ନିଜ ଫାଶରେ ପଡ଼ି ନିଜେ ଗୁରୁତର !

**ଓଡ଼ଗାଁ, ୯।୧୧(ସମିସ):** ନୟାଗଡ଼ ଜିଲ୍ଲା ଓଡ଼ଗାଁ ରୋହିବାଙ୍କ ପଞ୍ଚାୟତ ରୋହିବାଙ୍କ ଗ୍ରାମର ଗୋବିନ୍ଦ ନାୟକ ଶନିବାର ସନ୍ଧ୍ୟା ୫ଟାରୁ ହଠାତ୍ ନିଖୋଜ ହୋଇଯାଇଥିବା ନେଇ ତାଙ୍କ ସ୍ତ୍ରୀ ପ୍ରତିମା ରାଉତ ରାତି ୧୧.୩୦ ମିନିଟ ସମୟରେ ଓଡ଼ଗାଁ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଓଡ଼ଗାଁ ଥାନା ଅଧିକାରୀ ଘଟଣା ସମ୍ପର୍କରେ ଶୁଣିବା ପରେ ନିଖୋଜ ଗୋବିନ୍ଦର ଟେଲିଫୋନକୁ ଟ୍ରାକିଂ କରିଥିଲେ। ଗଞ୍ଜାମ ଜିଲ୍ଲା ବୁଗୁଡ଼ା ଥାନା କରସିଙ୍ଗର ଏକ ଯାଗାରେ ଫୋନ ରହିଥିବା ଜଣାପଡିଥିଲା। ଏହା ଜଣାପଡ଼ିବା ପରେ ରୋହିବାଙ୍କ ଗାଁର ଗୋବିନ୍ଦଙ୍କ ସମ୍ପର୍କୀୟ ଉକ୍ତ ସ୍ଥାନକୁ ଯାଇଥିଲେ। ସେଠାରେ ଶିକାର ନିମନ୍ତେ ବିଛା ଯାଇଥିବା ମୁକୁଳା ଜିଆଇ ତାର ଦେଖି ବୁଗୁଡ଼ା ଥାନାକୁ ଫୋନ କରି ଜଣାଇଥିଲେ। ଖବର ପାଇ ବୁଗୁଡ଼ା ଥାନା ପୁଲିସ ସହିତ ବିଦ୍ୟୁତ୍ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରିଥିଲେ। ଉକ୍ତ ସ୍ଥାନରେ ସକାଳ ୫ ପର୍ଯ୍ୟନ୍ତ ଖୋଜାଖୋଜି କରାଯାଇଥିଲା। କିନ୍ତୁ ଗୋବିନ୍ଦ ସକାଳ ୪ ସମୟରେ ଘରେ ପହଞ୍ଚିଥିଲେ। ଗାଁରୁ ଯାଇଥିବା ସମ୍ପର୍କୀୟମାନେ ଫେରି ଆସିଥିବା ବେଳେ ପୁଲିସ ଓ ବିଦ୍ୟୁତ୍ କର୍ମଚାରୀ ମଧ୍ୟ ବୁଗୁଡ଼ା ଫେରି ଯାଇଥିଲେ। ପୁଲିସ ସାଙ୍ଗରେ ଆସିଥିବା ବିଦ୍ୟୁତ୍ କର୍ମଚାରୀମାନେ ଶିକାର ଉଦ୍ଦେଶ୍ୟରେ ପଡ଼ିଥିବା ତାର ଗୁଡ଼ିକୁ କାଟି ନେଇଥିଲେ। ଅନ୍ୟପକ୍ଷରେ ଗୋବିନ୍ଦ ଗୁରୁତର ଅବସ୍ଥାରେ ନିଜ ବାଇକ୍ ଚଳାଇ ଆସି ଘରେ ପହଞ୍ଚିଥିଲା। ଗୋବିନ୍ଦ ଘରେ ପହଞ୍ଚିବା ବେଳକୁ ତାର ୨ ଗୋଡ଼ର ପାଦ ଉପର ଚିରି ହୋଇ ଫେଡା ହୋଇଯାଇଥିବା ବେଳେ ଶରୀରର ପେଟ ଓ ଛାତି ସହିତ ଅନେକ ସ୍ଥାନରେ ପୋଡା ଦାଗ ମାନ ରହିଥିଲା। ପରିବାର ଲୋକେ ତାଙ୍କୁ ୧୦୮ ଯୋଗେ ଓଡ଼ଗାଁ ଡାକ୍ତରଖାନାକୁ ଅଣିଥିଲେ। ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ନୟାଗଡ଼ ସ୍ଥାନାନ୍ତର କରାଯାଇଥିଲା। ଗୋବିନ୍ଦ ଶିକାର କରିବାକୁ ଯାଇଥିବା ନିଜେ ବିଛେଇଥିବା ଜାଲରେ ଛନ୍ଦି ହୋଇ ଏଭଳି ହୋଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। କିନ୍ତୁ ତାଙ୍କୁ କୌଣସି ନିଛାଟିଆ ଯାଗାକୁ ନେଇ ବାଡିଆପିଟା କରାଯାଇଥିବା ପରିବାର ଲୋକେ ସନ୍ଦେହ କରୁଛନ୍ତି। ଏଭଳି ସ୍ଥିତିରେ ପୁଲିସ ତଦନ୍ତ ସରିଲେ ଘଟଣାର ପ୍ରକୃତ ସତ୍ୟାସତ୍ୟ ପଦାକୁ ଆସିପାରିବ।

## ● ଲଡୁବାବାଙ୍କ ପୀଠରେ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ପ୍ରସଙ୍ଗ

# ବ୍ୟବସାୟୀଙ୍କୁ ଶୋଷଣ କରିବାକୁ ଷଡ଼ଯନ୍ତ୍ର

**ନୟାଗଡ଼, ୯।୧୧(ସମିସ):** ନୟାଗଡ଼ ଜିଲ୍ଲା ଶରଣକୁଳ ଲଡୁବାବାଙ୍କ ମନ୍ଦିର ରୂପାନ୍ତରଣ ପାଇଁ ହୋଇଥିବା ଯୋଜନା ଅନୁଯାୟୀ ୬୦ ଦୋକାନ ଉଚ୍ଛେଦ କରାଯିବାକୁ ୨୦୨୩ ମସିହାରେ ଯୋଜନା ହୋଇଥିଲା। ଏହି ୬୦ ବ୍ୟବସାୟୀଙ୍କୁ ଥଇଥାନ କରାଯିବା ପାଇଁ ସରକାରୀ ସ୍ତରରେ କୌଣସି ଯୋଜନା ପ୍ରସ୍ତୁତ କରାନଯାଇ ଦେବୋତ୍ତର ବିଭାଗ ଶୋଷଣ କରିବାକୁ ମାର୍ଗ ପ୍ରସ୍ତୁତ କରିଛି। ବ୍ୟବସାୟୀଙ୍କ ପାଇଁ ନୂତନ ଦୋକାନ ଗୃହ ନିର୍ମାଣ ପାଇଁ ପ୍ରତ୍ୟେକ ବ୍ୟବସାୟୀଙ୍କଠାରୁ ୨ ଲକ୍ଷ ଲେଖାଏଁ ଦେଢ଼ ବର୍ଷ ତଳୁ ଆଦାୟ କରାଯାଇଛି। ଏହି ଅର୍ଥରେ ନୂତନ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କରାଯିବାକୁ ପ୍ରତିଶ୍ରୁତି ଦିଆଯାଇଥିଲା। ୬୦ ଜଣ ବ୍ୟବସାୟୀ ୨୦୨୪ ମସିହା ଜାନୁଆରୀ ମାସରେ ଟଙ୍କା ଡିପୋଜିଟ୍ କରିବା ପରେ ତତ୍କାଳୀନ ରଣପୁର ବିଧାୟକ ସତ୍ୟନାରାୟଣ ପ୍ରଧାନ, ତତ୍କାଳୀନ ଉପଜିଲ୍ଲାପାଳ ଶକ୍ତିକାନ୍ତ ରାୟ ମାର୍କେଟ ନିର୍ମାଣ ପାଇଁ ଶିଳାନ୍ୟାସ କରିଥିଲେ। ମାତ୍ର ମନ୍ଦିର ରୂପାନ୍ତରଣ ମନ୍ଥର ଗତି ଭଳି ମାର୍କେଟ ନିର୍ମାଣ ଏବେ ଫାଇଲ ଚାଷରେ ଅଟକିଛି। ଦେଢ଼ ବର୍ଷ ବିତିବା ପରେ ମାର୍କେଟ ନିର୍ମାଣ ପାଇଁ ଏଷ୍ଟିମେଟ୍ ପ୍ରସ୍ତୁତ କରାଯାଇଛି। ଯେଉଁ




**ଦେଢ଼ ବର୍ଷ ତଳୁ ୨ ଲକ୍ଷ ଡିପୋଜିଟ୍; ପୁଣି ୨ ଲକ୍ଷ ଆଦାୟ ଯୋଜନା**

ଏଷ୍ଟିମେଟ୍ ଅନୁସାରେ, ଗୋଟିଏ ଦୋକାନ ଗୃହ ନିର୍ମାଣ ପାଇଁ ୩ ଲକ୍ଷ ୮୦ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ବ୍ୟୟ ହେବ ବୋଲି ଜଣାପଡ଼ିଛି। ପୂର୍ତ୍ତ ବିଭାଗ ଦ୍ୱାରା ଏହି ଏଷ୍ଟିମେଟ୍ କରାଯାଇଥିବା ବେଳେ ଏହି ଅର୍ଥ ବ୍ୟବସାୟୀଙ୍କଠାରୁ ଆଦାୟ କରିବା ପାଇଁ ଦେବୋତ୍ତର ବିଭାଗ ସଜବାଜ ହେଉଥିବା ସୂଚନା ମିଳିଛି। ୬୦ ଜଣ ବ୍ୟବସାୟୀ ୧ କୋଟି ୨୦ ଲକ୍ଷ ଟଙ୍କା ଡିପୋଜିଟ୍ ଦେବାକୁ ଦେଢ଼ ବର୍ଷ ବିତିଥିବା ବେଳେ ଏବେ ପୁଣି ସେମାନଙ୍କଠାରୁ ଦୁଇ ଲକ୍ଷ ଟଙ୍କା ଲେଖାଏଁ ଆଦାୟ କରିବା ଯୋଜନା ପଛରେ ସାଂଘାତିକ ଷଡ଼ଯନ୍ତ୍ର ରହିଛି। ବ୍ୟବସାୟୀଙ୍କଠାରୁ ପ୍ରତ୍ୟେକ୍ଷ କିମ୍ବା ପରୋକ୍ଷ ଭାବେ ଦୋକାନ ଗୃହ ବାବଦରେ ହାତଗୁଞ୍ଜା ଆଦାୟ ନକରି ଏଷ୍ଟିମେଟ୍ ବୃଦ୍ଧି କରାଯାଇ ପରୋକ୍ଷରେ ଫାଇଦା ନେବାକୁ ଯୋଜନା ପ୍ରସ୍ତୁତ ହୋଇଛି। ଜୈନିକ ନେତାଙ୍କ ପ୍ରରୋଚନାରେ ଏଭଳି କାରସାଦି କରାଯାଇଥିବା ବେଳେ ଦୋକାନ ଗୃହ ପାଇଁ ଚାହିଁ ବସିଥିବା ବ୍ୟବସାୟୀମାନେ ମୁଣ୍ଡରେ ହାତ ଦେଇ ବସିଛନ୍ତି। ଏହି ଘଟଣା ପ୍ରଚାରିତ ହେବା ପରେ ବ୍ୟବସାୟୀଙ୍କ ମଧ୍ୟରେ ଅସନ୍ତୋଷ ଓ ଆଲୋଡ଼ନ ସୃଷ୍ଟି ହୋଇଛି। ଦେବୋତ୍ତର ବିଭାଗ ପୂର୍ତ୍ତ ବିଭାଗ ଜରିଆରେ କେଳେଙ୍କାରୀ କରିବାକୁ ରଚିଥିବା ଷଡ଼ଯନ୍ତ୍ରକୁ ଜୋରଦାର ବିରୋଧ କରାଯିବାକୁ ଶରଣକୁଳ ବ୍ୟବସାୟୀମାନେ ସଜବାଜ ହେଉଥିବା ଜଣାପଡ଼ିଛି। ଦେବୋତ୍ତର ବିଭାଗ ଅଧକ୍ଷ ତଥା ଉପଜିଲ୍ଲାପାଳ ଘଟଣାକୁ ଗୁରୁତର ସହ ନେଇ ଆବଶ୍ୟକ ପଦକ୍ଷେପ ନେବାକୁ ଦାବି ହେଉଛି।

# ନିଖୋଜ ନାବାଳିକା ଉଦ୍ଧାର; ଯୁବକ ଗିରଫ

**ଓଡ଼ଗାଁ, ୯।୧୧(ସମିସ):** ନୟାଗଡ଼ ଜିଲ୍ଲା ଓଡ଼ଗାଁ ଥାନା ବାହାଡ଼ାଝୋଲା ଫାଣ୍ଡି ଅନ୍ତର୍ଗତ ହରିପୁର ପଞ୍ଚାୟତ ଭାଟସାହି ଜୟପୁର ଗାଆଁର ତ୍ରିନାଥ ବେହେରାକୁ ନାବାଳିକା ଅପହରଣ ମାମଲାରେ ଓଡ଼ଗାଁ ପୁଲିସ ଗିରଫ କରିଛି। ବାହାଡ଼ାଝୋଲା ଅଞ୍ଚଳର ଜଣେ ନାବାଳିକାକୁ ଅପହରଣ କରାଯାଇଥିବା ନେଇ ପରିବାର ଲୋକେ ଚଳିତ ବର୍ଷ ଜୁଲାଇ ମାସ ୨୬ ତାରିଖରେ ଓଡ଼ଗାଁ ଥାନାରେ ଅଭିଯୋଗ କରିଥିଲେ। ଓଡ଼ଗାଁ ପୁଲିସ୍ ୨୧୯/୨୫ରେ ଅପହରଣ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲେ। ଗତକାଲି ଶନିବାର ରାତିରେ ଭୁବନେଶ୍ୱର ପଟିଆ ଅଞ୍ଚଳରୁ ତ୍ରିନାଥକୁ ଗିରଫ କରିବା ସହିତ ନାବାଳିକାକୁ ଉଦ୍ଧାର କରି ଓଡ଼ଗାଁ ଥାନାକୁ ଆଣିଥିଲେ। ନାବାଳିକା ଅରାଜି ହେବାରୁ ତାର ଡାକ୍ତରି ମାଇନା ହୋଇନଥିଲା। ଅନ୍ୟପକ୍ଷରେ ନିଜ ବାପା ମାଙ୍କ ପାଖକୁ ଯିବା ପାଇଁ ମନା କରିବାରୁ ଓଡ଼ଗାଁ ପୁଲିସ ହେପାଜତରେ ରବିବାର ନାବାଳିକାକୁ ନୟାଗଡ଼ ସୁଧାର ଗୃହକୁ ପଠାଇ ଦିଆଯାଇଛି।

## ■ ରଣପୁର ଡାକ୍ତରଖାନାରେ ସୁରକ୍ଷାକର୍ମୀଙ୍କ ଦୌରାତ୍ମ୍ୟ

# ସ୍ୱାମୀହରା ମହିଳାଙ୍କୁ ଠେଲାପେଲା

**ରଣପୁର, ୯।୧୧(ସମିସ):** ରଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆମ୍ବୁଲାନ୍ସ ନ ଥିବା ଯୋଗୁ ଅତି ଗୁରୁତର ଅବସ୍ଥାରେ ଜଣେ ଲୋକର ଜୀବନ ଶନିବାର ଚାଲିଯାଇଥିଲା। ଜୀବନ ଯାଇଥିବା ଲୋକ ଜଣକ ହେଲେ ରଣପୁର ବ୍ଲକ ବଜ୍ରକୋଟ ପଞ୍ଚାୟତ ଛତିପୁର ଗ୍ରାମର ବବ୍ରୁବାହାନ ସାମନ୍ତରାୟ। ଗତକାଲି ଶନିବାର ବବ୍ରୁ କୌଣସି କାରଣରୁ ପୋକମରା ଔଷଧ ଖାଇ ଆତ୍ମହତ୍ୟା ପ୍ରୟାସ କରିଥିଲେ। ତାଙ୍କ ଝିଅ ଓ ସ୍ତ୍ରୀ ତୁରନ୍ତ ରଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ।



ଅବସ୍ଥା ଅତି ସଂକଟାପର୍ଣ୍ଣ ହେବାରୁ ଅଧିକ ଚିକିତ୍ସା ପାଇଁ ତାଙ୍କୁ ଡାକ୍ତର ଭୁବନେଶ୍ୱରକୁ ରେଫର କରିଥିଲେ। କିନ୍ତୁ ବହୁସମୟ ଧରି ଆମ୍ବୁଲାନ୍ସକୁ ଅପେକ୍ଷା କରି ଶେଷରେ ବହୁ ବିଳମ୍ବ ହେବାରୁ ବବ୍ରୁବାହାନଙ୍କ ଜୀବନ ଚାଲିଯାଇଥିଲା। ସ୍ୱାମୀର ଅକାଳ ବିୟୋଗକୁ ସହ୍ୟ ନ କରିପାରି ଅସହାୟ ଝିଅ ଓ ସ୍ତ୍ରୀ ମେଡିକାଲ ଭିତରେ ସ୍ୱାମୀର ଶବ ପାଖରେ କାନ୍ଦ ବୋବାଳି କରୁଥିବା ସହ ଆତ୍ମୀୟମାନଙ୍କୁ ଖବର ଜଣାଉଥିଲେ। ତେବେ ସେହି ମେଡିକାଲର ଜୈନିକ ପୁରୁଷ ସୁରକ୍ଷାକର୍ମୀ ସେମାନଙ୍କୁ ଠେଲା ପେଲା କରି ତଳକୁ ଯିବାକୁ ଧମକ ଚମକ ଦେଉଥିବାର ଭିଡିଓ ସୋସିଆଲ ମିଡ଼ିଆରେ ଭାଇରଲା ହେଉଛି। ସ୍ୱାମୀ ମୃତ୍ୟୁ ପରେ ଜଣେ ଅସହାୟ ସ୍ତ୍ରୀ ସ୍ୱାମୀର ଶବ ନେବାକୁ ଉଦ୍ୟମ କରୁଥିବା ବେଳେ ତାଙ୍କୁ ସୁରକ୍ଷା କର୍ମୀଙ୍କ ଏପରି ଦୁର୍ବ୍ୟବହାରକୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ଘଟଣାରେ ପରେ ଅଭିଯୋଗ ଉଠୁଛି ରଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅନେକ ଦିନ ହେଲା ଏପରି ସିକ୍ୟୁରିଟି ଗାର୍ଡଙ୍କ ଦୌରାତ୍ମ୍ୟ ବଢିବାର ଦେଖିବାକୁ ମିଳୁଛି। ରୋଗୀଙ୍କୁ ସୁରକ୍ଷା ବଦଳରେ ଖରାପ ବ୍ୟବହାର କରୁଥିବାର କୁହାଯାଇଛି। ଡାକ୍ତରଙ୍କ ଜାଣତରେ ଏପରି ଘଟଣା ସିକ୍ୟୁରିଟି ମାନେ କରୁଛନ୍ତି ବୋଲି କୁହାଯାଉଛି। ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାରଙ୍କୁ ନିବେଦନ ଏହି ସିକ୍ୟୁରିଟି ଗାର୍ଡଙ୍କ ଉପରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦାବି ହେଉଛି।

# ଢୋଲାଚଣ୍ଡି କ୍ରିକେଟ: ବଘେଇ ଚାମ୍ପିଅନ

**ଭାପୁର, ୯।୧୧(ସମିସ):** ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ବଡସହରା ଗ୍ରାମରେ ଚାଲିଥିବା ଢୋଲାଚଣ୍ଡି କ୍ରିକେଟ ଟୁର୍ଣ୍ଣାମେଣ୍ଟ ଫାଇନାଲ ମ୍ୟାଚରେ ବଘେଇ ଦଳ ଏଲପଡ଼ା ଦଳକୁ ହରାଇ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ବଘେଇ ଟିମ୍ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୮ ୱିକେଟ ହରାଇ ୧୫୨ ରନର କରିପାରିଥିଲା। ଜବାବରେ ଏଲପଡ଼ା କ୍ରିକେଟ ଟିମ୍ ୨୦ ଓଭରରେ ୭ ୱିକେଟ ହରାଇ ୧୨୬ ରନ କରି ୨୬ ରନରେ ପରାଜିତ ହୋଇଥିଲା। ବିଜୟୀ ଦଳର ସମ୍ବିଦ ବିଶ୍ୱାଳ ୧୯ ବଲରେ ୩୪ ରନ କରି ମ୍ୟାନ୍ ଅଫ ଦି ଫାଇନାଲ ବିବେଚିତ ହୋଇଥିଲେ ଏବଂ ସେହି ଦଳର ଖେଳାଳି ନିତ୍ୟାନନ୍ଦ ବେହେରା ଟୁର୍ଣ୍ଣାମେଣ୍ଟରେ ମୋଟ ୮୯ ରନ କରି ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଆଜିର ମ୍ୟାଚ୍‌ରେ ମୁଖ୍ୟଅତିଥି ଭାବେ ବଡସହରା ପଞ୍ଚାୟତର ସରପଞ୍ଚ ବ୍ରଜକିଶୋର ଆଲୁକ, ୱାର୍ଡ ସଭ୍ୟ ନିତ୍ୟାନନ୍ଦ ଦାସ, ତପନ ସାହୁ, ବଡସହରା ଗ୍ରାମର ସଭାପତି ଗୋପାଳ ନାୟକ, ସାମ୍ବାଦିକ ଶୁଭେନ୍ଦ୍ର କୁମାର ପଟ୍ଟନାୟକ, ପ୍ରଭାତ କୁମାର ବରାଡ ପ୍ରମୁଖ ଉପସ୍ଥିତ ରହି ବିଜୟୀ ଦଳକୁ ଟ୍ରଫି ସହ ଚେକ୍ ପ୍ରଦାନ କରିଥିଲେ। ଅମ୍ପାୟାର ଭାବେ ସୁଶାନ୍ତ ଦଳବେହେରା ଓ ଦିଲୀପ ଦାସ ପରିଚାଳନା କରିଥିଲେ। ଧାରା ବିବରଣୀ ପ୍ରଦାନ କରିଥିଲେ ସତ୍ୟବ୍ରତ ମହାରଣା ଓ ରତ୍ନାକର ସାହୁ। ସ୍କୋର ଦାୟିତ୍ୱରେ ରବୀନ୍ଦ୍ର ନାଥ ମହାରଣା ଓ ସାଗର ପରିଡ଼ା କାର୍ଯ୍ୟ ତୁଲାଇଥିଲେ।



## ● ଘାଗରା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ

# ଅଲୋଡ଼ା, ଅଦରକାରୀ, ଅବହେଳିତ

**ଗଣିଆ, ୯।୧୧(ସମିସ):** ଗଣିଆ ବ୍ଲକ କରଡାପଡା ପଞ୍ଚାୟତରେ ଥିବା ଘାଗରା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଏବେ ଅଲୋଡ଼ା, ଅଦରକାରୀ ଏବଂ ଅବହେଳିତ ହୋଇ ପଡ଼ିରହିଛି। ୧୯୭୫ ମସିହାରେ ପ୍ରାକ୍ତନମନ୍ତ୍ରୀ ଦିବ୍ୟଲୋଚନ ଶେଖରଦେଓଙ୍କ କରକମଳରେ ଉଦ୍‌ଘାଟିତ ହୋଇଥିବା ଉକ୍ତ ପ୍ରକଳ୍ପଟି ୫୦ ବର୍ଷ ଛୁଇଁଥିବା ବେଳେ ରକ୍ଷଣାବେକ୍ଷଣ ଅଭାବରୁ ତାହା ଏବେ ଦୃଷ୍ଟି ଆଢୁଆଳରେ ରହିଯାଇଛି। ଦିନଥିଲା ଗଣିଆ ଅଞ୍ଚଳର ଏକ ବୃହତ ଡ୍ୟାମ ଭାବେ ପରିଗଣିତ ହୋଇଥିଲା। ଉକ୍ତ ଡ୍ୟାମରେ କାଚ କେନ୍ଦୁ ଭଳି ପାଣି ପରିପୂର୍ଣ୍ଣ ହୋଇ ରହୁଥିବା ବେଳେ ଏଠାରେ ମାଛ ଚାଷ କରି ଅନେକ ବ୍ୟବସାୟୀ ନିଜର ପେଟ ପୋଷି ପାରୁଥିଲେ। ଦେଶୀ ମିଠା ମାଛ ପାଇବା ପାଇଁ ସେଠାରେ ଭିଡ଼ ଜମି ରହୁଥିଲା। ଚାଷବାସ କରିବା ପାଇଁ ଚାଷୀମାନେ ଏହି ଡ୍ୟାମରୁ ନିଜ ଚାଷ ବିଲରେ ପାଣି ମଡାଇ ପରିବାର ପ୍ରତିପୋଷଣ କରି ପାରୁଥିଲେ। ଚାଷୀଙ୍କ ଜୀବନରେଖା ପାଲଟିଥିଲା ଉକ୍ତ ଜଳସେଚନ ପ୍ରକଳ୍ପ। ପ୍ରାକୃତିକ ସୌନ୍ଦର୍ଯ୍ୟ ତଥା ଘଞ୍ଚ ଜଙ୍ଗଲରେ ଭରପୁର ଥିବା ଉକ୍ତ ସ୍ଥାନଟି ପର୍ଯ୍ୟଟକମାନଙ୍କ ବଣଭୋଜି ପାଇଁ ବେଶ୍ ଆକର୍ଷଣ ପାଲଟିଥିଲା। ବର୍ଷ ତମାମ ଏଠାରେ ବଣଭୋଜି ଲାଗି ରହୁଥିଲା। ବର୍ଷ ସାରା ଚଳଚଞ୍ଚଳ ହୋଇ ପଡୁଥିଲା ଏହି ଡ୍ୟାମ। କିନ୍ତୁ ୫୦ ବର୍ଷର ଏହି ପ୍ରକଳ୍ପ ଏବେ ତାର ସ୍ଥିତି ହରାଇଛି। ଜଳରାଶିରେ ପରିପୂର୍ଣ୍ଣ ହୋଇ ରହୁଥିବା ଉକ୍ତ ସ୍ଥାନଟି ଏବେ ଶୁଖିଗଲାଣି। ଯେଉଁ ସ୍ଥାନଟିରେ ଦିନେ ପିଲାମାନେ ଜଳକ୍ରିଡା କରୁଥିଲେ ସେଠାରେ ଏବେ କ୍ରିକେଟ ଖେଳୁଥିବା ଦେଖିବାକୁ ମିଳିଛି। କହିବାକୁ ଗଲେ ସରକାର ଯେଉଁ ଲକ୍ଷ୍ୟ ନେଇ ଉକ୍ତ ଡ୍ୟାମ ନିର୍ମାଣ କରିଥିଲେ ଲକ୍ଷ୍ୟ ଠାରୁ ତାହା ଏବେ ବହୁ ଦୂରରେ। ରକ୍ଷଣାବେକ୍ଷଣା ଅଭାବରୁ ତାହା ଏବେ ଜରାଜୀର୍ଣ୍ଣ ହୋଇ ଗାଡିଆର ଭ୍ରମ ସୃଷ୍ଟି କରୁଛି। ନୂତନ ସରକାର ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ଏହି ଡ୍ୟାମରୁ ପୁନରୁଦ୍ଧାର କରିବାକୁ ସାଧାରଣରେ ଦାବି ହେଉଛି।



# ଗୋଟିଏ ମଞ୍ଚରେ ଦୁଇଟି ନାଟକ ପରିବେଷଣ



**ଭାପୁର, ୯।୧୧(ସମିସ):** ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ଭାପୁର ପଞ୍ଚାୟତ ନିହଲପ୍ରସାଦ ଗ୍ରାମର ଯୁବକମାନଙ୍କ ଦ୍ୱାରା ଗୋଟିଏ ମଞ୍ଚରେ ଦୁଇଟି ସାମାଜିକ ନାଟକ ପରିବେଷଣ କରାଯାଇଛି। ଗ୍ରାମର ଆରାଧ୍ୟ ଦେବତା ବାବା ଭୁବନେଶ୍ୱର ଦେବଙ୍କ ନିକଟରେ ନିହାର ରଞ୍ଜନ ମହାନ୍ତିଙ୍କ ଲିଖିତ ସାମାଜିକ ନାଟକ 'ହା କୃଷ୍ଣ ବୋଲି ଯାଉ ଜୀବ' ଓ ଅରୁଣ ବାରିକଙ୍କ ଲିଖିତ ସାମାଜିକ ନାଟକ 'ଚାଲିବା ଆଗରୁ ବାଟ ସରିଲା' ମଞ୍ଚସ୍ଥ ହୋଇଯାଇଛି। ଦୁଇଟି ଯାକ ନାଟକକୁ ଖଇରଗାଡିଆ ଗ୍ରାମର ବରିଷ୍ଠ ନାଟ୍ୟ ନିର୍ଦ୍ଦେଶକ କାନନ ବିହାରୀ ପଟ୍ଟନାୟକ ନିର୍ଦ୍ଦେଶନା ଦେଇଥିଲେ। ଗ୍ରାମର ରମେଶ, କାର୍ତ୍ତିକ, ବିଭୁତି, ବାପି, ବବୁଲ, ଆଲୋକ, ମୀନ, ମୁନା, ପିଣ୍ଟୁ, ମାନସ, ମିଟୁ ଓ ଶୋଭା, ମୋନା, କଲ୍ୟାଣୀ, ମାମା, କଣ୍ଢେଇଙ୍କ ସୁନ୍ଦର ଅଭିନୟ ହଜାର ହଜାର ଦର୍ଶକଙ୍କୁ ମନ୍ତ୍ର ମୁଗ୍ଧ କରିଥିଲା।

# କାଦୁଆରେ ମେଗା ସ୍ୱାସ୍ଥ୍ୟ ଶିବିର

**ଖଣ୍ଡପଡ଼ା, ୯।୧୧(ସମିସ):** ଖଣ୍ଡପଡ଼ା ବ୍ଲକ ଅଧୀନ ବେଣାଗାଡ଼ିଆ ପଞ୍ଚାୟତ କାଦୁଆ ଗ୍ରାମରେ ଏକ ମେଗା ସ୍ୱାସ୍ଥ୍ୟଶିବିର ଅନୁଷ୍ଠିତ ହୋଇଯାଇଛି। କାଦୁଆ ଗ୍ରାମର ସାମନ୍ତ ଯୁବକ ସଂଘ ଆନୁକୂଲ୍ୟରେ ଏହି ଶିବିର ଅନୁଷ୍ଠିତ ହୋଇଥିବା ବେଳେ ଭୁବନେଶ୍ୱର ଏମ୍‌ସର ଅସ୍ଥିଶଲ୍ୟ ବିଭାଗର ବରିଷ୍ଠ ଡାକ୍ତର ସିଦ୍ଧାର୍ଥ ପ୍ରଧାନ ଯୋଗଦେବା ସହିତ ରୋଗୀଙ୍କୁ ଡାକ୍ତରୀ ପରାମର୍ଶ ଦେଇଥିଲେ। ଆଜି ପୂର୍ବାହ୍ନରେ ଶିବିରଟି ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହେବା ପରେ କାଦୁଆ ସମେତ ବେଣାଗାଡିଆ ଓ ଆଖପାଖ ଗ୍ରାମର ପ୍ରାୟ ୨୪୦ ଜଣ ହିତାଧିକାରୀଙ୍କୁ ଚିକିତ୍ସା ସେବା ଯୋଗାଇଦିଆଯାଇଥିଲା। ଆୟୋଜକ ସଂଘର ସଭାପତି ଗୋପବନ୍ଧୁ ଦାଶ, ସମ୍ପାଦକ ବିଶ୍ୱରଞ୍ଜନ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସକାଳ ୧୦ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଶିବିର ଚାଲୁ ରହିଥିବା କାଦୁଆ ଗ୍ରାମବାସୀ ସୂଚନା ଦେଇଛନ୍ତି।

# ବାଲୁଗାଁରେ ଆର୍‌ଏସ୍‌ଏସ୍‌ର ଯୁବ ସମ୍ମିଳନୀ

**ବାଲୁଗାଁ, ୯।୧୧(ସମିସ):** ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ତଥା (ଆର୍‌ଏସ୍‌ଏସ୍) ଖୋର୍ଦ୍ଧା ଜିଲ୍ଲାର ବାଣପୁର-ଚିଲିକା ଖଣ୍ଡ ପକ୍ଷରୁ ଯୁବ ସମ୍ମିଳନୀ ବାଲୁଗାଁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଅନୁଷ୍ଠିତ ହୋଇଛି। ଯୁବବର୍ଗଙ୍କ ମଧ୍ୟରେ ରାଷ୍ଟ୍ରଭକ୍ତି ସୃଷ୍ଟି କରିବା, ସମାଜ ପ୍ରତି ଆତ୍ମୀୟତା ଭାବ ଜାଗ୍ରତ କରିବା, ସାମାଜିକ ନେତୃତ୍ୱ ପାଇଁ ନିଜକୁ ଗଠନ କରିବା ଆଦି ଏହି ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ସମ୍ମିଳନୀରେ ବହୁ ଯୁବକ ଅଂଶଗ୍ରହଣ କରି ନିଜର ପ୍ରତିଭା ପ୍ରଦର୍ଶନ କରିଥିବାବେଳେ ଆର୍‌ଏସ୍‌ଏସ୍ ତରଫରୁ ଯୁବକମାନଙ୍କୁ ପୁଷ୍ପ, ଚନ୍ଦନ ଦେଇ ସ୍ୱାଗତ କରିବା ସହ ସମସ୍ତଙ୍କ ପଞ୍ଜୀକରଣ କରାଯାଇ ପରିଚୟପତ୍ର ପ୍ରଦାନ କରାଯିବା ପରେ ଭାରତ ମାତାଙ୍କ ବନ୍ଦନା କରାଯାଇଥିଲା। ଅତିଥି ଭାବେ ସଂଘର ବରିଷ୍ଠ ଅଧିକାରୀ ବେଲେଶ୍ୱର ସାହୁ, ଟୁନା ସାହୁ, ହୃଷୀକେଶ ମଲ୍ଲିକ ପ୍ରମୁଖଙ୍କ ସମେତ ଚଳିତ ବର୍ଷ ଓଡ଼ିଶା ପ୍ରଶାସନିକ ସେବାରେ କୃତକାର୍ଯ୍ୟ ହୋଇଥିବା ବାଣପୁରର ଯୁବ ପ୍ରତିଭା ସସ୍ମିତା ସାହୁ ଯୋଗଦେଇଥିଲେ।

## ବହୁ ଅର୍ଥ ବ୍ୟୟ; କାମ ଶୂନ୍

# ଅକ୍ଷମ ହୋଇଗଲା 'ସକ୍ଷମ ହିଁ ଶକ୍ତି'

ନୟାଗଡ଼, ୯।୧୧(ସମିସ)

ନୟାଗଡ଼ ଜିଲ୍ଲା ପ୍ରଶାସନ ପକ୍ଷରୁ ମହତ ଉଦ୍ଦେଶ୍ୟ ରଖି ସକ୍ଷମ ହିଁ ଶକ୍ତି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ପରିଚାଳନା ଗତ ଅବ୍ୟବସ୍ଥା ପାଇଁ ଏହି କାର୍ଯ୍ୟକ୍ରମ ଠପ୍ ହୋଇଯାଇଛି। ଆଧୁନିକ ଯନ୍ତ୍ରପାତି ଏବେ ଖତ ଖାଉଛି। ମହିଳାଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ରାଜ୍ୟ ସରକାର କୋଟି କୋଟି ଟଙ୍କା ବ୍ୟୟ କରୁଛନ୍ତି। ଏହି ଅର୍ଥ ପକୃତ ମାର୍ଗରେ ବ୍ୟୟ ହେଉଛି ନାଁ କେବଳ ଲୋକ ଦେଖାଣିଆ ଭାବେ କାଗଜ ଚାଷ ହେଉଛି, ତାହା ବୁଝା ପଡୁଛି। ଅପାରଗ ଅଧିକାରୀଙ୍କ ପାଇଁ ସରକାର ସବୁବେଳେ ବଦନାମ ମୁଣ୍ଡାଉଛନ୍ତି। ଓଡ଼ିଶା ଦକ୍ଷତା ବିକାଶ ସଂଗଠନ ଏବଂ ମିଶନ ଶକ୍ତି ବିଭାଗ ଆନୁକୁଲ୍ୟରେ ୨୦୨୧ ମସିହା ଡିସେମ୍ବର ମାସରେ ଆରମ୍ଭ ହୋଇଥିଲା "ସକ୍ଷମ ହିଁ ଶକ୍ତି' ପ୍ରକଳ୍ପ ତଥା ଯୋଜନା। ନୟାଗଡ଼ ଜିଲ୍ଲାପାଳଙ୍କ ଆନ୍ତରିକ ଉଦ୍ୟମ ଏବଂ ନୟାଗଡ଼ ବିଧାୟକଙ୍କ ପରିକଳ୍ପନାରୁ ଏଭଳି ଏକ ନିଆରା ପ୍ରୟାସ କରାଯାଇଥିଲା। ମହିଳାଙ୍କୁ ସ୍ୱାବଲମ୍ବୀ କରିବା, ସେମାନଙ୍କ ଦକ୍ଷତା ବୃଦ୍ଧି କରିବା ଏବଂ ଉତ୍ପାଦିତ ଦ୍ରବ୍ୟକୁ ସହଜରେ ବିକ୍ରି କରିବା ଜିଲ୍ଲା ପ୍ରଶାସନ, ଓରମାସ ସହଯୋଗରେ ନୟାଗଡ଼ ଜିଲ୍ଲା ଖୁଣ୍ଟୁବନ୍ଧ ଆଇଟିଆଇ କଲେଜ ପରିସରରେ ଆଜି ଏହା ଲୋକାର୍ପିତ ହୋଇଥିଲା। ମହିଳାଙ୍କୁ ଜୀବନ ଜିଇବାର ଏକ ନିଆରା ମାର୍ଗ ଦେଖାଇବା ତଥା ସ୍ୱାବଲମ୍ବୀ କରିବାକୁ ସିଲେଇ ତାଲିମ କେନ୍ଦ୍ର "ସକ୍ଷମ ହିଁ ଶକ୍ତି' ଲୋକାର୍ପିତ କରାଯାଇଥିଲା। ରାଜ୍ୟ




ସରକାରଙ୍କ ଦକ୍ଷତା ବିକାଶ ସଂଗଠନ ଏବଂ ମିଶନ ଶକ୍ତି ବିଭାଗ ପକ୍ଷରୁ ୧ କୋଟି ୩ ଲକ୍ଷ ୯୦ ହଜାର ଟଙ୍କା ବ୍ୟୟରେ ଏହି ତାଲିମ କେନ୍ଦ୍ର ନିର୍ମାଣ ହୋଇଥିଲା। ମହିଳାମାନେ ଏଠାରେ ରହିବା, ଖାଇବା ସମ୍ପୂର୍ଣ୍ଣ ମାଗଣା ହୋଇଥିବା ବେଳେ ଏକମାସ ଧରି ତାଲିମ ନେବାର ସ୍ୱତନ୍ତ୍ର ସୁବିଧା କରାଯାଇଥିଲା। ଗୋଟିଏ ମାସରେ ୪୫ ଜଣ ମହିଳାଙ୍କୁ ପୋଷାକ ସିଲେଇ ତାଲିମ ପ୍ରଦାନ କରାଯିବ ବୋଲି ଜିଲ୍ଲାପାଳ ଲୋକାର୍ପିତ କାର୍ଯ୍ୟକ୍ରମରେ ସୂଚନା ଦେଇଥିଲେ। ଅତ୍ୟାଧୁନିକ ସିଲେଇ ମେସିନ ଏବଂ ଆବଶ୍ୟକ ଯନ୍ତ୍ରପାତି ସହ ହାଇଦ୍ରାବାଦର ଏକ ଘରୋଇ ସଂସ୍ଥାକୁ ମହିଳାଙ୍କ ତାଲିମ ପ୍ରଦାନ ଦାୟିତ୍ୱ ଦିଆ ଯାଇଥିବା ବେଳେ ସକାଳ ୯ ଘଟିକାରୁ ସଂଧ୍ୟା ୬ ଘଟିକା ପର୍ଯ୍ୟନ୍ତ ତାଲିମ ବ୍ୟବସ୍ଥା ରଖାଯାଇଥିଲା। ଉକ୍ତ ସଂସ୍ଥାରେ ତାଲିମ ପ୍ରଦାନ ସହ ଯେଉଁ ପୋଷାକ ଉତ୍ପାଦନ କରାଯିବ ତାହାକୁ "ସକ୍ଷମ ହିଁ ଶକ୍ତି' ନାମରେ ବିକ୍ରି କରାଇବା ପାଇଁ ଓରମାସ ଦାୟିତ୍ୱ ନେଇଥିଲା। ମହିଳାଙ୍କୁ ସ୍ୱାବଲମ୍ବୀ କରିବା, ଦକ୍ଷତା ବୃଦ୍ଧି କରିବା ଏବଂ ଉତ୍ପାଦିତ ଦ୍ରବ୍ୟକୁ ସହଜରେ ବିକ୍ରି କରାଇବା ହିଁ "ସକ୍ଷମ ହିଁ ଶକ୍ତି'ର ମୂଳ ଲକ୍ଷ ବୋଲି କୁହାଯାଇଥିଲା। ପରିଚାଳନା ଗତ ଅବ୍ୟବସ୍ଥା ପାଇଁ ସବୁ ଯୋଜନା ଫସର ଫାଟିଥିବା ବେଳେ ସକ୍ଷମ ହିଁ ଶକ୍ତି ଏବେ ଅକ୍ଷମ ହୋଇଯାଇଥିବା ଜଣାପଡ଼ିଛି। ଏନେଇ ଗତ ଦିଶା ବୈଠକରେ ସୂଚନା ମିଳିଥିବା ବେଳେ କୋଟିଏରୁ ଉର୍ଦ୍ଧ୍ୱ ମୂଲ୍ୟର ଯନ୍ତ୍ରପାତି ଖୁଣ୍ଟୁବନ୍ଧ ଆଇଟିଆଇଠାରେ ଖତ ଖାଉଛି। ନୟାଗଡ଼ ଜିଲ୍ଲା ପ୍ରଶାସନ ଏହା ଉପରେ ଦୃଷ୍ଟି ଦେଇ ପୁନଃ କାର୍ଯ୍ୟକ୍ଷମ କରିବାକୁ ଦାବି ହେଉଛି।

# ବ୍ୟାପୁଛି ଫାଟୁଆ, ସାହାଣ ରୋଗ; ଗାଈଗୋରୁ କଳବଳ

ଖୋର୍ଦ୍ଧା, ୯।୧୧(ସମିସ)



ଗ୍ରାମାଞ୍ଚଳଗୁଡ଼ିକରେ ଗୋ-ପାଳକମାନଙ୍କ ବିକାଶ ପାଇଁ ସରକାର ବିଭିନ୍ନ ଯୋଜନା ମାଧ୍ୟମରେ ପ୍ରୋତ୍ସାହନ ରାଶି ଯୋଗାଇ ଦେଉଛନ୍ତି। ଗାଈଗୋରୁଙ୍କ ଚିକିତ୍ସା ପାଇଁ ମାଗଣାରେ ଟିକାକରଣଠାରୁ ଆରମ୍ଭ କରି ଔଷଧ ଆଦି ପ୍ରଦାନ କରାଯାଉଛି। ଗୋ ସମ୍ପଦର ବିକାଶ ପାଇଁ ଅତ୍ୟାଧୁନିକ ଜ୍ଞାନକୌଶଳ ପ୍ରୟୋଗ କରି ଚାଷୀମାନେ ବେଶ୍ ଲାଭବାନ ହୋଇପାରୁଛନ୍ତି। ପୂର୍ବ ଅପେକ୍ଷା ଜିଲ୍ଲାର ବିଭିନ୍ନ ଗ୍ରାମାଞ୍ଚଳରେ ଦେଶୀ ଗାଈଙ୍କ ଚାହିଦା ରହିଥିବାବେଳେ ସେମାନଙ୍କ ବଂଶ ବିପଦ ଆଡ଼କୁ ଠେଲି ହୋଇଯାଉଛି। ସେହିପରି ଶଙ୍କରଜାତୀୟ ଗାଈ ଚାଷ କରି ଦୁଗ୍ଧ ଉତ୍ପାଦନ ବୃଦ୍ଧି ଦ୍ୱିଗୁଣିତ ହେଉଛି। ଏହି ଗୋପାଳନ କରି ଗାଁ ଲୋକମାନେ ବେଶ୍ ଦୁଇ ପଇସା ରୋଜଗାର କରି ପରିବାର ପ୍ରତିପୋଷଣ କରୁଛନ୍ତି। କିନ୍ତୁ ବର୍ତ୍ତମାନ ଶୀତ ସମୟରେ ଗୋରୁଙ୍କଠାରେ ବ୍ୟାପୁଛି ଫାଟୁଆ ଓ ସାହାଣ ଆଦି ରୋଗ। ଶହ ଶହ ଗୋରୁଗାଈ ଏଥିରେ ଆକ୍ରାନ୍ତ ହେଉଛନ୍ତି। ଏନେଇ ପ୍ରାଣୀ ଚିକିତ୍ସା ବିଭାଗ ପକ୍ଷରୁ ସେଭଳି କୌଣସି କାର୍ଯ୍ୟାନୁଷ୍ଠାନ ହେଉ ନ ଥିବା ଅଭିଯୋଗ ହେଉଛି। ଗୋରୁଙ୍କଠାରେ ଏହି ରୋଗ ଗାଁକୁ ଗାଁ ବ୍ୟାପିବାରେ ଲାଗିଛି। ଅକାଳରେ ଗୋରୁଙ୍କ ଜୀବନ ଚାଲିଯାଉଛି। ଫଳରେ ଗୋ ଚାଷୀଙ୍କ ଆର୍‌ଥିକ ମେରୁଦଣ୍ଡ ଭାଙ୍ଗି ଯିବାକୁ ବସିଛି।

ପ୍ରକାଶ ଥାଉକି, ଗୃହପାଳିତ ପଶୁମାନେ ଶୀତଦିନିଆ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁମୁଖରେ ପଡୁଛନ୍ତି। ଏଇ ଦିନ କେଇଟା ମଧ୍ୟରେ ଫାଟୁଆ ଓ ସାହାଣ ଆଦି ରୋଗରେ ଅନେକ ଗୋରୁ ଆକ୍ରାନ୍ତ ହୋଇ କଳବଳ ହେଲେଣି। ପ୍ରତି ଗାଁରେ ଏହି ରୋଗ ଏବେ ଗୋରୁଙ୍କଠାରେ ଦେଖାଦେଉଥିବା ଅଭିଯୋଗ ହେଉଛି। ଏ ରୋଗ ସବୁ ବାୟୁବାହିତ। ବିଶେଷ କରି କଅଁଳା ବାଛୁରୀମାନଙ୍କୁ ଟିକା ଦିଆଯାଇ ନ ଥିବାରୁ ଏହି ରୋଗର ଶିକାର ହେଉଥିବା ନଜିର ରହିଛି। ଏ ଦିଗରେ ବିଭାଗ ପକ୍ଷରୁ ଆବଶ୍ୟକୀୟ ସଚେତନ କରାଯାଉ ନ ଥିବା ଅଭିଯୋଗ ହେଉଛି। ଗୋରୁଗାଈ ମାଲିକମାନେ ପ୍ରାଣୀଧନ ବିଭାଗ ସମୟକୁ ଅପେକ୍ଷା ନ କରି ବରଂ ଆକ୍ରାନ୍ତ ପ୍ରାଣୀଙ୍କୁ ଘରୋଇ ଉପାୟରେ ଚିକିତ୍ସା କରୁଛନ୍ତି। ବିଭାଗ ପକ୍ଷରୁ ମାଗଣା ଔଷଧ ଓ ସଚେତନତା ଶିବିର ଜରିଆରେ ଏ ନେଇ ଗୋ-ରକ୍ଷକଙ୍କୁ ସଚେତନ କରାଇବାକୁ ସାଧାରଣରେ ଦାବି ହେଉଛି। ଏ ନେଇ ଅତିରିକ୍ତ ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ଯଶୋବନ୍ତ ପ୍ରଧାନଙ୍କୁ ପଚାରିବାରେ ସେ କୁହନ୍ତି, ଶୀତ ଦିନରେ ଏହି ରୋଗ ହେଉଥିବା ଅଭିଯୋଗ ହେଉଛି। ଏହାର ପ୍ରଭାବ କିଛିଦିନ ରହିବ। ଏ ଦିଗରେ ଗୋରୁଗାଈଙ୍କୁ ଯତ୍ନ ନିଆଯିବା ସହ ଔଷଧ ପ୍ରଦାନ କଲେ ରୋଗ ଭଲ ହୋଇଯିବ। ସମସ୍ତ ରୋଗ ପାଇଁ ଟିକାକରଣ ଜାରି ରହିଛି। ଭ୍ୟାକ୍ସିନେସନ ଷଷ୍ଠ ପର୍ଯ୍ୟାୟ ମେ' ୧୫ରୁ ଜୁନ୍ ୩୦ ପର୍ଯ୍ୟନ୍ତ ଚାଲିଥିଲା।

ସପ୍ତମ ପର୍ଯ୍ୟାୟ ନଭେମ୍ବରରୁ ଆରମ୍ଭ ହେବ। ତେବେ ଫାଟୁଆ ମାରାତ୍ମକ ରୋଗ ହୋଇଥିବାରୁ ଏହାକୁ ବିଶେଷ ଗୁରୁତ୍ୱ ଦିଆଯାଇ ଟିକାକରଣ କରାଯାଉଛି। ପ୍ରାଥମିକ ପର୍ଯ୍ୟାୟରେ ଏହାକୁ ଚିହ୍ନଟ କରାଯାଇ ପରେ ଚିକିତ୍ସା କରାଯାଉଛି। ଭ୍ରାମ୍ୟମାଣ ଗାଡ଼ି ଯୋଗେ ଟିକା ମଧ୍ୟ ଦିଆଯାଉଛି। ଚାଷୀମାନେ ପ୍ରାଣୀଧନ କର୍ମଚାରୀଙ୍କୁ ଟିକାକରଣରେ ସହଯୋଗ କରନ୍ତୁ ବୋଲି ସେ କହିଛନ୍ତି।

● ଇ-କେୱାଇସି କରି ନ ଥିବା ତଥା ଭୂତ ରାସନ୍ ହିତାଧିକାରୀଙ୍କୁ ଶକ୍ତ ଧକ୍କା

# ଜିଲ୍ଲାରେ ବାଦ୍ ପଡ଼ିବେ ୬୭,୮୪୪ ହିତାଧିକାରୀ

ନିରାକାରପୁର, ୯।୧୧(ସମିସ): ଖୋର୍ଦ୍ଧା ଜିଲ୍ଲାରେ ୬୭ ହଜାର ୮୪୪ ଜଣ ଇ-କେୱାଇସି ଏପର୍ଯ୍ୟନ୍ତ କରି ନ ଥିବାରୁ ଏମାନେ ଭୂତ ରାସନ୍ ହିତାଧିକାରୀ ବୋଲି ସନ୍ଦେହ କରାଯାଉଛି। ଅଦ୍ୟାବଧି ସେମାନେ ଇ-କେୱାଇସି କରିନଥିବା ଜିଲ୍ଲା ଅତିରିକ୍ତ ଯୋଗାଣ ଅଧିକାରୀ ଜୟନ୍ତ କୁମାର ଦାସ ଜଣାଇଛନ୍ତି। ଭୂତ ହିତାଧିକାରୀଙ୍କୁ ଚିହ୍ନଟ ବା ମୃତ୍ୟୁ ପରେ ମଧ୍ୟ କିଛି ରାସନ୍‌କାର୍ଡଧାରୀ ରାସନ୍ ଗ୍ରହଣ କରୁଥିବା ସନ୍ଦେହରେ ଏହି ଅଭିଯାନ ଖାଦ୍ୟ ଓ ଖାଉଟି କଲ୍ୟାଣ ବିଭାଗ ଦ୍ୱାରା ଆରମ୍ଭ କରାଯାଇଥିଲା। ଯେଉଁମାନେ ପେଟପାଟଣା ପାଇଁ ବାହାର ଦେଶକୁ ଚାଲିଯାଇଛନ୍ତି ସେମାନେ ଆସି ଇ-କେୱାଇସି କରିପାରିନାହାନ୍ତି, ଆଉ କିଛି ବଞ୍ଚିଥିଲେ ମଧ୍ୟ ଶେଯରୁ ଉଠିପାରୁ ନାହାନ୍ତି। ସେମାନଙ୍କର ମଧ୍ୟ ଇ-କେୱାଇସି ହୋଇପାରି ନ ଥିବା କିଛି ବୁଦ୍ଧିଜୀବୀ ମତବ୍ୟକ୍ତ କରିଛନ୍ତି।

ଗତ ସେପ୍ଟେମ୍ବର ୩୦ ଥିଲା ଇ-କେୱାଇସି କରିବାର ଅନ୍ତିମ ତାରିଖ। ୨୦୨୪ ଅଗଷ୍ଟ ମାସରୁ ପ୍ରଥମେ ଆରମ୍ଭ ହୋଇ ୨୦୨୫ ସେପ୍ଟେମ୍ବର ୩୦ ତାରିଖ ଯାଏଁ ଏହି ଇ-କେୱାଇସି କାର୍ଯ୍ୟ ଚାଲୁ ରହିଥିଲା ବୋଲି ଜଣାପଡ଼ିଛି। ଖାଦ୍ୟ ଓ ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ରଙ୍କ ସୂଚନା ଅନୁସାରେ କେନ୍ଦ୍ର ସରକାର ବର୍ତ୍ତମାନ ଇ-କେୱାଇସି ବନ୍ଦ କରିଦେଇଛନ୍ତି। ଅବଧି ମଧ୍ୟ ସରିଯାଇଛି। ଡେଟ୍‌ଲାଇନ୍ ପୂର୍ବରୁ ସମସ୍ତେ ଇ-କେୱାଇସି କରିଦେବା କଥା। ବର୍ତ୍ତମାନ ଚାଉଳ ସେମାନଙ୍କୁ ଦିଆଯାଉଛି। ଆଗକୁ ଆଉ ସେମାନଙ୍କୁ ରାସନ୍ ମିଳିବା ଉପରେ ସନ୍ଦେହ ପ୍ରକଟ କରିଛନ୍ତି। ଯେଉଁମାନେ ଇ-କେୱାଇସି କରିନାହାନ୍ତି ସେମାନଙ୍କୁ ଚାଉଳ ମିଳିବନି। ଯଦି କେନ୍ଦ୍ର ସରକାର ସମୟ ଅବଧି ଘୁଞ୍ଚାଇବେ ତାହେଲେ ରାଜ୍ୟ ସରକାର ସମୟ ଅବଧି ଘୁଞ୍ଚାଇବେ ବୋଲି କହିଛନ୍ତି। ବର୍ତ୍ତମାନ ସୁଦ୍ଧା ୬୭ ହଜାର ୮୪୪ ଜଣ ହିତାଧିକାରୀ ଇ-କେୱାଇସି କରି ନ ଥିବାରୁ ଜିଲ୍ଲାରେ ନିଶ୍ଚିତ ଭୂତ ହିତାଧିକାରୀ ଅଛନ୍ତି ବୋଲି ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ। ଏନେଇ ଟାଙ୍ଗୀ ବ୍ଲକ୍ ଯୋଗାଣ ଅଧିକାରୀ ଶିବରାମ ବିଶ୍ୱାଳଙ୍କୁ ପଚାରିବାରୁ କେବଳ ଟାଙ୍ଗୀରେ ୪୩୩୦ ଜଣ ବର୍ତ୍ତମାନ ସୁଦ୍ଧା ଇ-କେୱାଇସି କରିନାହାନ୍ତି ବୋଲି ସୂଚନା ଦେଇଥିଲେ। ତେବେ ବାକି ରହିଲା ଆଉ ତାରିଖ ଘୁଞ୍ଚୁଛି ନା ଭୂତ ରାସନ ହିତାଧିକାରୀଙ୍କ ରାସନ ବନ୍ଦ ହେଉଛି।

## ବାଲୁଗାଁ ପୁଲିସ ପକ୍ଷରୁ ସାଇବର ସଚେତନତା



ବାଲୁଗାଁ, ୯।୧୧(ସମିସ): ରାଜ୍ୟରେ ବର୍ତ୍ତମାନ ସାଇବର ଅପରାଧ ଦିନକୁ ଦିନ ବୃଦ୍ଧି ପାଇଚାଲିଥିବା ବେଳେ ଏବେ ସାରା ରାଜ୍ୟରେ ପୁଲିସ ପ୍ରଶାସନ ପକ୍ଷରୁ ସାଇବର ରଥ ମାଧ୍ୟମରେ ସଚେତନତା କାର୍ଯ୍ୟକ୍ରମକୁ ବ୍ୟାପକ କରାଯାଇଛି। ଏହି କ୍ରମରେ ବାଲୁଗାଁ ପୁଲିସ ପକ୍ଷରୁ ବାଲୁଗାଁ ମାହବିଦ୍ୟାଳୟରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବାଲୁଗାଁ ଏସ୍‌ଡିପିଓ ସଞ୍ଜୟ କୁମାର ପଟ୍ଟନାୟକଙ୍କ ନେତୃତ୍ୱରେ ବାଲୁଗାଁ ଥାନା ଅଧିକାରୀ ଜୟପ୍ରକାଶ ପରିଡ଼ାଙ୍କ ତତ୍ତ୍ୱାବଧାନରେ ଅୟୋଜିତ ସଚେତନତା କାର୍ଯ୍ୟକ୍ରମରେ ସାଇବର ରଥ ସହିତ ମହାବିଦ୍ୟାଳୟର ଏନ୍‌ସିସି, ଏନ୍‌ଏସ୍‌ଏସ୍, ଯୁବ ରେଡ୍‌କ୍ରସ ଓ ରେଞ୍ଜର ବିଭାଗର ସ୍ୱେଚ୍ଛାସେବୀ, ଛାତ୍ରଛାତ୍ରୀ ଓ କର୍ମଚାରୀ ସାମିଲ୍ ହୋଇ ହାତରେ ସଚେତନତା ପ୍ଲାକାର୍ଡ ଧରି ବିଭିନ୍ନ ସ୍ଲୋଗାନ ଦେଇ ମହାବିଦ୍ୟାଳୟରୁ ଏକ ସଚେତନତା ଶୋଭାଯାତ୍ରାରେ ବାହାରି ବଜାର ପରିକ୍ରମା କରି ଜନସାଧାରଣଙ୍କୁ ସଚେତନ କରିଥିଲେ। ଏହି ଅବସରରେ ଏସ୍‌ଡିପିଓ ଶ୍ରୀ ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ସାଇବର ସୁରକ୍ଷା ସଚେତନତା ସଭା ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଥାନା ଅଧିକାରୀ ଶ୍ରୀ ପରିଡ଼ା, ଖୋର୍ଦ୍ଧା ଜିଲ୍ଲା ସାଇବର ସୁରକ୍ଷା ଅଧିକାରୀ ସୁଚିତ୍ରା ଜେନା, ଇନ୍‌ସପେକ୍ଟର ସୌମ୍ୟରଞ୍ଜନ ପାଣିଗ୍ରାହୀ, ମହାବିଦ୍ୟାଳୟର ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି, ଅଧ୍ୟାପକ ଡ. କୈଳାସ ଚନ୍ଦ୍ର ମହାରଣା, ଏନ୍‌ଏସ୍‌ଏସ୍ ଅଧିକାରୀ ରୀନା ରାଉତ, ଏନ୍‌ସିସି ଅଧିକାରୀ ଚନ୍ଦନ ନାୟକ, ରେଡ୍‌କ୍ରସ ଅଧିକାରୀ ମନସ୍ୱିନୀ ପଟ୍ଟନାୟକ, ରେଞ୍ଜର ଅଧିକାରୀ ସ୍ନିଗ୍ଧାରାଣୀ ମୁଦୁଲି ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଅନୁଷ୍ଠିତ ସାଇବର କୁଇଜ୍ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁଲିସ ପକ୍ଷରୁ ପୁରସ୍କୃତ କରାଯାଇଥିଲା।

## ଶିକ୍ଷା ବିଭାଗର ଜାତୀୟ ଆଲୋଚନାଚକ୍ର



ବାଲୁଗାଁ, ୯।୧୧(ସମିସ): ବାଲୁଗାଁ ମହାବିଦ୍ୟାଳୟ ଶିକ୍ଷା ବିଭାଗ ପକ୍ଷରୁ ଶନିବାର ଜାତୀୟ ଶିକ୍ଷାନୀତି-୨୦୨୦ ଓ ଗଠନବାଦ ଆଧାରିତ ଶିକ୍ଷାର ପୁନଃ ପରିକଳ୍ପନା ଶୀର୍ଷକ ଜାତୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଛାତ୍ରଛାତ୍ରୀ ଓ ଶିକ୍ଷକମାନେ ଭାରତର ରାଷ୍ଟ୍ରୀୟ ଗୀତ ବନ୍ଦେ ମାତରମ୍ ଗାନ କରିଥିଲେ। ଅଧ୍ୟାପିକା ସ୍ୱାତୀ ସ୍ୱାଗତିକା ସାହୁ ଅତିଥି ପରିଚୟ ଦେଇଥିବାବେଳେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଲକ୍ଷ୍ମୀଧର ସୁବୁଦ୍ଧି ସ୍ୱାଗତ ଭାଷଣ ଦେବା ସହ ଭିତ୍ତିପ୍ରବନ୍ଧ ଉପସ୍ଥାପନ କରିଥିଲେ। ଅଧ୍ୟକ୍ଷ ଡ. ସୁବୁଦ୍ଧିଙ୍କ ସଭାପତିତ୍ୱରେ ଆୟୋଜିତ ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ଭାବେ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ନିତ୍ୟାନନ୍ଦ ପ୍ରଧାନ, ମୁଖ୍ୟବକ୍ତା ଭାବେ କୋରାପୁଟ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟର ପ୍ରଫେସର ଦେବେନ୍ଦ୍ର କୁମାର ସେଠୀ, ସମ୍ମାନିତ ଅତିଥିଭାବେ ପ୍ରାକ୍ତନ ପ୍ରଫେସର ବୃନ୍ଦାବନ ଚନ୍ଦ୍ର ମିଶ୍ର ଓ ଯୁକ୍ତ ଦୁଇ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ଶ୍ରୀଚନ୍ଦନ ଯୋଗଦେଇ ଜାତୀୟ ଶିକ୍ଷାନୀତିରେ ଜ୍ଞାନ ରଚନାବାଦ ଦୃଷ୍ଟିକୋଣ, ଧାରଣାଗତ ସ୍ୱଚ୍ଛତା, ଶିକ୍ଷାର୍ଥୀ କେନ୍ଦ୍ରିକ ଶିକ୍ଷା ଓ ସମସ୍ୟା ସମାଧାନ ମାଧ୍ୟମରେ କିପରି ଶିକ୍ଷାର ପୁନଃକଳ୍ପନା କରାଯାଇ ସାମଗ୍ରିକ ବିକାଶକୁ ଗୁରୁତ୍ୱ ଦିଆଯାଇଛି। ନୂତନ ଜାତୀୟ ଶିକ୍ଷାନୀତିରେ କିପରି ଶ୍ରେଣୀଗୃହ ଭିତରେ ସୀମାବଦ୍ଧ ନ ହୋଇ ଶିକ୍ଷାର୍ଥୀମାନେ ମୁକ୍ତ ବାତାବରଣରେ ଦକ୍ଷତା ବିକାଶ, ସର୍ଜନଶୀଳତା, ପ୍ରଶ୍ନୋତ୍ତର, ଦଳଗତ ଆଲୋଚନା ମାଧ୍ୟମରେ ସମାଜାଭିମୁଖୀ ହୋଇପାରିବେ, ପାରମ୍ପରିକ ଶିକ୍ଷଣ ପ୍ରକ୍ରିୟା ଓ ସଂଗଠନବାଦ ଶିକ୍ଷଣ ପ୍ରକ୍ରିୟାର ପାର୍ଥକ୍ୟ ମୂଲ୍ୟବୋଧ ଗଠନରେ ତାହାର ଆବଶ୍ୟକତା ଆଦି ସମ୍ପର୍କରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଡ. କୈଳାସ ଚନ୍ଦ୍ର ମହାରଣା ସଞ୍ଚାଳନ କରିଥିବାବେଳେ ଅଧ୍ୟାପିକା କୀର୍ତ୍ତିମୟୀ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଫେସର ବୃନ୍ଦାବନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆଲୋଚନାଚକ୍ରର ଦ୍ୱିତୀୟ ଅଧିବେଶନରେ ଅଧ୍ୟାପିକା ଶୁଭ୍ରାଜ୍ୟୋସ୍ନା ବିଶ୍ୱାଳ, ଅଧ୍ୟାପକ ସୁରେନ୍ଦ୍ରନାଥ ସ୍ୱାଇଁ, ରାଜକିଶୋର ବୈରାଗଞ୍ଜନ, ପ୍ରଭାତ ନାୟକ, ଛାତ୍ରୀ ସ୍ମୃତିଶିଖା ନାୟକ, ଧରିତ୍ରୀ ବିଷୋୟୀ, ଗାୟତ୍ରୀ ମହାରଣା, ଶୀତଳ ପଲାଇ, ଶୁଭସ୍ମିତା ମହାରଣା ପ୍ରମୁଖ ପ୍ରସଙ୍ଗଭିତ୍ତିକ ପ୍ରବନ୍ଧ ଉପସ୍ଥାପନ କରିଥିବାବେଳେ ପ୍ରିୟମ୍ବଦା ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ପ୍ରାକୃତିକ ଚିକିତ୍ସା ସମ୍ବନ୍ଧୀୟ ସଚେତନତା

ବେଗୁନିଆ, ୯।୧୧(ସମିସ): ବେଗୁନିଆ ବ୍ଲକ ବଡବେରଣା ପଞ୍ଚାୟତ କୋଲୁହାପାଟଣା ଗ୍ରାମର ଶୁଭଶ୍ରୀ କ୍ଲବ୍ ପରିସରରେ ପ୍ରାକୃତିକ ଚିକିତ୍ସା ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ଡାକ୍ତର ଦୀପକ କୁଅଁର, ଆହାର ବିଶେଷଜ୍ଞ ବସନ୍ତ କୁମାର ପ୍ରଧାନ, ପ୍ରାକୃତିକ ବିଶେଷଜ୍ଞ ସୁନିତା ରାଣୀ, ରାକେଶ କୁମାର ସାହୁ, ଷ୍ଟାଫ ନର୍ସ ନିବେଦିତା ଗୁମାନସିଂହ, ସମାଜସେବୀ ସନ୍ତୋଷ ପରିଡ଼ା, ନାରାୟଣ ଖୁଣ୍ଟିଆ ପ୍ରମୁଖ ୫୦ ଜଣ ରୋଗୀଙ୍କୁ ପ୍ରାକୃତିକଚିକିତ୍ସାସମ୍ବନ୍ଧୀୟସଚେତନତାକରିଥିଲେ। କାର୍ଯ୍ୟକ୍ରମକୁ ସାମ୍ବାଦିକ ଯୋଗେଶ୍ୱର ପଣ୍ଡା ପରିଚାଳନା କରିଥିବା ବେଳେ ସିକୁନ ପାଣିଗ୍ରାହୀ ସହଯୋଗ କରିଥିଲେ।



## ପଥରବୋଝେଇ ଟ୍ରକ୍ ଜବତ, ଚାଳକ ଫେରାର

ବେଗୁନିଆ, ୯।୧୧(ସମିସ): ବେଗୁନିଆ ଥାନା ଅନ୍ତର୍ଗତ ସାମନ୍ତରାପୁରଠାରେ ପୁଲିସ ଅତର୍କିତ ଭାବେ ଚଡ଼ଉ କରି ପଥରବୋଝେଇ ଟ୍ରକ୍ ଜବତ କରିଛି। ଏଥିରେ ଚାଳକ ଜଣକ କୌଣସି ସୂତ୍ରରୁ ଖବର ପାଇ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଛି। ଏହି ଚଢ଼ଉରେ ବେଗୁନିଆ ଥାନା ଅଧିକାରୀ ଜ୍ୟୋତି ପ୍ରକାଶ ପଣ୍ଡାଙ୍କ ନେତୃତ୍ୱରେ ଏସ୍‌ଆଇ ଉମାକାନ୍ତ ବେହେରା, ଏଏସ୍‌ଆଇ ମନୋଜ ଶତପଥି, ରାଇଟର ଶ୍ରୀନିବାସ ବାରିକ, ସିପାହୀ ପ୍ରଦୀପ ବେହେରା ଓ ବିକାଶ କୁମାର ସେଠୀ ପ୍ରମୁଖ ସାମିଲ ହୋଇଥିଲେ।

## ଭାରତୀୟ ବିଦ୍ୟା ନିକେତନ ସମୂହ ଜିଲ୍ଲାସ୍ତରୀୟ ବିଜ୍ଞାନ ମେଳା



ଟାଙ୍ଗୀ, ୯।୧୧(ସମିସ): ଭାରତୀୟ ବିଦ୍ୟା ନିକେତନ ବିଦ୍ୟାଳୟ ସମୂହ ଜିଲ୍ଲାସ୍ତରୀୟ ବିଜ୍ଞାନମେଳା କାଳୁପଡ଼ା ଘାଟସ୍ଥିତ ଭାରତୀୟ ବିଦ୍ୟା ନିକେତନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କାଳୁପଡ଼ା ଘାଟ ସମେତ ବାଦୁରାବର, ମୁଗମଣ୍ଡା, କାଇପଦର, ମଳିପଡ଼ା, ଝାରକଟା ଭାରତୀୟ ବିଦ୍ୟା ନିକେତନର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଶିକ୍ଷା ବିକାଶ ସଂସ୍ଥାନର ଜିଲ୍ଲା ସଂଯୋଜକ ସୁନୀଲ ଛୋଟରାୟ ଆନୁଷ୍ଠାନିକ ଭାବେ ବିଜ୍ଞାନମେଳାକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ଅବସରପ୍ରାପ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଲକ୍ଷ୍ମୀଧର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଅତିଥିଭାବେ ବାଲିଗୁଡ଼ା ବ୍ଲକ୍ ଶିକ୍ଷା ଅଧିକାରୀ ପ୍ରମୋଦ କୁମାର ମଲ୍ଲିକ, ଖଜୁରୀପଡ଼ା ବ୍ଲକ୍ ଶିକ୍ଷା ଅଧିକାରୀ ବିନୋଦ କୁମାର ଦିଗାଲ, ଶିକ୍ଷକ ଜିତେନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ପ୍ରଧାନ ଆଚାର୍ଯ୍ୟା ବନଶ୍ରୀ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ଭାବେ ଟାଙ୍ଗୀ ବଳରାମଦେବ ବିଦ୍ୟାପୀଠର ପ୍ରଧାନଶିକ୍ଷୟିତ୍ରୀ ଜ୍ୟୋସ୍ନାରାଣୀ ମଙ୍ଗରାଜ, ମୁଖ୍ୟବକ୍ତା ଭାବେ ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚ ସମ୍ପାଦକ ବିଜୟକୁମାର ରାଉତ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରସନ୍ନ କୁମାର ଶ୍ରୀଚନ୍ଦନ, ଶଶିରେଖା ନାଥଶର୍ମା, ପଞ୍ଚସଖା ଶିକ୍ଷା ସେତୁ ସଭାପତି ଶେଷଦେବ ରାୟ ଗୌରବ, ବିଦ୍ୟାଳୟ ପ୍ରତିଷ୍ଠାତା ସମ୍ପାଦକ ପ୍ରଫୁଲ୍ଲ କୁମାର ପ୍ରଧାନ, ଜିଲ୍ଲା ନିରୀକ୍ଷକ ବିଷ୍ଣୁଚରଣ ସାହୁ ପ୍ରମୁଖ ଯୋଗଦେଇ କୁନି କୁନି ବୈଜ୍ଞାନିକମାନଙ୍କୁ ବହୁ ଉପାଦେୟ ପରାମର୍ଶ ପ୍ରଦାନ କରିଥିଲେ। ବିଚାରକ ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରମେଶ ବଳବନ୍ତରାୟ, ମହେଶ୍ୱର ସେନାପତି, ଗଙ୍ଗାଧର ସାହୁ ପ୍ରମୁଖ ଯୋଗଦେଇ ପ୍ରକଳ୍ପର ମୂଲ୍ୟାଙ୍କନ କରିଥିଲେ। ଶିଶୁ ବିଭାଗରେ ଅନ୍ନପୂର୍ଣ୍ଣା ଦଳସିଂହ ପ୍ରଥମ, ସୁଦେଷ୍ଣା ପଟ୍ଟନାୟକ ଦ୍ୱିତୀୟ, ଅରଜିତ ପରମାଣିକ ତୃତୀୟ ସ୍ଥାନ, ବାଲ୍ ବିଭାଗରେ ପାଏଲ ଭୂଜବଳ ପ୍ରଥମ, ବିବେକ ରାଉତ ଦ୍ୱିତୀୟ, ସାଇ ପ୍ରଣତି ମହାପାତ୍ର ତୃତୀୟ ସ୍ଥାନ, କିଶୋର ବିଭାଗରେ ରୁଦ୍ର ନାରାୟଣ ସାହୁ ପ୍ରଥମ, ଶ୍ରୀୟା ସାହୁ ଦ୍ୱିତୀୟ, ପ୍ରଜ୍ଞାନ ସାହୁ ତୃତୀୟ ସ୍ଥାନ ହାସଲ କରି ସମ୍ମାନିତ ହୋଇଥିଲେ।

## ଜାନୁଆରୀ ୫ରୁ ଟାଙ୍ଗୀ କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ

ଟାଙ୍ଗୀ, ୯।୧୧(ସମିସ): ସର୍ବଭାରତୀୟ ଟାଙ୍ଗୀ କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ପ୍ରସ୍ତୁତି ବୈଠକ ଚିଲିକା ସାଂସ୍କୃତିକ କ୍ରୀଡ଼ା ସଂସଦ କ୍ଲବ୍ ପରିସରରେ ସରପଞ୍ଚ କିଶୋର କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଚିଲିକା ଷ୍ଟାଡିୟମ୍‌ରେ ଅନୁଷ୍ଠିତ ହେବାକୁ ଯାଉଥିବା ଏହି ଟୁର୍ଣ୍ଣାମେଣ୍ଟ ଆସନ୍ତା ଜାନୁଆରୀ ୫ ତାରିଖରୁ ଆରମ୍ଭ କରାଯାଇ ୧୧ ତାରିଖରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ। ରାଜ୍ୟ ବାହାର ତଥା ରାଜ୍ୟର ବିଭିନ୍ନ ଅଞ୍ଚଳରୁ ବଛାବଛା ଫୁଟ୍‌ବଲ୍ ଟିମ ଏଥିରେ ଅଂଶଗ୍ରହଣ କରିବାକୁ ନିଷ୍ପତ୍ତି ନିଆଯାଇଛି। ରବିବାର ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ସଭାପତି ଭାବେ ଟାଙ୍ଗୀ ସରପଞ୍ଚ କିଶୋର କୁମାର ବେହେରା, ସମ୍ପାଦକ ନରେନ୍ଦ୍ର କୁମାର ମହାପାତ୍ର, ସହସମ୍ପାଦକ ଅମରେନ୍ଦ୍ର କୁମାର ମହାନ୍ତି, କୋଷାଧ୍ୟକ୍ଷ ସୁନୀଲ କୁମାର ମହାନ୍ତିଙ୍କୁ ମନୋନୀତ କରାଯାଇଛି। କ୍ରୀଡ଼ାବିତ୍ ବିଜୟ ରାଉତ, ବିଜୟ ମହାପାତ୍ର, ସୁରେନ୍ଦ୍ର ମହାପାତ୍ର, ମନୋଜ ପଟ୍ଟନାୟକ, ବାଳକୃଷ୍ଣ ମିଶ୍ର, ରଘୁନାଥ ସାହୁ, କୃଷ୍ଣଚନ୍ଦ୍ର ରାଉତ, ଅଶୋକ ମହାପାତ୍ର, ରମେଶ ଚନ୍ଦ୍ର ବେହେରା, ନନ୍ଦକିଶୋର ସ୍ୱାଇଁ, ବିନାୟକ ବେହେରା, ପ୍ରଣୟ ପ୍ରତିକ ପଟ୍ଟନାୟକ, ମନୋଜ ମାଝୀ, ବିଶ୍ୱରଞ୍ଜନ ଦାସ, ସମର ମାଝୀ ପ୍ରମୁଖଙ୍କୁ ନେଇ କାର୍ଯ୍ୟକାରିଣୀ କମିଟି ଗଠନ କରାଯାଇଥିବା ଜଣାପଡ଼ିଛି।

## ଶିକ୍ଷାବିତ୍ ବି.ରଙ୍ଗନାଥନ୍‌ଙ୍କ ଜୟନ୍ତୀ

ଚିଲିକା, ୯।୧୧(ସମିସ): ଓଡ଼ିଶାର ବିଶିଷ୍ଟ ଶିକ୍ଷାବିତ୍, ଇଂରାଜୀ ଭାଷାତତ୍ତ୍ୱବିତ୍ ତଥା ଭୀଷ୍ମଗିରି ଓ ନାଚୁଣୀ କଲେଜର ପ୍ରାକ୍ତନ ଅଧ୍ୟକ୍ଷ ବି.ରଙ୍ଗନାଥନ୍‌ଙ୍କ ୧୧୮ତମ ଜୟନ୍ତୀ ଖୋର୍ଦ୍ଧା ଜିଲ୍ଲା ବାଣପୁର ବ୍ଲକ୍ ଅନ୍ତର୍ଗତ ନାଚୁଣୀଠାରେ ଚିଲିକା ପୂଜ୍ୟପୂଜା ସଂସଦ ଆନୁକୂଲ୍ୟରେ ବିଶ୍ୱକର୍ମା ଆଞ୍ଚଳିକ ସଂଘ ସମ୍ମିଳନୀ କକ୍ଷରେ ପାଳିତ ହୋଇଯାଇଛି। ପ୍ରାରମ୍ଭରେ ଜୟନ୍ତୀ ସଭାରେ ଯୋଗ ଦେଇଥିବା ଅତିଥି ଓ ତାଙ୍କର ଶୁଭେଚ୍ଛୁମାନେ ବି.ରଙ୍ଗନାଥନ୍‌ଙ୍କ ତୈଳଚିତ୍ରରେ ଧୂପପୁଷ୍ପ ଅର୍ପଣ କରିବା ସହ ପ୍ରଦୀପ ପ୍ରଜ୍ୱଳନ କରି ଜୟନ୍ତୀ ସଭାର ଶୁଭାରମ୍ଭ କରିଥିଲେ। ନାଚୁଣୀ କଲେଜର ପ୍ରାକ୍ତନ ଲାଇବ୍ରେରୀଆନ୍ ରାମଚନ୍ଦ୍ର ମାର୍ଥାଙ୍କ ସଭାପତିତ୍ୱରେ ଓ ଚିଲିକା ପୂଜ୍ୟପୂଜା ସଂସଦର ସଭାପତି ଦିଲ୍ଲୀପ କୁମାର ଶତପଥୀଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ କଲେଜ ପ୍ରତିଷ୍ଠାତା ତଥା ଚିଲିକାର ପୂର୍ବତନ ବିଧାୟକ ଡ. ବିଭୂତିଭୂଷଣ ହରିଚନ୍ଦନ, ମୁଖ୍ୟବକ୍ତା ଭାବେ ଓଡ଼ିଶା ଉଚ୍ଚ ମାଧ୍ୟମିକ ଶିକ୍ଷକ ସଂଘର ପୂର୍ବତନ ରାଜ୍ୟ ସଭାପତି ତଥା ସମାଜର ବରିଷ୍ଠ ସାମ୍ବାଦିକ ପଦ୍ମନାଭ ବିଶ୍ୱାଳ ଓ ସମ୍ମାନିତ ଅତିଥି ଭାବେ ଶ୍ରୀସତ୍ୟସାଇ ସେବା ସଂଗଠନର ଖୋର୍ଦ୍ଧା ଜିଲ୍ଲା ସଭାପତି ବ୍ରଜସୁନ୍ଦର ମିଶ୍ର ଯୋଗଦେଇଥିଲେ। ବି.ରଙ୍ଗନାଥନ୍‌ଙ୍କୁ ଜଣେ ସତ୍ୟନିଷ୍ଠ, କର୍ତ୍ତବ୍ୟ ପରାୟଣତା ତଥା ଦକ୍ଷ ପ୍ରଶାସକ ଭାବେ ଅଭିହିତ କରିବା ସହିତ ଦୀର୍ଘ ୬୫ ବର୍ଷ ଧରି ଓଡ଼ିଶା ତଥା ଚିଲିକା-ବାଣପୁର ଅଞ୍ଚଳର ଶିକ୍ଷାର ବିକାଶରେ ତାଙ୍କର ଯେଉଁ ଅବଦାନ ତାହା ସଦାସର୍ବଦା ସ୍ମରଣୀୟ ହୋଇ ରହିବା ସହ ଏ ଅଞ୍ଚଳବାସୀ ତାଙ୍କ ପାଖରେ ଚିର ଋଣି ବୋଲି କହିଥିଲେ। ସଭାରେ ନାଚୁଣୀସ୍ଥ ବରିଷ୍ଠ ନାଗରିକ ସଂଘ ସଭାପତି ଅଶ୍ୱିନୀ କୁମାର ମହାପାତ୍ର, ଅଧ୍ୟାପକ ଗୋଲକ ବିହାରୀ ବାରିକ, ଯୁବଜ୍ୟାତି ହାଇସ୍କୁଲର ପ୍ରଧାନଶିକ୍ଷକ ଆଶିଷ କୁମାର ପତି, ଶିକ୍ଷକ ଦୁର୍ଯ୍ୟୋଧନ ପ୍ରଧାନ, ନାଚୁଣୀ କଲେଜର ପ୍ରାକ୍ତନ ମୁଖ୍ୟ କିରାଣି ଦେବେନ୍ଦ୍ରନାଥ ମହାରଥୀ, ସଂଗୀତଜ୍ଞ ଅଜିତ୍ ମିଶ୍ର ଓ ଶ୍ରମିକ ନେତା ପଞ୍ଚାନନ ମହାରଣା ପ୍ରମୁଖ ଯୋଗଦେଇଥିଲେ। ଚଳିତ ବର୍ଷ ଗଞ୍ଜାମ ଜିଲ୍ଲା ଖଲ୍ଲିକୋଟ ବ୍ଲକ୍ ଅନ୍ତର୍ଗତ ବିରିପୁରସ୍ଥ ପୂର୍ଣ୍ଣଚନ୍ଦ୍ର ମର୍ଦ୍ଦରାଜ ସରକାରୀ ହାଇସ୍କୁଲର ପ୍ରଧାନଶିକ୍ଷକ ପ୍ରମୋଦ କୁମାର ପଣ୍ଡାଙ୍କୁ ମୁଖ୍ୟ ଅତିଥି ଡ. ହରିଚନ୍ଦନ ଓ ଅନ୍ୟ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଧନ୍ୟବାଦ ଦେଇଥିଲେ ଚିଲିକା ପୂଜ୍ୟପୂଜା ସଂସଦର ସଭାପତି ଦିଲ୍ଲୀପ କୁମାର ଶତପଥୀ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବିଜ୍ଞାନ ମେଳା

ନିରାକାରପୁର, ୯।୧୧(ସମିସ): ସରସତୀ ଶିଶୁ ବିଦ୍ୟାମନ୍ଦିର, ଆର୍ଯ୍ୟବିହାରରେ ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା ଦୁଇଦିନ ଧରି ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ କେବିଡିଏଭି ମହାବିଦ୍ୟାଳୟର ଅଧ୍ୟକ୍ଷ ବ୍ରତତୀ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ବିଜ୍ଞାନ ମେଳାର ଶୁଭାରମ୍ଭ କରିବା ସହିତ ପ୍ରକଳ୍ପଗୁଡ଼ିକ ବୁଲି ଦେଖି ବିଜ୍ଞାନରେ ଆଗ୍ରହୀ ଥିବା ଛାତ୍ରାଛାତ୍ରୀଙ୍କର ଉଚ୍ଚ ପ୍ରଶଂସା କରିଥିଲେ। ବିଚାରକ ଭାବେ ଶଙ୍କର୍ଷଣ ପ୍ରଧାନ, ଅନିନ୍ଦିତା ବେହେରା, ମହେଶ୍ୱର ମାଝୀ, ଦୁଷ୍ମନ୍ତ ରାୟ ଯୋଗଦେଇଥିଲେ। ପ୍ରଥମ ପର୍ଯ୍ୟାୟରେ ତୃତୀୟରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୫୫୦ରୁ ଉର୍ଦ୍ଧ୍ୱ ପ୍ରକଳ୍ପ ସ୍ଥାନ ପାଇଥିଲା। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟା ନଳିନୀ ରଥ ପିଲାମାନଙ୍କ ମନରେ ବିଜ୍ଞାନ ପ୍ରତି ମନୋଭାବ ସୃଷ୍ଟି ନିମିତ୍ତ ଏକ ପ୍ରେରଣାଦାୟୀ ବକ୍ତବ୍ୟ ରଖିଥିଲେ। ଉକ୍ତ ଦିନର ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ରୂପେ କେବିଡିଏଭି ମହାବିଦ୍ୟାଳୟର ଅଧ୍ୟାପକ ହରପ୍ରସନ୍ନ ତ୍ରିପାଠୀ(ପଦାର୍ଥ ବିଜ୍ଞାନ), ସମ୍ମାନିତ ଅତିଥି ରୂପେ ଅଧ୍ୟାପକ ସୌମ୍ୟ ରଞ୍ଜନ ସାଇଁ (ଗଣିତ ବିଭାଗ)ଙ୍କ ଦ୍ୱାରା ବରିଷ୍ଠ ବିଭାଗର ପ୍ରଥମ ସ୍ଥାନ ସ୍ମୃତିଶିଖା ବିଶ୍ୱାଳ, ଦ୍ୱିତୀୟ ସ୍ଥାନ କୃଷ୍ଣାର୍ପିତା ଷଡ଼ଙ୍ଗୀ, ତୃତୀୟ ସ୍ଥାନ ଅଙ୍କିତା ସାହୁ, ଉପବରିଷ୍ଠ ବିଭାଗର ପ୍ରଥମ ବିଜୟଲକ୍ଷ୍ମୀ ଛୋଟରାୟ, ଦ୍ୱିତୀୟ ସ୍ୱୟଂଶାସ୍ତ୍ରୀ ଦାଶ, ତୃତୀୟ ଏସ୍.ଆର୍. ଶୁଭ୍ରାଂଶୁ ନାୟକ, କନିଷ୍ଠ ବିଭାଗର ପ୍ରଥମ ସ୍ଥାନ ରିତିକା ପ୍ରଧାନ, ଦ୍ୱିତୀୟ ରୋଶନ ବଳବନ୍ତରାୟ, ତୃତୀୟ ସ୍ଥାନ ତୋୟରାଜ ରାଉତରାୟଙ୍କୁ ପ୍ରମାଣ ପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ବିଦ୍ୟାଳୟର ଆଚାର୍ଯ୍ୟ ନିହାର ରଞ୍ଜନ ସାମନ୍ତସିଂହାର ମଞ୍ଚାସୀନ ଅତିଥିଙ୍କ ପରିଚୟ ଓ ଆଚାର୍ଯ୍ୟ ବିନୋଦ ବିହାରୀ ସେଠୀ ଧନ୍ୟବାଦ ଅର୍ପଣ କହିଥିଲେ। ଦ୍ୱିତୀୟ ଦିନ ପ୍ରାତଃ ପର୍ଯ୍ୟାୟରେ ୧ମ ଓ ୨ୟ ଶ୍ରେଣୀର ୨୫୦ରୁ ଉର୍ଦ୍ଧ୍ୱ ପ୍ରକଳ୍ପ ସ୍ଥାନ ପାଇଥିଲା। ଉପକନିଷ୍ଠ ବିଭାଗର ପ୍ରଥମ ସ୍ଥାନ ଏସ୍. ସାଇ ସାନ୍‌ଭି, ଦ୍ୱିତୀୟ ସ୍ଥାନ ଶୃତିଶ୍ରୀ ବେହେରା, ତୃତୀୟ ସ୍ଥାନ ସାଇ ପ୍ରସାଦ ପୃଷ୍ଟିଙ୍କୁ ପ୍ରମାଣପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା।



## କ୍ରିକେଟ ଟୁର୍ଣ୍ଣାମେଣ୍ଟ: ଗ୍ରୀନ୍ ଏକାଦଶ ବିଜୟୀ

ଖୋର୍ଦ୍ଧା, ୯।୧୧(ସମିସ): ଓଡ଼ିଶା କ୍ରିକେଟ ଆସୋସିଏସନ୍ଆନୁକୂଲ୍ୟରେକ୍ରିକେଟଆସୋସିଏସନ୍ ଅଫ୍ ଦି ଡିଷ୍ଟ୍ରିକ୍ଟ ଖୋର୍ଦ୍ଧା ଦ୍ୱାରା ପରିଚାଳିତ ଖୋର୍ଦ୍ଧା ଜିଲ୍ଲା ସ୍କୁଲ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନୀ ମ୍ୟାଚ୍‌ରେ ଖୋର୍ଦ୍ଧା ସ୍କୁଲ ସମୂହ ଗ୍ରୀନ ଦଳ ବ୍ଲୁ ଦଳକୁ କ୍ରିକେଟ୍‌ରେ ହରାଇ ସେମିରେ ପ୍ରବେଶ କରିଛି। ବ୍ଲୁ ଦଳ ପ୍ରଥମେ ବ୍ୟାଟିଂ କରି ଇନ୍ଦୁରୁ ବର୍ଦ୍ଧନଙ୍କ ୫୮ ରନ୍ ଏବଂ କୌଶିକ ମହାନ୍ତିଙ୍କ ୨୨ ରନ୍ ସହାୟତାରେ ୪୦ ଓଭରରେ ସମସ୍ତ ୱିକେଟ୍ ହରାଇ ୧୭୬ ରନ୍ କରିଥିଲେ। ଗ୍ରୀନ୍ ପକ୍ଷରୁ ଜଗନ୍ନାଥବେହେରା ହ୍ୟାଟ୍ରିକ୍‌ୱିକେଟ୍‌ସହିତ ୩୪ ରନ୍‌ର ବିଜୟରେ ସର୍ବାଧିକ ୪ଟି ଏବଂ ଓମ୍ ପ୍ରକାଶ ସାହୁ ୧୪ ରନ୍‌ରେ ୩ଟି ୱିକେଟ୍ ଅକ୍ତିଆର କରିଥିଲେ। ଜବାବରେ ଦେବାଂଶୁ ଜେନାଙ୍କ ୬୨ ରନ୍, ସାଇ ସ୍ମୃତିଙ୍କ ୨୯ ରନ୍ କରିବା ସହ ୩୩.୧ ଓଭରରେ ୪ଟି ୱିକେଟ୍ ହରାଇ ସଂଗ୍ରହ କରି ନେଇଥିଲେ। ପ୍ରାରମ୍ଭରେ ଆସୋସିଏସନ୍‌ର ଯୁଗ୍ମ ସମ୍ପାଦକ ସମୀର ବଳିଆରସିଂହ ଏବଂ କୋଷାଧ୍ୟକ୍ଷ ଚଣ୍ଡୀପ୍ରସାଦ ଆଚାର୍ଯ୍ୟ ଟୁର୍ଣ୍ଣାମେଣ୍ଟର ଶୁଭ ଉଦ୍‌ଘାଟନ କରିଥିଲେ। ଖେଳକୁ ଚନ୍ଦ୍ରମୋହନ ବରାଳ ପରିଚାଳନା କରିଥିବାବେଳେ ଅବ୍‌ଦୁଲ ରହିମ୍ ଖାଁ, ସୁଶିଲ ସୁନ୍ଦରାୟ ଏବଂ ସରୋଜ ପାତ୍ର କାର୍ଯ୍ୟ ତୁଲାଇଥିଲେ।

# ମିଳିତ ସାହିତ୍ୟ ସଂସଦର ହେମନ୍ତ କବିତା ଆସର

ଖୋର୍ଦ୍ଧା, ୯।୧୧(ସମିସ)



ବେଗୁନିଆ ବ୍ଲକ୍ କଣ୍ଟାବାଡ଼ ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ତିନିଟି ସାହିତ୍ୟ ସଂସଦର ମିଳିତ ଆୟୋଜନରେ କବି ରାଜକିଶୋର ପାଣିଗ୍ରାହୀଙ୍କ ଆବାହକତ୍ୱରେ ତଥା ସତ୍ୟବାଦୀ ବଳିଆରସିଂହଙ୍କ ସଭାପତିତ୍ୱରେ ହେମନ୍ତ ସ୍ୱର ସମ୍ଭାର ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କିସ୍ ବିଶ୍ୱବିଦ୍ୟାଳୟର ଅତିରିକ୍ତ ରେଜିଷ୍ଟ୍ରାର ପ୍ରଫେସର ପ୍ରମୋଦ କୁମାର ପାତ୍ର ମୁଖ୍ୟଅତିଥି, ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଓଡ଼ିଆ ବିଭାଗ ମୁଖ୍ୟ ଡ. ବୈରାଗୀ ଚରଣ ପଟ୍ଟନାୟକ ମୁଖ୍ୟବକ୍ତା, ସମ୍ମାନିତ ଅତିଥିଭାବେ କବି ଶ୍ରୀବନ୍ତ କୁମାର ପାଣି ଓ ଶିକ୍ଷାବିତ୍ ମନୋରଞ୍ଜନ ପଣ୍ଡା ଯୋଗଦେଇ ସମାଜକୁ ଶୃଙ୍ଖଳିତ, ସଂସ୍କୃତି ଓ ସ୍ୱାଭିମାନ ସମ୍ପନ୍ନ କରି ଗଢ଼ି ତୋଳିବାରେ କଲମଚାଳନା କରିବାକୁ ଆହ୍ୱାନ ଦେଇଥିଲେ। ଅଞ୍ଚଳର ଯଶସ୍ୱୀ ପ୍ରତିଭା ପ୍ରଧାନ ଶିକ୍ଷୟିତ୍ରୀ ସୁଜାତା ସାହୁ, ସାରସ୍ୱତ ସାଧକ ପରମାନନ୍ଦ ମହାପାତ୍ର ଓ ଚାଦୁଆ ଶିଳ୍ପୀ କୁଶପଲ୍ଲୀର ରେହାନା ବେଗମ୍‌ଙ୍କୁ ସଂସଦ ପକ୍ଷରୁ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। କବି ରାଜକିଶୋର ପାଣିଗ୍ରାହୀଙ୍କ ରଚିତ ବାଃ ବାଃରେ ମଣିଷ ପୁସ୍ତକ ଲୋକାର୍ପିତ ହେବା ସହିତ ପୂର୍ବରୁ ପ୍ରକାଶିତ ତାଙ୍କ ପୁସ୍ତକ ଅମୃତ ବିନ୍ଦୁ ଓ ଟିକିଟିକି ଫୁଲ ବିତରଣ କରାଯାଇଥିଲା। ସଂସଦର ସଭାପତି ରାଜକିଶୋର ପାଣିଗ୍ରାହୀ ଅତିଥି ପରିଚୟ ଓ ସମ୍ପାଦକ ଅଖିଳେଶ ମହାପାତ୍ରଙ୍କ ସଂଯୋଜନା ଏବଂ ସନ୍ତୋଷ କୁମାର ମହାପାତ୍ର, ମାନସ ଦାଶ, ଦିଲ୍ଲୀପ କୁମାର ପାଣିଗ୍ରାହୀ ଓ କଳ୍ପତରୁ ପଣ୍ଡାଙ୍କ ପରିଚାଳନାରେ କବିତାପାଠ ଅନୁଷ୍ଠିତ ହୋଇଥିଲା। ଗାୟକରତ୍ନ ଖଗେଶ୍ୱର ମାର୍ଥା, ଗାୟକ କୁମୁଦ ନାରାୟଣ ଶୁକ୍ଳା, ଅଧ୍ୟାପକ ରଙ୍ଗନିଧି ବଳିଆରସିଂହ, ବିକ୍ରମ କେଶରୀ ଚମ୍ପତି, ମନୋଜ ମଞ୍ଜରୀ ଦେବୀ, କୈଳାସ ଚନ୍ଦ୍ର ପୃଷ୍ଟି, ଦିବ୍ୟଲୋଚନ ଭାରିମଲ୍ଲ, ନୀଳାଦ୍ରିନାଥ ଜଗଦ୍ଦେବ, ପାଲା ସାହିତ୍ୟର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। କବି ସୁବାସ ଚନ୍ଦ୍ର ମହାପାତ୍ର ଧନ୍ୟବାଦ ଦେଇଥିଲେ। ବସନ୍ତ ସାହୁ, ଗଙ୍ଗାଧର ଓଝା, ଯୋଗିନୀବାଳା ପଣ୍ଡା, ବାଳକୃଷ୍ଣ ନାୟକ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ବଣ୍ଡାରପାଳ ବିଦ୍ୟା ମନ୍ଦିରରେ ଶିଶୁ ଭାରତୀ କର୍ମଶାଳା



ବଣ୍ଡାରପାଳ, ୯ ।୧୧(ସମିସ): ବଣ୍ଡାରପାଳ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ସଙ୍କୁଳସ୍ତରୀୟ ଶିଶୁ ଭାରତୀ କର୍ମଶାଳା ଅନୁଷ୍ଠିତ ହୋଇଛି। ଏଥିରେ ୬ଟି ବିଦ୍ୟାଳୟର ଶିଶୁ ଭାରତୀ ପଦାଧିକାରୀ ଉପସ୍ଥିତ ଥିଲେ। ମୁଖ୍ୟଅତିଥି ଭାବେ ପରିଚାଳନା ସମିତି ସଭାପତି ସତ୍ୟବାନ ବରାହ, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ସମ୍ପାଦକ ଅଖିଳ କୁମାର ମହାପାତ୍ର, ଅନୁଗୋଳ ସଙ୍କୁଳ ସଂଯୋଜକ ଆଲୋକ ଭୋଇ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ପ୍ରଧାନାଚାର୍ଯ୍ୟ ଧର୍ମାନନ୍ଦ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଙ୍କୁଳ ପ୍ରମୁଖ କାଶୀନାଥ ବେହେରା ଉପସ୍ଥିତ ଥିଲେ। କର୍ମଶାଳାରେ ବିଦ୍ୟାଳୟରେ କାର୍ଯ୍ୟକ୍ରମଗୁଡ଼ିକର କିପରି ଦାୟିତ୍ୱ ସମ୍ପାଦନ କରିବେ ସେ ବିଷୟରେ ବୁଝାଯାଇଥିଲା।

## ବଇଣ୍ଡାରେ କାର୍ତ୍ତିକେଶ୍ୱର ପୂଜା ଭସାଣି ଉତ୍ସବ



ବଇଣ୍ଡା, ୯ ।୧୧(ସମିସ): ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ବଇଣ୍ଡା ଓ ଶିଶୁମନ୍ଦିର ସାହିରେ ଚାଲିଥିବା କାର୍ତ୍ତିକେଶ୍ୱର ପୂଜାର ଭସାଣି ଉତ୍ସବ ଶୁକ୍ରବାର ରାତିରେ ଅନୁଷ୍ଠିତ ହୋଇଛି। ପ୍ରଭୁ କାର୍ତ୍ତିକେଶ୍ୱରଙ୍କୁ ବିରାଟ ପଟୁଆରରେ ନଗର ପରିକ୍ରମା କରାଯାଇଥିଲା। ବାଜାବାଣ ସହ ଡିଜେ ସାଉଣ୍ଡରେ ଅଞ୍ଚଳ ପ୍ରକମ୍ପିତ ହୋଇଥିଲା। ପରେ ବଇଣ୍ଡା ଚନ୍ଦନ ପୋଖରୀରେ ପ୍ରଭୁଙ୍କୁ ବିସର୍ଜନ କରାଯାଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବଇଣ୍ଡା ଫାଣ୍ଡି ପୁଲିସ ମୁତୟନ ହୋଇଥିଲେ। ଏଥିରେ ପୂଜା କମିଟି ସନ୍ତୋଷ ସାହୁ, ରମେଶ ସାହୁ, ଶୁଭେନ୍ଦୁ ମୋହନ ସାହୁ, ମାନସ ସାହୁ, ଜିତେନ୍ଦ୍ର ବେହେରା, ସଞ୍ଜୟ ସାହୁ, ଗିରୀଶ ଚନ୍ଦ୍ର ବେହେରା, ରମାକାନ୍ତ ବେହେରା, ରବୀନ୍ଦ୍ର ସାହୁ, ପରୀକ୍ଷିତ ସାହୁ, ଜମ୍ବେଶ୍ୱର ସାହୁ ପ୍ରମୁଖ ସହଯୋଗ କରିଥିଲେ।

## କୁକୁର ଝାମ୍ପିନେଲା ଗଞ୍ଜା; ମଉଳିଲା ଛାଡ଼ଖାଇ ସରାଗ

ଅନୁଗୋଳ, ୯ ।୧୧(ସମିସ): କଥାରେ ଅଛି 'ଦାନେ ଦାନେ ପେ ଲିଖା ହୋତା ହୈ ଖାନେ ବାଲେ କା ନାମ୍'। ରବିବାର ଛାଡ଼ଖାଇ ପାଳିବେ ବୋଲି ଅନୁଗୋଳ ଗାର୍ଲ୍ସ ହାଇସ୍କୁଲ ପାଖ ଏକ ସେଲୁନ ମାଲିକ ୫ ଦିନ ହେବ ବଡ଼ ଗଞ୍ଜାଟିଏ କିଣି ସେଲୁନ୍‌ରେ ରଖିଥିଲେ। ରବିବାର ସକାଳୁ କିନ୍ତୁ ସେଲୁନ୍ ଖୋଲିଲା ବେଳକୁ କୁକୁଡ଼ା ଖସି ପଳାଇଥିଲା। କୁକୁଡ଼ାଟି ଉଡ଼ିଯାଇ ଗାର୍ଲ୍ସ ହାଇସ୍କୁଲ ପାଖ ଏକ ଚା' ଦୋକାନ ଆଡ଼କୁ ଦୌଡୁଥିବା ବେଳେ କିଛି ଦେଖଣାହାରୀ ଧରିବା ପାଇଁ କସରତ ମଧ୍ୟ ଆରମ୍ଭ କରିଦେଲେ। କିନ୍ତୁ ଏସବୁ ଭିତରେ ଦୂରରୁ ଦେଖୁଥିବା ଏକ ବୁଲା କୁକୁର ଗଞ୍ଜାକୁ ଝାମ୍ପି ନେଇଥିଲା। ତାକୁ ନେଇ ପାଖ ଡ୍ରେନ ଭିତରେ ଫାଡ଼ି ଖାଇ ଦେଇଥିଲା। ସେଲୁନ ମାଲିକ ଦେଖିଲା ବେଳକୁ ଆଉ କିଛି ନାହିଁ, ଖାଲି ମେଞ୍ଚାଏ ପର।

● ନାଲ୍‌କୋ ଟ୍ରକ୍ ମାଲିକ ସଂଘ ନିର୍ବାଚନ

## ମନୋରଞ୍ଜନ ସଭାପତି, ରାଜୀବ ସମ୍ପାଦକ



ନାଲକୋନଗର, ୯ ।୧୧(ସମିସ): ବଣ୍ଡାରପାଳ ବ୍ଲକ କୁଲାଡ଼ କଲ୍ୟାଣମଣ୍ଡପରେ ରବିବାର ନାଲ୍‌କୋ ଟ୍ରକ୍ ମାଲିକ ସଂଘର ଦ୍ୱିବାର୍ଷିକ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଛି। ସଭାପତି ଭାବେ ମନୋରଞ୍ଜନ ଜେନା, ସମ୍ପାଦକ ରାଜୀବ ଜେନା, ଉପସଭାପତି ତପନ ସାମନ୍ତ ସିଂ, ସହ ସମ୍ପାଦକ ସରୋଜ ଜେନା ଏବଂ କୋଷାଧ୍ୟକ୍ଷ ଭାବେ ପ୍ରକାଶ କୁମାର ଜେନା ନିର୍ବାଚିତ ହୋଇଛନ୍ତି। ମୋଟ ୨୨୭ ଭୋଟରଙ୍କ ମଧ୍ୟରୁ ୨୨୩ ଜଣ ମତଦାନ କରିଥିଲେ। ସକାଳ ୯ଟାରୁ ଭୋଟ ଗ୍ରହଣ ଆରମ୍ଭ ହୋଇ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଚାଲିଥଲା। ସଭାପତି ପଦ ପାଇଁ ଦ୍ୱିପାକ୍ଷିକ ପ୍ରତିଦ୍ୱନ୍ଦ୍ୱିତାରେ ମନୋରଞ୍ଜନ ଜେନା ୧୬୯ ଭୋଟ ପାଇ ବିଜୟୀ ହୋଇଥିବା ବେଳେ ଅଭୟ ସିଂହଙ୍କୁ ୫୩ ଭୋଟ ମିଳିଛି। ସମ୍ପାଦକ ପଦ ପାଇଁ ରାଜୀବ ଜେନା ଓ ବାବୁଲି ସ୍ୱାଇଁଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ରାଜୀବଙ୍କୁ ୧୩୦ ଏବଂ ବାବୁଲିଙ୍କୁ ୯୨ ଭୋଟ ମିଳିଥିଲା। ଉପସଭାପତି ପଦ ପାଇଁ ତପନ ସାମନ୍ତ ସିଂହଙ୍କୁ ୧୨୦ ଭୋଟ ମିଳିଥିବା ବେଳେ ତପନ ଜେନାଙ୍କୁ ୧୦୨ ଭୋଟ ମିଳିଛି। ସହ ସମ୍ପାଦକ ପଦରେ ରାକେଶ ଦେହୁରୀ ୯୧ ଭୋଟ ପାଇଥିଲେ। ନିକଟତମ ପ୍ରତିଦ୍ୱନ୍ଦ୍ୱୀ ସରୋଜ ଜେନା ୧୩୨ ଭୋଟ ପାଇ ବିଜୟୀ ହୋଇଛନ୍ତି। କୋଷାଧ୍ୟକ୍ଷ ପଦ ପାଇଁ ମୁକେଶ ଜେନା ୧୦୭ ଭୋଟ ପାଇ ଥିବାବେଳେ ପ୍ରତିଦ୍ୱନ୍ଦ୍ୱୀ ପ୍ରକାଶ କୁମାର ଜେନା ୧୧୭ ଭୋଟ ପାଇ ବିଜୟୀ ହୋଇଛନ୍ତି। ନିର୍ବାଚନ ଅଧିକାରୀ ଭାବେ ବରିଷ୍ଠ ଆଇନଜୀବୀ ପ୍ରମୋଦ କୁମାର ପ୍ରଧାନ ନିର୍ବାଚନ ପରିଚାଳନା କରିଥିଲେ। ଅସ୍ଥାୟୀ କମିଟି ପକ୍ଷରୁ ସତ୍ୟବ୍ରତ ସ୍ୱାଇଁ, ବ୍ରହ୍ମାନନ୍ଦ ଜେନା, କୃତାର୍ଥ ଗଡ଼ନାୟକ, ବିପ୍ଳବ ଜେନା, ଅଞ୍ଜନ ପ୍ରଧାନ, ତରୁଣ ସ୍ୱାଇଁ ସହଯୋଗ କରିଥିଲେ। ସୁରକ୍ଷା ଦୃଷ୍ଟିରୁ ନାଲକୋ ଥାନା ପକ୍ଷରୁ ପୁଲିସ ମୁତୟନ କରାଯାଇଥିଲା।

# ଟାମଡ଼ାକୁ ଅଲୋଡ଼ା ବିଜୁଙ୍କ ନାମଫଳକ ସ୍ତମ୍ଭ

● କଲୋନୀବାସୀଙ୍କ ପାଇଁ ଉଦ୍ଦିଷ୍ଟ ଚିଲଡ୍ରେନ ପାର୍କ ଜମିରେ ୩୨ ବର୍ଷ ପରେ କରୁଛି ମାର୍କେଟ କମ୍ପ୍ଲେକ୍ସ

ଅନୁଗୋଳ, ୯ ।୧୧(ସମିସ)





ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ନାମରେ ନାମିତ ଅନୁଗୋଳ ବିଜୟ ନଗର କଲୋନୀ ପରବର୍ତ୍ତୀ ସମୟରେ ଟାମଡ଼ା କଲୋନୀ ଭାବେ ଜଣାଶୁଣା ହେଲା। ଏବେ ସେହି କଲୋନୀର ଉଦଘାଟନୀ ନାମଫଳକ ସ୍ତମ୍ଭକୁ ପ୍ରଶାସନ ଉଚ୍ଛେଦ କରିବାକୁ ଯାଉଛି। କ୍ରମବର୍ଦ୍ଧିତ ସହରାଞ୍ଚଳରେ ଲୋକଙ୍କୁ ବାସଗୃହ ଯୋଗାଇ ଦେବାକୁ ଯାଇ ଅନୁଗୋଳ ସହରରେ ୧୯୯୩ରେ ତତ୍କାଳୀନ ସରକାର ନଗର ଉନ୍ନୟନ ବିଭାଗ ଦ୍ୱାରା ଅନୁଗୋଳ ସହରରେ ୭.୯ ଏକର ଜମିରେ ୫ଟି ଆର୍ଥିକ ବର୍ଗର ଲୋକଙ୍କ ପାଇଁ ୨୩୭ଟି ସହରାଞ୍ଚଳ ବ୍ୟବସ୍ଥିତ ବାସଗୃହ ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକୁ ରାଜ୍ୟ ନଗର ଉନ୍ନୟନ ବିଭାଗ ଅଧୀନ ତାଳଚେର-ଅନୁଗୋଳ-ମେରାମଣ୍ଡଳୀ ଉନ୍ନୟନ ଅଥରିଟି (ଟାମଡ଼ା) ସଂସ୍ଥା ଦ୍ୱାରା କରାଯାଇଥିଲା। କଲୋନୀର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ଏବଂ ଉପସ୍ଥିତ ଥିଲେ ନଗର ଉନ୍ନୟନ ମନ୍ତ୍ରୀ ନଳିନୀକାନ୍ତ ମହାନ୍ତି ଓ ସ୍ଥାନୀୟ ବିଧାୟକ ତଥା ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଅଦ୍ୱୈତ ପ୍ରସାଦ ସିଂହ। କଲୋନୀବାସୀଙ୍କ ସୁସ୍ଥ ଜୀବନଯାପନ ପାଇଁ ଅନ୍ୟାନ୍ୟ ବ୍ୟବସ୍ଥା ମଧ୍ୟରେ ୪ଟି ଚିଲଡ୍ରେନ ପାର୍କ ନିର୍ମାଣ ବ୍ୟବସ୍ଥା ଥିଲା। ମାତ୍ର କଲୋନୀର ମଧ୍ୟସ୍ଥଳରେ ଗୋଟିଏ ଚିଲଡ୍ରେନ ପାର୍କ ନିର୍ମାଣ କରିବା ପରେ ଅନ୍ୟଗୁଡ଼ିକ ନିର୍ମାଣ ପାଇଁ ଟାମଡ଼ା କର୍ତ୍ତୃପକ୍ଷ ଭୁଲିଗଲେ। ଇତିମଧ୍ୟରେ କଲୋନୀ ନିର୍ମାଣକୁ ୩୨ବର୍ଷ ବିତିଯାଇଛି। ବାସ ଉପଯୋଗୀ କଲୋନୀର ରୂପରେଖ ବଦଳି ଯାଇଛି। ଏକମହଲା ବିଶିଷ୍ଟ ମୂଳ ଗୃହ ଉପରେ ଅନେକ ଅଟ୍ଟାଳିକା ନିର୍ମାଣ ହେଲାଣି। ବାସ ଉପଯୋଗୀ



ଗୃହ ଏବେ ବ୍ୟବସାୟିକ ଅଟ୍ଟାଳିକାରେ ପରିଣତ ହେଲାଣି। ବିନା ଅନୁମତିରେ ଅନେକ ମଲ୍ଟି ଷ୍ଟୋୟାର ଗୃହ ନିର୍ମାଣ ହୋଇଛି। କଲୋନୀର ଏକ ପ୍ରାନ୍ତରେ ୧୮ ଡିସିମିଲ ଜାଗାରେ ଚିଲଡ୍ରେନ ପାର୍କ ଉଦ୍ଦେଶ୍ୟରେ ଥିବା ଖାଲି ସ୍ଥାନରେ ଉଦଘାଟନୀ ନାମ ଫଳକ ଯାହା ଆଜିବି ପ୍ରତୀୟମାନ ହେଉଛି। ସେ ସ୍ଥାନରେ ପାର୍କ ନିର୍ମାଣ କରିବାରେ କଲୋନୀବାସୀଙ୍କୁ ନିରାଶ କରାଗଲା। ସେଠାରେ ଆଉ ଉଦ୍ୟାନ ନିର୍ମାଣ ହୋଇପାରିନାହିଁ। ଦୀର୍ଘ ବର୍ଷ ଧରି ଏହା ଲଟାବୁଦାରେ ପରିପୂର୍ଣ୍ଣ ହୋଇ ରହିଥିଲା। ଓଡ଼ିଶାର ପ୍ରବାଦପୁରୁଷ ପୂର୍ବତନ ମୁଖ୍ୟମନ୍ତ୍ରୀ ଏବଂ ଅନ୍ୟ ଦୁଇ ଦିବଂଗତ ମନ୍ତ୍ରୀ ଦ୍ୱୟଙ୍କ ନାମନିଶାନକୁ ହଟାଇଦେବାକୁ ଟାମଡ଼ା କର୍ତ୍ତୃପକ୍ଷ ନାମ ଫଳକୁ ହଟାଇ ସେଠାରେ ଦୋକାନ ଗୃହ ନିର୍ମାଣ କରିବାକୁ ଯାଉଛନ୍ତି। ଇଟା, ବାଲି, ଗୋଡ଼ି, ଜମା ହେଲାଣି। ଏହା ଦେଖି ଅଞ୍ଚଳବାସୀ ଏବଂ ବିଜୁପ୍ରେମୀ ଉଦବେଗ ପ୍ରକାଶ କରୁଛନ୍ତି। ଏହି କଲୋନୀରେ ବ୍ୟବସାୟିକ ପେଷ୍ଟ ହେଲାଣି। ଲଜିଂ, ରେଷ୍ଟୁରାଣ୍ଟ, ଟିଉସନ ସେଣ୍ଟର, କ୍ଲିନିକ, ପାଥୋଲାବ, ତେଜରାତି, ପାନଦୋକାନ ପ୍ରଭୃତି ଖୋଲିଛି। ପଇସାବାଲା ଲୋକେ ବାସଗୃହ ପାଇଁ ଟାମଡ଼ାଠୁ ଘର ଆଣି ନିୟମ ଉଲ୍ଲଙ୍ଘନ କରି ଏମିତି ବ୍ୟବସାୟ ଉଦ୍ଦେଶ୍ୟରେ ଲଗାଉଛନ୍ତି। ସହର ଉନ୍ନୟନ କାର୍ଯ୍ୟ ନିର୍ବାହ କରୁଥିବା ଖୋଦ ଟାମଡ଼ା ନିଜ କଲୋନୀରେ ଆଇନ ଉଲ୍ଲଙ୍ଘନକାରୀଙ୍କୁ ଘଣ୍ଟ ଘୋଡ଼ାଉଛି। ଅପରପକ୍ଷରେ ବର୍ଦ୍ଧିତ ସହରାଞ୍ଚଳରେ ସାଧାରଣ ଲୋକଙ୍କ ଉପରେ ଜୁଲମ କରୁଛି। ନୂତନ ଗୃହ ନିର୍ମାଣକାରୀଙ୍କ ଉପରେ ନାନା ପ୍ରକାର ଟିକସ ଆଦାୟ କରି ଶୋଷଣ କରୁଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି।

## ତେଣ୍ଟୁଲେଇ ଗ୍ରାମରେ କାର୍ତ୍ତିକେଶ୍ୱର ପୂଜା



ଅନୁଗୋଳ, ୯ ।୧୧(ସମିସ): ତେଣ୍ଟୁଲେଇ ଗ୍ରାମରେ କାର୍ତ୍ତିକେଶ୍ୱର ପୂଜା ଅନୁଷ୍ଠିତ ହୋଇଛି। ପୂଜାର ଅନ୍ତିମ ଦିନରେ ମୁଖ୍ୟଅତିଥି ଭାବେ ଯୁବନେତା ତଥା ଆଇନଜୀବୀ ରାଜେଶ ଦାସ ଯୋଗଦେଇ ଲଡୁ ନିଲାମ କାର୍ଯ୍ୟକ୍ରମର ବିଜେତା ଜଗଦୀଶ ଦାସଙ୍କୁ ଆଜ୍ଞାଲଡୁ ପ୍ରଦାନ କରିଥିଲେ। ଲଡୁ ୮୧ ହଜାର ଟଙ୍କାରେ ନିଲାମ ହୋଇଥିଲା। ବ୍ରଦର୍ସ କ୍ଲବ ସଭାପତି ଜତୀଶ ପଟ୍ଟନାୟକ, ସମ୍ପାଦକ ରିଙ୍କୁ ଦାସ, ଟେଣ୍ଟୁଲେଇ ସରପଞ୍ଚ, ଜିଲ୍ଲା ପରିଷଦ ସଭ୍ୟ, ଗ୍ରାମ ସଭାପତି ପ୍ରତାପ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସୁଜିତ ପଟ୍ଟନାୟକ, ନୀତୀଶ ଦାସ, କାହ୍ନୁ ଦାସ, କୁଲୁ ପଟ୍ଟନାୟକ, ଦିବେଶ ଦାସ ପ୍ରମୁଖ ସହଯୋଗ କରିଥିଲେ।

## ଜାତୀୟ ଆଇନସେବା ଦିବସ ପାଳିତ



ଅନୁଗୋଳ, ୯ ।୧୧(ସମିସ): ଜିଲ୍ଲା ଆଇନସେବା ପ୍ରାଧିକରଣ, ଅନୁଗୋଳର ଅଧ୍ୟକ୍ଷ ତଥା ଜିଲ୍ଲା ଦୌରା ଜଜ ଦାମୋଦର ରଥଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଆଇନସେବା ପ୍ରାଧିକରଣ ତରଫରୁ ଅଙ୍ଗାରବନ୍ଧ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଜାତୀୟ ଆଇନସେବା ଦିବସ ପାଳିତ ହୋଇଛି। ଏହାସହ ଆଇନସେବା ପ୍ରାଧିକରଣ ଅଧିନିୟମ-୧୯୮୭, ଲୋକ ଅଦାଲତ, ମଧ୍ୟସ୍ଥତା, ସ୍ଥାୟୀ ଲୋକ ଅଦାଲତ, ନ୍ୟାୟ ସଂଯୋଗ ଏବଂ ଅଧାରୁ ପାଠ ଛାଡୁଥିବା ପିଲାଙ୍କୁ ତାଲିକାଭୁକ୍ତ କରିବା ସମ୍ପର୍କିତ ସଚେତନ ଶିବିର ଅନୁଷ୍ଠିତ ହୋଇଛି। ଅନୁଗୋଳ ଏସ୍‌ଡିପିଓ ରମାକାନ୍ତ ମହାଳିକ, ଅନୁଗୋଳ ବ୍ଲକ ଶିକ୍ଷା ଅଧିକାରୀ ଅଶୋକ କୁମାର ପ୍ରଧାନ, ଶିଶୁ ମଙ୍ଗଳ କମିଟି ସଦସ୍ୟ କଲ୍ୟାଣ କିଶୋର ମହାନ୍ତ, ଅତିରିକ୍ତ ଶ୍ରମ ଅଧିକାରୀ ଅମିୟ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସମ୍ବିଧାନରେ ସାମାଜିକ ଏବଂ ଆର୍ଥିକ ସ୍ତରରେ ପଛୁଆ ଥିବା ବ୍ୟକ୍ତିଙ୍କୁ ମାଗଣାରେ ଆଇନସେବା ଯୋଗାଇ ଦେବା ବ୍ୟବସ୍ଥା ରହିଛି। ଏହି ସୁବିଧା ଜାତୀୟ, ରାଜ୍ୟ, ଜିଲ୍ଲା ଓ ତାଲୁକ୍ ସ୍ତରରେ କାର୍ଯ୍ୟ କରୁଥିବା ଆଇନସେବା ପ୍ରାଧିକରଣ ଓ କମିଟି ଦ୍ୱାରା ଯୋଗାଇ ଦିଆଯାଏ। ଏହାବ୍ୟତୀତ ଲୋକ ଅଦାଲତ, ମଧ୍ୟସ୍ଥତା ଓ ଆପୋସ ବୁଝାମଣା ପରି ବିକଳ୍ପ ବିବାଦ ସମାଧାନ ସୂତ୍ର ମାଧ୍ୟମରେ ବିଚାରାଧୀନ ଓ ପ୍ରାକ୍ ମକଦ୍ଦମାସ୍ତରୀୟ ବିବାଦର ସହଜ ଓ ସରଳ ସମାଧାନ କରାଯାଏ। ଅନୁଗୋଳ ଜିଲ୍ଲାରେ ଜନ ଉପଯୋଗୀ ସେବା ସମ୍ବନ୍ଧୀୟ ବିବାଦଗୁଡ଼ିକର ସମାଧାନ ଆପୋସ ବୁଝାମଣା ଭିତ୍ତିରେ କରିବା ପାଇଁ ସ୍ଥାୟୀ ଲୋକ ଅଦାଲତ କାର୍ଯ୍ୟ କରୁଛି। ଆଇନସେବା ହିତାଧିକାରୀ ତାଙ୍କ ଆଇନଗତ ସମସ୍ୟା ବିଷୟରେ ମାଗଣାରେ ପରାମର୍ଶ କରିବା ପାଇଁ ନାଲସା ହେଲ୍ପଲାଇନ ନମ୍ବର-୧୫୧୦୦ ସହ ଯୋଗାଯୋଗ କରିପାରିବେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ପ୍ରାଥମିକ ଉଚ୍ଚ ବିଦ୍ୟାଳୟ ସ୍ତରରେ ଅଧାରୁ ପାଠ ଛାଡୁଥିବା ପିଲାଙ୍କୁ ପୁଣି ଥରେ ଫେରାଇ ଆଣିବା ପାଇଁ ଜିଲ୍ଲା ଶିକ୍ଷା ବିଭାଗ ତରଫରୁ ବିଭିନ୍ନ କାର୍ଯ୍ୟକ୍ରମ କରାଯାଉଛି। ଶିକ୍ଷକମାନେ ଘରକୁ ଘର ବୁଲି ପିଲାଙ୍କୁ ପାଠ ପଢ଼ିବା ନିମନ୍ତେ ବିଦ୍ୟାଳୟକୁ ଛାଡ଼ିବାକୁ ବୁଝାଯାଉଛି। ପ୍ରବେଶ ଉତ୍ସବ ଏବଂ ଶିକ୍ଷା ସଚେତନତା ରଥ ମାଧ୍ୟମରେ ଅଭିଭାବକ, ଜନସାଧାରଣ, ବିଦ୍ୟାଳୟ କମିଟି ସଭ୍ୟସଭ୍ୟାମାନଙ୍କୁ ସଚେତନତା କରିବା ସହ ପିଲାମାନଙ୍କୁ ବିଦ୍ୟାଳୟକୁ ଫେରାଇ ଆଣିବାକୁ ଉତ୍ସାହିତ କରାଯାଉଛି ବୋଲି କୁହାଯାଇଥିଲା। କାର୍ଯ୍ୟକ୍ରମରେ ଶ୍ରମିକ କାର୍ଡ ଜରିଆରେ ୪ ଜଣ ମୃତ ପରିବାରଙ୍କୁ ସହାୟତା, ୮ ଜଣଙ୍କୁ ବିବାହ ସହାୟତା, ୧୪ ଜଣଙ୍କୁ ଶ୍ରମିକ କାର୍ଡ ପ୍ରଦାନ କରାଯାଇଥିଲା। ଏଥିରେ ଅଙ୍ଗାରବନ୍ଧ ପଞ୍ଚାୟତର ଶତାଧିକ ଲୋକ ଓ ଜିଲ୍ଲା ଆଇନସେବା ପ୍ରାଧିକରଣର ପାରାଲିଗଲ ସ୍ୱେଚ୍ଛାସେବୀ ଉପସ୍ଥିତ ଥିଲେ। ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ଦାୟିତ୍ୱରେ ଥିବା ଲୋପାମୁଦ୍ରା ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଙ୍ଗାରବନ୍ଧ ସରପଞ୍ଚ ସୁଜାତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଆର୍‌ଏସ୍‌ଏସ୍ ପାଲଲହଡ଼ା ଖଣ୍ଡ ପକ୍ଷରୁ ଯୁବ ସମ୍ମିଳନୀ

ପାଲଲହଡ଼ା, ୯ ।୧୧(ସମିସ): ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍) ଅନୁଗୋଳ ଜିଲ୍ଲା ପାଲଲହଡ଼ା ଖଣ୍ଡ ପକ୍ଷରୁ ଶତାବ୍ଦୀ ବର୍ଷ ପାଳନ ଅବସରରେ ରବିବାର ସ୍ଥାନୀୟ ଶରତ ଚନ୍ଦ୍ର କ୍ଲବରେ ଯୁବ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ପାଲଲହଡ଼ା ଆଇଟିଆଇର ଟ୍ରେନିଂ ଅଫିସର ପବିତ୍ର କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଆର୍‌ଏସ୍‌ଏସ୍ ସହ-ବିଭାଗ କାର୍ଯ୍ୟବାହ ଶଶିକାନ୍ତ ଦାସ ଯୋଗଦେଇ ଭାରତକୁ ଜାଣିବା, ଭାରତକୁ ଆପଣେଇବା ଓ ଭାରତୀୟ ବନିବା ପାଇଁ ସ୍ୱୟଂସେବକମାନଙ୍କୁ ମାର୍ଗଦର୍ଶନ କରିଥିଲେ। କାର୍ଯ୍ୟକ୍ରମରେ ବକ୍ତୃତା, ଦେଶାତ୍ମବୋଧ ସଙ୍ଗୀତ, ଚିତ୍ରାଙ୍କନ ଆଦି ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅପରାହ୍ନରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଜୟଶ୍ରୀ ସାଥୁଆ ଯୋଗଦେଇଥିଲେ। ଓଡ଼ିଶା ପୂର୍ବପ୍ରାନ୍ତର ସହ-ପ୍ରାନ୍ତ କାର୍ଯ୍ୟବାହ ଙ୍ଗ ସୁଦର୍ଶନ ଦାସ ଭାରତବର୍ଷର ଗୌରବ ଗାଥା ଉପରେ ଆଲୋକପାତ କରିଥିଲେ। ଅନୁଗୋଳ ଜିଲ୍ଲା ଶାରୀରିକ ପ୍ରମୁଖ ସଞ୍ଜୀବ ସନ୍ତୋଷ ରାୟ, ପାଲଲହଡ଼ା ଖଣ୍ଡ ସଂଘ ଚାଳକ ସଞ୍ଜୟ କୁମାର ପ୍ରଧାନ, ଖଣ୍ଡ ଶାରୀରିକ ପ୍ରମୁଖ ମଙ୍ଗୁଲୁ ସାହୁ, ଜିଲ୍ଲା ପ୍ରଚାରକ ଅନନ୍ତ ସାହୁ, ବାବୁଲି ସାମଲ, ବେଣୁଧର ସାହୁ, କୁମୁଦ ଦେହୁରୀ, ଆନନ୍ଦ କୁମାର ନନ୍ଦ, ଧର୍ମେନ୍ଦ୍ର ମହାନ୍ତ, ବଳରାମ ପ୍ରଧାନ, ଚିନ୍ତାମଣି ଦଣ୍ଡିଆ, ଅଭିମନ୍ୟୁ ବାରିକ, ପ୍ରକାଶ ସାହୁ, ମନୋରଞ୍ଜନ ଶତପଥୀ ପ୍ରମୁଖ ସହଯୋଗ କରିଥିଲେ।

## ଏନଟିପିସିର ୫୧ତମ ପ୍ରତିଷ୍ଠା ଦିବସ ପାଳନ




କଣିହାଁ, ୯ ।୧୧(ସମିସ): ଅନୁଗୋଳ ଜିଲ୍ଲା କଣିହାଁସ୍ଥିତ ଏନଟିପିସିଠାରେ ଅନୁଷ୍ଠାନର ୫୧ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ଏନଟିପିସି ପ୍ରଶାସନିକ ଭବନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଏନଟିପିସି କାର୍ଯ୍ୟନିର୍ବାହୀ ଅଧିକାରୀ କେ ନରସିଂହ ରେଡ୍ଡୀ ଯୋଗଦେଇ ଅନୁଷ୍ଠାନର ପତାକା ଉତ୍ତୋଳନ ସହ କେକ୍ କାଟି ୫୧ଟି ବେଲୁନ ଉଡ଼ାଇଥିଲେ। ଏଥିସହ ଏନଟିପିସିର ଏହି ଲମ୍ବା ଯାତ୍ରା ଉପରେ ଆଲୋକପାତ କରିଥିଲେ। ଭାରତ ସରକାରଙ୍କ ଶକ୍ତି ମନ୍ତ୍ରଣାଳୟ ନିର୍ଦ୍ଦେଶାବଳୀ ଅନୁଯାୟୀ 'ବନ୍ଦେ ମାତରମ' ରଚନାର ୧୫୦ ବର୍ଷ ପୂର୍ତ୍ତି ପାଳନ କରାଯାଇଥିଲା। ସକାଳେ ଏନଟିପିସି କର୍ମଚାରୀମାନେ ପଦଯାତ୍ରାରେ ସାମିଲ ହେବା ସହ ଚାରାରୋପଣ କରିଥିଲେ। କାର୍ଯ୍ୟକ୍ରମରେ ସିଜିଏମ ଚୌଧୁରୀ ସତ୍ୟରାମ କ୍ରିଷ୍ଣନ, ଜିଏମ୍ ସୁମିତ କୁମାର କୁଣ୍ଡୁ, ସମର୍ପିତା ଦେୱାସୀ, ମାନବ ସମ୍ବଳ ବିଭାଗ ମୁଖ୍ୟ ନବନୀତ କୁମାରଙ୍କ ସମେତ ଏନଟିପିସିର ଅନ୍ୟ ବରିଷ୍ଠ ଅଧିକାରୀ, କର୍ମଚାରୀ, ସିଆଇଏସଏଫ ଶ୍ରମିକ ୟୁନିଅନ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତା ମଧ୍ୟ ଅନୁଷ୍ଠିତ ହୋଇଥିଲା।

BEST OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112

## ରାଜ୍ୟସ୍ତରୀୟ ଚଷା ମହାସମାବେଶ ପ୍ରସ୍ତୁତି ବୈଠକ



କିଶୋରନଗର, ୯ ।୧୧(ସମିସ): ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ବାମୁର ଶିବମନ୍ଦିର ପଡ଼ିଆରେ ରାଜ୍ୟସ୍ତରୀୟ ଚଷା ମହାସମାବେଶର ଚୂଡ଼ାନ୍ତ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଆଠମଲ୍ଲିକ ଉପଖଣ୍ଡସ୍ତରୀୟ ଚଷା ସମାଜ ପକ୍ଷରୁ ଅନୁଷ୍ଠିତ ଏହି ବୈଠକରେ ଉପଖଣ୍ଡର ୪ ପ୍ରଗଣାର ସଭାପତି, ସମ୍ପାଦକ ତଥା ବିଭିନ୍ନ ପୁଞ୍ଜର କର୍ମକର୍ତ୍ତା, ଅନୁଗୋଳ, ତାଳଚେର, ଛେଣ୍ଡିପଦା, ପାଲଲହଡ଼ା, ଦେବଗଡ଼, ନାକଟିଦେଉଳ, ରେଢ଼ାଖୋଲ, ଯୁଯୁମୁରା, ସମ୍ବଲପୁର, ସୋନପୁର, ବୀରମହରାଜପୁର ଅଞ୍ଚଳର କର୍ମକର୍ତ୍ତା ଉପସ୍ଥିତ ଥିଲେ। ବାଇଶିପାଲି ପୁଞ୍ଜ ସଭାପତି ଉପେନ୍ଦ୍ର ପ୍ରଧାନ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଜୟକୃଷ୍ଣ ପ୍ରଧାନ ସଭା ସଂଯୋଜନା କରିଥିବା ବେଳେ ସୁରେନ୍ଦ୍ର ନାରାୟଣ ପ୍ରଧାନ ଆଭିମୁଖ୍ୟ ରଖିଥିଲେ। ବାମୁର ପୁଞ୍ଜ ସଭାପତି ସଚ୍ଚିଦାନନ୍ଦ ପ୍ରଧାନ କାର୍ଯ୍ୟକ୍ରମର ରୂପରେଖ ବର୍ଣ୍ଣନା କରିଥିଲେ। ଦେବରାଜ ପ୍ରଧାନ, ନଳିନୀ ପ୍ରଧାନ, କୃପାସିନ୍ଧୁ ପ୍ରଧାନ, ବବ୍ରୁବାହାନ ପ୍ରଧାନ ଏବଂ ବିଭିନ୍ନ ପ୍ରଗଣାର କର୍ମକର୍ତ୍ତା ସହଯୋଗ କରିଥିଲେ। ଆସନ୍ତା ଡିସେମ୍ବର ୨୮ ତାରିଖ ରାଜ୍ୟସ୍ତରୀୟ ମହାସମାବେଶ ଆୟୋଜନ କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏହି ସମାବେଶରେ ୩୦ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ସମାଗମ ହେବେ ବୋଲି ସଭାପତି ଆଶାବ୍ୟକ୍ତ କରିଛନ୍ତି।

ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନଚୈନଂ କ୍ଳେଦୟନ୍ତ୍ୟାପୋଃ ନ ଶୋଷୟତି ମରୁତଃ ॥
ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ ଇନ୍ଦୁଭୂଷଣ ସାହୁ
ସୁନାରୀପଡା, ତରଭା, ସୋନପୁର
ଆବିର୍ଭାବ: ୦୭.୦୧.୨୦୨୫
ତିରୋଧାନ:୩୦.୧୦.୨୦୨୫( କାର୍ତ୍ତିକ ଶୁକ୍ଳ ନବମୀ)
ଆଜି ଅଶ୍ରୁଳ ନୟନରେ ବିଦାୟ ଦେଉଛୁ ଆମର ପରମ ପୂଜ୍ୟ ପିତା ଓ ଜଣେ ଅମର ଗୁରୁଙ୍କୁ। ଗଣିତ, ବିଜ୍ଞାନର ଧୁରନ୍ଧର ଶିକ୍ଷକ ଭାବେ ଦଶନ୍ଧି ଧରି ଛାତ୍ରଛାତ୍ରୀ ମାନଙ୍କୁ ଶିକ୍ଷାର ଆଲୋକ ଦାନ କରିଥିଲେ;ଅବସର ପରେ ମଧ୍ୟ ଶେଷ ନିଶ୍ୱାସ ପର୍ଯ୍ୟନ୍ତ ନିଜ କର୍ତ୍ତବ୍ୟରୁ ଥକି ନଥିଲେ। ଫୁଟବଲ,ଭଲିବଲ,ବ୍ୟାଡ଼ମିଣ୍ଟନ ଓ କ୍ୟାରେମରେ ଅପରାଜେୟ କୌଶଳୀ ଥିଲେ, ଆପଣ ପରିବାର ପ୍ରତି ଅଗାଧ ସ୍ନେହରେ ଜଣେ ଆଦର୍ଶ ସ୍ୱାମୀ ଓ ପିତା ଥିଲେ। ହେ ପ୍ରିୟ ଗୁରୁ ଆପଣଙ୍କ ସ୍ମୃତି ଚିର ଜାଗ୍ରତ। ଅମର ଆତ୍ମାର ସଦଗତି ପାଇଁ ପ୍ରାର୍ଥନା,ଶାନ୍ତିରେ ରହନ୍ତୁ।
ଶୋକସନ୍ତପ୍ତ
ପତ୍ନୀ ଜାହ୍ନବୀ, ପୁତ୍ର- ସଞ୍ଜିବ, ସନ୍ତୋଷ, ସୁନୀଲ,
ପୁତ୍ରବଧୂ- ଇତିଶ୍ରୀ ,ଦୀପ୍ତି, ଶର୍ମିଷ୍ଠା, ନାତି ନାତୁଣୀ - ରୁଚି, ରିୟା, ରିତିୟୁକା,
ଆହାନା, ଅଙ୍କନା, ରିଦ୍ଧିକ ସାହୁ ପରିବାର ଓ ବନ୍ଧୁବର୍ଗ

# ସମବାୟ ବ୍ୟାଙ୍କ ଶାଖାକୁ ବିଜୁଗୋଳରୁ ଉଠାଇ ନେବାକୁ ଚକ୍ରାନ୍ତ

ମିଶନ ଶକ୍ତି ମହିଳା, କୃଷକ ଓ ଜମାକାରୀଙ୍କ କ୍ଷୋଭ

କଣିହାଁ, ୯ ।୧୧(ସମିସ)

କଣିହାଁ ବ୍ଲକ ଏନଟିପିସି ଟାଉନ ଥାନା ଅଧୀନ ବିଜୁଗୋଳ ଗ୍ରାମରେ ୩୨ ବର୍ଷରୁ ଊର୍ଦ୍ଧ୍ୱ ସମୟ ହେଲା ଅନୁଗୋଳ ସଞ୍ଜୁକ୍ତ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ପରିଚାଳିତ ହୋଇଆସୁଛି। କଣିହାଁ ବ୍ଲକ ଏକ ଖଣି ଓ ଶିଳ୍ପାଞ୍ଚଳ ଯୋଗୁଁ କଣିହାଁ ଟାକୁଆଠାରୁ ଏନଟିପିସି ମୁଖ୍ୟ ବଜାର ରାସ୍ତା ଏବଂ କଣିହାଁ ପଥରମୁଣ୍ଡା ଗ୍ରାମରରୁ ଏନଟିପିସି ତେଲିସିଂହା ଛକ ଦେଇ ଜିଲ୍ଲା ଓ ବିଭିନ୍ନ ଜିଲ୍ଲାରେ ଗଢ଼ି ଉଠିଥିବା କଳକାରଖାନାକୁ କୋଇଲା ଓ ପାଉଁଶ ପରିବହନରେ ସହସ୍ରାଧିକ ଟ୍ରକ ଯୋଗେ ହେଉଛି। କୋଇଲା ଟ୍ରକ ଯୋଗୁଁ ଅନେକ ସମୟରେ ଦୁର୍ଘଟଣା ଘଟି ଅକାଳରେ ଶତାଧିକ ଲୋକଙ୍କ ମୂଲ୍ୟବାନ ଜୀବନ ଚାଲିଯାଉଛି। ଲୋକେ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଆବଶ୍ୟକ ହେଲେ ଭୟରେ କ୍ରୟ କରିବାକୁ ଏନଟିପିସି ବଜାରକୁ ଆସୁନାହାନ୍ତି। ଏଥି ପାଇଁ ଏନଟିପିସି ବଜାରରେ ଦୋକାନ ବଜାରର ବ୍ୟବସାୟ ଠପ ହେଉଛି। ଏଭଳି ସ୍ଥିତିରେ ଅନୁଗୁଳ କେନ୍ଦ୍ରୀୟ ସଞ୍ଜୁକ୍ତ ସମବାୟ ବ୍ୟାଙ୍କ ସହିତ କିଛି ମୁଷ୍ଟିମେୟ ଲୋକ ନିଜ ରାଜନୈତିକ ଫାଇଦା ପାଇଁ ଚକ୍ରାନ୍ତ କରି ବିଜୁଗୋଳଠାରୁ ସେବା ସମବାୟ ବ୍ୟାଙ୍କ କଣିହାଁ ଶାଖାକୁ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ମସୁଧା କରୁଛନ୍ତି। ଏ ନେଇ ଗ୍ରାମାଞ୍ଚଳରୁ ପ୍ରତିନିଧିତ୍ୱ କରୁଥିବା କୃଷକ ନେତା ଓ ସରପଞ୍ଚ, ସମିତି ସଭ୍ୟ ଜିଲ୍ଲାପରିଷଦ ସଭ୍ୟ, ବ୍ଲକ ଅଧ୍ୟକ୍ଷ ପ୍ରମୁଖ ଅନୁଗୋଳ ଜିଲ୍ଲାପାଳଙ୍କୁ ଜଣଶୁଣାଣିରେ ବ୍ୟାଙ୍କ ସ୍ଥାନସ୍ତର ନ କରିବାକୁ ଦାବି ଜଣାଇଥିଲେ। ସେହିପରି ୧୦ଟି ସେବା ସମବାୟ ସମିତିର ପୂର୍ବତନ ଓ ବର୍ତ୍ତମାନର ସଭାପତି ଓ ନିର୍ଦ୍ଦେଶକମାନେ ବିଭାଗୀୟ ମନ୍ତ୍ରୀ, ସଚିବ, ସମବାୟ ସମିତି ଜିଲ୍ଲା ସଭାପତି, ସହକାରୀ ନିବନ୍ଧକ, ସ୍ଥାନୀୟ ବିଧାୟକ, ଢେଙ୍କାନାଳ ସାଂସଦଙ୍କୁ ମଧ୍ୟ ବ୍ୟାଙ୍କ ସ୍ଥାନାନ୍ତର ନ କରିବାକୁ ଦାବି ଜଣାଇଛନ୍ତି। ବ୍ୟାଙ୍କ ଶାଖା ସ୍ଥାନାନ୍ତର ନେଇ ସମବାୟ ବ୍ୟାଙ୍କ ସହିତ ଜଡ଼ିତ ଚାଷୀ, ମିଶନ ଶକ୍ତିର ସଭାପତି ଓ ସମ୍ପାଦିକାମାନଙ୍କ ମଧ୍ୟରେ କ୍ଷୋଭ ପ୍ରକାଶ ପାଇଛି। ଏ ନେଇ କୃଷକ ନେତା, ଜନପ୍ରତିନିଧି, ମିଶନ ଶକ୍ତି ସଂଗଠନ ଓ ଜନସାଧାରଣ ବଡ଼ଧରଣର ଆନ୍ଦୋଳନ କରିବା ପାଇଁ ସଜବାଜ ହେଉଛନ୍ତି। ସ୍ଥାନୀୟ ଅଞ୍ଚଳର ଶଶାଙ୍କ ଶେଖର ପାଣି, ସୁନୀଲ ଅଗ୍ରୱାଲ, ସୁବ୍ରତ ସାହୁ, ନିଖିଳ ସାହୁ, ନିରଞ୍ଜନ ଭୂତିଆ, ବିଶିକେଶନ ମହାନ୍ତି, ଗୋବିନ୍ଦ ଚନ୍ଦ୍ର ମହାନ୍ତି, ସୁରଥ କୁମାର ସାହୁ, ଅନିଲ କୁମାର ଅଗ୍ରୱାଲ, ଭୀମସେନ ମହାପାତ୍ର, ଅନିଲ ଭୂତିଆ, ରଞ୍ଜନ କୁମାର ସାହୁ, ସରପଞ୍ଚ ବୃନ୍ଦାବନ ପ୍ରଧାନ, ଦୁଃଶାସନ ସାହୁ ପ୍ରମୁଖ ବ୍ୟାଙ୍କଙ୍କୁ ବିଜୁଗୋଳଠାରୁ ଅନ୍ୟତ୍ର ସ୍ଥାନାନ୍ତରକୁ ଘୋର ବିରୋଧ କରୁଛନ୍ତି। ଉଚ୍ଚ କର୍ତ୍ତୃପକ୍ଷ ଏହାର ପୁନର୍ବିଚାର ନ କଲେ ଆଗାମୀ ଦିନରେ ବିରାଟ ପ୍ରତିବାଦ କରାଯିବ ବୋଲି ଚେତାବନୀ ଦେଇଛନ୍ତି।

## ପର୍ଯ୍ୟଟନ ଋତୁ ଆରମ୍ଭ; ସଜେଇ ହେଲାଣି ଗଙ୍ଗା ଦେବୀ ପୀଠ

# ବିଦେଶାଗତ ପକ୍ଷୀ କଳରବରେ କମ୍ପୁଛି ହେନ୍ତାଳ ବଣ





ଅସ୍ତରଙ୍ଗ, ୯।୧୧(ସମିସ): ପୁରୀ ଜିଲ୍ଲା ଅସ୍ତରଙ୍ଗ ସମୁଦ୍ର ଉପକୂଳରେ ଥିବା ହେନ୍ତାଳ ଜଙ୍ଗଲ ପାଇଁ ଗଙ୍ଗା ଦେବୀ ନଦୀ ମୁହାଣ ପ୍ରସିଦ୍ଧିଲାଭ କରିଛି। ବର୍ତ୍ତମାନ ଶୀତ ଦିନ ଆରମ୍ଭ ହୋଇଥିବାବେଳେ ଏହି ମୁହାଣ ସଂଲଗ୍ନ ଅଞ୍ଚଳରେ ବିଦେଶାଗତ ପକ୍ଷୀମାନଙ୍କର ସମାଗମ ହେଲାଣି। ସେମାନଙ୍କ କଳରବ ଏହି ମୁହାଣ ଓ କେଲୁଣି ମୁହାଣ ଅଞ୍ଚଳକୁ ବେଶ୍ ଚଳଚଞ୍ଚଳ କରିଦେଇଛି। ଯାହା ପର୍ଯ୍ୟଟକ ଏବଂ ପରିବେଶବିତ୍‌ମାନଙ୍କୁ ବେଶ୍ ଆନନ୍ଦିତ କରୁଛି। ଅନ୍ୟପକ୍ଷେ ଅଧିକ ସଂଖ୍ୟକ ପକ୍ଷୀ ଏଠି ବିଚରଣ କରୁଥିବାରୁ ଜୈବ ବିବିଧତା ପାଇଁ ଶୁଭଙ୍କର ବୋଲି ପରିବେଶ ପ୍ରେମୀମାନେ ପ୍ରକାଶ କରିଛନ୍ତି। ପର୍ଯ୍ୟଟକଙ୍କୁ ବୋଟ୍‌ରେ ନେଇ ହେନ୍ତାଳ ବଣ କଡ଼ରେ ବୋଟିଂର ମଜା ଦେବା ସହିତ ପକ୍ଷୀଙ୍କ କଳରବ, ମୁହାଣ ମୁହଁରେ ନାଲି କଙ୍କଡ଼ା ଦେଖାଇବା ପାଇଁ ଗଙ୍ଗା ଦେବୀ ବୋଟିଂ ସେଣ୍ଟର ସେବା ଯୋଗାଇ ଦେଉଛି। ଓଡ଼ିଶାରେ ଚିଲିକା ହ୍ରଦକୁ ବିଦେଶୀ ପକ୍ଷୀମାନେ ଆସି ଏହାର ସୌନ୍ଦର୍ଯ୍ୟକୁ ବଢ଼ାଇ ଦେଉଚନ୍ତି। ଫଳରେ ପର୍ଯ୍ୟଟକ ଏଠାକୁ ମାଡ଼ି ଆସିବାର ଅନ୍ୟ ଏକ ପ୍ରମୁଖ କାରଣ ବୋଲି ପରିବେଶବିତ୍‌ମାନେ ମତ ଦିଅନ୍ତି। ଏହା ସହିତ ଓଡ଼ିଶାର ଭିତରକନିକା, ଅଂଶୁପା, ହୀରାକୁଦ, ତମ୍ପରା ଓ ସାତକୋଶିଆକୁ ମିଶାଇ ୬ଟି ହ୍ରଦ ରହିଛି। ଏଠାକୁ ଶହ ଶହ ମାଇଲ୍ ଅତିକ୍ରମ କରି ବିଦେଶରୁ ଓଡ଼ିଶାର ଚିଲିକାକୁ ଆଗମନ କରୁଥିବା ବିଦେଶୀ ପକ୍ଷୀଙ୍କ ପାଇଁ ଓଡ଼ିଶାର ହେନ୍ତାଳ ବଣ ବା ଜୁଆରିଆ ଅରଣ୍ୟରେ ପ୍ରଚୁର ଖାଦ୍ୟ, ବାସସ୍ଥାନ ମିଳିଥାଏ। ତେଣୁ ଭିତରକନିକା ସାଙ୍ଗକୁ ବ୍ରାହ୍ମଣୀ, ବୈତରଣୀ, ବୁଢ଼ାବଳଙ୍ଗ ଓ ଦେବୀ ନଦୀ ମୁହାଣରେ ରହିଥିବା ସମୃଦ୍ଧ ହେନ୍ତାଳ ଜଙ୍ଗଲରେ ବିଦେଶୀ ପକ୍ଷୀଙ୍କ ସମାଗମ ଦେଖିବାକୁ ମିଳିଥାଏ। ଏନେଇ ପକ୍ଷୀ ଜୈବ ବିବିଧତା ସଂରକ୍ଷଣ ଦିଗରେ ସ୍ଥାନୀୟ ଅଞ୍ଚଳର ଓଡ଼ିଶା ପର୍ଯ୍ୟାବରଣ ସଂରକ୍ଷଣ ଅଭିଯାନ, ଓଡ଼ିଶା ଲୁଣା ଜଙ୍ଗଲ ସ୍ୱଚ୍ଛତା ଅଭିଯାନ, ସ୍ଥାନୀୟ ବିଭିନ୍ନ ମତ୍ସ୍ୟଜୀବୀ ଗ୍ରାମର ସଚେତନ ମହିଳା, ଲୋକ ପ୍ରତିନିଧିଙ୍କ ଲଗାତାର ପ୍ରୟାସ ଜାରି ରହିଛି। ଯାହାଫଳରେ ଅସ୍ତରଙ୍ଗ ଅଞ୍ଚଳରେ ପଶୁପକ୍ଷୀଙ୍କ ପରିସଂସ୍ଥାନ ସମୃଦ୍ଧ ହେବାରେ ଲାଗିଛି।

## ପାର୍କିଂ ଫି' ଆଦାୟକୁ ନେଇ କଟୁରୀ ଚୋଟ



କାକଟପୁର, ୯।୧୧(ସମିସ): ପାର୍କିଂ ଫି' ଆଦାୟକୁ ନେଇ ପୁରୀ ଜିଲ୍ଲା କାକଟପୁର ଥାନା ଅଧୀନସ୍ଥ ମା' ମଙ୍ଗଳାଙ୍କ ପାର୍କିଂ ପଡ଼ିଆଠାରେ ଜଣେ ଯୁବକର କଟୁରୀ ଚୋଟରେ କାକଟପୁର ସେବକ ସାହିର ପୀତବାସ ଦୀକ୍ଷିତ ଗୁରୁତର ହୋଇଛନ୍ତି। ତାଙ୍କୁ କାକଟପୁର ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ନିଆଯାଇଥିଲା। ସେଠାରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି।

ସୂଚନା ଥାଉକି, ରବିବାର ଅପରାହ୍ଣ ୨ଟା ସମୟରେ ପୀତବାସ ପାର୍କିଂ ପଡ଼ିଆଠାରେ ପାର୍କିଂ ଫି' ଆଦାୟ କରୁଥିବା ସମୟରେ ଅସ୍ତରଙ୍ଗ ଥାନା ଅଧୀନସ୍ଥ ନାନପୁର ଗ୍ରାମର ରଞ୍ଜିତ ବିଶ୍ୱାଳ ଏକ ପଲ୍‌ସର ବାଇକ୍‌ରେ ଆସି ଜୋର୍‌ଜବରଦସ୍ତ ପାର୍କିଂ ଫି' ଆଦାୟ କରୁଥିଲେ। ଏଥିରେ ପୀତବାସ ବିରୋଧ କରିବାରେ ଅଭିଯୁକ୍ତ ଏକ କଟୁରୀ ବାହାର କରି ପୀତବାସଙ୍କ ମୁଣ୍ଡ ପଛକୁ ଏକ ଶକ୍ତ ଚୋଟ ଦେଇଥିଲେ। ଏଥିରେ ଗୁରୁତର ହୋଇ ପୀତବାସ ଚିତ୍କାର କରି ତଳେ ପଡ଼ିଯିବା ପରେ ତାଙ୍କ ନିକଟରେ ଥିବା ୪୦ ହଜାର ଟଙ୍କା ଅଭିଯୁକ୍ତ ରଞ୍ଜିତ ନେଇ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିଲା। ସ୍ଥାନୀୟ ଲୋକେ ପହଞ୍ଚି ଗୁରୁତର ଅବସ୍ଥାରେ ପୀତବାସଙ୍କୁ ନିକଟସ୍ଥ କାକଟପୁର ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଯାଇଥିଲେ। ଘଟଣା ସମ୍ପର୍କରେ ପରିବାର ପକ୍ଷରୁ କାକଟପୁର ଥାନାରେ ଲିଖିତ ଅଭିଯୋଗ ହେବା ପରେ ଏକ ମାମଲା ରୁଜୁ କରାଯାଇ ଆଇଆଇସି ବସନ୍ତ ସାହୁଙ୍କ ନେତୃତ୍ୱରେ ଏକ ଟିମ୍ ଅଭିଯୁକ୍ତକୁ ଗିରଫ ପାଇଁ ବିଭିନ୍ନ ସ୍ଥାନରେ ଚଢ଼ଉ କରି ଛାନ୍‌ଭିନ୍ କରିଛି। ଏଠାରେ ପ୍ରକାଶ ଥାଉକି, ଅଭିଯୁକ୍ତ ରଞ୍ଜିତ ପୂର୍ବରୁ ଉକ୍ତ ପାର୍କିଂ ଫି' ଆଦାୟ ପାଇଁ ନିୟୋଜିତ ଥିଲା। ସେ ସମୟରେ ପାର୍କିଂ ଟଙ୍କାର ହିସାବ ଦେଇ ନ ପାରିବାରୁ ତାକୁ ଉକ୍ତ କାର୍ଯ୍ୟରୁ ବହିଷ୍କାର କରାଯାଇଥିଲା। ସେହି ରାଗ ରଖି ରଞ୍ଜିତ ଏଭଳି କାଣ୍ଡ ଘଟାଇଥିବା କୁହାଯାଉଛି।

## ନିଶା କବଳରେ କାକଟପୁରର ଶତାଧିକ ଯୁବକ

କାକଟପୁର, ୯।୧୧(ସମିସ): କାକଟପୁର ଅଞ୍ଚଳର ଯୁବ ସମାଜ ଏବେ ଦ୍ରୁତ ଭାବରେ ନିଶାର ଗହ୍ୱରରେ ପଡୁଛନ୍ତି। ମଦ, ଗଞ୍ଜେଇ ଓ ବ୍ରାଉନ୍‌ସୁଗରର ଅଭ୍ୟାସରେ ଶହ ଶହ ଯୁବକ ନଷ୍ଟ ହେଉଥିବା ସହ ପରିବାର ମଧ ଭାଙ୍ଗି ପଡୁଥିବା ଦେଖିବାକୁ ମିଳୁଛି। ଅଞ୍ଚଳରେ ନିଶା ମାଫିଆଙ୍କ ବ୍ୟବସାୟ ଭୟଙ୍କର ଭାବରେ ବଢ଼ିବାରୁ ସାମାଜିକ ଶୃଙ୍ଖଳା ଧସିଯାଉଛି। ନିଶା ସେବନରୁ କାକଟପୁରର ଯୁବଗୋଷ୍ଠୀ ଏବେ ସଂକଟରେ। ନିଶାର ପ୍ରସାର ଯୋଗୁଁ ଅଞ୍ଚଳର ପ୍ରଥମ ଶିକାର ହେଉଛନ୍ତି ବେରୋଜଗାର ଓ ନିରାଶାଗ୍ରସ୍ତ ଯୁବକମାନେ। ଏମାନେ ପ୍ରଥମେ ସାଙ୍ଗମାନଙ୍କ ବାଟଚାଳିରେ ଗଞ୍ଜେଇ/ମଦ ସେବନ ଆରମ୍ଭ କରନ୍ତି। ପରେ ବ୍ରାଉନ୍‌ସୁଗର ଭଳି ଘାତକ ନିଶାକୁ ଆଶ୍ରୟ କରନ୍ତି। ଗୃହସ୍ଥ ଖର୍ଚ୍ଚ, ବାପାମାନଙ୍କ ସର୍ବସ୍ୱ ବିକି ଦୈନିକ ନିଶା ଦ୍ରବ୍ୟ କିଣିବା ପାଇଁ ଚୋରି, ଲୁଟ୍, ବାପା-ମାଆଙ୍କୁ ମାଡ଼ ପର୍ଯ୍ୟନ୍ତ ଘଟଣା ଦେଖିବାକୁ ମିଳୁଛି। ବାପା-ମାଆଙ୍କ ପାଇଁ ଲଜ୍ଜା ଓ ଅସହାୟତା ମହିଳା ଓ ଶିଶୁଙ୍କ ଭବିଷ୍ୟତ ଅନିଶ୍ଚିତତାରେ ପହଞ୍ଚିଲାଣି। ଶତାଧିକ ପରିବାର ଏହି ସମସ୍ୟାରୁ ସର୍ବଶ୍ୱାନ୍ତ, ଅର୍ଥହୀନ ଓ ମାନସିକ ଭାବେ ଭାଙ୍ଗିପଡ଼ିଛନ୍ତି। ନିଶା କାରବାର ଓ ନିଶା ସେବନ ଅଭ୍ୟାସ ବୃଦ୍ଧି ଯୋଗୁଁ ଦିନକୁ ଦିନ କାକଟପୁର ଅଞ୍ଚଳରେ ଅପରାଧ ବୃଦ୍ଧି, ନିଶା ଆଡ଼କୁ ଯୁବକମାନେ ଆକର୍ଷିତ ହେବା ଯୋଗୁଁ ସାଧାରଣରେ ଅପରାଧ ବଢ଼ିବାର ଆଶଙ୍କା ଲାଗିଛି।ନିଶା ଅଭ୍ୟାସକୁ ବଳବତ୍ତର ରଖିବା ପାଇଁ ଯୁବକମାନେ ମୋବାଇଲ୍ ଚୋରି, ବାଇକ୍ ଚୋରି, ରାସ୍ତାରୁ ସୋଲାର ଲାଇଟ୍ ଚୋରି, ସ୍କୁଲରୁ ପାଣି ମଟର, ଫ୍ୟାନ୍ ଆଦି ଚୋରିକୁ ଜୀବିକାରେ ପରିଣତ କରିସାରିଥିବା ଦେଖିବାକୁ ମିଳୁଛି। ଏସବୁ ଘଟଣା ଦିନକୁ ଦିନ ବଢୁଛି। ସରକାରୀ ଓ ଚୋରା ମଦ ଦୋକାନ କରି ଗାଁ ଗହଳିରେ ଖୁଲମ୍‌ଖୁଲା ଗଞ୍ଜେଇ ଓ ବ୍ରାଉନ୍‌ସୁଗର ବେପାର ଚାଲିଛି। କିଛି ଅସାଧୁ ବ୍ୟକ୍ତି, ଦଲାଲ ଓ ସଂଯୋଗୀମାନେ ବ୍ୟବସାୟକୁ ସୁରକ୍ଷା ଦେଉଛନ୍ତି। ଯୁବକମାନେ ବହୁତ ସହଜରେ ନିଶା ମିଳୁଥିବାରୁ ଦୈନିକ ସେବନ ଅଭ୍ୟାସରେ ପଡୁଛନ୍ତି। ସ୍ପେଶାଲ୍ ପୁଲିସ୍ ଚଢ଼ଉ କରାଯାଇ ଉକ୍ତ ବେପାରକୁ ଧ୍ୱଂସ କରିବାକୁ ସାଧାରଣରେ ଦାବି ହେଉଛି।

## ଚୋରି ବାଇକ୍ ଜବତ; ଯୁବକ ଗିରଫ

କଣାସ, ୯।୧୧(ସମିସ): କଣାସ ଥାନା ନୂଆ ଜଗନ୍ନାଥ ସଡ଼କ ଜଙ୍କିଆ ଛକରେ ଗତ ଶୁକ୍ରବାର ସନ୍ଧ୍ୟାରେ ଚିନ୍ତାମଣୀ ରାଉଳ ନାମକ ଜଣେ ବ୍ୟକ୍ତି ନିଜ ବାଇକ୍‌ରେ କଣାସଠାରୁ ଗଡ଼ିଶାଗୋଦା ଯାଉଥିବାବେଳେ ଜଙ୍କିଆ ଛକରେ ଜଙ୍କିଆ ଗ୍ରାମର ସର୍ବେଶ୍ୱର ମଲ୍ଲିକ ନାମକ ଜଣେ ବ୍ୟକ୍ତି ତାଙ୍କୁ ମାଡ଼ମାରି ତାଙ୍କ ବାଇକ୍‌ଟିକୁ ଛଡ଼ାଇ ନେଇଯାଇଥିଲେ। ଏ ନେଇ ଚିନ୍ତାମଣି କଣାସ ଥାନାରେ ଅଭିଯୋଗ କରିବା ପରେ ଥାନା ଆଇଆଇସି ପ୍ରଶନ୍ନ କୁମାର ନାୟକ କଣାସ ଥାନା କେସ୍ ନମ୍ବର ୨୬୧/୨୦୨୫ରେ ଏକ ମାମଲା ରୁଜୁ କରି ତଦନ୍ତ କରୁଥିଲେ। ପରେ ଅଭିଯୁକ୍ତ ଜଣକ ସଦର ଥାନା ଅଞ୍ଚଳରେ ବାଇକ୍‌ଟିକୁ ବିକ୍ରି କରିବାକୁ ଉଦ୍ୟମ କରୁଥିବାବେଳେ ବାଇକ୍ ଜବତ କରିବା ସହିତ ସର୍ବେଶ୍ୱରକୁ ଗିରଫ କରି କୋର୍ଟଚାଲଣ କରିଛନ୍ତି।

## ବାଙ୍ଗୁରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର

# ବିଶେଷଜ୍ଞ ଡାକ୍ତର ନ ଥିବାରୁ ଚିକିତ୍ସା ସେବା ପ୍ରଭାବିତ

କାକଟପୁର, ୯।୧୧(ସମିସ): ବାଙ୍ଗୁରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର (ସିଏଚ୍‌ସି)ରେ ନିୟମ ଅନୁଯାୟୀ ୪ ଜଣ ବିଶେଷଜ୍ଞ ଡାକ୍ତର ଯଥା- ଭେଷଜ, ସ୍ତ୍ରୀ ଓ ପ୍ରସୂତି, ସର୍ଜରୀ ଓ ଶିଶୁରୋଗ ବିଶେଷଜ୍ଞ ରହିବା ଦରକାର। କିନ୍ତୁ ବାସ୍ତବରେ ଜଣେ ହେଲେ ବିଶେଷଜ୍ଞ ଡାକ୍ତର ମଧ ନାହାନ୍ତି। ଫଳରେ ଚିକିତ୍ସାସେବା ଗୁରୁତର ଭାବେ ପ୍ରଭାବିତ ହେଉଛି। ମାତ୍ର ୫ ଜଣ ଏମ୍‌ବିବିଏସ୍ ଡାକ୍ତର ପାଳି ସିଷ୍ଟମ୍‌ରେ ଚଳାଇଛନ୍ତି ସମ୍ପୂର୍ଣ୍ଣ ଚିକିତ୍ସା ସେବା। ବିଶେଷଜ୍ଞ ନ ଥିବାରୁ ଉଚ୍ଚ ଜଟିଳ ରୋଗ ଭୁବନେଶ୍ୱର କିମ୍ବା ପୁରୀକୁ ସ୍ଥାନାନ୍ତର କରାଯାଉଛି। ପ୍ରସବରୁ ଆରମ୍ଭ କରି ସର୍ଜରୀ ପର୍ଯ୍ୟନ୍ତ ସମସ୍ତ କେସ୍ ନିକଟସ୍ଥ ବଡ଼ ହସ୍ପିଟାଲକୁ ପଠାଯାଉଛି। କମ୍ ଜନ୍ମ ଶିଶୁ, ଆପାତ୍‌କାଳୀନ ହୃଦ୍‌ରୋଗ, ଗୁରୁତର ଜ୍ୱର, ଦୁର୍ଘଟଣା ସବୁରେ ସମୟ ନଷ୍ଟ ହେଉଛି। ଗରିବ ଲୋକଙ୍କ ଯାତାୟାତ ଓ ଖର୍ଚ୍ଚ ବହୁଗୁଣ ବଢ଼ିଯାଉଛି। ଗରିବ ଓ ଗ୍ରାମୀଣ ଲାଭକାରୀଙ୍କ ଉପରେ ଏହାର ଅଧିକ ପ୍ରଭାବ ପଡୁଛି। ବାଙ୍ଗୁରିଗାଁ ସିଏଚ୍‌ସି ଉପରେ କାକଟପୁର ଓ ନିକଟସ୍ଥ ପ୍ରାୟ ୧୬ଟି ପଞ୍ଚାୟତର ୧୦୪ ରାଜସ୍ୱ ଗ୍ରାମର ଲୋକ ଚିକିତ୍ସା ନିମନ୍ତେ ନିର୍ଭର କରୁଛନ୍ତି। ବିଶେଷଜ୍ଞ ଡାକ୍ତର ନିଯୁକ୍ତି ନ ଥିବାରୁ ଗ୍ରାମୀଣ ଲୋକ ଆଶା, ଏଏନ୍‌ଏମ୍ ମାଧ୍ୟମରେ ପର୍ଯ୍ୟାୟକ୍ରମେ ବାହାରକୁ ପଠାଯାଉଛି। ଡେଲିଭରୀ କେସ୍‌ରେ ବିପଦ ବଢ଼ିଯାଉଛି। ବୃଦ୍ଧ ଓ ଗୁରୁତର ରୋଗୀଙ୍କ ପାଇଁ ଉଚିତ୍ ସମୟରେ ଚିକିତ୍ସା ମିଳୁନାହିଁ। ଏନେଇ ପୂର୍ବରୁ ଅନେକ ଅଭିଯୋଗ ହୋଇଥିଲେ ମଧ ଅଦ୍ୟାବଧି ସମାଧାନର ନାଁ ନାହିଁ। ସ୍ଥାନୀୟ ଲୋକ, ସମିତିସଭ୍ୟ, ସରପଞ୍ଚ, ସମାଜସେବୀମାନେ ଅନେକଥର ଅଭିଯୋଗ ଦେଇଥିଲେ ମଧ ବିଶେଷଜ୍ଞ ଡାକ୍ତର ନିଯୁକ୍ତି ହୋଇପାରୁ ନାହିଁ। ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଅନ୍ୟ ସିଏଚ୍‌ସି ବା ଏସ୍‌ଡିଏସ୍‌ସିକୁ ଗୁରୁତ୍ୱ ଦେଉଥିବାବେଳେ ବାଙ୍ଗୁରିଗାଁ ଡାକ୍ତଖାନାକୁ କାହିଁକି ଗୁରୁତ୍ୱ ଦିଆଯାଉନାହିଁ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେବେ ତୁରନ୍ତ ଏଠାରେ ୪ ଜଣ ବିଶେଷଜ୍ଞ ନିଯୁକ୍ତି ଦେବା ସହ ଅଧିକ ପାରାମେଡିକାଲ୍ ଷ୍ଟାଫ୍ ନିଯୁକ୍ତି ଦିଆଯାଇ ୨୪ ଘଣ୍ଟିଆ ଏମର୍ଜେନ୍ସି ସେବାକୁ ଶକ୍ତିଶାଳୀ କରିବାକୁ ଦାବି କରାଯାଇଛି। ଏଥିସହ ରକ୍ତ ପରୀକ୍ଷା ଓ ଅଲ୍‌ଟ୍ରା ସାଉଣ୍ଡ ସେଣ୍ଟର ପ୍ରତିଷ୍ଠା ସହିତ ସ୍ୱାସ୍ଥ୍ୟ ବିଭାଗର ନିୟମିତ ତଦାରଖ ସଂଗ୍ରହ କରାଯାଉ ବୋଲି ଦାବି ହୋଇଛି।

## ପଞ୍ଚମ ଶ୍ରେଣୀ ମେଧାବୃତ୍ତି ପରୀକ୍ଷା: ପ୍ରତୀକ୍ଷା ଟପ୍ପର୍



ବଳଙ୍ଗା, ୯।୧୧(ସମିସ): ପଞ୍ଚମ ଶ୍ରେଣୀ ମେଧାବୃତ୍ତି ପରୀକ୍ଷାରେ ଓଡ଼ିଶାରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି ବାଲିଘାଇ ସରସ୍ୱତୀ ଶିଶୁ ମନ୍ଦିରର ଛାତ୍ରୀ ପ୍ରତୀକ୍ଷା ବେହେରା। ଉଚ୍ଛୁପୁର ପଞ୍ଚାୟତ ଅନ୍ତର୍ଗତ ଉଚ୍ଛୁପୁର ଗ୍ରାମର ଗନ୍ଧର୍ବ ବେହେରା ଓ ଗୀତାଞ୍ଜଳି ମହାଭୋଇଙ୍କ ଝିଅ ହେଲେ ପ୍ରତୀକ୍ଷା। ନବୋଦୟ ପରୀକ୍ଷାରେ ପୁରୀ ଜିଲ୍ଲାରେ ସେ ଦଶମ ସ୍ଥାନ ଅଧିକାର କରିଥିଲେ ଏବଂ ଆଦର୍ଶ ବିଦ୍ୟାଳୟ ପରୀକ୍ଷାରେ ନିମାପଡ଼ା ବ୍ଲକ୍‌ରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ଭୁବନେଶ୍ୱର ଜୟଦେବ ଭବନଠାରେ ରାଜ୍ୟ ସରକାରଙ୍କ ତରଫରୁ ତାଙ୍କୁ ମାନପତ୍ର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଛି। ପ୍ରତୀକ୍ଷାଙ୍କ ଅଜା ଆର୍ତ୍ତତ୍ରାଣ ମହାଭୋଇ ଓ ଆଈ ପ୍ରମିଳା ମହାଭୋଇ ନାତୁଣୀର ପାରଦର୍ଶିତା ଲାଭ କରିଥିବା ଜାଣି ଆଶୀର୍ବାଦ କରିବା ସହିତ ଅଞ୍ଚଳବାସୀ ବେଶ୍ ପ୍ରଶଂସା କରିଛନ୍ତି।

## ଅନ୍ଧାରରେ ପିପିଲି ସହରର ମୁଖ୍ୟ ରାସ୍ତା



ପିପିଲି, ୯।୧୧(ସମିସ): ଦୀର୍ଘ ଦିନ ହେବ ଅନ୍ଧାରରେ ରହୁଛି ପିପିଲି ସହରର ମୁଖ୍ୟ ରାସ୍ତା। ଏଥିପ୍ରତି କାହାର ନିଘା ନାହିଁ। ରାସ୍ତାର ଦୁଇ ପାଶ୍ୱର୍ରେ ଲାଗିଥିବା ଷ୍ଟ୍ରିଟ୍ ଲାଇଟ୍‌ଗୁଡ଼ିକ ଜଳୁ ନ ଥିବା ଦେଖାଦେଇଛି। ପ୍ରତିଦିନ ଏହି ଚାନ୍ଦୁଆ ସହରକୁ ରାଜ୍ୟ ଓ ରାଜ୍ୟ ବାହାରୁ ଶହ ଶହ ପର୍ଯ୍ୟଟକ ଚାନ୍ଦୁଆ କିଣିବାକୁ ଆସୁଥିବାବେଳେ ସେମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ରାସ୍ତାର ଦୁଇ ପାର୍ଶ୍ୱରେ ମାଳମାଳ ବିଦ୍ୟୁତ୍ ଖୁଣ୍ଟ ରହିଛି। ମାତ୍ର ସେଥିମଧ୍ୟରୁ ଅନେକ ଅଚଳ ଅବସ୍ଥାରେ ରହିଛି। ବିଶେଷ କରି ପିପିଲି ବ୍ଲକ୍ ଛକଠାରୁ ଆରମ୍ଭ କରି ମେଡିକାଲଛକ, ଡେଲ୍‌ଟାଛକ, ହାଟଛକ ପର୍ଯ୍ୟନ୍ତ ରାସ୍ତାଟି ଅନେକ ସମୟରେ ଅନ୍ଧାରରେ ରହୁଛି। ଏହା ଦ୍ୱାରା ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଛି। ଖୁବ୍‌ଶୀଘ୍ର ଏହି ଷ୍ଟ୍ରିଟ୍ ଲାଇଟ୍‌ଗୁଡ଼ିକୁ କାର୍ଯ୍ୟକ୍ଷମ କରିବାକୁ ପିପିଲି ଏନ୍‌ଏସି କର୍ତ୍ତୃପକ୍ଷଙ୍କୁ ଅଞ୍ଚଳର ବରିଷ୍ଠ ନାଗରିକମାନେ ଅନୁରୋଧ କରିଛନ୍ତି।

## ବୃଦ୍ଧାଙ୍କୁ ଅସଦାଚରଣ ଅଭିଯୋଗରେ ଗିରଫ

କଣାସ, ୯।୧୧(ସମିସ): କଣାସ ପଞ୍ଚାୟତ ପୋତାଘର ଗ୍ରାମର ଜଣେ ୬୫ ବର୍ଷୀୟା ବୃଦ୍ଧାଙ୍କୁ ଅସଦାଚରଣ କରାଯାଇଥିବା ନେଇ କଣାସ ଥାନାରେ ଅଭିଯୋଗ ହୋଇଛି। ସେହି ଗ୍ରାମର ଜଣେ ଯୁବକ ସନ୍ଧ୍ୟା ସାଢ଼େ ୬ଟାରେ ତାଙ୍କ ଘରେ ପଶି ଅସଦାଚରଣ କରିବା ସହିତ ଟଣାଓଟରା କରିବାବେଳେ ସେ ଡାକ ପକାଇବାରୁ ଯୁବକ ଜଣକ ଖସି ପଳାଇଥିଲେ। ବୃଦ୍ଧା ଜଣକ କଣାସ ଥାନାରେ ଏକ ଲିଖିତ ଅଭିଯୋଗ କରିବା ପରେ କଣାସ ଥାନା ଆଇଆଇସି ପ୍ରଶନ୍ନ କୁମାର ନାୟକ କଣାସ ଥାନାରେ ମାମଲା ରୁଜୁ କରି ତଦନ୍ତ କରିବା ସହିତ ୬ ଘଣ୍ଟା ଭିତରେ ଆସାମୀ ମନୋଜ ମହାନ୍ତି (୪୨)ଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ଆଇଆଇସି ଶ୍ରୀ ନୟକଙ୍କଠାରୁ ପ୍ରକାଶ।

## ଦୁଇ ବାଇକ୍‌କୁ ପିଟିଲା କାର୍; ୪ ଆହତ

ସାକ୍ଷୀଗୋପାଳ, ୯।୧୧(ସମିସ): ସତ୍ୟବାଦୀ ଥାନା ଅନ୍ତର୍ଗତ ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥର କାଦୁଆ ଛକ ପେଟ୍ରୋଲ ପମ୍ପ ସମ୍ମୁଖରେ ଶନିବାର ରାତି ପ୍ରାୟ ୧ଟା ସମୟରେ କାର୍ ଓ ବାଇକ୍ ଦୁର୍ଘଟଣାଗ୍ରସ୍ତ ହୋଇ ୪ଜଣ ଆହତ ହୋଇଛନ୍ତି। ଆହତଦ୍ୱୟ ହେଲେ ବିକାଶ ସାହୁ (୨୯) ଓ କୁଶିଆ ପ୍ରଧାନ (୩୦)। ବାଲିଯାତ୍ରା ଦେଖିବାକୁ ଚନ୍ଦନପୁର ଥାନା ଅନ୍ତର୍ଗତ ଶାସନ ଦାମୋଦରପୁର ସାମିଲ ନରହରିପୁର ଗ୍ରାମର ୪ ଜଣ ବନ୍ଧୁ ୨ଟି ବାଇକ୍‌ରେ କଟକ ଯାଇଥିଲେ। ବାଲିଯାତ୍ରା ଦେଖି ଫେରିବା ସମୟରେ କାଦୁଆ ପେଟ୍ରୋଲ୍ ପମ୍ପ ସମ୍ମୁଖରେ ଭୁବନେଶ୍ୱରରୁ ପୁରୀ ଆସୁଥିବା ଏକ କାର୍ ବାଇକ୍ ଦ୍ୱୟକୁ ପଛପଟୁ ଧକ୍କା ଦେଇଥିଲା। ଏଥିରେ ବାଇକ୍ ଆରୋହୀ ବିକାଶ ଓ କୁଶିଆ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଜନସାଧାରଣ, ସତ୍ୟବାଦୀ ପୁଲିସ ଆହତଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ସାକ୍ଷୀଗୋପାଳ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ଥିବାରୁ ଆହତଦ୍ୱୟଙ୍କୁ ଅଧିକ ଚିକିତ୍ସା ନିମନ୍ତେ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ଅନ୍ୟ ୨ ଜଣଙ୍କୁ ସାକ୍ଷୀଗୋପାଳ ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା କରାଯାଇଥିଲା। ସେମାନେ ସୁସ୍ଥ ଅଛନ୍ତି। ସତ୍ୟବାଦୀ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

## ଭଲିବଲ ଟୁର୍ଣ୍ଣାମେଣ୍ଟ: ନିଗମାନନ୍ଦ ମହାବିଦ୍ୟାଳୟ ଉପବିଜେତା



ଚରଛକ, ୯।୧୧(ସମିସ): ଭୁବନେଶ୍ୱର ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ଅଧୀନ ଆନ୍ତଃ ମହାବିଦ୍ୟାଳୟସ୍ତରୀୟ ଭଲିବଲ୍ କ୍ରୀଡ଼ା ପ୍ରତିଯୋଗିତାରେ ନିମାପଡ଼ା ବ୍ଲକ୍ ଅନ୍ତର୍ଗତ ଚାରିଛକସ୍ଥିତ ନିଗମାନନ୍ଦ ମହିଳା ମହାବିଦ୍ୟାଳୟ ଉପବିଜେତା ହୋଇଛି। ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ପରିସରରେ ଆୟୋଜିତ ଏହି କ୍ରୀଡ଼ା ପ୍ରତିଯୋଗିତାରେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ବିଜେତା ହୋଇଛି। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଚଣ୍ଡୀ ଚରଣ ରଥ ଓ କ୍ରୀଡ଼ା ନିର୍ଦ୍ଦେଶକ ପ୍ରଫେସର ଇତିଶ୍ରୀ ଷଡ଼ଙ୍ଗୀ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଉକ୍ତ ମହାବିଦ୍ୟାଳୟର +୩ ତୃତୀୟ ବର୍ଷୀୟ ପ୍ରାଣୀ ବିଜ୍ଞାନ ବିଭାଗ ଛାତ୍ରୀ ରାନୀ ଦାସ ଓ +୩ ଦ୍ୱିତୀୟ ବର୍ଷୀୟ ଛାତ୍ରୀ ଦୀପା ବେହେରା ଜାତୀୟସ୍ତରୀୟ କ୍ରୀଡ଼ା ପାଇଁ ମନୋନୀତ ହୋଇଛନ୍ତି। ନିଗମାନନ୍ଦ ମହିଳା ମହାବିଦ୍ୟାଳୟର ଅଧକ୍ଷା ପ୍ରଫେସର ମିତ୍ରା ମହାପାତ୍ର ଛାତ୍ରୀମାନଙ୍କର ସଫଳତାରେ ଆନନ୍ଦ ପ୍ରକାଶ କରିବା ସହ କ୍ରୀଡ଼ା ଶିକ୍ଷୟିତ୍ରୀ ପାର୍ବତୀ ପରିଡ଼ା ସଫଳତା ଅର୍ଜନ କରିଥିବା ଛାତ୍ରୀମାନଙ୍କୁ ଶୁଭେଚ୍ଛା ଓ ସାଧୁବାଦ ଜ୍ଞାପନ କରିଛନ୍ତି।

## ନିମାପଡ଼ାରେ ୫ କୋଟି ବ୍ୟୟରେ ନିର୍ମାଣ ହେବ ଅତ୍ୟାଧୁନିକ ପାଠାଗାର

ନିମାପଡ଼ା, ୯।୧୧(ସମିସ): ନିମାପଡ଼ାଠାରେ ଏକ ଅତ୍ୟାଧୁନିକ ସାର୍ବଜନୀନ ପାଠାଗାର (ମଡର୍ଣ୍ଣ ପବ୍ଲିକ୍ ଲାଇବ୍ରେରୀ) ନିର୍ମାଣ ପାଇଁ ସ୍ଥାନୀୟ ବିଧାୟିକା ତଥା ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ରାଜ୍ୟ ସରକାରଙ୍କ ଦ୍ୱାରା ୫କୋଟି ଟଙ୍କାର ଅର୍ଥ ବ୍ୟୟବରାଦ କରିଛନ୍ତି। ଏକ ଆଧୁନିକ ସାର୍ବଜନୀନ ପାଠାଗାର ନିର୍ମାଣ ପାଇଁ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ୫ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏହି ଅବସରରେ ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଛନ୍ତି ଏହି ଆଧୁନିକ ପାଠାଗାର ଆମ ଅଞ୍ଚଳର ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ନିର୍ମାଣ, ଉଚ୍ଚଶିକ୍ଷା ଏବଂ ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷା ନିମନ୍ତେ ପ୍ରସ୍ତୁତି ପାଇଁ ବେଶ୍ ସହାୟକ ହେବ। ସେହିପରି ବିଦ୍ୟାର୍ଥୀଙ୍କ ବୌଦ୍ଧିକ ବିକାଶ ହେବା ସହିତ ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷା ନିମନ୍ତେ ଆହୁରି ନିଷ୍ଠାର ସହିତ ପ୍ରସ୍ତୁତି କରିବାରେ ଏହି ପାଠାଗାର ଛାତ୍ରଛାତ୍ରୀଙ୍କ ହିତରେ ଆସିବ ବୋଲି ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ ଓ ଅଭିଭାବକମାନେ ନିଜ ନିଜର ମତ ପ୍ରକାଶ କରିଛନ୍ତି। ଏହି ପାଠାଗାର ନିର୍ମାଣ ପାଇଁ ଗୃହ ଓ ନଗର ଉନ୍ନୟନ ବିଭାଗ ତରଫରୁ ଅନୁମୋଦନ ମିଳିବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଗୃହ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କୁ ଅଞ୍ଚଳବାସୀ ସାଧୁବାଦ ଜଣାଇଛନ୍ତି।

BEST OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112

# ଜାତୀୟ ପ୍ରେସ ଦିବସ ନିମନ୍ତେ ନିମାପଡ଼ା ପ୍ରେସ୍ କ୍ଲବ୍‌ର ପ୍ରସ୍ତୁତି



ନିମାପଡ଼ା, ୯।୧୧(ସମିସ): ନିମାପଡ଼ାସ୍ଥିତ ସାଇଲୋଟସ୍ କଲ୍ୟାଣ ମଣ୍ଡପ ପରିସରରେ ନିମାପଡ଼ା ପ୍ରେସ କ୍ଲବ୍ ତରଫରୁ ଜାତୀୟ ପ୍ରେସ ଦିବସ-୨୦୨୫ ଓ ବାର୍ଷିକ ଉତ୍ସବ ଚଇତାଳୀ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି ଅକ୍ଷୟ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଉପ ସଭାପତି ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ସମ୍ପାଦକ ରମାକାନ୍ତ ବେହେରା, କୋଷାଧ୍ୟକ୍ଷ ପ୍ରଦ୍ୟୁମ୍ନ ବେହେରା, ସହ ସମ୍ପାଦକ ଅଶୋକ ବେହେରା, ସଂଗଠନ ସମ୍ପାଦକ ସୁଦର୍ଶନ ବେହେରା, ବରିଷ୍ଠ ସାମ୍ବାଦିକ ଶରତ ସେନାପତି, ଶକ୍ତି ପ୍ରସାଦ ରଥ, ଚିତ୍ତ ରଞ୍ଜନ ମହାନ୍ତି, ରଞ୍ଜନ କୁମାର ଦାସ, ବିଚିତ୍ରାନନ୍ଦ ସାହୁ, ମାନସ ଦାସ, ସଞ୍ଜୟ ପତି, ବିଶ୍ୱଜିତ୍ ମିଶ୍ର, ପ୍ରଫୁଲ୍ଲ କୁମାର କର, ପ୍ରତାପ କୁମାର ପଣ୍ଡା, ନଳନୀକାନ୍ତ ପଟ୍ଟନାୟକ, ନିବେଦିତା ମିଶ୍ରଙ୍କ ସମେତ ସମସ୍ତ ସଦସ୍ୟ ଓ ଉପଦେଷ୍ଟା ଯୋଗଦେଇଥିଲେ।

ଜାତୀୟ ପ୍ରେସ ଦିବସ ଓ ପ୍ରେସ୍ କ୍ଲବ୍‌ର ବାର୍ଷିକ ଉତ୍ସବ ଆସନ୍ତା ୧୬ ଓ ୧୭ ତାରିଖ ଦୁଇଦିଧରି ପାଳନ କରାଯିବ। ପ୍ରଥମଦିନ ମୁଖ୍ୟ ଅତିଥିଭାବେ ରାଜ୍ୟ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ମୁଖ୍ୟବକ୍ତା ଭାବେ ଉତ୍କଳ ସାମ୍ବାଦିକ ସଂଘ ସଭାପତି ବିଭୂତିଭୂଷଣ କର, ସମ୍ମାନିତ ଅତିଥିଭାବେ ଉଚ୍ଚଶିକ୍ଷା ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ପୁରୀ ଜିଲ୍ଲା ପେସାଦାର ସାମ୍ବାଦିକ ସଂଘର ସଭାପତି ପୂର୍ଣ୍ଣଚନ୍ଦ୍ର ନାୟକ, ପୁରୀ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଅଧିକାରୀ ସନ୍ତୋଷ କୁମାର ସେଠୀ ଓ ଦ୍ୱିତୀୟ ଦିନ ମୁଖ୍ୟ ଅତିଥିଭାବେ ପୂର୍ବତନ ମନ୍ତ୍ରୀ ତଥା ବିଜେପି ମୁଖପାତ୍ର ସମୀର ରଞ୍ଜନ ଦାଶ, ନିମାପଡ଼ା ବ୍ଲକ୍ ଅଧ୍ୟକ୍ଷ ଶଙ୍କର ଭୋଇ, କମ୍ୟୁନିଷ୍ଟ ପାର୍ଟିର ବରିଷ୍ଠ ନେତା ଦେବେନ୍ଦ୍ର ସାହୁଙ୍କ ସମେତ ପ୍ରେସ୍ କ୍ଲବ୍‌ର ସମସ୍ତ ସଦସ୍ୟ ଯୋଗଦେବେ ବୋଲି ପ୍ରେସ୍ କ୍ଲବ୍ ତରଫରୁ ସୂଚନା ମିଳିଛି। ଏହି ଅବସରରେ ଏକ ରକ୍ତଦାନ ଶିବିର ଓ "ଆମ ନିମାପଡ଼ା ଆମ ସ୍ୱାଭିମାନ' ମୁଖପତ୍ର ଅତିଥିଙ୍କ ଦ୍ୱାରା ଉନ୍ମୋଚନ କରାଯିବା ସହିତ ବିଭିନ୍ନ କୃତୀ ପ୍ରତିଭା, ସାମ୍ବାଦିକ ଓ ବିଶିଷ୍ଟ ବ୍ୟକ୍ତିମାନଙ୍କୁ ସମ୍ମାନିତ କରାଯିବା ସହ "ବିକଶିତ ଭାରତ ଗଠନରେ ସାମ୍ବାଦିକମାନଙ୍କ ଭୂମିକା' ସମ୍ପର୍କରେ ଆଲୋଚନାଚକ୍ର କରାଯିବ। ପ୍ରଥମଦିନ କଣ୍ଠଶିଳ୍ପୀ ଶକ୍ତି ମିଶ୍ର ଓ ସାଥୀ ଏବଂ ଦ୍ୱିତୀୟଦିନ ନାଭ୍ୟା ଜାଇତି ଓ ସାଥୀଙ୍କ ଦ୍ୱାରା ସଂଗୀତ ପରିବେଷଣ କରାଯିବ।

ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନଚୈନଂ କ୍ଲେଦୟନ୍ତ୍ୟାପୋଃ ନ ଶୋଷୟତି ମରୁତଃ॥
ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ ଇନ୍ଦୁଭୂଷଣ ସାହୁ
ସୁନାରୀପଡା, ତରଭା, ସୋନପୁର
ଆବିର୍ଭାବ: ୦୭.୦୧.୨୦୨୫
ତିରୋଧାନ:୩୦.୧୦.୨୦୨୫( କାର୍ତ୍ତିକ ଶୁକ୍ଲ ନବମୀ)

ଆଜି ଅଶ୍ରୁଳ ନୟନରେ ବିଦାୟ ଦେଉଛୁ ଆମର ପରମ ପୂଜ୍ୟ ପିତା ଓ ଜଣେ ଅମର ଗୁରୁଙ୍କୁ। ଗଣିତ, ବିଜ୍ଞାନର ଧୁରନ୍ଧର ଶିକ୍ଷକ ଭାବେ ଦଶନ୍ଧି ଧରି ଛାତ୍ରଛାତ୍ରୀ ମାନଙ୍କୁ ଶିକ୍ଷାର ଆଲୋକ ଦାନ କରିଥିଲେ;ଅବସର ପରେ ମଧ ଶେଷ ନିଶ୍ୱାସ ପର୍ଯ୍ୟନ୍ତ ନିଜ କର୍ତ୍ତବ୍ୟରୁ ଥକି ନଥିଲେ। ଫୁଟବଲ,ଭଲିବଲ,ବ୍ୟାଡ଼ମିଣ୍ଟନ ଓ କ୍ୟାରେମରେ ଅପରାଜେୟ କୌଶଳୀ ଥିଲେ, ଆପଣ ପରିବାର ପ୍ରତି ଅଗାଧ ସ୍ନେହରେ ଜଣେ ଆଦର୍ଶ ସ୍ୱାମୀ ଓ ପିତା ଥିଲେ। ହେ ପ୍ରିୟ ଗୁରୁ ଆପଣଙ୍କ ସ୍ମୃତି ଚିର ଜାଗ୍ରତ। ଅମର ଆତ୍ମାର ସଦଗତି ପାଇଁ ପ୍ରାର୍ଥନା,ଶାନ୍ତିରେ ରହନ୍ତୁ।

ଶୋକସନ୍ତପ୍ତ
ପତ୍ନୀ ଜାହ୍ନବୀ, ପୁତ୍ର- ସଞ୍ଜିବ, ସନ୍ତୋଷ, ସୁନୀଲ,
ପୁତ୍ରବଧୂ- ଇତିଶ୍ରୀ ,ଦୀପ୍ତି, ଶର୍ମିଷ୍ଠା, ନାତି ନାତୁଣୀ - ରୁଚି, ରିୟା, ରିତିସ୍ମିକା,
ଆହାନା, ଅଙ୍କନା, ରିଦ୍ଧିକ ସାହୁ ପରିବାର ଓ ବନ୍ଧୁବର୍ଗ





### ଐତିହାସିକ ବାଲିଯାତ୍ରା କଟକ-୨୦୨୫ର ପଞ୍ଚମ ଦିନ

# ସର୍ବତ୍ର ଜନସମୁଦ୍ର; ସ୍ଥିତି ଅସମ୍ଭାଳ





କଟକ, ୯ ।୧୧(ସମିସ): ଐତିହାସିକ ବାଲିଯାତ୍ରାର ଆଜି ଥିଲା ପଞ୍ଚମ ଦିନ। ରବିବାର ଛୁଟିଦିନ ଥିବାରୁ ଦର୍ଶକଙ୍କ ସଂଖ୍ୟା ୧୫ଲକ୍ଷ ଟପିଥିଲା। ପୂର୍ବରୁ ପ୍ରସ୍ତୁତ ହୋଇ ସଜାଗ ରହିଥିବା କମିଶନରେଟ୍ ପୁଲିସ ଭିଡ଼ ନିୟନ୍ତ୍ରଣ କରିବାରେ ସମ୍ପୂର୍ଣ୍ଣ ଭାବେ ଫେଲ୍ ମାରିଥିଲେ। ବିପର୍ଯ୍ୟସ୍ତ ଟ୍ରାଫିକ୍ ପରିଚାଳନା ଯୋଗୁଁ ସାରା ସହରର ପ୍ରବେଶ ପଥ ଓ ପ୍ରସ୍ଥାନ ପଥରେ ଗମନାଗମନ ସମ୍ପୂର୍ଣ୍ଣ ଭାବେ ବନ୍ଦ ହୋଇଯାଇଥିଲା। ମୁଖ୍ୟତଃ ଯୋବ୍ରା ପଟୁ ଯାଉଥିବା ଗାଡ଼ି ଗୁଡ଼ିକ ମାଲଗୋଦାମ ଥାନା ଛକ ଠାରୁ ରାସ୍ତା ଉପରେ ଘଣ୍ଟା ଘଣ୍ଟା ଛିଡ଼ା ହୋଇ ରହିଥିଲେ। ସେହିପରି ତ୍ରିଶୂଳିଆ ପଟୁ ଆସୁଥିବା ଗାଡ଼ି ଗୁଡ଼ିକ ଜୁଡ଼ିସିଆଲ୍ ଏକାଡେମୀ ଛକ ଦେଇ ସତୀଚଉରା ଆଡକୁ ଯିବା ସମ୍ଭବ ହୋଇନଥିଲା। ସେମାନେ ରାସ୍ତା ଉପରେ ସେମିତି ଅଟକି ଥିଲେ। ଚହଟା ଛକରୁ କ୍ୟାଣ୍ଟନମେଣ୍ଟ୍ ଥାନା ପର୍ଯ୍ୟନ୍ତ ଭିଡ଼ ଯୋଗୁଁ ଗମନାଗମ ଠପ୍ ହୋଇ ଯାଇଥିଲା। ସେହିପରି ଉପରପଡ଼ିଆକୁ ସଂଯୋଗ ହୋଇଥିବା ରାସ୍ତା ଗୁଡ଼ିକରେ ଗହଳି ବଢ଼ିବା ଯୋଗୁଁ ଲୋକମାନେ ଯିବା ଆସିବା କରି ପାରିନଥିଲେ। ଏଭଳି ଅବସ୍ଥା ସନ୍ଧ୍ୟା ୬ରୁ ଆରମ୍ଭ ହୋଇ ରାତି ୧୨ଟା୩୦ ପର୍ଯ୍ୟନ୍ତ ଲାଗି ରହିଥିଲା। ଯିଏ ଯୋଉଠି ପାଇଲା ଛିଡ଼ା ହୋଇ ରହିଥିଲା। ସେମିତି ଯାତ୍ରା ପଡ଼ିଆରେ ଥିବା ରୋ' ତଥା ଲେନ୍ ଗୁଡ଼ିକରେ ଲୋକମାନେ ଭଲ ଭାବେ ଯାତାୟତ କରି ପାରିନଥିଲେ। ସହର ଜାମ୍, ପଡ଼ିଆ ଗହଳି ଏବଂ ଟ୍ରାଫିକ୍ ନିୟନ୍ତ୍ରଣ ଫେଲ୍ ମାରିବା ପରେ ସାଧାରଣ ଦର୍ଶକ ଅଣନିଶ୍ୱାସୀ ହୋଇ ପଡ଼ିଥିଲେ। କମିଶନରେଟ୍ ପୁଲିସର ତ୍ରୁଟିପୂର୍ଣ୍ଣ ପରିଚାଳନା ନିମେନ୍ତ, ଏଭଳି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ଉପରପଡ଼ିଆରେ ବାଲିଯାତ୍ରା ଏଥର ହେଉନଥିବାରୁ ଏକା ସାଙ୍ଗରେ ତଳପଡ଼ିଆରେ ଜନସମୁଦ୍ର ହୋଇ ଯାଇଥିଲା। ପ୍ରତ୍ୟେକ ବର୍ଷ ତଳ ପଡ଼ିଆରେ ଭିଡ଼ ହେଲେ ଲୋକମାନେ ଉପରପଡ଼ିଆ ବା କିଲାପଡ଼ିଆକୁ ଚାଲି ଯାଆନ୍ତି, କିନ୍ତୁ ଏଥର ପ୍ରଶାସନର ତ୍ରୁଟିପୂର୍ଣ୍ଣ ନିଷ୍ପତ୍ତି ଯୋଗୁଁ ତଳପଡ଼ିଆ ଜାମ୍ ହୋଇଯାଇଥିଲା। କଟକ-ଇନ୍-କଟକ ଏବଂ ଓରମାସ୍ ଭିତରେ ପାଦ ରଖିବାକୁ ଜାଗା ନଥିଲା। ଏ ତମାମ ଅବ୍ୟବସ୍ଥା ଜିଲ୍ଲା ପ୍ରଶାସନ ଓ କମିଶନରେଟ୍ ପୁଲିସ ପାଇଁ ହୋଇଥିବା ବେଳେ ଜିଲ୍ଲାପାଳ ଓ ଡିସିପି ଏଥିପ୍ରତି ଆଦୌ ଦୃଷ୍ଟି ଦେଇନଥିଲେ। ଭିଡ଼ ଅସମ୍ଭାଳ ହେବା ପରେ ପୁଲିସ ହାତ ଟେକି ଦେଇଥିଲା। ଟ୍ରାଫିକ୍ ନିୟମ ଭାଙ୍ଗି ସାଧାରଣ ଦର୍ଶକ ମନଇଛା ଯାତାୟତ କରିଥିଲେ। ରାତି ୯ଟା ପରେ ପଡ଼ିଆରୁ ଫେରୁଥିବା ଗାଡ଼ି ଗୁଡ଼ିକ ରାସ୍ତା ଉପରେ ସେମିତି ଅଟକିଥିଲା। ସାଧାରଣ ଲୋକମାନେ ନିଜ ଗାଡ଼ିରୁ ଓହ୍ଲାଇ ଟ୍ରାଫିକ୍ ପରିଚାଳନା କରୁଥିବା ଦେଖିବାକୁ ମିଳିଥିଲା।

- ଛୁଟି ଦିନରେ ଛୁଟି ଆସିଲେ ଛ'ଗୁଣା ଦର୍ଶକ
- ଫେଲ୍ ମାରିଲା ପ୍ରଶାସନିକ ପରିଚାଳନା
- ଫସିଲେ ଦର୍ଶକ: ହାତ ଟେକିଦେଲା ପୁଲିସ

ଯାତ୍ରାରେ ଭିଡ଼ ନିୟନ୍ତ୍ରଣ ପାଇଁ ପୂର୍ବ ପ୍ରସ୍ତୁତି କରିଥିବା କମିଶନରେଟ୍ ପୁଲିସ ସମ୍ପୂର୍ଣ୍ଣ ଭାବେ ଫେଲ୍ ମାରିଥିବା ବେଳେ ପ୍ରଶାସନ ନାଚ ଓ ଗୀତରେ ମାତିଥିବା ସହରରେ ଚର୍ଚ୍ଚା ହେଉଛି।

ଆଜି ଏହି ଅସମ୍ଭାଳ ଭିଡର ପ୍ରଭାବ ସର୍ବପ୍ରଥମେ ସହରର ଟ୍ରାଫିକ ବ୍ୟବସ୍ଥା ଉପରେ ପଡିଥିଲା। ରିଙ୍ଗ୍ ରୋଡ୍‌ରେ ଗାଡିମୋଟରର ଲମ୍ବା ଲାଇନ ଦେଖିବାକୁ ମିଳିଥିଲା। ଯାତ୍ରା ପଡିଆ ପାଇଁ ଉଦ୍ଦିଷ୍ଟ ସମସ୍ତ ପାର୍କିଂ ସ୍ଥଳ ସନ୍ଧ୍ୟା ୫ଟା ସୁଦ୍ଧା ଭର୍ତ୍ତି ହୋଇଯାଇଥିଲା। ଫଳରେ ଲୋକମାନେ ବାଧ ହୋଇ ରିଙ୍ଗ୍ ରୋଡ୍ ଉପରେ ଏବଂ ଯାତ୍ରା ପଡିଆଠାରୁ ବହୁ ଦୂରରେ ଗାଡି ପାର୍କ କରି ଚାଲି ଚାଲି ଆସିଥିଲେ। ଫଳରେ ରିଙ୍ଗ୍ ରୋଡ୍‌ରୁ ମୁଖ୍ୟ ପଡିଆକୁ ସଂଯୋଗ କରୁଥିବା ରାସ୍ତାଗୁଡିକରେ ପ୍ରବଳ ଠେଲାପେଲା ସ୍ଥିତି ଉପୁଜିଥିଲା। ସେହିଭଳି ଖାଇବା ଷ୍ଟଲ୍‌ରୁ ଦୋଳି ଯାଏଁ, ସବୁଠି ଲମ୍ବା ଲାଇନ୍। ଆଜିର ଭିଡ଼ର ମୁଖ୍ୟ ଆକର୍ଷଣ ଥିଲା 'ଖାଦ୍ୟପେୟ ଓ ମନୋରଞ୍ଜନ'। ବାଲିଯାତ୍ରାର ସ୍ପେଶାଲ୍ 'ଠୁଙ୍କା ପୁରୀ', 'ଦହିବରା-ଆଳୁଦମ୍' ଏବଂ ଅନ୍ୟାନ୍ୟ ଫାଷ୍ଟ ଫୁଡ୍ ଷ୍ଟଲ୍ ଆଗରେ ଲୋକଙ୍କର ଲମ୍ବା ଲାଇନ୍ ଦେଖିବାକୁ ମିଳିଥିଲା। ସେହିପରି 'ରାମ ଦୋଳି', 'ବ୍ରେକ୍ ଡ୍ୟାନ୍ସ' ଓ ଅନ୍ୟାନ୍ୟ ଯାନ୍ତ୍ରିକ ଦୋଳି ପାଇଁ ମଧ୍ୟ ଲୋକଙ୍କୁ ଅପେକ୍ଷା କରିବାକୁ ପଡିଥିଲା। ମୀନା ବଜାର ଏବଂ ଅନ୍ୟାନ୍ୟ ଘରକରଣା ସାମଗ୍ରୀ ଦୋକାନରେ ମଧ ମହିଳା ଓ ପରିବାରବର୍ଗଙ୍କ ପ୍ରବଳ ଭିଡ ଜମିଥିଲା। ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗର ପ୍ୟାଭିଲିୟନ୍ ଏବଂ 'କଟକ ଇନ୍ କଟକ' ପରି ସେଲ୍‌ଫି ପଏଣ୍ଟଗୁଡିକରେ ଯୁବପିଢ଼ିଙ୍କ ଭିଡ ଲାଗି ରହିଥିଲା। ଟ୍ରାଫିକ ପୁଲିସ ରିଙ୍ଗ୍ ରୋଡ୍‌ରେ ଗାଡି ଚଳାଚଳ ସ୍ୱାଭାବିକ ରଖିବାକୁ ଚେଷ୍ଟା କରୁଥିବା ବେଳେ, ପଡିଆ ଭିତରେ ଥିବା ପୁଲିସ ସହାୟତା କେନ୍ଦ୍ରଗୁଡିକ ହଜିଯାଇଥିବା ପିଲା ଓ ଲୋକଙ୍କ ଘୋଷଣାରେ ବ୍ୟସ୍ତ ରହିଥିଲେ। ନାମକୁ ମାତ୍ର ସୁରକ୍ଷା ଦୃଷ୍ଟିରୁ ୱାଚ୍ ଟାୱାର ଏବଂ ସିସିଟିଭି ମାଧ୍ୟମରେ ସମଗ୍ର ପଡିଆ ଉପରେ କଡା ନଜର ରଖାଯାଇଥିଲା। ଚଳିତ ବର୍ଷ ବାଲିଯାତ୍ରାର ଏହା ପ୍ରଥମ ରବିବାର ଥିବାରୁ ଏହି ଭିଡ଼ ଅଦ୍ୟାବଧି ସମସ୍ତ ରେକର୍ଡ ଭାଙ୍ଗିଥିବା ଅନୁମାନ କରାଯାଉଛି।

### ସୀମା ଟପିଲା ଔଦ୍ଧତ୍ୟ

## ଡିସିପିଙ୍କ ଅନୁମୋଦିତ ପାସ୍‌କୁ ଚିରି ଦେଲେ ଇନ୍ସପେକ୍ଟର



କଟକ, ୯ ।୧୧(ସମିସ): କଟକ କମିଶନରେଟ୍ ପୁଲିସର ଔଦ୍ଧତ୍ୟ ଦିନକୁ ଦିନ ସୀମା ଟପିବାରେ ଲାଗିଛି। ସହରରେ ଶୃଙ୍ଖଳା ନିୟନ୍ତ୍ରଣ କରିବା ବଦଳରେ ପୁଲିସ ବିଶୃଙ୍ଖଳାକୁ ପ୍ରୋତ୍ସାହନ ଦେଉଛି। ଚଳିତ ବର୍ଷର ବାଲିଯାତ୍ରାରେ ପୁଲିସର ମନୋମୁଖି ଆଚରଣ ସାଧାରଣ ଜନତାଙ୍କ ଠାରୁ ଆରମ୍ଭ କରି ଅନେକ ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କୁ ନୟାନ୍ତ କଲାଣି। ଖାକିର ଗରମ ଦେଖାଇ ପୁଲିସ ସହରରେ ଜୁଲମ କରିବା ଆରମ୍ଭ କଲାଣି। ଆଜି ଖ୍ରୀଷ୍ଟିୟାନ୍ ପଡ଼ିଆ ଗଡ଼ା ନିକଟରେ ଡ୍ୟୁଟିରେ ଥିବା ବିଡ଼ାନାସୀ ଥାନାର ଇନ୍ସପେକ୍ଟର ଜ୍ୟୋତିପ୍ରକାଶ ସାହୁ ଗଣମାଧ୍ୟମ ପ୍ରତିନିଧିଙ୍କୁ ଦୁର୍ବ୍ୟବହାର କରିବା ସହ ଡିସିପିଙ୍କ ଅନୁମୋଦନ ବାଲିଯାତ୍ରା ପାସ୍‌କୁ ଚିରି ଫିଙ୍ଗି ଦେଇଥିଲେ। ଖବର ସଂଗ୍ରହ କରିବାକୁ ଯାଉଥିବା ପ୍ରତିନିଧିଙ୍କୁ ନାଲି ଆଖି ଦେଖାଇ ଫେରିଯିବାକୁ କହିଛନ୍ତି।

ଘଟଣା ଏହା ଯେ, ଅପରାହ୍ଣରେ ଚଂବନ୍ଧରେ ଗହଳି ହୋଇଥିବା ବେଳେ ଘଟଣାସ୍ଥଳରେ ବ୍ୟାରିକେଡ୍ ଲଗାଯାଇଥିଲା। ସେଠାରେ ପହଞ୍ଚିଥିବା ଦର୍ଶକଙ୍କୁ ଖ୍ରୀଷ୍ଟିୟାନ୍ ପଡ଼ିଆରେ ପାର୍କିଂ କରିବା ନିମନ୍ତେ ଛଡ଼ା ଯାଉଥିଲା। କିନ୍ତୁ ଜରୁରୀକାଳୀନ ସେବାରେ ନିୟୋଜିତ ହୋଇଥିବା କର୍ମଚାରୀ, କଳାକାର ଏବଂ କାର୍ଯ୍ୟରତ ସାମ୍ବାଦିକ ଉକ୍ତ ବ୍ୟାରିକେଡ୍ ଟପି ଡିୟର ପାର୍କ ଛକ ଦେଇ ବାଲିଯାତ୍ରା ପଡ଼ିଆକୁ ଯାଆନ୍ତି। ଗଣମାଧ୍ୟମର ପ୍ରତିନିଧିଙ୍କ ପାଇଁ ଜିଲ୍ଲା ପ୍ରଶାସନ କରିଥିବା ଷ୍ଟଲ୍ ନିକଟରେ ଗାଡି ରଖି ସେମାନେ ପଡ଼ିଆରେ ରିପୋର୍ଟିଂ କରନ୍ତି। ତେବେ ସେଠାରେ ଅଟକିଥିବା ୨ଜଣ ଗଣମାଧ୍ୟମ ପ୍ରତିନିଧିଙ୍କୁ ପ୍ରଥମେ ସମ୍ପୃକ୍ତ ଇନ୍ସପେକ୍ଟର ଜ୍ୟୋତିପ୍ରକାଶ ଯିବାକୁ ଦେଇ ନଥିଲେ। ଡିସିପିଙ୍କ ଅନୁମୋଦିତ ପାସ୍ ଦେଖାଇବା ପରେ ମଧ୍ୟ ସେ ରାଜି ହୋଇନଥିଲେ। ଶେଷରେ ଉକ୍ତ ପାସ୍'ଟିକୁ ସେ ଚିରି ଦେଇଥିଲେ। ଏହା ପରୋକ୍ଷରେ ଡିସିପିଙ୍କ ପ୍ରତି ମଧ୍ୟ ଅସମ୍ମାନ ଥିଲା। ଗଣମାଧ୍ୟମର ପ୍ରତିନିଧିଙ୍କୁ ଇନ୍ସପେକ୍ଟର ଜ୍ୟୋତିପ୍ରକାଶଙ୍କ ଦୁର୍ବ୍ୟବହାରକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ବୃଦ୍ଧି ପାଉଛି। ସେଠାରେ ନିୟୋଜିତ ହୋଇଥିବା ଟ୍ରାଫିକ୍ କନେଷ୍ଟବଳ ମଧ୍ୟ ସାମ୍ବାଦିକଙ୍କୁ ଖରାପ ବ୍ୟବହାର କରିଥିବା ବେଳେ ଡିସିପିଙ୍କ ପ୍ରତି ଖରାପ ଭାଷା ପ୍ରୟୋଗ କରିଥିଲେ।

## ବାଲିଯାତ୍ରା ଗୀତ ଲୋକାର୍ପିତ



ସାଇ ଶ୍ରଦ୍ଧା ପ୍ରଡକସନ ଓ ବାଲିଯାତ୍ରା ଟିମ୍ ତରଫରୁ ବୈଷ୍ଣବ ପାଣି ମଣ୍ଡପରେ ବୋଇତ ବନ୍ଦାଣ ଗୀତ ପରିବେଷଣ ହୋଇଛି। ଏହି ଉତ୍ସବରେ ଗୁରୁ ଡଃ ଚନ୍ଦ୍ରଭାନୁ ଶତପଥୀ, ଓଡ଼ିଶା ସରକାରଙ୍କ ଆଡିସନାଲ୍ ଚିଫ୍ ସେକ୍ରେଟେରୀ ସତ୍ୟବ୍ରତ ସାହୁ, ଚଳଚ୍ଚିତ୍ର ପ୍ରଯୋଜିକା ଓ ନିର୍ଦ୍ଦେଶିକା ବିନି ସାମଲ, କ୍ରିଏଟିଭ୍ ହେଡ୍ ମିଡିଆ ପ୍ଲାନର ପ୍ରଣୟ ଜେଠୀଙ୍କ ସମେତ କଳାକାରମାନେ ଉପସ୍ଥିତ ଥିଲେ। ନୃତ୍ୟ ପରିବେଷଣ ଦେଖି ଉପସ୍ଥିତ ଦର୍ଶକ ବହୁତ ପ୍ରଶଂସା କରିଥିଲେ।

## ପଲ୍ଲିଶ୍ରୀ ମେଳାରେ ୬.୮୩ କୋଟିର ବ୍ୟବସାୟ



ବାଲିଯାତ୍ରାର ଦିନ ଗଡିବା ସହ ଓରମାସ ଆନୁକୁଲ୍ୟରେ ଆୟୋଜିତ ହେଉଥିବା ପଲିଶ୍ରୀ ମେଳାର ବେପାର ମଧ ଅନୁସାରେ ବଢି ଚାଲିଛି। ଗତ ବର୍ଷ ତୁଳନାରେ ଏଥର ବ୍ୟବସାୟ ଉତ୍ସାହଜନକ ରହିଛି । ଶନିବାର ଚତୁର୍ଥ ଦିନ ରେକର୍ଡ ୬ କୋଟି ୮୩ ଲକ୍ଷ ୪୭ ହଜାର ଟଙ୍କାର ବ୍ୟବସାୟ ହୋଇଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ, ପ୍ରଥମ ଦିନରେ ୮୯ଲକ୍ଷ୩୬ହଜାର ଟଙ୍କାର କାରବାର ହୋଇଥିବା ବେଳେ ଦ୍ୱିତୀୟ ଦିବସରେ ୨କୋଟି୧୩ଲକ୍ଷ ଟଙ୍କା, ତୃତୀୟ ଦିନରେ ୩କୋଟି ୯୧ଲକ୍ଷ ୮୭ ହଜାର ଟଙ୍କା ବ୍ୟବସାୟ ହୋଇଥିଲା।

## ବଡ଼ ମେଳାରେ କୁନି ସୌଦାଗର

*ଏତେ ବଡ଼ ମେଳା। ଯୋଉ ଯାଏ ଆଖି ପାଉଛି, ସେଯାଏ ମଣିଷଙ୍କର ମେଳ। ବାଲିଯାତରା ହେଲେ ବାଲି ଦେଖାଯାଉନି। ଯାତରାରେ ଦିନ ଯେତେ ଗଡୁଛି, ଭିଡ଼ ସେତିକି ବଢୁଛି। ଏ ମେଳା ତା'ର କାୟା ବଢ଼ାଇଛି। ମହାନଦୀ କୂଳରେ ଲମ୍ବି ଯାଇଛି। ମାତ୍ର ଭୁଲି ନାହିଁ ତା'ର ମୌଳିକତାକୁ। ଦଶନ୍ଧି ପୂର୍ବରୁ ଯାହା ସବୁ ଥିଲା, ଏବେବି ପ୍ରାୟ ସେଇ ସବୁ ଜୀବନ୍ତ ଆଉ ଜଳଜଳ ହୋଇ ଦିଶୁଛି। ପେଁ କାଳି ଶବ୍ଦ ଶୁଣି ବୁଲି ଅନାଉଛନ୍ତି.. ଦୋଳିରେ ବସିବେ ବୋଲି ଜିଦି କରୁଛନ୍ତି..ବେଲୁନ ବାଲାକୁ ଦେଖିଲେ ଖୁସି ହୋଇ ଯାଉଛନ୍ତି ଛୋଟଛୋଟ ପିଲା। ଏତେ ବଡ଼ ମେଳାରେ ବେଶ୍ ମଜା ସାଉଁଟୁଛନ୍ତି ଶିଶୁ ସୌଦାଗରମାନେ...*

କଟକ, ୯।୧୧(ସମିସ):ଏଥର ୧୬୦୦ରୁ ଅଧିକ ଷ୍ଟଲ ପଡ଼ିଛି ବାଲିଯାତ୍ରାରେ। ତା' ଭିତରୁ ପ୍ରାୟ ୪୦୦ ଷ୍ଟଲରେ ପିଲାମାନଙ୍କ ସାମଗ୍ରୀ ନେଇ ଆସିଛନ୍ତି ବ୍ୟବସାୟୀ। ଭଳିକି ଭଳି ଦୋଳି ଆଉ ଖେଳଣାର ପସରା ମେଲିଛି। ମେଳା ପଡ଼ିଆ ଭିତର ଗଳି ରାସ୍ତା କଡ଼ରେ ଛିଡ଼ା ହୋଇଛନ୍ତି ଅନେକ ବେପାରୀ, ଯେଉଁମାନେ କି କେବଳ ପିଲାଙ୍କ ସାମଗ୍ରୀ ସବୁ ବିକ୍ରି କରୁଛନ୍ତି। କୋଟିକୋଟି ଟଙ୍କାର ବ୍ୟୟବରାଦ ଭିତରେ ଏ ମେଳା ଚାଲିଛି। ହେଲେ କିଛି ସ୍ଥାନକୁ ଦେଖିଲେ ଲାଗୁଛି ଯେମିତି ଏ ଯାତ୍ରା କେବଳ ପିଲାଙ୍କ ପାଇଁ।





### ଘୂରୁଛି କାର୍, ହସାଉଛି ମିକି ମାଉସ୍




ପିଲାଙ୍କ ପାଇଁ ବିଭିନ୍ନ ପ୍ରକାର ଦୋଳି ରହିଛି। ବଡ଼ ଲୋକଙ୍କ ତୁଳନାରେ ଛୋଟ ପିଲାଙ୍କ ଦୋଳିର ମୂଲ୍ୟ ବହୁତ କମ୍। ଉପର ପଡ଼ିଆରେ କାଁଭାଁ ପିଲାଙ୍କ ଦୋଳି ରହିଛି। ବାକି ସବୁ ତଳପଡ଼ିଆରେ ପଡ଼ିଛି। ହେଲିକପ୍ଟର ଦୋଳି। ବୁଢ଼ିଆଣୀ ଜାଲ ଭଳି ୭ଟି ଛୋଟଛୋଟ ହେଲିକପ୍ଟର ଗୋଟିଏ ଖୁଣ୍ଟରେ ବନ୍ଧା ହୋଇଛନ୍ତି। ୫ ମିନିଟ ବୁଲାଇ ଆଣିଲେ ବେପାରୀ ଜଣେ ପିଲା ପିଛା ୪୦ ଟଙ୍କା ନେଉଛନ୍ତି। ଟିକିଏ ଉଡିବା ଭଳି ଅନୁଭୂତି ପାଇ ପିଲା ବେସ୍ ଖୁସି ହେଉଛନ୍ତି। ସେମିତି ମିକି-ମାଉସ୍ ପାଖରେ ମଧ୍ୟ ଅଧିକ ଭିଡ଼ ଦେଖିବାକୁ ମିଳୁଛି। ଏହା ଦୋଳି ନୁହେଁ, ଏକ ପବନ ଦିଆ ରବରର ଖୋଳ। ଉଚ୍ଚତା ପାଖାପାଖି ୩୦ ଫୁଟ ହେବ। ଛୋଟଛୋଟ ପିଲା ଏଥିରେ ଉପରକୁ ଚଢ଼ି ପୁଣି ତଳକୁ ଖସୁଛନ୍ତି। ୧୦ମିନିଟ ଖେଳିବା ପାଇଁ ହେଲେ ୫୦ଟଙ୍କା ଦେବାକୁ ପଡୁଛି। ବଡ଼ ପିଲାଙ୍କ ପାଇଁ ଯେମିତି ରାମଦୋଳି ରହିଛି ଛୋଟ ପିଲାଙ୍କର ବି ସେମିତି ରହିଛି ଛୋଟ ରାମ ଦୋଳି। ୧୦ଫୁଟ ଉଚ୍ଚତା ଏହି ରାମ ଦୋଳିରେ ବସିବା ପାଇଁ ବେପାରୀ ନେଉଛନ୍ତି ୪୦ ଟଙ୍କା। ହାତବୁଲା ଗାଡ଼ିଦୋଳି। ଏପରି ଦୋଳି ଅନେକ ଦିନ ହେବ ବାଲିଯାତ୍ରାକୁ ଆସୁଛି। ହେଲେ ଚାହିଦା ଆଦୌ କମିନାହିଁ। ଦୋଳିରେ ବସିବା ପରେ ବେପାରୀ ଜଣକ ହାତରେ ଦୋଳିକୁ ବୁଲାନ୍ତି। ଏହାର ମୂଲ୍ୟ ୪୦ ଟଙ୍କା ଅଛି। ଡ୍ରାଗନ ଦୋଳିରେ ବସୁଛନ୍ତି ଉଭୟ ବଡ଼ ଆଉ ଛୋଟ ପିଲା। ସୁରକ୍ଷିତ ଭାବେ ଏହି ଦୋଳି ଚାଲୁଥିବାରୁ ଲୋକେ ପିଲାଙ୍କୁ ବସାଇବାକୁ ଭୟ କରୁନାହାନ୍ତି। ଡ୍ରାଗନ ଦୋଳିର ମୂଲ୍ୟ ୫୦ଟଙ୍କା ଅଛି। ଏକ ଅସ୍ଥାୟୀ ପୋଖରୀ ଭଳି ସ୍ଥାନ କରାଯାଇ ପିଲା ବୋଟିଂର ମଜା ନେଉଛନ୍ତି, ଯାହାର ମୂଲ୍ୟ ମଧ୍ୟ ସେଇ ୫୦ ଟଙ୍କା ଅଛି। ୫ ମିନିଟ ଡେଇଁଲେ ଜମ୍ପିଙ୍ଗ୍ କ୍ୟାଟ୍ ବ୍ୟବସାୟୀ ନେଇ ଯାଉଛି ୪୦ ଟଙ୍କା।

ପିଲାଙ୍କୁ ନେଇ ଆସୁଥିବା ପରିବାର ଲୋକେ ପିଲାଙ୍କୁ ଖୁସି କରାଇବା ପାଇଁ ମଧ୍ୟ ଊଣା କରୁନାହାନ୍ତି। ଏମିତି ବଡ଼ବଡ଼ ଦୋଳି ଫାଙ୍କା ପଡ଼ିଥିବା ଦିଶେ। ଲୋକ ନହେବାରୁ କିଛି ସମୟ ବନ୍ଦ ରୁହେ। ମାତ୍ର ପିଲାଙ୍କ ଦୋଳି ଫାଙ୍କା ପଡୁନି। କଟକ-ଇନ-କଟକ ଭିତରେ ଥିବା ବିଭିନ୍ନ ମୂର୍ତ୍ତି ସହ ଫଟୋ ଉଠାଇବା ହେଉ କି ଦୋଳିରେ ବସି ଚିଲ୍ଲାଇବା ହେଉ.... ଏ ଯାତ୍ରାରେ ପିଲାଙ୍କ ଉପସ୍ଥିତି ବେଶ୍ ଉତ୍ସାହଜନକ ରହିଛି।

BEST OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112

ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନଚୈନଂ କ୍ଲେଦୟନ୍ତ୍ୟାପୋଃ ନ ଶୋଷୟତି ମରୁତଃ ॥

ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ ଇନ୍ଦୁଭୂଷଣ ସାହୁ
ସୁନାରୀପଡା, ତରଭା, ସୋନପୁର
ଆବିର୍ଭାବ: ୦୭.୦୧.୨୦୨୫
ତିରୋଧାନ:୩୦.୧୦.୨୦୨୫( କାର୍ତ୍ତିକ ଶୁକ୍ଳ ନବମୀ)

ଆଜି ଅଶ୍ରୁଳ ନୟନରେ ବିଦାୟ ଦେଉଛୁ ଆମର ପରମ ପୂଜ୍ୟ ପିତା ଓ ଜଣେ ଅମର ଗୁରୁଙ୍କୁ। ଗଣିତ, ବିଜ୍ଞାନର ଧୁରନ୍ଧର ଶିକ୍ଷକ ଭାବେ ଦଶନ୍ଧି ଧରି ଛାତ୍ରଛାତ୍ରୀ ମାନଙ୍କୁ ଶିକ୍ଷାର ଆଲୋକ ଦାନ କରିଥିଲେ;ଅବସର ପରେ ମଧ୍ୟ ଶେଷ ନିଶ୍ୱାସ ପର୍ଯ୍ୟନ୍ତ ନିଜ କର୍ତ୍ତବ୍ୟରୁ ଥକି ନଥିଲେ। ଫୁଟବଲ,ଭଲିବଲ,ବ୍ୟାଡ଼ମିଣ୍ଟନ ଓ କ୍ୟାରେମରେ ଅପରାଜେୟ କୌଶଳୀ ଥିଲେ, ଆପଣ ପରିବାର ପ୍ରତି ଅଗାଧ ସ୍ନେହରେ ଜଣେ ଆଦର୍ଶ ସ୍ୱାମୀ ଓ ପିତା ଥିଲେ। ହେ ପ୍ରିୟ ଗୁରୁ ଆପଣଙ୍କ ସ୍ମୃତି ଚିର ଜାଗ୍ରତ। ଅମର ଆତ୍ମାର ସଦଗତି ପାଇଁ ପ୍ରାର୍ଥନା,ଶାନ୍ତିରେ ରହନ୍ତୁ।

ଶୋକସନ୍ତପ୍ତ
ପତ୍ନୀ ଜାହ୍ନବୀ, ପୁତ୍ର- ସଞ୍ଜିବ, ସନ୍ତୋଷ, ସୁନୀଲ,
ପୁତ୍ରବଧୂ- ଇତିଶ୍ରୀ ,ଦୀପ୍ତି, ଶର୍ମିଷ୍ଠା, ନାତି ନାତୁଣୀ - ରୁଚି, ରିୟା, ରିତିଯୁକା,
ଆହାନା, ଅଙ୍କନା, ରିଦ୍ଧିକ ସାହୁ ପରିବାର ଓ ବନ୍ଧୁବର୍ଗ

## ଜବରଦଖଲରେ ସରକାରୀ ଜମି

# ବାଧକ ସାଜିଛି ରାସ୍ତାକାମ



**ଯାଜପୁର, ୯।୧୧(ସମିସ)**

ପୂର୍ବ ସରକାର ସମୟରେ ଯାଜପୁର ସହରର ସୌନ୍ଦର୍ଯ୍ୟକରଣ ପାଇଁ ଅନେକ ପଦକ୍ଷେପ ଗ୍ରହଣ କରାଯାଇଥିଲା। ବିଶେଷକରି ଅଣଓସାରିଆ ରାସ୍ତାକୁ ଓସାରିଆ କରିବା ପାଇଁ ଅନେକ ସରକାରୀ ରାସ୍ତାକୁ ହାତକୁ ନିଆଯାଇଥିଲା। ଏଥିପାଇଁ ଘରୋଇ ବ୍ୟକ୍ତିବିଶେଷଙ୍କୁ କ୍ଷତିପୂରଣ ରାଶି ପ୍ରଦାନ କରାଯାଇ ରାସ୍ତା କଡ଼ରେ ଓସାରିଆ ଡ୍ରେନ୍ ନିର୍ମାଣ ସହିତ ରାସ୍ତାକୁ ଚଉଡ଼ା କରିବା ପାଇଁ ପ୍ଲାନ ପ୍ରସ୍ତୁତ ହୋଇଥିଲା। କିନ୍ତୁ ଇତିମଧ୍ୟରେ ସରକାର ପରିବର୍ତ୍ତନ ପରେ ଅନେକ ଜମି ମାଲିକ ସେମାନଙ୍କ ଜମି ଛାଡୁନଥିବାରୁ ରାସ୍ତା କାମ ଅଧାବାଟରେ ଅଟକି ରହିଛି। ଯାଜପୁର ସହରର ମହାବୀର ଛକ ଠାରୁ ରେଡ୍‌କ୍ରସ ଛକ ରାସ୍ତାରେ ଏଭଳି ସମସ୍ୟା ଦେଖାଦେଇଛି। ଏହି ରାସ୍ତା ପାଇଁ ସମସ୍ତ କ୍ଷତିଗ୍ରସ୍ତମାନଙ୍କୁ ସରକାରୀ କ୍ଷତିପୂରଣ ପ୍ରଦାନ କରାଯାଇଛି। କିନ୍ତୁ ଅନେକ ଜମି ମାଲିକ କ୍ଷତିପୂରଣ ପାଇବା ପରେ ଏବେ ପ୍ରଶାସନକୁ ନାଲି ଆଖି ଦେଖାଇ କାମକୁ ଅଟକାଇଦେଇଛନ୍ତି। ଫଳରେ ଏହି ପ୍ରକଳ୍ପ ପ୍ରଭାବିତ ହୋଇଛି। ଏହି ଜବରଦଖଲକାରୀମାନେ ସରକାରୀ ଦଳୀୟ ନେତାଙ୍କ ଶରଣରେ ପଶି ପ୍ରଶାସନକୁ ପ୍ରଭାବିତ କରି ଏଭଳି ଉଦ୍ୟମ କରିଥିବା ଚର୍ଚ୍ଚା ହେଉଛି। ଯାହାର ପରିଣାମ ସମଗ୍ର ସହରବାସୀ ଭୋଗୁଥିବା ଦେଖିବାକୁ ମିଳିଛି। ଏହି ରାସ୍ତା ଅଧାସ୍ଥାନରେ ଖୋଳାତଡା ହୋଇ ପଡ଼ିଥି?ଲେ ହେଁ କାମ ଆଗେଇ ପାରୁନାହିଁ। ଫଳରେ ଅଧିକାଂଶ ସମୟ ଏଠାରେ ଟ୍ରାଫିକ ସମସ୍ୟା ଦେଖାଦେଇଛି। ଜିଲ୍ଲା ପ୍ରଶାସନ ଏଭଳି ସମସ୍ୟାକୁ ଗମ୍ଭୀରତା ସହ ବିଚାର କରି ତୁରନ୍ତ ଜବରଦଖଲକାରୀଙ୍କ ବିରୋଧରେ ଫୌଜଦାରୀ ମକଦ୍ଦମା ରୁଜୁ କରି ପ୍ରକଳ୍ପ ଶେଷ କରିବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।

# ଜାନୁଆରୀ ୮ ରୁ 'ବଡ଼ଚଣା ମହୋତ୍ସବ'



**ବଡ଼ଚଣା, ୯।୧୧(ସମିସ):** ଦୀର୍ଘ ୯ ବର୍ଷ ଧରି ବଡ଼ଚଣା ଭାଷା, ସାହିତ୍ୟ, ସଂସ୍କୃତି, ପରମ୍ପରା ଓ ଐତିହ୍ୟକୁ ପ୍ରଚାର ପ୍ରସାର କରିବା ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରି ଆସୁଥିବା ବଡ଼ଚଣା ମହୋତ୍ସବକୁ ଭଣ୍ଡୁର କରିବା ପାଇଁ କେତେକ ବ୍ୟକ୍ତି ଅପଚେଷ୍ଟା କରୁଛନ୍ତି ବୋଲି ଆଜି ଏକ ସାମ୍ବାଦିକ ସମ୍ମିଳନୀରେ 'ମୋ ବଡ଼ଚଣା'ର ସଭାପତି ମନୋରମା ଆଚାର୍ଯ୍ୟ ଅଭିଯୋଗ କରିଛନ୍ତି। ବଡ଼ଚଣା ସ୍ଥିତ ସାର୍ବଜନୀନ ଦୁର୍ଗାମଣ୍ଡପ ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରତିବର୍ଷ ଭଳି ଆସନ୍ତା ଜାନୁଆରୀ ୮ରୁ ୧୨ ପର୍ଯ୍ୟନ୍ତ ୫ ଦିନ ଧରି ବଡ଼ଚଣା ମହୋତ୍ସବ ପାଳିତ ହେବ ବୋଲି ଏକ ପ୍ରସ୍ତୁତି ବୈଠକରେ ସ୍ଥିର କରାଯାଇଥିଲା। ଏହି ପ୍ରସ୍ତୁତି ବୈଠକରେ ବଡ଼ଚଣା ଅଞ୍ଚଳର ଶତାଧିକ ବୃଦ୍ଧିଜୀବୀ, ଶିକ୍ଷାବିତ୍, ସଂସ୍କୃତିପ୍ରେମୀ ଯୋଗଦେଇଥିଲେ। ଅତିତରେ କିଛି ବ୍ୟକ୍ତିଙ୍କ କୁଚକ୍ରାନ୍ତ ଯୋଗୁଁ ବଡଚଣା ମହୋ, ତ୍ସବ ବନ୍ଦ ହୋଇଯାଇଥିଲା। ତେବେ ପୁଣି ତରେ ଉତ୍ସବ ତାର ହୃତ୍‌ଗୌରବ ଫେରିପାଇବ ବୋଲି ଏହି ସମ୍ମିଳନୀରେ କୁହାଯାଇଥିଲା। ବଡ଼ଚଣାବାସୀ ଦଳମତ ନିର୍ବିଶେଷରେ ଏହି ଉତ୍ସବରେ ସହଯୋଗ କରିବାକୁ ନିବେଦନ କରାଯାଇଥିଲା। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ମହୋତ୍ସବ କମିଟିର ସମ୍ପାଦକ ରବୀନ୍ଦ୍ର ନାଥ ରଣା, ଯାଜପୁର ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଗଣେଶ୍ୱର ବରାଳ, ରଜନୀକାନ୍ତ ପୃଷ୍ଟି, ଗୋଲଖ ଚନ୍ଦ୍ର ସାମଲ, କାର୍ତ୍ତିକ ପ୍ରଧାନ, ଆଶିଷ ରଞ୍ଜନ ଚୌଧୁରୀ, ପବନେଶ୍ୱର ଜେନା, ବୈକୁଣ୍ଠ ବରାଳ, ପ୍ରଦୀପ୍ତ ବଳ ପ୍ରମୁଖ ଉପସ୍ଥିତ ଥିଲେ।

## ଛତିଶଗଡ଼ ପୁଲିସ୍ ଦ୍ୱାରା ସାଇବର ଠକ ଗିରଫ




**ବ୍ରହ୍ମବରଦା, ୯।୧୧(ସମିସ):** ରବିବାର ଭୋରରୁ ଛତିଶଗଡ଼ ପୁଲିସ ବ୍ରହ୍ମବରଦା ପୁଲିସ ସହାୟତାରେ ଜଣେ ଜାତୀୟସ୍ତରୀୟ ସାଇବର ଠକକୁ ବ୍ରହ୍ମବରଦା ଥାନା ଅଞ୍ଚଳରୁ ଗିରଫ କରିଛି। ଗିରଫ ଯୁବକ ବ୍ରହ୍ମବରଦା ଥାନା ଅଧୀନ ବନ୍ଧଡିଅ ପଞ୍ଚାୟତ ଜୟସୁଙ୍ଗୁଡା ଗ୍ରାମର ଗଗନ ବିହାରୀ ରାଉତଙ୍କ ପୁଅ ଗୌରବ (୨୧) ବୋଲି ଜଣାପଡ଼ିଛି। ସୁଚନାନୁଯାୟୀ ଗୌରବ ଅନ୍‌ଲାଇନ ଫାଇନାଲସିଆଲ୍ ଫ୍ରଡ ମାଧ୍ୟମରେ ଦେଶର ବହୁ ଯୁବକଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ କୋଟି ଟଙ୍କା ଠକି ନେଇଥିବା ନେଇ ଛତିଶଗଡ଼ର କୋଣ୍ଡାଗାଓଁ ଥାନାରେ ଅଭିଯୋଗ ହୋଇଥିଲା। କୋଣ୍ଡାଗାଓଁ ଥାନାର ଏକ ପୁଲିସ ଟିମ୍ ବ୍ରହ୍ମବରଦା ଥାନା ପୁଲିସ ସହାୟତାରେ ଆଜି ଉକ୍ତ ସାଇବର ଠକ ଗୌରବକୁ ରୁଦ୍ରପୁର ଅଞ୍ଚଳରୁ ଗିରଫ କରି ଛତିଶଗଡ଼ ଉଠାଇ ନେଇଥିବା ବ୍ରହ୍ମବରଦା ଥାନା ଏସ୍‌ଆଇ ସୁଶାନ୍ତ କୁମାର ସେଠୀ ସୂଚନା ଦେଇଛନ୍ତି।

## ସୁକିନ୍ଦା ମହାବିଦ୍ୟାଳୟରେ ମକ୍‌ଡ୍ରିଲ୍

**ସୁକିନ୍ଦା, ୯।୧୧(ସମିସ):** ସୁକିନ୍ଦା ଆଗ୍ନିକ କର୍ମଚାରୀମାନଙ୍କ ଦ୍ୱାରା ସୁକିନ୍ଦା ମହାବିଦ୍ୟାଳୟରେ ବିଭିନ୍ନ କଳା କୌଶଳ ପ୍ରଦର୍ଶନ କରାଯାଇଛି। ଏନ୍‌ସିସିରେ ଭାଗ ନେଇଥିବା ଛାତ୍ରଛାତ୍ରୀଙ୍କୁ ସଚେତନତା କରାଇବା ଉଦ୍ଦେଶ୍ୟରେ ଆଗ୍ନିକ ଅଧିକାରୀ ରଜନୀକାନ୍ତ ସାମଲଙ୍କ ନେତୃତ୍ୱରେ ଏକ ପ୍ରଶିକ୍ଷକ ଟିମ ବିଭିନ୍ନ ଅଗ୍ନିକାଣ୍ଡ ରୋକିବାର ବିଭିନ୍ନ କଳା କୌଶଳ ପ୍ରଦର୍ଶନ କରାଯାଇ ଛାତ୍ରଛାତ୍ରୀଙ୍କୁ ସଚେତନତା କରାଯାଇଥିବା ଦେଖିବାକୁ ମିଳିଛି।



# ଜାତୀୟ ଆଇନ୍ ସେବା ଦିବସ




**ଦଶରଥପୁର, ୯।୧୧(ସମିସ):** ଯାଜପୁର ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ ଜିଲ୍ଲା ଦୌରାଜଜ୍ ତଥା ପ୍ରାଧିକରଣ ଅଧ୍ୟକ୍ଷ ଅମୃତ ରଞ୍ଜନ ନନ୍ଦଙ୍କ ନିର୍ଦ୍ଦେଶ କ୍ରମେ ଦଶରଥପୁର ବ୍ଲକ ଅନ୍ତର୍ଗତ ବିରଜାପୁର ଗ୍ରାମପଞ୍ଚାୟତ ସଭାଗୃହରେ ଏକ ଆଇନ୍ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ବରିଷ୍ଠ ଦେୱାନୀ ବିଚାରପତି ତଥା ଭାରପ୍ରାପ୍ତ ପ୍ରାଧିକରଣ ସଚିବ ନେହା ଅଗ୍ରୱାଲ୍ ଅଧ୍ୟକ୍ଷତା କରିଥିଲେ। ଅତିଥି ଆଲୋଚକ ଭାବେ ପ୍ରାଧିକରଣ ପ୍ରାକ୍ତନ ସଦସ୍ୟ ତଥା ସାମାଜିକ କାର୍ଯ୍ୟକର୍ତ୍ତା ଡ. ରୁଦ୍ରନାରାୟଣ ପୃଷ୍ଟି, ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ତ୍ରିଲୋଚନ ସେଠୀ ଯୋଗଦେଇ ଜାତୀୟ ଆଇନ୍ ସେବା ଦିବସର ତାତ୍ପର୍ଯ୍ୟ, ଆଇନ୍ ସେବା ଯୋଗାଉଥିବା ଅନୁଷ୍ଠାନର କାର୍ଯ୍ୟ ପରିସର, ମଧ୍ୟସ୍ଥତା, ଲୋକଅଦାଲତ ଓ କେଉଁମାନେ ଉପଯୁକ୍ତ ଉପଭୋକ୍ତା ଇତ୍ୟାଦି ବିଷୟ ରେ ଆଲୋକପାତ କରିଥିଲେ। ସ୍ଥାନୀୟ ସରପଞ୍ଚ ନିରାକର ସାହୁ ସ୍ୱାଗତ ଭାଷଣ ସହିତ ଧନ୍ୟବାଦ ଅର୍ପଣ କରିଥିଲେ। ପାରାଲିଗାଲ୍ ସ୍ୱେଚ୍ଛାସେବୀ ଉପସ୍ଥିତ ଥିବା ମହିଳା ପୁରୁଷ ଓ ପଞ୍ଚାୟତ ଜନପ୍ରତିନିଧି ମାନେ ଆଇନ ସେବା ସମ୍ପର୍କିତ ପ୍ଲାକାର୍ଡମାନ ଧରି ଏକ ଶୋଭାଯାତ୍ରାରେ ଭାଗନେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ପ୍ରାଧିକରଣ କର୍ମଚାରୀ ଓ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସହଯୋଗ କରିଥିଲେ।

# ସିଗ୍‌ମା ଗ୍ରୁପ ଇନ୍‌ଷ୍ଟିଚ୍ୟୁଟର ବାର୍ଷିକ ଉତ୍ସବ




**ପ୍ରୀତିପୁର, ୯।୧୧(ସମିସ):** ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଉଉଙ୍ଗରା ସ୍ଥିତ ସିଗ୍‌ମା ଗ୍ରୁପ ଇନିଷ୍ଟିଚ୍ୟୁଟର ୬ଷ୍ଠ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରାକ୍ତନ ପ୍ରଧାନଶିକ୍ଷକ ଉମେଶ ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ମୁଖ୍ୟଅତିଥି ଭାବେ ନିଆଳି ସରକାରୀ ମହାବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର କୂଳମଣି ଜେନା, ଅନୁଷ୍ଠାନର ପ୍ରତିଷ୍ଠାତା ଶୁଭାଶିଷ କର ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ବିଞ୍ଝାରପୁର ମଣ୍ଡଳ ଉପଶିକ୍ଷା ଅଧିକାରୀ ବଳରାମ ପତି, ସମ୍ମାନିତ ଅତିଥି ଭାବେ ଡ.ବିଶ୍ୱପ୍ରକାଶ ସାମନ୍ତ, ବୈରାଗୀ ଚରଣ ଶତପଥୀ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପର୍ଶୁରାମ କର, ଉଉଙ୍ଗରା ପଞ୍ଚାୟତର ସରପଞ୍ଚ ସନ୍ତୋଷ କୁମାର ମଲ୍ଲିକ, ସମିତିସଭ୍ୟ ମନୋଜ କୁମାର ଜେନା ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ବିଭିନ୍ନ ପ୍ରତିଯୋଗିତାରେ ଭାଗନେଇ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥିବୃନ୍ଦ ପୁରସ୍କାର ପ୍ରଦାନ କରିଥିଲେ।

# ଦିନ ଦ୍ୱିପ୍ରହରରେ ମନ୍ଦିରରୁ ଚୋରି

**ଧର୍ମଶାଳା, ୯।୧୧(ସମିସ):** ଧର୍ମଶାଳା ଥାନା କୁମାରୀ ପଞ୍ଚାୟତ ଅନ୍ତର୍ଗତ ଧର୍ମଶାଳା ମହିଳା ମହାବିଦ୍ୟାଳୟ ନିକଟରେ ଥିବା ସ୍ୱପ୍ନେଶ୍ୱର ମନ୍ଦିରରୁ ଆଜି ଖରା ବେଳେ ଦୁର୍ବୃତ୍ତ ମାନେ ମନ୍ଦିରରେ ପଶି ଚୋରି କରିନେଇଥିବା ଅଭିଯୋଗ ହୋଇଛି। ଆଜି ସକାଳେ ମନ୍ଦିର ପୂଜକ ଗେଟ୍ ଖୋଲି ପୂଜାର୍ଚ୍ଚନା କରି ତାଲା ନଦେଇ ଚାଲିଯାଇଥିଲେ। ଏହାର ସୁଯୋଗ ନେଇ ଆଜି ମଧ୍ୟାହ୍ନରେ ଦୁର୍ବୃତ୍ତମାନେ ମନ୍ଦିରରେ ପଶି ପିତ୍ତଳ ବାସନ ସାମଗ୍ରୀ ଚୋରି କରି ନେଇଛନ୍ତି। ଅପରାହ୍ନରେ ପୂଜାରୀ ପୂଜା କରିବାକୁ ଯାଇଥିବା ବେଳେ ମନ୍ଦିରରେ ପିତଳ ସାମଗ୍ରୀ ନଥିବା ଦେଖିଥିଲେ। ଏନେଇ ପୂଜକ ମନ୍ଦିର ସଭାପତି ଗୋକୁଳ ବେହେରାଙ୍କୁ ଜଣାଇବା ପରେ ସେ ଏସମ୍ପର୍କରେ ଜାରକା ପୁଲିସ ବିଟ୍‌ହାଉସରେ ଲିଖିତ ଅଭିଯୋଗ କରିଛନ୍ତି। ତେବେ ଗତ କିଛି ମାସ ହେବ ଜାରକା ଅଞ୍ଚଳରେ ଚୋରି ବୃଦ୍ଧି ପାଇଛି। ଦୁର୍ବୃତ୍ତମାନେ ରାତିରେ ଘରେ ପଶି ସୁନା ଅଳଙ୍କାର ସମେତ ଟଙ୍କା ଚୋରି କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ହେଲେ ପୁଲିସ ଚୋରଙ୍କୁ ଧରିବାରେ ବିଫଳ ହେଉଛି। ଯାହାର ପରିଣାମ ସ୍ୱରୂପ ଦୁର୍ବୃତ୍ତମାନେ ଦିନ ବେଳା ଚୋରି କରି ପୁଲିସକୁ ଚ୍ୟାଲେଞ୍ଜ କରିଛନ୍ତି।

# ଆଞ୍ଚଳିକ ନାଟକ ବହି ପୂଜନ କାର୍ଯ୍ୟକ୍ରମ



**ମଧୁବନ, ୯।୧୧(ସମିସ):** ରସୁଲପୁର ବ୍ଲକ କୁଆଖିଆ ବଜାରରେ ପ୍ରସିଦ୍ଧ ଗଜ ଉଦ୍ଧାରଣ ପୂଜା ଉପଲକ୍ଷେ ଅନୁଷ୍ଠିତ ହେବାକୁ ଯାଉଥିବା ଆଞ୍ଚଳିକ ନାଟକ ଉତ୍ସବ ଗ୍ରହଣ କରିବା ପରିପ୍ରେକ୍ଷୀରେ ବରାଂଶ ସ୍ଥିତ ସିନ୍ଦୁରାଇ ନାଟ୍ୟ ସଂସଦ ପକ୍ଷରୁ ବହି ପୂଜନ କାର୍ଯ୍ୟକ୍ରମ ଗତକାଲି ସନ୍ଧ୍ୟାରେ ମା ସିନ୍ଦୁରାଇ ମନ୍ଦିର ପରିସରରେ ପୁରୋହିତ ପଣ୍ଡିତ ବିଶ୍ୱରଞ୍ଜନ ରଥଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସିନ୍ଦୁରାଇ ନାଟ୍ୟ ସଂସଦର କର୍ମକର୍ତ୍ତା ବିଶ୍ୱମୋହନ ପତି, ନାରାୟଣ ଚନ୍ଦ୍ର ସାହୁ, ନାଟ୍ୟ ନିର୍ଦ୍ଦେଶକ ହରି ସାମନ୍ତ, ସିନ୍ଦୁରାଇ ନାଟ୍ୟ ସଂସଦର ପରିଚାଳକ ମୃତ୍ୟୁଞ୍ଜୟ ମିଶ୍ର ଓ ପ୍ରଶନ୍ନ ରଥ, ଦିଲ୍ଲୀପ ଦାସ, ଲକ୍ଷ୍ମୀକାନ୍ତ ଶତପଥି, କାର୍ତ୍ତିକ ଚନ୍ଦ୍ର କଣ୍ଡ, ବାବାଜୀ ଚରଣ ସାହୁ, ସନାତନ ନାୟକ, ହିମାଂଶୁ ରାୟ, କାଳନ୍ଦୀ କଣ୍ଡ, ଗୋବିନ୍ଦ ସ୍ୱାଇଁ, ଶିବସୁନ୍ଦର ଦାସ, ରଶ୍ମିରଞ୍ଜନ ପଣ୍ଡା, ଚିତରଞ୍ଜନ ପଣ୍ଡା, ସତ୍ୟାନନ୍ଦ ପଣ୍ଡା, ବିଶ୍ୱଜିତ କଣ୍ଡ, ସତ୍ୟପ୍ରକାଶ ମିଶ୍ର, ବିଜୟ ଦାସ, ଧନେଶ୍ୱର କଣ୍ଡ, ନିଶିକାନ୍ତ ଶତପଥି ପ୍ରମୁଖ ଯୋଗ ଦେଇଥିଲେ।

## ଅବହେଳିତ ଯୋଗୀ ସମ୍ପ୍ରଦାୟକୁ ପ୍ରୋତ୍ସାହନ ମିଳିବ କେବେ

# ହଜିଯାଉଥିବା ଏକତାରା ଓ କେନ୍ଦେରାକୁ ସରକାରୀ ସ୍ୱୀକୃତି ଦାବି



**ବନ୍ତ/ଆଗରପଡ଼ା, ୯।୧୧(ସମିସ)**

ଯୁଗର ସୃଷ୍ଟିରୁ ସମ୍ପ୍ରଦାୟର ସୃଷ୍ଟି। ସମ୍ପ୍ରଦାୟର ସୃଷ୍ଟିରୁ ବୃତ୍ତିର ସୃଷ୍ଟି। ସେହି ବୃତ୍ତିକୁ ପାଥେୟ କରି ମନୁଷ୍ୟ ତାର ଜୀବନର ଚଲାପଥରେ ଅଗ୍ରସର ହୋଇଥାଏ କିନ୍ତୁ ଆଧୁନିକ ଯୁଗରେ ଆଧୁନିକ ପରମ୍ପରାକୁ ଆପଣେଇବା ଇଚ୍ଛାରେ ଓ ନିଜର ଜୀବନଶୈଳୀର ପରିବର୍ତ୍ତନ ମଧ୍ୟରେ ମନୁଷ୍ୟ କ୍ରମଶଃ ଭୁଲିବାକୁ ବାଧ ହେଉଛି ନିଜର କୌଳିକ ବୃତ୍ତିକୁ; କାରଣ ପରିବର୍ତ୍ତନଶୀଳ ଦୁନିଆରେ ସେ ବି ଚାହେଁ ତାର ବଞ୍ଚିବା ଶୈଳୀର ପରିବର୍ତ୍ତନ। ଏହି ପରିବର୍ତ୍ତନର ଆଶାରେ ହଜିବାକୁ ବସିଲାଣି ଭିନ୍ନ ଏକ ପରମ୍ପରା ଯୋଗୀ। ଆଉ ଶୁଭୁନି ଗାଁ ଦାଣ୍ଡରେ ଟୀକା ଗୋବିନ୍ଦ ଚନ୍ଦ୍ରର ଗୀତ "ଭଜୁ କୀନା ରାମ ନାମରେ କୁମର, ଭଜୁ କୀନା ରାମ...ଭଜି ନ ପାରିଲେ କୂଳ ଚନ୍ଦ୍ରମାରେ ବାନ୍ଧି ନେବ କାଳ ଯମରେ କୁମର, ବାନ୍ଧି ନେବ କାଳ ଯମ" ଏକତାରା ଓ କେନ୍ଦେରା ଦ୍ୱାରା ଯୋଗୀ ମାଧ୍ୟମରେ। ନାଥ ସମ୍ପ୍ରଦାୟର କୌଳିକ ବୃତ୍ତି ଯୋଗୀ ବୃତ୍ତି। ଏହି ବୃତ୍ତିକୁ ପାଥେୟ କରି ସେ ତା ଜିବୀକା ନିର୍ବାହ କରୁଥିଲା। ଦିନ ଥିଲା ଟୀକା ଗୋବିନ୍ଦ ଚନ୍ଦ୍ରର "ଭଜୁ କୀନା ରାମ ନାମରେ କୁମର, ଭଜୁ କୀନା ରାମ...ଭଜି ନ ପାରିଲେ କୂଳ ଚନ୍ଦ୍ରମାରେ ବାନ୍ଧି ନେବ କାଳ ଯମରେ କୁମର, ବାନ୍ଧି ନେବ କାଳ ଯମ" ଗୀତକୁ ଗାଇ ଗାଇ ଗାଁ ଦାଣ୍ଡରେ ଚାଲି ଯାଉଥିବା ଯୋଗୀର କରୁଣ ସଙ୍ଗୀତର ଡ଼ାକକୁ ଶୁଣି ସବୁ କାମ ଛାଡ଼ି ଥାଳରେ ଭିକ୍ଷା ଧରି ବଢ଼ାଇ ଦିଅନ୍ତି ଯୋଗୀର ତୁମ୍ବିରେ ଦାନ ତ ଆଉ କେହି କେହି ଦିଅନ୍ତି ପଇସା। କିନ୍ତୁ ସମୟଚକ୍ରରେ ଯୋଗୀ ଆଉ ପସନ୍ଦ କରୁନାହାଁନ୍ତି। ଭିକ୍ଷା ବୃତ୍ତିକୁ ତତ୍‌ସହିତ ଏକତାରା ଓ କେନ୍ଦେରା ନିର୍ମାଣ ମଧ୍ୟ ହେଉନାହିଁ। ଅନ୍ୟ ରାଜ୍ୟ ପରି ଏହି ଦୁଇ ବାଦ୍ୟ ଜନ୍ତ୍ରର ମହତ୍ୱକୁ ଆମ ରାଜ୍ୟର ସରକାର ବା ବେସରକାରୀ ସଂସ୍ଥା କୌଣସି ମୂଲ୍ୟ ନ ଦେବା ହେତୁ ଏହା କ୍ରମଶଃ ବିଲୁପ୍ତ ହେବାକୁ ବସିଲାଣି। ଏହା ମଧ୍ୟରେ ଭିନ୍ନ ଏକ ସମ୍ପ୍ରଦାୟ ଯୋଗୀ ମଧ୍ୟ ଭୁଲିବାକୁ ବସିଲାଣି ନିଜ କୌଳିକ ବୃତ୍ତିକୁ। ବନ୍ତ ବ୍ଲକ ଆଗରପଡ଼ା ଥାନା ଅନ୍ତର୍ଗତ ବଡ଼ମହିଷଗୋଠ ପଞ୍ଚାୟତର କିଛି ନାଥ ସମ୍ପ୍ରଦାୟର ପରିବାରକୁ ଯୋଗାଯୋଗ କରିବାରୁ ଜଣାଯାଏ ଯେ ଏହି ପଞ୍ଚାୟତରେ ପାଖାପାଖି ୬୦ ପରିବାର ଏହି ସମ୍ପ୍ରଦାୟର ତନ୍ମଧ୍ୟରୁ ୪୦ ପରିବାର ଆଜିବି ନିଜ କୌଳିକ



ବୃତ୍ତିକୁ ପାଥେୟ କରି ଜିବୀକା ନିର୍ବାହ କରୁଛନ୍ତି। ଗୟାଧର ନାଥ (୭୨)ଙ୍କ କହିବା ଅନୁଯାୟୀ, ତାଙ୍କ ପରିବାରର ଅନ୍ୟ ସଦସ୍ୟମାନେ ନିଜ କୌଳିକ ବୃତ୍ତିରୁ ନିବୃତ୍ତ ରହି ଅନ୍ୟପନ୍ଥା ଅବଲମ୍ବନ କରି ପରିବାର ପ୍ରତିପୋଷଣ କରୁଥିବା ବେଳେ ଗୟାଧର କିନ୍ତୁ ଆଜିବି ସେହି ବୃତ୍ତି ମାଧ୍ୟମରେ ନିଜ ଚାହିଦା ପରିପୂରଣ କରୁଛନ୍ତି। ସେହିପରି ନାରାୟଣ ନାଥ (୭୦) ଙ୍କ କହିବାନୁଯାୟୀ, ସେ ୯ବର୍ଷଠାରୁ ଆଜି ପର୍ଯ୍ୟନ୍ତ ବର୍ଷକ ବାର ମାସ ଭିକ୍ଷା ବୃତ୍ତି କରି ନିଜ ପରିବାର ପ୍ରତିପୋଷଣ କରି ଆସୁଛନ୍ତି। ଏଥିପାଇଁ ସେ ନିଜ ଗ୍ରାମଛାଡ଼ି ବହୁ ସମୟରେ ସୁଦୂର ସୁକିନ୍ଦା, ଅନୁଗୁଳ, ତାଳଚେର, ଜଟଣୀ, ଖୋର୍ଦ୍ଧା, ନୟାଗଡ଼ ଓ ଢ଼େଙ୍କାନାଳ ଆଦି ସହରର ବିଭିନ୍ନ ଗ୍ରାମକୁ ଯାଇ ଭିକ୍ଷା ବୃତ୍ତି କରି ସେଥିରୁ ଯାହା ରୋଜଗାର କରନ୍ତି ସେଥିରେ ତାଙ୍କ ପରିବାର ପ୍ରତିପୋଷଣ କରିଥାନ୍ତି। ଏହି ବୃତ୍ତିରୁ କରୁଥିବା ଆୟ ମାଧ୍ୟମରେ ଆଧୁନିକ ସମାଜରେ ପରିବାର ପ୍ରତିପୋଷଣ କରିବାରେ ବହୁ କଷ୍ଟ ଅନୁଭବ କରୁଥିବାର ସେ କହନ୍ତି। ଟୀକା ଗୋବିନ୍ଦଚନ୍ଦ୍ରଠାରୁ ଆରମ୍ଭ କରି ରାମଲୀଳା, କୌଶଲ୍ୟା ଶୋକ, ମଥୁରା ଗମନ ଏବଂ କୃଷ୍ଣଜନ୍ମ ଆଦି ଗୀତ ତାଙ୍କର ମୁଖସ୍ତ। ତାଙ୍କ ସ୍ୱପ୍ନ ତାଙ୍କ ପିଲା ମାନେ ଅଧୁନିକ ସଭ୍ୟତାରେ ପ୍ରତିଷ୍ଠିତ ହେବା। ସେଥିପାଇଁ ସେ ସରକାରୀ ପ୍ରୋତ୍ସାହନକୁ ଅନେଇ ବସିଥିଲେ ମଧ୍ୟ ଅଦ୍ୟାବଧି ତାଙ୍କୁ କୌଣସି ସୁଫଳ ମିଳିପାରି ନାହିଁ। ସେହିପରି କାଳିଆ ନାଥଙ୍କ କହିବା ଅନୁଯାୟୀ, ସେ ନିଜ କୌଳିକ ବୃତ୍ତିରୁ ନିଜକୁ ନିବୃତ୍ତ ରଖି ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ବ୍ୟବସାୟ କରି ନିଜ ପରିବାର ପ୍ରତିପୋଷଣ କରୁଥିଲେ ମଧ୍ୟ ସେଥିରୁ କରୁଥିବା ରୋଜଗାରରେ ଆଧୁନିକ ସମାଜରେ ନିଜକୁ ପ୍ରତିଷ୍ଠିତ କରିବାରେ ବହୁକଷ୍ଟ ଅନୁଭବ କରୁଛନ୍ତି। ସେହିପରି ଏହି ସମ୍ପ୍ରଦାୟର ଆଉକିଛି ପରିବାରକୁ ଯୋଗାଯୋଗ କଲେ ସେମାନେ କହନ୍ତି ଯେ ନୂଆପିଢିରେ ଆଉ ଯୋଗୀ ବୃତ୍ତିକୁ ଆପଣେଇବାକୁ କେହି ରାଜି ନୁହନ୍ତି। ସେମାନେ ଉଚ୍ଚ ଶିକ୍ଷିତ ହେବା ସହ ନିଜର ଶିକ୍ଷାଗତ ଯୋଗ୍ୟତା ଅନୁସାରେ ନିଜକୁ ନିୟୋଜିତ କରିବାରେ ଲାଗିଛନ୍ତି। କିଏ ଚାକିରି କରୁଛିତ କିଏ ବ୍ୟବସାୟ କରୁଛି ଓ ଆଉ କେହି ଚାଷ ବାଷରେ ମନ ନିବେଶ କରୁଛି। ତେଣୁ ସେମାନେ ଭାବପ୍ରବଣତାର ସହ ପ୍ରକାଶ କରନ୍ତି ଯେ ଆଗାମୀ କିଛି ବର୍ଷରେ ଗାଁରେ କେହି ବି ଯୋଗୀ ହେବାକୁ ବାହାରିବେ ନାହିଁ। ତେଣୁ ଏପରି ଏକ ନିଆରା ସମ୍ପ୍ରଦାୟକୁ ବିଲୁପ୍ତ ହେବାରୁ ବଞ୍ଚାଇ ରଖିବା ପାଇଁ ସରକାରୀ ବା ବେସରକାରୀ ସ୍ତରରେ ଚେଷ୍ଟିତ ହେବା ନିତ୍ୟାନ୍ତ ଆବଶ୍ୟକ। ଅନ୍ୟ ରାଜ୍ୟ ପରି ଯେପରିକି ପଶ୍ଚିମବଙ୍ଗ, ସେଠାରେ ଯୋଗୀର ସମାନ୍ତରାଳ ପରମ୍ପରା ବାଉଲ୍ ସଙ୍ଗୀତକୁ ସରକାରୀ ସିକୃତି ମିଳିବା ସହ ତାହା ଜନମାନସରେ ମଧ୍ୟ ଆଦୃତ ହୋଇସାରିଛି। ଯାହାଫଳରେ ବାଉଲ୍ ସମ୍ପ୍ରଦାୟ ଭିକ୍ଷାବୃତ୍ତିରୁ ନିବୃତ୍ତ ରହି ଏବେ ନିଜକୁ ସଙ୍ଗୀତର ତାଳେ ତାଳେ ନିୟୋଜିତ କରି ପ୍ରତିଷ୍ଠିତ ହୋଇ ପାରିଲେଣି। ସଙ୍ଗୀତ ମାଧ୍ୟମରେ ନିଜର ପରିଚୟ ସୃଷ୍ଟି କରିବା ପାଇଁ ସରକାରୀ ପ୍ରୋତ୍ସାହନ ପାଇପାରୁ ଥିବାରୁ ଅଧୁନିକ ଯୁଗରେ ନିଜ ଜୀବନ ଶୈଳୀରେ ମଧ୍ୟ ପରିବର୍ତ୍ତନ ଆଣିପାରିଛନ୍ତି। ଏଣୁ ଯଦି ଆମ ରାଜ୍ୟରେ ଯୋଗୀ ସମ୍ପ୍ରଦାୟକୁ ସମାନ ପ୍ରୋତ୍ସାହନ ମିଳିପାରନ୍ତା ତେବେ ବୁଡ଼ିଯାଉଥିବା କୌଳିକ ବୃତ୍ତିକୁ ସେମାନେ ଉଜ୍ଜିବିତ ରଖିବା ସହ ନିଜକୁ ପ୍ରତିଷ୍ଠିତ କରି ଏକତାରା ଓ କେନ୍ଦେରା ପରି ଦୁଇ ବାଦ୍ୟ ଯନ୍ତ୍ରକୁ ନବ ଜନ୍ମ ଦେଇ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟିକରିପାରନ୍ତେ ବୋଲି ବୁଦ୍ଧିଜୀବୀମାନେ ମତ ପ୍ରକାଶ କରିଛନ୍ତି।

## ସରକାରଙ୍କ ବଦଳି ନିର୍ଦ୍ଦେଶକୁ ମାସେ ବିତିଲା

# କାର୍ଯ୍ୟରେ ଯୋଗ ଦେଉ ନାହାନ୍ତି ଅଫିସର; ହନ୍ତସନ୍ତ ଅଞ୍ଚଳବାସୀ

ବୈପାରୀଗୁଡ଼ା, ୯।୧୧(ସମିସ): ବଦଳି ନିର୍ଦ୍ଦେଶକୁ ଏକ ମାସ ବିତିଲା, ତଥାପି କାର୍ଯ୍ୟରେ ଯୋଗ ଦେଉ ନାହାନ୍ତି ଅଧିକାରୀ। ବିଡ଼ିଓଙ୍କ ସମତେ ବିଭିନ୍ନ ବିଭାଗରେ ଅତିରିକ୍ତ ଦାୟିତ୍ୱ ତୁଲାଉଛନ୍ତି ଅଧିକାରୀ। ଏପଟେ ଅଧିକାରୀ ନଥିବାରୁ ହନ୍ତସନ୍ତ ହେଉଛନ୍ତି ଅଞ୍ଚଳବାସି ଏବଂ ହିତାଧିକାରୀ। ଏଭଳି ଘଟଣା କୋରାପୁଟ ଜିଲ୍ଲା ବୈପାରୀଗୁଡାଠାରେ ଦେଖିବାକୁ ମିଳିଛି। ଏ ସମସ୍ୟାକୁ ନେଇ ସରପଞ୍ଚ ସଙ୍ଘ ଜିଲ୍ଲାପାଳଙ୍କୁ ଘେରିବେ ବୋଲି ଚେତାବନୀ ଦେଇଛନ୍ତି। ଓଡିଶା ସରକାରର ପଞ୍ଚାୟତ ରାଜ ଓ ପାନୀୟ ଜଳବିଭଗ ବିଭାଗ ଚିଠି ନମ୍ବର - ୨୭୭୦୭ / ପିଆର୍/ ଡିଡବ୍ଲ୍ୟୁ / ୧୦-୧୦-୨୦୨୫ ଅନୁଯାଇ ଏକ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏହି ଚିଠିରେ କୋରାପୁଟ ଡେପୁଟି କଲାକ୍ଟର ସୁବ୍ରତ କୁମାର ସାହୁଙ୍କୁ ବୈପାରୀଗୁଡା ବିଡ଼ିଓ ଭାବେ ବଦଳି କରାଯାଇଛି। କିନ୍ତୁ ବଦଳି ନିର୍ଦ୍ଦେଶକୁ ଏକ ମାସ ବିତିଲା ପରେ ବି ଅଫିସର ନିଜର ବର୍ତ୍ତମାନ ସ୍ଥାନରୁ ରିଲିଭ୍ ହୋଇ ମଧ ନୂଆ ଦାୟିତ୍ୱ ଗ୍ରହଣ କରିନଥିବା ଦେଖିବାକୁ ମିଳିଛି । ସୂଚନା ଅନୁଯାୟୀ, କୋରାପୁଟ ଜିଲ୍ଲାପାଳଙ୍କ ଚିଠି ନମ୍ବର ୩୩୩୦/ ୨୫, ୦୧-୧୧-୨୫ ତାରିଖ ଅନୁଯାଇ ସମ୍ପୃକ୍ତ ଅଧିକାରୀ ରିଲିଫ ହୋଇଛନ୍ତି, କିନ୍ତୁ ବୈପାରୀଗୁଡା ବିଡ଼ିଓ ଭାବେ ଯୋଗ ଦେଇନାହାନ୍ତି। ଏହି ବଦଳି ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରା ନଯିବା ଦ୍ୱାରା ସରକାରଙ୍କ ବିଭିନ୍ନ କଲ୍ୟାଣମୂଳକ ଯୋଜନାର କାର୍ଯ୍ୟକାରିତା ଓ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଲୋକଙ୍କୁ ସେବା ପ୍ରଦାନ କ୍ଷେତ୍ରରେ ଗୁରୁତର ପ୍ରାଶାସନିକ ସମସ୍ୟା ସୃଷ୍ଟି ହେଉଛି। ପୂର୍ବରୁ ବିଡ଼ିଓ ଅଭିମନ୍ୟୁ କବି ଶତପଥି ଗତ ମେ ମାସ ୩୧ ତାରିଖରେ ଅବସର ଗ୍ରହଣ କରିବା ପରେ ଏଠାରେ ସ୍ଥାୟୀ ବିଡିଓ ନିଯୁକ୍ତି ହୋଇନାହାନ୍ତି। ପରେ ଜୟପୁର ବିଡ଼ିଓ ଶକ୍ତି ମହାପାତ୍ରଙ୍କୁ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ବୈପାରୀଗୁଡା ବ୍ଲକ୍ ଅଧୀନରେ କୋଡ଼ିଏ ଗୋଟି ଗ୍ରାମ ପଞ୍ଚାୟତ ରହିଛି ଏବଂ ଜୟପୁର ବ୍ଲକର ୨୨ଟି ପଞ୍ଚାୟତ ରହିଛି। ମୋଟାମୋଟି ୪୨ ପଞ୍ଚାୟତ ପାଇଁ ଜଣେ ବିଡ଼ିଓ ଦାୟିତ୍ୱ ତୁଲାଉଛନ୍ତି। ତେବେ ସେ ଦୁଇ



### ବିଡ଼ିଓ ସମତ ବିଭିନ୍ନ ବିଭାଗର ଅଧିକାରୀଙ୍କୁ ଅତିରିକ୍ତ ଦାୟିତ୍ୱ

ଦୁଇଟି ଦାୟିତ୍ୱ ତୁଲାଉ ଥିବାରୁ ସେ ସମ୍ପୂର୍ଣ୍ଣ ସମୟ ଦେଇ ପାରୁନାହାନ୍ତି। ଦୂର ଦୁରାନ୍ତରୁ ଜନସାଧାରଣ ଗୋଟିଏ କାମ ପାଇଁ ବାରମ୍ବାର ବ୍ଲକ କାର୍ଯ୍ୟାଳୟକୁ ଆସି ଖର୍ଚ୍ଚାନ୍ତ ହେବା ସହ ହଟ ହଟା ହୋଇ ଫେରୁଛନ୍ତି। ସେହିପରି ବୈପାରୀଗୁଡା ବ୍ଲକରେ ମୋଟ କୋଡ଼ିଏ ଗୋଟି ପଞ୍ଚାୟତ ରହିଥିବା ବେଳେ ୧୨ ଜଣ ପିଇଓ ଅଛନ୍ତି, ବଳକା ୮ ଟି ପଦବୀ ଖାଲି ପଡିଛି। ଏଣୁ ଜଣେ ୨ଟି ଲେଖାଏଁ ପଞ୍ଚାୟତ ଦାୟିତ୍ୱ ବାଧ ହୋଇ ତୁଲାଉଛନ୍ତି ଯାହାକୁ ନେଇ ହନ୍ତସନ୍ତ ମଧ ହେଉଛନ୍ତି। ସେହିପରି ବ୍ଲକ୍‌ରେ ୨୦ଟି ଏଡିଓ ପଦବୀ ବଦଳରେ ୬ ଜଣ ଅଛନ୍ତି, ଓଜିଆରଏସ ୪ ଜଣ ଥିବାବେଳେ ୧୬ଟି ପଦବୀ ଖାଲି ପଡିଛି। ବୈପାରୀଗୁଡା ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀଙ୍କୁ ଜୟପୁର ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ସେପଟ ଜୟପୁର ଯୋଗାଣ ନିରୀକ୍ଷଙ୍କୁ ଏଠାରେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ଟେକ୍ନିକାଲ କୋଡିନେଟର ତଥା ଡିପିଇପି ଜେଇ ମଧ ଜୟପୁର ଏବଂ ବୈପାରୀଗୁଡ଼ା ୨ ଟି ବ୍ଲକ୍ ଦାୟିତ୍ୱ ତୁଲାଉଛନ୍ତି। ମୁଖ୍ୟତଃ ବ୍ଲକରେ ମୁଖିଆ ବିଡ଼ିଓ ପଦବୀ ଖାଲି ଯୋଗୁଁ ପ୍ରଶାସନିକ ସ୍ତରରେ ଦାୟିତ୍ୱ ନିର୍ବାହରେ ଅସୁବିଧା ସମ୍ମୁଖୀନ ହେଉଛନ୍ତି ଅଧିକାରୀ। ଜିଲ୍ଲା ପ୍ରଶାସନର ଅବହେଳା ଯୋଗୁଁ ହନ୍ତସନ୍ତ ହେଉଛନ୍ତି ସାଧାରଣ ଲୋକେ। ଏଣୁ ଅତିଶୀଘ୍ର ବୈପାରୀଗୁଡାକୁ ବଦଳି ଅଧିକାରୀଙ୍କୁ କାର୍ଯ୍ୟରେ ଯୋଗ ଦେବା ପାଇଁ ସାଧାରଣରେ ଦାବି ହୋଇଛି। ଦାବି ପୂରଣ ନ ହେଲେ, ଆଗାମୀ ଦଦିନରେ ଆନ୍ଦାଳନ ଚେତାବନୀ ଦେଇଛନ୍ତି ସରପଞ୍ଚ ସଙ୍ଘ ସଭାପତି ଅଭିମନ୍ୟୁ ନାୟକ ଓ ଜିଲ୍ଲା ପରିଷଦ ସଭ୍ୟା ମଣି ଯାନୀ।

● ସୁନାବେଡ଼ାରେ ବାଘ ଆତଙ୍କ

## ବୁଲୁଥିବା ଜନ୍ତୁଟି ବାଘ ନୁହେଁ କଟାସ: ଡିଏଫ୍‌ଓ



ସୁନାବେଡ଼ା, ୯।୧୧(ସମିସ): ବିଗତ କିଛି ଦିନ ହେଲା କୋରାପୁଟ ଜିଲ୍ଲାର ସୁନାବେଡ଼ା -୧ ଅଞ୍ଚଳରେ ଏକ କଲରା ପତରିଆ ବାଘ ବୁଲୁଥିବା ଏକ ଭିଡ଼ିଓ ସାମାଜିକ ଗଣମାଧ୍ୟମ ଗୁଡିକରେ ଭାଇରାଲ ହୋଇଥିଲା। ଭିଡ଼ିଓ ଦେଖିବା ପରେ ସ୍ଥାନୀୟ ଲୋକମାନେ ଆତଙ୍କିତ ହୋଇଥିଲେ। ଏହାପରେ ବନ ବିଭାଗ ତରଫରୁ ବିଭିନ୍ନ ସ୍ଥାନରେ ଟ୍ରାପ୍ କ୍ୟାମେରା ଲଗାଯାଇ ନଜର ରଖା ଯାଇଥିଲା। ଏହାପରେ କ୍ୟାମେରାରେ ଦେଖାଯାଉଥିବା ଜନ୍ତୁଟି ବାଘ ନୁହଁ। ଏହା ଭାରତର ବିଭିନ୍ନ ବନ୍ୟାଞ୍ଚଳରେ ସାଧାରଣ ଭାବେ ଦେଖାଯାଉଥିବା ଏକ ବଣ ଭୂଆ ବା କଟାସ ବୋଲି କୋରାପୁଟର ଡିଏଫ୍‌ଓ ସ୍ପଷ୍ଟ କରିଛନ୍ତି। ଏନେଇ ବନ ବିଭାଗ ତରଫରୁ ଚାରୋଟି କ୍ୟାମେରା ଲଗେଇ ଦିଆଯାଇଛି। ଦୁଇ ଜଣ ଫରେଷ୍ଟ ଗାର୍ଡ ମଧ୍ୟ ଜଗି ରହି ଉକ୍ତ ଜନ୍ତୁର ଗତିବିଧି ଉପରେ ନଜର ରଖିଛନ୍ତି। ଏନେଇ ଜନସାଧାରଣ କୌଣସି ଭୟଭୀତ ହେବାର ନାହିଁ ବୋଲି କୋରାପୁଟ ଡିଏଫ୍‌ଓ କେ ଭି ରାଓ କହିଛନ୍ତି।

## ତରୁଣ ପ୍ରଜ୍ଞା ଭାରତୀର ଚତୁର୍ଥ ପର୍ଯ୍ୟାୟ ପ୍ରତିଯୋଗିତା



ଜୟପୁର, ୯ ।୧୧(ସମିସ): ତରୁଣ ପ୍ରଜ୍ଞା ଭାରତୀ ଅନୁଷ୍ଠାନ ପକ୍ଷରୁ ବାର୍ଷିକ ଚତୁର୍ଥ ପର୍ଯ୍ୟାୟ ଓଡିଶୀ, ଲୋକନୃତ୍ୟ ଓ ଝୋଟି ପ୍ରତିଯୋଗିତା ସ୍ଥାନୀୟ ବାଘଭଣ୍ଡାର ସାହି ବିଜ୍ଞାନ ଇଣ୍ଟରନ୍ୟାସନାଲ ପ୍ରାଥମିକ ବିଦ୍ୟାଳୟ ପରିସରରେ ରବିବାର ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଯୋଗଦେଇଥିଲେ। ସେହିପରି ମୁରୁଜ ଝୋଟି ପ୍ରତିଯୋଗିତାରେ ସାଧାରଣ ବର୍ଗର ମହିଳାମାନେ ଯୋଗଦାନ କରିଥିଲେ। ଏଥିରେ ଅନୁଷ୍ଠାନର ଉପସଭାପତି ରାମ ଶଙ୍କର ଷଡଙ୍ଗୀ, ସମ୍ପାଦକ ଅଜୟ କୁମାର ମଲିକ, କୋଷାଧ୍ୟକ୍ଷ ରବୀନ୍ଦ୍ର ମହାରଣା, ଜାନକୀ ପାଣିଗ୍ରାହୀ, ସବିତା ତ୍ରିପାଠୀ, ସବିତା ଶତପଥୀ, ଲିପିକା ଦଳାଇ, ଜି.ମହେଶ, ତପସ୍ୱିନୀ କୁମାରୀ ସାହୁ, ଜଗନ୍ନାଥ ପାଣିଗ୍ରାହୀ, ବିପିନ ପାତ୍ର, କ୍ଷେତ୍ର ମୋହନ ନାୟକ କୃଷ୍ଣ କେଶବ ଷଡଙ୍ଗୀ, ମୁନା ମିଶ୍ର, ୱାଇ. ଗୌରୀ ଶଙ୍କର, ବନମାଳି ହଡପ ପ୍ରମୁଖ ପରିଚାଳନାରେ ସହାୟତା କରିଥିଲେ। ସେହିପରି ଶଙ୍କରୀ ଦଳପତି, ଗୀତା ଜୟନ୍ତୀ ପାତ୍ର, ଇତିଶ୍ରୀ ସୁବୁଦ୍ଧି, ଅନିତା ବେହେରା, ନୃସିଂହ ପ୍ରସାଦ ଷଡଙ୍ଗୀ ଓ ଶିବ ଶଙ୍କର ନାୟକ ବିଚାରକ ଭାବେ କାର୍ଯ୍ୟ ସମ୍ପାଦନା କରିଥିଲେ। ଆସନ୍ତା ୧୬ ତାରିଖରେ ନାରାୟଣୀ ଇଂରାଜୀ ବିଦ୍ୟାଳୟ ପରିସରରେ ଦେଶାତ୍ମବୋଧକ ସଙ୍ଗୀତ, ବନବାସୀ ସଙ୍ଗୀତ ଓ ସ୍ଲୋଗାନ ଲିଖନ ପ୍ରତିଯୋଗିତା ପର୍ଯ୍ୟାୟ କ୍ରମେ ଅନୁଷ୍ଠିତ ହେବ ବୋଲି ଅନୁଷ୍ଠାନର ଉପସଭାପତି ଶ୍ରୀ ଷଡଙ୍ଗୀ ସୂଚନା ଦେଇଛନ୍ତି।

## ଅଣଗେଜେଟେଡ କର୍ମଚାରୀ ସମନ୍ୱୟ ସମିତିର ବୈଠକ

ଜୟପୁର, ୯ ।୧୧(ସମିସ): କୋରାପୁଟ ଜିଲ୍ଲା ଶାଖା ଓଡ଼ିଶା ରାଜ୍ୟ ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଜୟପୁର ଯାଦବ ଭବନଠାରେ ଗତ ଶନିବାର ଅନୁଷ୍ଠିତ ହୋଇଥିଲା। ସମିତି ଜିଲ୍ଲା ଶାଖା ସଭାପତି ଶଶିଭୁଷଣ ଦାଶଙ୍କ ଆହ୍ୱାନ କ୍ରମେ ବିଭିନ୍ନ ବିଭାଗରେ କାର୍ଯ୍ୟରତ ଅଣଗେଜେଟେଡ୍ କର୍ମଚାରୀ ଯୋଗ ଦେଇଥିଲେ। ଏଥିରେ ରାଜ୍ୟ ସରକାରୀ କର୍ମଚାରୀମାନଙ୍କର ବିଭିନ୍ନ ନ୍ୟାର୍ଯ୍ୟ ଦାବି ସମ୍ପର୍କରେ ଆଲୋଚନା ହୋଇଥିଲା। ପୁର୍ବରୁ ଶିକ୍ଷା ବିଭାଗରେ କାର୍ଯ୍ୟରତ କର୍ମଚାରୀଙ୍କ ପକ୍ଷରୁ ୧୦ ଦଫା ଦାବି ନେଇ ଶିକ୍ଷା ଅଧିକାରୀଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା । ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗଙ୍କ ନିର୍ଦ୍ଦେଶ ଅନୁଯାୟୀ ପ୍ରତ୍ୟେକ ବିଦ୍ୟାଳୟରେ ଅନ୍ତତଃ ୨ ଜଣ ଶିକ୍ଷକ ନିଯୁକ୍ତ ହେବାର ରହିଥିଲେ ସୁଦ୍ଧା କୋରାପୁଟ ଜିଲ୍ଲାରେ ବହୁମାତ୍ରାରେ ବିଦ୍ୟାଳୟରେ ଜଣେ ମାତ୍ର ଶିକ୍ଷକଙ୍କ ଦ୍ୱାରା ବିଦ୍ୟାଳୟ ପରିଚାଳନା ହେଉଛି। ଫଳରେ ଶିକ୍ଷକ ଓ ଶିକ୍ଷୟିତ୍ରୀ ସ୍ୱାସ୍ଥ୍ୟଗତ ସମସ୍ୟା ଯୋଗୁଁ ବଦଳି ପାଇଁ ଆବେଦନ କରୁଛନ୍ତି। ଯାହାକୁ ଅଗ୍ରାହ୍ୟ କରାଯାଇଛି। ଅନୁକମ୍ପା ମୂଳକ ନିଯୁକ୍ତି ପ୍ରଦାନ କରିବା ପାଇଁ ଓ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କୁ କନିଷ୍ଠ ସହାୟକ ପଦବୀକୁ ପଦୋନ୍ନତି ଦେବା ନିମନ୍ତେ ମଧ ସ୍ମାରକ ପତ୍ରରେ ଉଲ୍ଲେଖ ରହିଛି। ଆଗାମୀ ୨୩ ତାରିଖରେ ଜୟପୁରଠାରେ ସମିତି ପକ୍ଷରୁ ଏକ ସମାବେଶର ଆୟୋଜନ କରିବା ନିମନ୍ତେ ଉପସ୍ଥିତ କର୍ମଚାରୀମାନେ ମତପ୍ରକାଶ କରିଥିଲେ। ଏଥିରେ ରାଜ୍ୟ ଓ ଜିଲ୍ଲାର ନେତୃବୃନ୍ଦ ଯୋଗଦାନ କରିବା ସହିତ କର୍ମଚାରୀମାନଙ୍କର ବିଭିନ୍ନ ଦାବି ସରକାରଙ୍କ ନିକଟରେ ଉପସ୍ଥାପନ କରିବା ନେଇ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସଭାପତି ଶ୍ରୀ ଦାଶ ସୂଚନା ଦେଇଛନ୍ତି। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ସମିତିର ଜିଲ୍ଲା ସମ୍ପାଦକ ମହେଶ୍ୱର ମିଶ୍ର, ସଦସ୍ୟ କିରଣ ମହାରଣା, ଶ୍ରୀଧର ମହାପାତ୍ର, ଅଜୟ କୁମାର ପ୍ରଧାନ, ଶ୍ରୀ ସିମାଞ୍ଚଳ ବିଷୟୀ, କିରଣ କୁମାର କନ୍ଧପାଣ, ସୁବାସ ନାୟକ, ନରସିଂହ ସାବତଙ୍କ ସମେତ ବହୁ କର୍ମଚାରୀ ଯୋଗଦେଇଥିଲେ।

● ରେଳ ଲାଇନରୁ ପଥର ବ୍ୟବସାୟୀଙ୍କ ଶବ ଉଦ୍ଧାର ଘଟଣା

## ଋଣଭାର ଓ ମାନସିକ ଚାପ ପାଇଁ କରିଥିଲେ ଆତ୍ମହତ୍ୟା

କୋରାପୁଟ, ୯।୧୧(ସମିସ): ଗତ ଶୁକ୍ରବାର ସକାଳେ କୋରାପୁଟ-ଡୁମୁରିପୁଟ ଷ୍ଟେସନ ମଝିରେ ରେଳ ଲାଇନରୁ ପଥର ବ୍ୟବସାୟୀ ଏମ.ଶଙ୍କର (୪୫)ଙ୍କ ମୃତଦେହ ଉଦ୍ଧାର ପରେ ରବିବାର ମୃତକଙ୍କ ଶବ ବ୍ୟବଚ୍ଛେଦ କରାଯାଇଛି। କୋରାପୁଟ ଜିଆରପି ପୁଲିସ ତାମିଲନାଡୁର କୋଏମ୍ବାଟୁରରୁ ମୃତକଙ୍କ ସ୍ତ୍ରୀ, ଭାଇ, ବାପା ଏବଂ ପରିବାର ବର୍ଗ ପହଞ୍ଚିଲା ପରେ ସମସ୍ତଙ୍କ ବୟାନ ରେକର୍ଡ କରି ସ୍ତ୍ରୀଙ୍କ ଅନୁମତି କ୍ରମେ ମୃତଶରୀରକୁ ବ୍ୟବଚ୍ଛେଦ ପାଇଁ ଅନୁମତି ଦେଇଥିଲା। କୋରାପୁଟ ମେଡିକାଲ କଲେଜରେ ବ୍ୟବଚ୍ଛେଦ ପରେ ମୃତ ଦେହ ପରିବାରକୁ ହସ୍ତାନ୍ତର କରାଯାଇଛି । ଏନେଇ ଜିଆରପି ଥାନା ଭାରପ୍ରାପ୍ତ ଅଧିକାରୀ ସନ୍ତୋଷୀ ମହନ୍ତ କହିଛନ୍ତି, ଶୁକ୍ରବାର ସକାଳେ କୋରାପୁଟରୁ ରାୟଗଡ଼ା ଯାଉଥିବା ସମଲେଶ୍ୱରୀ ଏକ୍ସପ୍ରେସ ଟ୍ରେନ ଆଗକୁ ଡେଇଁ ଏମ. ଶଙ୍କର ଆତ୍ମହତ୍ୟା କରିଥିବା ନେଇ ଟ୍ରେନର ଲୋକ ପାଇଲଟ କହିଥିଲେ। ମୃତକଙ୍କ ସ୍ତ୍ରୀ ତାମିଲନାଡୁର କୋଇମ୍ବାଟୁର ରହୁଥିବାରୁ ସେ କୋରାପୁଟ ଆସିବା ପରେ ଶବ ବ୍ୟବଚ୍ଛେଦ କରାଯାଇଛି। ଋଣଭାର ଓ ମାନସିକ ଚାପ ପାଇଁ ସେ ଅତ୍ମହତ୍ୟା କରିଥିବା ତଦନ୍ତରୁ ଜଣାପଡିଛି। ରେଲୱେ ଥାନାରେ ଏନେଇ ୧୪/୨୦୨୫ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ଶ୍ରୀମତୀ ମହନ୍ତ ପ୍ରକାଶ କରିଛନ୍ତି। ମାଇନ୍ସ ଡିଲକୁ ନେଇ ତାଙ୍କୁ ହତ୍ୟା କରାଯାଇଥିବା ନେଇ ହେଉଥିବା ଚର୍ଚ୍ଚାର ସତ୍ୟତା ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ଅନ୍ୟପଟେ ମୃତ ବ୍ୟବସାୟୀଙ୍କ ଭାଇ ମଧ ମାନସିକ ଚାପ ଓ ଟଙ୍କା ବାକି ଉଦ୍ଧାର ପାଇଁ ଭାଇ ରେଳ ଆଗକୁ ଡେଇଁ ପଡିଥିବା କହିଛନ୍ତି।

## ସାପ କାମୁଡ଼ାରେ ଶିଶୁ ମୃତ

ପାପଡାହାଣ୍ଡି, ୯।୧୧(ସମିସ): ପାପଡାହାଣ୍ଡି ବ୍ଲକ ଅନ୍ତର୍ଗତ ମୈଦଲପୁର ପଞ୍ଚାୟତର ଚଚରାଗୁଡା ଗ୍ରାମର ରୋତି ଜାନିଙ୍କ ଶିଶୁ ପୁତ୍ର ବିକ୍ରମ ଜାନି ( ୯ ) ଆଜି ଗ୍ରାମ ନିକଟରେ ଥିବା ମକାବାଡ଼ରେ ଖେଳୁଥିବା ସମୟରେ ତାଙ୍କରି ବାମ ଗୋଡ଼କୁ କୌଣସି ବିଷାକ୍ତ ସାପ କାମୁଡି ଦେଇଥିଲା। ପରିବାର ଲୋକେ ତାଙ୍କୁ ତୁରନ୍ତ ପାପଡାହାଣ୍ଡି ଡାକ୍ତରଖାନାକୁ ନେଇଥିଲେ। ଡାକ୍ତର ନିକେଶ କୁମାର ବିଶୋଇ ତାଙ୍କୁ ମୃତ ଘୋଷଣା କରିଥିଲେ। ସରକାରୀ ସହାୟତା ପାଇଁ ପ୍ରଶାସନ ନିକଟରେ ପରିବାର ବର୍ଗ ଅନୁରୋଧ କରିଛନ୍ତି।

## ଫୁଟବଲ ଟୁର୍ଣ୍ଣାମେଣ୍ଟ; କଟିଆ କନାଡି ଗ୍ରାମ୍ୟ ଦଳ ଚାମ୍ପିଅନ୍

ଜୟପୁର, ୯ ।୧୧(ସମିସ): ଜୟପୁର ବ୍ଲକ୍ କଟିଆ କନାଡି ବ୍ରେକ୍ ଲୁନ ଯୁବକ ସଂଘ ପକ୍ଷରୁ ଡାଙ୍ଗରା ଗ୍ରାମ ମୌଜାଠାରେ ଆୟୋଜତ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଆୟୋଜକ କଟିଆକନାଡି ଗ୍ରାମ୍ୟ ଦଳ ପେନାଲଟି ସୁଟ ଆଉଟରେ ୨-୧ ଗୋଲ ବ୍ୟବଧାନରେ ସୌରଗୁଡା ଦଳକୁ ପରାସ୍ତ କରି ଚାମ୍ପିଅନ୍ ହୋଇଛି। ପୁରସ୍କାର ଭାବେ ବିଜେତା ଦଳକୁ ୧୨ ହଜାର ଟ୍ରଫି ଏବଂ ଉପବିଜେତା ସୌରଗୁଡା ଦଳକୁ ୮ ହଜାର ଟଙ୍କା ଓ ଟ୍ରଫି ପ୍ରଦାନ କରାଯାଇଛି। ଜୟପୁର ବ୍ଲକର ସମୁଦାୟ ୧୬ଟି ଦଳକୁ ନେଇ ଗତ ୧ ତାରିଖ ଠାରୁ ଆରମ୍ଭ ହୋଇଥିବା ଫୁଟବଲ ଟୁର୍ଣ୍ଣାମେଣ୍ଟର ଆଜି ଫାଇନାଲ ମ୍ୟାଚରେ ନିର୍ଦ୍ଧାରିତ ସମୟରେ ଉଭୟ ଦଳ ପରସ୍ପରକୁ ଗୋଲ ଦେବାରେ ବିଫଳ ହୋଇଥିଲେ। ଶେଷରେ ପେନାଲଟି ସୁଟଆଉଟ ମାଧ୍ୟମରେ ମ୍ୟାଚ ଫଳାଫଳ ହୋଇଥିଲା। ଆଜିର ଫାଇନାଲ ମ୍ୟାଚରେ ଗ୍ରାମାଞ୍ଚଳର ହଜାରରୁ ଉଜାର ଦର୍ଶକ ଉପସ୍ଥିତ ରହିଥିଲେ। ମୂଖ୍ୟତଃ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ଯୁବକଙ୍କ ଫୁଟବଲ କ୍ରୀଡାକେ ପ୍ରତିଭାକୁ ଲୋକ ଲୋଚନକୁ ଆଣିବା ନେଇ ଏହି ଟୁର୍ଣ୍ଣାମେଣ୍ଟର ଆୟୋଜନ କରାଯାଇଥିବା ନେଇ ଆୟୋଜକ ଯୁବକ ସଂଘ ପକ୍ଷରୁ ପ୍ରକାଶ କରାଯାଇଛି। ଆଜି ଫାଇନାଲ ମ୍ୟାଚ୍‌ରେ ମୁଖ୍ୟ ଅତିଥି ଭାବେ ଜୟପୁର କନକ ଟିଭି ବ୍ୟୁରୋ ମୁଖ୍ୟ ରମେଶ ସାହୁ, ସମ୍ମାନିତ ଅତିଥି ଭାବେ ବ୍ୟବସାୟୀ ତୁଷାର ସାହା ଓ ଅଗ୍ନିଶମ ବିଭାଗର ଅତିରିକ୍ତ ଷ୍ଟେସନ ଅଧିକାରୀ ମଙ୍ଗଳଦାନ ଉପସ୍ଥିତ ରହି ପୁରସ୍କାର ପ୍ରଦାନ କରିଥିଲେ। ମ୍ୟାଚ ପରିଚାଳନାରେ ରେଫରୀ ଭାବେ ବ୍ରଜ ନାଗ ଏବଂ ଲାଇନ୍ସ ମ୍ୟାନ ଭାବେ ଅତିସ ମିଶ୍ର ଓ ରମେଶ ଜାନୀ ଓ ତୃତୀୟ ରେଫରୀ ଭାବେ ମଧୁ ବାଗ ରହିଥିଲେ। ଆୟୋଜକ ଯୁବକ ସଂଘର ସୋନୁ ନାଟିକା, ଜୋନ ହିକକା, ରାଜୁ ମହୁକା, ପିଣ୍ଟୁ ନାଚିକା, ଅଜୟ ହିକକା, ରଞ୍ଜନ ମହୁକା, ବାବୁଲା ହେମ୍ବ୍ରମ, ଗୁରୁନାଥ ହିକକା ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।



## ସରସ୍ୱତୀ ବିଦ୍ୟାମନ୍ଦିରରେ ସପ୍ତଶକ୍ତି ସଙ୍ଗମ କାର୍ଯ୍ୟକ୍ରମ



ଜୟପୁର, ୯ ।୧୧(ସମିସ): ଜୟପୁର ସହରର ଶାରଦା ବିହାର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଠାରେ ସପ୍ତଶକ୍ତି ସଙ୍ଗମ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜାନକୀ ପାଣିଗ୍ରାହୀ ଏବଂ ମୁଖ୍ୟବକ୍ତା ଭାବେ ସୁସ୍ମିତା ଦାଶ ଯୋଗଦେଇଥିଲେ। ଗୁରୁମା ସୁପ୍ରଭା ପଣ୍ଡା, ଶାନ୍ତିଲତା ସାମନ୍ତରାୟ ଓ ବିନୋଦିନୀ ସାନ୍ତ୍ରାପାତ୍ର ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥିମାନଙ୍କୁ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା।। ଦେଶର ବିକାଶରେ ମହିଳାଙ୍କ ଭୂମିକା, ପରିବେଶ ଓ କୁଟୁମ୍ବ ପ୍ରବୋଧନ ଉପରେ ଅତିଥି ଓ ମୁଖ୍ୟ ବକ୍ତା କହିଥିଲେ। ମା’ ମାନଙ୍କ ମଧ୍ୟରେ କୁଇଜ୍ କାର୍ଯ୍ୟକ୍ରମ, ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ମହିୟସୀ ମହିଳାଙ୍କ ବାର୍ତ୍ତା ପରିବେଷଣ, ଅଭିଭାବିକା ମାଆମାନେ ନିଜର ଅନୁଭୂତି କଥନ କରିଥିଲେ। ସମସ୍ତ ଗୁରୁମା ଉକ୍ତ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା ସହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଦ୍ୟାମନ୍ଦିରର ପ୍ରଧାନଆଚାର୍ଯ୍ୟ ସତ୍ୟନାରାୟଣ ସେଠୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମ ପରିଚାଳନାରେ ମୁଖ୍ୟ ଭୂମିକା ଗୁରୁମା ମମତା ବରାଡ, ସୁଜାତା ପଣ୍ଡା, ନିର୍ମଳା ପାଣିଗ୍ରାହୀ ଓ ଲିଲି ତ୍ରିପାଠୀ, ପି.ମାଲେଶ୍ୱରୀ ନେଇଥିଲେ।

## ଇପିଏଫ୍ ପେନସନର୍ସ ଆସୋସିଏସନ୍‌ର ବୈଠକ



ଜୟପୁର, ୯ ।୧୧(ସମିସ): ଜୟପୁର ସ୍ଥିତ ଯାଦବ ଭବନଠାରେ ଅଲ୍ ଓଡିଶା ଇପିଏଫ୍ ପେନସନର୍ସ ମହାସଂଘ ଜିଲ୍ଲା କମିଟିର ବୈଠକ ଅନୁଷ୍ଠିତ ହୋଇଥିଲା । କମିଟିର ବରିଷ୍ଠ ସଦସ୍ୟ ନଳିନୀକାନ୍ତ ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗତ ୩ ତାରିଖରେ ଅଲ୍ ଓଡିଶା ଇପିଏଫ୍ ପେନସନର୍ସ ମହାସଂଘର ପ୍ରତିଷ୍ଠା ଦିବସ ଭୁବନେଶ୍ୱର ସ୍ଥିତ ଲୋହିଆ ଭବନଠାରେ ଅନୁଷ୍ଠିତ ହୋଇଥିଲା, ଏଥିରେ ଆସନ୍ତା ଡ଼ିସେମ୍ବର ୯ ତାରିଖରେ ଦେଶର ରାଜଧାନୀ ଦିଲ୍ଲୀରେ ସମସ୍ତ କେନ୍ଦ୍ରୀୟ ଶ୍ରମିକ ସଂଗଠନମାନଙ୍କ ସହ ଇପିଏଫ୍ ପେନସନର୍ସ ମହାସଂଘର ସର୍ବ ଭାରତୀୟ ନେତୃବୃନ୍ଦ ଆଲୋଚନା କରିବେ ଏବଂ ସର୍ବନିମ୍ନ ପେନସନ ମାସିକ ୯ ହଜାର ଟଙ୍କା ଓ ଚିକିତ୍ସା ସୁବିଧା ପାଇଁ ଦାବି ନେଇ ଦିଲ୍ଲୀର ଯନ୍ତରମନ୍ତରଠାରେ ବିଶାଳ ଗଣବିକ୍ଷୋଭ ଅନୁଷ୍ଠିତ ହେବ। ଆସନ୍ତା ନଭେମ୍ବର ୧୬ ତାରିଖ ଦିନ ଜିଲ୍ଲାପାଳଙ୍କ ଜରିଆରେ ପ୍ରଧାନମନ୍ତ୍ରୀଙ୍କୁ ସର୍ବନିମ୍ନ ପେନସନ ବୃଦ୍ଧି ପାଇଁ ଦାବିପତ୍ର ପ୍ରଦାନ କରାଯିବ। ଏଥିରେ ବହୁ ସଂଖ୍ୟକ ପେନସନଧାରୀ ଅବସରପ୍ରାପ୍ତ ଶ୍ରମିକମାନେ ଯୋଗ ଦେବା ପାଇଁ ଶ୍ରମିକ ନେତା ପ୍ରମୋଦ କୁମାର ମହାନ୍ତି ନିବେଦନ କରିଛନ୍ତି। ମହାସଂଘ ପକ୍ଷରୁ ସଦସ୍ୟ ନବୀକରଣ ଏବଂ ନୂତନ ସଦସ୍ୟ ସଂଗ୍ରହ ଅଭିଯାନ ମଧ୍ୟ ଆରମ୍ଭ ହୋଇଛି। ଅନ୍ୟମାନଙ୍କ ମଧ୍ୟରେ ଦୁର୍ଗା ପ୍ରସାଦ ଦାଶ, ବସନ୍ତ ବେହେରା, ରାମ ପ୍ରସାଦ ପଣ୍ଡା, କେ.ଏସ୍. ବିଶ୍ୱାଳ, ଜି.ପ୍ରସାଦ ରାଓ, ଦଣ୍ଡପାଣି ପାତ୍ର, ସୁଦର୍ଶନ ବିଷୋୟୀ, ଧ୍ରୁବ ଚରଣ ବାରିକ, ସୁବାଷ ବେହେରା, ଧ୍ରୁବ ମଲ୍ଲିକ, ଭାସ୍କର ମିଶ୍ର ପ୍ରମୁଖ ଯୋଗଦାନ କରିଥିଲେ। ଶେଷରେ ଉପସଭାପତି ମୁଦିରଥ ହୋତା ଧନ୍ୟବାଦ ଅର୍ପଣ କରିଥିଲେ।

### ରାଜ୍ୟସ୍ତରୀୟ ଓକିଲ ସଂଘ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

# ଭୁବନେଶ୍ୱରକୁ ହରାଇ ଗଞ୍ଜାମ ଚାମ୍ପିଅନ୍



କୋରାପୁଟ, ୯।୧୧(ସମିସ): କୋରାପୁଟ ବାର ଆସସିଏସନ ଦ୍ୱାରା ଆୟୋଜିତ ରାଜ୍ୟସ୍ତରୀୟ ବାର୍ ଆସୋସିଏସନ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ରବିବାର ଅନୁଷ୍ଠିତ ଫାଇନାଲ ମ୍ୟାଚରେ ଭୁବନେଶ୍ୱର ବାରକୁ ୪୯ ରନ୍‌ରେ ହରାଇ ଗଂଜାମ ଚାମ୍ପିଅନ୍ ହୋଇଛି। ପ୍ରଥମେ ଟସ ଜିତି ଗଞ୍ଜାମ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ୧୭.୩ ଓଭରରେ ୧୧୨ ରନ୍ କରି ଟିମ୍ ଅଲଆଉଟ ହୋଇଯାଇଥିଲା। ଦ୍ୱତୀୟ ପାଳିରେ ଭୁବନେଶ୍ୱର ବାର ବ୍ୟାଟିଂ କରିବାକୁ ଆସି ୧୫.୫ ଓଭରରେ ମାତ୍ର ୬୪ ରନ୍‌ରେ ଅଲଆଉଟ ହୋଇଯାଇଥିଲା। ଫଳରେ ୪୯ ରନ୍‌ରେ ଗଞ୍ଜାମ ବାର ଆସୋସିଏସନ ମ୍ୟାଚକୁ ଜିତି ନେଇଥିଲା। ଅମ୍ପାୟାର ଭାବେ ଓସିଏ ପାନଲ ଅମ୍ପାୟାର ତୁଷାର ପଣ୍ଡା ଓ ଅସିତ ପଟ୍ଟନାୟକ ଖେଳ ପରିଚାଳନା କରିଥିଲେ। ମ୍ୟାଚ୍ ରେଫ୍ରି ଭାବେ ପ୍ରଦୀପ କୁମାର ମହାନ୍ତି ଦାୟିତ୍ୱ ତୁଲାଇଥିଲେ। ସ୍କୋରର ଭାବେ ଭକ୍ତ ଏବଂ ଦିଲିପ ରହିଥିଲେ। ଅଲ ରାଉଣ୍ଡ ପ୍ରଦର୍ଶନ ପାଇଁ ଗଞ୍ଜାମ ଟିମର ଦୁର୍ଗା ପଟ୍ଟନାୟକଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ ଏବଂ ଭୁବନେଶ୍ୱର ଟିମ୍‌ର ମହେଶ ସାହୁ ମ୍ୟାନ ଅଫ ଦି ସିରିଜ ପୁରସ୍କାର ପ୍ରଦାନ କରାଯାଇଥିଲା। ଫାଇନାଲ ମ୍ୟାଚରେ ମୁଖ୍ୟଅତିଥି ଭାବେ କୋରାପୁଟ ସାଂସଦ ସପ୍ତଗିରି ଶଙ୍କର ଉଲ୍ଲାକା ଓ ନାଲକୋର ଇଡି ନିରଞ୍ଜନ ସାମଲ ଉପସ୍ଥିତ ଥିଲେ। କୋରାପୁଟ ବାର ଆସୋସିଏନର ସଭାପତି ପ୍ରଭାତ ମହାପାତ୍ର, ସମ୍ପାଦକ ସୁନୀଲ କୁମାର ଜେନ୍, ଉପସଭାପତି କୃଷ୍ଣ ସ, କୋଷାଧ୍ୟକ୍ଷ କାମାକ୍ଷା ପ୍ରସାଦ ମାଝି, ମିଡ଼ିଆ ପରାମର୍ଶ ଦାତା ଅଶୋକ କୁମାର ଷଡଙ୍ଗୀ, ବାର କାଉନସିଲ ସଦସ୍ୟ ପି. ରମେଶ ପାତ୍ର, ବରିଷ୍ଠ ଓକିଲ ଟି. ଏନ୍ ମୂର୍ତ୍ତୀ, ନିହାର ରଞ୍ଜନ ପଟ୍ଟନାୟକ, ବିଦ୍ୟାଧର ସାହ, ଏନ ଗୋବିନ୍ଦ, ସନ୍ତୋଷ ରଥ, ମନୋରଞ୍ଜନ ରାଉତରାୟ, ପ୍ରଶାନ୍ତ ପାତ୍ର, ଅଜିତ ପାତ୍ର, ଗୁପ୍ତେଶ୍ୱର ପାଣିଗ୍ରାହୀଙ୍କ ସମେତ କୋରାପୁଟ ବାର ସଙ୍ଘର ସମସ୍ତ ସଦସ୍ୟ ଓ ସଦ୍ୟସ୍ୟା ଉପସ୍ଥିତ ଥିଲେ।

## ହୃଦ୍‌ଘାତରେ ବ୍ଲକ୍ ବଡ଼ବାବୁଙ୍କ ପରଲୋକ

**କୁଆମରା, ୯।୧୧(ସମିସ):** ଗୋପବନ୍ଧୁ ନଗର ବ୍ଲକ କାର୍ଯ୍ୟାଳୟରେ କାର୍ଯ୍ୟରତ ବଡ଼ବାବୁ (ମୁଖ୍ୟ କିରାଣି) ସୁଧୀର କୁମାର ପୁଥାଳ (୫୭)ଙ୍କ ଆଜି ଅପରାହ୍ନରେ



ହୃଦ୍‌ଘାତରେ ପରଲୋକ ଘଟିଛି। ତାଙ୍କ ଛାତିରେ ହଠାତ୍ ଯନ୍ତ୍ରଣା ହେବାରୁ ତାଙ୍କୁ ବାରିପଦା ଡାକ୍ତରଖାନା ନିଆଯାଇଥିଲା। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଶ୍ରୀ ପୁଥାଳଙ୍କ ଘର ଗୋପବନ୍ଧୁନଗର ବ୍ଲକ ପଶୁଦା ପଞ୍ଚାୟତ ସାନବେଲାକୁଟୀ ଗ୍ରାମରେ। ସେ ବାରିପଦା ଓ ସାନବେଲାକୁଟୀ ଉଭୟ ବାସଭବନରେ ରହୁଥିଲେ। ଗତ ୨୦୨୪ ଅଗଷ୍ଟ ମାସରେ ସେ ଉକ୍ତ ବ୍ଲକରେ ବଡ଼ବାବୁ ପଦବୀରେ ଯୋଗ ଦେଇଥିଲେ। ଆଗାମୀ ୨୦୨୮ରେ ସେ ଅବସର ଗ୍ରହଣ କରିଥା'ନ୍ତେ। ତାଙ୍କର ପତ୍ନୀ ଓ ଗୋଟିଏ ବିବାହିତ ଝିଅ ଅଛନ୍ତି। ଆସନ୍ତାକାଲି ତାଙ୍କର ବାରିପଦା ଡାକ୍ତରଖାନାରେ ବ୍ୟବଚ୍ଛେଦ ହେବା ପରେ ମୃତଦେହ ଜନ୍ମସ୍ଥାନ ସାନବେଲାକୁଟୀ ଅଣାଯିବ ବୋଲି ଜଣାପଡ଼ିଛି। ତାଙ୍କ ମୃତ୍ୟୁରେ ଶୋକର ଛାୟା ଖେଳିଯାଇଛି।

# ଦୋମୁହାଣୀ ନଦୀ ଉପରେ ପୋଲ ନିର୍ମାଣ ଦାବି



**ଶରତ, ୯।୧୧(ସମିସ)**

କପ୍ତିପଦା ଅନ୍ତର୍ଗତ ରାଣୀପୋଖରୀ ପଞ୍ଚାୟତ ଓ ରାମଚନ୍ଦ୍ରପୁର ପଞ୍ଚାୟତ ମଧ୍ୟରେ ଦୋମୁହାଣୀ ନଦୀ ରହିଛି। ଉକ୍ତ ନଦୀର ପାଣି ସୋନ ଡ୍ୟାମ୍‌ରେ ଭର୍ତ୍ତି ହେଉଛି। ବର୍ଷାଋତୁରେ ଏଥିରେ ପାଣି ପୂରି ଗଲେ ଯାତାୟାତ ଠପ ହୋଇଯାଏ। ବାରମ୍ବାର ଦାବି ସତ୍ତ୍ୱେ ଏହି ନଦୀ ଉପରେ ପୋଲ ନିର୍ମାଣ କରାଯାଉ ନ ଥିବାରୁ ରାମଚନ୍ଦ୍ରପୁର ଗ୍ରାମ ପଞ୍ଚାୟତ ଓ ପଦ୍ମପୋଖରୀ ପଞ୍ଚାୟତର ଲୋକେ ବର୍ଷାଦିନେ ଶରତ ବଜାରକୁ ଯିବାଆସିବା କରିବାରେ ଅସୁବିଧା ଭୋଗୁଛନ୍ତି। ବର୍ଷାଋତୁରେ ଶରତ ବଜାରକୁ ଯିବା ପାଇଁ ଲୋକେ କଳମଗଡ଼ିଆ ରାସ୍ତା ଦେଇ ଦୀର୍ଘ ପ୍ରାୟ ୧୮/୧୯ କିମି ରାସ୍ତା ଅତିକ୍ରମ କରି ଶରତ ହାଟ/ବଜାରକୁ ଯିବାକୁ ବାଧ ହେଉଛନ୍ତି। ସେହିଭଳି ରାଣୀପୋଖରୀ ଗ୍ରାମର ଲୋକେ ବର୍ଷାଋତୁରେ ପାଣି ପୂରି ଯାଉଥିବାରୁ ଟୋଲଗଡ଼ିଆ ହାଟକୁ ଯିବାରେ ଅସୁବିଧା ଭୋଗୁଛନ୍ତି। ଶରତ ଅଞ୍ଚଳର ଜନସାଧାରଣଙ୍କ ବୃହତ୍ତର ସ୍ୱାର୍ଥ ପାଇଁ ଏହି ନଦୀ ଉପରେ ଏକ ସ୍ଥାୟୀ ପୋଲ ନିର୍ମାଣ କରାଯିବା ଦାବିରେ ୧୨ ତାରିଖ ଦିନ ମୟୂରଭଞ୍ଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଧାରଣା ପ୍ରଦର୍ଶନ କରାଯିବା ସହିତ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯିବା ସକାଶେ ଆଜି ଉଭୟ ରାଣୀପୋଖରୀ ଓ ରାମଚନ୍ଦ୍ରପୁର ପଞ୍ଚାୟତବାସୀଙ୍କ ମଧ୍ୟରେ ବୈଠକରେ ନିଷ୍ପତ୍ତି ନିଆଯାଇଛି।

ରାମଚନ୍ଦ୍ରପୁର ପଞ୍ଚାୟତର ଯୁବ ସମାଜସେବୀ ଦୁଲମୁ ଆଲଡ଼ାଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ବୈଠକରେ ପ୍ରଦୀପ ବିନ୍ଧାଣୀ, ରାମାଏ ସୁରିନ, ଲୋଚନ ଆଲଡ଼ା, ଶରତ ବିକାଶ ମଞ୍ଚ ସଭାପତି ଗାମାଏ ରିମିଲ ଗୋଇପାଇ, ବେତ୍ର ବଦ୍ରା, ଗାଦାୟେ ସିଂ, ଜମୁନା ଗୋଇପାଇ, ମଥୁରୀ ବାଲମୁଚୁ ପ୍ରମୁଖ ଉପସ୍ଥିତ ଥିଲେ। ଆସନ୍ତା ୧୨ ତାରିଖରେ ହେବାକୁ ଥିବା ଗଣଧାରଣାରେ ରାଣୀପୋଖରୀ ପଞ୍ଚାୟତ ଓ ରାମଚନ୍ଦ୍ରପୁର ପଞ୍ଚାୟତର ଶତାଧିକ ଲୋକ ଅଂଶଗ୍ରହଣ କରିବେ ବୋଲି ଯୁବ ସମାଜସେବୀ ଦୁଲମୁ ଆଲଡା ପ୍ରକାଶ କରିଛନ୍ତି।

## ଜାତୀୟ ଆଇନ ସେବା ଦିବସ ପାଳିତ




**ଉଦଳା, ୯।୧୧(ସମିସ):** ଉଦଳା ତାଲୁକ ଆଇନ ସହାୟତା କମିଟି ପକ୍ଷରୁ ରବିବାର ଜାତୀୟ ଆଇନ ସେବା ଦିବସ ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ପାଳିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ତାଲୁକ ଆଇନ ସହାୟତା କମିଟି ଚେୟାରମ୍ୟାନ୍ ତଥା ଅତିରିକ୍ତ ଜିଲ୍ଲା ଦୌରାଜଜ୍ ପ୍ରଦୀପ କୁମାର ବେହେରା ଅଧ୍ୟକ୍ଷତା କରି ଜାତୀୟ ଆଇନ ସେବା ଦିବସର ତାତ୍ପର୍ଯ୍ୟ ଓ ସରକାରଙ୍କ ଆଇନ ବିଭାଗ, ବିଚାର ବିଭାଗ ପକ୍ଷରୁ ଅନଗ୍ରସର, ମହିଳା, ବିଧବା, ଦିବ୍ୟାଙ୍ଗ, ଆଦିବାସୀ, ହରିଜନଙ୍କୁ ଦିଆଯାଉଥିବା ମାଗଣା ଆଇନ ସେବା ତଥା ଶିଶୁ ସୁରକ୍ଷା, ସାମ୍ବିଧାନିକ ଅଧିକାର ସମ୍ପର୍କରେ ନିଜର ବକ୍ତବ୍ୟ ରଖିଥିଲେ। ଆଇନଜୀବୀ ତଥା ଲିଗାଲ ରିଟେନର ନିରାକାର ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିବା ପରେ ଜାତୀୟ ଆଇନ ସେବା ଦିବସର ଉଦ୍ଦେଶ୍ୟ, ଆଇନ ସହାୟତା ଓ ଆଜିର କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇ ସଭା ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପଖଣ୍ଡ ଓକିଲ ସଂଘ ସଭାପତି ପଦ୍ମଲୋଚନ ଦାଶ, ସମ୍ପାଦକ ରଜତ ମହାପାତ୍ର, ଉଦଳା ଓକିଲ ସଂଘ ସମ୍ପାଦକ ବସନ୍ତ କୁମାର ପରିଡ଼ା ପ୍ରମୁଖ ମଞ୍ଚାସୀନ ଥାଇ ଜାତୀୟ ସେବା ଦିବସ ପାଳନ ଓ ଆଇନ ସହାୟତା ସମ୍ପର୍କରେ ନିଜ ନିଜର ଅଭିଭାଷଣ ପ୍ରଦାନ କରିଥିଲେ। ବରିଷ୍ଠ ଆଇନଜୀବୀ ସରୋଜ ବେହେରା, ମକରନ୍ଦ ପଲେଇ, ସତ୍ୟବ୍ରତ ମିଶ୍ର ବକ୍ତବ୍ୟ ରଖିଥିଲେ। ଆଇନଜୀବୀ ଲକ୍ଷ୍ମୀଧର ବେହେରା, ଲକ୍ଷ୍ମୀପ୍ରିୟା ହାଁସଦା, ବିଶ୍ୱାବସୁ ସେନାପତି ପ୍ରମୁଖ ଯୋଗ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଚାର ବିଭାଗୀୟ ତାଲୁକ ଆଇନ ସହାୟତା କମିଟିର ଜୁନିୟର କ୍ଲର୍କ ସନତ ସେଠୀ, ରାଜନାରାୟଣ ମୁଖି, ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର କର୍ମଚାରୀ, ପାରାଲିଗାଲ ସ୍ୱେଚ୍ଛାସେବୀ ମିନତୀ ମହାନ୍ତି ଯୋଗ ଦେଇଥିଲେ।

**କରଞ୍ଜିଆ।**

କରଞ୍ଜିଆ ବ୍ଲକ ଅନ୍ତର୍ଗତ ବଡ଼ଦେଉଳି ଗ୍ରାମସ୍ଥ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ରବିବାର ତାଲୁକ ଆଇନ ସେବା ସମିତି ପକ୍ଷରୁ ଜାତୀୟ ଆଇନ ସେବା ଦିବସ ପାଳିତ ହୋଇଛି। ତାଲୁକ ଆଇନ ସେବା ସମିତି ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍ ଆଶିଷ ତ୍ରିପାଠୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଏସ୍‌ଡିଜେଏମ୍ ପ୍ରଭାତ କୁମାର ସାମଲ, ଏସ୍‌ଡିପିଓ ନବକୃଷ୍ଣ ନାୟକ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷା ଗାୟତ୍ରୀ ଦେବଦତ୍ତ, ଓକିଲ ସଂଘର ଅଭିଜିତ ମହାନ୍ତି, ଦେବାଶିଷ କୁମାର ବେହେରା, ଅରୁଣ କୁମାର ସାହୁଙ୍କ ସମେତ ବହୁ ଆଇନଜୀବୀ ଯୋଗଦେଇ ଛାତ୍ରୀଙ୍କୁ ଜାତୀୟ ଆଇନ ଦିବସ ପାଳନ ସଂକ୍ରାନ୍ତରେ ଉଦବୋଧନ ଦେଇଥିଲେ। ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ ଶ୍ରୀ ତ୍ରିପାଠୀ ସମ୍ବିଧାନର ମୌଳିକ ଅଧିକାର ସମ୍ବିଧାନ ଅନୁଯାୟୀ ନାଗରିକଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ, ନାବାଳକ, ବାଳିକାଙ୍କ ଆଇନଗତ ଅଧିକାର, ଆଇନ ସହାୟତା, ଆଇନ ସହାୟତା କିପରି ସମସ୍ତ ନାଗରିକ ପାଇପାରିବେ ଓ କେଉଁମାନେ ପାଇବେ, ଏହା ଉପରେ ବିଷଦ ଭାବେ ଉଦାହରଣ ଦେଇ ଛାତ୍ରୀଙ୍କୁ ବୁଝାଇଥିଲେ। ଉକ୍ତ କାର୍ଯ୍ୟକ୍ରମକୁ କୋର୍ଟର ଅର୍ଚ୍ଚନା ସାହୁଙ୍କ ସମେତ ଅନ୍ୟ କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ। ପ୍ରେସ କ୍ଲବ୍‌ର ସମ୍ପାଦକ ଧନ୍ୟବାଦ ଦେଇଥିବାବେଳେ ଅଭିଜିତ ମହାନ୍ତି କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ।

**ବେତନଟୀ ଅବକାରୀ ବିଭାଗ ପକ୍ଷରୁ ଚଢ଼ଉ**

## ନକଲି ବିଦେଶୀ ମଦ, ସ୍ପିରିଟ୍ ଓ ବାଇକ୍ ଜବତ; ୨ ଗିରଫ

**ବେତନଟୀ, ୯।୧୧(ସମିସ):** ନକଲି ବିଦେଶୀ ମଦ ଚାଲାଣ ହେଉଥିବା ଖବର ପାଇ ବେତନଟୀ ଅବକାରୀ ବିଭାଗ ଦୁଇଜଣଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ନକଲି ବିଦେଶୀ ମଦ, ସ୍ପିରିଟ୍, ବାଇକ୍, ମୋବାଇଲ ଜବତ କରିଛି।

ସୂଚନା ମୁତାବକ, ମୟୂରଭଞ୍ଜ ଜିଲ୍ଲା ଅବକାରୀ ସୁପରିଣ୍ଟେଣ୍ଡେଣ୍ଟ ପ୍ରଶାନ୍ତ କୁଅଁରଙ୍କ ନିର୍ଦ୍ଦେଶକ୍ରମେ ଆଜି ସକାଳେ ବେତନଟୀ ଅବକାରୀ ଇନ୍ସପେକ୍ଟର ପ୍ରଦୀପ ବେହେରାଙ୍କ ନେତୃତ୍ୱରେ ବାଲେଶ୍ୱର ଜିଲ୍ଲା ରୁପ୍‌ସା ଅଞ୍ଚଳ ପଟୁ ବେତନଟୀକୁ ବେଆଇନ ଭାବେ ନକଲି ବିଦେଶୀ ମଦ ଚାଲାଣ କରୁଥିବା ଜଣେ ଅଭିଯୁକ୍ତଙ୍କୁ ଫାୟାର ଷ୍ଟେସନ ନିକଟରୁ ଗିରଫ କରାଯାଇଛି। ଅଭିଯୁକ୍ତ ଜଣକ ରୁପ୍‌ସା ଅଞ୍ଚଳର ସମେଶ୍ୱର ରାଉତ। ତାଙ୍କ ନିକଟରୁ ସିଲ୍ ନ ଥିବା ୪୫ ଲିଟର ନକଲି ବିଦେଶୀ ମଦ, ୨୦ ଲିଟର ସ୍ପିରିଟ, ବାଇକ ଓ ମୋବାଇଲ ଜବତ ହୋଇଛି। ସେହିଭଳି ଯାଞ୍ଚ ସମୟରେ ବେତନଟୀ ଅଞ୍ଚଳର ଜଣେ ମଦ ବ୍ୟବସାୟୀଙ୍କୁ ପୁଲିସ ଗିରଫ କରିବା ସହ ତାଙ୍କ ନିକଟରୁ ବହୁ ବିଦେଶୀ ମଦ ଜବତ କରାଯାଇଛି। ବେଆଇନ ଭାବେ ନକଲି ବିଦେଶୀ ମଦ ରୁପ୍‌ସାର କେଉଁ ସ୍ଥାନରୁ ଆସୁଛି ଓ ବେତନଟୀର କେଉଁ କେଉଁ ସ୍ଥାନକୁ ଚାଲାଣ ହେଉଛି, ସେ ନେଇ ଅଧିକ ତଦନ୍ତ ଜାରି ରହିଥିବା ସୂଚନା ମିଳିଛି। କିଛିଦିନ ତଳେ ବେତନଟୀ ହାତୀଝୁରି ନିକଟରୁ ଏଭଳି ବହୁ ପରିମାଣର ନକଲି ବିଦେଶୀ ମଦ ଜବତ ହୋଇଥିଲା।

## ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ: ବଡ଼ଗାଁ ପଞ୍ଚାୟତ ଚାମ୍ପିଅନ



**କରଞ୍ଜିଆ, ୯।୧୧(ସମିସ):** ଏଠାରେ ଆୟୋଜିତ ଆନ୍ତଃପଞ୍ଚାୟତ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ବଡ଼ଗାଁ ପଞ୍ଚାୟତ ଚାମ୍ପିଅନ୍ ହେବାର ଗୌରବ ଅର୍ଜନ କରିଛି। ମୁଖ୍ୟଅତିଥି ଭାବେ ବଡ଼ଦେଉଳି ସରପଞ୍ଚ କମଳ ନାଏକ, ସମ୍ମାନିତ ଅତିଥି ଭାବେ ପାଟବିଲ ସରପଞ୍ଚ ଦିପୁ ନାଏକ, ସଂସଦର ଉପସଭାପତି ଡା. ଜନାର୍ଦ୍ଦନ ଚୌଧୁରୀ, ସାଧାରଣ ସମ୍ପାଦକ ପ୍ରଭାକର ବାଗସିଂ, ସହସମ୍ପାଦକ ଅଭିମନ୍ୟୁ ତ୍ରିପାଠୀ, ମନମୋହନ ସାମଲ, ଗୌରୀ ଶଙ୍କର ସିହ୍ନା ଯୋଗଦେଇ ଖେଳାଳିଙ୍କ ସହିତ କରମର୍ଦ୍ଦନ କରି ପରିଚିତ ହୋଇଥିଲେ। ପ୍ରଥମ ରାଉଣ୍ଡ ଖେଳରେ ବଡ଼ଦେଉଳି ପଞ୍ଚାୟତ ୨-୦ ଗୋଲରେ ବିଜେତା ହୋଇ ଫାଇନାଲକୁ ଉନ୍ନୀତ ହୋଇଥିଲା। ଦ୍ୱିତୀୟ ରାଉଣ୍ଡ ଖେଳ ପାଟବିଲ ଓ ବଡ଼ଗାଁ ପଞ୍ଚାୟତ ମଧ୍ୟରେ ହୋଇଥିଲା। ସଂଘର୍ଷପୂର୍ଣ୍ଣ ଖେଳରେ କେହି କାହାକୁ ଗୋଲ ଦେଇ ନ ପାରିବାରୁ ଟାଇବ୍ରେକର ଜରିଆରେ ୫-୩ ଗୋଲରେ ବଡ଼ଗାଁ ଦଳ ଫାଇନାଲକୁ ଉନ୍ନୀତ ହୋଇଥିଲା। ବଡ଼ଦେଉଳି ବନାମ ବଡ଼ଗାଁ ପଞ୍ଚାୟତ ମଧ୍ୟରେ ଫାଇନାଲ ଖେଳ ହୋଇ ୨-୦ ଗୋଲରେ ବଡ଼ଗାଁ ପଞ୍ଚାୟତ ଜିତି ଚାମ୍ପିଅନ ହୋଇ ପୁରସ୍କାର ରାଶି ନଗଦ ୯ ହଜାର ଟଙ୍କା ସହିତ ଟ୍ରଫି ଲାଭ କରିଥିବାବେଳେ ବଡ଼ଦେଉଳି ଦଳ ଦ୍ୱିତୀୟ ପୁରସ୍କାର ନଗଦ ୬ ହଜାର ଟଙ୍କା ସହିତ ଟ୍ରଫି ଗ୍ରହଣ କରିଥିଲା। ଖେଳକୁ ସନ୍ତୋଷ ମହାକୁଡ଼, ଯୋଗେନ୍ଦ୍ର ମାଝୀ, ନାରାୟଣ ହାଁସଦା, କେଶବ ସୋରେନ ପରିଚାଳନା କରିଥିବାବେଳେ ଟୁଟୁ ମେହେର, ସନ୍ତୋଷ କୁମାର ଦାସ, ବିଶ୍ୱଜିତ ଦାସ ଅଧିକାରୀ ସହଯୋଗ କରିଥିଲେ।

## ବିଶ୍ୱଶାନ୍ତି ଅଖଣ୍ଡ ଭଜନ ଉଦ୍‌ଯାପିତ

**ଉଦଳା, ୯।୧୧(ସମିସ):** ପ୍ରଶାନ୍ତୀ ନୀଳୟମର ନିର୍ଦ୍ଦେଶନାମା ଅନୁଯାୟୀ ବିଶ୍ୱର ସମସ୍ତ ସତ୍ୟସାଇ ସଂଗଠନ ଦ୍ୱାରା ବିଶ୍ୱଶାନ୍ତି ଅଖଣ୍ଡ ଭଜନ କାର୍ଯ୍ୟକ୍ରମ କରାଯାଉଥିବାବେଳେ ଉଦଳା ସତ୍ୟସାଇ ସମିତିରେ ମଧ୍ୟ ତାହା ଉଦ୍‌ଯାପିତ ହୋଇଯାଇଛି। ନିର୍ଦ୍ଧାରିତ ସମୟ ଅନୁସାରେ, ୮ ତାରିଖ ସନ୍ଧ୍ୟା ୬ଟାରେ ବେଦପାଠ ପରେ ବିଶ୍ୱଶାନ୍ତି ଅଖଣ୍ଡ ଭଜନ ଆରମ୍ଭ କରାଯାଇଥିଲା। ୬ଟାରୁ ୯ଟା ପର୍ଯ୍ୟନ୍ତ ସମସ୍ତ ଭକ୍ତ ଉପସ୍ଥିତ ରହି ଭଜନ କାର୍ଯ୍ୟକ୍ରମର ଶୁଭାରମ୍ଭରେ ସହଯୋଗ କରିଥିଲେ। ପରେ ୩ ଘଣ୍ଟା ବ୍ୟବଧାନରେ ଭକ୍ତମାନେ ପରିବର୍ତ୍ତନ ହୋଇ ରବିବାର ଅପରାହ୍ନ ୩ଟାରୁ ୬ଟା ପୁଣି ସମସ୍ତ ଭକ୍ତବୃନ୍ଦ ଉପସ୍ଥିତ ରହି ଭଜନ କରିଥିଲେ। ଭଗବାନ ଶ୍ରୀସତ୍ୟସାଇ ବାବାଙ୍କ ନିର୍ଦ୍ଦେଶ ଅନୁସାରେ ବିଶ୍ୱରେ ଏକ ଆଧ୍ୟାତ୍ମିକ ପରିବେଶ ମାଧ୍ୟମରେ ସମସ୍ତଙ୍କ ମଙ୍ଗଳ ହେବା ପାଇଁ ଏହି ଭଜନ କାର୍ଯ୍ୟକ୍ରମ କରାଯାଉଥିବା ଆବାହକ ବିଜୟ ବେହେରା ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମକୁ ସଫଳ କରିବା ନିମନ୍ତେ ସୁବଳ କୁମାର ବେହେରା, ଅନ୍ତର୍ଯ୍ୟାମୀ ମୁଦୁଲି, ରୁନୁଗୋପାଳ ରାୟ, ରାଜେନ୍ଦ୍ର ବେହେରା, ମମତା ବେହେରା, ଜୟନ୍ତୀ ରାୟ, ସଂଯୁକ୍ତା ଜେନା, ଶୁଭଲକ୍ଷ୍ମୀ ପଣ୍ଡା, ସ୍ମୃତି ବେହେରା ପ୍ରମୁଖ ସହଯୋଗ କରିଥିଲେ। ଉକ୍ତ ଅଖଣ୍ଡ ଭଜନରେ ଉଦଳା ସତ୍ୟସାଇ ସମିତି ସମେତ ରାଢୋ, ଦୁଣ୍ଡରିଆ ଓ ପାଟପୁର ଭଜନ ମଣ୍ଡଳୀର ଭକ୍ତ ସାମିଲ ଥିଲେ।

## ଅବସରପ୍ରାପ୍ତ ଗ୍ରାମସେବକଙ୍କ ପରଲୋକରେ ଶୋକସଭା

**ଖୁଣ୍ଟ, ୯।୧୧(ସମିସ):** ଶୁକ୍ରୁଳି ବ୍ଲକ ଅନ୍ତର୍ଗତ ବେଗୁନାବିନ୍ଧା ଗ୍ରାମର ଅବସରପ୍ରାପ୍ତ ଗ୍ରାମସେବକ ନରହରି ଗିରି (୮୫)ଙ୍କ ଗତମାସ ୩୦ ତାରିଖ ସକାଳେ ନିଜ ବାସଭବନରେ ପରଲୋକ ଘଟିଛି। ସ୍ୱର୍ଗତ ଗିରି ୧୯୯୮ରେ କେନ୍ଦୁଝର ଜିଲ୍ଲା ସାହାରପଡ଼ା ବ୍ଲକରୁ ସରକାରୀ ସେବାରୁ ଅବସର ଗ୍ରହଣ କରି ନିଜ ବାସଭବନରେ ଅବସ୍ଥାନ କରୁଥିଲେ। ଜଣେ ଆଦର୍ଶ ଗ୍ରାମସେବକ ଭାବେ ସେ ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ ହୋଇଥିଲେ। ସ୍ୱର୍ଗତ ଗିରି ଅତ୍ୟନ୍ତ ମେଳାପୀ, ମିଷ୍ଟଭାଷୀ ଓ ପରୋପକାରୀ ବ୍ୟକ୍ତି ଥିବାରୁ ତାଙ୍କ ପରଲୋକ ଖବର ପାଇ ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ସହ ସ୍ଥାନୀୟ ଲୋକ ତାଙ୍କ ବାସଭବନରେ ପହଞ୍ଚି ଶ୍ରଦ୍ଧା ସୁମନ ଅର୍ପଣ କରି ଶୋକ ପ୍ରକାଶ କରିଥିଲେ। ମୃତ୍ୟୁଶଯ୍ୟା ନିକଟରେ ପୁଅଝିଅ, ନାତିନାତୁଣୀ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ଜ୍ୟେଷ୍ଠପୁତ୍ର ଡ. ଜୀବନ ର ଗିରି ମୁଖାଗ୍ନି ଦେଇଥିଲେ। ଆଜି ଏକାଦଶାହରେ ତାଙ୍କ ବାସଭବନରେ ଶୋକସଭା ଅନୁଷ୍ଠିତ ହୋଇଥିଲା। ସମସ୍ତ ଆତ୍ମୀୟସ୍ୱଜନ ଓ ଗଣ୍ୟମାନ୍ୟ ବ୍ୟକ୍ତି ଯୋଗଦେଇ ସ୍ୱର୍ଗତ ଆତ୍ମାର ସଦ୍‌ଗତି କାମନା କରିଥିଲେ।

**ଜିଲ୍ଲା ରକ୍ତଭଣ୍ଡାର ସଙ୍କଟ ଦୂର କରିବାକୁ ଅଣ୍ଟା ଭିଡ଼ିଲା ଭଞ୍ଜସେନା**

## ରକ୍ତଦାନ ଶିବିର; ୧୫୭ ୟୁନିଟ୍ ସଂଗ୍ରହ



**ବାରିପଦା, ୯।୧୧(ସମିସ):** ମୟୂରଭଞ୍ଜ ଜିଲ୍ଲା ରକ୍ତଭଣ୍ଡାରରେ ସୃଷ୍ଟି ହୋଇଥିବା ରକ୍ତ ଅଭାବ ଦୂର କରିବା ଲକ୍ଷ୍ୟରେ ଭଞ୍ଜସେନା ପକ୍ଷରୁ ରବିବାର ଜିଲ୍ଲାର ବାରିପଦା, ରାଇରଙ୍ଗପୁର, ଉଦଳା ଓ କରିଆକୁ ମିଶାଇ ୪ଟି ସ୍ଥାନରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ସଂଗଠନର ୧୫୭ ଜଣ ସଦସ୍ୟ/ସଦସ୍ୟା ଏହି ଶିବିରରେ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଛନ୍ତି। ବାରିପଦା ଷ୍ଟାଡ଼ିୟମ ସମ୍ମିଳନୀ କକ୍ଷରେ ଆୟୋଜିତ ହୋଇଥିବା ରକ୍ତଦାନ ଶିବିରକୁ ବାରିପଦା ଉପଜିଲ୍ଲାପାଳ ଡ. ଦୟାସିନ୍ଧୁ ପରିଡ଼ା, ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି ପ୍ରମୁଖ ଉଦ୍‌ଘାଟନ କରିଥିଲେ। ସମାଜସେବୀ ଅମର ସେଠୀ ଅନ୍ୟତମ ଅତିଥି ଭାବେ ଯୋଗଦେଇ ରକ୍ତଦାତା ଓ ଆୟୋଜକଙ୍କୁ ଉତ୍ସାହିତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସଂଗଠନ ପକ୍ଷରୁ ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା, ଶୃଙ୍ଖଳାଗତ କମିଟି ଅଧ୍ୟକ୍ଷ ସତ୍ୟସ୍ୱରୂପ ଦାଶ, ଉପାଧ୍ୟକ୍ଷ ନିମାଇଁ ତ୍ରିପାଠୀ, ଜିତେନ୍ଦ୍ର ହେମ୍ବ୍ରମ, କନିକା ବୋଷ, ଦକ୍ଷିଣା ମହାନ୍ତି, ଜିଲ୍ଲା ସଭାପତି ପିଣ୍ଟୁ ମାଇତି, ଜିଲ୍ଲା ଆବାହକ ରାକେଶ ବେହେରା, ଜିଲ୍ଲା ସୋସିଆଲ ମିଡିଆ ସଂଯୋଜକ ସନ୍ତୋଷ ଗିରି, ବାମନଘାଟି ଉପଖଣ୍ଡ ସଭାପତି ସୁନ୍ଦର ମୋହନ ଟୁଡୁ, ଜିଲ୍ଲା କର୍ଯ୍ୟକାରୀ ସଭାପତି ରବିନ୍ ମହାନ୍ତି, କପ୍ତିପଦା ଉପଖଣ୍ଡ ସଭାପତି ସିପୁନ୍ ପଣ୍ଡା, ବାରିପଦା ସହର ସଭାପତି ରାକେଶ ମହାନ୍ତି, ଜିଲ୍ଲା ସାଧାରଣ ସମ୍ପାଦକ ଜ୍ୟୋତିରଞ୍ଜନ ପୃଷ୍ଟି, ଉପସଭାପତି ଏସକେ ଫିରୋଜ୍, ମନୋରନ୍ ବାରିକ୍, ସୟ ମହାନ୍ତି, ସୟ ମାହାନ୍ତା, ସୁନୀଲ ମହାପାତ୍ର, ପ୍ରଦୀପ ପଣ୍ଡା, ଗୌରାଙ୍ଗ ଘଡେଇ, ପଙ୍କଜ କରନ୍, ଦୀପକ କୁମାର୍ ବେହେରା, ରୁଦ୍ର ପଟ୍ଟନାୟକ, ପଙ୍କଜ ପରିଡ଼ା, ଦିବ୍ୟରଞ୍ଜନ ଦାସ, ମନୋଜ୍ ମହାନ୍ତି, ଜିତୁ ସିଂ, ଶୁଭମ୍ ସିଂ, ସନାତନ୍ ସାହୁ, ସିଂରାୟ ହେମ୍ବ୍ରମ, ସୁମିତ୍ ମହାନ୍ତି, ମୁକ୍ତିଦତ୍ତ ପରିଡ଼ା, ପ୍ରଶାନ୍ତ ମହାକୁଡ଼୍, ଦୀପେଶ ଅଗ୍ରୱାଲଙ୍କ ସହିତ ବହୁ ରକ୍ତଦାତା ଓ ଯୁବଛାତ୍ର ଉପସ୍ଥିତ ଥିଲେ। ଆଗାମୀ ଦିନରେ ସଂଗଠନ ପକ୍ଷରୁ ରକ୍ତର ଅଭାବ ଦୂର କରିବା ପାଇଁ ବିଭିନ୍ନ ବ୍ଲକରେ ରକ୍ତଦାନ କରାଯିବ ବୋଲି ଜିଲ୍ଲା ସଭାପତି ପିଣ୍ଟୁ ମାଇତି ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ବାରିପଦା ପିଆରଏମ୍, ଉଦଳା ଉପଖଣ୍ଡ ଡାକ୍ତରଖାନାରେ ମୁଖ୍ୟତଃ ପ୍ରତ୍ୟେକ ଦିନ ରୋଗୀଙ୍କୁ ଆବଶ୍ୟକ ଅନୁଯାୟୀ ତତ୍‌କ୍ଷଣାତ୍ ରକ୍ତଦାନ ଭଞ୍ଜସେନା ସଂଗଠନ ପକ୍ଷରୁ କରାଯାଉଥିବାବେଳେ ରାଇରଙ୍ଗପୁର ଓ କରଞ୍ଜିଆ ଉପଖଣ୍ଡ ଡାକ୍ତରଖାନାରେ ମଧ୍ୟ ରୋଗୀଙ୍କୁ ରକ୍ତଦାନ କରାଯାଇଥାଏ। ଏମିତିକି ପ୍ରତ୍ୟେକ ଦିନ ଭସେନା ରକ୍ତ ଭଣ୍ଡାର ଶାଖା ପକ୍ଷରୁ ରକ୍ତ ଅଭାବରୁ କେହି ନ ମରନ୍ତୁ ଲକ୍ଷ୍ୟ ନେଇ ନିଜସ୍ୱ ରକ୍ତଦାତା ବ୍ୟାଙ୍କ ସୃଷ୍ଟି କରି ସଂଗଠନ ପକ୍ଷରୁ ଜିଲ୍ଲାରେ ମାସକୁ ୨୫ରୁ ୩୦ ଜଣ ରୋଗୀଙ୍କୁ ରକ୍ତଦାନ କରାଯାଇଥାଏ।

**ସଚ୍ଚିଦାନନ୍ଦ ଗୁରୁକୁଳର ବାଲ୍ ବିହାର କ୍ଲାସ**

## 'ସଫଳତା ଜୀବନର ଶେଷ ଲକ୍ଷ୍ୟ ନୁହେଁ'

**ବାରିପଦା, ୯।୧୧(ସମିସ):** ସ୍ଥାନୀୟ ମୁର୍ଗାବାଡ଼ିସ୍ଥ ସଚ୍ଚିଦାନନ୍ଦ ଗୁରୁକୁଳରେ ପ୍ରତି ରବିବାର ହେଉଥିବା ବାଲ୍ ବିହାର କ୍ଲାସରେ ଏଥର ଚିନ୍ମୟ ମିଶନ ଓଡ଼ିଶା ମୁଖ୍ୟ ଆଚାର୍ଯ୍ୟ ସ୍ୱାମୀ ସଦାନନ୍ଦ ସରସ୍ୱତୀ ଯୋଗଦେଇ 'ସଫଳତା ଜୀବନର ଶେଷ ଲକ୍ଷ୍ୟ ନୁହେଁ, କେବଳ ଏହା ଏକ ଆତ୍ମବିଶ୍ୱାସ ପାହାଚ'। ଚାକିରି କରିବା ପାଇଁ କେବଳ ପାଠପଢ଼ା ନ କରାଯାଉ ଓ ଚାକିରି କଲେ ଜୀବନ ସୁଖମୟ ହୋଇଯିବ ବୋଲି ଭାବିବା ଉଚିତ୍ ନୁହେଁ ବୋଲି ପିଲାଙ୍କୁ ପରାମର୍ଶ ଦେଇଥିଲେ ବାରିପଦା ଚିନ୍ମୟ ମିଶନର ଆଚାର୍ଯ୍ୟ ସ୍ୱାମୀ ଗୋବିନ୍ଦାନନ୍ଦ ସରସ୍ୱତୀ। ଯେକୌଣସି ପରିସ୍ଥିତିରେ ଭାଙ୍ଗି ନ ପଡ଼ି ପରିସ୍ଥିତିକୁ ସାମ୍ନା କରିବା କଳା ଶିଖିବାକୁ ହେବ। ଜୀବିକା ଶିକ୍ଷା ସହିତ ଜୀବନ ଶିକ୍ଷା ପାଇଁ ପ୍ରତି ରବିବାର ସଚ୍ଚିଦାନନ୍ଦ ଗୁରୁକୁଳରେ ହେଉଥିବା ବାଳବିହାର କ୍ଲାସରେ ଯୋଗଦେବା ଉଚିତ୍ ବୋଲି ବାରିପଦା ଚିନ୍ମୟ ମିଶନର ଆଚାର୍ଯ୍ୟ ସ୍ୱାମୀ ଗୋବିନ୍ଦାନନ୍ଦ ସରସ୍ୱତୀ କହିଥିଲେ। ଦେଉଳୋଡ଼ିହା ଚିନ୍ମୟ ମିଶନର ଆଚାର୍ଯ୍ୟ ବ୍ରହ୍ମଚାରୀ ଅନିକେତ ଚୈତନ୍ୟ ଛାତ୍ରଛାତ୍ରୀଙ୍କୁ ସଦାଚାର ବିଷୟରେ ଉଦ୍‌ବୋଧନ ଦେଇଥିଲେ। ସଚ୍ଚିଦାନନ୍ଦ ଗୁରୁକୁଳ ଅଧ୍ୟକ୍ଷ ଅଜିତ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ସଚ୍ଚିଦାନନ୍ଦ ସେବା ଟ୍ରଷ୍ଟ ଟ୍ରଷ୍ଟି ସବ୍ୟସାଚୀ ପଲେଇ, ଗୁରୁକୁଳର ଶିକ୍ଷୟିତ୍ରୀ ପ୍ରଣତୀ ଚୌଧୁରୀ, ଦେବୀଦର୍ଶନୀ ବେହେରା, ଲିପି ଗିରି, ସ୍ୱାଗତିକା ସାହୁ, ପ୍ରୀତି ବୈଠା, ଶିକ୍ଷକ ସୁବାସ ତିୱାରୀ, ବିଷ୍ଣୁପଦ ବେରା ପ୍ରମୁଖ ଉପସ୍ଥିତ ଥିଲେ।

## ଦୋମୁହାଣୀ ମେଳା ପଡ଼ିଆରେ ସାପ୍ତାହିକ ହାଟର ଶୁଭାରମ୍ଭ

**ଖୁଣ୍ଟ, ୯।୧୧(ସମିସ):** ଶୁକ୍ରୁଳି ବ୍ଲକ ଅନ୍ତର୍ଗତ ଅର୍ଜ୍ଜୁନବିଲ୍ଲା ପଞ୍ଚାୟତରେ ଅବସ୍ଥିତ ଭରାଜବଂଶର ପ୍ରାଚୀନ ରାଜଧାନୀ ଆଦିପୁର ଗଡ଼। ଏହାର ଅନତି ଦୂରରେ ପୁଣ୍ୟତୋୟା ବୈତରଣୀ ଓ ଖଇରଭଣ୍ଡନ ନଦୀ ଦ୍ୱୟର ସଙ୍ଗମ ସ୍ଥଳୀ ଦୋମୁହାଣୀ ପୀଠ ବହୁବିଧ ଐତିହାସିକ ଓ ପୌରାଣିକ କୀର୍ତ୍ତି ବହନ କରି ଏକ ଅନନ୍ୟ ପୁଣ୍ୟତୀର୍ଥ ଭାବେ ସ୍ୱତନ୍ତ୍ର ପରିଚୟ ବହନ କରିଛି। ଏହି ପବିତ୍ର ଭୂଖଣ୍ଡର ପାଦଦେଶରେ ପ୍ରବାହିତ ବୈତରଣୀ ନଦୀ ଉଭୟ କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲା ମଧ୍ୟରେ ବିଭାଜନର ସୀମାରେଖା ଟାଣିଥିଲେ ସୁଦ୍ଧା ଉଭୟ ଜିଲ୍ଲାବାସୀଙ୍କ ମଧ୍ୟରେ ଭାଇଚାରା ଓ ଉତ୍ତମ ସମ୍ପର୍କ ବଜାୟ ରଖିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି। ଉଭୟ ଜିଲ୍ଲାର ବହୁ ସଂଖ୍ୟକ ବୁଦ୍ଧିଜୀବୀ, ସମାଜସେବୀ, ବରିଷ୍ଠ ନାଗରିକ, ଯୁବ ସମ୍ପ୍ରଦାୟ ଓ ସ୍ୱୟଂସହାୟକ ଗୋଷ୍ଠୀର ଉଦ୍ୟମକ୍ରମେ 'ପୁଣ୍ୟତୀର୍ଥ ଦୋମୁହାଣୀ ବିକାଶ ପରିଷଦ, ଆଦିପୁର' ନାମରେ ଏକ ରେଜେଷ୍ଟ୍ରିଭୁକ୍ତ ସ୍ୱେଚ୍ଛାସେବୀ ସଂଗଠନ ପ୍ରତିଷ୍ଠିତ ହୋଇ ଏହି ଅବହେଳିତ ପୀଠର ବିକାଶ ପାଇଁ ଅଣ୍ଟା ଭିଡ଼ିଛି। ଅନୁରୂପ ଭାବେ ସ୍ଥାନୀୟ ସରପଞ୍ଚ ଲକ୍ଷ୍ମୀ ମୁଣ୍ଡା ମେଳା ପଡ଼ିଆରେ ପଞ୍ଚାୟତ ପକ୍ଷରୁ ପ୍ରତି ଶନିବାର ଏକ ସାପ୍ତାହିକ ହାଟ ବସାଇବା ପାଇଁ ଅଗ୍ରଣୀ ଭୂମିକା ଗ୍ରହଣ କରି ସ୍ଥାନୀୟ ଗଣ୍ୟମାନ୍ୟ ବ୍ୟକ୍ତି ଓ କୃଷକଙ୍କ





ସହଯୋଗରେ ଏହାର ଶୁଭାରମ୍ଭ କରିଛନ୍ତି। ଏହି ସାପ୍ତାହିକ ହାଟ ଦ୍ୱାରା ଉଭୟ ଜିଲ୍ଲାର ସୀମାବର୍ତ୍ତୀ ଅଞ୍ଚଳର ଚାଷୀ, ବ୍ୟବସାୟୀ ଓ ଖାଉଟି ବିଶେଷ ଉପକୃତ ହେବେ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

# ଉଦଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଏନ୍‌ଏସ୍‌ଏସ୍ ଶିବିର ଉଦ୍‌ଯାପିତ

**ଗୋପବନ୍ଧୁନଗର/ଉଦଳା, ୯।୧୧(ସମିସ)**




ଉଦଳା ଜାତୀୟ ସେବା ଯୋଜନା ଶାଖା ଏବଂ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଓଡ଼ିଶା ଜାତୀୟ ସେବା ଯୋଜନା ସହଯୋଗରେ ଏକ ୭ ଦିବସୀୟ ସ୍ୱତନ୍ତ୍ର ଶିବିର ପୋଷ୍ୟ ଗ୍ରାମ ଜୁଆଳିଆ ଅଦାପାଳଠାରେ ଗତ ଅକ୍ଟୋବର ୨୮ରୁ ଆରମ୍ଭ ହୋଇ ନଭେମ୍ବର ୩ ତାରିଖରେ ଶେଷ ହୋଇଯାଇଛି। ଉକ୍ତ ଶିବିରକୁ ଉଦଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀକାନ୍ତ ପଟେଲ ଏବଂ ପ୍ରଶାସନିକ ଅଧିକାରୀ ଡ. ଦିବ୍ୟଲୋଚନ ଭୂୟାଁ ଉଦ୍‌ଘାଟନ କରିଥିଲାବେଳେ ଏଥିରେ ମୋଟ୍ ୪୭ ଜଣ ସ୍ୱେଚ୍ଛାସେବୀ ଯୋଗଦେଇଥିଲେ। ଏହି ସମୟରେ +୩ ଉଦଳା ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ପୁରୁଷ ବିଭାଗ ଅଧିକାରୀ ଅଧ୍ୟାପକ ଗୋଲକ ବିହାରୀ ନାୟକ ତଥା ଜାତୀୟ ସେବା ଯୋଜନା ମହିଳା ବିଭାଗର ଅଧିକାରିଣୀ ଦେବିଦତ୍ତା ନାୟକ ଉପସ୍ଥିତ ଥିଲେ। ସ୍ୱେଚ୍ଛାସେବୀମାନେ ବୃକ୍ଷରୋପଣ, ସ୍ୱଚ୍ଛତା ଓଡ଼ିଶା ଲୋକସେବା ଅଧିକାର ଆଇନ ସଚେତନତା, ସର୍ପାଘାତ ସଚେତନତା ଇତ୍ୟାଦି କାର୍ଯ୍ୟକ୍ରମ ହାତକୁ ନେଇଥିଲାବେଳେ ୧୮୦ ପରିବାରକୁ ନେଇ ସର୍ବନିମ୍ନ ଆବଶ୍ୟକତା ଉପରେ ଏକ ସର୍ଭେ କରିଥିଲେ। ଉକ୍ତ ଶିବିରକୁ ରାଜ୍ୟ ଜାତୀୟ ସେବା ଯୋଜନା ଅଧିକାରୀ ରମେଶ ଚନ୍ଦ୍ର ବେହେରା, ସଂଯୋଜକ ଡ. ବିଶ୍ୱମୋହନ ଜେନା ତଥା ମୟୂରଭଞ୍ଜ ଜିଲ୍ଲା ଜାତୀୟ ସେବା ଯୋଜନା ଅଧିକାରୀ ମନୋଜ ରଞ୍ଜନ ଦାସ ପରିଦର୍ଶନରେ ଆସି ଶିବିରାର୍ଥୀମାନଙ୍କୁ ଭୂୟସୀ ପ୍ରଶଂସା କରିଥିଲେ। ବିଶେଷଜ୍ଞ ଭାବରେ ପ୍ରାଧ୍ୟାପକ ସୌମେନ୍ଦ୍ର ଦାସ ଯୁବାମାନଙ୍କ ମଧ୍ୟରେ ମାନସିକ ଚାପ, ରୋଟାରିଆନ ସୁଦର୍ଶନ ପ୍ରଧାନ ସର୍ପାଘାତ, ପ୍ରାଧ୍ୟାପକ ସନ୍ତୋଷ କୁମାର ପଣ୍ଡା ଶିକ୍ଷା ଉପରେ ଜାତୀୟ ସେବା ଯୋଜନାର ପ୍ରଭାବ ଏବଂ ଓଡ଼ିଶା ଲୋକସେବା ଅଧିକାର ଆଇନ ସଚେତନତା ଉପରେ ସ୍ୱେଚ୍ଛାସେବୀମାନଙ୍କୁ ତାଲିମ ଦେଇଥିଲେ। ଚତୁର୍ଥ ଦିବସରେ ଖୁଣ୍ଟା ବ୍ଲକ ଅଧ୍ୟକ୍ଷ ସୁଧନ୍ୟା ନାୟକ ଶିବିରରେ ଯୋଗଦେଇ ସ୍ୱେଚ୍ଛାସେବୀମାନଙ୍କୁ ଉତ୍ସାହିତ କରିଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଲିପିକା ପଟ୍ଟନାୟକ, ବିଶିଷ୍ଟ ଅତିଥି ଭାବରେ ଅଧ୍ୟାପକ ସର୍ବଶ୍ରୀ ସୌମେନ୍ଦ୍ର ଦାସ, ବିତ୍ତ ଅଧିକାରୀ ହରିଶ୍ଚନ୍ଦ୍ର ପଣ୍ଡା, ପ୍ରଶାସନିକ ଅଧିକାରୀ ଡ. ଦିବ୍ୟଲୋଚନ ଭୂୟାଁ ଯୋଗଦେଇଥିବା ବେଳେ +୩ ଉଦଳା ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ମହିଳା ବିଭାଗର ଅଧିକାରିଣୀ ଦେବୀଦତ୍ତା ନାୟକ ସହଯୋଗ କରିବା ସହିତ +୩ ଉଦଳା ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ପୁରୁଷ ବିଭାଗ ଅଧିକାରୀ ଅଧ୍ୟାପକ ଗୋଲକ ବିହାରୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। +୨ ଅଧ୍ୟାପକ ଦିଲ୍ଲୀପ କୁମାର ପାଟଯୋଶୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଚାଲୁଥିବାବେଳେ +୩ର ସ୍ୱେଚ୍ଛାସେବୀ କ୍ରିଷ୍ଣା ସୁଚିଶ୍ରୀ, କରଣ, ଅର୍ଜୁନ, ହରପ୍ରିୟା, ପଦ୍ମାବତୀ ପ୍ରମୁଖ ସହଯୋଗ କରିଥିଲେ।

## ପୁରୁଣା ବଜାର ଅଞ୍ଚଳରେ ବିଜେଡି ଜନସମ୍ପର୍କ ପଦଯାତ୍ରା

# ଦଳ ପ୍ରତି ଆସ୍ଥା ଓ ଭରସା ଦେଖାଇଲେ ସାଧାରଣ ଜନତା






ଭଦ୍ରକ, ୯ ।୧୧(ସମିସ)




ଏହା ଜନତାର ଆସ୍ଥା, ଏହା ଜନତାର ଭରସା, ଏହା ହେଉଛି ଭଦ୍ରକ ପୁରୁଣା ବଜାର ଅଞ୍ଚଳର ଶକ୍ତି । ଜନତା ସହ, ଜନତା ପାଇଁ, ସଦାସର୍ବଦା ବିଜୁ ଜନତା ଦଳ ଅଛି । ଆଜି ପୁରୁଣା ବଜାର ଅଞ୍ଚଳର ଜନସାଧାରଣ ଯେପରି ଭାବରେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଓ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲଙ୍କ ପ୍ରତି ନିଜର ଅତୁଟ ଭଲ ପାଇବା ଓ ଆସ୍ଥା ପ୍ରଦର୍ଶନ କରିଛନ୍ତି, ସେହି ଶକ୍ତି ହେଉଛି ଜନତାଙ୍କର ସତ୍ୟ ସମର୍ଥନ ଓ ଆଶୀର୍ବାଦର ପ୍ରତୀକ । ରବିବାର ଏହି ପରିପ୍ରେକ୍ଷୀରେ ପୁରୁଣା ବଜାର ଅଞ୍ଚଳରେ ବିଜୁ ଜନତା ଦଳ ତରଫରୁ ଆୟୋଜିତ ବିଶାଳ ଜନସମ୍ପର୍କ ପଦଯାତ୍ରା ବାଙ୍କା ବଜାରଠାରୁ ବାହାରି ପୁରୁଣା ବଜାର ହନିଫ୍ କ୍ଲବ ପରିସରରେ ପହଞ୍ଚିଥିଲା । ସେଠାରେ ଏକ ସଭାରେ ହଜାର ହଜାର ଜନସାଧାରଣଙ୍କ ଉତ୍ସାହ ଓ ମନୋବଳ ପରିଲକ୍ଷିତ ହୋଇଛି । ଲୋକମାନେ 'ଅପାରଗ, ଭଣ୍ଡ ଓ ଦୁର୍ନୀତିଗ୍ରସ୍ତ ବିଜେପି ସରକାର' ବିରୋଧରେ ଗର୍ଜନ କରିଥିଲେ । ଏହି ଅବସରରେ ପୂର୍ବତନ ମନ୍ତ୍ରୀ ଓ ବିଜେଡିର ବରିଷ୍ଠ ନେତା ପ୍ରଫୁଲ୍ଲ ସାମଲ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ବିଜେଡି ଭଦ୍ରକ ଜିଲ୍ଲା ସଭାପତି ଜଗନ୍ନାଥ ସ୍ୱାଇଁ, ଭଦ୍ରକ ପୌରାଧକ୍ଷା ଗୁଲମକ୍କି ହବିବ, ଭଦ୍ରକ ବ୍ଲକ ସଭାପତି ପ୍ରଫୁଲ୍ଲ ନାୟକ, ଭଦ୍ରକ ଟାଉନ୍ ସଭାପତି ମହମ୍ମଦ ଜକାଉଲ୍ଲା, ବରିଷ୍ଠ ଅଧିବକ୍ତା ପବନ ଶର୍ମା, ଭଦ୍ରକ ପୌରପାଳିକାର ପାରିଷଦବୃନ୍ଦ ଦିଲ୍ଲୀପ ନାୟକ, ସାହିଦ ଖାନ, ସେକ ଗରିବୁଲ୍ଲା, ପାରିଷଦଙ୍କ ପ୍ରତିନିଧିବୃନ୍ଦ ପଙ୍କଜ ବଳ, ପ୍ରଭାତ କୁମାର ମାଝୀ, ତନବିର ଖାନ, ବରିଷ୍ଠ ନେତା ମେହେବୁବ ଖାନ, ଯୁବନେତା ସେକ ଜାହିଦ ହବିବ, ବିକାଶ ଶ୍ରେଷ୍ଠା, ମାୟାଧର ନାଥ, ଇମତିୟାଜ୍ କମାଲ ଖାନ, ସେକ ଜିକୁ, ଶେଖ ହାସିମ୍, ସେକ ଖାଲିକ୍, ସେକ ସାଜିଦ ହବିବ୍, ସଲିମ୍ ଖାନ, ସେକ ଗୋଲାମ ଗୌସ, ନାସିରୁଦ୍ଦିନ ଖାନ, ଦେବାଶିଷ ଭାରତୀ, ସେକ ଏକ୍ରାମ୍ ଏବଂ ବରିଷ୍ଠ, ମହିଳା ଓ ଯୁବ-ଛାତ୍ର ନେତୃମଣ୍ଡଳୀ ସାମିଲ ହୋଇଥିଲେ । ଏହା ଆମ ଆସ୍ଥା, ଏହା ଆମ ପ୍ରେମ, ଏହା ଆମର ଶକ୍ତି । ଜନତା ସହ, ଜନତା ପାଇଁ, ଜନତାଙ୍କ ଦଳ: ବିଜୁ ଜନତା ଦଳ ନାରାରେ ସଭା ପ୍ରକମ୍ପିତ ହୋଇଥିଲା ।

## ଆଉ ଶୁଣିବାକୁ ମିଳୁନି ଶଗଡ଼ର 'କେଁ କଟର'

# ଜୀବିକା ହରାଉଛନ୍ତି ଶଗଡ଼ କାରିଗର

**ବନ୍ତ/ଆଗରପଡ଼ା, ୯।୧୧(ସମିସ):** ପୂର୍ବରୁ ଚାଷ କାର୍ଯ୍ୟରେ ଚାଷୀଭାଇମାନେ ଶଗଡ଼ ଉପରେ ସମ୍ପୂର୍ଣ୍ଣ ଭାବରେ ନିର୍ଭର କରୁଥିଲେ । ଚାଷର ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଉକ୍ତ ଶଗଡ଼ର ଆବଶ୍ୟକତା ପଡୁଥିଲା । ବୈଶାଖର ଅକ୍ଷୟ ତୃତୀୟାରେ ମୁଠି ଅନୁକୂଳ ପାଇଁ ପୂର୍ବରୁ ଚାଷୀମାନେ ତାଙ୍କର ବିଲବାଡ଼ିକୁ ହଳ କରି ମାଟିକୁ ଉର୍ବର କରୁଥିଲେ । ନିଜ ବାଡ଼ି ପଟେ ଜମା ହୋଇଥିବା ବର୍ଷ ଯାକର ଖତକୁ ଗୁରଲ ଲଗାଇ ଶଗଡ଼ରେ ବୋହି ନେଉଥିଲେ । ଧାନବୁଣା ବେଳେ ଧାନ, ରୁଆ ବିହୁଡ଼ା ବେଳେ ସାର ଓ ଧାନପଲ୍ଲା ଆଦି ବୋହି ନେବା ଆଣିବା ପାଇଁ ଶଗଡ଼ର ଭୂମିକା ମହତ୍ୱପୂର୍ଣ୍ଣ ଥିଲା । ଅମଳକ୍ଷମ କଟାଧାନକୁ ଶଗଡ଼ରେ ଚାଷୀ ବୋହିନେଇ ଖଳାରେ ଜମା କରୁଥିଲା । ଖଳାରେ ଧାନ ମଡ଼ାଇବା ପରେ ତାକୁ ଶଗଡ଼ରେ ଖୁସିମନରେ ଘରକୁ ଆଣୁଥିଲା । ପନିପରିବା ଚାଷୀ ଶଗଡ଼ ମାଧ୍ୟମରେ ନିଜ ଉପାର୍ଜିତ ପନିପରିବାକୁ ବଜାରକୁ ବିକ୍ରି କରିବା ପାଇଁ ନେଇଥିଲା । ବର୍ତ୍ତମାନ ଯୁଗରେ ଚାଷକାମ ପାଇଁ ଟ୍ରାକ୍ଟର ବ୍ୟବହାର ଯୋଗୁଁ ଶଗଡ଼ ଉପରୁ ଚାଷୀମାନେ ମୁହଁ ଫେରାଇ ଆଣୁଛନ୍ତି । ହେଲେ ଉକ୍ତ ଶଗଡ଼କୁ ପୌରାଣିକ ଯୁଗରେ ମଧ୍ୟ ବ୍ୟବହାର କରାଯାଇଥିଲା । ଶଗଡ଼ର ବ୍ୟବହାର ବହୁତ ପ୍ରାଚୀନ । ପୁରାଣ ଯୁଗର ମହାଭାରତରେ ଉକ୍ତ ଶଗଡ଼ର ବ୍ୟବହାର ହୋଇଥିବା ଜଣାପଡ଼େ । ମଣ୍ଡାଖିଆ ଅସୁରକୁ ବଧ



କରିବାକୁ ଭୀମ ଏଇ ଶଗଡ଼ରେ ମଣ୍ଡା ପିଠା ବୋହି ନେଇଥିଲେ । ବହୁ କବି ସାହିତ୍ୟିକ ନିଜ ଲେଖନୀରୁ ବହୁ ପୁରୁଣା କାଳର ବିଭିନ୍ନ ଗଳ୍ପ ତଥା କବିତା ମାନ ଲେଖିଥିବା ଦୃଷ୍ଟିଗୋଚର ହୁଏ । ଗୋଦାବରୀଶ ମିଶ୍ରଙ୍କ 'ମାଗୁଣିର ଶଗଡ଼', ଅନନ୍ତ ପ୍ରସାଦ ପଟେଲଙ୍କ 'ଶଗଡ଼' ଗଳ୍ପରେ ଯାନ୍ତ୍ରିକ ଟ୍ରାକ୍ଟର ବ୍ୟବହାରରେ ଶଗଡ଼ିଆଙ୍କ ବୃତ୍ତି କିପରି ଭାବରେ ଲୁଣ୍ଠିତ ହୋଇ ଦୟନୀୟ ଜୀବନ ଅତିବାହିତ କରୁଛନ୍ତି ତାହା ଦେଖିବାକୁ ମିଳେ । ମଣିଷ ଚକର ବ୍ୟବହାର ଶିଖିବା ପରେ ନିଜେ ପରିବହନ ବ୍ୟବସ୍ଥାକୁ ସୁଦୃଢ କରିବାକୁ ନିର୍ମାଣ କରିଥିଲା । ଶଗଡ଼ର ନିର୍ମାଣ ଶୈଳୀକୁ ଖୁବ୍ ନିଆରା । ଲମ୍ବାଳିଆ ଚାରିଖଣ୍ଡ କାଠ, ଗୋଟିଏ ଅଖ ଓ ଦୁଇଟି ଚକକୁ ନେଇ ଏହା ଗଠିତ । ବରଗଡ଼ ଜିଲ୍ଲା ବିଜେପୁର ବ୍ଲକ ଅର୍ନ୍ତଗତ ତାଳପଦର ଗ୍ରାମରେ ଶଗଡ଼ ଏବଂ ଶଗଡ଼ ଚକ ତିଆରି ପାଇଁ ଖୁବ୍ ପରିଚିତ ଲାଭ କରିଥିଲା । ବହୁ ଦୂରଦୁରାନ୍ତରୁ ବରାଦ ଦେବାପାଇଁ ଧାଇଁ ଆସୁଥିଲେ । ବର୍ତ୍ତମାନ ଯାନ୍ତ୍ରିକ ଯୁଗରେ ଯାନ୍ତ୍ରିକ ଯାନର ବ୍ୟବହାର ଯୋଗୁଁ ଶଗଡ଼ତାର ଅସ୍ତିତ୍ୱ ହରାଇବା ସହ ଅଲୋଡ଼ା ହୋଇ ପଡ଼ିଛନ୍ତି ଶଗଡ଼ କାରିଗର । ପ୍ରାଚୀନ କାଳରୁ ମଣିଷ ଶଗଡ଼କୁ ମାଲପରିବବହନ ମାଧ୍ୟମ କରିଥିବା ଇତିହାସରୁ ଜଣାପଡ଼େ । ଗଧ, ଘୋଡ଼ା ଭଳି ବିଭିନ୍ନ ପଶୁ ଦ୍ୱାରା ପ୍ରଥମେ ଅନ୍ୟତ୍ର ମାଲ ପରିବହନ କରୁଥିଲା । ମାତ୍ର ଉକ୍ତ ବାହନ ଅପେକ୍ଷା ଶଗଡ଼ରେ ଯଥେଷ୍ଟ ପରିମାଣରେ ମାଲ ନେବା ଆଣିବା ହୋଇପାରୁ ନଥିବାରୁ ଶଗଡ଼ର ବ୍ୟବହାର ପ୍ରକୃଷ୍ଟ ମାଧ୍ୟମ ବୋଲି ବାଛିନେଇଥିଲା । ଏଥିପାଇଁ ସ୍ୱତନ୍ତ୍ର ରାସ୍ତାର ମଧ୍ୟ ଆବାଶ୍ୟକତା ନାହିଁ । ଶଗଡ଼ରେ ହଳେ ବଳଦକୁ ଯୋଡ଼ିନେଲେ ବେଶ୍ ଆରାମରେ ଯେକୌଣସି ସ୍ଥାନକୁ ପହଞ୍ଚି ପାରୁଥିଲା । ବଣିକମାନେ ବାଣିଜ୍ୟ କରିବାକୁ ସହଜରେ ଶଗଡ଼ରେ ମାଲପତ୍ର ବୋହିନେଇ ପାରୁଥିଲେ । କେବଳ ସେତିକି ନୁହେଁ ବାହାଘରରେ ବର ଶଗଡ଼ ମାଧ୍ୟମରେ ବରଯାତ୍ରୀ ଯାଇ ବୋହୂକୁ ନେଇଁ ଘରକୁ ମଧ୍ୟ ବେଶ ଆରମରେ ଫେରିପାରୁଥିଲା । ଲୋକେ ଶଗଡ଼ ସାହାର୍ଯ୍ୟରେ ନିଜ ପରିବାରକୁ ଧରି ତୀର୍ଥଯାତ୍ରା କରିଥିବା ଜଣାପଡ଼େ । ତେଣୁ ଏହି ଶଗଡ଼ ଲୋକଙ୍କର ପରମ୍ପରାରେ ମଧ୍ୟ ଜଡ଼ିତ । ଯାହାଫଳରେ କି ଶଗଡ଼ିଆମାନେ ଶଗଡ଼ ତଥା ଚକ ତିଆରି କରି ନିଜ ପେଟପାଟଣା କରୁଥିଲେ । ହେଲେ ଯାନ୍ତ୍ରିକ ଯାନର ପ୍ରଭାବରେ ଶଗଡ଼ିଆମାନେ ନିଜର ଜିବିକା ହରାଇ ବସିବା ସହିତ ଇତିହାସ ହେଲାଣି ଗାଁ ଗହଳର କେଁ କଟର ଶଗଡ଼ର ଶବ୍ଦ ।

## ସ୍ୱାସ୍ଥ୍ୟକେନ୍ଦ୍ର ପରିଚାଳନାରେ ସରକାରୀ ନିୟମକୁ ଫୁଁ

# ମନମାନିରେ ଚାଲିଛି ସ୍ୱାସ୍ଥ୍ୟସେବା

**ବନ୍ତ/ଆଗରପଡ଼ା, ୯।୧୧(ସମିସ):** ସ୍ୱାସ୍ଥ୍ୟସେବାରେ ଉନ୍ନତି ଆଣିବା ପାଇଁ ସରକାର ଯୋଜନା ପରେ ଯୋଜନା ପ୍ରଣୟନ କରୁଥିବା ସ୍ଥଳେ ବିଭାଗୀୟ ଅଧିକାରୀଙ୍କ ଦୂରଦୃଷ୍ଟିର ଅଭାବ ଯୋଗୁଁ ଏହିସବୁ ଯୋଜନାର ସଫଳ ରୂପାୟଣକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏହିପରି ଏକ ଦୃଷ୍ଟାନ୍ତ ଦେଖିବାକୁ ମିଳିଛି ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ କାଦବରାଙ୍ଗ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର (ନୂତନ)ରେ । ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ସରାକାରୀ ନିୟମକୁ ପାଳନ କରାଯାଉ ନଥିବାରୁ ଏଥିପାଇଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଆଗରପଡ଼ା ଅଧିକାରୀ ନା ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ନା ଜିଲ୍ଲାପାଳ କାହାକୁ ଦାୟୀ କରାଯିବ ତାହାକୁ ନେଇ ଚର୍ଚ୍ଚା ଜୋର ଧରିଛି । ୧୯୯୪ ମସିହାରେ ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରତିଷ୍ଠା ହୋଇଥିଲା । ପ୍ରତିଷ୍ଠା ହେବା ପରଠାରୁ ଏହାର ଭିତ୍ତିଭୂମିରେ କୌଣସି ଉନ୍ନତି ପରିଲକ୍ଷିତ ହୋଇପାରି ନଥିଲା । ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ କେନ୍ଦ୍ରୀୟ ଟିମ ଗସ୍ତ ପୂର୍ବରୁ ଏହାର କଳେବର ରଙ୍ଗିନ ହୋଇପାରିଥିଲା; ମାତ୍ର ଡାକ୍ତର ନଥିବାରୁ ରୋଗୀମାନେ ନାନା ହୀନସ୍ତା ହେଉଥିଲେ । ଭାରାପ୍ରାପ୍ତ ଡାକ୍ତର ପଦ ଦୀର୍ଘବର୍ଷ ଧରି ଏଠାରେ ଖାଲି ପଡ଼ିବା ପରେ ଗତ ୨୦୨୨ ଜାନୁୟାରୀରେ ସରକାର ଏଠାରେ ଏକ ନିୟମିତ ଡାକ୍ତର ନିଯୁକ୍ତି ଦେଇଥିଲେ । ସହିପରି ଡାକ୍ତରଙ୍କ ରହିବା ପାଇଁ ଗୃହ ସମେତ ପାଚେରି ନିର୍ମାଣ କରାଯାଇଥିଲା । ପାନୀୟଜଳ ଓ ବିଦ୍ୟୁତ ସେବା ଉପରେ ମଧ ସରକାର ଗୁରୁତ୍ୱାରୋପ କରିଥିଲେ । ବିଭାଗୀୟ ଅଧିକାରୀମାନେ ସମସ୍ତ କାର୍ଯ୍ୟ




ସମ୍ପୂର୍ଣ୍ଣ କରି ଭାରପ୍ରାପ୍ତ ଡାକ୍ତରଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ଉକ୍ତ ଗୃହରେ କର୍ମଚାରୀ ରହୁ ନଥିବାରୁ କେଉଁ ଲକ୍ଷ୍ୟ ନେଇ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇ ଏହି ଗୃହ ନିର୍ମାଣ କରାଯାଇଥିଲା ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ପ୍ରତିଷ୍ଠିତ ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ଉକ୍ତ ସମସ୍ୟା ବ୍ୟତୀତ ଆହୁରି ଅନେକ ସମସ୍ୟା ଲାଗି ରହିଛି ।

ଆବଶ୍ୟକ ଅନୁଯାୟୀ କର୍ମଚାରୀ ନିଯୁକ୍ତି ଦିଆଯାଉ ନଥିବାରୁ ସରକାରଙ୍କ ଦ୍ୱାରା ପ୍ରଦତ୍ତ ନିୟମ କେବଳ କାଗଜ କଲମରେ ସୀମିତ ହୋଇ ରହିଯାଉଛି । ନିୟମାନୁଯାୟୀ, ପ୍ରତିଦିନ ସକାଳ ୮ରୁ ଦିନ ୧୨ ଓ ଅପରାହ୍ନ ୩ରୁ ସଂଧ୍ୟା ୫ଟା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲା ରହିବା କଥା କିନ୍ତୁ ଏହି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି । ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରଟି ବହୁ ଦିନ ହେବ କେବଳ ସକାଳ ସମୟରେ ଖୋଲା ରହୁଛି । ସେଥିରେ ପୁଣି ବ୍ୟତିକ୍ରମ ହେଉଛି । କେବେବି ନିର୍ଦ୍ଧାରିତ ସମୟରେ ଖୋଲା ହେଉ ନଥିବା ପରିଲକ୍ଷିତ ହେଉଛି । ବର୍ତ୍ତମାନ ଜଣେ ନୂତନ ମହିଳା ଏମବିବିଏସ ଡାକ୍ତରଙ୍କୁ ଏଠାରେ ନିୟୋଜିତ କରାଯିବା ସହ ଜଣେ ମହିଳା ଆୟୁଷ ଡାକ୍ତର ଓ ମହିଳା ଫାର୍ମାସିଷ୍ଟଙ୍କୁ ନେଇ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଚାଲିଛି । ବିଭିନ୍ନ ସମସ୍ୟା ମଧ୍ୟରେ ଗତି କରୁଥିବା ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ଭଦ୍ରକ ଆନୁକୂଲ୍ୟରେ ପଞ୍ଚାୟତ ସମିତି ବନ୍ତ ପକ୍ଷରୁ ୨୦୨୨-୨୩ ଆର୍ଥିକ ବର୍ଷରେ ୫ମ ସିଫସି ଯୋଜନାରେ ୮ଲକ୍ଷ ଅଟକଳ ମୂଲ୍ୟରେ ମେଡିକାଲ ବାୟୋମେଡିକାଲ ପ୍ରକଳ୍ପ ଓ ୨୦୨୧-୨୨ ଆର୍ଥିକ ବର୍ଷରେ ୧୬ ଲକ୍ଷ ୪୬ ହଜାର ୬୫୬ ଟଙ୍କା ମୂଲ୍ୟର ଲେବର ରୁମ ନିର୍ମାଣ କାର୍ଯ୍ୟ ସରି କାର୍ଯ୍ୟକ୍ଷମ ହୋଇ ନପାରି ପଡ଼ି ରହିଛି । ତେଣୁ କେଉଁ ସ୍ୱାର୍ଥରେ ଲକ୍ଷାଧିକ ଟଙ୍କା ବ୍ୟୟରେ ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ମାଳମାଳ ପ୍ରକଳ୍ପ ନିର୍ମାଣ କରାଯାଉଛି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିବା ସହ ଯୋଜନାର ସଫଳ ରୂପାୟନ ପ୍ରତି ଅଙ୍ଗୁଳ ନିର୍ଦ୍ଦେଶ କରୁଛି । ସ୍ୱାସ୍ଥ୍ୟକେନ୍ଦ୍ର ପରିସରକୁ ନାନାଦି ଅନାବନା ଗଛ ଘେରି ରହିଥିବାରୁ ଏହା ରୋଗୀଙ୍କ ପାଇଁ ବିପଦ ସୃଷ୍ଟି କରୁଥିବାକୁ ନେଇ ବାରମ୍ବାର ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଉଥିଲେ ସୁଦ୍ଧା ଅଧିକାରୀ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିବା ତାଙ୍କ କାର୍ଯ୍ୟପନ୍ଥା ଉପରେ ଅଙ୍ଗୁଳ ନିର୍ଦ୍ଦେଶ କରୁଛି । ସେହିଭଳି ପରିସରରେ ଲାଗିଥିବା ହାଇମାଷ୍ଟ ଲାଇଟ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲା ନହେବା ପର୍ଯ୍ୟନ୍ତ ଜଳି ରହୁଥିବା ଦେଖିବାକୁ ମିଳୁଛି । କାଦବରାଙ୍ଗ ପଞ୍ଚାୟତର ବିଭିନ୍ନ ଗ୍ରାମ ଆଡ଼ିଆ, ଅଡ଼ାଳପଙ୍କ, ଗୋପାଳପୁର, କାଉପୁର, ଗଣିଜାଙ୍ଗ ଆଦିର ଶତାଧିକ ଲୋକେ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରିଥାନ୍ତି । ସ୍ୱାସ୍ଥ୍ୟ କେନ୍ଦ୍ରଟିରେ ଲାଗି ରହିଥିବା ଏହି ସବୁ ସମସ୍ୟାକୁ ଶୀଘ୍ର ସମାଧାନ କରିବା ସହ ସରକାରୀ ନିୟମକୁ ପାଳନ କରି ନବନିର୍ମିତ ପ୍ରକଳ୍ପକୁ ଯଥାଶୀଘ୍ର କାର୍ଯ୍ୟକ୍ଷମ କରିବା ଓ ଅଞ୍ଚଳବାସୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସ୍ଥାନୀୟ ଜନସାଧାରଣଙ୍କ ପକ୍ଷରୁ ଦାବି ହେଉଛି ।

# ହୃଦ୍‌ଘାତରେ ସ୍ୱାସ୍ଥ୍ୟ କର୍ମଚାରୀଙ୍କ ପରଲୋକ



**ଭଦ୍ରକ, ୯ ।୧୧(ସମିସ):** ଭଦ୍ରକ ସହର ୧୧ ନମ୍ବର ୱାର୍ଡ ଅସ୍ତଳ ଗ୍ରାମର ଯୁବକ ତଥା ଭଦ୍ରକ ମେଡିକାଲରେ ସ୍ୱାସ୍ଥ୍ୟ କର୍ମଚାରୀ ଦେବବ୍ରତ ନାୟକ (କାଳିଆ)ଙ୍କ ହୃଦଘାତରେ ମୃତ୍ୟୁ ଘଟିଛି । ମୃତ୍ୟୁ ବେଳକୁ ତାଙ୍କୁ ୫୪ ବର୍ଷ ହୋଇଥିଲା । କାଳିଆ ଜଣେ ଅମାୟିକ ଓ ପରୋପକାରୀ ଯୁବକ ଥିଲେ । ସେ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଜଣେ କର୍ମଚାରୀ ଥିଲେ । ଗତକାଲି ରାତିରେ ଛାତିରେ ହଠାତ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ଡାକ୍ତରଖାନା ନିଆଯାଇଥିଲା; ମାତ୍ର ଡାକ୍ତର ତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ । ତାଙ୍କର ବିୟୋଗରେ ଭଦ୍ରକର ଅସ୍ଥଳ ଗ୍ରାମରେ ଶୋକ ପ୍ରକାଶ ପାଇଛି । ତାଙ୍କ ପୁତ୍ର ଲିକୁନ ମୁଖାଗ୍ନି ଦେଇଛନ୍ତି । ତାଙ୍କ ମୃତ୍ୟୁ ଖବର ପାଇ ପ୍ରାକ୍ତନ ମନ୍ତ୍ରୀ ପ୍ରଫୁଲ୍ଲ ଶମଲ, ପ୍ରାକ୍ତନ ବିଧାୟକ ମୁକ୍ତିକାନ୍ତ ନାୟକ, ପ୍ରାକ୍ତନ କାଉନସିଲର ବଗଜେନ୍ଦ୍ର ପଣ୍ଡା, ୧୧ନମ୍ବର ୱାର୍ଡ କାଉନସିଲରଙ୍କ ପ୍ରତିନିଧି ସୂର୍ଯ୍ୟକୁମାର ଦାସ, ବିଜେପି ନେତା ଅମ୍ବିକା ଦାସ, ବରିଷ୍ଠ ଚିକିତ୍ସକ ଡାକ୍ତର ରବୀନ୍ଦ୍ର କୁମାର ନାୟକ ଓ ଗ୍ରାମବାସୀ ବାସଭବନକୁ ଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

# ବିଦ୍ୟୁତ୍ ତାର ଚୋରି କରି ୨ ଗିରଫ

**ବନ୍ତ/ଆଗରପଡ଼ା, ୯।୧୧(ସମିସ):** ତୁମ୍ବାପଦୀ ଗ୍ରାମରେ ଥିବା ୧୧ କେଭି ବିଦ୍ୟୁତ ତାର ଚୋରି କରିବା ଅଭିଯୋଗରେ ପୁଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବାର ଜଣାପଡ଼ିଛି । ଘଟଣାର ବିଳମ୍ବିତ ରାତିରେ ତୁମ୍ବାପଦୀ ଗ୍ରାମରେ ଥିବା ୧୧ କେଭି ତାର କଟା ଯାଉଥିବାର ଆଗରପଡ଼ା ସେକ୍ସନ ଅଫିସକୁ ଖବର ମିଳିଥିଲା । ଖବର ପାଇ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଗ୍ରାମବାସୀଙ୍କ ସହାୟତାରେ ୨ ଅଭିଯୁକ୍ତଙ୍କୁ କାବୁ କରି ପୁଲିସକୁ ହସ୍ତାନ୍ତର କରିଥିଲେ । ପୁଲିସ ଗିରଫ କରି ୨ଜଣଙ୍କୁ କୋର୍ଟ ଚାଲାଣ କରିଛି । କାଉପୁର ଓ ଦେଁସିଂ ଗ୍ରାମରେ ଅଭିଯୁକ୍ତଦ୍ୱୟଙ୍କ ଘର ବୋଲି ଜଣାପଡ଼ିଛି । ପ୍ରାୟ ୨ଶହ ମିଟର ତାର ଅଭିଯୁକ୍ତଦ୍ୱୟ କାଟି ସାରିଥିଲେ । ସୂଚନାଯୋଗ୍ୟ, ଏଥିପୂର୍ବରୁ ବରପଦା-ବିଶଳକଣା ୩୩ କେଭି ବିଦ୍ୟୁତ ତାର ମଧ ଚୋରି ହୋଇଥିଲା ।

# ଆଜିଠୁ ତ୍ରୟୋଦଶ ଭଦ୍ରକ ମହୋତ୍ସବ ଓ ପୁସ୍ତକ ମେଳା





**ଭଦ୍ରକ, ୯।୧୧(ସମିସ):** ତ୍ରୟୋଦଶ ଭଦ୍ରକ ମହୋତ୍ସବ ଓ ପୁସ୍ତକ ମେଳା ସୋମବାରଠାରୁ ମନମୋହନ ସଙ୍ଗୀତ ପରିଷଦ ପରିସରରେ ୧୪ ଦିନ ଧରି ଚାଲିବ । ଆସନ୍ତା ୨୩ ତାରିଖ ପର୍ଯ୍ୟନ୍ତ ଏହି ଉତ୍ସବରେ ପ୍ରତିବର୍ଷ ଭଳି ବହୁ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ପୁସ୍ତକ ମେଳାର ଆୟୋଜନ କରାଯିବ । ସ୍ଥାନୀୟ ଲୋକନାଥ ମନ୍ଦିର ପରିସରରେ ଅନୁଷ୍ଠିତ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଏହାର ଚୂଡ଼ାନ୍ତ ପ୍ରସ୍ତୁତି ସମ୍ପର୍କରେ ଆଲୋଚନା କରାଯାଇଛି । ରାଜ୍ୟର ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ସମେତ ବିଭିନ୍ନ ନାଟ୍ୟ ଅନୁଷ୍ଠାନ ଏଥିରେ ଅଂଶଗ୍ରହଣ କରିବେ । ଏକ ମନୋମୁଗ୍ଧକର କାର୍ଯ୍ୟକ୍ରମରେ ଯୋଗ ଦେବାକୁ ମହୋତ୍ସବ ଓ ପୁସ୍ତକ ମେଳା କମିଟିର ସଭାପତି ଇଂ ଅଭୟ ସୂତାର, ଆବାହକ ନିହାର ରଞ୍ଜନ କର, ସମ୍ପାଦକ ରବିନାରାୟଣ ଖିଲ୍ଲାର, କାର୍ଯ୍ୟକାରୀ ସଭାପତି ଶିଶିର ମିଶ୍ର, ଡାକ୍ତର ଅନିଲ ଦାଶ ଓ ମିଡିଆ ସେଲଫର ଅଧକ୍ଷ ପ୍ରମୋଦ ରାୟଙ୍କ ସମେତ ସମସ୍ତ କାର୍ଯ୍ୟକର୍ତ୍ତା, ସଦସ୍ୟ ଓ ସଦସ୍ୟା ଜନସାଧାରଣ ଏବଂ ପୁସ୍ତକପ୍ରେମୀଙ୍କୁ ନିବେଦନ କରିଛନ୍ତି ।

# ସନ୍ଥ ଅରକ୍ଷିତ ଅନାଥାଶ୍ରମର ଅଧିବେଶନ




**ବନ୍ତ/ଆଗରପଡ଼ା, ୯।୧୧(ସମିସ):** ବନ୍ତ ବ୍ଲକ ରାମକୃଷ୍ଣପୁର ପଞ୍ଚାୟତ ନଈପାରିଗଡ଼ିଆରେ ନିର୍ମାଣ ହେଉଥିବା ସନ୍ଥ ଅରକ୍ଷିତ ଅନାଥାଶ୍ରମ ୨ୟ ଅଧିବେଶନ ନଈପାରିଗଡ଼ିଆ ବିଦ୍ୟାଳୟଠାରେ ଗ୍ରାମବାସୀଙ୍କୁ ନେଇ ଅନୁଷ୍ଠିତ ହୋଇଯାଇଛି । ଏହି ଅଧିବେଶନ ପରିଚାଳନା କରିଥିଲେ ସମାଜସେବୀ ଗଣେଶ ପ୍ରସାଦ ପରିଡ଼ା । ସେ ଉପସ୍ଥିତ ଗ୍ରାମବାସୀଙ୍କ ସହଯୋଗ ଓ ସାହାଯ୍ୟ ଲୋଡ଼ିବା ସହ ଆଗାମୀ ଦିନରେ କିଭଳି ଭାବରେ ଏହି ଅନାଥାଶ୍ରମଟି ସାରା ଦେଶରେ ଏକ ନମ୍ବର ସ୍ଥାନ ଅଧିକାର କରିବ ସେନେଇ ଗ୍ରାମବାସୀ ଏକହୋଇ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ । ଗ୍ରାମବାସୀ ସମ୍ପୂର୍ଣ୍ଣ ସହଯୋଗ କରିବେ ବୋଲି ମତ ପ୍ରକାଶ କରିଥିଲେ । ଅନ୍ୟ ବଦାନ୍ୟ ବ୍ୟକ୍ତି ଏହି ଆଶ୍ରମ ନିର୍ମାଣରେ ସାହାଯ୍ୟ ସହଯୋଗ କରିବାକୁ ନିବେଦନ କରାଯିବ ବୋଲି ମଧ୍ୟ ସେମାନେ କହିଥିଲେ । ଏହି ଅଧିବେଶନରେ ସମାଜସେବୀ ହେମନ୍ତ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିବା ବେଳେ ବଂଶୀଧର ପରିଡ଼ା, ଚନ୍ଦ୍ରମଣି ଜେନା, ନିରଞ୍ଜନ ପରିଡ଼ା, ରତ୍ନାକର ସ୍ୱାଇଁ, ମଣିଭଦ୍ର ଜେନା, ଅମର ସ୍ୱାଇଁ, ଶାନ୍ତି ପରିଡ଼ା, ରିତାରାଣୀ ପରିଡ଼ା, ସଞ୍ଜୁଲତା ପରିଡ଼ା, ଶୁଚିସ୍ମିତା ପରିଡ଼ା, ହିମାଂଶୁ ଜେନା, ଅନିତା ପରିଡ଼ା, ସସ୍ମିତା ପରିଡ଼ା, ସୁଭଦ୍ରା ପରିଡ଼ା, ମୃତ୍ୟୁଞ୍ଜୟ ପରିଡ଼ା ଓ ଗ୍ରାମବାସୀ ଅଧିବେଶନକୁ ସଫଳ କରିଥିଲେ ।

# ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର: ଉପକୃତ ହେଲେ ୬୩୦ ରୋଗୀ

ଧାମନଗର, ୯।୧୧ (ସମିସ)




ଧାମନଗର ବରିଷ୍ଠ ନାଗରିକ ପରିଷଦ ତରଫରୁ ମଣ୍ଡଳସ୍ତରୀୟ ଏକ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ରବିବାର ସକାଳ ୮ଟା ସମୟରେ ଧାମନଗର ବ୍ଲକ ଅନ୍ତର୍ଗତ କଲ୍ୟାଣୀ ପଞ୍ଚାୟତ ଅଧୀନସ୍ଥ ଲକ୍ଷ୍ମୀନାରାୟଣ ବାଳିକା ଉଚ୍ଚବିଦ୍ୟାଳୟ ବନସରଠାରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା । ଏଥିରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ବ୍ରଜକିଶୋର ରାଉତ, ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ସୁଧୀରଞ୍ଜନ ନାୟକ ଯୋଗ ଦେଇ ଏହି ସ୍ୱାସ୍ଥ୍ୟ ଶିବିରକୁ ଉଦଘାଟନ କରିଥିଲେ । ବରିଷ୍ଠ ନାଗରିକ ପରିଷଦର ସଦସ୍ୟ ସମାଜସେବୀ ନରେନ୍ଦ୍ର ମଲ୍ଲିକ ସଭାପତିତ୍ୱ କରିଥିବା ବେଳେ ପେଟରୋଗ ବିଶେଷଜ୍ଞ ଡାକ୍ତର ଅଜିତ ପ୍ରସାଦ ଜେନା ମୁଖ୍ୟଅତିଥି ଓ ସମ୍ମାନିତ ଅତିଥି ଭାବେ ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧକ୍ଷ ଡାକ୍ତର ମନ୍ମୟ ସାମନ୍ତସିଂହାର ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଅସ୍ଥିଶଲ୍ୟ ବିଭାଗ ଡାକ୍ତର ସେକ ସର୍ବର ଅଲ୍ଲି, ଭେଷଜ ବିଶେଷଜ୍ଞ ଡାକ୍ତର ମାଝି ମାଝୀ, ରମେଶଚନ୍ଦ୍ର ମହାପାତ୍ର, କର୍ଣ୍ଣ ନାଶା ଗଳା ବିଭାଗ ଡାକ୍ତର ବୈଦ୍ୟନାଥ ଓଝା, ଚକ୍ଷୁ ବିଶେଷଜ୍ଞ ଡାକ୍ତର ଇଫଜୁଲ ରହେମାନ ଓ ଅସ୍ଥିଶଲ୍ୟ (ଅସ୍ତ୍ରୋପଚାର) ବିଭାଗ ଡାକ୍ତର ସରୋଜ ରାଉଳ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ପରିଷଦର ସଭ୍ୟ ଅଜୟ କୁମାର ସାମଲ ଅତିଥି ମଞ୍ଚ ଆବାହନ, ସଭାପତି ଅନିଲ କୁମାର ବାରିକ ସ୍ୱାଗତ ସମ୍ଭାଷଣ ଓ ସମ୍ପାଦକ ସଚିକାନ୍ତ ପଣ୍ଡା ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ଶେଷରେ ପରିଷଦର ମଣ୍ଡଳ ସମ୍ପାଦକ ରାମଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ସ୍ୱାସ୍ଥ୍ୟ ସେବା ଶିବିରରେ ରୋଗୀଙ୍କ ପରୀକ୍ଷା ନିରୀକ୍ଷା କରାଯାଇ ମୋଟ ୬୩୦ରୁ ଊର୍ଦ୍ଧ୍ୱ ରୋଗୀଙ୍କୁ ନିଶୁଳ୍କ ଚିକିତ୍ସା ସହ ଔଷଧ ବିତରଣ କରାଯାଇଥିଲା । ଏଥିସହ ମଧୁମେହ ରୋଗୀଙ୍କ ମାଗଣା ରକ୍ତ ପରୀକ୍ଷା ଓ ହୃଦରୋଗୀଙ୍କ ନିଶୁଳ୍କ ଇସିଜି ପରୀକ୍ଷା କରାଯାଇଥିଲା । ଏହି ସ୍ୱାସ୍ଥ୍ୟ ଶିବିରକୁ ପରିଷଦର ଉପସଭାପତି ସୁରଥଚନ୍ଦ୍ର ସେଠୀ, ସଭ୍ୟ ହୃଦାନନ୍ଦ କର, ନିରାକାର ଧଳ, ଅଭିମନ୍ୟୁ ମଲ୍ଲିକ, ଦାମୋଦର ମଲ୍ଲିକ, ବିଦ୍ୟାଧର ରାଉତ, ସମ୍ପୃକ୍ତ ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଗୀତାଞ୍ଜଳି ରାଉତ, ପ୍ରଧାନଶିକ୍ଷକ ପ୍ରଭାତ କୁମାର ମହାନ୍ତି ପ୍ରମୁଖ ପରିଚଳନା କରିଥିବା ବେଳେ ସ୍ଥାନୀୟ ଅଞ୍ଚଳ ଗ୍ରାମବାସୀ, ପରିଷଦର ସଭ୍ୟ ଓ ଛାତ୍ରଛାତ୍ରୀ ସହଯୋଗ କରିଥିଲେ ।

### କଳିଙ୍ଗ ବାଲିଯାତ୍ରାର ଷଷ୍ଠ ସନ୍ଧ୍ୟାରେ ଖଚାଖଚ ଭିଡ଼

# ମନମୋହିଲା ଢେମ୍‌ସା ଓ କୁଚିପୁଡ଼ି





ପାରାଦୀପ, ୯।୧୧(ସମିସ):

କଳିଙ୍ଗ ବାଲିଯାତ୍ରାର ଆଜି ଷଷ୍ଠ ସନ୍ଧ୍ୟାରେ ଖଚାଖଚ ଭିଡ଼ ହୋଇଥିଲା। ଅପରାହ୍ନ ୩ଟାରୁ ଧୀରେ ଧୀରେ ଭିଡ଼ ହୋଇ ଆସୁଥିବାବେଳେ ସନ୍ଧ୍ୟା ବେଳକୁ ପାରାଦୀପ ବିଜୁ ମଇଦାନରେ ପ୍ରବଳ ଜନସମାଗମ ଦେଖିବାକୁ ମିଳିଥିଲା। କୋରାପୁଟର ଢେମ୍ସା ଓ ଆନ୍ଧ୍ରପ୍ରଦେଶର କୁଚିପୁଡ଼ି ନୃତ୍ୟ ଦର୍ଶକଙ୍କ ମନ୍ତ୍ରମୁଗ୍ଧ କରିଥିଲା। ଆଜି ରବିବାର ଛୁଟି ଦିନ ଯୋଗୁଁ ବିଶେଷକରି ସବୁଦିନ ଅପେକ୍ଷା ସର୍ବାଧିକ ଲୋକଙ୍କ ଭିଡ଼ ହୋଇଥିଲା। ଯେହେତୁ ଆଜି ସମସ୍ତଙ୍କ ନଜର ଆମିଷ ଖାଦ୍ୟ ଉପରେ ରହିଛି, ତେଣୁ ସପରିବାର କଳିଙ୍ଗ ବାଲିଯାତ୍ରା ବୁଲିବା ସହ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଦେଖିବା ଓ ଆମିଷ ଖାଇବାର ମଜା ନେଇଥିଲେ। ତେବେ ଲୋକଙ୍କ ଚାହିଦା ଅନୁସାରେ ସେମିତି ଭଲ ଷ୍ଟଲ୍ ନ ଥିଲା। ପିଲାଙ୍କ ମନୋରଞ୍ଜନ ପାଇଁ ଦୋଳି ଓ ବିଭିନ୍ନ ପ୍ରକାରର ଖେଳ ପଡ଼ିଥିବାରୁ ପିଲାମାନେ ତା'ର ଫାଇଦା ଉଠାଇଥିଲେ। ଓରମାସ ଷ୍ଟଲ୍‌ରେ ଅଧିକ ଭିଡ ଦେଖିବାକୁ ମିଳିଥିଲା। ବ୍ୟବସାୟୀଙ୍କ ଭଲ ବ୍ୟବସାୟ ହୋଇଥିବା ଜଣାପଡିଛି।

ପାରାଦୀପ ଅତିରିକ୍ତ ଜିଲ୍ଲାପାଳ ନିରଞ୍ଜନ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ପାରାଦୀପ ବନ୍ଦର ଅର୍ଥ ପରାମର୍ଶଦାତା ତଥା ମୁଖ୍ୟ ହିସାବ ଅଧିକାରୀ ଅଶୋକ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ପୌର ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା ଓ ପାରାଦୀପ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସ୍ମୃତିରଞ୍ଜନ କର ପ୍ରମୁଖ ଯୋଗଦେଇ ଉତ୍କଳୀୟ ପରମ୍ପରା ବଜାଇ ରଖିବା ଆମର ଦାୟିତ୍ୱ ଓ କର୍ତ୍ତବ୍ୟ ବୋଲି କହିଥିଲେ। ଏହି ପରମ୍ପରା ବଞ୍ଚି ରହିଲେ ଓଡ଼ିଆ ଜାତିର ସବୁଦିନ ପାଇଁ ଟେକ ରହିବ। ଯାହା ଆଜି କଳିଙ୍ଗ ବଳିଯାତ୍ରାରେ ବାରି ହୋଇପଡିଛି। ହଜାର ହଜାର ଓଡ଼ିଆ ପରିବାର ଆଜି ଏକାଠି ହୋଇ ଖୁସି ମନାଇବା ସହ ବଳିଯାତ୍ରାର ମଜା ନେଉଛନ୍ତି। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପୁଣି ଚାଲିଥିଲା ଯେଉଁଥିରେ ସ୍ଥାନୀୟ ଅଞ୍ଚଳର ନୃତ୍ୟ ସଙ୍ଗୀତ ସମେତ ବାହାର ଜିଲ୍ଲାର ବଛାବଛା କଳାକାରଙ୍କୁ ଆମନ୍ତ୍ରିତ କରାଯାଇ ମଞ୍ଚରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବାର ସୁଯୋଗ ଦିଆଯାଇଥିଲା। ମଡର୍ଣ୍ଣ ଡ୍ୟାନ୍ସ, ଭଜନ ନୃତ୍ୟ, ମହାଭାରତ, ତ୍ରିଶକ୍ତି କଟକର ଓଡିଶୀ ନୃତ୍ୟ, ଭୁବନେଶ୍ୱରର ଫିଉଜନ ଡ୍ୟାନ୍ସ ପରିବେଷଣ କରାଯାଇଥିଲା। ବିଶେଷକରି କୋରାପୁଟର ଢେମ୍ସା ନୃତ୍ୟ ଓ ଆନ୍ଧ୍ରପ୍ରଦେଶର କୁଚିପୁଡି ନୃତ୍ୟ ଉପସ୍ଥିତ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା।

## କଳିଙ୍ଗ ବାଲିଯାତ୍ରା ପଡ଼ିଆରେ ସଫେଇ




ପାରାଦୀପ, ୯।୧୧(ସମିସ): କଳିଙ୍ଗ ବାଲିଯାତ୍ରାରେ ପାରାଦୀପ କଲେଜ ଏନସିସି ଆଲୁମନି ଆସୋସିଏସନ ପକ୍ଷରୁ ସଫେଇ କାର୍ଯ୍ୟକ୍ରମ କରାଯାଉଛି। ଏହି କାର୍ଯ୍ୟକ୍ରମରେ ପାରାଦୀପ କଲେଜ ଏନସିସି କ୍ୟାଡେଟ୍, ଏନସିସି ଆଲୁମନି ସଦସ୍ୟ ଓ ପାରାଦୀପ କଲେଜ ଆଲୁମନି ସଂଘର ୫୦ରୁ ଅଧିକ ସଭ୍ୟ ଯୋଗଦେଇ ସମୁଦ୍ରତଟକୁ ପରିଷ୍କାର କରିଛନ୍ତି। ଏ ଅବସରରେ ପାରାଦୀପ କଲେଜ ଆଲୁମନି ସଭାପତି ବସନ୍ତ ବିଶ୍ୱାଳ, ଏନସିସି ଆଲୁମନି ସଭାପତି ଅମ୍ବିକା ପ୍ରସାଦ ମହାପାତ୍ର, ଉପଦେଷ୍ଟା ଲେଫ୍ଟନାଣ୍ଟ କମାଣ୍ଡର ଏ.ସି. ମିଶ୍ର, କ୍ୟାଡେଟ୍ କ୍ୟାପଟେନ୍ ବିଜୟ ଘଡ଼େଇ ପ୍ରମୁଖ ଯୋଗଦେଇ ଉତ୍ସାହିତ କରିଥିଲେ। 'ପ୍ଲାଷ୍ଟିକକୁ ନା କହିବା ଓ ସ୍ୱାସ୍ଥ୍ୟକର ପରିବେଶ ଗଢ଼ିବା' ବାର୍ତ୍ତା ପ୍ରଚାର କରାଯାଇଥିଲା।

### ଧୋୟାଞ୍ଚଳର ବାର୍‌ହା ଏବେ ଭେଡ଼ା ଅଞ୍ଚଳ ମୁହାଁ

# ଖାଇଯାଉଛନ୍ତି ଧାନ ଫସଲ

ପଟ୍ଟାମୁଣ୍ଡାଇ, ୯।୧୧(ସମିସ): ସଂପ୍ରତି ଧୋୟାଞ୍ଚଳର ବେଣା ଜଙ୍ଗଲରେ ଥିବା ଶତାଧିକ ବାର୍‌ହା ଏବେ ଭେଡ଼ା ମୁହାଁ ହୋଇଛନ୍ତି। ଏହି ବାର୍‌ହା ଉତ୍ତିକଣ ଭେଡ଼ାରେ ପଶି ଧାନ ଫସଲ ଖାଇ ନଷ୍ଟ କରିଦେଉଥିବାବେଳେ ଧାନ ବିଲ ଘାଣ୍ଟି ପକାଉଛନ୍ତି।

ପଟ୍ଟାମୁଣ୍ଡାଇ ପୌରପରିଷଦ ଅନ୍ତର୍ଗତ ଧୋୟାଞ୍ଚଳର କଷଣଅଣ୍ଟା, ବଳଦେବନଗର, ବାଲିପଡ଼ା, ତଳବାଲିପଡ଼ା, ସିଦ୍ଧପାଟଣା, ନୂଆଗାଁ, କାକୁଡ଼ିପଲ୍ଲୀ, ଅଳଭା, ତନୁପୁର ଓ ପଟ୍ଟାମୁଣ୍ଡାଇ ବ୍ଲକ୍‌ର ବାଲିପାଟଣା ଓ ବାଛରା-ମଣ୍ଡପଡା ପଞ୍ଚାୟତର ବ୍ରାହ୍ମଣୀ ନଦୀ ଅବବାହିକାରେ ଥିବା ଶହ ଶହ ଏକର ପାଳ ଜମିରେ ବେଣା ଜଙ୍ଗଲ ମାଡ଼ିଯାଇଛି। ଗତ କିଛିବର୍ଷ ଧରି ଏହି ବେଣା ଜଙ୍ଗଲ ମଧ୍ୟରେ ଶତାଧିକ ସଂଖ୍ୟାରେ ବାର୍‌ହା ବାସ କରୁଛନ୍ତି। ଏହି ବାର୍‌ହା ଚାଷ ଜମିର ପନିପରିବା ଫସଲ ଖାଇ ନଷ୍ଟ କରିଦେଉଥିବାବେଳେ ସେମାନଙ୍କ ମୁନିଆ ଦାନ୍ତରେ ମାଟି ତାଡ଼ି ପକାଉଥିବାରୁ ଲଟା ଜାତୀୟ ପନିପରିବା ଫସଲ ମୂଳ ତାଡି ହୋଇଯାଉଥିବାରୁ ଲଟା ମରି ଯାଇ ଫସଲ ନଷ୍ଟ ହୋଇଯାଉଥିବା କାରଣରୁ ଚାଷୀ ବ୍ୟାପକ କ୍ଷତି ସହୁଛନ୍ତି। ଏହି ବାର୍‌ହାଙ୍କୁ ଧରି ଭିତରକନିକା ଅଭୟାରଣ୍ୟରେ ଛଡ଼ାଯିବାକୁ ରାଜନଗର ବନ ବିଭାଗ ନିକଟରେ ସ୍ଥାନୀୟ ଅଞ୍ଚଳର ଜନସାଧାରଣ ବାରମ୍ବାର ଦାବି କରିଆସୁଥିଲେ ହେଁ କେହି କର୍ଣ୍ଣପାତ କରୁ ନ ଥିବାରୁ ଜନଅସନ୍ତୋଷ ସୃଷ୍ଟି ହୋଇଛି।

ଅନ୍ୟପକ୍ଷରେ ଚଳିତ ବର୍ଷ ବ୍ରାହ୍ମଣୀ ବନ୍ୟାରେ ବ୍ୟାପକ ଧୋୟାଞ୍ଚଳ ଜଳମଗ୍ନ ହୋଇପଡ଼ିବାରୁ ବେଣା ଜଙ୍ଗଲ ପାଣିରେ ବୁଡ଼ି ରହିଥିଲା। ଫଳରେ ବେଣା ଜଙ୍ଗଲ ମଧ୍ୟରେ ବାସ କରୁଥିବା ବାର୍‌ହା ଓ ଶାବକ ଗାଁ ମୁହାଁ ହୋଇ ଲୋକଙ୍କ ଘର ବାଡ଼ିରେ ପଶି ଆତଙ୍କର ବାତାବରଣ ସୃଷ୍ଟି କରିଥିଲେ। ବହୁ ସଂଖ୍ୟାରେ ବାର୍‌ହା ମଧ୍ୟ ଅଳଭା 'ଓ' ବଙ୍ଗଳା ପରିସରରେ ସୃଷ୍ଟି ହୋଇଥିବା ଜଙ୍ଗଲ ମଧ୍ୟରେ ପଶି ରହିଥିବା ସ୍ଥାନୀୟ ଅଞ୍ଚଳର ଲୋକ କହିଛନ୍ତି। ଚଳିତବର୍ଷ ଚାରି ଚାରିଥର ବନ୍ୟା ଫଳରେ ଏହି ବାର୍‌ହା ପଲ୍ଲ ଭେଡ଼ା ଅଞ୍ଚଳ ମୁହାଁ ହୋଇଛନ୍ତି। ବେଣା ଜଙ୍ଗଲ ବନ୍ୟା ପାଣିରେ ବୁଡ଼ିଯିବାରୁ ପାଣିରେ ଭାସିଯାଇ ବିଭିନ୍ନ ଲୋକଙ୍କ ବାଡ଼ିରେ ଆଶ୍ରୟ ନେଇଥିବା ବାରହା ମଧ୍ୟରୁ କେତେକଙ୍କୁ ଦୁର୍ବୃତ୍ତମାନେ ମାରି ଦେଇଥିବା ଆଲୋଚନା ହେଉଛି। ଏପରିକି ବନ୍ୟା ପାଣିରେ ଭାସିଯାଇଥିବା ଏକ ବିଶାଳକାୟ ବାରହା କୂଳସାହି ଅଞ୍ଚଳର ଜଣେ ବ୍ୟକ୍ତିଙ୍କ ଘରେ ପଶି ତାଙ୍କ ପାପୁଲିର ବୃଦ୍ଧା ଆଙ୍ଗୁଠିକୁ କାମୁଡି ଛିଣ୍ଡାଇ ନେଇଥିବା ଅଭିଯୋଗ ହୋଇଥିଲା। ଏବେ ଧୋୟାଞ୍ଚଳ ଓ ଭେଡ଼ା ଅଞ୍ଚଳରେ ବାର୍‌ହାଙ୍କ ଉପଦ୍ରବ ଦେଖାଦେଇଥିବାରୁ ଜୀବନ ଜୀବିକା ପାଇଁ ବାରହା -ମଣିଷ ଲଢେଇ ଆରମ୍ଭ ହୋଇଯାଇଛି। ଜଙ୍ଗଲ ବିଭାଗର ଖାମଖିଆଲ ମନୋଭାବ ପାଇଁ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

## ଦୋକାନ ଖୋଲୁଥିବାବେଳେ ଟଳିପଡ଼ିଲେ ବ୍ୟବସାୟୀ

ବାଲିକୁଦା, ୯।୧୧(ସମିସ): ବାଲିକୁଦା ଥାନା ଅନ୍ତର୍ଗତ କଂସାରୀକୁଦ ଗ୍ରାମର ପୀତାମ୍ବର ବାରିକ (୫୫) ବାଲିକୁଦା ଥାନା ଛକ ନିକଟରେ ସେଲୁନ କରି ଜୀବିକା ନିର୍ବାହ କରନ୍ତି। ସବୁଦିନ ଭଳି ଆଜି ସକାଳ ପ୍ରାୟ ୭ଟା ସମୟରେ ଦୋକାନ ଖୋଲୁଥିବା ସମୟରେ ଛାତିରେ ଯନ୍ତ୍ରଣା ହେବାରୁ ଚିତ୍କାର କରି ସେଠାରେ ପଡ଼ିଯାଇଥିଲେ। ଚିତ୍କାର ଶୁଣି ପାଖ ଦୋକାନୀ ପହଞ୍ଚି ତାଙ୍କୁ ଉଦ୍ଧାର କରି ବାଲିକୁଦା ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ମୃତ୍ୟୁରେ ବାଲିକୁଦା ବଜାର ସ୍ତବ୍ଧ ହୋଇଯାଇଥିବାବେଳେ କଂସାରୀକୁଦ ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ଜଣେ ସରଳ ଓ ଅମାୟିକ ବ୍ୟକ୍ତି ଭାବେ ବାଲିକୁଦା ବଜାରରେ ପୀତାମ୍ବର ବେଶ ପରିଚିତ ଥିଲେ। ବଜାର କମିଟି ସଭାପତି, ସମ୍ପାଦକ, କୋଷାଧ୍ୟକ୍ଷ ପରିବାର ନିକଟରେ ପହଞ୍ଚି ସମବେଦନା ଜଣାଇବା ସହ ବଜାର ଓଳିଏ ବନ୍ଦ ରଖିବା ପାଇଁ ନିଷ୍ପତ୍ତି ନେଇଥିଲେ। ଗ୍ରାମ ଶ୍ମଶାନରେ ପୀତାମ୍ବରଙ୍କ ଅନ୍ତିମ ସଂସ୍କାର କରାଯାଇଥିବାବେଳେ ପୁଅ ଚନ୍ଦନ ମୁଖାଗ୍ନି ଦେଇଥିଲେ।

## ଏନ୍‌ଜେଡବ୍ଲୁ ରୋଭର୍ ୟୁନିଟ୍ ପକ୍ଷରୁ ଆସ୍‌ପିରାଣ୍ଟ ଏଣ୍ଟ୍ରାନ୍ସ ଟେଷ୍ଟ



ଜଗତସିଂହପୁର, ୯।୧୧(ସମିସ): ନିଲେ ଝଣ୍ଡେ ୱାଲେ ଓପନ୍ ୟୁନିଟ୍ ଭାରତ ସ୍କାଉଟ୍ ଓ ଗାଇଡ୍ ପକ୍ଷରୁ ଏକଦିବସୀୟ ରୋଭର ଆସ୍‌ପିରାଣ୍ଟ ଏଣ୍ଟ୍ରାନ୍ସ ଟେଷ୍ଟ ସ୍ଥାନୀୟ ଶୁଦ୍ଧାନନ୍ଦ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି ପରୀକ୍ଷା ନିମନ୍ତେ ସକାଳ ୭ ଘଟିକାରେ ବିଦ୍ୟାଳୟ ପରିସରରେ ସିନିୟର୍ ରୋଭର୍ ମେଟ୍‌ଙ୍କ ଦ୍ୱାରା ପ୍ରଥମେ ପରୀକ୍ଷାର୍ଥୀଙ୍କ ନାମ ପଞ୍ଜିକୃତ କରାଯାଇଥିଲା। ୟୁନିଟ୍ ଲିଡର ବିଜୟ ରଥ ଓ ଶୁଦ୍ଧାନନ୍ଦ ବିଦ୍ୟାଳୟର ସ୍କାଉଟ୍ ମାଷ୍ଟର ତଥା ଏନ୍.ଜେ.ଡବ୍ଲୁର ଭାରପ୍ରାପ୍ତ ରୋଭର୍ ଲିଡର ଆଶୁତୋଷ ପଣ୍ଡାଙ୍କ ନେତୃତ୍ୱରେ ପ୍ରଥମେ ଫ୍ଲାଗ ସେରେମୋନୀ କରାଯାଇଥିଲା। ପରେ ବିଦ୍ୟାଳୟର ଅଧକ୍ଷ ବିଶ୍ୱଜିତ୍ ସ୍ୱାଇଁ, ବିଦ୍ୟାଳୟର ଆଡମିନିଷ୍ଟ୍ରେଟିଭ୍ ଅଫିସର୍ ବ୍ରହ୍ମଚାରୀ ଯଦୁନାଥ ଦାସ ଓ ଅବସରପ୍ରାପ୍ତ ବରିଷ୍ଠ ପ୍ରଧାନଶିକ୍ଷକ ଦାମୋଦର ପଣ୍ଡା ପରୀକ୍ଷାର୍ଥୀଙ୍କ ଉଦ୍ଦେଶ୍ୟରେ ଅଭିଭାଷଣ ପ୍ରଦାନ କରିଥିଲେ। ପରେ ପିଲାଙ୍କ ଲିଖିତ ଓ ସାକ୍ଷାତକାର ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ପରୀକ୍ଷକ ଭାବେ ଜିଲ୍ଲା ପୂର୍ବତନ କମିଶନର ଅତୁଲ ବିକ୍ରମ ପ୍ରଧାନ, ଜିଲ୍ଲା ଟ୍ରେନିଂ କମିଶନର ଅମୂଲ୍ୟ ମିଶ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସ୍ମୃତିରଞ୍ଜନ ସ୍ୱାଇଁ, ଓଡ଼ିଶା ଆଦର୍ଶ ବିଦ୍ୟାଳୟର ସ୍କାଉଟ୍ ମାଷ୍ଟର ବିଶ୍ୱଜିତ୍ ବିଶ୍ୱାଳ, ମା' ଶାରଳା ଉଚ୍ଚବିଦ୍ୟାଳୟର ସ୍କାଉଟ୍ ମାଷ୍ଟର ସଞ୍ଜୀମ ମହାନ୍ତି, ଶୁଦ୍ଧାନନ୍ଦ ବିଦ୍ୟାଳୟର ସହକାରୀ ସ୍କାଉଟ ମାଷ୍ଟର ରାକେଶ ସାହୁ, ଶୁଦ୍ଧାନନ୍ଦ ବିଦ୍ୟାଳୟର ଇଂରାଜୀ ଶିକ୍ଷୟିତ୍ରୀ ପ୍ରିୟଦର୍ଶିନୀ ଦାସ, ଜିଲ୍ଲା ସଂଗଠନ କମିଶନର ପ୍ରତାପ ରାଉତରାୟ ଓ ପୂର୍ବତନ ଜିଲ୍ଲା ଟ୍ରେନିଂ କମିଶନର ହରେକୃଷ୍ଣ ଲେଙ୍କା ଯୋଗଦେଇ ପିଲାଙ୍କ ଭିତରେ ଥିବା ଅନ୍ତର୍ନିହିତ ପ୍ରତିଭାକୁ ନିରୀକ୍ଷଣ କରିଥିଲେ।

ଏହି ପରୀକ୍ଷାରେ ଜଗତସିଂହପୁର ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟରୁ ୧୭ ଜଣ ଅଂଶଗ୍ରହଣ କରିଥିଲେ। ପରେ ବିଦ୍ୟାଳୟରେ ଏନ୍.ଜେ.ଡବ୍ଲୁ ରୋଭର୍ ଟିମ୍ ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବୃକ୍ଷରୋପଣ କାର୍ଯ୍ୟକ୍ରମ ପରେ ପରୀକ୍ଷାର୍ଥୀଙ୍କ ଶାରୀରିକ ଦକ୍ଷତା ବୃଦ୍ଧି ନିମନ୍ତେ ସେମାନଙ୍କୁ ତିନୋଟି ପକ୍ଷ ଟ୍ରୋଲରେ ବିଭକ୍ତ କରି ସେମାନଙ୍କ ମଧ୍ୟରେ ୧୦୦ ମିଟର ରେସର ଆୟୋଜନ କରାଯାଇଥିଲା। ଏହାପରେ ଯୋଗ ଦେଇଥିବା ସମସ୍ତ ପରୀକ୍ଷାର୍ଥୀଙ୍କୁ ୟୁନିଟ୍ ଲିଡର ବିଜୟ ରଥ, ଭାରପ୍ରାପ୍ତ ରୋଭର୍ ଲିଡର ଆଶୁତୋଷ ପଣ୍ଡା, କିପରି ଭାବେ ରୋଭର ଆସ୍ପିରାଣ୍ଟରୁ ପ୍ରବେଶ ପର୍ଯ୍ୟନ୍ତ ୩ ମାସ ସ୍କାଉଟିଂ କାର୍ଯ୍ୟକ୍ରମ କରିବାକୁ ହୁଏ ସେ ବିଷୟରେ ତାଲିମ୍ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ସିନିୟର୍ ରୋଭର ମେଟ୍ ଆକାଶ, କ୍ରାନ୍ତି, ସଂଗ୍ରାମ, ଦୀପ୍ତି, ଲିପୁନ, ସ୍ୱରାଜ, ସୌମ୍ୟଜିତ୍ ଓ ସିଦ୍ଧାନ୍ତ ପ୍ରମୁଖ ପରିଚାଳନା କରିଥିଲେ।

## ତୁଳସୀ ମହିଳା କଲେଜରେ ଜିଲ୍ଲାସ୍ତରୀୟ ପ୍ରତିଯୋଗିତା

କେନ୍ଦ୍ରାପଡ଼ା, ୯।୧୧(ସମିସ): ଜିଲ୍ଲା ପ୍ରଶାସନ ଓ ମୋ ଭାରତ ପକ୍ଷରୁ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ଅବସରରେ ଏକତା ପଦଯାତ୍ରା ଓ ଜିଲ୍ଲାସ୍ତରୀୟ ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇଛି। ତୁଳସୀ ମହିଳା ମହାବିଦ୍ୟାଳୟରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଅଧ୍ୟକ୍ଷ ଡ. ମଥୁରି ଚରଣ ନାୟକ ଉଦ୍‌ଘାଟନ କରିଥିଲେ। ପ୍ରଶାସନିକ ଅଧିକାରୀ ସବିତା ଦାସ, ପ୍ରାଧାପିକା ଏଲୋରା କବି, ମୋ ଭାରତ ଯୁବ କେନ୍ଦ୍ର ଅଧିକାରୀ ଗୋଲୀ ତିରୁପତି ରେଡ୍ଡୀ, ସହଯୋଗୀ ଲକ୍ଷ୍ମୀକାନ୍ତ ଜେନା ଉପସ୍ଥିତ ରହି ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। ଡ. ପଦ୍ମଜା କବି ଶତପଥୀ ପ୍ରତିଯୋଗିତା ପରିଚାଳନା କରିଥିଲେ। ଜିଲ୍ଲାର କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ, ତୁଳସୀ ମହିଳା ମହାବିଦ୍ୟାଳୟ, ପଟ୍ଟାମୁଣ୍ଡାଇ ମହାବିଦ୍ୟାଳୟ, ଶୈଳେନ୍ଦ୍ର ନାରାୟଣ ମହାବିଦ୍ୟାଳୟ, ଓଲାଭର ମହାବିଦ୍ୟାଳୟ, ଏଚଏନଏସ ମହାବିଦ୍ୟାଳୟ ଓ ଯୁକେ ମହାବୀର ମହାବିଦ୍ୟାଳୟ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ପ୍ରବନ୍ଧ ଲେଖନରେ ସୁମିତ୍ରା ପାଣି ପ୍ରଥମ, ଦ୍ୱିତୀୟ ଦୀପାଳି ପଣ୍ଡା, ତୃତୀୟ ଶ୍ରୀୟା ସୁମନ ସାହୁ; ବିତର୍କରେ ସାଇ ପ୍ରଭାସ୍ମିତା ଦେବୀ, ପ୍ରୋମଦିନି ବିଶ୍ୱାଳ, ଉମେଶ ଚନ୍ଦ୍ର ଆଚାର୍ଯ୍ୟ; ପୋଷ୍ଟର ମେକିଙ୍ଗରେ ଶୁଭମ ଦାସ, ଜିତପ୍ରସାଦ ରାଉତ, ସୁଜାତା ମହାପାତ୍ର; କୁଇଜରେ ଦମୟନ୍ତୀ ଜେନା, ଲୋନଲି ନିବେଦିତା, ସ୍ମୃତି ସାଗରିକା ମିଶ୍ର; ରିଲ୍ ମେକିଙ୍ଗରେ ଓମପ୍ରକାଶ ରଥ, ଉମେଶ ଆଚାର୍ଯ୍ୟ, ଦମୟନ୍ତୀ ଜେନା; ଚିତ୍ରାଙ୍କନରେ ଶୁଭମ ଦାସ, ସୌମ୍ୟରଞ୍ଜନ ସାହୁ, ଋତୁପର୍ଣ୍ଣା ବେହେରା ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇଥିଲେ। ବିଜେତାଙ୍କୁ ଆସନ୍ତା ଏକତା ପଦଯାତ୍ରା ଅବସରରେ ପୁରସ୍କୃତ କରାଯିବ।

## ଜିଲ୍ଲା ଠିକାଦାର ମହାସଂଘର ସାଧାରଣ ବୈଠକ




ତିର୍ତ୍ତୋଲ, ୯।୧୧(ସମିସ): ଜଗତସିଂହପୁର ଜିଲ୍ଲା ଠିକାଦାର ମହାସଂଘର ସାଧାରଣ ବୈଠକ ରବିବାର ତିର୍ତ୍ତୋଲ ଆନନ୍ଦ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦେବୀପ୍ରସାଦ ତ୍ରିପାଠୀ ସଭାପତିତ୍ୱ କରିଥିଲେ। ଉକ୍ତ ବୈଠକରେ ମହାସଂଘର ୩ଟି ବିଷୟରେ ଆଲୋଚନା କରାଯାଇଥିଲା। ଟେଣ୍ଡର ସମୟର ଧାର୍ଯ୍ୟ ମୂଲ୍ୟଠାରୁ କମ୍‌ରେ ଟେଣ୍ଡର ପକାଇ କାର୍ଯ୍ୟ ନେବା ଦ୍ୱାରା ଠିକାଦାର କ୍ଷତିରେ ପଡୁଛନ୍ତି। ତେଣୁ ଧାର୍ଯ୍ୟ ମୂଲ୍ୟରେ ଟେଣ୍ଡର ପକାଇବା ପାଇଁ ପ୍ରସ୍ତାବ ଗୃହିତ ହୋଇଥିଲା। ଚଳିତ ମାସ ୧୬ ତାରିଖରେ ଜଗତସିଂହପୁରରେ ହେବାକୁ ଥିବା ଜିଲ୍ଲା ସମ୍ମିଳନୀକୁ ସଫଳ କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରାଯାଇଥିଲା। ଜିଲ୍ଲାର ସମସ୍ତ ବ୍ଲକ୍‌ରେ ବ୍ଲକ୍ କମିଟି ଗଠନ ସହ ହ୍ୱାଟସପ୍ ଗ୍ରୁପ୍‌ରେ ସମସ୍ତଙ୍କୁ ସୂଚନା ପ୍ରଦାନ ନିମନ୍ତେ ପ୍ରସ୍ତାବ ଗୃହିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅରବିନ୍ଦ ହୋତା, ଆଲୋକ ଦାସ, ହୃଷିକେଶ ସ୍ୱାଇଁ, ପବିତ୍ର ନାୟକ, ତପନ ସାମଲଙ୍କ ସମେତ ଅନ୍ୟମାନେ ଆଲୋଚନାରେ ଭାଗ ନେଇଥିଲେ। ବୈଠକରେ ଜିଲ୍ଲାର ସମସ୍ତ ବ୍ଲକ ଓ ପୌରପାଳିକା ଅଞ୍ଚଳର ଠିକାଦାର ଯୋଗ ଦେଇଥିଲେ।

## ଅଗ୍ନିବିପନ୍ନ ପରିବାରକୁ ଭେଟିଲେ ବିଜେଡି ଉପସଭାପତି ଚିରଞ୍ଜୀବ ବିଶ୍ୱାଳ



ନାଉଗାଁ, ୯।୧୧(ସମିସ): ନାଉଗାଁ ତହସିଲ ଅଧୀନସ୍ଥ ଘୋଡାଂଶ ପଞ୍ଚାୟତ ହରଶିପୁର ଗ୍ରାମରେ ଅଗ୍ନିକାଣ୍ଡ ଘଟି ୩ଟି ପରିବାରର ୧୦ ବଖରା ଘର ସମ୍ପୂର୍ଣ୍ଣ ପୋଡ଼ିଯାଇଥିଲା। ଶିବ ରାଉଳଙ୍କ ଘରେ ଗୁରୁବାର ସନ୍ଧ୍ୟା ୭ଟା ସମୟରେ କୌଣସି କାରଣରୁ ନିଆଁ ଲାଗିଯାଇଥିଲା। ଗ୍ରାମବାସୀ ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରୁଥିବାବେଳେ ଶିବଙ୍କ ଘରେ ଥିବା ଗ୍ୟାସ୍ ସିଲିଣ୍ଡର୍ ଫାଟିବାରୁ ତାଙ୍କ ଘର ସମେତ ଘରକୁ ଲାଗି ରହିଥିବା ତାଙ୍କ ଦୁଇଭାଇ ପ୍ରଶାନ୍ତ ରାଉଳ ଓ ଗଦାଧର ରାଉଳଙ୍କ ଘରେ ମଧ୍ୟ ନିଆଁ ଲାଗିଯାଇଥିଲା। ରାଜ୍ୟ ବିଜେଡି ଉପସଭାପତି ଚିରଞ୍ଜୀବ ବିଶ୍ୱାଳ ଅଗ୍ନିବିପନ୍ନ ପରିବାର ନିକଟରେ ପହଞ୍ଚି ଶାନ୍ତ୍ୱନା ଦେବା ସହ ସହାୟତା କରିଛନ୍ତି। ରାଜ୍ୟ ସରକାର କିପରି ଉକ୍ତ ପରିବାରକୁ ସହାୟତା ରାଶି ଖୁବ୍ ଶୀଘ୍ର ଯୋଗାଇଦେବେ, ଏ ନେଇ ସେ ଜିଲ୍ଲାପାଳଙ୍କ ନିକଟରେ ଦୃଢ଼ ଦାବି କରିଛନ୍ତି। ଏହି ସମୟରେ ସରପଞ୍ଚ ନିହାର ବସ୍ତିଆ, ସମିତି ସଭ୍ୟ ତରୁଣକାନ୍ତ ବାରିକ ପ୍ରମୁଖ ଉପସ୍ଥିତ ରହି ପରିବାରକୁ କ୍ଷତିପୂରଣ ଦେବାକୁ ଦାବି କରିଥିଲେ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ସପ୍ତ ଶକ୍ତି ସଙ୍ଗମ କାର୍ଯ୍ୟକ୍ରମ

ଜଗତସିଂହପୁର, ୯।୧୧(ସମିସ): ଜଗତସିଂହପୁର ସଦର ମହକୁମାର ବଡ଼ବଜାରସ୍ଥ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ମାଆମାନଙ୍କ ପାଇର୍ ସପ୍ତ ଶକ୍ତି ସଙ୍ଗମ ନାମରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସାହିତ୍ୟିକା ମନୋରମା ଶତପଥୀ ମୁଖ୍ୟବକ୍ତା ଭାବେ ଯୋଗଦେଇ କୁଟୁମ୍ବ ପ୍ରବୋଧନା, ୬ଟି 'ଭ'ର ମହତ୍ୱ, ନାରୀର ଚେତନା ଶକ୍ତି ଓ ପରିବାର ଜ୍ଞାନ ସମ୍ପର୍କରେ ଆଲୋଚନା କରିଥିଲେ। ମାତୃ ଭାରତୀ ସଭାପତି ରୁନୁଲତା ଦାସ ଯୋଗଦେଇ ମାଆ ଓ ଶିଶୁ ଉପରେ ଲିଖିତ କବିତା ପାଠ କରିଥିବାବେଳେ ସାମାଜିକ କର୍ମୀ ସୁବର୍ଣ୍ଣରେଖା ସାହୁ ଭାରତୀୟ ନାରୀକୁ ଶକ୍ତି, କରୁଣା, ସ୍ନେହ ଓ ସେବାର ପ୍ରତୀକ ଭାବେ ଦର୍ଶାଇବା ସହିତ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଏ ଅବସରରେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ସେବାନିବୃତ୍ତ ଶିକ୍ଷୟିତ୍ରୀ ସୌଭାଗିନୀ ରାୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶ୍ରୀମତୀ ରାୟ ସମ୍ବର୍ଦ୍ଧନାର ଉତ୍ତର ଦେବାକୁ ଯାଇ ଭାରତୀୟ ସଂସ୍କୃତିରେ ନାରୀଶକ୍ତିର ସ୍ୱତନ୍ତ୍ର ସ୍ଥାନ ରହିଛି ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ଶତାଧିକ ମାଆ ଯୋଗଦେଇ ପ୍ରଶ୍ନମଞ୍ଚ ଓ ବେଶ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଦମୟନ୍ତୀ ଗୁରୁମାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଅନ୍ୟ ଗୁରୁମା ପରିଚାଳନାରେ ସହଯୋଗ କରିଥିଲେ।

### କେବେ ହେବ ଜିଲ୍ଲା ମହୋତ୍ସବ ସମୀକ୍ଷା ବୈଠକ

# ବିବାଦ ଘେରରେ ଜିଲ୍ଲା ପ୍ରଶାସନ ଓ ସଂସ୍କୃତି ବିଭାଗର ଭୂମିକା

ଜଗତସିଂହପୁର, ୯।୧୧(ସମିସ):

ଜଗତସିଂହପୁର ଜିଲ୍ଲା ମହୋତ୍ସବ 'କଲ୍ଲୋଳ-୨୦୨୫' ସରିବାର ୭ ମାସରୁ ଅଧିକ ସମୟ ବିତିଗଲାଣି। ତେବେ ମହୋତ୍ସବ ପାଳନ ସମୟରେ ଦେଖାଦେଇଥିବା ଅବ୍ୟବସ୍ଥା ଓ ତ୍ରୁଟିର ସମୀକ୍ଷା ପାଇଁ କାହିଁକି ବୈଠକ ବୈଠକ ଡକାଯାଉନାହିଁ, ତାକୁ ନେଇ ପ୍ରଶ୍ନ ଉଠିଛି। ଅନ୍ୟପକ୍ଷରେ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସଂସ୍କୃତି ବିଭାଗ ପାଲଟିଛି ନିଦାବିଷ୍ଟୁ। ତେବେ ମହୋତ୍ସବ ସମୀକ୍ଷା ବୈଠକ କାହିଁକି ଡକାଯାଉନାହିଁ, ତାହାକୁ ନେଇ ଅଭିଯୋଗ ହେଉଛି।

ଗତ ଏପ୍ରିଲ ୧ରୁ ୫ ତାରିଖ ପର୍ଯ୍ୟନ୍ତ ଜଗତସିଂହପୁର ଜିଲ୍ଲା ସଂସ୍କୃତି ପରିଷଦ ଆନୁକୂଲ୍ୟରେ ନବକୃଷ୍ଣ ଚୌଧୁରୀ ଷ୍ଟାଡ଼ିୟମରେ ଆୟୋଜିତ ହୋଇଥିଲା ଜିଲ୍ଲା ଉତ୍ସବ 'କଲ୍ଲୋଳ'। ଇତିମଧ୍ୟରେ ଉତ୍ସବ ସରିବାର ୭ ମାସରୁ ଅଧିକ ସମୟ ବିତିଯାଇଥିବାବେଳେ ନାନା ବିବାଦ ଓ ଅବ୍ୟବସ୍ଥା ମଧ୍ୟରେ ଆୟୋଜିତ ଏହି ଉତ୍ସବର ସମୀକ୍ଷା ବୈଠକ କାହିଁକି ଡକାଯାଉନାହିଁ, ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସମୀକ୍ଷା ବୈଠକ ଡାକିବାକୁ ଗତ ଜୁଲାଇ ୧୮ ତାରିଖରେ ଜିଲ୍ଲା ମହୋତ୍ସବ ଆୟୋଜନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଜଗତସିଂହପୁର ସଦର ବିଧାୟକ ଅମରେନ୍ଦ୍ର ଦାସ ଜିଲ୍ଲାପାଳଙ୍କୁ ଚିଠି ମାଧ୍ୟମରେ ଜଣାଇଥିଲେ। ତେବେ ୪ ମାସ ବିତିବାକୁ ବସିଥିବାବେଳେ କେବେ ଏହି ସମୀକ୍ଷା ବୈଠକ ହେବ, ତାହା ଅସ୍ପଷ୍ଟ ରହିଛି। ଜଣେ ଶାସକ ଦଳର ବିଧାୟକଙ୍କ ଚିଠିକୁ ଜିଲ୍ଲା ପ୍ରଶାସନ ଅଣଦେଖା କରିବା ସାଧାରଣରେ ଆଲୋଚନାର ଖୋରାକ ଯୋଗାଇଛି। ପୂର୍ବ ସରକାର ଅମଳରେ ବାବୁରାଜ ଚାଲିଥିବା ବାରମ୍ବାର ଅଭିଯୋଗ ଉଠାଇଥିବା ବିଜେପି ବିଧାୟକ ଓ ନେତା ଏବେ ଚୁପ୍ କାହିଁକି ବୋଲି ପ୍ରଶ୍ନ କରୁଛନ୍ତି ସାଧାରଣ ଜନତା।

ସେହିପରି ଏ ବିଷୟରେ ଜିଲ୍ଲାପାଳ ଜେ. ସୋନାଲ ଓ ଜିଲ୍ଲା ସଂସ୍କୃତି ଅଧିକାରୀ ଦିଲ୍ଲୀପ ଜେନାଙ୍କ ନିରବତା ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସଂସ୍କୃତି ବିଭାଗର କାର୍ଯ୍ୟଧାରା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ଜିଲ୍ଲା ମହୋତ୍ସବ ସମୀକ୍ଷା ବୈଠକ ଡକାଯାଉ ନ ଥିବାରୁ ଜିଲ୍ଲା ମହୋତ୍ସବରେ ବ୍ୟାପକ ଅର୍ଥ ହେରଫେର ନେଇ ହେଉଥିବା ଅଭିଯୋଗ ସତ୍ୟ କି ବୋଲି ଜନସାଧାରଣ ପ୍ରଶ୍ନ କରିବା ସ୍ୱାଭାବିକ। ସେପଟେ ଜିଲ୍ଲା ସଂସ୍କୃତି ବିଭାଗ ଉତ୍ସବର ଆୟବ୍ୟୟ ବିବରଣୀ ନୋଟିସ ବୋର୍ଡରେ ଝୁଲାଇ ଦେଇ ନିଜ କାମ ସାରିଦେଇଛି। ଚଳିତବର୍ଷ ଜିଲ୍ଲା ମହୋତ୍ସବ ଆୟୋଜନରେ ଚରମ ବିଶୃଙ୍ଖଳା ଓ ପ୍ରଶାସନିକ ଅଧିକାରୀଙ୍କ ମନମାନୀ ପ୍ରତିଫଳିତ ହୋଇଥିବା ପରିଲକ୍ଷିତ ହୋଇଥିଲା। ଏହି ଉତ୍ସବ ପାଇଁ ଗଠିତ ବିଭିନ୍ନ ସବ୍‌କମିଟି ନିଷ୍ପତ୍ତିକୁ ଉପେକ୍ଷା କରି ମନଇଚ୍ଛା କାର୍ଯ୍ୟକ୍ରମ ପ୍ରସ୍ତୁତ ହୋଇଥିବା ସେ ସମୟରେ ଅଭିଯୋଗ ଉଠିଥିଲା। ସାଂସ୍କୃତିକ ସବ୍‌କମିଟିରେ ଗ୍ରହଣ କରାଯାଇଥିବା ନିଷ୍ପତ୍ତି ଅନୁସାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ପରମ୍ପରା ଚାଲି ଆସିଥିବାବେଳେ ଚଳିତବର୍ଷ ଏଥିରେ ଘୋର ବ୍ୟତିକ୍ରମ ପରିଲକ୍ଷିତ ହୋଇଥିଲା। ସେହିପରି ଏହି ଜିଲ୍ଲାସ୍ତରୀୟ ଉତ୍ସବ ଅବସରରେ ପ୍ରକାଶ ପାଇଥିବା ସ୍ମରଣିକାରେ କେତେକ କମିଟି ସଦସ୍ୟଙ୍କ ନାମ ନ ଥିବା ଦେଖାଯାଇଥିଲା। ଜିଲ୍ଲା ମହୋତ୍ସବ ପାଇଁ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଅନୁପସ୍ଥିତ ଥିବା ଓ ପୂର୍ବରୁ କୌଣସି କମିଟିରେ ସଦସ୍ୟ ନ ଥିବା ଜଣେ ବ୍ୟକ୍ତିଙ୍କ ନାମ କିପରି ସ୍ମରଣିକା ସବ୍‌କମିଟିରେ ସ୍ଥାନ ପାଇଲା, ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସେହିପରି ଚଳିତବର୍ଷ ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ସମେତ ବହୁ ଭିଭିଆଇପି ଓ ଭିଆଇପି ଯୋଗ ଦେଇଥିବାବେଳେ ଆଖିବୁଜା ଅର୍ଥ ଖର୍ଚ୍ଚ କରାଯାଇଥିଲା। ଏହାସତ୍ତ୍ୱେ ଜିଲ୍ଲା ଉତ୍ସବ ସେଭଳି ଆକର୍ଷଣୀୟ ହୋଇପାରି ନ ଥିବା ସାଧାରଣରେ ଚର୍ଚ୍ଚା ହୋଇଥିଲା। ତୁରନ୍ତ ଜିଲ୍ଲା ଉତ୍ସବର ସମୀକ୍ଷା ବୈଠକ ଡକାଇ ସମସ୍ତ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିବା ପାଇଁ ବିଭିନ୍ନ ମହଲରେ ଦାବି କରାଯାଇଛି।

ସକାଳ THE SAKALA



# ଚର୍ଚ୍ଚରେ ଗୋଷ୍ଠୀ କେନ୍ଦ୍ର ଲୋକାର୍ପିତ



ନନ୍ଦପୁର, ୯।୧୧(ସମିସ): ଆଜି ନନ୍ଦପୁର ଜଇଲୁମ ଚର୍ଚ୍ଚଠାରେ ଗୋଷ୍ଠୀ କେନ୍ଦ୍ର ପୂର୍ବତନ ବିଧାୟକ ପୀତମ ପାଢ଼ିଙ୍କ ହସ୍ତ କମଳରେ ଲୋକାର୍ପିତ ହୋଇଯାଇଛି। ଉକ୍ତ ଲୋକାର୍ପଣ ସମାରୋହରେ ପ୍ରଧାନ ମଣ୍ଡଳୀ ତଥା ତାଲୁକା ମଣ୍ଡଳୀର ସଭାପତି ମୋହନ ସ୍ମିଥ, କୋଷାଧ୍ୟକ୍ଷ ଅମିତ୍ ଖରା, ଉପଦେଷ୍ଟା ଜାଲ୍ଲି ଗ୍ୟାନେଶ୍ୱର୍ ରାଓ, ପ୍ରାଚୀନ ଆନନ୍ଦ ସ୍ମିତ୍, ଶାନ୍ତିଲତା ଖେମୁଣ୍ଡୁଙ୍କ ସହିତ ମଣ୍ଡଳୀର ସମସ୍ତ ସଭ୍ୟସଭ୍ୟା ଉପସ୍ଥିତ ଥିଲେ। ଏହି ଅବସରରେ ପୂର୍ବତନ ବିଧାୟକ ପିତମ ପାଢି, ବିଜେଡି ସଭାପତି କାଶୀନାଥ ଗୋଲରୀ ପୂର୍ବତନ ସରପଞ୍ଚ ଜଗନ୍ନାଥ ପାଙ୍ଗି ଉପସ୍ଥିତ ଥିଲେ। ଶାସକ ସରକାର ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ଏହି ଚର୍ଚ୍ଚ ପ୍ରତି ସହାୟତାର ହାତ ବଢାଇବେ ବୋଲି ସେ ଆଶା ବ୍ୟକ୍ତ କରିଥିଲେ। ପାରମ୍ପରିକ ରୀତିନୀତିରେ ଡ଼. ଲୁଥରଙ୍କ ୫୪୨ତମ ଜନ୍ମ ଜୟନ୍ତୀ ପାଳନ କରାଯାଇ ଉପସ୍ଥିତ ସମସ୍ତଙ୍କୁ କେକ୍ ଓ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ରେଭ୍ ବିମଳ ସ୍ମିତ ପରିଚାଳନା କରିବା ସହ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

# ଖାଉଟି ଅଦାଲତରେ ଫାଇନାନ୍ସ ବ୍ୟାଙ୍କ ଦଣ୍ଡିତ

## କିସ୍ତି ଗ୍ରହଣ ପରେ ଗାଡି ଟାଣି ନେଇ ଅନ୍ୟକୁ ବିକ୍ରି କରିବା ମହଙ୍ଗା ପଡ଼ିଲା

ନବରଙ୍ଗପୁର, ୯।୧୧(ସମିସ): ଋଣ କିସ୍ତି ଗ୍ରହଣ ପରେ ଗାଡି ଟାଣି ନେଇ ଅନ୍ୟକୁ ବିକ୍ରି କରିବା ଫାଇନାନ୍ସ ବ୍ୟାଙ୍କ ଏଚ୍‌ଡିଏଫ୍‌ସିକୁ ମହଙ୍ଗାପଡିଛି। ନବରଙ୍ଗପୁର ଜିଲ୍ଲା ଖାଉଟି ଅଦାଲତ କେସ ନମ୍ବର ୯୩ /୨୦୨୪ର ଶୁଣାଣି କରି ଏଚଡିଏଫସି ବ୍ୟାଙ୍କ ବିରୁଦ୍ଧରେ ଏକ ବିଶେଷ ରାୟ ପ୍ରଦାନ କରିଛନ୍ତି। ପ୍ରକାଶ ଯୋଗ୍ୟ, ରାଇଘର ବ୍ଲକ୍ ଗୋନା ନିବାସୀ ମନରଞ୍ଜନ ସାନ୍ତା ଏଚଡିଏଫସି ବ୍ୟାଙ୍କରୁ ଋଣ ଆଣି ଏକ ଟ୍ରାକ୍ଟର ସ୍ଥାନୀୟ ଶୋରୁମରୁ କିଣିଥିଲେ। ଏହି ବାବଦକୁ ଦୁଇ ଲକ୍ଷ ଦଶ ହଜାର ପ୍ରଥମେ ପଇଠ କରି ସମ୍ପୃକ୍ତ ବ୍ୟାଙ୍କ ଠାରୁ ବାକି ୭,୮୦,୭୮୯ ଟଙ୍କା ଋଣ ନେଇ ତାହାକୁ ୫୭,୪୫୨ କିସ୍ତି ହିସାବରେ ଦେବାକୁ ନିଜର ପ୍ରତିଶ୍ରୁତି ଦେଇଥିଲେ। ପାଞ୍ଚଟି କିସ୍ତି ପଇଠ କରିବା ପରେ ସମ୍ପୃକ୍ତ ଫାଇନାନ୍ସ ବ୍ୟାଙ୍କ ଋଣ ଖିଲାପ କରିବା ଦେଖାଇ ଉକ୍ତ ଟ୍ରାକ୍ଟରକୁ ଜବତ କରି ନେଇଥିଲେ ଏବଂ ତାହା ଅନ୍ୟ ଜଣକୁ ବିକ୍ରି କରି ଦେଇଥିଲେ । ଅଭିଯୋଗକାରୀଙ୍କ ଗୁହାରିକୁ କୌଣସି କର୍ଣ୍ଣପାତ ନକରି ଉକ୍ତ ବ୍ୟାଙ୍କ ପୂର୍ବ ପର ଆଇନକୁ ବେଖାତିର କରି ଗାଡି ଜବତ କରିଥିଲେ। ଯାହା ଅଭିଯୋଗକାରୀଙ୍କୁ ମାନସିକ ଦୁର୍ଦଶା ସହିତ ଆର୍ଥିକ କ୍ଷତି ପହଞ୍ଚେଇଥିଲା। ଯାହା ପାଇଁ ସେ ଶେଷରେ ଜିଲ୍ଲା ଖାଉଟି ଅଦାଲତର ଆଶ୍ରୟ ନେଇଥିଲେ। ମାନ୍ୟବର ଅଦାଲତ ଏହି କେସକୁ ଗ୍ରହଣ କରି ଦୁଇ ପକ୍ଷଙ୍କ ଶୁଣାଣି କରି ସମ୍ପୃକ୍ତ ଫାଇନାନ୍ସ ବ୍ୟାଙ୍କ ବିରୁଦ୍ଧରେ ୧୦ ଲକ୍ଷ କ୍ଷତି ପୂରଣ ସହ ମକଦ୍ଦମା ଖର୍ଚ୍ଚ ବାବଦକୁ ୨୦ ହଜାର ଟଙ୍କା, ଅଭିଯୋଗକାରୀଙ୍କୁ ୩୦ ଦିନ ମଧ୍ୟରେ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ରାୟକୁ ସମ୍ପୃକ୍ତ ବ୍ୟାଙ୍କ ଧାର୍ଯ୍ୟ ସମୟରେ ପାଳନ ନକଲେ ଯଥାବିଧି ନିର୍ଦ୍ଦେଶ ଅବମାନନା ତଥା ଖାଉଟି ଆଇନ ଧାରା ୭୧ ଓ ୭୨ ପ୍ରକାରେ ଧରାଯିବ ବୋଲି ମାନ୍ୟବର ଅଦାଲତଙ୍କ ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ପଣ୍ଡା ଓ ସଭ୍ୟା ସଲମା ବାନୋ ନିଜ ରାୟରେ ଦର୍ଶାଇଛନ୍ତି। ଏହି ମକଦ୍ଦମାକୁ ଆଇନଜୀବୀ ସିରାଜ ଅହମଦଙ୍କ ସହ ପ୍ରଶାନ୍ତ କୁମାର ସାହୁ, ସନତ ମିଶ୍ର ଓ ମନୋଜ କୁମାର ପଣ୍ଡା ପରିଚାଳନା କରିଥିଲେ।

# ଖଟଲାପଦର ବ୍ରିଜ୍ ନିକଟରେ ଟଙ୍କା ଲୁଟ୍ ଘଟଣା; ୩ ଗିରଫ



କୁନ୍ଦୁରା, ୯।୧୧(ସମିସ):

ଖଟଲାପଦର ବ୍ରିଜ୍ ନିକଟରେ ଟଙ୍କା ଲୁଟ୍ ଘଟଣାରେ କୁନ୍ଦୁରା ପୁଲିସ ୩ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତଙ୍କୁ ଆଜି ଅପରାହ୍ନରେ ଜୟପୁର କୋର୍ଟ ଚଲାଣ କରାଯାଇଛି ବୋଲି କୁନ୍ଦୁରା ଥାନା ଅଧିକାରୀ ଅଶ୍ୱନୀ ପଟ୍ଟନାୟକ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଗିରଫ ୩ ଅଭିଯୁକ୍ତ ଜୟପୁର ସଦର ଥାନା ଅନ୍ତର୍ଗତ ବାଲିଆ ଗାଁର ଅଜୟ ହରିଜନ (୩୧) ଓ ନୀଳାଗୁଡାର ରାମକଣ୍ଠ ହରିଜନ (୨୨) ଏବଂ ଜୟପୁର ଟାଉନ ଥାନା ଅନ୍ତର୍ଗତ କ୍ରିଷ୍ଟିଆନ ସାହିର ସୁମିତ ସାହିଲ ନାୟକ (୨୩)। ଅଭିଯୁକ୍ତଙ୍କ ଠାରୁ ଖଣ୍ଡା, ଟାଙ୍ଗିଆ, ମାରଣାସ୍ତ୍ର, ନଗଦ ୨୦ ହଜାର ଟଙ୍କା , ୬ଟି ବାଇକ, ୪ଟି ମବାଇଲ ଜବତ ହୋଇଛି। ସୂଚନା ଥାଉକି, ଗତ ଅକ୍ଟୋବର ୨୯ ତାରିଖ ଦିନ କୁନ୍ଦୁରା ଥାନା ଅନ୍ତର୍ଗତ ଖଟଲାପଦର ବ୍ରିଜ୍ ଉପରେ ଟଙ୍କା ଲୁଟର ଶିକାର ହୋଇଥିଲେ କିଛି କୋଟପାଡ଼ ଅଂଚଳର ବ୍ୟବସାୟୀ। ବ୍ୟବସାୟୀ ଦେବାଶିଷ ପଟ୍ଟନାୟକ ଏବଂ ତାଙ୍କ ସାଥିଙ୍କ ଠାରୁ ୬ ଲକ୍ଷ ଟଙ୍କା ଲୁଟି ନେଇଥିଲେ ୬ ଜଣ ମୁଖାପିନ୍ଧା ଦୁର୍ବୃତ୍ତ। ବାଇକରେ ଆସି ରାସ୍ତା ମଝିରେ କାର୍ କୁ ଅଟକାଇ ବିଭିନ୍ନ ପ୍ରକାର ମାରଣାସ୍ତ୍ର ଦେଖାଇ କାର୍‌ରେ ଥିବା ଟଙ୍କା ଲୁଟି ନେଇଥିବା କୁନ୍ଦୁରା ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ତଦନ୍ତ ଆରମ୍ଭ କରିଥିଲା, କିନ୍ତୁ ଟେର ପାଉନଥିଲା। ଠିକ ସେହି ସମୟରେ ପ୍ରତ୍ୟେକ୍ଷଦର୍ଶୀ ଲୁଟର ଲାଇଭ ଭିଡିଓ ନିଜ ମୋବାଇଲରେ ସୁଟ କରିଥିଲେ। ସେ ଭିଡିଓ କିଛି ଦିନ ପୂର୍ବେ କୁନ୍ଦୁରା ଅଂଚଳରେ ସାମାଜିକ ଗଣମାଧ୍ୟମରେ ଭାଇରଲ ମଧ୍ୟ ହୋଇଥିଲା। ସେପଟେ କୁନ୍ଦୁରା ଥାନା ଅଧିକାରୀଙ୍କ ସମେତ କର୍ମଚାରୀ ଆରପି ପ୍ରଧାନ ଏବଂ ଚାରି ଜଣ ଏପିଆର କାନଷ୍ଟେବଲକୁ ନେଇ ୬ ଜଣିଆ ସ୍ୱତନ୍ତ୍ର ଟିମ ଗଠନ କରି ତଦନ୍ତକୁ ଜୋର କରିଥିଲେ। ଆଜି ଅଭିଯୁକ୍ତ ମଧ୍ୟରୁ ୩ ଦୁର୍ବୃତ୍ତଙ୍କୁ ଗିରଫ କରି ଥାନା କେସ ନମ୍ବର ୧୩୪/୨୫ ଅନୁଯାୟୀ ଜୟପୁର କୋର୍ଟ ଚଲାଣ କରାଯାଇଛି।

# ଜାତୀୟ ରାଜପଥ ପାର୍ଶ୍ୱ ଅଞ୍ଚଳରେ ଅପହଞ୍ଚ ନେଟୱର୍କ



ପୋଡ଼ାଗଡ଼, ୯।୧୧(ସମିସ): ଡିଜିଟାଲ ଦୁନିଆରେ ମୋବାଇଲ ନେଟ୍‌ୱର୍କ ଗାଁରୁ ସହର ରାଜ୍ୟରୁ ରାଜ୍ୟ, ଦେଶରୁ ବିଦେଶକୁ ଯୋଡୁଛି। ନେଟୱାର୍କ୍ ସମସ୍ୟା କୌଣସି ଦୁର୍ଗମ ଅଞ୍ଚଳ ନୁହେଁ ବରଂ ଜୟତୀୟ ରାଜପଥ କୋରାପୁଟରୁ ମାତ୍ର ୯ରୁ ୧୦କିମି ଭିତରେ ଦେଖାଦେଇଛି। ନେଟୱାର୍କ୍ ଯୋଗୁଁ ବିଭିନ୍ନ ବିକାଶ ମୂଳକ କାମରେ ବାଧା ସୃଷ୍ଟି ହେଉଛି। ଏବେ ବି କୋରାପୁଟ ବ୍ଲକ୍ ଓ ଦଶମନ୍ତପୁର ବ୍ଲକର ଅନେକ ଗ୍ରାମ ନେଟୱର୍କରୁ ଦୂରରେ ରହିଛି। ଫଳରେ ଫୋନରେ ବାର୍ତ୍ତାଳାପ ପାଇଁ ନିକଟ ପାହାଡ କିମ୍ବା ଗଛ ଉପରେ ଚଢିବାକୁ ପଡୁଥିବା ଦେଖାଦେଇଛି। ଗ୍ରାମ ଗୁଡ଼ିକ ହେଉଛି କୋରାପୁଟ ସଦର ବ୍ଲକ୍ ଅନ୍ତର୍ଗତ ମସ୍ତିପୁଟ ପଞ୍ଚାୟତ ଅଧୀନସ୍ଥ ୩୨୬ନଂ ଜାତୀୟ ରାଜପଥ କଡ ରୁଣ୍ଡିଆମ୍ବଡଙ୍ଗରୀ, ଡଙ୍ଗରିମାଳିଗୁଡ, କାମାୟାଗୁଡା, ଗୁରୁମାଇଗୁଡା ଗାଁ ଗୁଡିକରେ ନେଟୱର୍କ ସମସ୍ୟା ରହିଛି। କୋରାପୁଟ ସଦର ମହକୁମାରୁ ମାତ୍ର ୧୦ କିମି ଭିତରେ ଉକ୍ତ ଗ୍ରାମର ଗୁଡ଼ିକ ରହିଛି। କିନ୍ତୁ ନେଟୱର୍କ ନଥିବାରୁ ଅନେକ ସମୟରେ ଏମଜିଏନଆରଜିସ କାମରେ ଜିଓ ଟେକ୍ ପାଇଁ ଅନେକ ସମସ୍ୟା ଦେଖାଦେଉଥିବା ଅଞ୍ଚଳବାସୀ କହିଛନ୍ତି। ଆଉମଧ୍ୟ ଅଞ୍ଚଳବାସୀ କହିଛନ୍ତି, ମସ୍ତିପୁଟ ପଞ୍ଚାୟତର ଏକ ଶିକ୍ଷିତ ରାଜନୈତିକ କ୍ଷେତ୍ରରେ ଆଗୁଆ ଗ୍ରାମ ଡଙ୍ଗ୍ରି। ଏହି ଗ୍ରାମରେ କୋରାପୁଟ ସାଂସଦଙ୍କ ପ୍ରତିନିଧି ଓ ବିଜେଡ଼ି କୋରାପୁଟ ବ୍ଲକ ସଭାପତି ଏହିପରି ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ଥିଲେ ସୁଦ୍ଧା ଉକ୍ତ ଅଞ୍ଚଳରେ ନେଟୱର୍କ ସମସ୍ୟା ରହିଛି। ସେଥିପାଇଁ ଗ୍ରାମର ଅନେକ ପିଲାମାନଙ୍କ ପାଠପଢ଼ାରେ ମଧ୍ୟ ସମସ୍ୟା ହେଉଥିବାରୁ ନିଜ ଗ୍ରାମରେ ଥିବା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ନିଜ ପିଲାମାନଙ୍କୁ ନ ପଢ଼ାଇ କୋରାପୁଟରେ ପଢାଉ ଥିବା ଦେଖାଦେଇଛି। ସେହିପରି ଦଶମନ୍ତପୁର ବ୍ଲକ୍ ଅନ୍ତର୍ଗତ ପରଜା ବେଢ଼ାପଦର ପଞ୍ଚାୟତ ଅଧୀନସ୍ଥ ଏସ ଟଟାଗୁଡାରେ ମଧ୍ୟ ସମାନ ସମସ୍ୟା ଲାଗି ରହିଛି। ଏହି ଗାଁ ମଧ୍ୟ ରାଜ୍ୟ ରାଜପଥ କଡରେ ହିଁ ରହିଛି। କିନ୍ତୁ ଏହି ଗ୍ରାମରେ ଯଦି କାହାର ଦେହ ଖରାପ ହେଲେ ଆମ୍ବୁଲାନ୍ସ ଡାକିବାକୁ ହେଲେ ୨ କିମି ଦୂର ପାହାଡ ଉପରେ ଯିବାକୁ ପଡୁଛି ବୋଲି ଗ୍ରାମବାସୀ କହିଛନ୍ତି। ସେହିପରି ମନରେଗା କାମରେ ବାଧା ପ୍ରାପ୍ତ ହେଉ ଥିବାରୁ ଦାଦନ ଖଟିବାକୁ ଅନ୍ୟ ରାଜ୍ୟ ମୁହା ହେଉଛନ୍ତି ଯୁବବର୍ଗ।

# ଲକ୍ଷ୍ମୀପୁରରେ ଡମ୍ ଦିଆଲ ପରବ





ଲକ୍ଷ୍ମୀପୁର, ୯।୧୧(ସମିସ): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକରେ ଚଳିତ ବର୍ଷ ଠାରୁ ଆରମ୍ଭ ହୋଇଛି ଡମ୍‌ମାନଙ୍କର ନିଆରା ଡମ୍ ଦିଆଲ ପରବ। ନିଜ ପରିବାର ସହ ଏହି ପର୍ବ ପାଳନ କଲା ପରେ ବ୍ଲକ୍‌ରେ ଥିବା ୪୮ ଖଣ୍ଡ ଡମ୍ ଗାଁର ହଜାର ହଜାର ଲୋକ ଲକ୍ଷ୍ମୀପୁର ସ୍ଥିତ ବ୍ଲକ୍ ପଡିଆରେ ଏକତ୍ରିତ ହୋଇ ଏହି ଭାଇଚାରା ପର୍ବକୁ ମିଳିତ ଭାବେ ପାଳିଛନ୍ତି। ବାଳିଫୁଲ ଓ ହଳଦୀ ଚନ୍ଦନ ମଥାରେ ଲଗାଇ, ମୁଣ୍ଡରେ ପୋଗଡ଼ି ପିନ୍ଧି ମିନି ଷ୍ଟାଡିୟମରୁ ପାରମ୍ପରିକ ନାଚ ଗୀତରେ ସମସ୍ତେ ପଦଯାତ୍ରାରେ ବାହାରିଥିଲେ। ଆମ୍ବେଦକର ଛକରେ ପହଞ୍ଚି ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ପୂଜାର୍ଚ୍ଚନା କରି ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସେଠାରୁ ଦିଆଲି ପାଳନ ପାଇଁ ଆୟୋଜନ ହୋଇଥିବା ପଡିଆକୁ ଯାଇ ସେଠାରେ ବିଭିନ୍ନ ପ୍ରକାର ନାଚ ଗୀତର କାର୍ଯ୍ୟକ୍ରମ କରାଯାଇଥିଲା। ପ୍ରତି ଗାଁରୁ ଦିଆଲି ପରବ ପାଳନର ପାରମ୍ପରିକ ବେଶଭୂଷା ସହ ଖାଦ୍ୟ ପଦାର୍ଥ ମଧ୍ୟ ଆଣି ପୂର୍ବପୁରୁଷଙ୍କୁ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରରେ ୪୮ ଖଣ୍ଡ ଗାଁର ୯ ହଜାରରୁ ଊର୍ଦ୍ଧ୍ୱ ମହିଳା, ପୁରୁଷ, ଯୁବକ, ଯୁବତୀ ବୃଦ୍ଧ, ବୃଦ୍ଧା ଲୋକ ସାମିଲ ହୋଇଥିଲେ। ଏଥିରେ ଡ଼ମ୍ ସମାଜର ନାଏକ ବିଶ୍ୱଜିତ ଗରଡ଼ା, ବୁଲୁ ଖରା, ଧାଙ୍ଗଡା ମାଜି, ପାତାଳେଶ୍ୱର୍ ଖରା, ଦୀନବନ୍ଧୁ ହିଆଲ, କୋଷାଧ୍ୟକ୍ଷ ଜଗଦୀଶ ଖରା, ଚିତ୍ରସେନ ବାଘ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ବନ୍ଧୁ ହିସାବରେ ବିରେନ୍ଦ୍ର କର୍କରା, ଆଦର ବନ୍ଧୁ ହିସାବରେ ସୁନୀଲ ଖରା, କୃଷ୍ଣ ଚନ୍ଦ୍ର ସାଗରିଆ, କୈଳାସ ଖୋସ୍ଲା ଯୋଗଦେଇ ପର୍ବର ମହତ୍ୱ ବିଷୟରେ ବିସ୍ତୃତ ଭାବେ ବର୍ଣ୍ଣନା କରିଥିଲେ। ଏହି ପରବ ମାଧ୍ୟମରେ ସମ୍ପର୍କ ଓ ଭାଇଚାରା ଆଗାମୀ ଦିନରେ ସୁଦୃଢ଼ ହେବ ବୋଲି ସମସ୍ତେ ଆଶା ବ୍ୟକ୍ତ କରିଛନ୍ତି।

# ଜାତୀୟ ଆଇନସେବା ଦିବସ ପାଳିତ

ନବରଙ୍ଗପୁର, ୯।୧୧(ସମିସ):

ନବରଙ୍ଗପୁର ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଜିଲ୍ଲା କୋର୍ଟ ପରିସରରେ ଆଇନଜୀବୀ, ଅଙ୍ଗନବାଡ଼ି କର୍ମୀ, ମିଶନ ଶକ୍ତିର ମହିଳା, ବରିଷ୍ଠ ନାଗରିକ ଓ ପାରା ଲିଗାଲ ସଦସ୍ୟମାନଙ୍କୁ ନେଇ ଜାତୀୟ ଆଇନ ସେବା ଦିବସ ପାଳିତ ହୋଇଯାଇଛି। ଦେଶରେ ଯେକୌଣସି ନାଗରିକ ଯେକୌଣସି ପୃଷ୍ଠଭୂମିରୁ ଆସିଥାନ୍ତୁ ନା କାହିଁକି, ତାଙ୍କର ପରିଚୟ ଯାହାହେଉ ନା କାହିଁକି, ପ୍ରତ୍ୟେକଙ୍କୁ ମାଗଣା ଆଇନ ସେବା ସହାୟତା ମିଳିପାରିବ ବୋଲି ସମସ୍ତଙ୍କ ନିକଟରେ ଆଲୋକପାତ କରିବା ସହିତ ଏହି ଦିବସର ମହତ୍ୱ ବିଷୟରେ ଓ ବିଭିନ୍ନ ଆଇନ ବିଷୟରେ ସଚେତନ କରିଥିଲେ। ଏହି ଅବସରରେ ଅନ୍ୟାନ୍ୟ




ଜିଲ୍ଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ତଥା ଜିଲ୍ଲା ଦୌରାଜଜ୍ ସୁବ୍ରତ ମହାନ୍ତିଙ୍କ ନିର୍ଦ୍ଦେଶ କ୍ରମେ ଆୟୋଜିତ ଏହି କାର୍ଯ୍ୟକ୍ରମର ଚଳିତ ବର୍ଷର ଏହି ଦିବସ ପାଳନର ପ୍ରସଙ୍ଗ ହେଉଛି ସମସ୍ତଙ୍କ ପାଇଁ ନ୍ୟାୟ ଆଇନ ସଚେତନତା ମାଧ୍ୟମରେ ନିଷ୍ପେଷିତ ଶ୍ରେଣୀର ସଶକ୍ତି କରଣ। ଏହି ଶିବିରରେ ଅତିରିକ୍ତ ଜିଲ୍ଲା ଜଜ୍ ବିଷ୍ଣୁ ପ୍ରସାଦ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଅତିଥି ଭାବେ ପରିବାର ବିଚାରବିଭାଗୀୟ ଜର୍ଜ ଲିଲିପ୍ତା ପସାୟତ, ଅତିରିକ୍ତ ଜିଲ୍ଲା ଜର୍ଜ (ପୋକସୋ) ବାସୁଦେବ ଆଚାର୍ଯ୍ୟ, ମୁଖ୍ୟ ବିଚାର ବିଭାଗୀୟ ଦଣ୍ଡାଧିକାରି ସୀମା ତ୍ରିପାଠୀ, ରେଜିଷ୍ଟ୍ରାର ଜିଲ୍ଲା କୋର୍ଟ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର ଭାରପ୍ରାପ୍ତ ସଚିବ ଶାଶ୍?ତୀ ମିଶ୍ର, ବରିଷ୍ଠ ଦେବାନୀ ଜଜ୍ (ମହିଳା କୋର୍ଟ) ସୁଦୀପା ପାତ୍ର, ଉପଖଣ୍ଡ ବିଚାର ବିଭାଗୀୟ ଦଣ୍ଡାଧିକାରୀ ସୌମ୍ୟ ଶଙ୍କର ମହନ୍ତ , ଜେଏମ୍‌ଏସି ଅନ ପ୍ରୋବେଶନ ଗୌତମ ପଟ୍ଟନାୟକ, ପ୍ରସନ୍ନ ପଟ୍ଟନାୟକ, କିଶୋରୀ ପଟ୍ଟନାୟକ, ରାକ୍ଷୀ ଜୈନ ପ୍ରମୁଖଙ୍କ ସମେତ ବହୁ ଆଇନଜୀବୀ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମ ଜିଲ୍ଲା ଆଇନ ସେବା ପ୍ରାଧିକରଣର ଭାରପ୍ରାପ୍ତ ସଚିବ ଶାଶ୍ୱତୀ ମିଶ୍ରଙ୍କ ଦ୍ୱାରା ପରିଚାଳନା କରାଯାଇଥିଲା।




**ଜୟପୁର:** କୋରାପୁଟ ଜିଲ୍ଲା ଜୟପୁର ସିଟି ଉଚ୍ଚବିଦ୍ୟାଳୟଠାରେ ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଜାତୀୟ ଆଇନ ସେବା ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ବରିଷ୍ଠ ଆଇନଜୀବୀ ଓ ତେଲୁଗୁ ସଂସ୍କୃତି ସମିତିର ସଭାପତି ବୀରେଶ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ପ୍ରାଧିକରଣ ସିଭିଲ କୋର୍ଟ ଜଜ୍ ତଥା ରେଜିଷ୍ଟ୍ରାର ବିଷ୍ଣୁ ପ୍ରସାଦ ଦେବତା ଯୋଗଦେଇ ଗରିବ ଏବଂ ସଂରକ୍ଷିତ ବର୍ଗର ଲୋକଙ୍କ ପାଇଁ ମାଗଣା ଆଇନଗତ ସହାୟତା ପାଇଁ ସରକାରଙ୍କ ବିଭିନ୍ନ ଯୋଜନା ଉପରେ ଆଲୋକପାତ କରିଥିଲେ। ସିନିୟର ଡିଭିଜନ ସିଭିଲ୍ ଜଜ୍ ସ୍ୱୟଂ ପ୍ରକାଶ ଦାସ, ଏସଡିଜେଏମ ସନ୍ତୋଷ କୁମାର ବାରିକ, ଜେଏମଏଫସି ଦିଖ୍ୟା ରାଉତରାୟ, ଜେଏମଏଫସି ପ୍ରଜ୍ଞା ସୁମନ ମହାପାତ୍ର, ପୋକ୍ସ କୋର୍ଟର ସରକାରୀ ଓକିଲ ବି. ଗାୟତ୍ରୀ ଦେବୀ, ମୁଖ୍ୟ ଆଇନଗତ ସହାୟକ ପ୍ରତିରକ୍ଷା ପରିଷଦର ସଦସ୍ୟ ପ୍ରମୋଦ କୁମାର ଦାସ, ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବି. ସୁଜାତା, ଇଂରାଜୀ ମାଧ୍ୟମ ବିଦ୍ୟାଳୟର ଅଧ୍ୟକ୍ଷ ସୁଧାକର ପଟ୍ଟନାୟକ, ପରିଚାଳନା କମିଟି ସଦସ୍ୟ ଏ. ଶ୍ରୀନିବାସ ରାଓ ଏବଂ ପି. ଶ୍ରୀନିବାସ ରାଜୁ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଶିକ୍ଷକ ପ୍ରତାପ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ଦଶମନ୍ତପୁରରେ ଚାଷୀଙ୍କୁ ସମୃଦ୍ଧ କରିଛି ଅଳସୀ ଚାଷ



ପୋଡ଼ାଗଡ଼, ୯।୧୧(ସମିସ):

କୋରାପୁଟ ଜିଲ୍ଲାର ଦଶମନ୍ତପୁର ବ୍ଲକମାଟି ଓ ଜଳବାୟୁ ଅଳସି ଚାଷ ପାଇଁ ଅତ୍ୟନ୍ତ ଉପଯୁକ୍ତ ହେବାରୁ, ଗତ କିଛି ବର୍ଷ ଧରି ଏହି ଚାଷ ଚାଷୀମାନଙ୍କ ମଧ୍ୟରେ ବିଶେଷ ଜନପ୍ରିୟତା ହାସଲ କରିଛି। ଏହି ଋତୁରେ ଜିଲ୍ଲାରେ ପ୍ରାୟ ୨୦,୫୮୦ ହେକ୍ଟର ଜମିରେ ଅଳସି ଚାଷ ହେଉଛି, ସେହିପରି ଦଶମନ୍ତପୁର ବ୍ଲକ ବିଭିନ୍ନ ପଞ୍ଚାୟତର ପ୍ରାୟ ୧୨୨୫ ହେକ୍ଟର ଜମିରେ ଚାଷ କରାଯାଇଛି। ଯାହା ଗତ ବର୍ଷ ଠାରୁ ଜିଲ୍ଲାରେ ପ୍ରାୟ ଦୁଇ ହଜାର ହେକ୍ଟର ଅଧିକ। ସେହିପରି ବ୍ଲକରେ ମଧ୍ୟ ପ୍ରାୟ ଗତବର୍ଷ ତୁଳନାରେ ୩୩ ହେକ୍ଟର ଅଧିକା ଚଳିତ ବର୍ଷରେ କରାଯାଇଥିବା ଜଣାପଡ଼ିଛି। ଅଳସି ଏକ ତୈଳ ବିଜ ଫସଲ, ଯାହାର ଦାନାରୁ ଉତ୍ପାଦିତ ତେଲ ଔଷଧୀୟ ଓ ଔଦ୍ୟୋଗିକ ଦୁଇଟି କ୍ଷେତ୍ରରେ ବ୍ୟାପକ ଚାହିଦା ରଖିଥାଏ। ଦଶମନ୍ତପୁର ବ୍ଲକର ବିଭିନ୍ନ ପଂଚାୟତ ଯଥା ଗାଦିଆଗୁଡା, ଏ. ମାଲକାନଗିରି, ଲୁଲା, ନନ୍ଦି ଗାଁ, ପରଜାବେଡାପଦର, ଗିରିଲିଗୁମା, ମୁର୍କାର, ଚିକାମ୍ବ, ପିଣ୍ଡାପଦର ଅଞ୍ଚଳରେ ଚାଷୀମାନେ ବିଶେଷ ଭାବରେ ଏହି ଫସଲ ଉପରେ ଭରସା କରୁଛନ୍ତି। ଅଳସି ଗଛର ଫୁଲ ଆକର୍ଷଣୀୟ ହଳଦୀ ବର୍ଣ୍ଣର ହେବାରୁ ସାରା ଜମି ଆଲୋକିତ ହୋଇ ଗୋଟେ ସୁନ୍ଦର ପରିଦୃଶ୍ୟ ସୃଷ୍ଟି କରେ। ଏହି ଦୃଶ୍ୟ ଦେଖି ଅନେକ ସ୍ଥାନରେ ଗ୍ରାମୀଣ ପର୍ଯ୍ୟଟନର ସୁଯୋଗ ବି ବଢ଼ିଛି। ଲୋକେ ଏହି କିଆରୀରେ ଫଟୋ ମଧ୍ୟ ଉଠାଉ ଥିବାର ଦେଖିବାକୁ ମିଳେ। କୃଷି ବିଭାଗର ଅତିରିକ୍ତ କୃଷି ଅଧିକାରୀ କାହ୍ନୁଚରଣ ଦାସ କହିଛନ୍ତି, ଜିଲ୍ଲାରେ ୨୦,୫୮୦ ହେକ୍ଟରରେ କୃଷକମାନେ ଏହି ଚାଷକରିଥିବା ବେଳେ ଦାଶମନ୍ତପୁଟ ବ୍ଲକ୍‌ରେ ପ୍ରାୟ ୨୨୫ ଚଳିତ ବର୍ଷ ଚାଷ ହୋଇଛି। ଏହା ଏବେ ଫୁଲ ଧରିଛି, ଚଳିତ ନଭେମ୍ବର ଓ ଡିସେମ୍ବରରେ ଏହା ଅମଳ ହେବ। ସେହିପରି କୃଷି ବିଭାଗର ଏହି ସ୍କିମ ଦାୟିତ୍ୱରେ ଥିବା କୃଷି ଅଧିକାରୀ ଦୁଷ୍ମନ୍ତ ସ୍ୱାଇଁ କହିଛନ୍ତି, ଖାଦ୍ୟ ତେଲ ପାଇଁ ଜାତୀୟ ମିଶନ୍‌ରେ ବିଗତ ବର୍ଷ ତିନି ଶହ ହେକ୍ଟରରେ ୧୫୦୦ ଚାଷୀଙ୍କୁ କୃଷି ବିଭାଗ ପକ୍ଷରୁ ବିହନ ବଣ୍ଟାଯାଇଥିଲା ଏବେ ଚଳିତ ବର୍ଷ ଜିଲ୍ଲାରେ ୪୦୦ ହେକ୍ଟରରେ ଅଳସି ବିହନ ବଣ୍ଟନ କରାଯାଇଛି। ବିଭାଗ ପକ୍ଷରୁ ଉତ୍କଳ ନାଇଜର ନାମକ ବିହନ ବଣ୍ଟନ କରାଯାଇଛି। ଏହା ଜିଲ୍ଲାର କୋରାପୁଟ ସବ୍ ଡିଭିଜନର ୨୦୦୦ ଚାଷୀ ଙ୍କୁ ବଣ୍ଟନ କରାଯାଇଛି। ଏହି ଚାଷ ସେପ୍ଟେମ୍ବରରୁ ପ୍ରାକ୍ ରବି ଫସଲ ଭାବେ ଚାଷ ହୁଏ, ନଭେମ୍ବର ଶେଷ ଆଡ଼େ ଅମଳ ହୁଏ। ଜିଲ୍ଲାର ଜଳବାୟୁ ଏହି ଚାଷ ପାଇଁ ଅନୁକୂଳ ଓଡ଼ିଶାର ସବୁଠୁଁ ଅଧିକ ଚାଷ କୋରାପୁଟ ଜିଲ୍ଲାରେ ହିଁ ହୋଇଥାଏ। ଏଠାକାର ଥଣ୍ଡା ଜଳବାୟୁ ଓ ପାହାଡି, ପରିତ୍ୟକ୍ତ ଜମି, ଖାଲ ଢିପ ଜମିରେ ଏହା ଭଲ ହୋଇଥାଏ, ଏଥିରେ ଚାଷ ଖର୍ଚ୍ଚ କମ, ଏକର ଜମିରେ ଦୁଇ କେଜି ମଞ୍ଜି ବୁଣିଲେ ତିନି କ୍?ଣ୍ଟାଲ ଶସ୍ୟ ଉତ୍ପାଦନ ହୋଇଥାଏ। ଚାଷୀମାନେ ଉତ୍ପାଦିତ ଅଳସିକୁ କେଜି ପିଛା ୮୦ରୁ ୯୦ ଟଙ୍କାରେ ବିକ୍ରି କରିଥାନ୍ତି। ଖୁବ୍ କମ ଖର୍ଚ୍ଚରେ ଖୁବ୍ କମ୍ ସମୟରେ ଅଧିକ ଲାଭ ପାଇଥାନ୍ତି ଚାଷୀ। ଏବେ ଏହି ଅଳସି ପାଇଁ କୃଷି ବିଭାଗ ପକ୍ଷରୁ ମଣ୍ଡି କରାଯିବାକୁ ଚିନ୍ତା କରାଯାଉଛି ଯାହା ଦ୍ୱାରା ଚାଷୀ ଲାଭ ପାଇପାରିବେ ଓ ଚାଷ ପାଇଁ ଉତ୍ସାହ ମଧ୍ୟ ବଢିବ ବୋଲି କହିଛନ୍ତି। ସେହିପରି ପଦ୍ମପୁର ପଞ୍ଚାୟତର ଗୋପାଳପୁଟର ଚାଷୀ ଗୁରୁଦେବ ମାଝୀ କୁହନ୍ତି ଅଳସି ଚାଷ ଆମକୁ ଭଲ ଲାଭ ଦେଇଥାଏ। କୋରାପୁଟ ସବ ଡିଭିଜନରେ ଭଟା ଜମି, ଡଙ୍ଗର ଜମି ବେଶୀ ଅଛି, ଚାଷ ଜମି କମ୍ ରହିଛି। ଜଳ ସେଚନର ବ୍ୟବସ୍ଥା ପାଇଁ ଖର୍ଚ୍ଚାନ୍ତ ହେବାକୁ ପଡି ନଥିବାରୁ ଏହି ଅଳସି ଚାଷ ଆମକୁ ସୁହାଇ ଥାଏ। କମ୍ ଖର୍ଚ୍ଚରେ ଅଧିକ ଲାଭ ହୋଇ ଥାଏ। ଆମେ ଏହାକୁ ପେଜୁ ଓ ଖାଇବା ତେଲ ଭାବେ ବ୍ୟବହାର କରୁ। ସେପରି ଆଉ ଜଣେ ଚାଷୀ ଶୁକ୍ର ହନ୍ତାଳ କୁହନ୍ତି, ଅଳସି ଚାଷ ପାଇଁ ମଣ୍ଡି ହେଲେ ଆହୁରି ଭଲ ହେବ, ଏହି ଚାଷ ଆମର ପାରମ୍ପାରିକ ଚାଷ ଆମେ ପୂର୍ବ କାଳରୁ କରି ଆସୁଛୁ। ଏହାଦ୍ୱାରା ଆମର ତେଲର ଆବଶ୍ୟକତା ମଧ୍ୟ ମେଣ୍ଟି ଥାଏ। କିଛି ସ୍ଥାନରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନେ ବି ଏହି ଚାଷରେ ଯୋଗଦେଇ ନିଜ ଆର୍ଥିକ ସ୍ୱାବଲମ୍ବନ ଦିଗରେ ଆଗକୁ ଆସୁଛନ୍ତି ବୋଲି କହିଛନ୍ତି। ଅଳସିର ତେଲ ଖାଦ୍ୟ ଭାବରେ ଓ ଔଷଧ ନିର୍ମାଣରେ ବ୍ୟବହୃତ ହେଉଥିବା ସହିତ ଗଛର ତଣ୍ଡାରୁ ମିଳୁଥିବା ରେସା ବା ଚୋପା ଶିଳ୍ପ ମୂଳକ ପଦାର୍ଥ ଭାବେ ବ୍ୟବହୃତ ହେଉଛି। ଏହା ପକ୍ଷୀ ତଥା କୁକୁଡ଼ା ଖାଦ୍ୟ ଭାବେ ମଧ୍ୟ ବ୍ୟବହୃତ ହେଉଛି। ଦଶମନ୍ତପୁର ଅଞ୍ଚଳର ଅନ୍ୟ ଜଣେ ଚାଷୀ ଆନନ୍ଦ ସାଉନ୍ତା, ବନ୍ଧୁ ଜାନି କହିଛନ୍ତି, ଆମେ ଦିନକୁ ଦିନ ଅଳସିରେ ରୁଚି ଦେଉଛୁ। ଅଳସିର ଚାଷ ଖର୍ଚ୍ଚ କମ୍ ଓ ଲାଭ ଅଧିକ ଥିବାରୁ ଏହା ଆମ ପାଇଁ ଆଶୀର୍ବାଦ ହୋଇଛି। ଏହିପରି, କୋରାପୁଟ ଜିଲ୍ଲା ଓ ଦଶମନ୍ତପୁର ବ୍ଲକ୍‌ରେ ଅଳସି ଚାଷ କେବଳ ଚାଷୀମାନଙ୍କ ଜୀବନମାନକୁ ଉନ୍ନତ କରୁନାହିଁ, ଜିଲ୍ଲାର ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ଆର୍ଥିକ ସମୃଦ୍ଧିକୁ ବି ସୁନ୍ଦର ଭାବେ ଆଗକୁ ଆଣିଛି।

# ସାହି ମଝି ଗଛରେ ମହୁଫେଣା; ଭୟଭୀତ ସାହିବାସିନ୍ଦା



କୋରାପୁଟ, ୯।୧୧(ସମିସ): ବିଭିନ୍ନ ସମୟରେ ମହୁ ମାଛି ଆକ୍ରମଣରେ ଲୋକଙ୍କ ଧନ ଜୀବନ ଚାଲିଯାଉଥିବା ଭଳି ଖବର ନଜରକୁ ଆସୁଥିବା ବେଳେ ବର୍ତ୍ତମାନ ଏକ ଜନ ଗହଳି ବସ୍ତି ମଝିରେ ଗଛ ଉପରେ ହଜାର ହଜାର ମହୁମାଛି ଏକାଧିକ ଫେଣା ବାନ୍ଧି ଥିବାରୁ ସେହି ଅଞ୍ଚଳବାସିନ୍ଦାଙ୍କ ନିଦ ହଜିଯାଇଛି। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି କୋରାପୁଟ ବ୍ଲକ୍ ପଦ୍ମପୁର ପଞ୍ଚାୟତ ଅନ୍ତର୍ଗତ ଡୁମୁରିପୁଟ ହାଟପଦା ବସ୍ତିରେ। ବସ୍ତି ବାସିନ୍ଦାଙ୍କ କହିବା ଅନୁଯାୟୀ, ଡୁମୁରିପୁଟ ପୁରୁଣା ଫାଣ୍ଡି କୋଠା ନିକଟ ଏକ ଗଛ ଉପରେ ହଜାର ହଜାର ସଂଖ୍ୟାରେ ମହୁମାଛି ୫୦ରୁ ଊର୍ଦ୍ଧ୍ୱ ଫେଣା ବାନ୍ଧି ରହିଥିବା ବେଳେ ସାହିବାସୀନ୍ଦା ଭୟଭୀତ ଅବସ୍ଥାରେ ରହିଛନ୍ତି। ୨୦ରୁ ଊର୍ଦ୍ଧ୍ୱ ପରିବାର ଅତ୍ୟନ୍ତ ଭୟଭୀତ ଅବସ୍ଥାରେ ରହିଛନ୍ତି। ଏପରିକି ରାତିରେ ପରିବାର ଗୁଡ଼ିକ ଘର ଓ ବାହାରେ ଲାଇଟ ବନ୍ଦ କରି ଅନ୍ଧାରରେ ରାତ୍ରୀ ଯାପନ କରୁଛନ୍ତି। ମହୁମାଛି ଆକ୍ରମଣ ଭୟ ଯୋଗୁଁ ଘର ଅନ୍ଧାର କରି ରହୁଥିବାରୁ ସାହିର ପିଲାମାନଙ୍କ ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ହେଉଥିବା ଅଭିଭାବକମାନେ କହିଛନ୍ତି। ଭୟରେ ମହୁମାଛି ତଡିବାକୁ ଲୋକେ ସାହସ ଯୁଟାଇ ପାରୁ ନାହାଁନ୍ତି। ତେଣୁ ଏ ଦିଗରେ ପ୍ରଶାସନ ଆବଶ୍ୟକୀୟ ପଦକ୍ଷେପ ନେବାକୁ ସାହି ବାସିନ୍ଦା ଅନୁରୋଧ କରିଛନ୍ତି।

# ଡ୍ରାଇଭର ସଂଘର ସାଧାରଣ ବୈଠକ



ଗାଇସିଲେଟ, ୯।୧୧(ସମିସ): ବରଗଡ଼ ଜିଲ୍ଲା ଗାଇସିଲେଟ ବ୍ଲକ କଟାବାହାଲ ସ୍ଥିତ ମଲକେନ ଡ୍ୟାମ ଠାରେ ବ୍ଲକସ୍ତରୀୟ ଓଡ଼ିଶା ଡ୍ରାଇଭର ମହାସଂଘର ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି ସୁରେଶ ସାଗରଙ୍କ ଅଧ୍ୟକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା। ସଂଘର ବରଗଡ଼ ଜିଲ୍ଲା ସଭାପତି ନୀଳାମ୍ବର ସା, ସମ୍ପାଦକ ସୁଦାମ ରଥ, ସହସମ୍ପାଦକ ବୁଲୁ ବର୍ଗର୍ତ୍ତି ଯାଦବ, କୋଷାଧ୍ୟକ୍ଷ ସୁମନ୍ତ ମେଣ୍ଡୋଲି, ଗାଇସିଲେଟ ବ୍ଲକ ଉପସଭାପତି ସତ୍ୟ ମିର୍ଦ୍ଧା, ସମ୍ପାଦକ ମନୋରଞ୍ଜନ ଡୁଡୁକା, ସହସମ୍ପାଦକ ଅଭିମନ୍ୟୁ ହାତୀ, କୋଷାଧ୍ୟକ୍ଷ ମଦନ ବରିହା, ଉପଦେଷ୍ଟା ଜଗଦୀଶ ସାହୁ, ପ୍ରଦୀପ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଡ୍ରାଇଭର ମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିବା ସହିତ ଡ୍ରେସକୋଡ ସହିତ ଆଇକାର୍ଡ ବ୍ୟବହାର କରିବା ଓ ଟ୍ରାଫିକ ନିୟମ ସଠିକ ଭାବେ ପାଳନ କରିବା, ମଦ୍ୟପାନ କରି ବାହାନ ନଚଳାଇବା ପାଇଁ ସଙ୍ଘର ସଭାପତି ସା ନିବେଦନ କରିଥିଲେ। ରାଜ୍ୟ ତଥା ଦେଶର ଯେକୌଣସି ଡ୍ରାଇଭର ରାସ୍ତାରେ କୌଣସି ଅସୁବିଧା ହେଲେ ତୁରନ୍ତ ତାଙ୍କୁ ସହଯୋଗ କରିବା ସହିତ ପ୍ରତି ପଞ୍ଚାୟତ ସ୍ତରରେ ସମସ୍ତ ଡ୍ରାଇଭର ଭାଇ ମାନଙ୍କୁ ସଂଘରେ ସାମିଲ କରି ସଂଘକୁ ମଜବୁତ୍ କରିବା ପାଇଁ ସମସ୍ତଙ୍କୁ ଅନୁରୋଧ କରିଥିଲେ। ଏହି ଅବସରରେ ଡ୍ୟାମ ଠାରେ ବିଭିନ୍ନ ଚାରାରୋପଣ କରିଥିଲେ। କାର୍ଯ୍ୟକ୍ରମକୁ ସୁଦାମ ରଥ ପରିଚାଳନା କରିଥିବା ବେଳେ ସୁମନ୍ତ ମେଣ୍ଡୋଲି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ବୁଡାମାଲ ପଞ୍ଚାୟତର ସଭାପତି ପିତାମ୍ବର ମେହେର, ସମ୍ପାଦକ ବିଜୟ ମେହେର, ସହସମ୍ପାଦକ ଦିଲ୍ଲୀପ ବେହେରାଙ୍କ ସମେତ ପ୍ରାୟ ଶତାଧିକ ଡ୍ରାଇଭର ଉପସ୍ଥିତ ଥିଲେ।

# ତଥ୍ୟ ଲୁଚାଇବା ନେଇ ପୂର୍ତ୍ତ ବିଭାଗର ଚଞ୍ଚକତା

## ସୂଚନା ଅଧିକାରରେ ମିଳୁନି ଗାନ୍ଧୀ ଛକରୁ ଲେଙ୍ଗୁ ମିଶ୍ର ଛକ ରାସ୍ତାର ତଥ୍ୟ

ବରଗଡ଼, ୯।୧୧(ସମିସ)

ବରଗଡ଼ରେ ଏବେ ବିକାଶ କାର୍ଯ୍ୟ ଜୋର ଚାଲିଥିବା ସରକାର ଓ ତାଙ୍କ ପ୍ରତିନିଧି ମାନେ ପ୍ରଚାର କରୁଛନ୍ତି। ବରଗଡ଼ରେ ଏବେ ମାସିକ ରୋଡ ତିଆରି କାର୍ଯ୍ୟ ଚର୍ଚ୍ଚାର ବିଷୟ ପାଲଟିଛି। ପ୍ରଥମ ପର୍ଯ୍ୟାୟରେ ଗାନ୍ଧୀ ଛକରୁ ଲେଙ୍ଗୁ ମିଶ୍ର ଛକ ପର୍ଯ୍ୟନ୍ତ କାର୍ଯ୍ୟ ଚାଲିଥିବା ବେଳେ ଏହିରାସ୍ତା ବାବଦରେ କିଛି ତଥ୍ୟ ସୂଚନା ଅଧିକାର ମାଧମରେ ପୂର୍ତ୍ତ ବିଭାଗକୁ ଜୁଲାଇ ୧୫ ରେ ଜଣେ ସାମାଜିକ କର୍ମୀ ମାଗିଥିଲେ। ଯାହାର ତଥ୍ୟ ପୂର୍ତ୍ତ ବିଭାଗ ପକ୍ଷରୁ ଅସମ୍ପୂର୍ଣ୍ଣ ଓ ବିଭ୍ରାନ୍ତିକର ଦିଆଯାଇଛି। ଗତବର୍ଷ ଧନୁଯାତ୍ରା ପୂର୍ବରୁ ବରଗଡ଼ ସହରରେ ରାସ୍ତା କାମ ହୋଇଥିଲା। କିନ୍ତୁ ସେଇ ତଥ୍ୟକୁ ସମ୍ପୂର୍ଣ୍ଣ ବାଦ ଦେଇ ଦେଇଛି ବିଭାଗ। ସୂଚନା ଅଧିକାର ଆବେଦନରେ ପ୍ରଶ୍ନ ଥିଲା ଯେ ବରଗଡ଼ ପୌରାଞ୍ଚଳର କେତୋଟି ରାସ୍ତା ପୂର୍ତ୍ତ ବିଭାଗ ଅଧୀନରେ ରହିଛି? ବିଗତ ୨୦୨୪-୨୫ ମଧ୍ୟରେ କେତୋଟି ରାସ୍ତାରେ ପିଚୁ କାମ (ନୂଆ ଓ ମରାମତି କାର୍ଯ୍ୟ) ହୋଇଛି। ଯେଉଁ କାର୍ଯ୍ୟ ଗୁଡିକ ହୋଇଥିଲା ତାହାର ବ୍ୟୟ ଅଟକଳ ସହ ଟେଣ୍ଡର ବିବରଣୀ, ମୋଟ କେତେ ଟଙ୍କାର କାର୍ଯ୍ୟ ହୋଇଛି ଓ କେଉଁଥିରେ କେତେ ଟଙ୍କା ଖର୍ଚ୍ଚ ହୋଇଛି। ମୁଖ୍ୟତଃ ଗାନ୍ଧୀ ଛକରୁ ଲେଙ୍ଗୁ ମିଶ୍ର ଛକ ପର୍ଯ୍ୟନ୍ତ ଯେଉଁ କାର୍ଯ୍ୟ ଗୁଡିକ ହୋଇଥିଲା ତାହାର ବୈଧତା କେତେ ଦିନ ଓ ଯଦି ମରାମତି ଆବଶ୍ୟକ ପଡେ ତାହା ଉକ୍ତ ଠିକାଦାର କିମ୍ବା ସଂସ୍ଥା କରିବାକୁ ବ୍ୟବସ୍ଥା ରହିଛି ନା ନାହିଁ ବୋଲି ପଚରା ଯାଇଥିଲା। କିନ୍ତୁ ଏହି ସବୁ ତଥ୍ୟକୁ ଉହ୍ୟ ରଖି କେବଳ ଗାନ୍ଧୀ ଛକରୁ ଲେଙ୍ଗୁ ମିଶ୍ର ଛକର ଲମ୍ବ ୧.୩୦ କିମି ବୋଲି ତଥ୍ୟ ପ୍ରଦାନ କରାଯାଇଛି। ଏଥିରୁ କିଛି ଗୋଟିଏ ବଡ ଧରଣର ଦୁର୍ନୀତି ଥାଇ ପାରେ ବୋଲି ସନ୍ଦେହ ଜାତ ହୋଇଛି। ଆମ୍ ଆଦମୀ ପାର୍ଟି ପକ୍ଷରୁ ଭବାନୀ ସାହୁ ଏହାର ବିଧିବଦ୍ଧ ତଦନ୍ତ ଦାବି କରିଛନ୍ତି।

● ମିଶନ ଶିକ୍ଷାଦାନ କାର୍ଯ୍ୟକ୍ରମ

# ଛାତ୍ରଛାତ୍ରୀଙ୍କୁ ଟେଷ୍ଟପେପର ବଣ୍ଟନ

ବରଗଡ଼, ୯।୧୧(ସମିସ): ଅବସରପ୍ରାପ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଦ୍ୱାରା ପରିଚାଳିତ ମିଶନ ଶିକ୍ଷାଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅବସରପ୍ରାପ୍ତ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ନିଜ ପେନସନ ଟଙ୍କାରୁ ଗରିବ ଛାତ୍ରଛାତ୍ରୀଙ୍କୁ ଟେଷ୍ଟପେପର ବଣ୍ଟନ କରିଛନ୍ତି। ଅବସରପ୍ରାପ୍ତ ଶିକ୍ଷକ କପିଳ ବାଗଙ୍କ ସଂଯୋଜନାରେ ସ୍ଥାନୀୟ



ନାଗେନପାଲି ଠାରେ ଏକ ମାଗଣା ପାଠ୍ୟଦାନ କେନ୍ଦ୍ର ଖୋଲାଯାଇଛି। ଏହି କେନ୍ଦ୍ରରେ ଛାତ୍ରଛାତ୍ରୀ ଛୁଟି ଦିନରେ ଏକତ୍ରିତ ହୋଇ ଶିକ୍ଷା ଗ୍ରହଣ କରୁଛନ୍ତି। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଚନ୍ଦ୍ର ଶେଖର ସାହୁଙ୍କ ତତ୍ତ୍ୱାବଧାନରେ ପରିଚାଳିତ ଏହି କେନ୍ଦ୍ରରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ କିଶୋର ବିଶ୍ୱାଳ, ମୂହୁରିଆ ପ୍ରଧାନ, ସୁଧାଂଶୁ ଶେଖର ସାହୁ, ଡାକ୍ତର ପ୍ରଧାନ ପ୍ରମୁଖ ଶିକ୍ଷକ ବୃନ୍ଦ ଉପସ୍ଥିତ ରହି ବିଭିନ୍ନ ବିଷୟରେ ଶିକ୍ଷାଦାନ କରିଥିଲେ। ତେବେ ଅବସର ପରେ ବି ଅବସରପ୍ରାପ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଛାତ୍ରଛାତ୍ରୀଙ୍କୁ ଅବୈତନିକ ଶିକ୍ଷା ସେବା ଯୋଗାଇବା ମିଶନ ଶିକ୍ଷାଦାନ କାର୍ଯ୍ୟକ୍ରମକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି।

# ଖଣ୍ଡହତା କ୍ଲଷ୍ଟରରେ ସେବା ନିବୃତ୍ତ ସମ୍ବର୍ଦ୍ଧନା ଉତ୍ସବ



ବରଗଡ଼, ୯।୧୧(ସମିସ): ସଦର ବ୍ଲକ ଖଣ୍ଡହତା କ୍ଲଷ୍ଟର ଅଧୀନ ଧାଙ୍ଗେର ଉନ୍ନୀତ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ କ୍ଲଷ୍ଟର ସ୍ତରୀୟ ସେବା ନିବୃତ୍ତ ସମ୍ବର୍ଦ୍ଧନା ଉତ୍ସବ ପାଳିତ ହୋଇଯାଇଛି। ଧାଙ୍ଗେର ହାଇସ୍କୁଲର ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ସ୍ମିତା ପ୍ରଧାନଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେବା ନିବୃତ୍ତ ଅଧିକାରୀ ବରଗଡ଼ ଏବିଇଓ ରଞ୍ଜନ ଦଣ୍ଡସେନା ଗତ ଅକ୍ଟୋବର ୩୧ ତାରିଖ ସରକାରୀ ଚାକିରିରୁ ଅବସର ଗ୍ରହଣ କରିଥିବାରୁ ତାଙ୍କୁ କ୍ଲଷ୍ଟର ପକ୍ଷରୁ ସେବା ନିବୃତ୍ତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ବିବେକାନନ୍ଦ ଜାଲ, ସ୍କୁଲ କମିଟି ଉପଦେଷ୍ଟା ପଙ୍କଜ ଦାଶଙ୍କ ସମେତ ରୁହୁନିଆ ପ୍ରଧାନ, ଶିକ୍ଷକ ପ୍ରମୋଦ ପ୍ରଧାନ, ମୋହନ ସାହୁ, ପ୍ରଦୀପ ସାହୁ, ଧବଳେଶ୍ୱର ସାହୁ, ଡୋଳାମଣି ସୁନା, ଭକ୍ତ ପ୍ରଧାନ ପ୍ରମୁଖ ପ୍ରଧାନଶିକ୍ଷକ ବୃନ୍ଦ ଉପସ୍ଥିତ ଥିଲେ।

# ତୁଳାମଣୀ ନାଏକଙ୍କ ପରଲୋକ



ପାଇକମାଲ, ୯।୧୧(ସମିସ): ପାଇକମାଲ ବ୍ଲକ ଜାମସେଠ ଗାଁର ତୁଳାମଣୀ ନାଏକ (୬୦) ଶନିବାର ପରଲୋକ ହୋଇଛନ୍ତି। ସେ ଜଣେ ଗାଁର ସଫଳ ଚାଷୀ ଥିଲେ। ତାଙ୍କ ମୃତ୍ୟୁ ପଛରେ ସ୍ତ୍ରୀ, ଝିଅ ଜ୍ୱାଇଁ, ନାତିନାତୁଣୀ ତଥା ପରିବାରବର୍ଗଙ୍କୁ ଛାଡି ଚାଲିଯାଇଛନ୍ତି। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ଓସେପା ଓ ରାଷ୍ଟ୍ରୀୟ ମୁକ୍ତ ଶିକ୍ଷା ସଂସ୍ଥାନ ମଧ୍ୟରେ ଚୁକ୍ତିନାମା



ବରଗଡ଼, ୯।୧୧(ସମିସ): ରାଷ୍ଟ୍ରୀୟ ମୁକ୍ତଶିକ୍ଷା ସଂସ୍ଥାନ ଓ ରାଜ୍ୟ ସରକାରଙ୍କ ମଧ୍ୟରେ ଗୋଟିଏ ଚୁକ୍ତିନାମା ସ୍ମାରକ ସ୍ୱାକ୍ଷରିତ ହୋଇଯାଇଥିବା ଶିକ୍ଷା ବିଭାଗ ସୂତ୍ରରୁ ପ୍ରକାଶ। ଏହାଦ୍ୱାରା ରାଜ୍ୟର ଅଧାରୁ ପାଠ ଛାଡିଥିବା ପିଲାମାନଙ୍କୁ ଔପଚାରିକ ଶିକ୍ଷା ବ୍ୟବସ୍ଥାକୁ ପୁଣି ଫେରାଇ ଆଣିବା ଉଦ୍ଦେଶ୍ୟ ପୂରଣ ହୋଇପାରିବ। ଏହି ଅବସରରେ ଗଣଶିକ୍ଷା ବିଭାଗ ତରଫରୁ ଓସେପାର ନିର୍ଦ୍ଦେଶକ ଅନନ୍ୟା ଦାସ (ଆଇଏଏସ) ଏବଂ ରାଷ୍ଟ୍ରୀୟ ମୁକ୍ତ ଶିକ୍ଷା ସଂସ୍ଥାନର ଅଧ୍ୟକ୍ଷ ପ୍ରଫେସର ଡ.ଅଖିଳେଶ ମିଶ୍ରଙ୍କ ମଧ୍ୟରେ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା। ଶିକ୍ଷା ସଂସ୍ଥାନର ସଚିବ କଲୋନେଲ ମହମ୍ମଦ, ଆଞ୍ଚଳିକ ନିର୍ଦ୍ଦେଶକ ସୁରଜିତ, ରାଜ୍ୟ ମୁକ୍ତ ଶିକ୍ଷା ସଂସ୍ଥାନର ଯୁଗ୍ମ ନିର୍ଦ୍ଦେଶକ ବିଶ୍ୱନାଥ ସାହୁ ଏବଂ ଉପ ନିର୍ଦ୍ଦେଶକ ଶୈଳାଧିରାଜତନୟା ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ। ଓଡ଼ିଶାର ଶିକ୍ଷା ବିଭାଗଙ୍କ ନିରନ୍ତର ମାର୍ଗଦର୍ଶନ, ପ୍ରୟାସ ଓ ଅଟଳ ସହଯୋଗ ଫଳରେ ଏହି ଉଦ୍ୟମ ସଫଳ ହୋଇପାରିଛି। ଏହି ଚୁକ୍ତି ଦ୍ୱାରା ବିଶେଷ ଭାବେ ୧୪ରୁ ୧୮ ବର୍ଷ ପିଲାମାନେ ଉପକୃତ ହେବେ। ଜାତୀୟ ମୁକ୍ତ ଶିକ୍ଷା ପ୍ରତିଷ୍ଠାନରେ ମଧ୍ୟ ଦେୟମୁକ୍ତ ଶିକ୍ଷା ଲାଭ କରିପାରିବେ। ଶିକ୍ଷା ବିଭାଗର ଏପରି ପଦକ୍ଷେପ ସ୍ୱାଗତ ଯୋଗ୍ୟ ବୋଲି ଅଭିଭାବକ ମହଲରେ ଚର୍ଚ୍ଚା ହେଉଛି।

# ସ୍ୱାଧୀନତା ସେନାନୀ ଭାଗିରଥି ପଟ୍ଟନାୟକଙ୍କ ଜୟନ୍ତୀ

ବରପାଲି, ୯।୧୧(ସମିସ): ବରପାଲି ଭାଗିରଥି ପଟ୍ଟନାୟକ ବିଦ୍ୟାଳୟ ପରିସରରେ ସ୍ୱାଧୀନତା ସେନାନୀ



ଭାଗିରଥି ପଟ୍ଟନାୟକଙ୍କ ୧୪୨ତମ ଜୟନ୍ତୀ ପାଳିତ ହୋଇଯାଇଛି। ସଂଗ୍ରାମୀ ଭାଗିରଥି ପଟ୍ଟନାୟକ ସ୍ମୃତି କମିଟି ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ରୀନା ଥଇତ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଏନଏସି ଉପାଧ୍ୟକ୍ଷ ସୁପ୍ରିତା ଜେନା, ଭବଗ୍ରାହି ବେହେରା, ସାବିତ୍ରୀ ବେହେରା, ରୋହିତା ମହାନ, ବିରେନ୍ଦ୍ରନାଥ ନାଗ, ବିନୋଦାନନ୍ଦ ସାହୁ, ବିଜୟନନ୍ଦ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ମୁଖ୍ୟ ବକ୍ତା ଭାବେ ପ୍ରାକ୍ତନଃ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ.ରବୀନ୍ଦ୍ର ଗଡ଼ତିଆ ଓ ପ୍ରତିଭା ଗଡ଼ତିଆ ଯୋଗ ଦେଇ ସଂଗ୍ରାମୀଙ୍କ ଜୀବନି ଉପରେ ଆଲୋଚନା କରିଥିଲେ। ମହେନ୍ଦ୍ର ମେହେରଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ପରିଚାଳିତ ହୋଇଥିଲା। ସ୍କୁଲର ପ୍ରଧାନଶିକ୍ଷକ କାର୍ତ୍ତିକ ଦିପ ସଂଯୋଜନା ସହ ସ୍ୱାଗତ ଜଣାଇଥିଲେ। ବିଭିନ୍ନ ପ୍ରତିଯୋଗିତାର ବିଜୟୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ଛାତ୍ରଛାତ୍ରୀଙ୍କୁ ନେଇ ଏକ ସାଂସ୍କୃତିକ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପ୍ରସ୍ତୁତ ହୋଇଥିଲା।

# ଇମ୍ପେରିୟଲ କଲେଜରେ ଏକ୍ସଭି ଏଲିକ୍ସିଜିର୍ କାର୍ଯ୍ୟକ୍ରମ

● ଯୋଗ ଦେଲେ ପ୍ରସିଦ୍ଧ ଅଭିନେତା ପୁନିତ ଇସର



ବରଗଡ଼, ୯।୧୧(ସମିସ): ଇମ୍ପେରିୟଲ କଲେଜ ପରିସରରେ ଦୁଇଦିନିଆ ଏକ୍ସଭି ଏଲିକ୍ସିଜିର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଦିବସରେ ଇଣ୍ଡିଏନ ଅଏଲର ପୂର୍ବତନ ନିର୍ଦ୍ଦେଶକ ଡ.ରଞ୍ଜନ ମହାପାତ୍ର, ନାଗାଲାଣ୍ଡର ଶିକ୍ଷାବିଦ୍ ତଥା କବି ଡ.ଥେୟିସିନୋ କେଡିସୁ, ଏଟଲାସ ସ୍କିଲଟେକ୍ ୟୁନିଭରସିଟି ମୁମ୍ବାଇର ଭାଇସ ଚାନସେଲର ଡ.ରଞ୍ଜନ ୱେଲେକର ପ୍ରମୁଖ ଯୋଗ ଦେଇଥିଲେ। ଅପରାହ୍ଣ ଅଧିବେଶନରେ ଛାତ୍ରଛାତ୍ରୀ ମାନେ ବିଭିନ୍ନ ବିଷୟରେ ନିଜର ଉପସ୍ଥାପନା ପ୍ରଦାନ କରିଥିଲେ। ଦ୍ୱିତୀୟ ଦିବସରେ ବଲିଉଡରେ ପ୍ରସିଦ୍ଧ ଅଭିନେତା ତଥା ଲୋକପ୍ରିୟ ସିରିଏଲ ମହାଭାରତରେ ଦୁର୍ଯ୍ୟୋଧନ ଭୂମିକାରେ ଅଭିନୟ କରିଥିବା ପୁନିତ ଇସର ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉଦବୋଧନ ଦେଇଥିଲେ। ସଂଘର୍ଷ ହିଁ ଜୀବନର ଅନ୍ୟନାମ ଏବଂ ସ୍ୱାସ୍ଥ୍ୟ ହିଁ ମନୁଷ୍ୟର ସବୁଠାରୁ ବଡ ଶକ୍ତି ବୋଲି ଶ୍ରୀ ଇସର କହିଥିଲେ। ଏହାସହ ପ୍ରତିଦିନ କିଛି ନା କିଛି ବ୍ୟାୟାମ କରିବାକୁ ଛାତ୍ରଛାତ୍ରୀଙ୍କୁ ସେ ଉପଦେଶ ଦେଇଥିଲେ। ଇମ୍ପେରିୟଲ କଲେଜର ଅଧ୍ୟକ୍ଷ ଦିପକ ଗୋୟଲଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ରାଲି

ବରଗଡ଼, ୯।୧୧(ସମିସ): ବରଗଡ଼ ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଜାତୀୟ ଆଇନ ସେବା ଦିବସ ଅବସରରେ ଶୋଭାଯାତ୍ରା ହୋଇଯାଇଛି।




ସମାଜର ଦୁର୍ବଳବର୍ଗର ଲୋକଙ୍କୁ ମାଗଣା ଆଇନ ସହାୟତା ଯୋଗାଇଦେବା ଉପରେ ସଚେତନତା ସୃଷ୍ଟି କରାଯାଇଛି। ଏହି ଅବସରରେ ଏକ ରାଲି ଆୟୋଜନ କରାଯାଇଥିଲା। ସିଭିଲ କୋର୍ଟ୍ ପରିସରରୁ ରାଲି କରି ବରଗଡ଼ ସହର ପରିକ୍ରମା କରାଯାଇଥିଲା। ଏହି ଅବସରରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ବିଭୁତି ଭୂଷଣ ନାୟକ, ଅତିରିକ୍ତ ଜିଲ୍ଲା ଦୌରା ଜଜ୍ ତଥା ଭାରପ୍ରାପ୍ତ ଅଧ୍ୟକ୍ଷ, ଜିଲ୍ଲା ଆଇନ ସେବା ପ୍ରାଧିକରଣ, ବରଗଡ଼ ପ୍ରିୟରଞ୍ଜନ୍ ବାରିକ, ଉପଖଣ୍ଡୀୟ ବିଚାର ବିଭାଗ ସ୍ତରୀୟ ଅଧିକାରୀ ସୃଷ୍ଟି ସାମନ୍ତ, ଡିଏସ୍‌ପି ସିପ୍ରା କୁମାରୀ, ମୁଖ୍ୟ ପ୍ରତିପକ୍ଷ ଓକିଲ ମନସି ସାହୁଙ୍କ ସମେତ ଅନ୍ୟ ସମସ୍ତ ପ୍ରତିପକ୍ଷ ଓକିଲ, ପାନେଲ ଓକିଲ ଓ ପିଏଲ୍‌ଭି ମାନେ ଯୋଗ ଦେଇଥିଲେ।

# ଜିଲ୍ଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ



ଅତାବିରା, ୯।୧୧(ସମିସ): ସ୍ଥାନୀୟ ବାଳକ ହାଇସ୍କୁଲରେ ତିନି ଦିନ ଧରି ଚାଲିଥିବା ଜିଲ୍ଲାସ୍ତରୀୟ କ୍ରୀଡା ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ଜିଲ୍ଲା ଶିକ୍ଷା ଅଧିକାରୀ ଜ୍ୟୋତିକାନ୍ତ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଅତାବିରା ଥାନା ଅଧିକାରୀ ପ୍ରକାଶ କର୍ଣ୍ଣ, ସମ୍ମାନିତ ଅତିଥି ରୂପେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସରୋଜ ଭୁଏ, ଅତାବିରା ବିଇଓ ମିଶ୍ରାଣୀ କୁମ୍ଭାର, ଜିଲ୍ଲା ଶାରୀରିକ ଶିକ୍ଷା ନିରୀକ୍ଷକ ଜ୍ୟୋତିଷ ପ୍ରଧାନ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ କାର୍ତ୍ତିକ ବାଗ, ଅତାବିରା ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁରେନ୍ଦ୍ର ବେହେରା, ଆୟୋଜକ ହାଇସ୍କୁଲର ପ୍ରଧାନଶିକ୍ଷକ ମନୋଜ ହରପାଲ, ପ୍ରାକ୍ତନ ବ୍ଲକ୍ କ୍ରୀଡା ସମ୍ପାଦକ ଲବ ସାହୁ, ବ୍ଲକ୍ କ୍ରୀଡା ସମ୍ପାଦକ ଅତାବିରା ସୁଦୀପ୍ତ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ସ୍ୱାଗତ ସଙ୍ଗୀତ ବାଳିକା ଉଚ୍ଚ ବିଦ୍ୟାଳୟ ଅତାବିରା ବାଳିକାମାନେ ପରିବେଷଣ କରିଥିବା ବେଳେ ଲାଦରପାଲି ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନେ ସ୍ୱାଗତ ନୃତ୍ୟ ପରିବେଷଣ କରିଥିଲେ। ପୂର୍ବତନ ଶାରୀରିକ ଶିକ୍ଷା ନିରୀକ୍ଷକ ତଥା କ୍ରୀଡା ଶିକ୍ଷକ ତ୍ରିଲୋକ୍ୟ ନାୟକ ମଞ୍ଚ ପରିଚାଳନା କରିଥିଲେ।

ପ୍ରତିଯୋଗିତାର ୧୪ ବର୍ଷ ବାଳିକା ବର୍ଗରେ ୧ଶହ, ୨ଶହ, ୪ଶହ, ୬ ଶହ ମିଟର ଦୌଡ, ଉଚ୍ଚ ଡିଆଁ, ଲମ୍ବ ଡିଆଁ, ସଟ୍‌ପୁଟ, ଡିସକସ୍ ପ୍ରତିଯୋଗିତାରେ ବିଭିନ୍ନ ବ୍ଲକର ଯଥାକ୍ରମେ ପାଇକମାଳର ପୁଷ୍ପାଞ୍ଜଳି ଧରୁଆ, ଅତାବିରାର ମନିଷା ପାତ୍ର, ପଦ୍ମପୁରର ଶ୍ରଦ୍ଧାଞ୍ଜଳି ଭୁଏ, ଭଟଲିର ରୁଚିସ୍ମିତା ପାତ୍ର, ପଦ୍ମପୁରର ଭୂମିସୂତା କୁମ୍ଭାର ପ୍ରଥମ ସ୍ଥାନ ଅଧିକାର କରିଥିଲେ। ସେହିପରି ୧୪ ବର୍ଷ ବାଳକ ବର୍ଗରେ ଯଥାକ୍ରମେ ଗାଇସିଲେଟର ରାକେଶ ରଞ୍ଜନ ବିଶ୍ୱାଳ, ବରପାଲିର ଶିବା ମେହେର, ଭେଡେନର ଅଭ୍ୟୁଦୟ ମେହେର, ପ୍ରବୀଣ ପଧାନ, ବରଗଡ଼ର ରାହୁଲ ଛତର, ପଦ୍ମପୁରର ସୌରଭ ସୁନା, ବରଗଡ଼ର ଅଗମ୍ ସାଗର ପ୍ରଥମ ସ୍ଥାନ ହାସଲ କରିଥିଲେ। ୧୭ ବର୍ଷ ବାଳକ ବର୍ଗରେ ହୋଇଥିବା ଶହେ, ୨ଶହ, ୪ଶହ, ୮ ଶହ, ୧୫ ଶହ, ୩ ହଜାର ମିଟର ଦୌଡ, ଉଚ୍ଚ ଡିଆଁ, ଲମ୍ବା ଡିଆଁ, ସଟ୍ ପୁଟ, ଡିସ୍କସ୍ ଥ୍ରୋ, ଜେଭେଲିନ ଥ୍ରୋ, ଟ୍ରିପଲ୍ ଡିଆଁରେ ଯଥାକ୍ରମେ ବରଗଡ଼ର ସୁରଜ୍ ବିଶ୍ୱାଳ, ବିଜେପୁରର ନିରାକାର ମେହେର, ବରଗଡ଼ର କୁନାଲ ମିର୍ଦ୍ଧା, ଅତାବିରାର ମୋହିତ, ଭେଡେନର ପ୍ରତ୍ୟୁଷ ମେହେର, ବିଜେପୁରର କ୍ଷୀରସାଗର ପରୁଁଆ, ଭେଡେନ କୃଷ୍ଣଚନ୍ଦ୍ର ପଧାନ, ପଦ୍ମପୁରର ରୋନାଥ ମିଶ୍ର, ଶୁଭମ୍ ସାହୁ, ବରଗଡ଼ର ଯୋଗେଶ ଲୁହା, ଭେଡେନର ସତ୍ୟବ୍ରତ ବିଶି ଯଥାକ୍ରମେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ବାଳିକା ବର୍ଗରେ ଅତାବିରା ବ୍ଲକର ସିମ୍ରନ୍ ଭୁଏ, ପଦ୍ମପୁରର ଭାରତୀ ସେଠ୍, ବରପାଲିର ଉଷାରାଣୀ ଭୋଇ, ଗାଇସିଲେଟର ଅଙ୍କିତା ମିର୍ଦ୍ଧା, ଭଟଲିର ଯମୁନା ରୁହିଦାସ, ପଦ୍ମପୁରର ଆକାଂକ୍ଷା ଭୋଇ, ବରପାଲିର ପ୍ରିନ୍ସିରାଣୀ ଗର୍ତିଆ, ପଦ୍ମପୁରର ପୂର୍ଣ୍ଣିମା ନାଏକ, ଭଟଲି ବ୍ଲକର ସ୍ମୃତିରେଖା କାଲୋ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ମୋଟ ୨୬୧ ଜଣ ପ୍ରତିଯୋଗୀ ଏବଂ ୪୭ ଜଣ ଅଫିସିଆଲ୍ ଯୋଗ ଦେଇ ଖେଳ ପରିଚାଳନା କରିଥିଲେ। ଅତାବିରା ବ୍ଲକର ଖେଳ ଶିକ୍ଷକ ଶିକ୍ଷୟିତ୍ରୀ, ସମସ୍ତ ସିଆରସିସି, ପ୍ରଧାନଶିକ୍ଷକ, ପ୍ରଧାନଶିକ୍ଷୟିତ୍ରୀ, ସହକାରୀ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ। ବ୍ଲକ କ୍ରୀଡା ସମ୍ପାଦକ ସୁଦୀପ୍ତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# କ୍ରିଷ୍ଣା ବିକାଶ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍ସର ବାର୍ଷିକ କ୍ରୀଡ଼ା 'ଖେଲୋ କ୍ରିଷ୍ଣା ବିକାଶ'

ବରଗଡ଼, ୯।୧୧(ସମିସ)



ବରଗଡ଼ କ୍ରିଷ୍ଣା ବିକାଶ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍‌ରେ ବାର୍ଷିକ କ୍ରୀଡା 'ଖେଲୋ କ୍ରିଷ୍ଣା ବିକାଶ' ଉଦ୍‌ଘାଟିତ ହୋଇଯାଇଛି। ବରଗଡ଼ ସହରସ୍ଥିତ ମାଁ ଶ୍ୟାମକାଳୀ ମନ୍ଦିରରୁ କ୍ରିଷ୍ଣା ବିକାଶ ସମୂହର ଛାତ୍ରଛାତ୍ରୀ ଏବଂ ଶିକ୍ଷକ ଶିକ୍ଷୟିତ୍ରୀ ମାନେ କ୍ରୀଡା ମଶାଲ ଧରି ଶୋଭାଯାତ୍ରାରେ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ କ୍ରିଷ୍ଣା ବିକାଶ ସମୂହର ଡାଇରେକ୍ଟର ଡ.ସମରେନ୍ଦ୍ର ନାଥ ପଣ୍ଡା ସ୍ୱାଗତ ଭାଷଣ ତଥା ଅତିଥି ପରିଚୟ ପ୍ରଦାନ କରିଥିଲେ। କ୍ରିଷ୍ଣା ବିକାଶ ସମୂହର ଚେୟାରମ୍ୟାନ ଡି.ମୁରଲୀ କ୍ରିଷ୍ଣା ନିଜ ବକ୍ତବ୍ୟ ପ୍ରଦାନ କରିଥିଲେ। ମ୍ୟାନେଜିଂ ଡାଇରେକ୍ଟର ବିବେକ ଦାଶରୀ ସମସ୍ତ କ୍ରୀଡା ପ୍ରତିଯୋଗୀମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ମୁଖ୍ୟ ଅତିଥି ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲଲାଟ ଲୁହା, ନିଜ ଅଭିଭାଷଣରେ ଶିକ୍ଷା ମାନବ ଜୀବନରେ ସ୍ୱାସ୍ଥ୍ୟ, ଶାନ୍ତି ଓ ଶୃଙ୍ଖଳା ଆଣିଥାଏ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଜିଲ୍ଲା ମୁଖ୍ୟ ଶିକ୍ଷା ଅଧିକାରୀ ଜ୍ୟୋତିକାନ୍ତ ସାହୁ ନୂତନ ଶିକ୍ଷାନୀତିରେ କ୍ରୀଡାର ପ୍ରାଧାନ୍ୟ ବିଷୟରେ ଅବଗତ କରାଇଥିଲେ। ଅନ୍ୟ ସମ୍ମାନିତ ଅତିଥି ବରଗଡ଼ ବ୍ଲକ ଶିକ୍ଷା ଅଧିକାରୀ ସୁରେନ୍ଦ୍ର ସାହୁ ମଞ୍ଚାସୀନ ଥିଲେ। ଏହି ଅବସରରେ ବରାହଗୁଡା ସ୍ଥିତ କ୍ରିଷ୍ଣା ବିକାଶ କ୍ୟାମ୍ପସରେ (ସୋଲ ସ୍ପେସ୍) ନାମକ ଏକ ଯୋଗ ଶିକ୍ଷା ଶିବିର ମୁଖ୍ୟ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଏହି ପ୍ରତିଯୋଗିତା ଦୀର୍ଘ ୬ ଦିନ ଧରି କ୍ରିଷ୍ଣା ବିକାଶ ଖେଳ ପଡ଼ିଆରେ ଚାଲିବ ଏବଂ ଏଥିରେ ୨୫୦୦ ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ୬୨ଟି ଇଭେଣ୍ଟରେ ଭାଗ ନେବେ। ବିକାଶ ଆବାସିକ ବିଦ୍ୟାଳୟ, କ୍ରିଷ୍ଣା ବିକାଶ ଫାଷ୍ଟ ଷ୍ଟେପ୍, କ୍ରିଷ୍ଣା ବିକାଶ ଇନଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ୍ ୱେଲ୍‌ଫେୟାର ତଥା ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରଛାତ୍ରୀ ଭାଗ ନେବେ। ପରିଶେଷରେ ବିକାଶ ଆବାସିକ ବିଦ୍ୟାଳୟର କାର୍ଯ୍ୟକାରୀ ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଳ ଧନ୍ୟବାଦ ଅର୍ପଣ କରିଥିଲେ। ଉଦ୍‌ଘାଟନୀ ସମାରୋହରେ ବିକାଶ ଆବାଶିକ ବିଦ୍ୟାଳୟ ସିନିୟର ସେକେଣ୍ଡାରୀ ଅଧ୍ୟକ୍ଷ ଚିତରଞ୍ଜନ ପତି, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ନାରାୟଣ ରଥ, କ୍ରିଷ୍ଣା ବିକାଶ ଫାଷ୍ଟ ଷ୍ଟେପର ଅଧ୍ୟକ୍ଷା ପୁଷ୍ପଲତା ମହାପାତ୍ର, କ୍ରିଷ୍ଣା ବିକାଶ ଇନଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ୍ ୱେଲ୍‌ଫେୟାର ଅଧ୍ୟକ୍ଷ ମାନଗୋବିନ୍ଦ ବ୍ରହ୍ମଚାରୀ, ବିକାଶ ଆବାସିକ ବିଦ୍ୟାଳୟ, ବରଗଡ଼ର ଉପାଧ୍ୟକ୍ଷ (ସିସିବିଏସସି ଆଫେୟାର) ପ୍ରଦୀପ ସାହୁ, ଉପାଧ୍ୟକ୍ଷ (ଏକାଡେମିକ୍ସ) ଡ.ମନୋଜ ତ୍ରିପାଠୀ, କ୍ରିଷ୍ଣା ବିକାଶ ଗ୍ରୁପ ବରଗଡ଼ର ଆଡମିନ ମ୍ୟାନେଜର ଲଗ୍ନିକା ଦାସ ଓ ମୁଖ୍ୟ କ୍ରୀଡା ପ୍ରଶିକ୍ଷକ ପିତାମ୍ବର ପ୍ରଧାନ ତଥା ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଅନେକ ଅଭିଭାବକ ଅଭିଭାବିକା ଉପସ୍ଥିତ ଥିଲେ। ଉଦ୍‌ଘାଟନୀ ଉତ୍ସବରେ କ୍ରିଷ୍ଣା ବିକାଶ ଆବାସିକ ବିଦ୍ୟାଳୟର ଛାତ୍ରଛାତ୍ରୀ ଗୀତ, ନୃତ୍ୟ ଏବଂ ସମ୍ବଲପୁରୀ ଲୋକବାଦ୍ୟ ପରିବେଷଣ କରିଥିଲେ।

# ଭୂତପୂର୍ବ ସୈନିକ ସଂଘର ବାର୍ଷିକ ଉତ୍ସବ




ବରଗଡ଼, ୯।୧୧(ସମିସ): ବରାହଗୁଡା ସ୍ଥିତ ଲା ଫ୍ଲୋରା ଇକୋରିଟ୍ରିଟରେ ରବିବାର ବରଗଡ଼ ଜିଲ୍ଲା ଭୂତପୂର୍ବ ସୈନିକ ସଂଘର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ସମ୍ବଲପୁରରେ ସ୍ଥିତ ସେନା ଷ୍ଟେସନ ମୁଖ୍ୟାଳୟ ଅଧିକାରୀ କର୍ନେଲ ଦେବାନନ୍ଦ ସାହୁ, ଭୂତପୂର୍ବ ସୈନିକ ଅଂଶଦାୟୀ ସ୍ୱାସ୍ଥ୍ୟ ଯୋଜନା ସମ୍ବଲପୁର ପ୍ରଭାରୀ ଅଧିକାରୀ କର୍ନେଲ ଆର୍ତ୍ତତ୍ରାଣ ମହନ, ସମାଜସେବୀ ଅକ୍ରୁର ମଲ୍ଲିକ ଏବଂ ପ୍ରଶାନ୍ତ ବେହେରା ଅତିଥି ହିସାବରେ ଯୋଗ ଦେଇଥିଲେ। ୧୭୦ରୁ ଊର୍ଦ୍ଧ୍ୱ ପୂର୍ବତନ ସୈନିକ ଓ ସେମାନଙ୍କର ପରିବାର କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ସଭାର ସଭାପତିତ୍ୱ ବିଦ୍ୟୁତ ଦାଶ ଏବଂ ମଞ୍ଚ ପରିଚାଳନା ମାନସରଞ୍ଜନ ଚାନ୍ଦ କରିଥିଲେ। ସଂଘର ବିଭିନ୍ନ ଗଠନ ମୂଳକ କାର୍ଯ୍ୟକଳାପ ଉପରେ ସୂର୍ଯ୍ୟପ୍ରସାଦ ଦାଶ ବକ୍ତବ୍ୟ ଦେଇଥିଲେ। ଏହି ଉପଲକ୍ଷେ ଚଟଣୀ ମାଷ୍ଟର ଡାନ୍ସ ଗ୍ରୁପ ଲେବଡି ଦ୍ୱାରା ଏକ ସାଂସ୍କୃତିକ ତଥା ମନୋରଞ୍ଜନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଗୌର ଚରଣ ସା, ରଞ୍ଜିତ ପ୍ରଧାନ ଏବଂ ରାଜେଶ ସେଠ୍‌ଙ୍କ ଦ୍ୱାରା ପ୍ରସ୍ତୁତ ସାଂସ୍କୃତିକ କାର୍ଯ୍ୟକ୍ରମରେ କୁନି କଳାକାର ମାନଙ୍କର ମନମୋହକ ଅଭିନୟ ଓ ନୃତ୍ୟ ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଶେଷରେ ମାନସରଞ୍ଜନ ଚାନ୍ଦ ସମସ୍ତଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ।

### ଅଧିକାରୀଙ୍କ ଅନୁପସ୍ଥିତିରେ ରାସ୍ତା କାର୍ଯ୍ୟକୁ ନେଇ ଅସନ୍ତୋଷ

# ୬୫ ନଂ ରାଜ୍ୟ ରାଜପଥରେ ଅଟକିଲା ଶତାଧିକ ଗାଡ଼ି



**ଡିଗିରିଆ, ୯।୧୧(ସମିସ):** ଖୁଣ୍ଟୁଣୀ-ନରସିଂହପୁର ୬୫ ନମ୍ବର ରାଜ୍ୟ ରାଜପଥର ରାସ୍ତା ଉପରେ ନୂତନ ପିଚୁ ପକାଇବା ସହିତ ମରାମତିର ଦାୟିତ୍ୱ ନେଇଥିବା ଠିକା ସଂସ୍ଥା ପକ୍ଷରୁ ରବିବାର ଅପରାହ୍ନରେ ଡିଗିରିଆ ବ୍ଲକ ଅଧୀନ ବିନ୍ଧାଣିମା ହନୁମାନ ମନ୍ଦିରଠାରୁ ନୂଆପାଟଣା ଓଷା ପୂଜା ଶଙ୍ଖ ଦୀର୍ଘ ୧.୫ କିମି ରାସ୍ତା ଉପରେ ପିଚୁ ପକାଇବା କାର୍ଯ୍ୟ କରାଯାଉଥିଲା। ରାସ୍ତା ନିର୍ମାଣ ସମୟରେ କୌଣସି ପୂର୍ତ୍ତ ବିଭାଗ ଅଧିକାରୀ କିମ୍ବା କର୍ମଚାରୀ ଉପସ୍ଥିତ ନ ଥିଲେ। ଫଳରେ କୋଟି କୋଟି ଟଙ୍କା ବ୍ୟୟରେ ହେଉଥିବା ଏହି ରାସ୍ତାର ନିର୍ମାଣ କାର୍ଯ୍ୟର ମାନକୁ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏଥିପୂର୍ବରୁ ମଧ୍ୟ ଏହି ଠିକାଦାର ସଂସ୍ଥା ପକ୍ଷରୁ ବ୍ଲକର ଗୋପୀନାଥପୁର ଶାସନ-ବିନ୍ଧାଣିମା ବାଇପାସ ମଧ୍ୟରେ ତିଆରି ହୋଇଥିବା ରାସ୍ତା ଅତ୍ୟନ୍ତ ନିମ୍ନମାନର କରାଯାଇଥିବା ଅଭିଯୋଗ ହୋଇଥିଲା। ସ୍ଥାନୀୟ ଜନସାଧାରଣ ଏହି ରାସ୍ତାର ନିର୍ମାଣ ଅତି ନିମ୍ନମାନର ବୋଲି ଅଭିଯୋଗ କରିବାରେ ସମ୍ପୃକ୍ତ ରାସ୍ତାର ନିର୍ମାଣ କାର୍ଯ୍ୟ ବନ୍ଦ ରହିଥିଲା। ଅତି ନିମ୍ନମାନର ପିଚୁ ଓ ରାସ୍ତା ନିର୍ମାଣ ପାଇଁ ଆବଶ୍ୟକ ସରଞ୍ଜାମ ଅତି ନିମ୍ନମାନର ହୋଇଥିବାରୁ ଏକ ମାସ ନ ପୁରୁଣୁ ଅନେକ ସ୍ଥାନରେ ପିଚୁ ଉଠିଯାଇ ବଡ଼ ବଡ଼ ଖାଲ ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି। ପ୍ରତ୍ୟହ ଏହି ରାସ୍ତାରେ ହଜାର ହଜାର ଦୁଇଚକିଆ, ଚାରିଚକିଆ ଓ ମାଲଗାଡି ଯାତାୟାତ କରୁଥିବା ଏହି ବ୍ୟସ୍ତବହୁଳ ରାସ୍ତାରେ ଏଭଳି ଖାଲ ସୃଷ୍ଟି କାରଣରୁ ଆଗାମୀ ଦିନରେ ଗାଡି ଚାଳକଙ୍କୁ ଅନେକ ଅସୁବିଧାର ସମ୍ମୁଖୀନ ହେବାକୁ ପଡିବା ସହ ଛୋଟ ବଡ଼ ଦୁର୍ଘଟଣା ହେବାର ଆଶଙ୍କା ବୃଦ୍ଧି ପାଇଛି। ଠିକାଦାର ସଂସ୍ଥା ପକ୍ଷରୁ ଆଜି ଅପରାହ୍ନରେ ତିଆରି ହେଉଥିବା ଏହି ବ୍ୟସ୍ତବହୁଳ ରାସ୍ତାରେ ଗାଡି ଯାତାୟାତ ପାଇଁ କୌଣସି ସ୍ୱତନ୍ତ୍ର ବ୍ୟବସ୍ଥା କରା ନ ଯାଇ ରାସ୍ତାର ଗୋଟିଏ ପାଖରେ ନୂତନ ପିଚୁ ପକାଯାଉଥିବା ବେଳେ ରାସ୍ତାର ଉଭୟ ପାଖରେ ଶତାଧିକ ଗାଡି ସହ ଅତ୍ୟାବଶ୍ୟକ ସେବା ଯୋଗାଉଥିବା ଗାଡି ଯାତାୟାତ କରି ନ ପାରି ଠିଆ ହୋଇଥିଲା। ଏଥିନେଇ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ଓ ଗାଡି ଚାଳକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଥିଲା। ଗାଡି ଚାଳକ ଓ ସ୍ଥାନୀୟ ଜନସାଧାରଣ ସେଠାରେ ବିଭାଗୀୟ ଅଧିକାରୀ କିମ୍ବା କର୍ମଚାରୀଙ୍କୁ ଖୋଜିବାରୁ ସେଠାରେ କେହି ଉପସ୍ଥିତ ନ ଥିବାରୁ ଉତ୍ତେଜନା ପ୍ରକାଶ ପାଇଥିଲା। ସ୍ଥାନୀୟ ଅଞ୍ଚଳର କିଛି ଯୁବକଙ୍କ ଉଦ୍ୟମରେ ଦୀର୍ଘ ଦୁଇ ଘଣ୍ଟା ପରେ ଗାଡି ଚଳାଚଳ ସ୍ୱାଭାବିକ ହୋଇଥିଲା। ଏ ସମ୍ପର୍କରେ ପୂର୍ତ୍ତ ବିଭାଗ ଏସଡିଓ ତ୍ରିଲୋଚନ ସାହୁଙ୍କୁ ପଚାରିବାରୁ ଆଜି ଛୁଟିଥିବାରୁ ବିଭାଗୀୟ ଅଧିକାରୀ ଉପସ୍ଥିତ ନ ଥିବା ସହିତ ନିମ୍ନମାନର ରାସ୍ତା ନିର୍ମାଣକୁ ଠିକା ସଂସ୍ଥାକୁ ଖୁବଶୀଘ୍ର ଚିଠି ଲେଖିବେ ଏବଂ ଖରାପ ହୋଇଥିବା ରାସ୍ତାକୁ ଯଥାଶୀଘ୍ର ମରାମତି କରିବା ପାଇଁ କହିବେ ବୋଲି ପ୍ରକାଶ କରିଛନ୍ତି।

# ଆନ୍ତଃଜିଲ୍ଲାସ୍ତରୀୟ ଏନ୍‌ଏସ୍‌ଏସ୍ ପ୍ରଶିକ୍ଷଣ ଶିବିର




**ନିଶ୍ଚିନ୍ତକୋଇଲି, ୯।୧୧(ସମିସ):** ନିଶ୍ଚିନ୍ତକୋଇଲି ପଞ୍ଚାୟତ ପ୍ରହଲ୍ଲାଦ ମହାବିଦ୍ୟାଳୟ ଆନୁକୂଲ୍ୟରେ ଉତ୍କଳ ବିଶ୍ୱବିଦ୍ୟାଳୟ ବ୍ୟୁରୋ ଜାତୀୟ ସେବା ଯୋଜନାର ପକ୍ଷରୁ ଏକ ତ୍ରି-ଦିବସୀୟ ଆନ୍ତଃଜିଲ୍ଲାସ୍ତରୀୟ ଜାତୀୟ ସେବା ଯୋଜନା ସ୍ୱେଚ୍ଛାସେବୀ ନେତୃତ୍ୱ ବିକାଶ ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି। ଏହି ଶିବିରରେ ବିଭିନ୍ନ ଜିଲ୍ଲାର ୨୫ଟି ମହାବିଦ୍ୟାଳୟରୁ ୧୩୫ଜଣ ସ୍ୱେଚ୍ଛାସେବୀ ଯୋଗଦେଇ ପ୍ରଶିକ୍ଷଣ ନେଉଛନ୍ତି। ପ୍ରତ୍ୟେକ ମହାବିଦ୍ୟାଳୟ ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ଅଧିକାରୀମାନଙ୍କ ମାର୍ଗଦର୍ଶନରେ ସ୍ୱେଚ୍ଛାସେବୀମାନେ ଶିବିରରେ ଯୋଗଦେଇଛନ୍ତି। ମହାବିଦ୍ୟାଳୟ ଅଧ୍ୟକ୍ଷା ଡ଼ଃ ତରୁଲତା ଦେବୀଙ୍କ ସଭାପତିତ୍ୱରେ ଏଥିରେ ମୁଖ୍ୟଅତିଥି ଭାବେ ମାହାଙ୍ଗା ବିଧାୟକ ଶାରଦାପ୍ରସାଦ ପ୍ରଧାନ, ସମ୍ମାନୀତି ଅତିଥି ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟର ଏନ୍‌ଏସ୍‌ଏସ୍ ସଂଯୋଜକ ଡ ବ୍ରଜ ନାରାୟଣ ପାତ୍ର, ଅନ୍ୟତମ ଅତିଥିଭାବେ ବ୍ଲକ ଉପାଧ୍ୟକ୍ଷ ନୃସିଂହ ଚରଣ ମିଶ୍ର, ଅଧ୍ୟାପିକା ଡ. ପଦ୍ମପ୍ରଭା ସ୍ୱାଇଁ ଯୋଗଦେଇଥିବା ବେଳେ ଅଧ୍ୟାପକ ଡ. ଅଲେଖଚନ୍ଦ୍ର ସାମଲ ଅତିଥିମାନଙ୍କୁ ସଭା ମଞ୍ଚକୁ ଆମନ୍ତ୍ରଣ କରିଥିଲେ। ଅଧ୍ୟାପକ ଡ. ପଦ୍ମଲୋଚନ ରାଉତ ସ୍ୱାଗତ ଅଭିଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ବରିଷ୍ଠ ଅଧ୍ୟାପକ ରଶ୍ମିରଞ୍ଜନ ପଟ୍ଟନାୟକ, ନୀଳକଣ୍ଠ ସାହୁ, ଡ. ଦେବଜାନୀ ସିହ୍ନା, ପ୍ରଶାନ୍ତ ଭାରତୀ, ପ୍ରସନ୍ନ ଦାଶ, ସ୍ୱର୍ଣ୍ଣପ୍ରଭା ସାମଲ, ସୁମିତ୍ରା ସାହୁ, ମଧୁସ୍ମିତା ପାଲ, ପ୍ରୀତିଶ୍ରୀ ଦାସ, ବିଶ୍ୱଜିତ ଦାସ, ମୁରଲୀଧର ପୃଷ୍ଟିଙ୍କ ସମେତ ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀମାନେ ଏହି କାର୍ଯ୍ୟକ୍ରମକୁ ପରିଚାଳନାରେ ସହଯୋଗ କରିଥିଲେ। ଏନ୍‌ଏସ୍‌ଏସ୍‌ର କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ଶିଶିର କୁମାର ସାହୁ ଧନ୍ୟବାଦ ଦେଇଥିଲେ। ଶିବିରର ଦ୍ୱିତୀୟ ଅଧିବେଶନରେ ବିଷୟ ବିଶେଷଜ୍ଞ ଭାବେ ସମାଜର ପ୍ରାକ୍ତନ ସଂପାଦକ ଡ. ପ୍ରଭାସ ଆଚାର୍ଯ୍ୟ ଯୋଗଦେଇ ଯୁବ ନେତୃତ୍ୱ ଓ ସମାଜସେବା ସଂପର୍କରେ ସ୍ୱେଚ୍ଛାସେବୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲା ବେଳେ ଅନ୍ୟତମ ବିଷୟ ବିଶେଷଜ୍ଞ ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟ ଏନ୍‌ଏସ୍‌ଏସ୍‌ର ପୂର୍ବତନ ସଂଯୋଜକ ଡ. ମନୋରଞ୍ଜନ ମହାନ୍ତି ଏହି ପ୍ରଶିକ୍ଷଣର ମୌଳିକ ଧାରଣା ସଂକ୍ରାନ୍ତରେ ସ୍ୱେଚ୍ଛାସେବୀଙ୍କୁ ସୂଚନା ଦେଇ ଏହାକୁ ଜୀବନରେ କାର୍ଯ୍ୟକାରୀ କରିବା ପାଇଁ ପରାମର୍ଶ ଦେଇଥିଲେ।

# ଜଟାଧାରୀ ଆଶ୍ରମରେ ଆଧ୍ୟାତ୍ମିକ କର୍ମଶାଳା ଉଦ୍‌ଯାପିତ



**ମାହାଙ୍ଗା, ୯ ।୧୧(ସମିସ):** ମାହାଙ୍ଗା ବ୍ଲକ ଭେଡା ପଞ୍ଚାୟତ ରାମକୃଷ୍ଣପୁରସ୍ଥିତ ଶ୍ରୀ ଶ୍ରୀ ଠାକୁର ଆକାରାମ ଦେବ ସତ୍ ମାର୍ଗ ସମିତି ସେବା ଟ୍ରଷ୍ଟ ଆନୁକୂଲ୍ୟରେ ଜଟାଧାରୀ ଆଶ୍ରମର ଆଶାରାମ ମଣ୍ଡପରେ ଦୁଇଦିନ ବ୍ୟାପୀ ଆଧ୍ୟାତ୍ମିକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଆଶ୍ରମର ଅଧ୍ୟକ୍ଷ ମହନ୍ତ ଗୁରୁପ୍ରସାଦ ଦାସଙ୍କ ଅଧ୍ୟକ୍ଷତାରେ କର୍ମଶାଳା ଉଦଘାଟନ କରାଯାଇଥିଲା। ରାମ ନିଗମ ମନ୍ଦିର ଚହଟାର ବ୍ରହ୍ମଚାରୀ ସତ୍ୟ ଚୈତନ୍ୟ, ସିଦ୍ଧଗିରି ଆଶ୍ରମର ବାବାଜୀ ବିଶ୍ୱନାଥ ଦାସ, ଚିନ୍ମୟ ମିଶନର ସ୍ୱାମୀ ଓଁକାରନନ୍ଦ ସରସ୍ୱତୀ, ମହିମା ଧର୍ମ ଗବେଷକ ଡ. ଏକାଦଶୀ ପ୍ରଧାନ, ଯୁବ ପ୍ରବଚକ ସୁଶାନ୍ତ ନାୟକ ଆଲୋଚନା କରିଥିଲେ। କବି ଗୀତିକାର ବିଶ୍ୱେଶ୍ୱର ମହାନ୍ତି ସ୍ୱାଗତ ଭାଷଣ, ଅତିଥି ପରିଚୟ ଦେଇଥିବା ବେଳେ ଆଶ୍ରମର ସମ୍ପାଦକ ଆଶୋକ ସାମଲ କୃତଜ୍ଞତା ପ୍ରଦାନ କରିଥିଲେ। ଦ୍ୱିତୀୟ ଦିବସରେ ଡ. ନିରଞ୍ଜନ ସାହୁ, ପ୍ରାଧ୍ୟାପକ ଡ. ଅଜିତ ମହାପାତ୍ର, ଠାକୁର ଆତ୍ମାରାମ ରଚନାରେ ସାମାଜିକ ମୂଲ୍ୟବୋଧ ସମ୍ପର୍କରେ ଆଲୋଚନା କରିଥିଲେ। ଉଦ୍‌ଯାପନୀ କର୍ମଶାଳାରେ ଶ୍ରୀ ଗୌରବିହାର ଆଶ୍ରମ ପୁରୀର ମହନ୍ତ ସୁବଳ ଚରଣ ଦାସ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟଅତିଥି ଭାବେ ନିଗମ କଳ୍ପତରୁ ଆଶ୍ରମ ଭୁବନେଶ୍ୱରର ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ, ବିଶିଷ୍ଟ ଅତିଥିଭାବେ ବିଧାୟକ ସାରଦା ପ୍ରସାଦ ପ୍ରଧାନ ଯୋଗ ଦେଇଥିଲେ। ଅଶୋକ ମହାନ୍ତି ଧନ୍ୟବାଦ ଦେଇଥିଲେ।

# ନିଶ୍ଚିନ୍ତକୋଇଲି କୋର୍ଟର ପ୍ରତିଷ୍ଠା ଦିବସ



**ନିଶ୍ଚିନ୍ତକୋଇଲି, ୯।୧୧(ସମିସ):** ନିଶ୍ଚିନ୍ତକୋଇଲିଠାରେ ଥିବା ଦେୱାନୀ ଅଦାଲତ (କନିଷ୍ଠ) ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍‌ଙ୍କ ଅଦାଲତର ପ୍ରଥମ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ଅଦାଲତର ସିଭିଲ୍ ଜୁନିୟର ଡିଭିଜନ୍ ଜଜ୍ ରୀତି ତ୍ରିପାଠୀ କେକ୍ କାଟି ଏହି ପ୍ରତିଷ୍ଠା ଉତ୍ସବକୁ ପାଳନ କରିଛନ୍ତି। ବରିଷ୍ଠ ଆଇନଜୀବୀ ଅମରେନ୍ଦ୍ର ନାରାୟଣ ଦାସଙ୍କ ପୌରହିତ୍ୟରେ ଏଥିରେ ମୁଖ୍ୟଅତିଥି ଭାବେ ସାଲେପୁର ଅତିରିକ୍ତ ଜିଲ୍ଲା ଦୌରା ଜଜ୍ ସରୋଜ କୁମାର ଦାଶ, ସିନିୟର ଡିଭିଜନର ସିଭିଲ ଜଜ୍ ମଳୟ କୁମାର ପ୍ରଧାନ, ଜୁନିୟର ଡିଭିଜନର ସିଭିଲ ଜଜ୍ ରୋହଣୀ ବିଶ୍ୱାଳ, ନିଶ୍ଚିନ୍ତକୋଇଲି ଜେଏମଏଫ୍‌ସିର ରୀତି ତ୍ରିପାଠୀ, ସାଲେପୁର ବାର ଆସୋସିଏସନର ସଭାପତି ବିକ୍ରମକେଶରୀ ବଳ, ସଂପାଦକ ଭାସ୍କର ଚନ୍ଦ୍ର ବେହେରା, ଉପସଭାପତି ଶ୍ରୀମନ୍ତ ରଥ, ଆଇଆଇସି ଯୁଗଳ କିଶୋର ଦାସ, ନେମାଳ ଆଇଆଇସି ସୁଶୀଲ ନାୟକ, କୋର୍ଟର ସିଏସ୍ ଆଇ କୁନାଲ ସାମଲ ପ୍ରମୁଖ ଯୋଗଦେଇଥିଲେ। ଆଇନଜୀବୀ ଚିତ୍ତରଞ୍ଜନ ରାଉତରାୟ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ବରିଷ୍ଠ ଆଇନଜୀବୀ ଜିତେନ୍ଦ୍ର ସ୍ୱାଇଁ, ଜିତେନ୍ଦ୍ର ମିଶ୍ର, ସାଲେପୁର ବାର ଆସୋସିଏସନ ପ୍ରାକ୍ତନ ସଭାପତି ଡ. ଅରୁଣଦୋୟ ମହାନ୍ତି, ବିଜୟ କେତନ ନାୟକ, ପ୍ରବୀଣ କାନୁନଗୋ, ଆଇନଜୀବୀ ପ୍ରଭାକର ସେଠୀ, ସୁଧିରଞ୍ଜନ ସେନାପତି, ମିହିର ଜମାଲଉଦ୍ଦିନ ମୂଷା ପ୍ରମୁଖ ଯୋଗଦେଇଥିଲେ। ପ୍ରଦୀପ୍ତ କିଶୋର ଷଡଙ୍ଗୀ ଧନ୍ୟବାଦ ଦେଇଥିଲେ।

## ଡ. ମନୀନ୍ଦ୍ର ମହାନ୍ତି ପାଇବେ ନଦୀୟା ବିହାରୀ ମହାନ୍ତି ସ୍ମୃତି ପୁରସ୍କାର



**କଟକ, ୯।୧୧(ସମିସ):** ବିଶିଷ୍ଟ ଶିଶୁ ସାହିତ୍ୟିକ ତଥା ସାରସ୍ୱତ ସାଧକ ଡ଼ ମନୀନ୍ଦ୍ର ମହାନ୍ତି ଚଳିତ ୨୦୨୫ ମସିହାର ମର୍ଯ୍ୟାଦାପୂର୍ଣ୍ଣ ନଦୀୟା ବିହାରୀ ମହାନ୍ତି ସ୍ମୃତି ସମ୍ମାନ ପାଇବା ପାଇଁ ମନୋନୀତ ହୋଇଛନ୍ତି। ଓଡିଶାର ପୁରାତନ ଶିଶୁ ସାହିତ୍ୟ ଅନୁଷ୍ଠାନ "ଧ୍ରୁବତାରା' ଓ ଓଡ଼ିଶା ସାହିତ୍ୟ ଏକାଡେମୀ ମିଳିତ ଆନୁକୂଲ୍ୟରେ ଚଳିତ ନଭେମ୍ବର ୧୫ ତାରିଖ ସନ୍ଧ୍ୟାରେ କଟକ ସ୍ଥିତ ବାଣୀପୀଠ ଶ୍ରୀରାମଚନ୍ଦ୍ର ଭବନ ଠାରେ ଅନୁଷ୍ଠିତ ବଡଭାଇଙ୍କର ୯୫ତମ ଜୟନ୍ତୀ ପାଳନ ଅବସରରେ ପ୍ରଦାନ କରାଯିବ ବୋଲି ଧ୍ରୁବତାରାର ଆବାହକ ଆଇନଜୀବୀ ପ୍ରସନ୍ନ କୁମାର ନନ୍ଦ ସୂଚନା ପ୍ରଦାନ କରିଛନ୍ତି। ଡ଼ ମନୀନ୍ଦ୍ର ମହାନ୍ତି ଶିଶୁ ସାହିତ୍ୟ ସମେତ ଅନ୍ୟାନ୍ୟ ବର୍ଗରେ ୬୪ରୁ ଉର୍ଦ୍ଧ୍ୱ ପୁସ୍ତକ ରଚନା କରି ବେଶ ପ୍ରତିଷ୍ଠିତ ଲାଭ କରିଛନ୍ତି।

## କଟକରେ ଆଉଟ୍‌ସୋର୍ସିଂ କର୍ମଚାରୀ ମହାସଂଘର ବୈଠକ



**କଟକ, ୯।୧୧(ସମିସ):** ରାଜ୍ୟ ଆଉଟସୋର୍ସିଂ କର୍ମଚାରୀ ମହାସଂଘ ତରଫରୁ ଆଜି କଟକର ବାଦାମବାଡି ଉତ୍ତରେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଏକ ବୈଠକ ଆୟୋଜନ କରାଯାଇଥିଲା। ବୈଠକରେ ରାଜ୍ୟ ଅଧ୍ୟକ୍ଷ ପ୍ରଭାତ ମହାନ୍ତି ଓ ସଭାପତି ସଞ୍ଜୟ ପଟ୍ଟନାୟକଙ୍କ ନେତୃତ୍ୱରେ ବିଭିନ୍ନ ବିଭାଗର କର୍ମଚାରୀମାନେ ଯୋଗଦେଇଥିଲେ। ମହାସଂଘ ପକ୍ଷରୁ କୁହାଯାଇଛି ଯେ ଗତ ମାର୍ଚ୍ଚ ମାସରେ ଭୁବନେଶ୍ୱର ଆନ୍ଦୋଳନ ସମୟରେ ସରକାର ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ସେହି ଦାବିଗୁଡ଼ିକ ପୂରଣ ହୋଇନାହିଁ। ଏହାକୁ ନେଇ କର୍ମଚାରୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଅଧ୍ୟକ୍ଷ ପ୍ରଭାତ ମହାନ୍ତି କହିଛନ୍ତି, ଆସନ୍ତା ୧୫ ନଭେମ୍ବରରେ ସରକାର ସହ ଆଲୋଚନାରେ ସକାରାତ୍ମକ ନିଷ୍ପତ୍ତି ନ ଆସିଲେ ରାଜ୍ୟସ୍ତରୀୟ ଆନ୍ଦୋଳନ ଆରମ୍ଭ କରାଯିବ। ବୈଠକରେ ହେମନ୍ତ ବସ୍ତିଆ, ସଚିନ୍ଦ୍ର ଦାସ, ଅରୁଣ ସାମନ୍ତରାୟ, ପ୍ରଦୀପ୍ତ ନାୟକ, ରଞ୍ଜନା ବେହେରା, ସୁଧାଂଶୁ ମହାନ୍ତ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ରଞ୍ଜିତା ନାୟକଙ୍କ ବଙ୍ଗଳା ଅନୁଦିତ ଗ୍ରନ୍ଥ ଉନ୍ମୋଚିତ



**କଟକ, ୯।୧୧(ସମିସ):** କଟକର ସାରସ୍ୱତ ପୀଠ ଶାରଳା ଭବନରେ ଓଡ଼ିଶା ବଙ୍ଗଳା ଫୋରମର ବାର୍ଷିକ ଉତ୍ସବରେ ବିଶିଷ୍ଟ କବୟିତ୍ରୀ ପ୍ରଫେସର ଡକ୍ଟର ରଞ୍ଜିତା ନାୟକଙ୍କ ରଚିତ କାବ୍ୟ 'ନିଜ ଝର୍କାରୁ ଆକାଶର' ବଙ୍ଗଳା ଅନୁଦିତ 'ନିଜେ ଜାନେଲା ଥେକେ ଆକାଶ' ଗ୍ରନ୍ଥ ଉନ୍ମୋଚିତ ହୋଇଯାଇଛି। ରେଭେନ୍ସା ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ପ୍ରଫେସର ଦୀପାସ୍ୟ କୁଣ୍ଡୁ ଏହି ଗ୍ରନ୍ଥକୁ ଉନ୍ମୋଚନ କରି କହିଲେ ଯେ ଏହି ଗ୍ରନ୍ଥରେ ପତ୍ନୀ ଯଶୋଧାରାଙ୍କ ଦୃଷ୍ଟିରେ ଗୌତମ ବୁଦ୍ଧଙ୍କ ବର୍ଣ୍ଣନା ଅତିବ ମନୋରମ ଓ ଶିକ୍ଷଣୀୟ ହୋଇପାରିଛି। କାବ୍ୟର ଭାଷା, ରୂପକ, ଉପମା ଆଦି ଅତ୍ୟନ୍ତ ଉଚ୍ଚକୋଟୀର ବୋଲି ସେ ମତ ଦେଇଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଗ୍ରନ୍ଥର ଅନୁବାଦିକା ଭାରତୀ ନନ୍ଦୀ। ପ୍ରାରମ୍ଭରେ ଶୈଳବାଳା ମହିଳା ମହାବିଦ୍ୟାଳୟର ଇଂରାଜୀ ବିଭାଗର ପ୍ରଫେସର ଡ. ରିତୁପର୍ଣ୍ଣା ସେନ ଡ. ନାୟକଙ୍କ ଲେଖକୀୟ ଜୀବନୀ ଉପରେ ଆଲୋକପାତ କରିଥିଲେ। ସେ ତାଙ୍କ ଭାଷଣରେ କହିଲେ ଯେ ରଞ୍ଜିତା ୧୯୯୭ରେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତି ସମେତ ଏ ଯାବତ ୪୦ରୁ ଉର୍ଦ୍ଧ୍ୱ ପୁରସ୍କାର ଲାଭ କରିଛନ୍ତି। ଉତ୍ସବରେ ସୁଦ୍ଧାଶ୍ରୀ ଦତ୍ତ ଓ ମାନବେଶ ରାୟ ଉଦବୋଧନ ଦେଇଥିଲେ।

# ନିଆଳି ବିଜେଡି ଜନସମ୍ପର୍କ ପଦଯାତ୍ରା ଉଦ୍‌ଯାପିତ





**ନିଆଳି, ୯।୧୧(ସମିସ):** ନିଆଳି ବିଜୁ ଜନତାଦଳର ଚାଲିଥିବା ଜନସଂପର୍କ ପଦଯାତ୍ରା ରବିବାର ଉଦ୍‌ଯାପିତ ହୋଇଯାଇଛି। ନିଆଳି ବଜାର ସ୍ଥିତ ବିଜୁବାବୁଙ୍କ ପ୍ରତିମୂର୍ତ୍ତି ଠାରେ ଏହି ପଦଯାତ୍ରା ଆରମ୍ଭ ହୋଇ ବଜାର ପରିକ୍ରମା କରି ନୂଆଗାଁସ୍ଥିତ ଶୋଭନେଶ୍ୱର ମନ୍ଦିର ଯାଇଥିବା ବେଳେ ସେଠାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ବ୍ଲକ ବିଜେଡି ସଭାପତି ଅତୁଲ୍ୟ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ପ୍ରଫେସର ଡା.ପ୍ରମୋଦ କୁମାର ମଲ୍ଲିକ ବିଜେପି ସରକାରକୁ ରଙ୍ଗମରା ସରକାର ବୋଲି କହି ଆଗାମୀ ଦିନରେ ଜନତା ତାର ଜବାବ୍ ଦେବେ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ଉମେଶଚନ୍ଦ୍ର ବେହେରା ଯୋଗଦେଇଥିବା ବେଳେ ୨୨ ନଂ ଜୋନ୍ ଜିଲ୍ଲାପରିଷଦ ସଭ୍ୟ ଦେବାଶିଷ ଷଡଙ୍ଗୀ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ସଂଗଠକ ପ୍ରଦୀପ ଦାସ ମଞ୍ଚ ପରିଚାଳନା କରିଥିବା ବେଳେ ଅନ୍ତର୍ଯ୍ୟାମୀ ବଡୁ, ଦୀପ୍ତିରଂଜନ ପ୍ରତିହାରୀ, ବବିତାରାଣୀ ବେହେରା, ପ୍ରକାଶ ମହାନ୍ତି, ପରୀକ୍ଷିତ ବାରିକ୍, ଅଭିମନ୍ୟୁ ମଲ୍ଲିକ, ଶେଖ୍ ହୁମାୟୁନ ଭାଷଣ ଦେଇଥିଲେ। ନୂଆଗାଁ ପଞ୍ଚାୟତର ଶେଖ୍ ରେହେମାନ୍, ଚକ୍ରଧର ସହୁ, ଉଚ୍ଚନ୍ନ ନାଗା, କାହ୍ନା ଡହଳ ପ୍ରଭୃତି କିଛି କର୍ମୀ ବିଜେଡିରେ ମିଶିଥିଲେ। ସଭାପତି ଅତୁଲ୍ୟ ଜେନା ଧନ୍ୟବାଦ ଦେଇଥିଲେ।

## ନେମାଳ ପଦ୍ମବନ ଯାଦବ ମହାସଭାର କୋଷାଧ୍ୟକ୍ଷଙ୍କ ପରଲୋକ



**ନେମାଳ, ୯।୧୧(ସମିସ):** ନେମାଳ ଥାନା ବିଲିପାଳଦା ଗ୍ରାମର ଅବସରପ୍ରାପ୍ତ ସରକାରୀ କର୍ମଚାରୀ ଏବଂ ନେମାଳ ଯାଦବ ମହାସଂଘର କୋଷାଧ୍ୟକ୍ଷ ଦିବାକର ଦାସଙ୍କର ନଗସପୁରସ୍ଥିତ ବାସଭବନରେ ହୃଦ୍‌ଘାତରେ ୭୪ବର୍ଷ ବୟସରେ ପରଲୋକ ହୋଇଯାଇଛି। ସେ ଜଣେ ଧର୍ମପରାୟଣ, ମେଳାପି ତଥା ସଂସ୍କୃତିପ୍ରେମୀ ବ୍ୟକ୍ତି ଥିଲେ। ମହାସଭାର ସଂପାଦକ ପ୍ରସାଦ ଦାସ, ଉପସଭାପତି କାର୍ତ୍ତିକଚନ୍ଦ୍ର ଦାସ, ସଂଗଠକ ରାଧାଶ୍ୟାମ ଦାସ, ସାମ୍ବାଦିକ ଗୋବିନ୍ଦ ଦାସ, ସୁକାନ୍ତ ଦାସ, ବ୍ଲକ୍ କଳାକାର ସଂଘ ସଂପାଦକ କ୍ଷୀରୋଦ ପରିଡା, ସାଲେପୁର ଯାଦବ ସଂଘ ସଭାପତି ଅନନ୍ତ ଗୋପାଳ ଦାସ, ଅଖିଳ ଭାରତୀୟ ଯୁବ ଯାଦବ ସଂଘ ସଭାପତି ପ୍ରଦୀପ ବେହେରା, ମଥୁରାନନ୍ଦ ଦାସ, ବିଷ୍ଣୁଚରଣ ଦାସ, ଯାଦବ ମହାସଂଘର ସଭାପତି ଗୋପୀନାଥ ଦାସ ପ୍ରମୁଖ ଶେଷ ଦର୍ଶନ କରିଥିଲେ। ଜ୍ୟେଷ୍ଠ ପୁତ୍ର ବିଶ୍ୱଜିତ ଦାସ ମୁଖାଗ୍ନି ଦେଇଥିବା ବେଳେ ମୃତ୍ୟୁଶଯ୍ୟା ନିକଟରେ ପରିବାର ଏବଂ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ।

## ବେଗୁନିଆପଦା ଗୋଷ୍ଠୀ ସଂଘର୍ଷ ଘଟଣା: ୪ ଗିରଫ



**ଭଦ୍ରେଶ୍ୱର, ୯।୧୧(ସମିସ):** କଟକ ଜିଲ୍ଲା ଭଦ୍ରେଶ୍ୱର ଥାନା ଗୋପାଳପୁର ପଞ୍ଚାୟତ ବେଗୁନିଆପଦା ଗ୍ରାମର ଭୟାନକ ଗୋଷ୍ଠୀ ସଂଘର୍ଷକୁ ନେଇ ମୁହଁ ଖୋଲିଛନ୍ତି ଜଣେ ଅଭିଯୋଗକାରୀ। ଶୁକ୍ରବାର ଭଦ୍ରେଶ୍ୱର ଥାନା ଗୋପାଳପୁର ପଞ୍ଚାୟତ ବେଗୁନିଆପଦା ଗ୍ରାମରେ ଜମି ଜମାକୁ କେନ୍ଦ୍ରକରି ହୋଇଥିଲା ରକ୍ତାକ୍ତ ସଂଘର୍ଷ। ଘଟଣାସ୍ଥଳରୁ ଜୀବନ ବଞ୍ଚାଇ ପୁଲିସର ଦ୍ୱାରସ୍ଥ ହୋଇଥିଲେ ୪ ଅଭିଯୋଗକାରୀ। ପୁଲିସ ନିକଟରେ କରିଥିଲେ ଦୁଇ ପୃଥକ ପୃଥକ ଅଭିଯୋଗ। ପୁଲିସ ଅଭିଯୋଗକୁ ଗୁରୁତ୍ୱ ଦେଇ ନ ଥିବା ଅଭିଯୋଗ ହୋଇଛି। ତେବେ ଏହି ୪ ଅଭିଯୋଗକାରୀଙ୍କ ମଧ୍ୟରେ ରହିଛନ୍ତି ଆକ୍ରମଣରେ ଗୁରୁତର ହୋଇଥିବା ଅଭିରାମ ଦାସ। ସଠିକ ସମୟରେ ଘଟଣାସ୍ଥଳରେ ପୁଲିସ ପହଞ୍ଚି ନ ଥିବାରୁ ପୁନର୍ବାର ଅଭିରାମ ଓ ତାଙ୍କ ସମ୍ପର୍କୀୟଙ୍କ ଉପରକୁ ଆକ୍ରମଣ ହୋଇଥିବା ସେ ଅଭିଯୋଗ କରିଛନ୍ତି। ଯାହାକୁ ନେଇ ଅଭିରାମଙ୍କ ସମ୍ପର୍କୀୟମାନେ ନିଜ ଜୀବନ ବଞ୍ଚାଇବାକୁ ଯାଇ କରିଥିଲେ ପ୍ରତିଆକ୍ରମଣ। ତେବେ ଏହି ପ୍ରତି ଆକ୍ରମଣରେ ଧିରେନ୍ଦ୍ର ଗୁରୁ ଆହତ ହୋଇ କଟକ ବଡ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲା ବେଳେ ଶୈଳେନ୍ଦ୍ର ଗୁରୁ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ଏହି ଗୋଷ୍ଠୀ ସଙ୍ଘର୍ଷକୁ କେନ୍ଦ୍ର କରି ଥାନାରେ ୨୩ ଜଣଙ୍କ ନାମରେ ୩ଟି ଲିଖିତ ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତି କରି ପୁଲିସ ଘଟଣାରେ ସମ୍ପୃକ୍ତ ମାତ୍ର ୪ ଜଣ ଅଭିଯୁକ୍ତ ରାନୁ ଦାସ, ଦୀପା ପାତ୍ର, ମୁନା ଦାସ ଓ ଚୈତନ୍ୟ ଦାସଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ଜଣାପଡିଛି। ଏଠାରେ ସୂଚନାଥାଉକି ଏହି ଗୋଷ୍ଠୀ ସଙ୍ଘର୍ଷକୁ ନେଇ ଭଦ୍ରେଶ୍ୱର ଥାନା ଅଧିନସ୍ଥ ବେଗୁନିଆପଦା ଗ୍ରାମର ଅଭିରାମ ଦାସ ୩ ଜଣଙ୍କ ନାମରେ ଥାନାରେ ଅଭିଯୋଗ କରିଥିବା ବେଳେ ରାନୁ ଦାସ ୪ ଜଣଙ୍କ ନାମରେ କରିଛନ୍ତି ଲିଖିତ ଅଭିଯୋଗ। ସେହିପରି ଏହି ଘଟଣାରେ ଗୁରୁତର ହୋଇଥିବା ଶୈଳେନ୍ଦ୍ର ଗୁରୁଙ୍କ ପତ୍ନୀ ଅନୁପମା ଦାସଙ୍କ ପକ୍ଷରୁ ଥାନାରେ ଅନୁରୂପ ଭାବେ ୧୬ଜଣଙ୍କ ନାମରେ ଲିଖିତ ଅଭିଯୋଗ କରିଛନ୍ତି।

## କଳାକାରଙ୍କୁ ଆକ୍ରମଣ ଓ ମହିଳାଙ୍କୁ ଅସଦାଚରଣ ଅଭିଯୋଗ



**ସାଲେପୁର, ୯ ।୧୧(ସମିସ):** ଭାଗବତ ମେଳଣରେ ଅନୁଷ୍ଠିତ ହେଉଥିବା ଡ୍ରାମା କଳାକାରମାନଙ୍କୁ ଆକ୍ରମଣ କରି ରକ୍ତାକ୍ତ କରିବା ଓ ଜଣେ ମହିଳାଙ୍କୁ ଦୁର୍ବ୍ୟବହାର କରିବା ନେଇ ଜପକୁଦ ଫାଣ୍ଡିରେ ପୃଥକ୍ ପୃଥକ୍ ୨ଟି ଲିଖିତ ଅଭିଯୋଗ ହୋଇଥିବା ଜଣାଯାଇଛି। ଅଭିଯୋଗରୁ ପ୍ରକାଶ ଯେ ଗତକାଲି ରାତିରେ ସାଲେପୁର ବ୍ଲକ୍ ଅଧୀନ ଜପକୁଦ ଫାଣ୍ଡି ଅନ୍ତର୍ଗତ ଲେଖନପୁର ଗ୍ରାମର ସିଦ୍ଧଲଙ୍ଗୁଳି ମହାପୁରୁଷଙ୍କ ପୀଠରେ ପାରମ୍ପରିକ ଭାଗବତ ମେଳଣ ହେଉଥିଲା। ଏହି ଅବସରରେ ଗ୍ରାମର କଳାକାରଙ୍କ ଦ୍ୱାରା ନାଟକ ମଞ୍ଚସ୍ଥ ହେଉଥିବାବେଳେ କୌଣସି କାରଣ ନ ଥାଇ ହଠାତ୍ ନରଦା ଗ୍ରାମର ଦୀପକ ସ୍ୱାଇଁ, ଚନ୍ଦ୍ରମଣି ବେହେରା, ଆକାଶ ସ୍ୱାଇଁ ଓ ଲେଖନପୁର ଗ୍ରାମର ମହେନ୍ଦ୍ର ସ୍ୱାଇଁ, ବୁଲୁ ପାତ୍ର ସଂଘବଦ୍ଧ ଭାବେ ନାଟକ ହେଉଥିବା ମଞ୍ଚରେ ପହଞ୍ଚି ଡ୍ରେସିଂରୁମ୍ ଭିତରେ ପଶିବା ସହ ପେଣ୍ଡାଲ ଲାଇଟ୍ ଭାଙ୍ଗିବା ସହ ତାର ଛିଣ୍ଡାଇଥିଲେ। ଏହାର ପ୍ରତିବାଦ କରିବାରୁ ଆକ୍ରମଣକାରୀ ଯୁବକମାନେ ସାଙ୍ଗରେ ଆଣିଥିବା ଏକ ଭୁଜାଲି ଦ୍ୱାରା ଲେଖନପୁର ଗ୍ରାମର ରାକେଶ ରଞ୍ଜନ ବେହୁରାଙ୍କ ମୁଣ୍ଡକୁ ହାଣିଦେଇଥିଲେ। ରାକେଶ ତଳେ ପଡିଯିବାରୁ ସ୍ଥାନୀୟ ଲୋକ ତାଙ୍କୁ ଉଦ୍ଧାର କରି ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଏ ସଂପର୍କରେ ରାକେଶ ରଞ୍ଜନ ଜପକୁଦ ଫାଣ୍ଡିରେ ଲିଖିତ ଅଭିଯୋଗ କରିଛନ୍ତି। ଗଣ୍ଡଗୋଳ କାରଣରୁ ଯାତ୍ରା ବନ୍ଦ ହୋଇଯିବାରୁ ଏହି ଯାତ୍ରା ଦେଖିବାକୁ ଆସିଥିବା ଲେଖନପୁର ଗ୍ରାମର ଶକୁନ୍ତଳା ଦାସ, ତାଙ୍କ ସ୍ୱାମୀ ଓ ଛୋଟପୁଅ ସହ ଘରକୁ ଫେରୁଥିବାବେଳେ ଆକ୍ରମଣକାରୀ ଯୁବକମାନେ ତାଙ୍କ ସ୍ୱାମୀକୁ କୌଣସି କାରଣ ନ ଥାଇ ଗାଳିଗୁଲଜ କରିବା ସହ ଆକ୍ରମଣ କରିଥିଲେ। ଶକୁନ୍ତଳା ଏହାର ବିରୋଧ କରିବାରୁ ଆକ୍ରମଣକାରୀମାନେ ତାଙ୍କୁ ଗାଳିଗୁଲଜ କରିବା ସହ ଟଣାଓଟରା କରିବା ନେଇ ଶକୁନ୍ତଳା ଜପକୁଦ ଫାଣ୍ଡିରେ ଲିଖିତ ଅଭିଯୋଗ କରିଛନ୍ତି। ଜପକୁଦ ଫାଣ୍ଡି ପୁଲିସ ୨ଟି ଅଭିଯୋଗକୁ ଗ୍ରହଣ କରି କେସ୍ ନଂ-୫୪୯ ଓ ୫୫୧ରେ ପୃଥକ୍ ପୃଥକ୍ ୨ଟି ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିବା ଫାଣ୍ଡି ଅଧିକାରୀ ଭୀଷ୍ମଚରଣ ପ୍ରଧାନ ପ୍ରକାଶ କରିଛନ୍ତି।



## ଭୁବନେଶ୍ୱର ସିଟି

# ରାଜ୍ୟ ବାହାରର ଅପରାଧୀ; ରାଜଧାନୀରେ ରାଜୁତି

ଭୁବନେଶ୍ୱର, ୯।୧୧ (ସମିସ): ସାରା ଦେଶର ଅପରାଧୀଙ୍କ ନଜର ଏବେ ରାଜଧାନୀ ଉପରେ ପଡ଼ିଛି। ପଡ଼ୋଶୀ ରାଜ୍ୟଗୁଡ଼ିକରୁ ଅପରାଧୀମାନେ ଓଡ଼ିଶା ଆସି ଅପରାଧ ସାମ୍ରାଜ୍ୟକୁ ଅପରେଟ୍ କରୁଛନ୍ତି। ଅନେକ ସମୟରେ ରାଜଧାନୀରେ ଘଟୁଥିବା ହତ୍ୟା, ଚୋରି, ଡକାୟତି, ରାହାଜାନୀ ଭଳି ଘଟଣାରେ ରାଜ୍ୟ ବାହାର ଅଭିଯୁକ୍ତ ଗିରଫ ହେବାପରେ ଏହା ସ୍ପଷ୍ଟ ହୋଇଛି। ଏଥିସହିତ ଦେଶର ଯେ କୌଣସି ସ୍ଥାନରେ ବସି ରାଜଧାନୀରୁ ଲକ୍ଷ ଲକ୍ଷ ଟଙ୍କା ଠକି ନେଉଛନ୍ତି ସାଇବର ଅପରାଧୀ। ସାଇବର ଠକେଇ ଅଭିଯୋଗରେ ରାଜ୍ୟ ବାହାର ଅନେକ ଅଭିଯୁକ୍ତଙ୍କୁ ଗିରଫ କଲାଣି ସାଇବର ଥାନା ପୁଲିସ। ପଶ୍ଚିମବଙ୍ଗ, ରାଜସ୍ଥାନ, ଉତ୍ତରପ୍ରଦେଶ, ଝାଡ଼ଖଣ୍ଡ, ତେଲଙ୍ଗାନା, ବିହାର, ଛତିଶଗଡ଼, କେରଳ, ପଞ୍ଜାବ, ଆନ୍ଧ୍ରପ୍ରଦେଶ, ହିମାଚଳ ପ୍ରଦେଶ, ମହାରାଷ୍ଟ୍ର, ଆସାମ, ମଣିପୁର, ଦିଲ୍ଲୀ ଓ ଜମ୍ମୁ-କଶ୍ମୀର ଭଳି ରାଜ୍ୟର ଅପରାଧୀ ଆସି ରାଜଧାନୀରେ ରାଜୁତି କରୁଛନ୍ତି। ସେପଟେ ରାଜଧାନୀରେ ଘଟୁଥିବା ବିଭିନ୍ନ ଅପରାଧରେ ବାଂଲାଦେଶ, ନେପାଳ ଓ ନାଇଜେରିଆନ୍ ନାଗରିକଙ୍କ ସମ୍ପୃକ୍ତି ମିଳିଛି। ଦିନକୁ ଦିନ ସ୍ଥିତି ବିଗିଡ଼ିବା ସହ ଆନ୍ତଃରାଜ୍ୟ ଅପରାଧୀଙ୍କ ସଂଖ୍ୟା ମଧ୍ୟ ବଢ଼ିଚାଲିଛି। ରାଜ୍ୟ ରାଜ୍ୟ ଭିତରେ ସମନ୍ୱୟ ଅଭାବ ଯୋଗୁଁ ରାଜଧାନୀରେ ରାଜ୍ୟ ବାହାର ଅପରାଧୀଙ୍କ ସଂଖ୍ୟା କ୍ରମଶଃ ବଢ଼ିବାରେ ଲାଗିଛି।

- ସାଇବର ଠକେଇରେ ଏକାଧିକ ରାଜ୍ୟର ଅଭିଯୁକ୍ତ
- ଏଟିଏମ୍ ଲୁଟ୍‌ରେ ତେଲଙ୍ଗାନା, କେରଳୀ, ପଞ୍ଜାବୀ ଓ ବାଲାଂଦେଶୀ
- କାର୍ କାଚ ଭଙ୍ଗା ପଛରେ 'ତ୍ରିଚି' ଗ୍ୟାଙ୍ଗ୍
- ରାଜ୍ୟ-ରାଜ୍ୟ ମଧ୍ୟରେ ରହୁନି ସମନ୍ୱୟ

ସୂଚନାନୁସାରେ, ରାଜଧାନୀରେ ହେଉଥିବା ଚୋରି ଓ ଲୁଟ୍ ପଛରେ ବଙ୍ଗାଳୀ, ରାଜସ୍ଥାନୀ, ମହାରାଷ୍ଟ୍ର, ଉତ୍ତରପ୍ରଦେଶର ଚୋରମାନଙ୍କ ସମ୍ପୃକ୍ତି ଅନେକଥର ସାମ୍ନାକୁ ଆସିଛି। ଏଟିଏମ୍ ତାଡ଼ି ଲୁଟିବା ସହ ଏଟିଏମ୍‌କୁ ଅତ୍ୟାଧୁନିକ ଜ୍ଞାନକୌଶଳରେ ଭାଙ୍ଗି ବାଂଲାଦେଶୀ ଅପରାଧୀ ଗିରଫ ହୋଇଛନ୍ତି। ପୂର୍ବରୁ ତାମିଲନାଡ଼ୁର 'ତ୍ରିଚି' ଗ୍ୟାଙ୍ଗ ସହରରେ ଏବେ କାର୍ କାଚ ଭାଙ୍ଗି ଦାମୀ ଜିନିଷ ଲୁଟ୍‌ପାଟ୍ କରିଛନ୍ତି। ପାର୍କିଂସ୍ଥଳ ହେଉ କି ଜନଗହଳିପୂର୍ଣ୍ଣ ସ୍ଥାନରେ ପାର୍କିଂ କରାଯାଇଥିବା କାର୍ କାଚ ଭାଙ୍ଗି ଲୁଟ୍ କରିବାର ନଜିର ରହିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ରାଜଧାନୀରେ ଅପରାଧ ଘଟାଉଥିବା ଅଣଓଡ଼ିଆ ଅପରାଧୀମାନେ ନିଜ ରାଜ୍ୟ ପୁଲିସର ୱାଣ୍ଟେଡ୍ ତାଲିକାରେ ରହିଛନ୍ତି। ସୁନାଚେନ୍ ଝାମ୍ପିନେବା ବେଳେ ମହିଳାଙ୍କ ମୃତ୍ୟୁ ଘଟଣାରେ ଝାଡ଼ଖଣ୍ଡରୁ ରାଜୁ ନାଇଡୁକୁ ଗିରଫ କରିଥିଲା କମିସନରେଟ ପୁଲିସ। ରାଜୁ ଓ ତା'ର ସହଯୋଗୀ ଝାଡ଼ଖଣ୍ଡରେ ଅପରାଧ ଘଟାଉଥିବାବେଳେ ସେମାନଙ୍କୁ ଏନ୍‌କାଉଣ୍ଟର କରାଯାଇଥିଲା। ଏମିତିକି ରାଜୁର ସହଯୋଗୀ ମୋଷ୍ଟୱାଣ୍ଟେଡ୍ ଥିବାବେଳେ ତାକୁ ପଳାତକ ଘୋଷଣା କରାଯାଇଥିବା ଜଣାପଡ଼ିଥିଲା। କେବଳ ଏଇ ଗୋଟିଏ ଘଟଣା ନୁହଁ, ପୂର୍ବରୁ ଅନ୍ୟ ରାଜ୍ୟରେ ପଳାତକ ଘୋଷଣା ହୋଇଥିବା ଅପରାଧୀ ନାମ ଓ ଠିକଣା ପରିବର୍ତ୍ତନ କରି ଭୁବନେଶ୍ୱରରେ ଆତ୍ମଗୋପନ କରିଥିବାର ପ୍ରମାଣ ମଧ୍ୟ ମିଳିଛି। ହେଲେ ରାଜ୍ୟ ଓ ରାଜ୍ୟ ମଧ୍ୟରେ ସମନ୍ୱୟ ଅଭାବରୁ ଅନ୍ୟ ରାଜ୍ୟର ଅପରାଧୀମାନେ ଅତି ସହଜରେ ରାଜଧାନୀରେ ରହି ଅପରାଧ ଘଟାଉଛନ୍ତି।



### ସାଇବର ଅପରାଧୀଙ୍କ ହଟ୍‌ସ୍ପଟ୍

ସାଇବର ଅପରାଧରେ ରାଜସ୍ଥାନର ଭରତପୁର, ଆଲିୱାର, ଉତ୍ତରପ୍ରଦେଶର ମଥୁରା, ହରିୟାଣାର, ଝାଡ଼ଖଣ୍ଡ, ଦିଲ୍ଲୀ ଓ ଗୁଜୁରାଟ ଆଦି ରାଜ୍ୟର ଅପରାଧୀଙ୍କ ସମ୍ପୃକ୍ତି ରହିଛି। କମିସନରେଟ ପୁଲିସ ସାଇବର ଠକେଇ ମାମଲାରେ ଉପରୋକ୍ତ ରାଜ୍ୟରୁ ଅନେକ ଅଭିଯୁକ୍ତଙ୍କୁ ଗିରଫ କରିବା ପରେ ଏଭଳି କଥା ପଦାକୁ ଆସିଛି। ଗାଁ ଯୁବପି?ଠାରୁ ମହିଳା ଜଙ୍ଗଲ ଓ ପର୍ବତ ଭଳି ନିକାଞ୍ଚନ ଅଞ୍ଚଳରେ ମୋବାଇଲ୍ ବୁଥ୍ ସେଣ୍ଟର ଖୋଲି ପୂରା ନେଟ୍‌ୱର୍କ ଚଳାଇଛନ୍ତି। ଦୁର୍ଗମ ଜଙ୍ଗଲରେ ରହି ସାରା ଦେଶରେ ଲୁଟ୍ କରୁଛନ୍ତି। ସାଇବର ଠକେଇ ମାମଲାରେ ନାଇଜେରିଆନ୍ ନାଗରିକ ବି ଗିରଫ ହୋଇଛନ୍ତି।

### 'ବାୱରିଆ', 'ଫୌଜୀ' ଓ 'ଏରୋଗଲା'

ଉତ୍ତର ଭାରତରେ ଏକ ଜନଜାତି ବାୱରିଆମାନେ ପାରମ୍ପରିକ ଭାବରେ ଶିକାର କରି ଚଳନ୍ତି। ୧୯୯୫ରୁ ୨୦୦୬ ଯାଏଁ ତାମିଲନାଡୁରେ ହତ୍ୟା, ଦୁଷ୍କର୍ମ, ଚୋରି, ଡକାୟତି କରୁଥିଲେ। ତାମିଲନାଡୁର ବାୱରିଆ ସମ୍ପ୍ରଦାୟର କୁଖ୍ୟାତ ଟ୍ରକ୍ ଚାଳକ ଭାବେ ବିଭିନ୍ନ ରାଜ୍ୟକୁ ଯାଇ ସେଠାରେ ଅପରାଧ ଘଟାନ୍ତି। ସେହିପରି ଜଣେ ଯବାନ ଗଢ଼ିଥିବା ଫୌଜୀ ନାମରେ ଗ୍ୟାଙ୍ଗ୍ ବି ସମାନ ଭାବେ ଅପରାଧ ଘଟାଇଥାନ୍ତି। ସେହିପରି ଆନ୍ଧ୍ରପ୍ରଦେଶର ଏରୋଗଲା ଗ୍ୟାଙ୍ଗ୍ ମଧ୍ୟ ରାଜଧାନୀରେ ବେଶ୍ ସକ୍ରିୟ। ଗାଡ଼ିରୁ ମୋବିଲ୍ ବାହାରୁଛି କହିବା ପରେ କାର୍ ଚାଳକ ଗାଡ଼ିରୁ ଓହ୍ଲାଇ ଦେଖିବା ସମୟରେ ସେମାନେ କାର୍‌ରେ ଥିବା ଦାମୀ ଜିନିଷ ଲୁଟି ନିଅନ୍ତି।

### କାର୍ କାଚ ଭାଙ୍ଗି ଲୁଟ୍ ପଛରେ 'ତ୍ରିଚି' ଗ୍ୟାଙ୍ଗ

ରାଜଧାନୀରେ ତାମିଲନାଡ଼ୁର ତ୍ରିଚି ଗ୍ୟାଙ୍ଗ ସଦସ୍ୟ ମଧ୍ୟ ବେଶ୍ ସକ୍ରିୟ। ପୂର୍ବରୁ ମଧ୍ୟ ସେମାନେ ଅନେକ ଲୁଟ୍ କରିଛନ୍ତି। କୌଣସି ଲୁଟ୍ କରିବା ସମୟରେ ୪ ବା ଅଧିକ ସଦସ୍ୟ ଯାଇଥାନ୍ତି। ସହର ସାରା ଚାଲି ଚାଲି ବୁଲି ପାର୍କିଂ ହୋଇଥିବା କାରକୁ ଠାବ କରନ୍ତି। ପ୍ରଥମେ ଜଣେ କାର ନିକଟକୁ ଯାଇ କେଉଁ ପଟକୁ ଭ୍ୟାନିଟ୍, ବ୍ୟାଗ୍ କିମ୍ବା ଅନ୍ୟ କୌଣସି ଜିନିଷ ରଖାଯାଇଛି ସେନେଇ ସୂଚନା ଦେଇ ଆଗକୁ ପଳାଇଯାଏ। ଦ୍ୱିତୀୟ ଜଣକ ସାଇକଲ ବେରିଂ ବଲ୍ (ଆଇରନ୍ ବଲ) ଓ ହାତ ତିଆରି ଫିତାରେ କାଚକୁ ଭାଙ୍ଗି ଚାଲିଯାଏ। ଏହାପରେ ତୃତୀୟ ଜଣକ କାର ପାଖ ଦେଇ ଯିବାବେଳେ କହୁଣି ଓ ଛିଟିକିଣି ମାରି କାଚକୁ ଭଲ ଭାବରେ ଭାଙ୍ଗି ଦେଉଥିଲା। ଚତୁର୍ଥ ଜଣକ କାରରେ ଥିବା ସବୁ ମୂଲ୍ୟବାନ ଜିନିଷ ଲୁଟି ନେଉଥିଲା। ଏହାପରେ ୪ ଅଭିଯୁକ୍ତ ମିଶି ଘଟଣାସ୍ଥଳରୁ ଫେରାର ହୋଇଯାଆନ୍ତି।

**● ପୁଣି ରାଜଧାନୀ ଅଶାନ୍ତ**

## ଯୁବକଙ୍କୁ ଗୋଡ଼ାଇ ଗୋଡ଼ାଇ ହାଣିଲେ

ଭୁବନେଶ୍ୱର, ୯।୧୧(ସମିସ): ରାଜଧାନୀରେ ପୁଣି ବୁଲିଲା ଖଣ୍ଡା। ରାତି ପ୍ରାୟ ୯ଟା ସମୟରେ ଦୁର୍ବୃତ୍ତମାନେ ଜଣେ ଯୁବକଙ୍କୁ ଗୋଡ଼ାଇ ଗୋଡ଼ାଇ ହାଣିଛନ୍ତି। ଲକ୍ଷ୍ମୀସାଗର ଥାନା ବୁଦ୍ଧନଗର ବସ୍ତି ଅଞ୍ଚଳରେ ଘଟିଛି ଏଭଳି କାଣ୍ଡ। ଜଣେ ଯୁବକଙ୍କୁ ଆକ୍ରମଣ କରି ଦୁର୍ବୃତ୍ତମାନେ ରକ୍ତାକ୍ତ କରିଦେଇଛନ୍ତି। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଏଭଳି ଆକ୍ରମଣ କରାଯାଇଥିବା ଅନୁମାନ କରାଯାଉଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି। ଦୁର୍ବୃତଙ୍କ ଖଣ୍ଡା ଚୋଟରେ ବୁଦ୍ଧନଗର ବସ୍ତିର ଅଜୁ ନାମକ ଯୁବକ ଗୁରୁତର ଆହତ ହୋଇଛନ୍ତି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁସାରେ, ରବିବାର ସନ୍ଧ୍ୟାରେ ଅଜୁ ନିଜ ଘର ପାଖରେ ବସିଥିଲା। ଏହି ସମୟରେ ୪/୫ଜଣ ଯୁବକ ହାତରେ ଖଣ୍ଡା-ଭୁଜାଲି ଧରି ସେଠାରେ ପହଞ୍ଚିଥିଲେ। ସେ କିଛି ବୁଝିବା ଆଗରୁ ତାଙ୍କୁ ଘର ପାଖରୁ ଉଠାଇ ନେଇଥିଲେ। କିଛି ଦୂରରେ ତାଙ୍କୁ ଖଣ୍ଡା-ଭୁଜାଲିରେ ଅତର୍କିତ ଆକ୍ରମଣ କରିଥିଲେ। ଚିତ୍କାର ଶୁଣି ଆଖପାଖ ଲୋକେ ଦୌଡ଼ି ଆସିବାରୁ ଦୁର୍ବୃତମାନେ ଫେରାର ହୋଇଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ହସ୍‌ପିଟାଲରେ ଭର୍ତ୍ତି କରିଥିଲେ। ଖବରପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ତେବେ ପୂର୍ବ ବିବାଦକୁ ନେଇ ଫାଳିକିଆ ବସ୍ତିର କିଛି ଯୁବକ ଏଭଳି କାଣ୍ଡ ଘଟାଇଥିବା ପୁଲିସ ସନ୍ଦେହ କରୁଛି। ଏ ସମ୍ପର୍କରେ ଥାନା ଅଧିକାରୀ ପି. ଶ୍ୟାମା ସୁନ୍ଦର ରାଓ କହିଛନ୍ତି ସେଭଳି କୌଣସି ଆସି ନାହିଁ।

# ପୁଣି ବନ୍ଧା ହେଲା କୁଖ୍ୟାତ ଚୋର ବିଶ୍ୱଜିତ



- ନିକଟରେ ଜେଲରୁ ବାହାରିଥିଲା
- ପୂର୍ବରୁ ୪ ମାମଲାରେ ହୋଇଛି ଦୋଷୀ ସାବ୍ୟସ୍ତ

ଭୁବନେଶ୍ୱର, ୯।୧୧(ସମିସ): ଚୋରି କରିଥିବା ଅଭିଯୋଗରେ କୁଖ୍ୟାତ ଚୋର ବିଶ୍ୱଜିତ ପୁଣି ଗିରଫ କରିଛି ଖଣ୍ଡଗିରି ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ବାଙ୍କୀ ବ୍ରହ୍ମପୁରାର ବିଶ୍ୱଜିତ ବେହେରା ଓରଫ୍ ବାପୁ (୩୨)। ପୁଲିସ ସୂଚନା ଅନୁସାରେ, ବିଶ୍ୱଜିତ ଗତମାସ ୧୦ ତାରିଖରେ ଗଣ୍ଡମୁଣ୍ଡା ଗଣେଶ ନଗରର ଦୀପ୍ତି ରଞ୍ଜନ ଜେନାଙ୍କ ଘର ତାଲା ଭାଙ୍ଗି ସୁନା ଅଳଙ୍କାର, ରୁପା ପାଦଚଲା, ପିତ୍ତଳ ବାସନକୁସନ ଓ ବାଥରୁମ୍ ଫିଟିଂ ଚୋରି କରି ନେଇଥିଲା। ଶ୍ରୀ ଜେନା ଏ ନେଇ ଖଣ୍ଡଗିରି ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ସିସିଟିଭି ଫୁଟେଜରୁ ବାଇକ୍ ନମ୍ବର ମିଳିବା ପରେ ଗାଡ଼ିଟି ବିଶ୍ୱଜିତ ବାପାଙ୍କ ନାମରେ ଥିବା ଜଣାପଡ଼ିଥିଲା। ଆଜି ରେହମତନଗର କବାଡ଼ିଆ ବସ୍ତିରୁ ଚୋରି ସାମଗ୍ରୀ ସହିତ ବିଶ୍ୱଜିତକୁ ଗିରଫ କରିଥିଲା ପୁଲିସ। ସେ ଜେଲରୁ ମୁକୁଳିବା ପରେ ଗଣ୍ଡମୁଣ୍ଡା ଓ ଗଣେଶ ନଗର ଅଞ୍ଚଳରେ ୪ଟି ସ୍ଥାନରୁ ଚୋରି କରିଥିବା ସ୍ୱୀକାର କରିଥିଲା। ବିଶ୍ୱଜିତ ଅଭ୍ୟାସଗତ ଅପରାଧୀ ହୋଇଥିବା ବେଳେ ତା' ନାମରେ ରାଜଧାନୀର ବିଭିନ୍ନ ଥାନାରେ ୨୦ ଟି ଚୋରି ମାମଲା ରହିଛି। ନୂଆପଲ୍ଲୀ ଓ ଖଣ୍ଡଗିରି ଥାନାର ୪ଟି ମାମଲାରେ ସେ ଦୋଷୀ ସାବ୍ୟସ୍ତ ମଧ୍ୟ ହୋଇଛି।

## 'ଆମ ବସ୍' ଓ 'ଆମ ଇ-ରାଇଡ୍'କୁ ସ୍ୱତନ୍ତ୍ର ପୁରସ୍କାର

ଭୁବନେଶ୍ୱର, ୯।୧୧(ସମିସ): ନିରନ୍ତର ସହରାଞ୍ଚଳ ଗତିଶୀଳତା ପାଇଁ ଅଭିନବ ଆଭିମୁଖ୍ୟ ଅବଲମ୍ବନ କରି ଓଡ଼ିଶା ଜାତୀୟ ମାନ୍ୟତା ହାସଲ କରିଛି। ରାଜଧାନୀ କ୍ଷେତ୍ର ସହରାଞ୍ଚଳ ପରିବହନ କ୍ଲଟ୍(ସିଆରୟୁଟି) ଭୁବନେଶ୍ୱରକୁ ଏହାର ଫ୍ଲାଗସିପ୍ ପଦକ୍ଷେପ 'ସର୍ବୋତ୍ତମ ସହରାଞ୍ଚଳ ପରିବହନ ପ୍ରକଳ୍ପ କାର୍ଯ୍ୟକାରୀ କରିଥିବା ରାଜ୍ୟ/ୟୁଟି ପାଇଁ ରନିଂ କପିଂ' ବର୍ଗରେ 'ଆମ୍ ବସ ଏବଂ ଆମ୍ ଇ-ରାଇଡ୍' ପାଇଁ 'ସହରାଞ୍ଚଳ ପରିବହନରେ ସ୍ୱତନ୍ତ୍ର ପୁରସ୍କାର' ପ୍ରଦାନ କରାଯାଇଛି। ରବିବାର ଗୁରୁଗ୍ରାମରେ ଅନୁଷ୍ଠିତ ଅର୍ବାନ ମୋବିଲିଟି ଇଣ୍ଡିଆ ୟୁଏମଆଇ ସମ୍ମିଳନୀର ଉଦଯାପନୀ ଅଧିବେଶନରେ ଆବାସ ଓ ସହରାଞ୍ଚଳ ବ୍ୟାପାର ମନ୍ତ୍ରୀ ଦ୍ୱାରା ଏହି ପୁରସ୍କାର ପ୍ରଦାନ କରିଥିଲେ। ଗୃହନିର୍ମାଣ ଓ ନଗରଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ରାଜଧାନୀ ଅଞ୍ଚଳ ସହରାଞ୍ଚଳ ପରିବହନ କ୍ଲଟର ବରିଷ୍ଠ ଅଧିକାରୀମାନଙ୍କ ସହିତ ପୁରସ୍କାର ଗ୍ରହଣ କରିଛନ୍ତି।

## ହୋଟେଲରୁ ଚୋରି କରି ୩ ଗିରଫ

ଝାଁଳା, ୯।୧୧(ସମିସ): ଚୋରି କରିଥିବା ଅଭିଯୋଗରେ ଆଜି ଇନ୍‌ଫୋଭ୍ୟାଲି ଥାନା ପୁଲିସ ଏକ ରେଷ୍ଟୁରାଣ୍ଟର ପୂର୍ବତନ କର୍ମଚାରୀ ସମେତ ୩ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ମାନେ ହେଲେ ମୟୁରଭଞ୍ଜ ଜିଲ୍ଲା ଝାରପୋଖରୀଆ ଥାନା ଶାଙ୍କୁଚ ଗ୍ରାମର ସୃଜଲ ସେଠୀ, ବିହାର କିଷନଗଞ୍ଜ ଅଞ୍ଚଳର ଦିପେଶ କୁମାର ସିଂ ଓ ଚୋରି ସାମଗ୍ରୀ କିଣିଥିବା ପୁରୀ ଜିଲ୍ଲା ପିପିଲି ଅଞ୍ଚଳର ବିଶ୍ୱଜିତ ଭଞ୍ଜ। ଅଭିଯୁକ୍ତ ମାନଙ୍କ ନିକଟରୁ ଚୋରି ସାମଗ୍ରୀ ଜବତ କରିବା ସହ ଆଜି ଅଦାଲତ ଚାଲାଣ କରିଛି ପୁଲିସ।

ମିଳିଥିବା ସୂଚନା ଅନୁସାରେ ଝାଁଳା ନିକଟରେ ହାଇୱେ ଜାଇକା ନାମକ ଏକ ରେଷ୍ଟୁରାଣ୍ଟ ଅଛି। ଉକ୍ତ ରେଷ୍ଟୁରାଣ୍ଟରେ ସୃଜଲ କର୍ମଚାରୀ ଭାବେ କାମ କରୁଥିଲେ। କିନ୍ତୁ ଗତ କିଛି ଦିନ ପୂର୍ବରୁ ତାଙ୍କୁ କୌଣସି କାରଣରୁ କାମରୁ ବାହାର କରାଯାଇଥିଲା। ଗତ କାଲି ଭୋରୁ ସୃଜଲ ତାର ବିହାରି ସହଯୋଗୀ ଦିପେଶ ସହ ଆସି ଉକ୍ତ ରେଷ୍ଟୁରାଣ୍ଟର ସିସିଟିଭି ଓ ଚେୟାର ଟେବୁଲ ଭାଙ୍ଗିବା ସହ ଦୁଇଟି ଗ୍ୟାସ ସିଲିଣ୍ଡର, ଲାଇଟ ଓ ଅନ୍ୟାନ୍ୟ ସାମଗ୍ରୀ ଚୋରି କରିଥିଲେ। ଚୋରି କରିବା ପରେ ଏହି ସାମଗ୍ରୀ ସବୁ ପିପିଲି ଅଞ୍ଚଳରେ ବିକ୍ରି କରିଦେଇଥିଲେ। ଏନେଇ ହୋଟେଲ ମାଲିକ ନିରୁପମା ସ୍ୱାଇଁ ଇନ୍‌ଫୋଭ୍ୟାଲି ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ପୁଲିସ ଘଟଣାର ତଦନ୍ତ କରି ଆଜି ଦୁଇ ଚୋରଙ୍କ ସହ ଚୋରି ସାମଗ୍ରୀ କିଣିଥିବା ମୋଟ ୩ ଜଣଙ୍କୁ ଗିରଫ କରି ଅଦାଲତ ଚାଲାଣ କରିଛି। ସେମାନଙ୍କ ନିକଟରୁ ଚୋରି ସାମଗ୍ରୀ ଜବତ କରିଛି।

# ଜିମ୍‌ରେ ବେଧଡ଼କ ଷ୍ଟେରଏଡ୍ କାରବାର

- ଜିମ୍ ପାଲଟିଛି ବଜାର, ଟ୍ରେନର୍ ସାଜିଛନ୍ତି ଡାକ୍ତର
- ସପ୍ଲିମେଣ୍ଟାରୀ ସପ୍‌ରେ ମିଳୁଛି ଔଷଧ, ଇଞ୍ଜେକ୍‌ସନ
- ଔଷଧ ଦୋକାନ ଖୋଜୁଛନ୍ତି ଡ୍ରଗ୍ସ କଣ୍ଟ୍ରୋଲର

ଭୁବନେଶ୍ୱର, ୯।୧୧(ସମିସ): ରାଜଧାନୀର ଅଧିକାଂଶ ଜିମ୍ ପାଲଟିଛି ସ୍ୱାସ୍ଥ୍ୟ ହାନିକାରକ ଷ୍ଟେରଏଡ୍ ଟାବଲେଟ୍ ଓ ଇଞ୍ଜେକ୍‌ସନ୍ କାରବାରର ବଡ଼ ବଜାର। ଔଷଧ ବ୍ୟବସାୟୀମାନେ ଜିମ୍ ଯାଉଥିବା ଯୁବପିଢ଼ିଙ୍କୁ ବିଭିନ୍ନ ମାଧ୍ୟମରେ ଟାର୍ଗେଟ କରି ଏହି ଔଷଧ ବିକ୍ରି କରୁଛନ୍ତି। ଷ୍ଟେରଏଡ୍‌ଯୁକ୍ତ ଇଞ୍ଜେକ୍‌ସନ୍‌ର ବହୁ ସାଇଡ୍ ଇଫେକ୍ଟ ଥିବା ଜାଣି ମଧ୍ୟ ଜିମ୍ ଟ୍ରେନରମାନେ ଏଗୁଡ଼ିକୁ ନେବା ପାଇଁ ଲୋକଙ୍କୁ ପରାମର୍ଶ ଦେଉଛନ୍ତି। ଅନ୍ୟପକ୍ଷରେ ଔଷଧ ଏବଂ ଇଞ୍ଜେକ୍‌ସନ୍‌ରେ ଲାଭ ବହୁଅଧିକ। ସାଧାରଣ ଔଷଧ ଦୋକାନରେ ଉପଲବ୍ଧ ରହୁ ନଥିବାରୁ ଏହାର ଡିମାଣ୍ଡ କାହିଁରେ କ'ଣ। ଏଣୁ ବିନା ଡାକ୍ତରୀ ପରାମର୍ଶରେ ବେଆଇନ୍ ଭାବେ ଏହି ଔଷଧଗୁଡ଼ିକୁ ବିକ୍ରି କରିବାକୁ ଜିମ୍‌ରେ ଏକ ରାକେଟ୍ ଅପରେଟ୍ କରୁଛି। ରାଜଧାନୀରେ ଏହି କାରବାର ବେଧଡ଼କ ଭାବେ ଚାଲୁଥିଲା ବେଳେ ଡ୍ରଗ୍ସ କଣ୍ଟ୍ରୋଲର କିମ୍ବା ପୁଲିସ ସମାନ୍ୟତମ ଟେର୍ ପାଇ ପାରୁ ନାହାନ୍ତି। ଡ୍ରଗ୍ କଣ୍ଟ୍ରୋଲରର ଛାପା, ଚଢ଼ଉ ଆଉ ନାଲିଆଖି କେବଳ ଔଷଧ ଦୋକାନ ପାଖରେ ସୀମିତ ରହିଯାଉଛି।

ବେଆଇନ୍ ଔଷଧ ବିକ୍ରିର ଏହି ରାକେଟ୍‌ରେ ଜିମ୍ ମାଲିକ, ଟ୍ରେନର୍, ସପ୍ଲିମେଣ୍ଟାରୀ ସପ୍ ମାଲିକ୍‌ଙ୍କ ଦ୍ୱାରା ନିୟୋଜିତ ହେଉଥିବା ଏଜେଣ୍ଟ ସାମିଲ ରହିଛନ୍ତି। ପ୍ରତ୍ୟେକଙ୍କର କିଛି କାମ ରହିଛି। ଔଷଧ କିମ୍ବା ଓଞ୍ଜେକ୍‌ସନ ବିକ୍ରିର ଲାଭାଂଶରୁ ସମସ୍ତେ କିଛି କିଛି କଟ୍ ନେଉଛନ୍ତି। ଜିମ୍ ମାଲିକ ଏହି କାରବାର ଜାରି ରଖିବାକୁ ସମ୍ପୂର୍ଣ୍ଣ ପ୍ରଶ୍ରୟ ଏବଂ ସହଯୋଗ କରୁଛି। ଜିମ୍ ଯାଉଥିବା ଲୋକଙ୍କ ପାଖରେ ଜିମ୍ ଟ୍ରେନର୍ ଡାକ୍ତର ଭାବେ ଉଭା ହୋଇ ଏହି ଇଞ୍ଜେକ୍‌ସନ୍ ଗୁଡ଼ିକୁ ନେବା ପାଇଁ ପରାମର୍ଶ ଦେଉଛନ୍ତି। ଆବଶ୍ୟକ ପଡ଼ିଲେ ନିଜେ ଏସବୁ ଯୋଗାଡ଼ କରି ଦେଉଛନ୍ତି ଏବଂ ସିରିଞ୍ଜ୍ ଇଞ୍ଜେକ୍‌ସନ୍ ଲୋଡ୍ କରି ଦେହରେ ଫୁଟାଇ ଦେଉଛନ୍ତି। ଇଞ୍ଜେକସନ୍‌କୁ ବିକ୍ରି କରୁଥିବା ସପ୍ଲିମେଣ୍ଟାରୀ ସପ୍‌ର ମାଲିକଙ୍କ କିମ୍ବା ଏହାର ଏଜେଣ୍ଟମାନେ ଯୁବ ପିଢ଼ିଙ୍କୁ ରାତାରାତି ବଡିବିଲଡର ହେବା ସ୍ୱପ୍ନ ଦେଖାଇବାରେ ଲାଗିପଡ଼ିଛନ୍ତି। ଫଳରେ ସେମାନଙ୍କୁ ବିପଦ ମୁହଁକୁ ଠେଲି ଦେଉଛନ୍ତି। ପରିବାର ଲୋକେ ଏଥିପାଇଁ ଚିନ୍ତାରେ ରହୁଥିଲା ବେଳେ ବେଆଇନ୍ ଔଷଧ ବିକ୍ରି କରି ରାକେଟ୍‌ର ସଦସ୍ୟମାନେ ମାଲାମାଲ୍ ହେଉଛନ୍ତି।

ଏହି ଇଞ୍ଜେକ୍‌ସନ୍ ଗୁଡ଼ିକ ମଧ୍ୟରେ ରହିଛି ଟ୍ରେନ୍ ଇ-୨୫୦, ହେଲ୍‌ଫାୟର୍, ଡୋପ୍ ଆର୍‌ଏକ୍ସ, ହ୍ୟୁମାଟ୍ରୋପି ପ୍ରଭୃତି। ବିନା ଡାକ୍ତରୀ ପ୍ରେସ୍କ୍ରିପ୍‌ସନ୍‌ରେ ଏଗୁଡ଼ିକ ଆଦୌ ବିକ୍ରି ହେବା କଥା ନୁହେଁ। ଏଗୁଡ଼ିକ ମଧ୍ୟରୁ ଅଧିକାଂଶ ବେଆଇନ୍ ହୋଇଥିବାରୁ ସାଧାରଣ ଔଷଧ ଦୋକାନରେ ବିକ୍ରି କରାଯାଏ ନାହିଁ। କୌଣସି ଡାକ୍ତର ମଧ୍ୟ ଏହାକୁ ସହଜରେ ପ୍ରେସ୍କ୍ରିପ୍‌ସନ କରନ୍ତି ନାହିଁ। ଏହା ବ୍ୟତୀତ ଇଞ୍ଜେକ୍‌ସନ୍‌ର ସାଇଡ୍ ଇଫେକ୍ଟ ଥିବାରୁ ଯୁବପିଢ଼ି ଅନେକ ସମୟରେ ମାନସିକ ରୋଗୀ ପାଲଟିଯାଉଛନ୍ତି। ଅଧିକାଂଶ ସମୟରେ ଚିଡ଼ିଚିଡ଼ା ହେଉଛନ୍ତି। ସେମାନଙ୍କ ପ୍ରଜନନ କ୍ଷମତା କମିଯାଉଛି। ଏହା ସହ ଅଧିକ ଡୋଜ୍ ସେବନ କରିବା ଦ୍ୱାରା ପିଲାମାନେ କୋମାକୁ ଚାଲିଯାଉଛନ୍ତି। ଏକାଧିକ ରୋଗରେ ପଡୁଛନ୍ତି। ଏପରିକି କିଛି ଔଷଧ ଏବଂ ଇଞ୍ଜେକ୍‌ସନ୍ ପଶୁଙ୍କ ବ୍ୟବହାର ପାଇଁ ଉଦ୍ଦିଷ୍ଟ। ମନୁଷ୍ୟ ବ୍ୟବହାର ପାଇଁ ଏପର୍ଯ୍ୟନ୍ତ ଅନୁମତି ମିଳି ନ ଥିଲେ ମଧ୍ୟ ଟଙ୍କା କମାଇବା ଆଶାରେ ଜିମ୍ ଟ୍ରେନର୍‌ମାନେ ଏହାକୁ ବ୍ୟବହାର କରିବା ପାଇଁ ପରାମର୍ଶ ଦେଉଛନ୍ତି। ଅଧିକାଂଶ ଇଞ୍ଜେକ୍‌ସନରେ ନିଶା ମିଶା ଯାଉଥିବାରୁ କିଛି ଲୋକେ ଏଥିପ୍ରତି ଆଡିକ୍‌ଟେଡ୍ ହୋଇଯାଉଛନ୍ତି।



ପ୍ରତ୍ୟେକ ଇଞ୍ଜେକ୍‌ସନ୍ ଦାମ୍ ୩ହଜାରରୁ ୧୦ହଜାର ଟଙ୍କା ମଧ୍ୟରେ ମିଳୁଛି। ଲକ୍ଷ୍ମୀସାଗର, ସହିଦନଗର, ପଟିଆ, ବାପୁଜୀନଗର, ଖାରବେଳନଗର, ପଳାଶୁଣି ପ୍ରଭୃତି ଅଞ୍ଚଳରେ ଏହି ଦୋକାନଗୁଡ଼ିକ ଛତୁ ଫୁଟିଲା ଭଳି ଖୋଲିଛି। ଏହା ବ୍ୟତୀତ ଜିମ୍ ଟ୍ରେନର୍‌ମାନେ ନିଜ ପାଖରେ ରଖି ଚୋରାରେ ବେପାର କରୁଛନ୍ତି। କିଛି ଜିମ୍‌ରେ ମଧ୍ୟ ଏହି ଔଷଧ ଅତି ସହଜରେ ମିଳିଯାଉଛି। ରାଜଧାନୀରେ ବେଆଇନ୍ ଷ୍ଟେରଏଡ୍ ଔଷଧ ଏବଂ ଇଞ୍ଜେକ୍‌ସନ୍ ଏହି କାରବାର ୫୦କୋଟିରୁ ଊର୍ଦ୍ଧ୍ୱ ଜଣେ ଜିମ୍ ମାଲିକ ତାଙ୍କ ନାମ ଗୋପନ କରିବା ରଖିବା ସର୍ତ୍ତରେ କହିଛନ୍ତି। ତେବେ ଏତେବଡ଼ ରାକେଟ୍ ଉପରେ କ'ଣ ପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ନା ଜାଣିଶୁଣି ପ୍ରୋତ୍ସାହନ ଦିଆଯାଉଛି ବୋଲି ବୁଦ୍ଧିଜୀବୀମାନେ ପ୍ରଶ୍ନ କରିଛନ୍ତି।

### ଟପ୍ ସିକ୍ରେଟ୍‌ରେ ବ୍ୟବସାୟ

ଏହି ବ୍ୟବସାୟକୁ ଟପ୍ ସିକ୍ରେଟ୍ ରଖାଯାଉଛି। ଧରାପଡ଼ିବା ଭୟରେ ସପ୍ଲିମେଣ୍ଟାରୀ ସପ୍‌ରେ ସାଧାରଣ ଲୋକଙ୍କୁ ଏହି ଔଷଧ କିମ୍ବା ଇଞ୍ଜେକ୍‌ସନ ମାଗିଲେ ଦିଆଯାଉ ନାହିଁ। କେବଳ ଜିମ୍ ଟ୍ରେନର୍ ନଚେତ୍ ଜିମ୍ ସହ ଜଡ଼ିତ ବ୍ୟକ୍ତିଙ୍କୁ ହିଁ ଏହି ଔଷଧ ଦିଆଯାଉଛି। ନହେଲେ ଏମାନଙ୍କ ଦ୍ୱାରା କାମରେ ଲାଗିଥିବା ଏଜେଣ୍ଟ କଥାରେ ଏହି ଇଞ୍ଜେକ୍‌ସନ ମିଳିବ। କୌଣସି ବ୍ୟକ୍ତି ଅଧିକ ଦିନ ଜିମ୍ କରୁଥିଲେ ସେମାନେ ମଧ୍ୟ ସହଜରେ ପାଇ ଯାଉଛନ୍ତି।

### ନିୟମିତ ଜିମ୍‌ରେ ଡେରା ପକାଉଛନ୍ତି ବ୍ୟବସାୟୀ

ନିୟମିତ ଭାବେ କେହି ଜିମ୍ ଯାଆନ୍ତୁ ନାଆ ନାହିଁ। କିନ୍ତୁ ଏହି ବ୍ୟବସାୟୀମାନେ ନିୟମିତ ଭାବେ ଜିମ୍ ଯାଉଛନ୍ତି। ଏଠାରେ ଡେରା ପକାଉଛନ୍ତି। ଜିମ୍ ଟ୍ରେନ୍‌ରଙ୍କ ସହ ସମ୍ପର୍କ ବଢ଼ାଉଛନ୍ତି। ଅଧିକ ପରସେଣ୍ଟେଜ୍ ଦେବାକୁ ପ୍ରତିଶ୍ରୁତି ଦେଉଛନ୍ତି। ଜିମ୍‌ରେ କସରତ କଲାବେଳ ବହୁ ପିଲାଙ୍କ ସଂସ୍ପର୍ଶରେ ଆସି ଏହି ଔଷଧର ବିଜ୍ଞାପନ କରୁଛନ୍ତି।

### ସୋ' ପିସ୍ ଭାବେ ଆସୁଛନ୍ତି ବଡି ବିଲଡର୍

କୌଣସି ଏକ ବଡିବିଲଡର ଜିମ୍‌ରେ ବୁଲି ଚାଲିଯାଉଛି। ଯୁବପିଢ଼ି ସେମାନଙ୍କୁ ନିଜର ରୋଲ ମଡେଲ ମାନି ନେଉଥିଲା ବେଳେ ବ୍ୟବସାୟୀ ଏହି ବଡିବିଲଡରଙ୍କୁ ସୋ ପିସ୍ ଭାବେ ବ୍ୟବହାର କରୁଛନ୍ତି। ଯେତେ ବର୍ଷ ଜିମ୍ କଲେ ବି ଏଭଳି ବଡ଼ି ହେବ ନାହିଁ। କେବଳ ଇଞ୍ଜେକ୍‌ସନ ନ ହେଲେ ଷ୍ଟେରଏଡ୍ ନେଲେ ଏଭଳି ଶରୀର ବୃଦ୍ଧି ହେବ ବୋଲି କହି ଯୁବ ପିଢ଼ିଙ୍କ ମଧ୍ୟରେ ଏକ ଧାରଣା ସୃଷ୍ଟି କରୁଛନ୍ତି।

### ଚାକିରି ଆଶାରେ ଷ୍ଟେରଏଡ୍ ନେଉଛନ୍ତି ଯୁବପିଢ଼ି

କିଛି ମଧ୍ୟବିତ ଏବଂ ଗରିବ ଘରର ଲୋକେ ଶରୀର ବୃଦ୍ଧି କରି କୌଣସି ସ୍ଥାନରେ ବାଉନ୍ସର, ନ ହେଲେ ସିନେମାରେ ଅଭିନୟ କରିବାର ସ୍ୱପ୍ନ ଦେଖୁଛନ୍ତି। ଔଷଧ ବ୍ୟବସାୟୀ ଏମାନଙ୍କୁ ହିଁ ଟାର୍ଗେଟ କରୁଛନ୍ତି। ଯଦି ବଡିବିଲ୍‌ଡର ହେବା ପାଇଁ ଇଞ୍ଜେକ୍‌ସନ ନେବାକୁ ପଡ଼ିବ ବୋଲି କୁହାଯାଉଛି। ଏଭଳି ଚାକିରି କରିବାର ଲୋଭ ଦେଖାଇ ଷ୍ଟେରଏଡ୍ ବିକ୍ରି କରାଯାଉଛି।

### ଶରୀର ବୃଦ୍ଧି ନହେଲେ ଝିଅ ମିଳିବେନି

କିଛି ଲୋକଙ୍କ ଶରୀର ଅତ୍ୟନ୍ତ ଥିବାବେଳେ ସେମାନେ ବିବାହ ପୂର୍ବରୁ ଶରୀର ବୃଦ୍ଧି ପାଇଁ ଜିମ୍ ଆସୁଛନ୍ତି। ଶରୀର ବୃଦ୍ଧି ନ ହେଲେ ଝିଅ ମିଳିବନି, ପ୍ରାକୃତିକ ଭାବେ ଜିମ୍ କଲେ ବହୁ ବର୍ଷ ଲାଗିଯିବ। ଏହା ଭିତରେ ବିବାହ ବୟସ ଗଡ଼ିଯିବ। ଏଣୁ ଷ୍ଟେରଏଡ୍ ନେଲେ ତୁରନ୍ତ ଶରୀର ବୃଦ୍ଧି ହୋଇଯିବ ବୋଲି ଜିମ୍ ଟ୍ରେନରମାନେ ପରାମର୍ଶ ଦେଇ ଷ୍ଟେରଏଡ୍ ଇଞ୍ଜେକ୍‌ସନ୍‌ର ବିକ୍ରି କରୁଛନ୍ତି।

## ଗଣ ସଫେଇ ଓ ଗୋଷ୍ଠୀ ସଚେତନତା

ଭୁବନେଶ୍ୱର, ୯।୧୧(ସମିସ): ବିଏମ୍‌ସି ପକ୍ଷରୁ ଗଣ ସଫେଇ କ୍ରମରେ ଆଜି ୪୬ ନମ୍ବର ୱାର୍ଡ ସୂର୍ଯ୍ୟନଗର ଅଞ୍ଚଳର ବିଭିନ୍ନ ରାସ୍ତାରେ ସଫେଇ ସହ ଗୋଷ୍ଠୀ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମେୟର ସୁଲୋଚନା ଦାସ, କର୍ପୋରେଟର ପୁଷ୍ପା ରାଉତ, ଅତିରିକ୍ତ କମିଶନର କୈଳାସ ଦାସ, ଡେପୁଟି କମିଶନର ଏନ୍. ଗଣେଶ ବାବୁ ଏବଂ ଟିମ୍ ବି ଏମ୍ ସି ଯୋଗ ଦେଇଥିଲେ।

BEST OFFER SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112

ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନଚୈନଂ କ୍ଲେଦୟନ୍ତ୍ୟାପୋଃ ନ ଶୋଷୟତି ମରୁତଃ ॥

ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ ଇନ୍ଦୁଭୂଷଣ ସାହୁ
ସୁନାରୀପଡା, ତରଭା, ସୋନପୁର
ଆବିର୍ଭାବ: ୦୭.୦୧.୨୦୨୫
ତିରୋଧାନ:୩୦.୧୦.୨୦୨୫( କାର୍ତ୍ତିକ ଶୁକ୍ଳ ନବମୀ)

ଆଜି ଅଶ୍ରୁଳ ନୟନରେ ବିଦାୟ ଦେଉଛୁ ଆମର ପରମ ପୂଜ୍ୟ ପିତା ଓ ଜଣେ ଅମର ଗୁରୁଙ୍କୁ। ଗଣିତ, ବିଜ୍ଞାନର ଧୁରନ୍ଧର ଶିକ୍ଷକ ଭାବେ ଦଶନ୍ଧି ଧରି ଛାତ୍ରଛାତ୍ରୀ ମାନଙ୍କୁ ଶିକ୍ଷାର ଆଲୋକ ଦାନ କରିଥିଲେ;ଅବସର ପରେ ମଧ ଶେଷ ନିଶ୍ୱାସ ପର୍ଯ୍ୟନ୍ତ ନିଜ କର୍ତ୍ତବ୍ୟରୁ ଥକି ନଥିଲେ। ଫୁଟବଲ,ଭଲିବଲ,ବ୍ୟାଡ଼ମିଣ୍ଟନ ଓ କ୍ୟାରେମରେ ଅପରାଜେୟ କୌଶଳୀ ଥିଲେ, ଆପଣ ପରିବାର ପ୍ରତି ଅଗାଧ ସ୍ନେହରେ ଜଣେ ଆଦର୍ଶ ସ୍ୱାମୀ ଓ ପିତା ଥିଲେ। ହେ ପ୍ରିୟ ଗୁରୁ ଆପଣଙ୍କ ସ୍ମୃତି ଚିର ଜାଗ୍ରତ। ଅମର ଆତ୍ମାର ସଦଗତି ପାଇଁ ପ୍ରାର୍ଥନା,ଶାନ୍ତିରେ ରହନ୍ତୁ।

ଶୋକସନ୍ତପ୍ତ
ପତ୍ନୀ ଜାହ୍ନବୀ, ପୁତ୍ର- ସଞ୍ଜିବ, ସନ୍ତୋଷ, ସୁନୀଲ,
ପୁତ୍ରବଧୂ- ଇତିଶ୍ରୀ ,ଦୀପ୍ତି, ଶର୍ମିଷ୍ଠା, ନାତି ନାତୁଣୀ - ରୁଚି, ରିୟା, ରିତିୟୁକା,
ଆହାନା, ଅଙ୍କନା, ରିଦ୍ଧିକ ସାହୁ ପରିବାର ଓ ବନ୍ଧୁବର୍ଗ






## କଟକ ବାଲିଯାତ୍ରାରେ ସାଂସ୍କୃତିକ ସନ୍ଧ୍ୟା

# 'ହମ୍‌ସୁଫି' ବ୍ୟାଣ୍ଡର ରକ୍, ସୁବାସ ଦାସଙ୍କ ସଂଗୀତରେ ଦର୍ଶକ ମତୁଆଲା



**କଟକ, ୯ ।୧୧(ସମିସ):** ଓଲିଉଡ୍‌'ର ଆଗଧାଡ଼ିର ପ୍ରଚ୍ଛଦପଟ୍ଟ ଗାୟିକା ଅନ୍ତରା ଚକ୍ରବର୍ତ୍ତୀ ଆଜି ସନ୍ଧ୍ୟାରେ ଅକ୍ଷୟ ମହାନ୍ତିଙ୍କ ମଞ୍ଚରେ ଗୋଟିଏ ପରେ ଗୋଟିଏ ହିଟ୍ ନମ୍ବର ଗାଇଥିଲେ। ରାତି ୧୨ଟାରେ ତୁ ଆସିବୁ ବୋଲି ଖଜୁରୀ ବଣରେ ତତେ ଡୁଙ୍ଗୁଥିଲି, ଭିଟାମିନ୍-ଏ ମିଳିବ, ଉଡ଼ି ଉଡ଼ି ବିମାନରେ ଯିବା... ଭଳି ଏକାଧିକ ଡ୍ୟାନ୍ସ ନମ୍ବର ଦର୍ଶକଙ୍କୁ ଭେଟି ଦେଇଥିଲେ। ସେହିପରି ବୈଷ୍ଣବ ପାଣି ମଞ୍ଚରେ ସୁବାସ ଦାସ ଭାବପୂର୍ଣ୍ଣ ସଂଗୀତ ପରିବେଷଣ କରିଥିଲେ। ତାଙ୍କ ସଂଗୀତର ମୂର୍ଚ୍ଛନାରେ ଦର୍ଶକମାନେ ବିମୋହିତ ହୋଇଥିଲେ। ଭଜନ ସହିତ ପଲ୍ଲୀ ଓ ସଂସ୍କୃତିଭିତ୍ତିକ ସଂଗୀତ ଥିଲା ଆଜି ସନ୍ଧ୍ୟାର ପ୍ରମୁଖ ଆକର୍ଷଣ। ସେହିପରି ହମ୍‌ସୁଫି ବ୍ୟାଣ୍ଡର ରକ୍ ଥିମକୁ ଦର୍ଶକ ବେଶ୍ ପ୍ରଶଂସା କରିଥିଲେ। ବାଲିଯାତ୍ରା ପଡ଼ିଆରେ ଥିବା ଗଣକବି ବୈଷ୍ଣବ ପାଣି ମଞ୍ଚରେ ଆଜି ଦିନ ଏକ ଭବ୍ୟ ସାଂସ୍କୃତିକ ସନ୍ଧ୍ୟା ଦେଖିବାକୁ ମିଳିଥିଲା। ହମସୁଫି ବ୍ୟାଣ୍ଡ ମଞ୍ଚରେ ଦର୍ଶକମାନଙ୍କୁ ଦେଇଥିଲା ପାରମ୍ପରିକ ଏବଂ ସମସାମୟିକ ସଙ୍ଗୀତର ମିଶ୍ରଣ; ଯାହା ବିମୋହିତ କରିଥିଲା। ସମ୍ପୂର୍ଣ୍ଣ ସନ୍ଧ୍ୟାଟି ଭୁବନେଶ୍ୱରର ଶରଦ ଆଡଭର୍ଟାଇଜିଂ ପ୍ରାଇଭେଟ୍ ଲିମିଟେଡ୍ ଦ୍ୱାରା ପରିଚାଳିତ ହୋଇଥିଲା। ପରମ୍ପରା ଓ ପ୍ରତିଭାର ମିଶ୍ରଣ ଏହି ବାଲିଯାତ୍ରାରେ ଆଣିଥିଲା ଏକ ନୂଆ ରଙ୍ଗ, ଯାହା ଯାତ୍ରା ଆସିଥିବା ସମସ୍ତଙ୍କୁ ଦେଇଥିଲା ଏକ ନୂଆ ଅନୁଭୂତି।

**ଅକ୍ଷୟ ମହାନ୍ତି ମଞ୍ଚରେ ଅନ୍ତରା ଚକ୍ରବର୍ତ୍ତୀଙ୍କ ସଂଗୀତ କଳା କିମିଆଁ**

ଚଳିତ ବର୍ଷ କଟକ ବାଲିଯାତ୍ରାରେ ଯୁବପିଢ଼ିଙ୍କ ପାଇଁ ଏକ ସ୍ୱତନ୍ତ୍ର ଅଭିଜ୍ଞତା ଜୋନ୍ ଆୟୋଜନ କରାଯାଇଛି, ଯାହା ବାଲିଯାତ୍ରାର ଏକ ପ୍ରମୁଖ ଆକର୍ଷଣ ପାଲଟିଛି। ଏହି ଜୋନ୍‌ରେ ଇଲେକ୍ଟ୍ରୋନିକ୍ ଢୋଲକ୍ ଏବଂ ଚମତ୍କାର ଆନାମୋର୍ଫିକ୍ ସ୍କ୍ରିନ୍ ଭଳି ଅଭିନବ ଆକର୍ଷଣ ରହିଛି, ଯାହା ପ୍ରଯୁକ୍ତିବିଦ୍ୟା ଏବଂ ମନୋରଞ୍ଜନର ମିଶ୍ରଣ ପ୍ରଦାନ କରୁଛି ଓ ଭିଡ଼କୁ ଆକର୍ଷିତ କରିଛି। ଉତ୍ସାହକୁ ଆହୁରି ବଢାଇବା ପାଇଁ, ଆସନ୍ତା ସୋମବାର ସ୍ୱତନ୍ତ୍ର ଆକର୍ଷଣ ଭାବରେ ଏକ ଚମତ୍କାର ସୋମବାର ଦିନ ସ୍ୱତନ୍ତ୍ର ଲେଜର ଶୋ' ଆୟୋଜନ କରାଯାଇଛି। ଚମତ୍କାର ଆଲୋକ ଏବଂ ସଂଗୀତ ଏକ ଅବିସ୍ମରଣୀୟ ଦୃଶ୍ୟ ଚଳିତ ବର୍ଷର ବାଲିଯାତ୍ରାର ସବୁଠାରୁ ଚର୍ଚ୍ଚିତ ବୈଶିଷ୍ଟ୍ୟ କରିବ ବୋଲି ଆୟୋଜକ କହିଛନ୍ତି।




# ବାଲିଯାତ୍ରାରେ ମହାନଦୀ ବୋଇତ ପ୍ରତିଯୋଗିତା

**ଯୋଗଦେବେ ୧୦ ରାଜ୍ୟର ମହିଳା ଓ ପୁରୁଷ ପ୍ରତିଯୋଗୀ**




**କଟକ, ୯।୧୧(ସମିସ):** ରାଜ୍ୟର ସମୃଦ୍ଧ ସାମୁଦ୍ରିକ ଐତିହ୍ୟ ଓ ପରମ୍ପରାର ସ୍ମୃତିକୁ ଉଜ୍ଜୀବିତ କରିବା ପାଇଁ ଐତିହାସିକ ବାଲିଯାତ୍ରା କଟକ-୨୦୨୫ର ଅଂଶସ୍ୱରୂପ ପ୍ରଥମ 'ମହାନଦୀ ବୋଇତ ପ୍ରତିଯୋଗିତା-୨୦୨୫' ଅନୁଷ୍ଠିତ ହେବାକୁ ଯାଉଛି। ଆସନ୍ତା ୧୧ ଏବଂ ୧୨ ନଭେମ୍ବର ୨୦୨୫ରେ କଟକର ଗଡ଼ଗଡ଼ିଆ ଘାଟରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେବ। ଓଡ଼ିଶା ସମେତ ୧୦ଟି ଭିନ୍ନ ଭିନ୍ନ ରାଜ୍ୟର ଜାତୀୟସ୍ତରୀୟ ପୁରୁଷ ଏବଂ ମହିଳା ଦଳ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ୧୧ ନଭେମ୍ବର ଉଦଘାଟନୀ ସମାରୋହରେ ମୁଖ୍ୟଅତିଥି ଭାବରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଉପସ୍ଥିତ ରହିବାର କାର୍ଯ୍ୟକ୍ରମ ରହିଛି। ଏହି ପ୍ରତିଯୋଗିତାରେ ବିଶେଷ ଆକର୍ଷଣ ରହିବ ଫ୍ଲାଏ ବୋଟ୍ ରେସ୍। ଏହାପରେ ପ୍ରତିଯୋଗିତାରେ ଦ୍ୱିତୀୟ ଦିନ ନଭେମ୍ବର ୧୨ ତାରିଖ ସକାଳ ୮ଟା ସମୟରେ ଆରମ୍ଭ ହୋଇ ଅପରାହ୍ନ ୪ଟାରେ ଶେଷ ହେବ। ଉକ୍ତ ଦିନ ଗଣକବି ବୈଷ୍ଣବ ପାଣି ମଞ୍ଚରେ ରାଜ୍ୟପାଳ ହରିବାବୁ କମ୍ଭମପାଟି ବିଜେତା ଦଳଗୁଡ଼ିକୁ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନର ଟ୍ରଫି ସହିତ ସମ୍ମାନିତ କରିବା କାର୍ଯ୍ୟକ୍ରମ ରହିଛି।

# ନିଆଁ ଲଗାଇଲେ ବର୍ଣ୍ଣାଳୀ

## ୫ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କ ସମାଗମ



**ଭୁବନେଶ୍ୱର**

**ନନ୍ଦନକାନନ, ୯।୧୧(ସମିସ):** ଭୁବନେଶ୍ୱର ବାଲିଯାତ୍ରାରେ ୫ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କ ସମାଗମ ହୋଇଥିବାବେଳେ ଶୀତୁଆ ସନ୍ଧ୍ୟାରେ ବର୍ଣ୍ଣାଳୀଙ୍କ ଗୁଆ ଘିଅ ଗୀତ ବେଶ ଦର୍ଶକଙ୍କୁ ଆକୃଷ୍ଟ କରିଥିଲା। ଆଜି ୫ମ ସନ୍ଧ୍ୟାରେ ବାଲିଯାତ୍ରା ପଡ଼ିଆ ଲୋକ ଗହଳିରେ ଫାଟିପଡ଼ିଥିଲା। ଏତେ ଭିଡ଼ ହୋଇଥିଲା ଯେ କାଳେ କେହି ହଜିଯିବେ ସେନେଇ ସାଙ୍ଗସାଥି ପରିବାର ହାତ କାନ୍ଧ ଧରାଧରି ହୋଇ ଧାଡ଼ି କରି ଯାଇଥିଲେ। ଏମିତି କି ଲୋକେ ଶୀତ ବସ୍ତ୍ର ଓହ୍ଲାଇ ଅଣ୍ଟାରେ, ପିଠିରେ ବାନ୍ଧି ବୁଲିଥିଲେ। ଘାଇଁ ଘାଇଁ ରାମ ଦୋଳି ବୁଲି ଯେତିକି ତଳକୁ ଉପରକୁ ହେଉଥିଲା ଲୋକେ ସେତେ ଉଲ୍ଲସିତ ହେଉଥିଲେ। ବ୍ରେକ୍ ଡ୍ୟାନ୍ସ, ଡ୍ରାଗନ ରେଳ, ଜମ୍ପିଙ୍ଗ, ବନ୍ଧୁକରେ ବେଲୁନ ଫୁଟାଇ ବହୁ ମଜା ନେଇଥିଲେ। ଭିଡ଼ ଏତେ ହୋଇଥିଲା ଯେ ରାସ୍ତା ଘାଟ ଜାମ ହୋଇଯାଇଥିଲା। ମଞ୍ଚେଶ୍ୱର, ଇଞ୍ଜଣା ପଟୁ ଗାଡ଼ିମୋଟର ଏକ ପ୍ରକାର ଜାମ ହୋଇଯାଇଥିଲା। ଇଞ୍ଜଣା ଠାରୁ ଲମ୍ବା ଲାଇନ୍ ଲାଗି ଯାଇଥିଲା ବାଲିଯାତ୍ରା ପର୍ଯ୍ୟନ୍ତ। ଘଣ୍ଟା ଘଣ୍ଟା ଅପେକ୍ଷା କରି ବହୁତ ଲୋକ ଫେରି ଯାଇଥିଲେ। ବର୍ଣ୍ଣାଳୀଙ୍କ ଗୁଆଘିଅ ଗୀତ ଏକ ରକମ ଦର୍ଶକଙ୍କ ଭିତରେ ନିଆଁ ଲଗାଇ ଦେଇଥିଲା। ବର୍ଣ୍ଣାଳୀଙ୍କ ସହ ଭାଗ୍ୟଶ୍ରୀ ଏବଂ ଗୌତମ ରସବତୀ ଗିଲାସ, ଭୂଗୋଳରେ ଭଲ ହେଉଥିଲା, ରିମ୍ ଝିମ୍ ପାଣି ବର୍ଷୁ ଥିଲା, ନାଚିବୁ ଆମେ ବାଇଦ ବାଜା, ଜଟ ଅମ୍ମା, ଜାନୁ ମେ ତେରା ଯାନ, ତେରା ଆଁଖୋ କା ୟେ କାଜଲ, ନାଗୀନ ନାଗୀନ, ଦମ ମୋରୋ ଦମ ବୋଲେ ହରେ କ୍ରିଷ୍ଣା ହରେ ରାମ, ଛି ଛି ନାନି, ଗୁଆ ଘିଅ, ଏ ଆଖି ଦେଖିଛି କେତେ ସପନ, ନୂଆ ହିରୋ ଦେଖି କରି, ଚେମେଲି ହାଏ ହାଏ, କାମରିଆ ଟପ୍ ଲାଗେରେ ଆଦି ଗୀତର ତାଳେ ତାଳେ ନାଚି ନାଚି ତଳେ ଗଡ଼ିଥିଲେ। ଦ୍ୱିତୀୟ ମଞ୍ଚରେ ପାରମ୍ପରିକ ନୃତ୍ୟ ଗୀତ ପରିବେଷଣ କରି ଲୋକଙ୍କୁ ମୋହିତ କରି ନେଇଥିଲେ। ଖାଦ୍ୟ ଷ୍ଟଲରେ ଜାଗା ଆଡେଇ ହେଉନଥିଲା। ମହୋତ୍ସବ କମିଟି ପକ୍ଷରୁ ଆଜି ୫ଲକ୍ଷରୁ ଅଧିକ ଲୋକଙ୍କ ସମାଗମ ହୋଇଥିବା ନେଇ ଆକଳନ କରିଥିବା କମିଟି ବରିଷ୍ଠ ଉପଦେଷ୍ଟା ପ୍ରକାଶ କରିଛନ୍ତି।






# ପାମିଲା ଜୈନଙ୍କ ଗୀତ, ସମ୍ବଲପୁରୀ ନୃତ୍ୟରେ ଝୁମିଲେ ଦର୍ଶକ



**ଏକାମ୍ର କ୍ଷେତ୍ର**

**ଧଉଳି, ୯।୧୧(ସମିସ):** ଏକାମ୍ର ନିର୍ବାଚନମଣ୍ଡଳୀ ଅଧୀନ ସୁଆଘାଇପୁର ପଞ୍ଚାୟତ ବାଙ୍କୁଆଳ କୁଆଖାଇ ନଦୀପଠାରେ ରବିବାର "ଏକାମ୍ର କ୍ଷେତ୍ର ବାଲିଯାତ୍ରା ମହୋତ୍ସବ'ର ପଞ୍ଚମ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। ଆଜିର ଏହି ସନ୍ଧ୍ୟାର ପ୍ରଥମ ଅର୍ଘ୍ୟରେ ବରଗଡ଼ ଜିଲ୍ଲାର ସରଗମଲି ସାଂସ୍କୃତିକ ଅନୁଷ୍ଠାନର କଳାକାରଙ୍କ ଦ୍ୱାରା ସମ୍ବଲପୁରୀ ନୃତ୍ୟ ଦେଖଣାହାରୀଙ୍କୁ ବେଶ ବିମୋହିତ କରିଥିଲା। ପରେ ଓଲିଉଡ଼ କଣ୍ଠଶିଳ୍ପୀ ପାମିଲା ଜୈନ ଏବଂ ସାଥୀ କଳାକାରଙ୍କ ଦ୍ୱାରା ଗୀତ ପରିବେଷଣ ଅତି ଉଚ୍ଚକୋଟୀର ଥିଲା। ଓଡ଼ିଆରେ ଗାଇଥିବା 'କିଏ ମତେ ବୁଲେଇ ନେବ ଖପରା ଖୋଲ..., ଗୁନ୍ ଗୁନ୍ ଗାଏ ଭଅଁରଟା ଗୁନ୍ ଗୁନ୍ ଗାଏ..., ଦିଲ ବିଲେଇ ମିଆଁଉ ମିଆଁଉ' ଆଦି ଭଳିକି ଭଳି ଓଡ଼ିଆ ଆଲବମ୍ ଗୀତ ଗାଇ ଆଜିର ସନ୍ଧ୍ୟାକୁ ମନ୍ତ୍ରମୁଗ୍ଧ କରିଥିଲେ। ବାଲିଯାତ୍ରା କମିଟିର ସମ୍ପାଦକ କବିରାଜ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଜିର ପଞ୍ଚମ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ବ୍ରହ୍ମପୁର ସାଂସଦ ପ୍ରଦୀପ କୁମାର ପାଣିଗ୍ରାହୀ, ପ୍ରିୟଦର୍ଶିନୀ ସ୍ୱାଇଁଙ୍କ ସମେତ ଉପଦେଷ୍ଟା କ୍ଷୀରୋଦ କୁମାର ସ୍ୱାଇଁ, ଆଇନ ପରାମର୍ଶଦାତା ଭାଗବତ ମୁଖି, ରମାକାନ୍ତ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ମହିଳ ମଣ୍ଡଳ ସଭାନେତ୍ରୀଙ୍କୁ ମହୋତ୍ସବ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆଜି ରବିବାର ଥିବାରୁ ଏହି ବାଲିଯାତ୍ରାରେ ଲୋକଙ୍କ ଭିଡ଼ ଜମିଥିଲା। ଖାଦ୍ୟ ଷ୍ଟଲ, ପିଲାଙ୍କ ଖେଳଣା, ଘରୋଇ ଉପକରଣ, ସପିଙ୍ଗ ବଜାରରେ ଲୋକଙ୍କ ପ୍ରବଳ ଭିଡ଼ ଲାଗିରହିଥିଲା। ଏପରିକି ଟଙ୍କପାଣି ରାସ୍ତାରେ ଟ୍ରାଫିକ ସମସ୍ୟା ଦେଖାଯାଇଥିଲା। ବାଙ୍କୁଆଳ ମହୋତ୍ସବ କମିଟି, ଗ୍ରାମ୍ୟ କମିଟି ଏବଂ ବଡ଼ଗଡ଼ ଥାନା ପୁଲିସ ଟ୍ରାଫିକ ସ୍ୱାଭାବିକ କରିବାକୁ ଲାଗିପଡ଼ିଥିଲେ।

# ବ୍ୟବସାୟୀଙ୍କ କବ୍‌ଜାରେ ଚଲାପଥ

## ଲକ୍ଷାଧିକ ଟଙ୍କା ଖର୍ଚ୍ଚ ପରେ ବି କାମରେ ଆସୁନି

## ଅମାନିଆ ବ୍ୟବସାୟୀଙ୍କ ପାଇଁ ଦ୍ୱିଗୁଣ ଟ୍ରାଫିକ ସମସ୍ୟା





ବ୍ରହ୍ମପୁର, ୯।୧୧(ସମିସ)

ସହରର ଟ୍ରାଫିକ ସମସ୍ୟା ହ୍ରାସ ସହ ଦୁର୍ଘଟଣାରୁ ପଥିକଙ୍କୁ ସୁରକ୍ଷା ଦେବାକୁ ରାସ୍ତା କଡ଼ରେ ପାଦଚଲା ପଥ ନିର୍ମାଣ କରାଯାଇଛି। ଏଥି ନିମନ୍ତେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହୋଇଛି। କିନ୍ତୁ ସହରର କିଛି ବ୍ୟବସାୟୀଙ୍କ ମନମୁଖୀ କାର୍ଯ୍ୟ ଓ ବ୍ରହ୍ମପୁର ମହାନଗର ନିଗମ ଅଧିକାରୀଙ୍କ ନୀରବତାରୁ ଏବେ ଲୋକଙ୍କ କାର୍ଯ୍ୟରେ ଆସୁନି ପାଦଚଲା ପଥ। ଫଳରେ ସହର ଟ୍ରାଫିକ ସମସ୍ୟା ବୃଦ୍ଧି ପାଇବା ସହ ପ୍ରତିଦିନ ଛୋଟବଡ଼ ଦୁର୍ଘଟଣା ଘଟୁଛି। ସହରର ବିଭିନ୍ନ ଅଞ୍ଚଳରେ ଲୋକଙ୍କ ଯାତାୟାତ ପାଇଁ ଦୁଇ ପାର୍ଶ୍ୱରେ ପାଦଚଲା ପଥ ନିର୍ମାଣ କରାଯାଇଛି। ପେଭର୍ ବ୍ଲକ ପକାଯାଇ ଏହି ପାଦଚଲା ପଥ ନିର୍ମାଣ କରାଯାଇଛି। ମାତ୍ର ଏହାର ବ୍ୟବହାର ସାଧାରଣ ଲୋକ କରିପାରୁନଥିବା ଦେଖିବାକୁ ମିଳୁଛି। ପାଦଚଲା ପଥରେ କେଉଁଠି ଦୋକାନ ଖୋଲିଲାଣି ତ କେଉଁଠି ବାହାର ରାଜ୍ୟରୁ ଲୋକ ଆସି ଏହି ରାସ୍ତା ବନ୍ଦ କରି ଏହା ଉପରେ ରହି ବେପାର କରୁଛନ୍ତି। ମାତ୍ର ଏ ଦିଗରେ ବିଭାଗୀୟ କର୍ତ୍ତୃପକ୍ଷ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି। ଫଳରେ ରାସ୍ତା କଡ଼ ଦୋକାନୀ ନିଜର ଦୋକାନ ବଢାଇବା ଉଦ୍ଦେଶ୍ୟରେ ପାଦଚଲା ପଥ ଜବରଦଖଲ କରୁଥିବା ଦେଖିବାକୁ ମିଳୁଛି। ବିଶେଷକରି ପାଦଚଲା ବାଟ ଉପରେ ବହୁ ଉଠା ଦୋକାନୀ ଦୀର୍ଘବର୍ଷ ହେବ କବ୍‌ଜା କରି ନିଜ ବ୍ୟବସାୟୀ ଜାରି ରଖିଛନ୍ତି। ଯାହାକୁ ନେଇ ସଚେତନ ନାଗରିକ ଏବଂ ବୁଦ୍ଧିଜୀବୀମାନେ ଅସନ୍ତୋଷ ପ୍ରକାଶ କରିବା ସହ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି। ଏ ଦିଗରେ ବ୍ରହ୍ମପୁର ମହାନଗର ନିଗମ, ପୁଲିସ ପ୍ରଶାସନ ଓ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହୋଇଛି। ସହରର ଗିରି ମାର୍କେଟ, କମାପଲ୍ଲୀ, ହରିଡ଼ାଖଣ୍ଡି, ପୁରୁଣା ବସଷ୍ଟାଣ୍ଡ ଓ ବିଜିପୁର ଓ ଗୋଷାଣୀନୂଆଗାଁ ଭଳି ବିଭିନ୍ନ ଅଞ୍ଚଳରେ ରାସ୍ତା ପ୍ରଶସ୍ତିକରଣ ସହ ଡ୍ରେନ୍ ନିର୍ମାଣ ହୋଇଥିଲେ ସୁଦ୍ଧା ତାହା କାମରେ ଆସୁନାହିଁ। ପ୍ରଶସ୍ତିକରଣ ରାସ୍ତାରେ ଅନେକ ସମୟରେ ପାର୍କି ସମସ୍ୟା ବଢୁଛି। ସେହିପରି ପାଦଚଲା ବାଟରେ ଅନେକ ବ୍ୟବସାୟୀ, ଯାଯାବର ବ୍ୟବସାୟୀ, ଫାଷ୍ଟଫୁଡ୍ ଦୋକାନୀ, ପରିବା ଦୋକାନୀ କବଜା କରି ରଖିଛନ୍ତି। ଫଳରେ ସହରର ସୌନ୍ଦର୍ଯ୍ୟ ନଷ୍ଟ ହେବା ସହ ଲୋକମାନେ ଏହାର ବ୍ୟବହାରରୁ ବଞ୍ଚିତ ହେଉଛନ୍ତି। ଏମିତିକି ସହରରେ ପଡ଼ିଆର ଅଭାବ ଥିବାରୁ ଅନେକ ସକାଳେ ଓ ସନ୍ଧ୍ୟାରେ ଚାଲିବା ଅବା ଦୌଡ଼ିବା ପାଇଁ ପାଦଚଲା ବାଟ ପାଉନାହାନ୍ତି। ଏଭଳି କ୍ଷେତ୍ରରେ ଅନେକ ସମୟରେ ବହୁ ବ୍ୟକ୍ତି ନିଜ ଧନଜୀବନ ହରାଉଥିବା ନଜର ରହିଛି। କିଛିମାସ ପୂର୍ବେ ବିଜିପୁର ଅଞ୍ଚଳରେ ଥିବା ସନ୍ତୋଷୀ ମା' ମନ୍ଦିର ନିକଟ ରାସ୍ତା କଡ଼ରେ ବସି ବ୍ୟବସାୟ କରୁଥିବା ଜଣେ ବ୍ୟକ୍ତିଙ୍କ ଗାଡ଼ି ଧକ୍କାରେ ମୃତ୍ୟୁ ହୋଇଥିଲା। ଏଭଳି ଅମାନିଆ ବ୍ୟବସାୟୀଙ୍କ ପାଇଁ ସହରରେ ଟ୍ରାଫିକ ସମସ୍ୟା ଦ୍ୱିଗୁଣ ହେଉଛି। ଏଥିପ୍ରତି ଜିଲ୍ଲା ପ୍ରଶାସନ ଓ ବ୍ରହ୍ମପୁର ମହାନଗର ନିଗମ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି।

# 'ରାଷ୍ଟ୍ର ବିକାଶ ପାଇଁ ଗ୍ରାମୀଣ ପର୍ଯ୍ୟଟନ କ୍ଷେତ୍ରର ବିକାଶ ଜରୁରୀ'



ବ୍ରହ୍ମପୁର, ୯ ।୧୧(ସମିସ): ପର୍ଯ୍ୟଟନ ଏକ ଲାଭଦାୟକ ଶିଳ୍ପ। ଏଣୁ ଯେକୌଣସି ରାଷ୍ଟ୍ରର ବିକାଶରେ ପର୍ଯ୍ୟଟନ ଶିଳ୍ପର ଗୁରୁତ୍ୱ ରହିଛି। ଏକ୍ଷେତ୍ରରେ ଗ୍ରାମୀଣ ପର୍ଯ୍ୟଟନ କ୍ଷେତ୍ରର ବିକାଶ ଯେତିକି ଜରୁରୀ ତାହାର ପ୍ରଚାର ଓ ପ୍ରସାର ଦିଗରେ ଗଣମାଧ୍ୟମର ଭୂମିକା ମଧ୍ୟ ସେତିକି ଗୁରୁତ୍ୱପୂର୍ଣ୍ଣ। ସେହିଭଳି ପର୍ଯ୍ୟଟନ କ୍ଷେତ୍ର ଗୁଡ଼ିକର ରାସ୍ତାଘାଟ, ବିଦ୍ୟୁତ ଓ ପାନୀୟ ଜଳଯୋଗାଣ ଓ ସର୍ବୋପରି ସୌନ୍ଦର୍ଯ୍ୟକରଣ ଓ ସୁରକ୍ଷା ଆଦି ପାଇଁ ଭିତ୍ତିଭୂମିର ବିକାଶ ଦାୟିତ୍ୱ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କର। ଏହା ହେଲେ ପଡ଼ୋଶୀ ରାଜ୍ୟ ଓ ବିଭିନ୍ନ ପ୍ରଗତିଶୀଳ ରାଷ୍ଟ୍ରମାନଙ୍କ ଭଳି ଓଡିଶା ବର୍ତ୍ତମାନ ନହେଲେ ମଧ୍ୟ ଆଗାମୀ ୨୦୪୦ସୁଦ୍ଧା ଉଭୟ ଆର୍ଥିକ ଓ ପର୍ଯ୍ୟଟନ ଶିଳ୍ପରେ ଆଗକୁ ଯାଇପାରିବ ବୋଲି କହିଛନ୍ତି ବିଶିଷ୍ଟ ଶିକ୍ଷାବିତ ତଥା ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର ଜୟନ୍ତ ମହାପାତ୍ର।

ଓଡିଶା ଡିଜିଟାଲ ମିଡିଆ ଆସୋସିଏସନ ଗଞ୍ଜାମ ଜିଲ୍ଲା ଶାଖା ପକ୍ଷରୁ ଆୟୋଜିତ ମିଡିଆ- କନକ୍ଲେଭ-୨୦୨୫ରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ 'ଗ୍ରାମୀଣ ପର୍ଯ୍ୟଟନରେ ଗଣମାଧ୍ୟମର ପ୍ରଭାବ' ଶୀର୍ଷକ ପ୍ରସଙ୍ଗରେ ନିଜ ମତ ବ୍ୟକ୍ତ କରି ପ୍ରଫେସର ମହାପାତ୍ର କହିଥିଲେ। ସ୍ଥାନୀୟ ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନର ପ୍ରେକ୍ଷାଳୟରେ ସଂଘର ରାଜ୍ୟ ସଭାପତି ତୁଷାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଆଲୋଚନା ଚକ୍ରରେ ମୁଖ୍ୟଅତିଥି ଭାବେ ପୂର୍ବତନ ଉପ ବାଚସ୍ପତି ରାମଚନ୍ଦ୍ର ପଣ୍ଡା ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ପ୍ରଫେସର ମହାପାତ୍ରଙ୍କ ସମେତ ବରିଷ୍ଠ ସାମ୍ବାଦିକ ରବି ରଥ, ଗଞ୍ଜାମ ଜିଲ୍ଲା ପରିଷଦର ଉପାଧ୍ୟକ୍ଷା ଏସ୍. ରାଜେଶ୍ୱରୀ ଦୋରା, ମୁଖ୍ୟବକ୍ତା ଭାବେ ଭୁବନେଶ୍ୱର ଦୂରଦର୍ଶନ କେନ୍ଦ୍ରର ପ୍ରାକ୍ତନ ବାର୍ତ୍ତା ସମ୍ପାଦକ ଗୋପାଳ ଚନ୍ଦ୍ର ମହାପାତ୍ର, ଦୈନିକ 'ସକାଳ'ର ବ୍ରହ୍ମପୁର ସଂସ୍କରଣ ମୁଖ୍ୟ ଶକ୍ତିଧର ରାଜଗୁରୁ, ବିଜେପି ରାଜ୍ୟ ମୁଖପାତ୍ର ଟି. ଗୋପୀ, ପର୍ଯ୍ୟଟନ ଭାରତର ସମ୍ପାଦକ ନାରାୟଣ ମହାକୁଡ, ସାମ୍ବାଦିକ ସୁଦୀପ ସାହୁ, ଓଡିଶା ଡିଜିଟାଲ ମିଡିଆ ଆସୋସିଏସନ୍ ଗଞ୍ଜାମ ଜିଲ୍ଲା ସଭାପତି ସଂଜୟ କୁମାର ଦାଶ, ସରକାରୀ ଆଇଟିଆଇର ଅଧ୍ୟକ୍ଷ ରଂଜନ ପରିଡା ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ଡିଜିଟାଲ ସାମ୍ବାଦିକତା କ୍ଷେତ୍ରରେ ସଫଳତା ହାସଲ କରିଥିବା କିଛି ଗଣମାଧ୍ୟମ ପ୍ରତିନିଧିଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ସଂଘର ଜିଲ୍ଲା ସମ୍ପାଦକ କୃଷ୍ଣଚନ୍ଦ୍ର ପାଳ ଧନ୍ୟବାଦ ଅର୍ପଣ କରିଥିଲେ। କନକ୍ଲେଭରେ ଜିଲ୍ଲା ତଥା ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ବହୁ ଡିଜିଟାଲ ଗଣମାଧ୍ୟମ ପ୍ରତିନିଧି ଯୋଗ ଦେଇଥିଲେ।

# ୧୬୦ କେଜି ଗଞ୍ଜେଇ ଜବତ; ଜଣେ ଗିରଫ

ବ୍ରହ୍ମପୁର, ୯।୧୧(ସମିସ): ଏକ କାରରେ ଗଜପତି ଜିଲ୍ଲାରୁ ଝାଡଖଣ୍ଡକୁ ଗଞ୍ଜେଇ ଚାଲାଣବେଳେ ଜଣେ ଅଭିଯୁକ୍ତଙ୍କୁ ଅବକାରୀ ବିଭାଗ ଗିରଫ କରିଛି। ସେ ହେଲେ ଝାଡଖଣ୍ଡ ରାଜ୍ୟ ରାଞ୍ଚି ଜିଲ୍ଲା ଅଙ୍ଗରା ଥାନା ଅଞ୍ଚଳର ମନୋଜ ଗୋସାଇ(୩୫)। ଅବକାରୀ ବିଭାଗ ଉକ୍ତ କାରରୁ ୧୬୦ କେଜି ଗଞ୍ଜେଇ ଜବତ କରିଛି। ଏହି ଚୋରା ଚାଲାଣରେ ସଂପୃକ୍ତ ଥିବା ଅନ୍ୟ ୨ଅଭିଯୁକ୍ତ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ବିଭାଗ ପକ୍ଷରୁ କୁହାଯାଇଛି। ସୂଚନାପ୍ରକାରେ, ଏକ ଦାମୀ କାରରେ ଗଜପତି ଜିଲ୍ଲାରୁ ବ୍ରହ୍ମପୁର ଦେଇ ବାହାର ରାଜ୍ୟକୁ ଗଞ୍ଜେଇ ଚାଲାଣ କରାଯାଉଥିବା ଅବକାରୀ ବିଭାଗକୁ ଖବର ମିଳିଥିଲା। ବିଭାଗର ଏକ ଟିମ ଫାଷ୍ଟଗେଟ ଛକ ଠାରେ ଯାଞ୍ଚ ଆରମ୍ଭ କରିଥିଲା। ଏହି ସମୟରେ ଦିଗପହଣ୍ଡି ପଟୁ ବ୍ରହ୍ମପୁର ଆଡକୁ ଆସୁଥିବା ଏକ କାରକୁ ଅଟାକାଇ ସନ୍ଦେହରେ ଯାଞ୍ଚ



କରିବାରୁ ୪ଟି ଜରି ବସ୍ତାରେ ରଖାଯାଇଥିବା ଗଞ୍ଜେଇ ଜବତ ହୋଇଥିଲା। ବିଭାଗ ପକ୍ଷରୁ କାର ଚାଳକ ମନୋଜଙ୍କୁ ଗିରଫ କରାଯାଇଥିଲା। ହେଲେ ଏହି କାରକୁ ଏସକର୍ଟ କରି ନେଉଥିବା ଆଉ ଏକ ଗାଡି ଓ ସେଥିରେ ବସିଥିବା ଅନ୍ୟ ୨ଅଭିଯୁକ୍ତ ଖସି ପଳାଇଥିଲେ।

ଯାଞ୍ଚ ବେଳେ ଅଭିଯୁକ୍ତ ଜଣଙ୍କ କାରରେ ଯେଉଁ ନମ୍ବର ପ୍ଲେଟ ବ୍ୟବହାର କରିଥିଲେ ତାହା ନକଲି ବୋଲି ଜଣାପଡିଛି। ଏହି କାରର ପ୍ରକୃତ ନମ୍ବର(ଜେଏଚ-୦୧-ଡିଜେ-୫୩୫୩) ଝାଡଖଣ୍ଡ ରାଜ୍ୟର ହୋଇଥିବା ବେଳେ ଅଭିଯୁକ୍ତମାନେ ଓଡ଼ିଶାର ନକଲି ନମ୍ବର ପ୍ଲେଟ ଲଗାଇ ଗଞ୍ଜେଇ ଚାଲାଣ କରୁଥିଲେ। ଜବତ କାର ଓ ଗଞ୍ଜେଇର ମୂଲ୍ୟ ୨୨ଲକ୍ଷ ଟଙ୍କା ହେବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ଅବକାରୀ ବିଭାଗ ଚିକିଟି ଉପଖଣ୍ଡ ଅଧିକାରୀ କୁମୁଦ ରଞ୍ଜନ କଅଁରଙ୍କ ନେତୃତ୍ୱରେ ଏହି ଚଢଉ ହୋଇଥିଲା।

# ବିଶ୍ୱ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ଗଞ୍ଜାମର ୨ ବିଚାରକ

ବ୍ରହ୍ମପୁର, ୯।୧୧(ସମିସ): ଇଣ୍ଡୋନେସିଆର ବଟମ୍ ସିଟିରେ ଅନୁଷ୍ଠିତ ହେବାକୁ ଥିବା ୧୬ତମ ବିଶ୍ୱ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ଆନ୍ତର୍ଜାତୀୟ ବିଚାରକ ଭାବେ ଗଞ୍ଜାମ ଜିଲ୍ଲାର ଦୁଇ ଜଣ ବ୍ୟକ୍ତି ସ୍ଥାନ ପାଇଛନ୍ତି। ଚଳିତମାସ ୧୧ତାରିଖରୁ ୧୭ତାରିଖ ପର୍ଯ୍ୟନ୍ତ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିରେ ବିଚାରକ ଭାବେ ଉମା ଚରଣ ଶତପଥୀ ଏବଂ ଜାତୀୟ ସ୍ୱର୍ଣ୍ଣ ପଦକ ବିଜେତା ଏସ.ରାଜେଶ୍ ବାବୁ ଆଚାରୀ ମିଷ୍ଟର ଇଣ୍ଡିଆ ପ୍ରତିଯୋଗିତା ନିମନ୍ତେ ଭାରତରୁ ବିଚାରକ ଭାବେ ପ୍ରତିନିଧିତ୍ୱ କରିବେ। ଉଭୟ ରବିବାର ବ୍ରହ୍ମପୁର ରେଳ ଷ୍ଟେସନରୁ ଚେନ୍ନାଇ ଏବଂ ଚେନ୍ନାଇରୁ ଠାରୁ ସିଙ୍ଗାପୁର ଇଣ୍ଡୋନେସିଆର ବଟମ ସିଟି ଅଭିମୁଖେ ଯାତ୍ରା କରିଥିଲେ। ଏହି ପ୍ରତିଯୋଗିତାରେ ସାରା ବିଶ୍ୱରୁ ପ୍ରାୟ ୫୨ଟି ଦେଶରୁ ୬୦୦ରୁ ଅଧିକ ପୁରୁଷ ଓ ମହିଳା ଭାଗ ନେବେ ବୋଲି ଜଣାପଡିଛି। ଗଞ୍ଜାମ ଜିଲ୍ଲା ଆମେଚର୍ ବଡି ବିଲଡିଂ ଏସୋସିଏସନର ପୃଷ୍ଠପୋଷକ ପ୍ରଦୀପ କୁମାର ଶତପଥୀ ଏବଂ ଏସୀୟ ବିଚାରକ ପୂର୍ଣ୍ଣ ଚନ୍ଦ୍ର ପଟ୍ଟନାୟକ ଉଭୟଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସୂଚନାଯୋଗ୍ୟ ଯେ, ପୂର୍ବରୁ ଗଞ୍ଜାମ ଜିଲ୍ଲାର ପ୍ରଥମ ଆନ୍ତର୍ଜାତୀୟ ବିଚାରକ ସ୍ୱର୍ଗତ ଗିରିଜା ଶଙ୍କର ନାୟକ ଭାରତରୁ ବିଚାରକ ଭାବେ ପ୍ରତିନିଧିତ୍ୱ କରୁଥିଲେ। ପରେ ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ସହରର ଆନ୍ତର୍ଜାତିକ ବିଚାରକ ବି. ଭେନୁ ଗୋପାଳ ରାଓ ୧୪ ଥର ବିଶ୍ୱ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ବିଚାରକ ଭାବେ ପ୍ରତିନିଧିତ୍ୱ କରିଥିଲେ।

# ସାହିତ୍ୟ ଆଲୋଚନା ସଭା ଓ କବିତା ପାଠ




ବ୍ରହ୍ମପୁର, ୯।୧୧(ସମିସ): ଗୋଇଲୁଣ୍ଡି ସ୍ଥିତ ଶ୍ରୀରାମ ମନ୍ଦିର ପ୍ରାଙ୍ଗଣରେ ବ୍ରହ୍ମପୁର ସାହିତ୍ୟ ପରିଷଦର 'ସାହିତ୍ୟ ଆଲୋଚନା ସଭା ଓ କବିତା ପାଠ' ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ସାହିତ୍ୟିକ ପ୍ରଶାନ୍ତ କୁମାର ଆଚାରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସାହିତ୍ୟ ହିଁ ଜୀବନ କୁ ବାଟ କଢେଇଥାଏ ବୋଲି ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥି ଭାବେ ଯୁବ ସାହିତ୍ୟିକ ଅଭିଷେକ ସାହୁ ଯୋଗ ଦେଇଥିବା ବେଳେ ମୁଖ୍ୟ ଅତିଥି ଭାବେ ଡ଼ ବିଜୟ ଚନ୍ଦ୍ର ମହାରଣା ଉପସ୍ଥିତ ଥିଲେ। କବି ସୁଶାନ୍ତ ଦାଶ କାର୍ଯ୍ୟକ୍ରମକୁ ସଂଚଳନା କରିଥିବା ବେଳେ କବି ସ୍ଥିତିପ୍ରଜ୍ଞା ହୋତା କବିତା ସଂଯୋଜନା ଆରିଥିଲେ।

# ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପକ୍ଷରୁ ଯୁବ ସମ୍ମିଳନୀ

ବ୍ରହ୍ମପୁର, ୯।୧୧(ସମିସ): ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଶତାବ୍ଦୀ ବର୍ଷ କାର୍ଯ୍ୟକ୍ରମ ପରିପେକ୍ଷୀରେ ନୀଳକଣ୍ଠ ନଗର ସରସ୍ୱତୀ ଶିଶୁ ମନ୍ଦିରରେ ଯୁବ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୋଟ ୧୨୮୦ଜଣ ଯୁବକ ଯୋଗ ଦେଇଥିଲେ। ରାଷ୍ଟ୍ର ହିତ ପାଇଁ ଯୁବ ସମାଜର ଭୂମିକା ଉପରେ ଏଠାରେ ଆଲୋଚନା କରାଯାଇଥିଲା। ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର କାର୍ଯ୍ୟ ପଦ୍ଧତି, ବିଭିନ୍ନ ସେବା କାର୍ଯ୍ୟ, ସ୍ୱବୋଧ, ଶତ୍ରୁବୋଧ, ସାମାଜିକ ସମରସତା ତଥା ଆଗାମୀ ଦିନରେ ପଞ୍ଚ ପରିବର୍ତ୍ତନକୁ କିପରି ସମାଜ ମଧ୍ୟରେ ଜାଗୃତ କରାଯାଇପାରିବ ତାହା ଉପରେ ମୁଖ୍ୟବକ୍ତା ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଅଖିଳ ଭାରତୀୟ ସଭାବନା ପ୍ରମୁଖ ଗୋପାଳ ପ୍ରସାଦ ମହାପାତ୍ର ନିଜ ବକ୍ତବ୍ୟରେ କହିଥିଲେ। ସେହିଭଳି ଜିଲ୍ଲା କାର୍ଯ୍ୟବାହ ଶିଶିର ପଟ୍ଟନାୟକ ସଂଘର କାର୍ଯ୍ୟାବଳୀ ଉପରେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ଭାରତ ବର୍ଷର ସ୍ୱର୍ଣ୍ଣିମ ଅତୀତ ଇତିହାସ ଉପରେ ବିଭାଗ ବୌଦ୍ଧିକ ପ୍ରମୁଖ ରବିନ୍ଦ୍ର ନାଥ ପାତ୍ର ଉପସ୍ଥିତ ଯୁବକଙ୍କୁ ଧାରଣା ଦେଇଥିଲେ। ଗଞ୍ଜାମ ଜିଲ୍ଲା ସଂଘ ଚାଳକ ଡା ପ୍ରଶାନ୍ତ ପତି ସଭାପତିତ୍ୱ କରିଥିଲେ। ପ୍ରଶାନ୍ତ ସାହୁ, ଏଙ୍କିଡି ଭେଙ୍କଟ ରାଓ, ଦୀପକ କୁମାର, ରଶ୍ମି ରଞ୍ଜନ ମହାକୁଡ଼, ବିଜୟ ସାମଲ, ମାଧବ ନାୟକ, ଧର୍ମେନ୍ଦ୍ର ଦୋରା, ଦୀପକ କୁମାର, ବାବୁଲା ଦୋରା, ସୁରେଶ ବିଶୋୟୀ, ଅଶ୍ୱିନି ପାତ୍ର, ଶିବ ପ୍ରସାଦ ଏବଂ ଅନ୍ୟାନ୍ୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ଏମ୍‌କେସିଜିରେ ଆନ୍ତର୍ଜାତୀୟ ରେଡିଓଲୋଜି ଦିବସ

ବ୍ରହ୍ମପୁର, ୯।୧୧(ସମିସ): ଏମକେସିଜି ମେଡିକାଲ କଲେଜ ଓ ହସପିଟାଲ ରଞ୍ଜନ ରଶ୍ମି ବିଭାଗରେ ଆନ୍ତର୍ଜାତୀୟ ରେଡିଓଲୋଜି ଦିବସ ପାଳିତ ହୋଇଯାଇଛି। ବିଭାଗର ବରିଷ୍ଠ ରେଡିଓଗ୍ରାଫର ଗଣେଶ ଶବରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଭାଗୀୟ ମୁଖ୍ୟ ପ୍ରଫେସର ଡା. ଏମଭିକେ ରାଓ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ପ୍ରଫେସର ଡ଼ା. ଶେଷଦେବ ପାଣିଗ୍ରାହୀ, ଆସିଷ୍ଟାଣ୍ଟ ପ୍ରଫେସର ଡ଼ା. ହରି ଶଙ୍କର ନାୟକ, ଡ଼ା. ସୁନିଲ ପ୍ରଧାନ, ଡ଼ା. ରୂପକ ପଣ୍ଡା, ଡ଼ା. ଚିନ୍ମୟୀ ଆପ୍ପା, ଡ଼ା. ଲିପିପୁଷ୍ପା ମହାପାତ୍ର, ଡ଼ା. ସୋନମ୍ କୁମାରୀ, ଡ଼ା. ମିଳନମୟୀ ପାଣିଗ୍ରାହୀ, ଡ଼ା. ଫଗୁଣ ହାଂସଦା, ଡ଼ା. ଶିବଦତ୍ତ, ଡ଼ା. ଅନୁରାଗ ପୋଖରିଆଲ୍, ଡ଼ା. ରୀଙ୍କିତା ମଲ୍ଲିକ, ଡ଼ା. ଅଭିଜିତ ଶତପଥୀ ଓ ଡ଼ା. ଟିକେ କୃତିସ ପ୍ରମୁଖ ଉପସ୍ଥିତ ଥିଲେ। ୧୯୮୫ ନଭେମ୍ବର ୮ ରେ ୱିଲହେମ କନରଡ୍ ଏକ୍ସ-ରେ ଉଦ୍ଭାବନ କରିଥିଲେ। ସେହି ଦିନ ଠାରୁ ଏହି ଦିନକୁ ଆନ୍ତର୍ଜାତୀୟ ରେଡିଓଲୋଜି ଦିବସ ଭାବେ ପାଳନ କରାଯାଉଥିବା ଏଠାରେ କୁହାଯାଇଥିଲା। ବିଭାଗର ବରିଷ୍ଠ ରେଡିଓଗ୍ରାଫର ରଶ୍ମିତା ପାଣିଗ୍ରାହୀ, ଶୁଭ୍ର ପଣ୍ଡା, ମାମାଲି ମଧୁସ୍ମିତା ପ୍ରିୟଦର୍ଶିନୀ, ଶିବରାମ ପ୍ରଧାନ, ଭାଜରାମ ପ୍ରଧାନ, ଆବୁଲା ଦାଶ, ସରିତା ପ୍ରଧାନ, ଇତିଶ୍ରୀ ନାୟକ, ସଚିନ ନାୟକଙ୍କ ସମେତ ଡ଼ିଏମଆରଟି ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

● ଏସିଆ ମାଷ୍ଟର ଆଥଲେଟିକ ଚାମ୍ପିଅନସିପ୍

# ବ୍ରହ୍ମପୁରର ସୁରେନ୍ଦ୍ରଙ୍କୁ ୩ଟି ପଦକ

ବ୍ରହ୍ମପୁର, ୯।୧୧(ସମିସ): ଚେନ୍ନାଇରେ ଅନୁଷ୍ଠିତ ୨୩ତମ ଏସିଆ ମାଷ୍ଟର ଆଥଲେଟିକ ଚାମ୍ପିଅନସିପ୍ ପ୍ରତିଯୋଗିତାରେ ବ୍ରହ୍ମପୁରର ଭେଟେରାନ ଆଥଲେଟିକ ସୁରେନ୍ଦ୍ର ପଟ୍ଟନାୟକ (୭୫) ୩ଟି ପଦକ ବିଜୟୀ ହୋଇଛନ୍ତି। ସୁରେନ୍ଦ୍ର ୭୫ ବର୍ଷ ବର୍ଗରେ ଅଂଶଗ୍ରହଣ କରି ସଟପୁଟରେ ସ୍ୱର୍ଣ୍ଣ, ଡିସକୋସ୍ ଥ୍ରୋରେ ସ୍ୱର୍ଣ୍ଣ ପଦକ ଓ ଜାଭେଲିନ ଥ୍ରୋରେ ରୌପ୍ୟ ପଦକ ହାସଲ କରି ଦେଶ ପାଇଁ ଗୌରବ ଆଣିଛନ୍ତି। ଚଳିତମାସ ୫ରୁ ୯ ତାରିଖ ପର୍ଯ୍ୟନ୍ତ



ଚାଲିଥିବା ଏହି ପ୍ରତିଯୋଗିତାରେ ଏସିଆ ମହାଦେଶର ପ୍ରାୟ ୨୦ରୁ ଅଧିକ ଦେଶର ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ଓଡ଼ିଶାରୁ ପ୍ରତିଯୋଗିତା ପାଇଁ ୩୫ଜଣ ଅଂଶଗ୍ରହଣ କରିଥିବା ବେଳେ ସେଥି ମଧ୍ୟରୁ ଗଞ୍ଜାମରୁ ମାତ୍ର ଜଣେ ପ୍ରତିନିଧି ଭାବେ ସୁରେନ୍ଦ୍ର ପ୍ରତିନିଧିତ୍ୱ କରୁଥିବା ଜଣାପଡିଛି। ଏଭଳି ବୟସରେ ନିଜ ଶରୀରକୁ ସନ୍ତୁଳିତ ରଖିବା ସହ ନିୟମିତ ପ୍ରଶିକ୍ଷଣ କରି ଆଗାମୀ ପ୍ରତିଯୋଗିତାରେ ଦେଶ ତଥା ରାଜ୍ୟ ପାଇଁ ଗୌରବ ଆଣିବାକୁ ଲକ୍ଷ୍ୟ ରଖିଥିବା ଶ୍ରୀ ପଟ୍ଟନାୟକ ସୂଚନା ଦେଇଛନ୍ତି।

● ଅଲ୍ ଓଡ଼ିଶା ଲୟର୍ସ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ଗଞ୍ଜାମ ବାର୍ ଆସୋସିଏସନ ଚାମ୍ପିଅନ୍



ବ୍ରହ୍ମପୁର, ୯।୧୧(ସମିସ): ଅଲ ଓଡିଶା ଲୟର୍ସ କ୍ରିକେଟ ଟି -୨୦ ମ୍ୟାଚ୍ ଗତ ୨ତାରିଖରୁ କୋରାପୁଟ ପୁଜାରିପୁଟ୍ ଷ୍ଟାଡିୟମରେ ଆରମ୍ଭ ହୋଇଥିଲା। ରବିବାର ଭୁବନେଶ୍ୱର ବାର ଆସୋସିଏସନକୁ ୪୯ରନରେ ହରାଇ ଗଞ୍ଜାମ ବାର ଆସୋସିଏସନ ଦଳ ଚମ୍ପିଆନ ହୋଇଛି। ଗଞ୍ଜାମ ବାର ଆସୋସିଏସନ ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିଲେ। ନିର୍ଦ୍ଧାରିତ ୧୭ ଓଭର ୩ଟି ବଲରେ ସମସ୍ତ ୱିକେଟ ହରାଇ ୧୧୩ରନ ସଂଗ୍ରହ କରିଥିଲେ। ଜବାବରେ ଭୁବନେଶ୍ୱର ବାର ଆସୋସିଏସନ ୧୫ଓଭର ୫ଟି ବଲରେ ସମସ୍ତ ସମସ୍ତ ୱିକେଟ ହରାଇ ୬୪ରନ ସଂଗ୍ରହ କରି ପରାଜିତ ହୋଇଥିଲେ।

ଦଳ ପକ୍ଷରୁ ବର୍ଣ୍ଣି ପଟ୍ଟନାୟକ ୪୪ ବଲରେ ୬୦ରନ କରି ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ବେଷ୍ଟ ବ୍ଲୋର ଭାବେ ଦୀପଙ୍କର ମହାନ୍ତି ପୁରସ୍କୃତ ହୋଇଥିଲେ। ଗଞ୍ଜାମ ଓକିଲ ସଂଘର ସଭାପତି ମନୋଜ ପଟ୍ଟନାୟକ, ଉପସଭାପତି ଟିକେ ରେଡ଼ି, ସମ୍ପାଦକ ଟି ଭେଙ୍କେଟ ରାଓ, ସହସମ୍ପାଦକ ଅସିତ କୁମାର ସାବତଙ୍କ ସମେତ ବହୁ ଆଇନଜୀବୀ କୋରାପୁଟରେ ପହଞ୍ଚି ଟିମ ସଦସ୍ୟଙ୍କୁ ଉତ୍ସାହିତ କରିଥିଲେ।

## ୩ୟ ଅନ୍ତଃଜିଲ୍ଲା ଆଲ୍‌ଫା କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ରାମେଶ୍ୱର ସ୍ପୋର୍ଟିଂ କ୍ଲବ ଓ ଆଲ୍‌ଫା ଜୁନିଅର ବିଜୟୀ

ବ୍ରହ୍ମପୁର, ୯ ।୧୧(ସମିସ): ସ୍ଥାନୀୟ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଖେଳପଡିଆରେ ଆଲଫା ସ୍ପୋର୍ଟିଙ୍ଗ କ୍ଲବ ଆନୁକୂଲ୍ୟରେ ଚାଲିଥିବା ୩ୟ ଆଲ୍‌ଫା କପ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିବସରେ ଦୁଇଟି କ୍ୱାର୍ଟର ଫାଇନାଲ ମ୍ୟାଚ ଖେଳା ଯାଇଥିଲା। ପ୍ରଥମ ମ୍ୟାଚ ବ୍ରହ୍ମପୁରର ଅକ୍ସଫୋର୍ଡ କ୍ରିକେଟ କ୍ଲବ ବନାମ ରାମେଶ୍ୱର ସ୍ପୋର୍ଟିଂ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟସ ଜିତି ରାମେଶ୍ୱର ସ୍ପୋର୍ଟିଂ ପ୍ରଥମେ ବ୍ୟାଟିଂ କରିଥିଲା। ନିର୍ଦ୍ଧାରିତ ୧୮ଓଭର ବିଶିଷ୍ଟ ମ୍ୟାଚରେ ୧୭.୨ଓଭର ଖେଳି ସମସ୍ତ ୱିକେଟ ହରାଇ ମୋଟ ୧୪୬ରନ୍ ସଂଗ୍ରହ କରିଥିଲା।

ଜବାବରେ ଅକ୍ସଫୋର୍ଡ ଦଳ ୧୬.୫ଓଭରରେ ମାତ୍ର ୧୦୮ ରନ୍ ସଂଗ୍ରହ କରି ଦଳର ସମସ୍ତ ଖେଳାଳିଙ୍କ ୱିକେଟ ହରାଇ ପରାଜୟ ବରଣ କରିଥିଲା। ମ୍ୟାଚକୁ ରାମେଶ୍ୱର ସ୍ପୋର୍ଟିଂ କ୍ଲବ ୩୮ ରନ୍‌ରେ ବିଜୟ ଲାଭ କରିଥିଲା। ବିଜୟୀ ରାମେଶ୍ୱର ସ୍ପୋର୍ଟିଂ କ୍ଲବର ଅଲରାଉଣ୍ଡର ଦେବାଶିଷ ସାହୁଙ୍କୁ ମ୍ୟାନ ଅଫ ଦ ମ୍ୟାଚ ବିବେଚିତ କରାଯାଇଥିଲା।



ସେହିଭଳି ଦ୍ୱିତୀୟ ମ୍ୟାଚ ଆଲ୍ଫା ଜୁନିଅର ଦଳ ବନାମ ରୟଲ କ୍ରିକେଟ କ୍ଲବ ମଧ୍ୟରେ ହୋଇଥିଲା। ଟସ ଜିତି ଆଲ୍ଫା ଜୁନିଅର ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୮ ଓଭର ଖେଳି ୮ୱିକେଟ ବିନିମୟରେ ୧୮୪ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ସୌମ୍ୟରଂଜନ ପଟ୍ଟନାୟକ ୨୭ବଲରୁ ବ୍ୟକ୍ତିଗତ ସର୍ବାଧିକ ୩୯ ରନ୍ ଓ ପି. ବିନାୟକ ପାତ୍ର ୧୪ବଲରୁ ଦ୍ରୁତ ୩୨ରନ୍ ସଂଗ୍ରହ କରିଥିଲେ। ରୟାଲ କ୍ରିକେଟ କ୍ଲବ ପକ୍ଷରୁ ସୁନୀଲ ସ୍ୱାଇଁ ୪ଓଭର ବୋଲିଂ କରି ୪୩ରନ ବିନିମୟରେ ୩ଟି ୱିକେଟ ଅକ୍ତିଆରାର କରିଥିଲେ। ଜବାବରେ ରୟାଲ କ୍ରିକେଟ କ୍ଲବ ୧୮ ଓଭର ଖେଳି ୯ୱିକେଟ ବିନିମୟରେ ୧୬୩ରନ୍ ସଂଗ୍ରହ କରିଥିଲା। ଏବଂ ମ୍ୟାଚକୁ ଆଲ୍ଫା ଜୁନିଅର ଦଳ ୨୧ରନ୍‌ରେ ବିଜୟ ଲାଭ କରିଥିଲା। ବିଜୟୀ ଆଲ୍ଫା ଦଳ ପକ୍ଷରୁ ସୟଦ ଏ. ରାଜା ୪ଓଭର ବୋଲିଂ କରି ୩୦ରନ୍ ବିନିମୟରେ ସର୍ବାଧିକ ବ୍ୟକ୍ତିଗତ ୬ଟି ୱିକେଟ ଅକ୍ତିଆର କରି ପ୍ରତିପକ୍ଷ ରୟାଲ କ୍ରିକେଟ କ୍ଲବର ବ୍ୟାଟିଂ ବିପର୍ଯ୍ୟୟ ସୃଷ୍ଟି କରିଥିଲେ। ମ୍ୟାଚରେ ସୟଦ ଏ. ରାଜାଙ୍କୁ ମ୍ୟାନ ଅଫ ଦ ମ୍ୟାଚ ବିବେଚିତ କରାଯାଇଥିଲା। ଉଭୟ ମ୍ୟାଚକୁ ସୁଶାନ୍ତ ପଣ୍ଡା ଓ ଦିବ୍ୟ ରଂଜନ ନାୟକ ଅମ୍ପାୟର ଭାବେ ପରିଚାଳନା କରିଥିବା ବେଳେ ଜଗନ୍ନାଥ ଚୌଧୁରୀ ସ୍କୋରର ଓ ଖେଳର ସିଧା ପ୍ରସାରଣ କରିବାରେ ରୁପମ ମହାରଣା ସହଯୋଗ କରିଥିଲେ। ଉଭୟ ମ୍ୟାଚର ମ୍ୟାନ ଅଫ ଦ ମ୍ୟାଚଙ୍କୁ ଆୟୋଜକ ଆଲ୍ଫା ସ୍ପୋର୍ଟିଂ କ୍ଲବର ସମ୍ପାଦକ ବିଜୟ ଭାସ୍କର ସିଂ ସାମନ୍ତ ଅତିଥି ଭାବେ ଯୋଗ ଦେଇ ଟ୍ରଫି ପ୍ରଦାନ କରିଥିଲେ। ସୋମବାର ଅର୍ଥାତ୍ ଟୁର୍ଣ୍ଣାମେଣ୍ଟର ତୃତୀୟ ଦିନରେ ଶେଷ ତଥା ୪ର୍ଥ କ୍ୱାର୍ଟର ଫାଇନାଲ ମ୍ୟାଚ 'ଜେସିସି' ବନାମ 'ଲିଡ୍ସ ଏକାଡେମୀ' ମଧ୍ୟରେ ଖେଳାଯିବ।

## ଆଜି ଜେସିସି ବନାମ ଲିଡ୍ସ ଏକାଡେମୀ ମ୍ୟାଚ



ଭୁବନେଶ୍ୱର ଉତ୍ତର ମହୋତ୍ସବର ପଞ୍ଚମ ସନ୍ଧ୍ୟା

# ଶୀତୁଆ ସନ୍ଧ୍ୟାକୁ ତାଜା କରିଦେଲେ ଇରା



ନନ୍ଦନକାନନ, ୯।୧୧(ସମିସ): ଭୁବନେଶ୍ୱର ଉତ୍ତର ମହୋତ୍ସବର ପଞ୍ଚମ ସନ୍ଧ୍ୟାର ମୁଖ୍ୟ ଆକର୍ଷଣ ଥିଲେ ଇରା ମହାନ୍ତି। ଦୁଇ ଦଶନ୍ଧିର ନୂଆ ପୁରୁଣା ଗୀତର ଛୁଙ୍କରେ ଦର୍ଶକଙ୍କ ମନ ମୁଗ୍ଧ କରିଥିଲେ। ପ୍ରଥମେ 'ରାକ୍ଷୀ ବାନ୍ଧିଲି ମୋ ରହିଲା ରାଣ...' ଗୀତରୁ ଆରମ୍ଭ କରିଥିଲେ। ପରେ ପରେ ନୂଆ ଓ ପୁରୁଣା ସୁପର ହିଟ୍ ଗୀତ ଗାଇଥିଲେ। କମିଟିର ସଭାପତି କୁନାଲ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପଞ୍ଚମ ସାଂସ୍କୃତିକ ସନ୍ଧ୍ୟାରେ ମୁଖ୍ୟ ଅତିଥିଭାବେ ଉତ୍ତର ପ୍ରଦେଶର ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଓ ଉତ୍ତରାଖଣ୍ଡର ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମୀଙ୍କ ଶିକ୍ଷା ପରାମର୍ଶଦାତା ପ୍ରଫେସର ଡ଼. ଜୟଶଙ୍କର ପାଣ୍ଡେ ଯୋଗଦେଇ ଜଗନ୍ନାଥଙ୍କ ସଂସ୍କୃତି, ପରମ୍ପରାକୁ ପ୍ରଶଂସା କରିଥିଲେ। ଓଡ଼ିଶାର କଳା ସଂସ୍କୃତି ସାରା ବିଶ୍ୱରେ ଆଦରଲାଭ କରିଛି ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ମନସ୍ତତ୍ତ୍ୱବିତ୍ ଡ଼ଃ ଅମୃତ ପାଟ୍ଟଯୋଶୀ, ସାମାଜିକ କର୍ମୀ ନମ୍ରତା ଚଢା, ଲକ୍ଷ୍ନୌ ବିଶ୍ୱବିଦ୍ୟାଳୟ ପ୍ରଫେସର ସୁନୀତା କୁମାର, ଆଲହାବାଦ ହାଇକୋର୍ଟ ବରିଷ୍ଠ ଆଇନଜୀବୀ ଓ ସାମାଜିକ କର୍ମୀ ସୁଶୀଲା ପାଣ୍ଡେ, ପରିଚୟ ଫାଉଣ୍ଡେସନ ପ୍ରତିଷ୍ଠାନର ପ୍ରତିଷ୍ଠାତା ସଭାନେତ୍ରୀ ଡ. ରୋଜାଲିନ ପାଟ୍ଟଶାଣୀ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ସମ୍ପାଦକ ସ୍ୱାକ୍ଷର ରଞ୍ଜନ ମହାନ୍ତି ସଭା ପରିଚାଳନା କରିଥିଲାବେଳେ ସଂଯୋଜକ ସରୋଜକାନ୍ତ ମଲ୍ଲିକ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରବିବାର ଥିବାରୁ ପ୍ରବଳ ଜନସମାଗମ ହୋଇଥିଲା। ଆମିଷ ଷ୍ଟିଲ, ମୀନା ବଜାର, ଫୁଡ୍ ଷ୍ଟଲରେ ଭିଡ଼ ଜମିଥିଲା।

# ଅନ୍ୟ ପାଇଁ ପ୍ରେରଣା ପାଲଟିଛନ୍ତି ଦୀପକ

ଜୀବନର କେତେ ରଙ୍ଗ



ଭୁବନେଶ୍ୱର, ୯।୧୧(ସମିସ): ସବୁଦିନ ଭଳି ସେଦିନ ବି ବସ୍ ଚଢ଼ି ସ୍ୱପ୍ନ ଖୋଜିବାକୁ ଯାଇଥିଲେ। ହେଲେ ନିୟତିର ନିୟମ ଆଗରେ ସବୁ କିଛି ଯେମିତି ଓଲଟପାଲଟ ହେଇଗଲା। ଆଖି ପିଛୁଳାକେ ସୁସ୍ଥ ସବଳ ମଣିଷର ପରିଚୟ ବଦଳିଗଲା। ଭାଗ୍ୟକୁ ନା ଆଉ କାହାକୁ ଦୋଷ ଦେବା ଆଗରୁ ସବୁ କଷ୍ଟ ଯନ୍ତ୍ରଣା ନିଜକୁ ଭୋଗିବାକୁ ପଡ଼ିଥିଲା।

ଏ ହେଉଛନ୍ତି ଦୀପକ କୁମାର ଦାସ। ଭଦ୍ରକ ଜିଲ୍ଲାର ଭଣ୍ଡାରିପୋଖରୀ ଅନ୍ତର୍ଗତ ଡଠଙ୍ଗା ଗ୍ରାମରେ ତାଙ୍କ ଘର। ସମୟର ପଶାପାଲି ଖେଳରେ ସିନା ନିଜ ଗୋଡ଼ ହରାଇ ବସିଛନ୍ତି ହେଲେ ଦୃଢ଼ ଇଚ୍ଛା ଶକ୍ତି ଆଜି ବି ତାଙ୍କୁ ବାଟ ଚଲାଇବାରେ ସାହାଯ୍ୟ କରୁଛି। ଘରର ବଡ଼ ପୁଅ ହିସାବରେ ଯେଉଁ ଦାୟିତ୍ୱର ଦାୟାଦ ସେ ପାଲଟି ଥାଆନ୍ତେ ସେଥିରୁ ସେ ଓହରି ଯାଇ ନାହାନ୍ତି କି ହାର ମାନିନାହାନ୍ତି। ହଁ ଯା ଭିତରେ ସ୍ୱପ୍ନ ବଦଳିଛି, ସାହାରା ବଦଳିଛି ହେଲେ ସଂଘର୍ଷର ସ୍ରୋତରେ ନିଜେ ନିଜ ଜୀବନର ଆହୁଲା ମାରି ଆଗେଇ ଚାଲିଛନ୍ତି ଦୀପକ। ସମ୍ଭବତଃ ଅନ୍ୟମାନଙ୍କ ପାଇଁ ପ୍ରେରଣାର ପ୍ରଦୀପ ପାଲଟିଛନ୍ତି।

ସେଦିନର ଦୁର୍ଘଟଣା ତାଙ୍କ ଜୀବନର ଏକ ଭିନ୍ନ ମୋଡ଼ ଆଣି ଦେଇଥିଲା। ଦ୍ୱାଦଶରେ ପଢୁଥିବାବେଳେ ବସ୍ ଯୋଗେ ପରୀକ୍ଷା ଦେବାକୁ ଘରୁ କଲେଜ ବାହାରିଥିଲେ। ହେଲେ ସେଦିନର ଦୁର୍ଘଟଣା ଯୋଗୁଁ ତାଙ୍କ ଗୋଡ଼ରେ ଗଭୀର ଭାବେ ଆଘାତ ଦେଇଥିଲା। ଫଳରେ ତାଙ୍କୁ ଏକ ପାର୍ଶ୍ୱ ଗୋଡ଼ ହରାଇବାକୁ ପଡ଼ିଥିବାବେଳେ ଅନ୍ୟ ପାର୍ଶ୍ୱର ଚାଲିବା ଶକ୍ତି ମଧ୍ୟ ଚାଲିଗଲା। ସେପଟେ ଘରର ଆର୍ଥିକ ସ୍ଥିତି ଠିକ୍ ନଥାଏ। ହେଲେ ପାଠପଢ଼ିବାର ତାଙ୍କ ଇଚ୍ଛା ସେଇଠି ଅଟକି ଯାଇ ନଥିଲା। ଅପରେସନରେ ଗୋଡ଼ କଟାଯିବାର ୪ ବର୍ଷ ପର୍ଯ୍ୟନ୍ତ ସେ ଶଯ୍ୟାଶାୟୀ ଥିଲେ। ପରେ ଟିକେ ସୁସ୍ଥ ହେବା ପରେ ପୁଣି ପାଠପଢ଼ିବାକୁ ମନସ୍ଥ କଲେ। ଯାଜପୁର ଏକ କଲେଜରେ ନିଜର ସ୍ନାତକ ସାରି ଏବେ ଓଡ଼ିଆରେ ସ୍ନାତକୋତ୍ତର ରାଜଧାନୀ ମହାବିଦ୍ୟାଳୟରେ କରୁଛନ୍ତି। ସେଥିପାଇଁ ତାଙ୍କୁ ପ୍ରତିଦିନ ଭଦ୍ରକରୁ ଭୁବନେଶ୍ୱର ବସ ଯୋଗେ ଯିବା ଆସିବା କରିବାକୁ ପଡ଼ିଥାଏ। ସକାଳ ୫ଟାରୁ ଘରୁ ବାହାରିଲେ ରାତି ୯ଟାରେ ନିଜର କ୍ଲାସ କିମ୍ବା ପରୀକ୍ଷା ସାରି ଫେରିଥାନ୍ତି। ଏଥିପାଇଁ ତାଙ୍କୁ ଅଧ୍ୟାପକଙ୍କଠାରୁ ଆରମ୍ଭକରି ସହପାଠୀମାନେ ମଧ୍ୟ ସାହାଯ୍ୟ କରନ୍ତି। କେତେବେଳେ ପାଠପଢ଼ା ଏବଂ ନୋଟ୍ସ୍ ତିଆରିରେ ମଧ୍ୟ ଗାଇଡ୍ କରିଥାନ୍ତି। ତେଣୁ ଭବିଷ୍ୟତରେ ସେ ଆହୁରି ପାଠପଢ଼ି ଘରର ଆର୍ଥିକ ସମସ୍ୟା ଦୂର କରିବା ସହ ପରିବାର ଦାୟିତ୍ୱ ନେବାକୁ ଚାହୁଁଛନ୍ତି। ଆଗକୁ ଅଧ୍ୟାପକ ହେବାର ଲକ୍ଷ୍ୟ ମଧ୍ୟ ରଖିଛନ୍ତି। ଏଥିପାଇଁ ତାଙ୍କୁ ସମସ୍ତଙ୍କ ସହାୟତା ଓ ଆଶୀର୍ବାଦ ଆବଶ୍ୟକ ବୋଲି କୁହନ୍ତି। ହେଲେ ନିଜ ସ୍ୱପ୍ନ ବିଷୟରେ ସେ ଉତ୍ତର ଦେଇଥିଲେ ସଙ୍ଗୀତ କଳାକାର ହେବାର ସେ ପିଲାବେଳୁ ସ୍ୱପ୍ନ ଦେଖିଥିଲେ। ଯାହା ଆଜି ବି ତାଙ୍କ ମନରେ ସାଇତା ହୋଇ ରହିଛି। ସମୟ ମିଳିଲେ ସେ ଏକୁଟିଆ ବସି ସଙ୍ଗୀତ ଅଭ୍ୟାସ କରନ୍ତି ତ କେତେବେଳେ ସାମାଜିକ ଗଣମାଧ୍ୟମରେ ସଙ୍ଗୀତ ପ୍ରତିଭା ଦେଖାଇ ଲୋକଙ୍କ ଆଦର ସାଉଁଟିଥାନ୍ତି।

## ନବୀନ ଉର୍ଜା ଓ ଜୀବାଶ୍ମ ଇନ୍ଧନ ସମ୍ପର୍କିତ ଆଲୋଚନା




ଭୁବନେଶ୍ୱର, ୯।୧୧(ସମିସ): ଜଟଣୀ ବ୍ଲକ ବରକୁଦା ଗ୍ରାମସ୍ଥିତ ଆର୍ଯ୍ୟାନ୍ ବୈଷୟିକ ଶିକ୍ଷାନୁଷ୍ଠାନରେ ବିଦ୍ୟୁତ ବିଭାଗ ନବୀନ ଉର୍ଜା ଉତ୍ସକୁ ବ୍ୟବହାର କରି ଜୀବାଶ୍ମ ଇନ୍ଧନର ପ୍ରତିସ୍ଥାପନା କେମିତି ସମ୍ଭବ, ଏନେଇ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନୀ ସଭାରେ ଏଆଇଇଟିର ପୃଷ୍ଠପୋଷକ ଡାଃ. ଦିଲୀପ କୁମାର ବିଶ୍ୱାଳ ଏବଂ ବିଦ୍ୟୁତ୍ ବିଭାଗ ମୁଖ୍ୟ ତଥା ଏହି ଆଲୋଚନା ଚକ୍ରର ସଂଯୋଜକ ଡାଃ. ପ୍ରତାପ ଚନ୍ଦ୍ର ନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ସଭାରେ ସମ୍ମାନିତ ବକ୍ତା ଏବଂ ମୁଖ୍ୟ ଅତିଥି ଭାବେ ଭିଏସ୍‌ଏସ୍ ୟୁଟି, ବୁର୍ଲା, ସମ୍ବଲପୁର ଡାଃ ଏସ୍. ପଣ୍ଡା, ଏନ୍‌ଆଇଟି, ରାଉରକେଲା ପ୍ରଫେସର ଡାଃ. ଟିଆର୍. ଚୌଧୁରୀ, ପିଏମ୍‌ଇସି ବ୍ରହ୍ମପୁର ପ୍ରଫେସର ଡାଃ. ବି ପଣ୍ଡା, ପିଏମ୍‌ଇସି, ବ୍ରହ୍ମପୁର, ଓୟୁଟିଆର୍ ଭୁବନେଶ୍ୱର ପ୍ରଫେସର ଡାଃ. ପିକେ ରାୟ ପ୍ରମୁଖ ଉପସ୍ଥିତ ରହିଥିଲେ। ଭବିଷ୍ୟତ ଉର୍ଜା ଦିଗକୁ ଆଗେଇ ଯିବା ପାଇଁ ସୌର ଓ ପବନ ଶକ୍ତି ହେଉଛି ଆଶାର ନୂଆ ପଥ। ପାରମ୍ପରିକ ଇନ୍ଧନ ଉପରେ ନିର୍ଭରତା କମେଇ ପରିବେଶ ସୁରକ୍ଷା କରିବା ପ୍ରମୁଖ ଆବଶ୍ୟକତା ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଆଲୋଚନା ଚକ୍ରରେ ବିଭିନ୍ନ ଶିକ୍ଷକ, ଗବେଷକ ଓ ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ନବୀନ ଉର୍ଜା ସଂପ୍ରେଷଣ, ସୋଲାର୍ ଓ ହାଇବ୍ରିଡ୍ ସିଷ୍ଟମ୍, ମାଇକ୍ରୋଗ୍ରୀଡ୍ ଓ ସ୍ମାର୍ଟ ଗ୍ରୀଡ୍‌ର ପ୍ରାସଙ୍ଗିକତା ଉପରେ ଆଲୋଚନା କଲେ। ବିଦ୍ୟୁତ୍ ବିଭାଗର ସହଯୋଗୀ ଅଧ୍ୟାପକ ତଥା ଏହି ଆଲୋଚନା ଚକ୍ରର ସହ ସଂଯୋଜକ ଡାଃ ସୁନୀତା ପାହାଡାସିଂହ ଧନ୍ୟବାଦ ଜଣାଇ ସଭା ସମାପନ କରିଥିଲେ।

## ଜେଡିସିଏର ୨୮୪ତମ 'ମିଟ୍ ଦ ଆର୍ଟିଷ୍ଟ' କାର୍ଯ୍ୟକ୍ରମ

ଭୁବନେଶ୍ୱର, ୯।୧୧(ସମିସ): ଜେଡିସିଏ ପକ୍ଷରୁ 'ମିଟ୍ ଦ ଆର୍ଟିଷ୍ଟ' କାର୍ଯ୍ୟକ୍ରମ ପ୍ରତିମାସ ଦ୍ୱିତୀୟ ଶନିବାର ଆୟୋଜିତ ହୋଇଥାଏ। 'ମିଟ୍ ଦ ଆର୍ଟିଷ୍ଟ' ୨୮୪ତମ କାର୍ଯ୍ୟକ୍ରମ ଏହାର କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମର ବିଷୟବସ୍ତୁ 'ଶିଶୁପାଳଗଡ଼-ପ୍ରାଚୀନ ଓଡ଼ିଶାର ଏକ ପ୍ରାରମ୍ଭିକ ନଗରୀ' ରହିଥିଲା। ଏଥିରେ ଯୋଗଦେଇ ଅଶୋକ କୁମାର ପଟେଲ ଶିଶୁପାଳଗଡ଼ର ଇତିହାସ ଓ ଖନନ ସମ୍ବନ୍ଧରେ ଆଲୋକପାତ କରିଥିଲେ। ଏହାର ଦୁର୍ଗ ପ୍ରାଚୀରର ନିର୍ମାଣ ଖ୍ରୀ.ପୂ. ୨୦୦ରେ ଆରମ୍ଭ କରାଯାଇଥିଲା। ଉତ୍‌ଖନନରୁ ପ୍ରାପ୍ତ ଦ୍ରବ୍ୟ ମଧ୍ୟରେ ମାଟି ପାତ୍ର, ମାଟିରେ ତିଆରି ଖେଳଣା ବିଭିନ୍ନ ଅଳଙ୍କାର, ଅର୍ଦ୍ଧମୂଲ୍ୟବାନ ପଥରରେ ନିର୍ମିତ ବିଭିନ୍ନ ଅଳଙ୍କାର, ଲୁହାରେ ତିଆରି ବିଭିନ୍ନ ଦ୍ରବ୍ୟ ଅନ୍ୟତମ ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ ଜେଡିସିଏ ଟ୍ରଷ୍ଟି ରାମହରି ଜେନା, ମୁଖ୍ୟ ଅତିଥି ଅଶୋକ କୁମାର ପଟେଲଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସନ୍ଧ୍ୟାରେ ବହୁ ପ୍ରତିଷ୍ଠିତ ବ୍ୟକ୍ତି ଓ କଳାକାର ଉପସ୍ଥିତ ରହିଥିଲେ। ଜେଡିସିଏ ତରଫରୁ ପ୍ରସନ୍ନ କୁମାର ପଣ୍ଡା, ବିଶ୍ୱଜିତ୍ ରାଉତ, ବିକାଶ କୁମାର ଡାକୁଆ ପ୍ରମୁଖ ପରିଚାଳନା କରିଥିଲେ।

## ସ୍ୱାଗତିକାର ୪୫ତମ ଜାତୀୟ ଶିଶୁ ମହୋତ୍ସବ




ଭୁବନେଶ୍ୱର, ୯।୧୧(ସମିସ): ରାଜ୍ୟର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ସ୍ୱାଗତିକା, ଭୁବନେଶ୍ୱର ପକ୍ଷରୁ ୪୫ତମ ଜାତୀୟ ଶିଶୁ ମହୋତ୍ସବ ଜୟଦେବ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ପ୍ରତିଯୋଗିତାରେ ରାଜ୍ୟ ତଥା ଅନ୍ତଃରାଜ୍ୟସ୍ତରରୁ ବିଭିନ୍ନ ଶ୍ରେଣୀର ୧୦୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ କଳା, ବକ୍ତୃତା, ଫ୍ୟାଶନ ସୋ, ଫ୍ୟାନ୍ସି ଡ୍ରେସ୍, ଏକକ ନୃତ୍ୟ, ସଙ୍ଗୀତରେ ଅଂଶଗ୍ରହଣ କରିଥିଲେ। ଏଥିମଧ୍ୟରୁ ୧୦୨ଜଣ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିସହିତ ଚଳଚ୍ଚିତ୍ର ଅଭିନେତ୍ରୀ ସାଇନି ମହାନ୍ତିଙ୍କୁ ଜାତୀୟ ଶିଶୁ ମହୋତ୍ସବ ୨୦୨୬ ପ୍ରସାର ନିମନ୍ତେ ବ୍ରାଣ୍ଡ ଆମ୍ବାସାଡ଼ର ଭାବେ ସର୍ବସମ୍ମତିକ୍ରମେ ନିଯୁକ୍ତି କରାଯାଇଛି। ଏହି କାର୍ଯ୍ୟକ୍ରମ ଅନୁଷ୍ଠାନର ସଭାପତି ନମିତା ମଞ୍ଜରୀ ରାୟ, ସାଧାରଣ ସମ୍ପାଦକ ଡ. ଅସିତ କୁମାର ମହାନ୍ତି, ତଥା ଅନୁଷ୍ଠାନର ସଂଗଠକ ମାନସ କାନୁନଗୋ, ରାମଚନ୍ଦ୍ର ମହାନ୍ତି, ଅଶୋକ କୁମାର ରାୟ, ସୂର୍ଯ୍ୟ ରଞ୍ଜନ ମହାନ୍ତି, ନାରାୟଣ ବିଶୋଇ, ଲିଙ୍ଗରାଜ ମହାନ୍ତି, ମୋତିଆଲୁ ଦଳାଇ, ଗୋପାଳ ଦଳାଇ, ଲେଖା ମହାନ୍ତି ଓ ଶିବାନୀ ମହାନ୍ତି ପ୍ରମୁଖଙ୍କ ଦ୍ୱାରା ଆୟୋଜିତ ତଥା ପୁରସ୍କାର ବିତରଣ ଉତ୍ସବ ପରିଚାଳିତ ହୋଇଥିଲା।

## ରାଜନେତା, କବି ଶଙ୍କର ପରିଡ଼ାଙ୍କୁ ଶ୍ରଦ୍ଧାଞ୍ଜଳି




ଭୁବନେଶ୍ୱର, ୯।୧୧(ସମିସ): ରାଜନୀତିରେ ମୂଲ୍ୟବୋଧ ଓ ସ୍ୱଚ୍ଛତା ସାଙ୍ଗକୁ ସାହିତ୍ୟରେ ଯୁବଲେଖକମାନଙ୍କୁ ପ୍ରେରଣା ଦେବାରେ ରାଜନେତା ତଥା କବି ଶଙ୍କର ପରିଡ଼ା ସ୍ମରଣୀୟ ରହିବେ ବୋଲି ରବିବାର ଗୀତଗୋବିନ୍ଦ ସଦନରେ ସ୍ୱର୍ଗୀୟ ପରିଡ଼ାଙ୍କ ଏକାଦଶାହ ଅବସରରେ ଆୟୋଜିତ ଶୋକସଭାରେ ତାଙ୍କ ଉଦ୍ଦେଶ୍ୟରେ ବକ୍ତାମାନେ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଓଡ଼ିଆ ଯୁବଲେଖକ ସମ୍ମେଳନ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଶୋକସଭାରେ ପ୍ରସିଦ୍ଧ କବି ତଥା ସମ୍ମେଳନର ପ୍ରାକ୍ତନ ସଭାପତି ଅମରେଶ ପଟ୍ଟନାୟକ ଅଧ୍ୟକ୍ଷତା କରିଥିବାବେଳେ ରାଜ୍ୟରେ ନିଶା ନିବାରଣର ପ୍ରମୁଖ କର୍ଣ୍ଣଧାର ତଥା ପୂର୍ବତନ ବିଧାୟକ ପଦ୍ମଚରଣ ନାୟକ ଓ ପୂର୍ବତନ କେନ୍ଦ୍ର ମନ୍ତ୍ରୀ ବ୍ରଜ କିଶୋର ତ୍ରିପାଠୀ ଉପସ୍ଥିତ ରହି ସ୍ୱର୍ଗୀୟ ପରିଡ଼ାଙ୍କ କୃତି ଓ କୃତିତ୍ୱ ନେଇ ବକ୍ତବ୍ୟ ରଖିଥିଲେ। ପରେ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ସଜନ ଶର୍ମା, ରକ୍ଷକ ନାୟକ, ସରୋଜ ବଳ, ଶରତ କୁମାର ନାୟକ, ଉମାକାନ୍ତ ରାଉତ (ଅରୂପ), ଦିଲ୍ଲୀପ ଶତପଥୀ, ସୂର୍ଯ୍ୟ ରଥ ପ୍ରମୁଖ ନିଜ ନିଜ ବକ୍ତବ୍ୟ ରଖି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଶେଷରେ ସମ୍ମେଳନର ପୂର୍ବତନ ସମ୍ପାଦକ ସୂର୍ଯ୍ୟ ମିଶ୍ର କୃତଜ୍ଞତା ଜ୍ଞାପନ କରିଥିଲେ। ପ୍ରତିବର୍ଷ ଶଙ୍କରଙ୍କ ସ୍ମୃତିରେ ଏକ ସ୍ମାରକ ବକ୍ତୃତା କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି ପ୍ରସ୍ତାବ ଗୃହୀତ ହୋଇଥିଲା।

• ଚିତ୍ରକଳା ଶିବିର 'ଆକୃତି' ଉଦ୍‌ଯାପିତ

## ସୌମ୍ୟଙ୍କ ଚିତ୍ର, ସଙ୍ଗୀତ ଓ ଆବୃତ୍ତିରେ ଦର୍ଶକ ବିମୋହିତ

ଭୁବନେଶ୍ୱର, ୯।୧୧(ସମିସ): ତିନି ଧରି ଚାଲି ଆସୁଥିବା ଚିତ୍ର, ସଙ୍ଗୀତ ଓ ସାହିତ୍ୟର ନିଆରା ପ୍ରଦର୍ଶନୀ 'ଆକୃତି' ରବିବାର ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ଚିତ୍ରଶିଳ୍ପୀ ପଦ୍ମଶ୍ରୀ ବିନୋଦ ମହାରଣା ସମ୍ମାନିତ ଅତିଥି ଭାବେ ଚିତ୍ରଶିଳ୍ପୀ ଜନାର୍ଦ୍ଦନ ପରମଗୁରୁ, ରାଜ କିଶୋର ମହାରଣା, ମମତା ସାମନ୍ତରାୟ, ଲିପିଶ୍ରୀ ନାୟକ ଯୋଗ ଦେଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ଚିତ୍ର, ବାଦ୍ୟ, ସଙ୍ଗୀତ, ସାହିତ୍ୟ ଓ ଆବୃତ୍ତି ତଥା ବିଶ୍ଳେଷଣର ମିଶ୍ରଣରେ ଏଭଳି ନିଆରା ଆୟୋଜନ ପ୍ରଥମ କରି ହେଉଛି ଏବଂ ଏହା ଆଗାମୀ ଦିନରେ ଆମ ମହାନ ଓଡ଼ିଶୀ ସଙ୍ଗୀତ ଓ ସାହିତ୍ୟ ପ୍ରତି ଯୁବ ପିଢ଼ିଙ୍କୁ ଆକର୍ଷିତ କରିବାରେ ବେଶ ସହାୟକ ବୋଲି ମୁଖ୍ୟ ଅତିଥି କହିଥିଲେ। ଏହି କାର୍ଯ୍ୟକ୍ରମ କିଶୋର ଚନ୍ଦ୍ରାନନ୍ଦ ଚମ୍ପୂର ୩୪ ଟି ଚିତ୍ରର ଭାବ ଉପରେ ପର୍ଯ୍ୟବସିତ ସଙ୍ଗୀତ ପରିବେଷିତ ହୋଇଥିଲା। ତିନି ଦିନ ଧରି ଶ୍ରୀ ଜୟଦେବଙ୍କ ଗୀତଗୋବିନ୍ଦ, କବିସୂର୍ଯ୍ୟ ବଳଦେବ ରଥଙ୍କ ରମ୍ୟ ରଚନା, କିଶୋର ଚନ୍ଦ୍ରାନନ୍ଦ ଚମ୍ପୂ, ଛାନ୍ଦ, ଚମ୍ପୂ, ଚଉତିଶା ଆଦିକୁ ସ୍ୱତନ୍ତ୍ର ପରିବେଷଣରେ ସୌମ୍ୟ ବିଶ୍ୱଜିତ ଶହ ଶହ ଯୁବ ପିଢ଼ିଙ୍କ ସମେତ ଦର୍ଶକଙ୍କୁ ବିମୋହିତ କରିଛନ୍ତି। ସୌମ୍ୟ ବିଶ୍ୱଜିତଙ୍କ ସମେତ ସୌମ୍ୟ କାନ୍ତ ମଲ୍ଲିକ, ସିଦ୍ଧି ପଟ୍ଟନାୟକ, ସିଦ୍ଧି ଶତପଥୀଙ୍କ ପ୍ରଚେଷ୍ଟାରେ ଏଭଳି ଆୟୋଜନ ଆସନ୍ତା ଦିନ ମାନଙ୍କରେ ଆମ ସଂସ୍କୃତିର ପ୍ରଚାର ପ୍ରସାର ପାଇଁ ବେଶ ସହାୟକ ହେବ ବୋଲି ଅତିଥିମାନେ କହିଥିଲେ।

## ଧ୍ରୁପଦ ମ୍ୟୁଜିକ ପକ୍ଷରୁ 'ସ-ମ-ଅର୍ପଣ'

ଭୁବନେଶ୍ୱର, ୯।୧୧(ସମିସ): ଧ୍ରୁପଦ ମ୍ୟୁଜିକ୍ ଫାଉଣ୍ଡେସନ୍ ପକ୍ଷରୁ ରବିବାର ୫ମ 'ସ-ମ-ଅର୍ପଣ' ଅନୁଷ୍ଠିତ ହୋଇଛି। ଏହି ଉତ୍ସବରେ ପଦ୍ମଶ୍ରୀ ରାମକାନ୍ତ ଗୁଣ୍ଡେଚାଙ୍କ ସ୍ମୃତିରେ ଏକ ସାଙ୍ଗୀତିକ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଅନୁଷ୍ଠାନର ମୁଖ୍ୟ ଅତିଥି ଭାବେ ସାଧ୍ୱୀ ପ୍ରତିଭା ମିଶ୍ର ଓ ବିଶେଷ ଅତିଥି ଭାବେ ଉପସ୍ଥିତ ଶିରିଶ ଗୁପ୍ତା, ହରିହର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଆରମ୍ଭରେ ପ୍ରଦୀପ ପ୍ରଜ୍ୱଳନ ସହ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଧ୍ରୁପଦ ମ୍ୟୁଜିକ୍ ଫାଉଣ୍ଡେସନ ସଭାପତି ଗୁରୁ ମୁକୁନ୍ଦ ଦେବ ସାହୁ ଗୁରୁ-ଶିଷ୍ୟ ପରମ୍ପରା ଓ ଗୁଣ୍ଡେଚାଙ୍କ ଉପରେ ଅଲୋକପାତ କରିଥିଲେ। ଶେଷରେ ଗୁରୁ ମୁକୁନ୍ଦ ଦେବ ରାଗ ବାଗେଶ୍ରୀରେ ଦେବବାଣୀ ଧ୍ରୁପଦ ଆଳାପ ସହ ପୁରାତନ ରଚନା ଆହେ ରଘୁବୀର ଧୀର.. ଓ ରାଗ ଭୈରବୀ - ହମ ସବ ମେହି.. ପରିବେଷଣ କରିଥିଲେ। ଅନୁଷ୍ଠାନର ସଞ୍ଚାଳନା ମୀରା ପଣ୍ଡା କରିଥିଲେ। ସ-ମ-ଅର୍ପଣ କେବଳ ସଙ୍ଗୀତ ଉତ୍ସବ ନୁହେଁ, ଏହା ଗୁରୁଙ୍କ ପାଇଁ ଶିଷ୍ୟଙ୍କ ଏକ ଭକ୍ତିମୟ ଅର୍ପଣ ଧ୍ୱନିରୁ ନିରବତା ପର୍ଯ୍ୟନ୍ତ ଏକ ଯାତ୍ରା ବୋଲି ସଭାରେ ମତ ପ୍ରକାଶ ପାଇଥିଲା।

• ରାଜ୍ୟ ସ୍ତରୀୟ ଶବର କପ୍ ଫୁଟବଲ୍

## ଉଦ୍‌ଘାଟନୀ ମ୍ୟାଚରେ ଉତ୍କଳ ସ୍ପୋର୍ଟିଂ ବିଜୟୀ

ଯାଁଳା, ୯।୧୧(ସମିସ): ରାଧାଚରଣପୁର ଖେଳ ପଡ଼ିଆରେ ଶବର କ୍ରୀଡ଼ା ସଙ୍ଘ ଆନୁକୂଲ୍ୟରେ ଆୟୋଜିତ ୨୭ ତମ ଶବର କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଆଜି ଉଦ୍‌ଘାଟିତ ହୋଇଯାଇଛି। ଆଜିର ଉଦ୍‌ଘାଟନୀ ମ୍ୟାଚରେ ଉତ୍କଳ ସ୍ପୋର୍ଟିଂ ଜଟଣୀ, ଜଗା ସ୍ପୋର୍ଟିଂ ପୁରୀକୁ ହରାଇ ସେମିଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି। ଉତ୍କଳ ସ୍ପୋର୍ଟିଂ ଜଟଣୀ ଟ୍ରାଇବେକର ସାହାଯ୍ୟରେ ୪-୨ ଗୋଲରେ ଜଗା ସ୍ପୋର୍ଟିଂ ପୁରୀକୁ ପରାସ୍ତ କରିଛି। ଆଜିର ଏହି ସଂଘର୍ଷ ପୂର୍ଣ୍ଣ ମ୍ୟାଚରେ ନିର୍ଦ୍ଧାରିତ ସମୟ ମଧ୍ୟରେ କେହି କାହାରିକୁ ଗୋଲ ଦେଇ ପାରିନଥିଲେ। ତେଣୁ ଶେଷରେ ଟ୍ରାଇବେକର ପଦ୍ଧତି ଅବଲମ୍ବନ କରାଯାଇଥିଲା। ଆସନ୍ତା କାଲି ଭଦ୍ରକ-୧୧ ଓ ଆୟୋଜକ ଖୋର୍ଦ୍ଧା ଜିଲ୍ଲା ଶବର କ୍ରୀଡ଼ା ସଂଘ ପରସ୍ପରକୁ ଭେଟିବେ।

## ୩୫ ସାମ୍ବାଦିକଙ୍କୁ ପେନ୍‌ସନ, ୮ଜଣଙ୍କୁ ସ୍ମାରକୀ ସମ୍ମାନ

ଭୁବନେଶ୍ୱର, ୯।୧୧(ସମିସ): ଜାତୀୟ ସାମ୍ବାଦିକ କଲ୍ୟାଣ ବୋର୍ଡ ପକ୍ଷରୁ ଜୟଦେବ ଭବନଠାରେ ଚଳିତ ମାସ ୧୬ ତାରିଖ ଦିନ 'ଜାତୀୟ ପ୍ରେସ୍ ଦିବସ-୨୦୨୫' ପାଳନ କରାଯିବ। ଏହି ଅବସରରେ ଚଳିତବର୍ଷ ପ୍ରମୋଦ କୁମାର ମହାପାତ୍ରଙ୍କୁ 'ଉତ୍କଳ ସାମ୍ବାଦିକ ରତ୍ନ ସମ୍ମାନ-୨୦୨୫' ପ୍ରଦାନ କରାଯିବ। ଏଥିସହିତ ରାଜ୍ୟର ୩୫ଜଣ ବରିଷ୍ଠ ସାମ୍ବାଦିକଙ୍କୁ ପେନସନ ପ୍ରଦାନ କରାଯିବ ଏବଂ ୮ଜଣ ବରିଷ୍ଠ ସାମ୍ବାଦିକଙ୍କ ସ୍ମୃତି ଉଦ୍ଦେଶ୍ୟରେ ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ସ୍ୱୟଂଶାସିତ ମହାବିଦ୍ୟାଳୟର ସାମ୍ବାଦିକତା ଶିକ୍ଷା କ୍ଷେତ୍ରରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ସ୍ମାରକୀ ସମ୍ମାନରେ ସମ୍ମାନିତ କରାଯିବ। ଜାତୀୟ ସାମ୍ବାଦିକ କଲ୍ୟାଣ ବୋର୍ଡର ଅଧ୍ୟକ୍ଷ ତଥା ଲୋକସେବକ ମଣ୍ଡଳର ଉପାଧ୍ୟକ୍ଷ ଦୀପକ ମାଳବ୍ୟଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହେବ।

## ଶ୍ରୀଜଗନ୍ନାଥ ଭକ୍ତି ଟ୍ରଷ୍ଟ ପକ୍ଷରୁ ମନ୍ଦିର ସଫେଇ

ନନ୍ଦନକାନନ, ୯।୧୧(ସମିସ): ଶ୍ରୀଜଗନ୍ନାଥ ଭକ୍ତି ଟ୍ରଷ୍ଟ ପକ୍ଷରୁ ମନ୍ଦିର ସଫେଇ କାର୍ଯ୍ୟକ୍ରମ 'ଆମ ମନ୍ଦିର ସଫା ସୁନ୍ଦର' ଅନୁଷ୍ଠିତ ହୋଇଯାଇଛି। ଆଜି ସକାଳୁ ଶୈଳଶ୍ରୀବିହାରସ୍ଥିତ ଜଗନ୍ନାଥ ମନ୍ଦିର ପରିସର ଓ ଏହାର ଚର୍ତୁପାଶ୍ୱରେ ସଫେଇ କରାଯାଇଥିଲା। ଆଗାମୀ ଦିନରେ ଆଖପାଖର ସମସ୍ତ ମନ୍ଦିର ଓ ବିଭିନ୍ନ ସ୍ଥାନ ସଫେଇ କରାଯିବ ବୋଲି ଟ୍ରଷ୍ଟ ପକ୍ଷରୁ କୁହାଯାଇଛି। ମୁଖ୍ୟ ଟ୍ରଷ୍ଟି ହେମନ୍ତ କୁମାର ମହାପାତ୍ର ଓ ସମ୍ପାଦକ ଗୋପାଳକୃଷ୍ଣ ପଟ୍ଟନାୟକଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସଭାପତି ଆଶିଷ କୁମାର ମଲ୍ଲିକ, ଟ୍ରଷ୍ଟି ସୁରେନ୍ଦ୍ର ସେନାପତି, ବି. କେ. ଦାଶ, ରଞ୍ଜିତ ମହାନ୍ତି, ଲକ୍ଷ୍ମୀନାରାୟଣ ପଟ୍ଟନାୟକ, ଦିବ୍ୟ ବିଶ୍ୱାଳ, ଅମିତ ହୋତା, ସୁଜିତ କୁମାର ବିଶ୍ୱାଳ, ମାନସ କୁମାର ଦାଶ, ଅନନ୍ତ କୁମାର ପ୍ରଧାନ, ବରିଷ୍ଠ ନାଗରିକ ପୂର୍ଣ୍ଣଚନ୍ଦ୍ର ମହାନ୍ତି, ଲକ୍ଷ୍ମୀକାନ୍ତ ମିଶ୍ର, ଗଣେଶ୍ୱର ରଥ, ସୋଭନ ନାୟକ, ବିଶ୍ୱ ମୋହନ ଦାଶ ପ୍ରମୁଖ ଉପସ୍ଥିତ ରହି ସଫେଇ କରିଥିଲେ।

• ଇଣ୍ଟରନ୍ୟାସନାଲ ଗୀତା ମିଶନର ସପ୍ତମ ବାର୍ଷିକ ଉତ୍ସବ

## ଗୀତାବାଣୀ ଦ୍ୱାରା ହିଁ ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ସମ୍ଭବ



ଭୁବନେଶ୍ୱର, ୯।୧୧(ସମିସ): ପଦ୍ମଶ୍ରୀ ଶ୍ରୀମଦ ବାବା ବଳିଆଙ୍କ ଦ୍ୱାରା ପ୍ରତିଷ୍ଠିତ ଇଣ୍ଟରନ୍ୟାସନାଲ ଗୀତା ମିଶନ ସପ୍ତମ ବାର୍ଷିକ ଉତ୍ସବ ବୁଦ୍ଧ ମନ୍ଦିର ପରିସରରେ ପାଳିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଡ. ସ୍ୱାମୀ ଚିଦାନନ୍ଦ ବ୍ରହ୍ମଚାରୀଙ୍କ ପୌରୋହିତ୍ୟରେ ଏହି ସଭା ଅନୁଷ୍ଠିତ ହୋଇଥିଲା। ଗୀତା ଏକ ଧର୍ମଶାସ୍ତ୍ର ନୁହଁ ବରଂ ଏହା ସମଗ୍ର ବିଶ୍ୱ ପାଇଁ ଏକ ମାନବୀୟ ସମ୍ବିଧାନ ଅଟେ। ଗୀତାର ମାର୍ଗଦର୍ଶନ ଜାତି, ଧର୍ମ, ବର୍ଣ୍ଣ ଓ ସ୍ଥାନ ନିର୍ବିଶେଷରେ ସମସ୍ତ ମଣିଷମାନଙ୍କ ପାଇଁ ଉଦ୍ଦିଷ୍ଟ। ଗୀତାବାଣୀ ଦ୍ୱାରା ହିଁ ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ସମ୍ଭବ। ଏକ ଦିବସାତ୍ମକ ଗୀତା ଆଲୋଚନାଚକ୍ରରେ ଅତିଥିମାନେ ଏହି ମତ ପ୍ରଦାନ କରିଥିଲେ। ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ସନ୍ଥ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ, ମୁଖ୍ୟବକ୍ତା ଭାବେ ଦୈନିକ ଖବର କାଗଜ ପ୍ରଗତିବାଦିର କାର୍ଯ୍ୟକାରୀ ସମ୍ପାଦକ ବିରୁପାକ୍ଷ ତ୍ରିପାଠୀ, ସମ୍ମାନିତ ଅତିଥି ରୂପେ ବେଦବିଦ୍ୟାନ ଡକ୍ଟର ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର ଯୋଗଦାନ କରିଥିଲେ। ଡ. ସ୍ୱପ୍ନା ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶଙ୍କର୍ଷଣ ରାଉତ ଅନୁଷ୍ଠାନର ସମ୍ପୂର୍ଣ୍ଣ କାର୍ଯ୍ୟ ବିବରଣୀ ପାଠ କରିଥିବା ବେଳେ ଡ.ଧୃତିଧର ଦାସ କୃତଜ୍ଞତା ଜ୍ଞାପନ କରିଥିଲେ। ମିଶନର ଏହି ଉତ୍ସବରେ ସର୍ବଶ୍ରୀ ଅନୁପ ଦେ, ସଞ୍ଜୟ ରାଉତ, ଜ୍ୟୋତିରଞ୍ଜନ ଦାଶ ପ୍ରମୁଖ ସହଯୋଗ କରିଥିଲେ।

# ଦୁଇଦିନ ପରେ ଅଷ୍ଟମୀ; ପଢୁଆଁ ହେବେ ଶ୍ରୀଲିଙ୍ଗରାଜ



ଭୁବନେଶ୍ୱର, ୯।୧୧(ସମିସ): ପଢୁଆଁ ଅଷ୍ଟମୀ ପାଇଁ ଚଳଚଞ୍ଚଳ ହେଲାଣି ଉପକଣ୍ଠରୁ ସହର। ଏଥିସହିତ ଏକାମ୍ରାଧିପତି ଶ୍ରୀଲିଙ୍ଗରାଜ ମଧ୍ୟ ପଢୁଆଁ ହେବେ। ଏଥିପାଇଁ ଦିଅଁଙ୍କ ମାମୁଘର ଶ୍ରୀମୈତ୍ରେଶ୍ୱର ମନ୍ଦିରରେ ଉତ୍ସବର ମାହୋଲ ଦେଖିବାକୁ ମିଳିଲାଣି। ଭଣଜା ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କୁ ସ୍ୱାଗତ କରିବା ଓ ନୂତନ ବସ୍ତ୍ର ଦେଇ ପଢୁଆଁ ନୀତି ସମାପନ କରିବା ପାଇଁ ମନ୍ଦିର ସେବାୟତଙ୍କ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଗଲାଣି। ବୁଧବାର ଲିଙ୍ଗରାଜ ମନ୍ଦିରରେ ସକାଳୁ ଦ୍ୱିପ୍ରହର ଯାଏ ଯଥାରୀତି ପୂଜାର୍ଚ୍ଚନା, ଧୂପ ଓ ଆଳତି ଆଦି ଅନୁଷ୍ଠିତ ହେବ। ସନ୍ଧ୍ୟା ବିଧି ସରିବା ପରେ ଶ୍ରୀଜିଉଙ୍କ ଚଳନ୍ତି ପ୍ରତିମା ଶ୍ରୀଚନ୍ଦ୍ରଶେଖରଙ୍କ ସହ ମା' ପାର୍ବତୀ, ମା' ଦୁର୍ଗା ଓ ଶ୍ରୀବସୁଦେବଙ୍କୁ ସୁସଜ୍ଜିତ ବିମାନ ଓ ପାଲିଙ୍କିରେ ବିଭିନ୍ନ ସେବାୟତଙ୍କ ଗହଣରେ ବଢ଼େଇବାଙ୍କ ଛକ ନିକଟ ମୈତ୍ରେଶ୍ୱର ମନ୍ଦିରକୁ ଯାତ୍ରା କରିବେ। ମାମୁଘର ପରିସରକୁ ପୂର୍ବରୁ ବିଭିନ୍ନ ଫୁଲ ଓ ରଙ୍ଗୋଲିରେ ସଜ୍ଜିତ କରାଯିବ। ଭଣଜା ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ପଟୁଆର ମୈତ୍ରେଶ୍ୱର ମନ୍ଦିର ସମ୍ମୁଖରେ ପହଞ୍ଚିବାବେଳେ ସେଠାରେ ସୁନ୍ଦର ଆତସବାଜି କାର୍ଯ୍ୟକ୍ରମ କରାଯାଇ ଦେବଦେବୀଙ୍କୁ ସ୍ୱାଗତ କରାଯିବ। ସବୁ ଦେବଦେବୀଙ୍କୁ ଶ୍ରୀମୈତ୍ରେଶ୍ୱର ମନ୍ଦିର ସମ୍ମୁଖସ୍ଥ ସିଂହାସନରେ ଉପବେଶନ କରାଯିବ। ପରେ ପାପନାଶିନୀ ପୁଷ୍କରିଣୀରୁ ଆସିଥିବା ଜଳରେ ଦେବଦେବୀଙ୍କ ସ୍ନାନ ବିଧି ଅନୁଷ୍ଠିତ ହେବ। ତତ୍‌ପରେ ସେବାୟତଙ୍କ ଦ୍ୱାରା ନୂତନ ବସ୍ତ୍ର ପରିଧାନ କରାଯିବା ସହ ପଞ୍ଚ ଉପଚାରରେ ଦେବଦେବୀଙ୍କୁ ପୂଜା କରାଯାଇ ମାମୁ ଭଣଜାଙ୍କୁ ମୁଆଁ ଭୋଗ ଲାଗି କରି ଭେଟ ଆଳତି ଅନୁଷ୍ଠିତ ହେବ। ପ୍ରଭୁଙ୍କ ପଢୁଆଁ ବିଧି ସରିବା ପରେ ଶ୍ରୀଜିଉ ପ୍ରତ୍ୟାବର୍ତ୍ତନ କରିବେ ଏବଂ ବାଟରେ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ମାଇଁ ମା' କପାଳୀ ଠାକୁରାଣୀଙ୍କ ପାଖରେ ଭେଟ ଆଳତି କରାଯିବ। ଏହାପରେ ସମସ୍ତ ଦେବଦେବୀ ପୁଣି ପଟୁଆରରେ ମନ୍ଦିରକୁ ଫେରିବେ।

ଶିବ ଶୟନ ଚତୁର୍ଦ୍ଦଶୀ ଠାରୁ ଦିଅଁ ଶୟନ କରିଥାନ୍ତି। ଶିବ ଉଥାପନ୍ନା ଚର୍ତୁଦ୍ଦଶୀ ଦିନ ଦିଅଁ ନିଦ୍ରାରୁ ଉଠିବା ପରେ ପଢୁଆଁ ଅଷ୍ଟମୀଠାରୁ ଦିଅଁଙ୍କର ଆଦ୍ୟ ଯାତ୍ରା ବା ଚତୁର୍ଦ୍ଦଶୀ ଯାତ୍ରା ଆରମ୍ଭ ହୋଇଥାଏ ବୋଲି ବଡୁ ସେବାୟତ ମୈସମ୍ ବଡୁ କହିଛନ୍ତି।

ପିଏମ୍‌ଓ ଫୋକସ୍‌ରେ ସମ୍ବଲପୁର

# ଗୁରୁତରଙ୍କୁ ଏଆର୍‌ଲିଫ୍ଟ ପାଇଁ ହେଲିପ୍ୟାଡ୍

**ସମ୍ବଲପୁର, ୯।୧୧ (ସମିସ)**

ସମ୍ପ୍ରତି ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ) ଫୋକସ୍‌ରେ ରହିଛି ସମ୍ବଲପୁର। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ) ପକ୍ଷରୁ ରାଜ୍ୟ ସରକାରଙ୍କୁ ସମ୍ବଲପୁର ନଗରୀର ବିକାଶ ଓ ପ୍ରମୁଖ ସମସ୍ୟାର ନିରାକରଣ ନିମନ୍ତେ ସମନ୍ୱିତ ବିକାଶ ଯୋଜନା ବା ମାଷ୍ଟର ଡେଭଲପମେଣ୍ଟ ପ୍ଲାନ ପ୍ରଣୟନ ପାଇଁ କୁହାଯାଇଛି। ଗତ ଅଗଷ୍ଟ ମାସରେ ପ୍ରଧାନମନ୍ତ୍ରୀଙ୍କ ପରାମର୍ଶଦାତା ତରୁଣ କପୁର ସମ୍ବଲପୁର ଗସ୍ତରେ ଆସି ଅନୁଧ୍ୟାନ କରିବାପରେ ମୁଖ୍ୟ ସଚିବ ମନୋଜ ଆହୁଜାଙ୍କୁ ପରାମର୍ଶ ପଠାଯାଇଥିବା ଜଣାପଡ଼ିଛି। ଏହି ଯୋଜନାରେ ସ୍ଥାନୀୟ ଶିଳ୍ପ ସଂସ୍ଥା ଗୁଡ଼ିକୁ ସାମିଲ କରିବା ଉପରେ ଗୁରୁତ୍ୱାରୋପ କରାଯାଇଛି। ସମ୍ବଲପୁର ଶିଳ୍ପ ଓ ଶିକ୍ଷାର କେନ୍ଦ୍ର ହେବା ସହିତ କଳା ଓ ସଂସ୍କୃତି କ୍ଷେତ୍ରରେ ଏକ ଉନ୍ନୀତ ଅଞ୍ଚଳ। ସମ୍ବଲପୁର ଜିଲ୍ଲା ଶିଳ୍ପ କାର୍ଯ୍ୟକଳାପ, ଭିତ୍ତିଭୂମି ଉପରେ ବଢୁଥିବା ଚାପ, ଆଧୁନିକ ସୁବିଧାର ଅଭାବ, ଟ୍ରାଫିକ ଭିଡ ତଥା ସୀମିତ ସହରାଞ୍ଚଳ ସୁବିଧା ଯୋଗୁଁ ଖରାପ ବାୟୁ ଗୁଣବତ୍ତାର ଚ୍ୟାଲେଞ୍ଜର ସମ୍ମୁଖୀନ ହେଉଥିବା ପିଏମଓ ପକ୍ଷରୁ କୁହାଯାଇଛି। ଏହି ସମସ୍ୟାର ନିରାକରଣ ଦିଗରେ ଅଗ୍ରାଧିକାର ଭିତ୍ତିରେ କାର୍ଯ୍ୟ କରିବାକୁ ଯୋଜନା ପ୍ରଣୟନ ସକାଶେ ନିର୍ଦ୍ଦେଶ ରହିଛି।

ଜରୁରୀକାଳୀନ ଚିକିତ୍ସା ବ୍ୟବସ୍ଥା ପାଇଁ ସ୍ଥାନାନ୍ତରକୁ ସହଜ କରିବାକୁ ଏକ ହେଲିପ୍ୟାଡ୍ ନିର୍ମାଣ ସହିତ ରାୟପୁରରୁ ସମ୍ବଲପୁର ଏବଂ ସମ୍ବଲପୁରରୁ ରାଞ୍ଚି ରୁଟ୍‌ରେ ବନ୍ଦେ ଭାରତ ଟ୍ରେନ୍ ସେବା ଆରମ୍ଭ କରିବାର ସମ୍ଭାବନାକୁ ଅନୁସନ୍ଧାନ କରିବାକୁ ପିଏମ୍‌ଓ ପକ୍ଷରୁ ରେଳ ମନ୍ତ୍ରଣାଳୟକୁ ପରାମର୍ଶ ଦିଆଯାଇଛି। ସମ୍ବଲପୁରରେ ଟ୍ରାଫିକ୍ ଜାମ୍‌କୁ ହ୍ରାସ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଇ-ରିକ୍ସା ପ୍ରଚଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ପୋଲିସ ପ୍ରଶାସନକୁ ଅପରାଧ ନିୟନ୍ତ୍ରଣ ଏବଂ ଆଇନ ଶୃଙ୍ଖଳା ବଜାୟ ରଖିବା ପାଇଁ ସମ୍ବେଦନଶୀଳ ଓ ପ୍ରମୁଖ ସ୍ଥାନ ତଥା ବସ୍‌ରେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ସକ୍ଷମ କ୍ୟାମେରା ସ୍ଥାପନ ଅନୁସନ୍ଧାନ କରିବାକୁ କୁହାଯାଇଛି। ପ୍ରସ୍ତାବିତ ପ୍ରକଳ୍ପଗୁଡ଼ିକ ସମୟସୀମା ମଧ୍ୟରେ ସମାପ୍ତ କରିବା ନିଶ୍ଚିତ କରିବା ପାଇଁ ସମୟସୀମା ଅନୁଯାୟୀ ଜମି ଚିହ୍ନଟ କରିବା ଏବଂ କାର୍ଯ୍ୟାନ୍ୱୟନ ସଂସ୍ଥାକୁ ଆବଶ୍ୟକୀୟ ଜମି ହସ୍ତାନ୍ତର କରିବା ଉପରେ ପିଏମ୍‌ଓ ଗୁରୁତ୍ୱାରୋପ କରିଛି।ବନ ବିଭାଗ ଡେବ୍ରିଗଡ଼ ବନ୍ୟପ୍ରାଣୀ ଅଭୟାରଣ୍ୟକୁ ବ୍ୟାପକ ସମ୍ବଲପୁର ବିକାଶ ଢାଞ୍ଚା (ହୀରାକୁଦ ବିକାଶ ଯୋଜନା)ରେ ସଂଯୁକ୍ତ କରିବା ପାଇଁ ସୁଯୋଗ ଯାଞ୍ଚ ଏବଂ ଅନୁସନ୍ଧାନ କରିପାରିବ। ସଂରକ୍ଷଣ ଲକ୍ଷ୍ୟ, ପର୍ଯ୍ୟଟନ ସମ୍ଭାବନା ଏବଂ ସାମୁଦାୟିକ କଲ୍ୟାଣ ସହିତ ସମନ୍ୱିତ ସମ୍ବଲପୁର ବିକାଶ ପ୍ରକଳ୍ପ ଏବଂ ଡେବ୍ରିଗଡ଼ ବନ୍ୟପ୍ରାଣୀ ଅଭୟାରଣ୍ୟ ପାଇଁ ଏକ ବିସ୍ତୃତ ପ୍ରକଳ୍ପ ରିପୋର୍ଟ ଯାଞ୍ଚ ଏବଂ ଅନୁସନ୍ଧାନ କରିବାକୁ ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗକୁ ସୁପାରିଶ କରାଯାଇଛି। ଏକ ଉଚ୍ଚସ୍ତରୀୟ ଯୋଜନା ପ୍ରଣୟନକାରୀ କମିଟି ଗଠନ କରାଯିବାକୁ ଓ କମିଟି ସଦସ୍ୟ ଜିମ୍ କର୍ବେଟ୍, ରଣଥମ୍ବୋର ଜାତୀୟ ଉଦ୍ୟାନ, ବନ ବିହାର ଜାତୀୟ ଉଦ୍ୟାନ ଭଳି ଦେଶର ପ୍ରମୁଖ ବନ୍ୟପ୍ରାଣୀ ଅଭୟାରଣ୍ୟ ବିଭିନ୍ନ ସ୍ଥାନ ପରିଭ୍ରମଣ କରି ପ୍ରତ୍ୟକ୍ଷ ଜ୍ଞାନ ହାସଲ କରି ସମ୍ବଲପୁର ପାଇଁ ଆବଶ୍ୟକ ଯୋଜନା ପ୍ରଣୟନ କରିବାକୁ ମଧ୍ୟ କୁହାଯାଇଛି।

**ଗଡ଼ିବ ରାୟପୁର, ରାଞ୍ଚିକୁ ବନ୍ଦେଭାରତ**

**ଜାତୀୟ ଅଭୟାରଣ୍ୟ ଢାଞ୍ଚାରେ ହେବ ଡେବ୍ରିଗଡ଼**

# ସମଲେଶ୍ୱରୀ ମନ୍ଦିରରେ ଭଜନ ସନ୍ଧ୍ୟା

**ସମ୍ବଲପୁର, ୯।୧୧ (ସମିସ) :** ସମଲେଶ୍ୱରୀ ମନ୍ଦିର ଆଜି ଭକ୍ତି ସଙ୍ଗୀତର ସ୍ୱରରେ ଆଧ୍ୟାତ୍ମିକ ପରିବେଶରେ ଭରିଯାଇଥିଲା। ଶହ ଶହ ଭକ୍ତ ମା' ସମଲେଶ୍ୱରୀଙ୍କ ଭଜନର ଲୟରେ ମଗ୍ନ ହୋଇ ଭକ୍ତି ଓ ଆସ୍ଥାର ଏକ ଅଲୌକିକ ମାହୋଲ ସୃଷ୍ଟି ହୋଇଥିଲା। ସମଲେଶ୍ୱରୀ ମନ୍ଦିର ଟ୍ରଷ୍ଟ ବୋର୍ଡ ଓ କଳାକାର ମାନଙ୍କ ପକ୍ଷରୁ ଆୟୋଜିତ



ଭଜନ ସନ୍ଧ୍ୟାକୁ ଟ୍ରଷ୍ଟ ବୋର୍ଡର ସଭାପତି ସଞ୍ଜୟ ବାବୁ ଉଦ୍‌ଘାଟନ କରିଥିଲେ। ଟ୍ରଷ୍ଟ ବୋର୍ଡ ସଦସ୍ୟ ପ୍ରଫୁଲ୍ଲ କୁମାର ହୋତା, ଦେବକୁମାର ଆଜମେରିଆ, ଗୁରୁ ରତନ ପୁଜାରୀ, ଗୁରୁ ତ୍ରିଲୋଚନ ତ୍ରିପାଠୀ, ଗୁରୁ ଶଙ୍କର ପ୍ରଧାନ, ଗୁରୁ ଦୁର୍ଗାମାଧବ ପଣ୍ଡା, ଅନଙ୍ଗ ସାଇଦେଓ, ସୁଶିଲ ଦାଶ ଉପସ୍ଥିତ ଥିଲେ। କଳାକାରମାନଙ୍କ ଦ୍ୱାରା ମା'ଗୋ ମା' ସମଲେଇ, କେନେ ତୁଇ ରକ୍ତମୁଖୀ... ଆଜି ଧବଳମୁଖୀ, ଶିରୀ ସମଲେଇ, ଝିଲିମିଲି ଜନ୍ ଚକାବରନି ଆଦି ଗୀତ ଭକ୍ତମାନଙ୍କୁ ବିମୋହିତ କରିଥିଲା। କଣ୍ଠଶିଳ୍ପୀ ପ୍ରକୃତି ପଣ୍ଡା, ସୋମ୍ ପାଢ଼ୀ, ଅଙ୍କିତ ଷଡ଼ଙ୍ଗୀ, ଆଶାରାଣୀ ପଣ୍ଡା, ସିଲକି ବହିଦାର, ମଧୁସ୍ମିତା ନାଏକ, ଦୁର୍ଗା ମାଧବ ପଣ୍ଡା, ମାନସ କୁମାର ଷଡ଼ଙ୍ଗୀ ପ୍ରମୁଖ ସଙ୍ଗୀତ ପରିବେଷଣ କରିଥିଲେ। ବାଦ୍ୟଯନ୍ତ୍ରରେ ଦେବାଶିଷ ପାଢ଼ୀ, ସିଲୁ ସିଂଦେଓ, ଦିବାକର ମହାନନ୍ଦ, ମନିଶ ବାଗ, ରାମ ଶଙ୍କର ହରିପାଲ, ମଧୁସୂଦନ ଗଡ଼ତିଆ ଓ ପ୍ରେମ କୁମ୍ଭାର ସହଯୋଗ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନା ଓ ସଂଯୋଜନା କରିଥିଲେ ଗୁରୁ ଦୁର୍ଗା ଦାଶ।

ସମଲେଶ୍ୱରୀ ମନ୍ଦିର ଟ୍ରଷ୍ଟ ବୋର୍ଡ ପକ୍ଷରୁ ପ୍ରତିମାସର ଦ୍ୱିତୀୟ ଓ ଚତୁର୍ଥ ରବିବାର ସନ୍ଧ୍ୟାରେ ଭଜନ ସନ୍ଧ୍ୟା ଆୟୋଜନ କରାଯାଉଛି। ସ୍ଥାନୀୟ କଳାକାର ଓ ଶିଳ୍ପୀମାନଙ୍କ ସହଭାଗିତାରେ ଏହି ପ୍ରୟାସ ସମ୍ବଲପୁରର ସାଂସ୍କୃତିକ ପରମ୍ପରାକୁ ଆଗକୁ ବଢ଼ାଇବ ବୋଲି ଭକ୍ତମାନେ ଆଶାପ୍ରକାଶ କରୁଛନ୍ତି। ମା'ଙ୍କ ପୀଠ ସମ୍ବଲପୁରର ଆଧ୍ୟାତ୍ମିକ ତଥା ସାଂସ୍କୃତିକ ପ୍ରାଣକେନ୍ଦ୍ର ଏବଂ ଆଗାମୀ ଦିନରେ ଏଦିଗରେ ଟ୍ରଷ୍ଟ ବୋର୍ଡ ଆହୁରି ଅନେକ ପଦକ୍ଷେପ ନେବାକୁ ଯୋଜନା କରିଛି ବୋଲି ସଭାପତି ଶ୍ରୀ ବାବୁ ସୂଚନା ଦେଇଛନ୍ତି।

# ଥର୍ ଧକ୍କାରେ ମୋପେଡ୍ ଆରୋହୀ ମୃତ

**ସମ୍ବଲପୁର, ୯।୧୧ (ସମିସ):** ଯୁଯୋମୁରା ଥାନା ଅନ୍ତର୍ଗତ ହିରୋଗାଁ ପାଖରେ ସମ୍ବଲପୁର-ମେଘପାଳ ରାସ୍ତାରେ ଏକ ଥର୍ ଗାଡ଼ି ଧକ୍କାରେ ଟିଭିଏସ୍ ମୋପେଡ ଆରୋହୀଙ୍କ ମୃତ୍ୟୁ ହୋଇଛି। ଶବ ସଦର ଡାକ୍ତରଖାନା ଫ୍ରିଜର୍‌ରେ ରଖାଯାଇଥିବାବେଳେ ଆସନ୍ତାକାଲି ତାଙ୍କ ଶବ ବ୍ୟବଚ୍ଛେଦ କରାଯିବ ବୋଲି ଜଣାପଡ଼ିଛି। ପୁଲିସର ସୂଚନା ଅନୁଯାୟୀ, ଆଜି ଅପରାହ୍ଣ ୨ଟା ୧୫ ମିନିଟ୍‌ରୁ ୨ଟା ୪୫ ମିନିଟ ମଧ୍ୟରେ ହିରୋ ଗାଁ ନିକଟରେ ଟିଭିଏସ୍ ମୋପେଡରେ ଯାଉଥିବା ଗୋବର୍ଦ୍ଧନ ବଡ଼ମାଲ ଗାଁର ବିପ୍ର ବଘାର (୪୫)ଙ୍କୁ ବୁଲାଣି ନିକଟରେ ସମ୍ବଲପୁରରୁ ମେଘପାଳ ଆଡ଼କୁ ଯାଉଥିବା ଥର୍ ଗାଡ଼ି ଧକ୍କା ଦେଇଥିଲା। ଘଟଣାସ୍ଥଳରେ ବିପ୍ରଙ୍କ ମୃତ୍ୟୁ ହୋଇଥିଲା। ସ୍ଥାନୀୟ ଲୋକେ ପୁଲିସକୁ ଖବର ଦେବାପରେ ପୁଲିସ ଶବ ଜବତ କରି ସଦର ଡାକ୍ତରଖାନାକୁ ଆଣିଥିଲା। ଆଜି ସନ୍ଧ୍ୟା ହୋଇଯାଇଥିବାରୁ ଆସନ୍ତାକାଲି ଶବ ବ୍ୟବଚ୍ଛଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯିବ। ପୁଲିସ ଥର୍ ଗାଡ଼ିକୁ ଜବତ କରିବାସହ ଗାଡ଼ି ଚାଳକକୁ ଅଟକ ରଖିଥିବା ସୂଚନା ମିଳିଛି।

# ଅନ୍ତର୍ଜାତୀୟ ଚିତ୍ରକଳା ପ୍ରଦର୍ଶନୀରେ ୬ ଓଡ଼ିଆ ଚିତ୍ରଶିଳ୍ପୀ ସମ୍ବର୍ଦ୍ଧିତ

**ସମ୍ବଲପୁର, ୯।୧୧ (ସମିସ) :** ନେପାଳ କାଠମାଣ୍ଡୁ ସ୍ଥିତ ଆର୍ଟ କାଉନସିଲ ନେପାଳ ଗ୍ୟାଲେରୀରେ ଚଳିତମାସ ୪ ରୁ ୬ ତାରିଖ ପର୍ଯ୍ୟନ୍ତ ଆନ୍ତର୍ଜାତୀୟ ଚିତ୍ରକଳା ଓ ଭାସ୍କର୍ଯ୍ୟ କର୍ମଶାଳା ଏବଂ ପ୍ରଦର୍ଶନୀ 'ଡ୍ରିମ ସ୍କେପ୍ ୨୦୨୫' ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାରତ, ବଙ୍ଗଳାଦେଶ, ନେପାଳ, ମରିସସ୍‌ର ମନୋନୀତ ବିଶିଷ୍ଟ ଚିତ୍ର ଓ ଭାସ୍କର୍ଯ୍ୟ ଶିଳ୍ପୀ ମାନଙ୍କୁ ନେଇ ଆନ୍ତର୍ଜାତୀୟ କର୍ମଶାଳା ଅନୁଷ୍ଠିତ ହେବାସହ ୧୦୦ ଜଣ କଳାକାର ନିଜ ନିଜର ସଂସ୍କୃତି ନିଜ କାନଭାସ ମାଧ୍ୟମରେ ପ୍ରଦର୍ଶିତ କରିଥିଲେ। ଓଡ଼ିଶାର ବିଶିଷ୍ଟ ଚିତ୍ରଶିଳ୍ପୀ ମାନେ ହେଲେ - ଶ୍ୟାମସୁନ୍ଦର ଆଚାରୀ (ଆର୍ଟ କ୍ୟୁରେଟର ପୂର୍ବତଟ ରେଳପଥ, ଭୁବନେଶ୍ୱର), ସୋମ୍ୟରଞ୍ଜନ ପଟ୍ଟନାୟକ (କ୍ରିଷ୍ଣା ଏକାଡେମୀ ଅଫ ଆର୍ଟ ଏଣ୍ଡ କଲଚର, ମିରପାଟଣା, କେନ୍ଦ୍ରାପଡ଼ା), ରାଧେଶ୍ୟାମ ବାରିକ (କଳା ଶିକ୍ଷକ ଦିଲ୍ଲୀ ପବ୍ଲିକ ସ୍କୁଲ, ପାରାଦୀପ ରିଫାଇନାରୀ), କ୍ଷୀରସିନ୍ଧୁ ଭୋଇ (ଅଧ୍ୟାପକ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଭବାନୀପାଟଣା, କଳାହାଣ୍ଡି), ଲୀନା ମେହେର (ପ୍ରତିଷ୍ଠାତା ପାଟଣା ଲଳିତକଳା, ବଲାଙ୍ଗୀର) ଏବଂ ଅନୁରେଖା ଜେନା (ପ୍ରତିଷ୍ଠାତା ଅନୁରେଖା ସ୍କୁଲ ଅଫ ଆର୍ଟ, ସମ୍ବଲପୁର)।



ଏହିମାନଙ୍କୁ କର୍ମଶାଳାରେ ନେପାଳର ବିଭିନ୍ନ ଅନୁଷ୍ଠାନ ଦ୍ୱାରା ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ପ୍ରଦର୍ଶନୀରେ ଉଚ୍ଚକୋଟୀର ଚିତ୍ରକଳା ପାଇଁ ଓଡ଼ିଶାର ଚିତ୍ରଶିଳ୍ପୀ ମାନଙ୍କୁ ନେପାଳର ଅତିଥିମାନେ ମାନପତ୍ର, ସ୍ମୃତିଫଳକ, ଉତ୍ତରୀୟ, ରୁଦ୍ରାକ୍ଷମାଳ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ନେପାଳ ଆର୍ଟ ଡେକୋର୍ ସଂସ୍ଥା ପକ୍ଷରୁ ଆୟୋଜନ କରାଯାଇଥିଲା।

# ରାଷ୍ଟ୍ରଗାନର ୧୫୦ ବର୍ଷ ପୂର୍ତ୍ତି କାର୍ଯ୍ୟକ୍ରମ

**ସମ୍ବଲପୁର, ୯।୧୧ (ସମିସ) :** ଭାରତୀ ସମାଜ ପକ୍ଷରୁ ରବିବାର ଗୁରୁ ସତ୍ୟନାରାୟଣ ସମ୍ବଲପୁରୀ ଡେରା ପରିସରରେ ରାଷ୍ଟ୍ରଗାନ ବନ୍ଦେ ମାତରମ୍‌ର ୧୫୦ ବର୍ଷ ପୂର୍ତ୍ତି ଅବସରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଭାରତୀ ସମାଜର ବରିଷ୍ଠ ସଦସ୍ୟ ଗଦାଧର ନିଆଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ ଗ୍ରାମପଞ୍ଚାୟତ ଅଧିକାରୀ ଟିକେଲାଲ କୁମ୍ଭାର ଅତିଥି ଭାବରେ ଯୋଗ ଦେଇଥିଲେ। ଭାରତୀ ସମାଜର ସଞ୍ଚାଳକ ଭବାନୀଶ ଭୋଇ ଆଲୋଚକ ଭାବେ ଯୋଗଦେଇ ବନ୍ଦେ ମାତରଂ ଗୀତ ସହ ଜାତୀୟତା ଭାବନା ଯୋଡ଼ି ହୋଇ ରହିଥିବା କହିଥିଲେ। କାର୍ଯ୍ୟକ୍ରମରେ ଭାରତୀୟ ଲୋକଙ୍କୁ ଏକତା ସୂତ୍ରରେ ବାନ୍ଧି ରଖିବାରେ ବନ୍ଦେ ମାତରମ ଗୀତର ମହତ୍ତ୍ୱ ଉପରେ ଆଲୋଚନା କରାଯାଇଥିଲା। ଭାରତୀୟ ସଂସ୍କୃତି ପାଞ୍ଚହଜାରରୁ ଅଧିକ ବର୍ଷ ପୁରୁଣା ହୋଇଥିବା ସତ୍ତ୍ୱେ ଯୁବପିଢ଼ି ନିଜ ସଂସ୍କୃତି ଏବଂ ପରମ୍ପରାକୁ ଠିକ ଭାବେ ବୁଝିବା ସହ ଏହାର ସୁରକ୍ଷା ଏବଂ ପ୍ରଚାର ପ୍ରସାର ପାଇଁ କାର୍ଯ୍ୟ କରିବାକୁ ଆହ୍ୱାନ ଦିଆଯାଇଥିଲା। ଚଳିତବର୍ଷ ଭାରତୀ ସମାଜ ସ୍ଥାପନର ୨୫ ବର୍ଷ ପୂର୍ତ୍ତି ଅବସରରେ ବର୍ଷତମାମ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ ବିଷୟରେ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ଶିବ ଶଙ୍କର ନାଥ, ପ୍ରେମ ସାହାଣୀ, ଚିନ୍ମୟ ଗଡ଼ତିଆ, ସୁବ୍ରତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# 'ମଣିଷକୁ ଆହୁରି ମାନବିକତା ଦିଏ ବହି'

**ଗିରିଧାରୀ ହୋତାଙ୍କ ପୁସ୍ତକ ଲୋକାର୍ପଣ ଉତ୍ସବ**



**ସମ୍ବଲପୁର, ୯।୧୧ (ସମିସ) :** ଭଲ ବହିଟିଏ ସବୁବେଳେ ସମାଜକୁ ସୁସ୍ଥ ଓ ମଣିଷକୁ ମାନବିକତା ସମ୍ପଦରେ ଧନୀ କରିବାପାଇଁ ଉପାଦାନ ଦେଇଥାଏ। ଶିକ୍ଷାବିତ୍ ଡଃ ଗିରିଧାରୀ ହୋତାଙ୍କ 'ଆଚାରେ ଉଦାରେଚ' ଓ 'ମଲ୍ଟିଲିଙ୍ଗୁଆଲ୍ ଏଜୁକେସନ୍' ବହିଦ୍ୱୟ ଛାତ୍ରଛାତ୍ରୀ ଶିକ୍ଷକ ଶିକ୍ଷୟିତ୍ରୀ ତଥା ଶିକ୍ଷାୟତନ ପାଇଁ ଏଭଳି ଉପାଦାନ ଦେବ ବୋଲି ଲୋକାର୍ପଣ ଉତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଆଜି ସନ୍ଧ୍ୟାରେ ସମ୍ବଲପୁର ପବ୍ଲିକ ଲାଇବ୍ରେରୀରେ ଆୟୋଜିତ ପୁସ୍ତକ ଉନ୍ମୋଚନ ଉତ୍ସବରେ ଶିକ୍ଷାବିତ୍ ଅରବିନ୍ଦ ମହାପାତ୍ର ସଭାପତିତ୍ୱ କରିଥିବାବେଳେ ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଫେସର ମୀନକେତନ ପାଠୀ ଓ ପ୍ରଫେସର ପ୍ରଦୀପ କୁମାର ପଣ୍ଡା ବହିଦ୍ୱୟର ସମୀକ୍ଷା କରିଥିଲେ। ପ୍ରଫେସର ଶଙ୍କର ପ୍ରସାଦ ପତି, ଅର୍ଜୁନ ରଞ୍ଜନ ପଣ୍ଡା, ପବ୍ଲିକ ଲାଇବ୍ରେରୀର ସଭ୍ୟସଚିବ ରଘୁନାଥ ମିଶ୍ର ଅତିଥି ଭାବରେ ଯୋଗ ଦେଇଥିଲେ। ଡଃ ଗୌରୀଦାସ ପ୍ରଧାନ ସଭାକୁ ସଂଯୋଜନା କରିଥିଲେ।

# ବୈଦିକ ଇଣ୍ଟରନେସନାଲରେ ସ୍କୁଲ ସାର୍କ ଟେଙ୍କ ପାଳିତ

**ସମ୍ବଲପୁର, ୯।୧୧ (ସମିସ) :** ଶାସନ ପାବପାଲିସ୍ଥିତ ବୈଦିକ ଇଣ୍ଟରନେସନାଲ ସ୍କୁଲ ପକ୍ଷରୁ 'ବୈଦିକ ଇଣ୍ଟରନେସନାଲ ସ୍କୁଲ ସାର୍କ ଟେଙ୍କ' ବୁର୍ଲାସ୍ଥିତ ବିଜୁ ପଟ୍ଟନାୟକ ଅଡିଟୋରିୟମରେ ଆୟୋଜିତ ହୋଇଯାଇଛି। ଛାତ୍ରଛାତ୍ରୀମାନଙ୍କ ବାଣିଜ୍ୟିକ ଚିନ୍ତାଧାରାକୁ ପରଖିବା, ବିଭିନ୍ନ ପ୍ରକାରର ବ୍ୟବସାୟିକ ପ୍ରକଳ୍ପକୁ ଦୁନିଆ ଆଗରେ ପରିପ୍ରକାଶ କରିବାସହ ସେହି ପ୍ରକଳ୍ପରେ ପୁଞ୍ଜି ବିନିଯୋଗ କରିବା ପାଇଁ ସାର୍କ ମାନଙ୍କ ପାଖରୁ ପୁଞ୍ଜି ଆଣିବା ହେଉଛି ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଏବଂ ବୈଦିକ ଇଣ୍ଟରନେସନାଲ ସ୍କୁଲ ସମସ୍ତ ଛାତ୍ରଛାତ୍ରୀ ମାନଙ୍କୁ ସେହି ସୁଯୋଗ ଦେଇ ଏହି କାର୍ଯ୍ୟକ୍ରମକୁ ସଫଳ ମଣ୍ଡିତ କରିଛି। ସମ୍ବଲପୁର, ବରଗଡ଼, ଝାରସୁଗୁଡ଼ା ସହିତ ଛତିଶଗଡ଼ ରାଜ୍ୟର ରାୟଗଡ଼ ଜିଲ୍ଲାରୁ ୩୦୦ରୁ ଅଧିକ ଛାତ୍ରଛାତ୍ରୀ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ସାର୍କମାନେ ଛାତ୍ରଛାତ୍ରୀମାନଙ୍କ ପ୍ରକଳ୍ପକୁ ପରଖିବାସହ ଲକ୍ଷାଧିକ ତାଙ୍କ ବିନିଯୋଗ କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ସାର୍କ ଭାବରେ ବିଶିଷ୍ଟ ଉଦ୍ୟୋଗପତି ହରଜିତ ସିଂହହୁରା, ଦୀନେଶ ସିଙ୍ଘାଣିଆ ଓ ଡ. ପୁରୁଷୋତ୍ତମ ଅଗ୍ରୱାଲ ଓ ସି.ଏ. ଅଶୋକ ଅଗ୍ରୱାଲ ଯୋଗଦେଇଥିଲେ। ଅନୁଷ୍ଠାନର ଚେୟାରମେନ ଆନନ୍ଦ ଅଗ୍ରୱାଲ ଛାତ୍ରଛାତ୍ରୀ ମାନଙ୍କର ଏହି ବ୍ୟବସାୟିକ ପ୍ରକଳ୍ପକୁ କିପରି ଭାବରେ ସାରା ଦୁନିଆକୁ ଜଣାଯାଇ ପାରିବ ସେ ବିଷୟରେ ଆଲୋଚନା କରିବା ସହ ବିଶେଷ ପୁରସ୍କାର ମଧ୍ୟ ପ୍ରଦାନ କରିଥିଲେ। ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ହୋଇଥିବା ଏପ୍ରକାର କାର୍ଯ୍ୟକ୍ରମକୁ ବିଦ୍ୟାଳୟର ସମସ୍ତ ଶିକ୍ଷକଗଣଙ୍କ ସହ ଅଧ୍ୟକ୍ଷ ଗୀତା ଧର୍ମରାଜନ, ଉପାଧ୍ୟକ୍ଷ ମୋନେନ ଈଶ୍ୱରୀ ଉପସ୍ଥିତ ରହି ଖୁସିବ୍ୟକ୍ତ କରିଥିଲେ। ପ୍ରକାଶ ଥାଉ ଯେ ଆସନ୍ତା ନଭେମ୍ବର ୧୫ ଓ ୧୬ରେ ବୈଦିକ ଇଣ୍ଟରନେସନାଲ ସ୍କୁଲ ପରିସରରେ ଫୋଟୋଗ୍ରାଫି କର୍ମଶାଳା ମଧ୍ୟ ଅନୁଷ୍ଠିତ ହେବାକୁ ଯାଉଛି ଯେଉଁଥିରେ ସମଗ୍ର ଓଡ଼ିଶାରୁ ୩୦୦ରୁ ଅଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିବେ।




# 'ପିଲାମାନେ ପ୍ରତିଦିନ ଗୀତା ଆବୃତ୍ତି କରନ୍ତୁ'

**ସମ୍ବଲପୁର, ୯।୧୧ (ସମିସ) :** ସମ୍ବଲପୁର ପବ୍ଲିକ ଲାଇବ୍ରେରୀ ଓ ସଂସ୍କୃତ ବିଦୁଷି ସରିତା ମାଝୀ ସ୍ମୃତି କମିଟି ତରଫରୁ ଆଜି ପୂର୍ବାହ୍ଣରେ ଲାଇବ୍ରେରୀ ସଭାପତି ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଏକ ସଭା ଆୟୋଜିତ ହୋଇଯାଇଛି। ଏଥିରେ ବିଶିଷ୍ଟ ବାଗ୍ମୀ ତଥା ପ୍ରବଚକ ଡାକ୍ତର କୃଷ୍ଣକେଶବ ଷଡଙ୍ଗୀ ମୁଖ୍ୟଅତିଥି ଭାବେ ଯୋଗଦେଇ ସଂସ୍କୃତକୁ ଦେବଭାଷା ଭାବେ ବର୍ଣ୍ଣନା କରିଥିଲେ। ସବୁଭାଷାର ମୂଳରେ ସଂସ୍କୃତ ରହିଥିବା ଉଲ୍ଲେଖ କରି ବିଭିନ୍ନ ଉଦାହରଣ ମାଧ୍ୟମରେ ଏହି ଭାଷାର ମାଧୁର୍ଯ୍ୟତା, ବ୍ୟାକରଣଗତ ବ୍ୟବହାର, ଉଚ୍ଚାରଣ ଶୈଳୀ ଓ ଅନ୍ୟାନ୍ୟ ଗୁଣାବଳୀ ଉପରେ ଆଲୋକପାତ କରିବାସହ ପିଲାମାନେ ସବୁଦିନ ଗୀତାରୁ ଅନ୍ତତଃ ପାଞ୍ଚୋଟି ଶ୍ଳୋକ ଆବୃତ୍ତି କରିବାକୁ ଆହ୍ୱାନ ଦେଇଥିଲେ। ସଭାରେ ସମ୍ମାନିତ ଅତିଥି ଭାବେ ଅନୁଷ୍ଠାନର ସଭ୍ୟସଚିବ ରଘୁନାଥ ମିଶ୍ର, ବରିଷ୍ଠ ସାମ୍ବାଦିକ ହେମନ୍ତ ମହାପାତ୍ର ଏବଂ କାର୍ଯ୍ୟକ୍ରମର ଆୟୋଜକ ବିଭୁତି ନାରାୟଣ ମାଝୀ ମଞ୍ଚାସୀନ ଥିଲେ। ରାଜେନ୍ଦ୍ର ପଣ୍ଡା ଉଦ୍ଦେଶ୍ୟ ଜ୍ଞାପନ କରିବାସହ ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହି ଅବସରରେ ଅରବିନ୍ଦ ଶିକ୍ଷାକେନ୍ଦ୍ର ମହୁଲପାଲିର ନିର୍ଦ୍ଦେଶକ କୁଳଧର ପ୍ରଧାନ ଓ ଅଧ୍ୟକ୍ଷା ସନ୍ଧ୍ୟାରାଣୀ ପ୍ରଧାନ, ବିଚାରକ ଚିନ୍ତାମଣି ଭୋଇ, ଚନ୍ଦ୍ରପ୍ରଭା କର, ଦୁର୍ଗାଶଙ୍କର ପାଣିଗ୍ରାହୀ ଓ କୃଷ୍ଣଚନ୍ଦ୍ର ଦୋରାଙ୍କୁ ସମ୍ମାନିତ କରାଯାଇଥିଲା। ଶେଷରେ ଆୟୋଜକ ଶ୍ରୀ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।



ସଂସ୍କୃତ ବିଦୁଷି ସରିତା ମାଝୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ଗତମାସରେ ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଗୀତା ଆବୃତ୍ତି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏଥିରେ ଗ୍ରାମାଞ୍ଚଳରୁ ଯୁଯୋମୁରା ହାଇସ୍କୁଲର କୁମୁଦିନୀ ବିଶ୍ୱାଳ, ଟାମ୍ପରଗଡ଼ ହାଇସ୍କୁଲର ଇପ୍ସିତା କୁମ୍ଭାର ଓ କବରାପାଲି ହାଇସ୍କୁଲର ସୌମ୍ୟସୋହାନୀ ପଧାନ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବାବେଳେ ସହରାଞ୍ଚଳରୁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଧନୁପାଲିର ଆୟନ୍ସ ମିଶ୍ର, ଚନ୍ଦ୍ରଶେଖର ବେହେରା ଜିଲ୍ଲା ସ୍କୁଲର ରାଜନନ୍ଦିନୀ ପ୍ରିୟଦର୍ଶିନୀ ସାହୁ ଓ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଧନୁପାଲିର ଆଭାସ ଧର ପ୍ରଥମରୁ ତୃତୀୟ ସ୍ଥାନ ହାସଲ କରିଥିଲେ। ଆଜିର କାର୍ଯ୍ୟକ୍ରମରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା।

**BEST OFFER SALE**

Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.

9437015112

# ଘରେ ପଶି ଟଙ୍କା ଚୋରି, ଥାନାରେ ଅଭିଯୋଗ

**ରେଢ଼ାଖୋଲ, ୯ ।୧୧(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ ଭାଲିଆକଟା ପଞ୍ଚାୟତ ଛେଳିଖାଇ ଗ୍ରାମରେ ଜଣେ ବ୍ୟକ୍ତିଙ୍କ ଘରେ ଦୁର୍ବୃତ୍ତ ପଶି ୬୦ ହଜାର ଟଙ୍କା ଚୋରି ହୋଇଥିବା ଅଭିଯୋଗ ହୋଇଛି ।ସୂଚନା ଯୋଗ୍ୟ ଯେ ଭାଲିଆକଟା ପଞ୍ଚାୟତ ଛେଳିଖାଇଗ୍ରାମର ଶରତ ସାହୁ କୌଣସି କାର୍ଯ୍ୟରେ ସୋନପୁର ଯାଇଥିବା ବେଳେ ତାଙ୍କ ସ୍ତ୍ରୀ ଓ ପୁଅ ଘରେ ତାଲା ପକାଇ ରେଢ଼ାଖୋଲ ଅଭିମୁଖେ ଆସିଥିଲେ। ଘର କେହି ନଥିବା ସୁଯୋଗରେ ଦୁର୍ବୃତ୍ତ ଘର ଭିତରେ ପଶି ଗଡ଼ରେଜ ଭାଙ୍ଗି ନଗଦ ୬୦ ହଜାର ଟଙ୍କା ଚୋରି କରି ନେଇଯାଇଛି। ଶରତ ସାହୁ ଘରକୁ ଫେରି ଘରର ବାକ୍ସ ଓ ଗଡ଼ରେଜ ଖୋଲା ପଡ଼ିଛି ୬୦ ହଜାର ଟଙ୍କା ନଥିବା ଦେଖିବାକୁ ପାଇଥିଲେ। ଏ ସଂକ୍ରାନ୍ତରେ ସନ୍ତୋଷ ଚାରମାଳ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକ୍ରମେ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନଚୈନଂ କ୍ଲେଦୟନ୍ତ୍ୟାପୋଃ ନ ଶୋଷୟତି ମାରୁତଃ ॥

ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ ଇନ୍ଦୁଭୂଷଣ ସାହୁ
ସୁନାରୀପଡା, ତରଭା, ସୋନପୁର
ଆବିର୍ଭାବ: ୦୭.୦୧.୨୦୨୫
ତିରୋଧାନ:୩୦.୧୦.୨୦୨୫( କାର୍ତ୍ତିକ ଶୁକ୍ଳ ନବମୀ)

ଆଜି ଅଶ୍ରୁଳ ନୟନରେ ବିଦାୟ ଦେଉଛୁ ଆମର ପରମ ପୂଜ୍ୟ ପିତା ଓ ଜଣେ ଅମର ଗୁରୁଙ୍କୁ। ଗଣିତ, ବିଜ୍ଞାନର ଧୁରନ୍ଧର ଶିକ୍ଷକ ଭାବେ ଦଶନ୍ଧି ଧରି ଛାତ୍ରଛାତ୍ରୀ ମାନଙ୍କୁ ଶିକ୍ଷାର ଆଲୋକ ଦାନ କରିଥିଲେ;ଅବସର ପରେ ମଧ ଶେଷ ନିଶ୍ୱାସ ପର୍ଯ୍ୟନ୍ତ ନିଜ କର୍ତ୍ତବ୍ୟରୁ ଥକି ନଥିଲେ। ଫୁଟବଲ,ଭଲିବଲ,ବ୍ୟାଡ଼ମିଣ୍ଟନ ଓ କ୍ୟାରେମରେ ଅପରାଜେୟ କୌଶଳୀ ଥିଲେ, ଆପଣ ପରିବାର ପ୍ରତି ଅଗାଧ ସ୍ନେହରେ ଜଣେ ଆଦର୍ଶ ସ୍ୱାମୀ ଓ ପିତା ଥିଲେ। ହେ ପ୍ରିୟ ଗୁରୁ ଆପଣଙ୍କ ସ୍ମୃତି ଚିର ଜାଗ୍ରତ। ଅମର ଆତ୍ମାର ସଦଗତି ପାଇଁ ପ୍ରାର୍ଥନା,ଶାନ୍ତିରେ ରହନ୍ତୁ।

ଶୋକସନ୍ତପ୍ତ
ପତ୍ନୀ ଜାହ୍ନବୀ, ପୁତ୍ର- ସଞ୍ଜିବ, ସନ୍ତୋଷ, ସୁନୀଲ,
ପୁତ୍ରବଧୂ- ଇତିଶ୍ରୀ ,ଦୀପ୍ତି, ଶର୍ମିଷ୍ଠା, ନାତି ନାତୁଣୀ - ରୁଚି, ରିୟା, ରିତିସ୍ନିକା,
ଆହାନା, ଅଙ୍କନା, ରିଦ୍ଧିକ ସାହୁ ପରିବାର ଓ ବନ୍ଧୁବର୍ଗ

# ବିଜେଡି ପକ୍ଷରୁ ବାହାମ ପଞ୍ଚାୟତରେ ଜନସମ୍ପର୍କ ଅଭିଯାନ ଓ ପଦଯାତ୍ରା

**ସମ୍ବଲପୁର, ୯।୧୧ (ସମିସ)**

ଯୁଯୋମୁରା ବ୍ଲକ ବିଜୁ ଜନତା ଦଳ ତରଫରୁ ରବିବାର ଅପରାହ୍ଣରେ ଜନସମ୍ପର୍କ ଅଭିଯାନ ଓ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ପଦଯାତ୍ରା ବାହାମ ଗ୍ରାମ ପଞ୍ଚାୟତର ପଡ଼ିଆବାହାଲ ସାପ୍ତାହିକ ବଜାରରୁ ବାହାରି ସାପଡ଼ା ଦେଇ ବଡ଼ତୁରାଙ୍ଗ ଗ୍ରାମରେ ପହଞ୍ଚି ଥିଲା। ପଦଯାତ୍ରା କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ତଥା ବିରୋଧୀ ଦଳ ଉପନେତା ରେଢ଼ାଖୋଲ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ ଯୋଗଦେଇ କର୍ମୀମାନଙ୍କୁ ଉତ୍ସାହିତ କରିଥିଲେ। ପଦଯାତ୍ରାରେ ବ୍ଲକ ଅଧକ୍ଷା ମମତା ନାୟକ, ବିଜେଡି ବ୍ଲକ ସଭାପତି ବିନୋଦ ବଡ଼ପଣ୍ଡାଙ୍କ ସମେତ କୁକୁଡ଼ାପାଲି ପଞ୍ଚାୟତ ସରପଞ୍ଚ ଗୀତାଞ୍ଜଳି ଦେହୁରୀ, ବାହାମ ପଞ୍ଚାୟତ ସମିତି ସଭ୍ୟ ପ୍ରଫୁଲ୍ଲ ମଗର, ଡଙ୍ଗରପଡ଼ା ପଞ୍ଚାୟତ ସମିତିସଭ୍ୟ ପ୍ରକାଶ ପ୍ରଧାନ, ଲିପିଣ୍ଡା ପଞ୍ଚାୟତ ସମିତି ସଭ୍ୟ ପ୍ରଫୁଲ୍ଲ ମିର୍ଦ୍ଧା, ବରିଷ୍ଠ ବିଜେଡି ନେତା ଝସକେତନ ନାୟକ, ବେଣୁଧର ତ୍ରିପାଠୀ, ହରିହର ନାୟକ, ବିଜେଡି ପଞ୍ଚାୟତ ସଭାପତି ସୁବ୍ରତ ବିଶ୍ୱାଳ, ସୁଶୀଲ ବେହେରା, କ୍ଷୀରୋଦ ସାହୁ, ପ୍ରତାପ ପ୍ରଧାନ, ରଞ୍ଜନ ସାହୁ, ରାମକୃଷ୍ଣ କର ପ୍ରମୁଖଙ୍କ ତତ୍ତ୍ୱାବଧାନରେ ଯୁଯୋମୁରା ବ୍ଲକ ସମସ୍ତ ଗ୍ରାମ ପଞ୍ଚାୟତର ବିଜେଡି ସରପଞ୍ଚ, ସମିତି ସଭ୍ୟସଭ୍ୟା, ପଞ୍ଚାୟତର ବିଜେଡି ସଭାପତି ଯୁବ ଓ ଛାତ୍ର ବିଜେଡି ସଭାପତି, ମହିଳା ସଭାପତି ତଥା ବିଜେଡି କର୍ମକର୍ତ୍ତା ଯୋଗଦାନ କରିଥିଲେ। ପଦଯାତ୍ରା ସମୟରେ ବଡ଼ତୁରାଙ୍ଗ ଗ୍ରାମରେ ଥିବା ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ପ୍ରତିମୂର୍ତ୍ତିରେ ବିଧାୟକ ଶ୍ରୀ ଆଚାର୍ଯ୍ୟଙ୍କ ସମେତ ନେତୃମଣ୍ଡଳୀ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହି ଅବସରରେ ବଡ଼ତୁରାଙ୍ଗ ଗ୍ରାମରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ବିଧାୟକ ଶ୍ରୀ ଆଚାର୍ଯ୍ୟଙ୍କ ସମେତ ଗ୍ରାମବାସୀ ଦାମୋଦର ମେହେର, କୁରୁପତି ପ୍ରଧାନ, ଶିବ ମେହେର, ସମିତି ସଭ୍ୟ ପ୍ରଫୁଲ୍ଲ ମଗର, ସରପଞ୍ଚ ଗୀତାଞ୍ଜଳି ଦେହୁରୀ, ସମିତି ସଭ୍ୟ ପ୍ରଫୁଲ ମିର୍ଦ୍ଧା, ପ୍ରକାଶ ପ୍ରଧାନ ମଞ୍ଚାସୀନ ଥିଲେ। ସଭାକୁ ବିଜେଡି ବ୍ଲକ ସଭାପତି ବିନୋଦ ବଡ଼ପଣ୍ଡା ପରିଚାଳନା କରିଥିବାବେଳେ ଶେଷରେ ଅଶ୍ୱିନୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ହୀରାଲାଲ ବେହେରା ଏବଂ ବିଜୁ ଯୁବ ଜନତା ଦଳ ରାଜ୍ୟ ସମ୍ପାଦକ ମନୋଜ ମହାପାତ୍ରଙ୍କ ନେତୃତ୍ୱ ରେ ଉପରୋକ୍ତ ସମସ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



# ଲାଞ୍ଜିଗଡ଼ ବ୍ଲକ୍ ପରିଦର୍ଶନରେ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ଦଳ

**ଲାଞ୍ଜିଗଡ଼, ୯ ।୧୧(ସମିସ)**

କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ବିଶ୍ୱନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପରିଦର୍ଶନରେ ଆସି ସ୍ୱାସ୍ଥ୍ୟ କେନ୍ଦ୍ରରେ କିଭଳି ସ୍ୱାସ୍ଥ୍ୟସେବା ଚାଲିଛି। ଡାକ୍ତରମାନଙ୍କ ସ୍ଥିତି କିଭଳି ଅଛି, ଅଞ୍ଚଳର ଜନସାଧାରଣ କିଭଳି ସ୍ୱାସ୍ଥ୍ୟସେବା ପାଉଛନ୍ତି, ଡାକ୍ତରଖାନାରେ କି ପ୍ରକାର ଔଷଧ ସବୁ ଗଚ୍ଛିତ ଅଛି, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଇନଡୋର, ଆଉଟଡୋର ବିଭିନ୍ନ ବିଭାଗ ସମେତ ମା'ଗୃହ, ବାଇକ୍ ଆମ୍ବୁଲାନ୍ସ ବୁଲି ଦେଖିଥିଲେ।ରୋଗୀମାନଙ୍କୁ ଭେଟି କେମିତି ଚିକିତ୍ସା ହେଉଛି ବୋଲି ପଚାରି ବୁଝିଥିଲେ। ଏହି କେନ୍ଦ୍ରରେ ରହିଥିବା ବିଭିନ୍ନ ସମସ୍ୟା ଓ ଆବଶ୍ୟକ ଥିବା ଅନେକ ଉନ୍ନୟନ କାର୍ଯ୍ୟକୁ ରାଜ୍ୟ ସରକାରଙ୍କ ନିକଟରେ ଉପସ୍ଥାପନ କରିବା ପାଇଁ କେନ୍ଦ୍ରୀୟ ଦଳ ପ୍ରତିଶ୍ରୁତି ଦେଇଥିଲେ। ଡାକ୍ତରଖାନା ପରିସରର ସ୍ୱଚ୍ଛତ ପରଖିବା ସହ ପାରିପାର୍ଶ୍ୱିକ ବିଷୟ ଗୁଡ଼ିକ ଉପରେ ଡାକ୍ତର ଓ ଷ୍ଟାଫମାନଙ୍କ ସହ ଆଲୋଚନା କରି ସନ୍ତୋଷ ବ୍ୟକ୍ତ କରିଥିଲେ।କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ଦଳ ସଦସ୍ୟ ଲାଞ୍ଜିଗଡ଼ ବ୍ଲକ ଅଧିନସ୍ଥ ଭଟାଙ୍ଗପଦର ପ୍ରଥମେ ଯାଇ ସେଠାରେ ଥିବା ଆୟୁଷ୍ମାନ ଆରୋଗ୍ୟ ମନ୍ଦିରକୁ ଯାଇ ସେଠାରେ ଚାଲିଥିବା ରୋଗୀସେବା ଓ ଗଚ୍ଛିତ ଔଷଧ ବିଷୟରେ ତଦାରଖ କରିବା ପରେ ହାଇସ୍କୁଲକୁ ଯାଇ ସେଠାକାର ପାରିପାର୍ଶିକ ସ୍ଥିତି, ସ୍ୱଚ୍ଛତା, ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିଥିଲେ। ଏହାପରେ ଲାଞ୍ଜି ପଞ୍ଚାୟତ ତୁର୍କା ଗାଁରେ ମେଲେରିଆ ଦମନ ପାଇଁ ଚାଲିଥିବା ମେଲେରିଆ ନିରାକରଣ କ୍ୟାମ୍ପ ଓ ସ୍ୱାସ୍ଥ୍ୟ କ୍ୟାମ୍ପ ବିଷୟରେ ଡ଼. ହରିଶଙ୍କର ମହାନ୍ତିଙ୍କ ସହିତ ଆଲୋଚନା କରିଥିଲେ।ଏହା ପରେ ମୂଷାନାଳ ପ୍ରାଥମିକ ବିଦ୍ୟାଳୟ ଯାଇ ଛାତ୍ରଛାତ୍ରୀ ଓ ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ଆଲୋଚନା କରି ସେଠାରେ ଥିବା ଆୟୁଷ୍ମାମାନ ଆରୋଗ୍ୟ ମନ୍ଦିରକୁ ଯାଇ ରୋଗୀ ସେବା, ଷ୍ଟାଫ ସ୍ଥିତି ପଚାରି ବୁଝି ରୋଗୀଙ୍କୁ ଫୁଡ ବଣ୍ଟନ କରିଥିଲେ।ଏହାପରେ ବିଜେପୁର ପଞ୍ଚାୟତ କରଣମୁଣ୍ଡା ଗାଁକୁ ଯାଇ ପ୍ରଧାନମନ୍ତ୍ରୀ ଜନମନ ଯୋଜନାର ସହଯୋଗରେ ଚାଲିଥିବା ବଙ୍କାକୁଣ୍ଡରୁ ମା' ସନ୍ତୋଷି ଚିକିତ୍ସାଳୟର ଏମଏଚ୍ୟୁ ଟିମ୍ କିଭଳି ରୋଗୀ ସେବା ଯୋଗାଉଛି ତଦାରଖ କରିଥିଲେ। କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ଦଳ ସଦସ୍ୟ ଭାବେ ଡ଼.ତମନ୍ନା ଶର୍ମା, ଡ଼. ସମ୍ବିତ ପ୍ରଧାନ, ଡ଼. ବିଦ୍ୟାଭୂଷଣ ତ୍ରିପାଠୀ ରହିଥିବା ବେଳେ ରାଜ୍ୟସ୍ତରୀୟ ଅଧିକାରୀ ଭାବେ ଭୁବନେଶ୍ୱରରୁ ଅବନୀ ମହାପାତ୍ର, ସୁକାନ୍ତ ନାୟକ ରହିଛନ୍ତି।ସେହିପରି ଜିଲ୍ଲାସ୍ତରୀୟ ଦିନେସ ପ୍ରହରାଜ, ରଶ୍ମିରଞ୍ଜନ ମହାନ୍ତି ଆସି ସମସ୍ତ ସ୍ଥିତି ପରଖିଥିଲେ। ବିଶ୍ୱନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଚିକିତ୍ସାକାରୀ ଡ଼. ଭବାନୀ ଶଙ୍କର ଲେଙ୍କାଙ୍କନେତୃତ୍ୱରେ ବିପିଏମ୍ ମାନସ ନୟନ ସ୍ୱାଇଁ, ପିଡ଼ିଏମ୍ ମକରଧ୍ୱଜ ନାଏକ, ବାମ ମିତ୍ରଭାନୁ ଦାସ, ପିଏଚଇଓ ଦିବାକର ପ୍ରଧାନ, ଡ଼.ସୁଭମ ବେହେରା, ସେମାଙ୍କ ମାଣିକସଙ୍ଗ, ଡ଼. ସୁମୀରନ ରାଉତ ଓ ସମସ୍ତ କର୍ମଚାରୀ ପ୍ରମୁଖ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ଦଳଙ୍କୁ ସମସ୍ତ ତଥ୍ୟ ପ୍ରଦାନ କରି ସହଯୋଗ କରିଥିଲେ।



**ବିଶ୍ୱନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପରିଦର୍ଶନ**
**ତୁର୍କାଗାଁରେ ମେଲେରିଆ ଦମନ କାର୍ଯ୍ୟକ୍ରମ ତଦାରକ**

# ଅଜଣା ରୋଗରେ ପୀଡ଼ିତ ସସ୍ମିତାଙ୍କୁ ଉଦ୍ଧାର ପରେ ଚିକିତ୍ସା

**ଲାଞ୍ଜିଗଡ଼, ୯ ।୧୧(ସମିସ):** ଅଜଣା ରୋଗରେ ପୀଡ଼ିତ ହୋଇ ଦୀର୍ଘ ଦିନ ଧରି ଯନ୍ତ୍ରଣା ଭୋଗୁଥିବା କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ଲାଖବାହାଲି ପଞ୍ଚାୟତ ଦୋରାସାର୍ଲି ଗାଁର ସସ୍ମିତା ସାହୁଙ୍କୁ ଶେଷରେ ଉଦ୍ଧାର କରାଯାଇଛି। ସସ୍ମିତାଙ୍କ ଦୁର୍ଦ୍ଦଶା ସମ୍ପର୍କରେ ଗଣମାଧ୍ୟମରେ ପ୍ରକାଶ ପରେ କଳାହାଣ୍ଡି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ବରିଷ୍ଠ ଶଲ୍ୟ ଚିକିତ୍ସକ ଡ.ସୁନୀଲ କର ଦେବଦୂତ ଭାବେ ଆଗେଇ ଆସିବା ସହିତ ତାଙ୍କ ଚିକିତ୍ସା କରିବା ପାଇଁ ଆଗ୍ରହ ପ୍ରକାଶ କରିଥିଲେ। ଏହାପରେ ତାଙ୍କ ଆଗ୍ରହ କ୍ରମେ ସସ୍ମିତାଙ୍କୁ ଉଦ୍ଧାର କରିବା ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଏ ଦିଗରେ ଆଗକୁ ଆସି ସାମ୍ବାଦିକ ସୁଶୀଲ କୁମାର ବାଗ ତୁଳସୀରାମ ପ୍ରଧାନୀ, ଦିଲୀପ ନାଏକ, ମନୋଜ ଦୋରା ପ୍ରମୁଖ ସସ୍ମିତାଙ୍କୁ ଉଦ୍ଧାର କରି ହସ୍ପିଟାଲ ପହଞ୍ଚାଇବାରେ ସାହାଯ୍ୟ କରିଥିଲେ।ଯୋଗାଯୋଗ ପରେ ବେଦାନ୍ତ କର୍ତ୍ତୃପକ୍ଷ ଏକ ଆମ୍ବୁଲାନ୍ସ ଯୋଗାଇ ଦେଇଥିଲେ। ଶେଷରେ ସମସ୍ତଙ୍କ ଉଦ୍ୟମରେ ଶନିବାର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ମହିଳା ଶଲ୍ୟ ଚିକିତ୍ସା ବିଭାଗରେ ସସ୍ମିତାଙ୍କୁ ଭର୍ତ୍ତି କରାଯାଇଥିବା ବେଳେ ଡା. କରଙ୍କ ପ୍ରମୁଖ ତତ୍ତ୍ୱାବଧାନରେ ଚିକିତ୍ସା ବ୍ୟବସ୍ଥା ଆରମ୍ଭ ହୋଇଛି। ସେହିପରି ପାହାଡ଼ପଦର ସରପଞ୍ଚ ଲକ୍ଷ୍ମଣ ମାଝୀ, ନାଏବ ସରପଞ୍ଚ ବୈଦ୍ୟନାଥ ନାଏକ ପ୍ରମୁଖ କ୍ରାଉଡ୍ ଫଣ୍ଡିଂ ଜରିଆରେ ଦଶ ହଜାର ଟଙ୍କା ସଂଗ୍ରହ କରି ତାଙ୍କ ପରିବାରକୁ ହସ୍ତାନ୍ତର କରିଥିବା ଜଣାପଡ଼ିଛି। ବର୍ତ୍ତମାନ ଡ.କର ସସ୍ମିତାର ଚିକିତ୍ସା ଦାୟିତ୍ୱ ନିଜେ ନେଇଥିବା ବେଳେ ସସ୍ମିତାଙ୍କ ପରିବାର ଡ. କରଙ୍କ ସମେତ ଅନ୍ୟ ସମସ୍ତଙ୍କୁ ଏହି ମାନବିକତାପୂର୍ଣ୍ଣ କାର୍ଯ୍ୟ ପାଇଁ କୃତଜ୍ଞତା ଜଣାଇଛନ୍ତି।



# ୧୨ଜଣ ଟ୍ରେନି ଆଇଏଏସ୍ ଅଧିକାରୀଙ୍କ କଳାହାଣ୍ଡି ଗସ୍ତ

## ବ୍ଲକ୍ କାର୍ଯ୍ୟାଳୟରେ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା

**କେସିଙ୍ଗା, ୯ ।୧୧(ସମିସ):** ୧୨ ଜଣ ଭାରତୀୟ ପ୍ରଶାସନିକ ପ୍ରବେଶନର (ଟ୍ରେନି) ଅଧିକାରୀ ଉମେଶ କୁମାର ମୀନା, ଛାୟା କୁମାରୀ, ଅକ୍ଷତ ମଣ୍ଡିୱାଲା, ଗୁରକନୱାଲ ସିଂ, ନେହା କୋର, ଶ୍ରେୟାସ ରାଓ, ଜାବେଦ ଅହମ୍ମଦ ଖାନ, ରାଗିଣୀ ଗୋୟଲ, ଅଭିଷେକ ଚୌଧୁରୀ, ବିକାଶ କୁମାର ମୀନା, ସଞ୍ଜୟ ଶଶିକାନ୍ତ ଓ ଗୋସିକା ପିଆର ୬ ଦିନିଆ କଳାହାଣ୍ଡି ଜିଲ୍ଲା ଗ୍ରସ୍ତ ରେ ଆସି ରବିବାର ଦିନ ସମତା ଏକ୍ସପ୍ରେସ୍ ଯୋଗେ କେସିଙ୍ଗା ରେଳଷ୍ଟେସନରେ ଓହ୍ଲାଇ ଥିଲେ।ଅଧିକାରୀଙ୍କ ସ୍ୱାଗତ ପାଇଁ କେସିଙ୍ଗା ରେଳ ଷ୍ଟେସନରେ ଜିଲ୍ଲା ଏପିଡି ବିମ୍ବାଧର ଶବର, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକା ନନ୍ଦ ମହାନନ୍ଦଙ୍କ ସମେତ କେସିଙ୍ଗା ବିଡିଓ ଜନ୍ମେଜୟ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।୧୨ ଅଧିକାରୀ ଟ୍ରେନରୁ ଓହ୍ଲାଇବା ପରେ ତାଙ୍କୁ ସସମ୍ମାନେ କେସିଙ୍ଗା ବ୍ଲକ କାର୍ଯ୍ୟାଳୟକୁ ଅଣାଯାଇଥିଲା।ବ୍ଲକ କାର୍ଯ୍ୟାଳୟରେ ଅଧିକାରୀମାନଙ୍କୁ ଉତ୍ତରୀୟ ଓ ଫୁଲତୋଡ଼ା ଦେଇ ବ୍ଲକ କର୍ମଚାରୀମାନେ ସମ୍ବର୍ଦ୍ଧନା କରିଥିଲେ।ପରେ ବିଡ଼ିଓଙ୍କ ଚାମ୍ବରରେ ପ୍ରାୟ ଏକ ଘଣ୍ଟା ଅଧିକାରୀମାନେ କେସିଙ୍ଗା ବିଷୟରେ ବିଡିଓ ଏବଂ ସଂସ୍କୃତି ଅଧିକାରୀଙ୍କ ସହିତ ବିଭିନ୍ନ ବିଷୟ ଉପରେ ଆଲୋଚନା କରିଥିଲେ। କେସିଙ୍ଗା ବିଡିଓ କେସିଙ୍ଗାର ଇତିହାସ, ଭୂଗୋଳ, ଜନସଂଖ୍ୟା ଓ ଅନ୍ୟାନ୍ୟ ବିଷୟରେ ଅଧିକାରୀମାନଙ୍କୁ ଅବଗତ କରାଇଥିଲେ।ପରେ ଅଧିକାରୀମାନେ ଜିଲ୍ଲା ମୁଖ୍ୟାଳୟ ଭବାନୀପାଟଣା ଅଭିମୁଖେ ଗସ୍ତ କରିଥିଲେ।ଉକ୍ତ ଅଧିକାରୀମାନେ ୬ ଦିନର ରହଣି ମଧ୍ୟରେ ଜିଲ୍ଲାର ବିଭିନ୍ନ ବ୍ଲକ, ପଞ୍ଚାୟତ ଓ ଜିଲ୍ଲାର ପ୍ରମୁଖ ସ୍ଥଳ ପରିଦର୍ଶନ କରିବାର କାର୍ଯ୍ୟକ୍ରମ ଥିବା ଜିଲ୍ଲା ସଂସ୍କୃତି ଅଧିକାରୀ ସୂଚନା ଦେଇଛନ୍ତି।ଅନ୍ୟମାନଙ୍କ ମଧ୍ୟରେ କେସିଙ୍ଗା ଏବିଡିଓ ସିଦ୍ଧେଶ୍ୱର ମେହେର, କନିଷ୍ଠ ଯନ୍ତ୍ରୀ ଜଳେଶ୍ୱର ନାଏକ, ତ୍ରିଲୋଚନ ବେହେରା, ସ୍ମିତି ପ୍ରଜ୍ଞା ମୋଲା, ଯୋଗେଶ୍ୱରି ଭୋଇ ଓ ଅନ୍ୟାନ୍ୟ ବ୍ଲକ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।



# ଜାତୀୟ ଆଇନ ସେବା ଦିବସ



**ଧର୍ମଗଡ଼, ୯ ।୧୧ (ସମିସ):** ତାଲୁକ ଆଇନ ସେବା ସମିତି ଧର୍ମଗଡ଼ ପକ୍ଷରୁ ଧର୍ମଗଡ଼ ଆକାଶ କଲେଜରେ ଜାତୀୟ ଆଇନ ସେବା ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଭାରପ୍ରାପ୍ତ ତାଲୁକ ଆଇନ ସେବା ସମିତିର ଅଧକ୍ଷ୍ୟା ପି. ଶୀତାଲକ୍ଷ୍ମୀ ଯୋଗଦେଇ ଜାତୀୟ ଆଇନ ସେବା ଦିବସର ମହତ୍ୱ ବିଷୟ ଓ ବିଭିନ୍ନ ଆଇନ ବିଷୟରେ ସଚେତନ କରିଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ ବରିଷ୍ଠ ଆଇନଜୀବୀ ଚିନ୍ତାମଣି ପାତ୍ର, ସରକାରୀ ଓକିଲ ଧୀରେନ୍ଦ୍ର ନାଥ ପାତ୍ର, ରିଟେନର କମଳିନୀ ରଥ, ବରିଷ୍ଠ ଓକିଲ ତଥା ତାଲୁକ ଆଇନସେବା ସମିତିର ପାନେଲ ଓକିଲ ହରିଶ ଚନ୍ଦ୍ର ବାଗ, ଆକାଶ କଲେଜର ଅଧକ୍ଷ ଆଶିଷ କୁମାର ଦାସ ପ୍ରମୁଖ ମଞ୍ଚାସିନ ଥିଲେ। ମହାବିଦ୍ୟାଳୟର ଅଧାପିକା ପ୍ରେମାଞ୍ଜଳି ଶବର ସଭାକୁ ପରିଚାଳନା କରିଥିଲେ। ଅଧକ୍ଷ୍ୟ ଆଶିଷ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

**କେସିଙ୍ଗା:** ତାଲୁକ ଆଇନ ସେବା ସମିତି କେସିଙ୍ଗା ତରଫରୁ ରବିବାର ଦିନ ଅଦାଲତ ପରିସରରେ ଜାତୀୟ ଆଇନ ସେବା ଦିବସ ପାଳନ ହୋଇଯାଇଛି।ଅଧକ୍ଷା ତଥା କେସିଙ୍ଗା ବିଚାର ବିଭାଗୀୟ ବିଚାରପତି ଦୀପ୍ତା ସେଠୀ ଙ୍କ ଅଧକ୍ଷତା ଅନୁଷ୍ଠିତ ଉକ୍ତ ଶିବିରରେ ଜାତୀୟ ଆଇନ ସେବା ପ୍ରାଧିକରଣ ଅଧିନିୟମ ୧୯୮୭ ଏବଂ ତତ ସଂଲଗ୍ନ ବିଭିନ୍ନ ଉପକ୍ରମ ଉପରେ ଆଲୋଚନା କରାଯାଇଥିଲା।ଏଥିରେ ବରିଷ୍ଠ ଆଇନଜୀବି ସୌମ୍ୟ ରଞ୍ଜନ ମିଶ୍ର, ଆଲୋକ ରଞ୍ଜନ ଦାସ, ରାକେଶ କୁମାର ପାତ୍ର, ସନ୍ଦୀପ କୁମାର ବାନାର୍ଜୀଙ୍କ ସମେତ ଅଦାଲତ କର୍ମଚାରୀ ମାନେ ଉପସ୍ଥିତ ଥିଲେ।



# କଳାହାଣ୍ଡି ଯୁବ ଲେଖକ ସମାବେଶ

## କବି ରାଜେନ୍ଦ୍ର କିଶୋର ପଣ୍ଡାଙ୍କ ସ୍ମୃତିସଭା



**ଭବାନୀପାଟଣା, ୯ ।୧୧(ସମିସ):** ସାହିତ୍ୟ ହିଁ ସଭ୍ୟତାର ଉଜ୍ୱଳ ସ୍ୱାକ୍ଷର। ସମ୍ପ୍ରତି ମନନଶୀଳ, ଜୀବନଧର୍ମୀ ସାହିତ୍ୟରେ ଅନ୍ୱେଷଣ ଏବଂ ଅନୁଶୀଳନରୁ ବୌଦ୍ଧିକ କଳା କୌଶଳର ସିଦ୍ଧି ପ୍ରାପ୍ତ କରିଥିବା କବି ରାଜେନ୍ଦ୍ର କିଶୋର ପଣ୍ଡା। ଓଡ଼ିଆ କବିତା ଜଗତରେ ନିଜର ସ୍ୱତନ୍ତ୍ର ଶୈଳୀ ସହିତ ନିଜର ସ୍ୱକୀୟ ଭାବଭଙ୍ଗୀର ପରିପ୍ରକାଶ କରିବାରେ କବି ଶ୍ରୀ ପଣ୍ଡା ଅନନ୍ୟ ଉଦାହରଣ ସୃଷ୍ଟି କରିଥିଲେ। ସେହିପରି ଓଡ଼ିଆ ବାଣୀଭଣ୍ଡାରକୁ ସମୃଦ୍ଧ କରିବାରେ ତାଙ୍କର ଲେଖନୀ ଚାଳନା ସଫଳତା ଲାଭ କରିଥିଲା। କାରଣ ସେ ଜାଣିଥିଲେ କବିତାରେ ଭରି ରହିଛି। ତାଙ୍କ ପ୍ରତିଟି କବିତା ମନ୍ମୟ, ତନ୍ମୟ ଏବଂ ଜୀବନ୍ମୟ କରି ପାଠକଙ୍କୁ କାବ୍ୟିକ ସମ୍ମୋହନରେ ଭିନ୍ନ ଜଗତକୁ ନେଇଯାଇଥାଏ। ଓଡ଼ିଆ ସାହିତ୍ୟ ଜଗତରେ ତାଙ୍କର ବିୟୋଗ ଏକ ଅପୂରଣୀୟ କ୍ଷତି ହୋଇଥିବାବେଳେ ସାହିତ୍ୟ କୃତୀ ତାଙ୍କୁ ଚିରଅମର କରି ରଖିବ ବୋଲି ଓଡ଼ିଆ ସାହିତ୍ୟର ବିଶିଷ୍ଟ କବି ଓ ଲେଖକ ରାଜେନ୍ଦ୍ର କିଶୋର ପଣ୍ଡାଙ୍କ ସ୍ମୃତିରେ ଆଜି ସ୍ଥାନୀୟ ଗ୍ରୀନ ଭେଲି ପବ୍ଲିକ ସ୍କୁଲରେ ଅନୁଷ୍ଠିତ'କବି ରାଜେନ୍ଦ୍ର କିଶୋର ପଣ୍ଡାଙ୍କ ସ୍ମୃତିସଭା'ରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। କଳାହାଣ୍ଡି ଯୁବ ଲେଖକ ସମାବେଶ ଦ୍ୱାରା ଅନୁଷ୍ଠିତ ଏହି ସ୍ମୃତିସଭାରେ ଗାଳ୍ପିକ ତଥା 'ମହୁରି' ଓ 'ସମୟର ଆକାଂକ୍ଷା' ପତ୍ରିକାର ସମ୍ପାଦକ ସୁକାନ୍ତ ସାହୁ, କବି ଓ ଗବେଷକ ଡ. ପରମେଶ୍ୱର ମୁଣ୍ଡ, ଦ୍ୱିଭାଷୀ କବି ଡ. ତପନ କୁମାର ରଥ, କବି ସକିତ ରତେ, ପ୍ରକାଶ ନିଶଙ୍କ, ବରିଷ୍ଠ ସାମ୍ବାଦିକ ସ୍ୱାଧୀନ ପାତ୍ର, ଗ୍ରୀନ ଭେଲି ପବ୍ଲିକ ସ୍କୁଲର ପ୍ରତିଷ୍ଠାତା ମନୋରଞ୍ଜନ ବଛା, ସ୍କୁଲର ଅଧକ୍ଷ ମନୋଜ ପଟ୍ଟନାୟକ ପ୍ରମୁଖ ଯୋଗଦେଇ କବିଙ୍କ ସ୍ମୃତିଚାରଣ କରିବା ସହିତ ତାଙ୍କ ଲେଖକୀୟ କୃତୀ ଓ ସ୍ୱୀକୃତି ସମ୍ପର୍କରେ ଚର୍ଚ୍ଚା କରିଥିଲେ। କଳାହାଣ୍ଡି ଯୁବ ଲେଖକ ସମାବେଶର ସଭାପତି ତଥା ଯୁବକବି ଯାଦବେନ୍ଦ୍ର ସାହାଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କେନ୍ଦ୍ର ସାହିତ୍ୟ ଅକାଦେମୀ ଯୁବ ପୁରସ୍କାରପ୍ରାପ୍ତ କବି ଜୟଦ୍ରଥ ସୁନା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ କଳାହାଣ୍ଡି ଯୁବ ଲେଖକ ସମାବେଶର ଉପଦେଷ୍ଟା ସୁଶୀଲ କୁମାର ବାଗ ସଭା ପରିଚାଳନା କରିଥିଲେ। ଏଥିରେ କବି ଯୁଧିଷ୍ଠିର ମୁଦୁଲି, ଐଶ୍ୱର୍ଯ୍ୟା ପ୍ରଧାନଙ୍କ ସମେତ ଅନ୍ୟମାନେ କବିଙ୍କ ସ୍ମୃତିଚାରଣ ସହିତ କବିଙ୍କ ରଚିତ କବିତା ଆବୃତ୍ତି କରିଥିଲେ। ଶେଷରେ ସଭାପତି ଶ୍ରୀ ସାହା ସାମୁହିକ ଧନ୍ୟବାଦ ଅର୍ପଣ କରିଥିଲେ।

BEST OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112

# ପ୍ରଧାନଶିକ୍ଷକ ଓ ବିଇଓଙ୍କୁ ସମ୍ବର୍ଦ୍ଧନା

**କର୍ଲାମୁଣ୍ଡା, ୯ ।୧୧(ସମିସ):** କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ତେରେସିଂହା ସ୍ଥିତ ସରକାରୀ ହାଇସ୍କୁଲରେ ଗତ କିଛିଦିନତଳେ ଜିଲ୍ଲାସ୍ତରୀୟ ଖେଳକୁଦ ପ୍ରତିଯୋଗୀତାକୁ ସଫଳତାର ସହ ଆୟୋଜନ କରିଥିବାରୁ ଜିଲ୍ଲା ଶିକ୍ଷା ବିଭାଗ କାର୍ଯ୍ୟାଳୟ ପକ୍ଷରୁ ତେରେସିଂହା ହାଇସ୍କୁଲର ପ୍ରଧାନଶିକ୍ଷକ ଗରୁଡଧ୍ୱଜ ଗହୀର ଓ କର୍ଲାମୁଣ୍ଡା ବିଇଓ ବାଞ୍ଛାନିଧି ପଣ୍ଡାଙ୍କୁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧନା ଦିଆଯାଇଥିଲା। ଭବାନୀପାଟଣା ଠାରେ ଆୟୋଜିତ ଜିଲ୍ଲାସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ, ଜିଲ୍ଲାଶିକ୍ଷାଧିକାରୀ ରାଧାକାନ୍ତ ଛତ୍ରୀ, ଅତିରିକ୍ତ ଜିଲ୍ଲାଶିକ୍ଷାଧିକାରୀ ହେମସାଗର ମହାନନ୍ଦ ପ୍ରମୁଖ ଭାବେ ଅତିଥି ଭାବେ ଯୋଗଦେଇ ମାନପତ୍ର ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ।

ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନଚୈନଂ କ୍ଲେଦୟନ୍ତ୍ୟାପୋଃ ନ ଶୋଷୟତି ମାରୁତଃ ॥

ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ ଇନ୍ଦୁଭୂଷଣ ସାହୁ
ସୁନାରୀପଡା, ତରଭା, ସୋନପୁର
ଆବିର୍ଭାବ: ୦୭.୦୧.୨୦୨୫
ତିରୋଧାନ:୩୦.୧୦.୨୦୨୫( କାର୍ତ୍ତିକ ଶୁକ୍ଳ ନବମୀ)

ଆଜି ଅଶ୍ରୁଳ ନୟନରେ ବିଦାୟ ଦେଉଛୁ ଆମର ପରମ ପୂଜ୍ୟ ପିତା ଓ ଜଣେ ଅମର ଗୁରୁଙ୍କୁ। ଗଣିତ, ବିଜ୍ଞାନର ଧୁରନ୍ଧର ଶିକ୍ଷକ ଭାବେ ଦଶନ୍ଧି ଧରି ଛାତ୍ରଛାତ୍ରୀ ମାନଙ୍କୁ ଶିକ୍ଷାର ଆଲୋକ ଦାନ କରିଥିଲେ;ଅବସର ପରେ ମଧ ଶେଷ ନିଶ୍ୱାସ ପର୍ଯ୍ୟନ୍ତ ନିଜ କର୍ତ୍ତବ୍ୟରୁ ଥକି ନଥିଲେ। ଫୁଟବଲ,ଭଲିବଲ,ବ୍ୟାଡ଼ମିଣ୍ଟନ ଓ କ୍ୟାରେମରେ ଅପରାଜେୟ କୌଶଳୀ ଥିଲେ, ଆପଣ ପରିବାର ପ୍ରତି ଅଗାଧ ସ୍ନେହରେ ଜଣେ ଆଦର୍ଶ ସ୍ୱାମୀ ଓ ପିତା ଥିଲେ। ହେ ପ୍ରିୟ ଗୁରୁ ଆପଣଙ୍କ ସ୍ମୃତି ଚିର ଜାଗ୍ରତ। ଅମର ଆତ୍ମାର ସଦଗତି ପାଇଁ ପ୍ରାର୍ଥନା,ଶାନ୍ତିରେ ରହନ୍ତୁ।

ଶୋକସନ୍ତପ୍ତ
ପତ୍ନୀ ଜାହ୍ନବୀ, ପୁତ୍ର- ସଞ୍ଜିବ, ସନ୍ତୋଷ, ସୁନୀଲ,
ପୁତ୍ରବଧୂ- ଇତିଶ୍ରୀ ,ଦୀପ୍ତି, ଶର୍ମିଷ୍ଠା, ନାତି ନାତୁଣୀ - ରୁଚି, ରିୟା, ରିତିୟୁକା,
ଆହାନା, ଅଙ୍କନା, ରିଦ୍ଧିକ ସାହୁ ପରିବାର ଓ ବନ୍ଧୁବର୍ଗ

## ଧର୍ମଗଡ଼ରେ କାଳୀକୃଷ୍ଣ ସଂଘର ଯୁବ ସମାବେଶ

# 'ସାଂସାରିକ ସୁଖ ଠାରୁ ନିତ୍ୟ ଆନନ୍ଦ ଦେବ ଆଧ୍ୟାତ୍ମିକ ସୁଖ'





**ଧର୍ମଗଡ଼, ୯ ।୧୧(ସମିସ)**

ଧର୍ମଗଡ଼ସ୍ଥିତ ଶ୍ରୀରାମ କୁଟୀର ଠାରେ ସତ୍ୟାନନ୍ଦ ସରସ୍ୱତୀ ମହାରାଜଙ୍କ ପ୍ରତିଷ୍ଠିତ କାଳୀକୃଷ୍ଣ ସଂଘ ଆନୁକୂଲ୍ୟରେ ଧର୍ମୀୟ ଜାଗରଣ ଯୁବ ସମାବେଶ ଅନୁଷ୍ଠିତ ହୋଇଯାଇଛି।ଏହି ଅବସରରେ ସଂଘମୁଖ୍ୟ ଗୁରୁଜୀ ଜଗଦାନନ୍ଦଜୀ ମହାରାଜ କଳାହାଣ୍ଡିର ବିଭିନ୍ନ ଅଞ୍ଚଳ ପରିକ୍ରମା କରି ଆଧ୍ୟାତ୍ମିକ, ଶିକ୍ଷା ସଂସ୍କାର ଚେତନା ଜାଗ୍ରତ ପାଇଁ କାଳୀକୃଷ୍ଣ ପ୍ରଚାର ରଥର ଉଦ୍‌ଘାଟନ କରିଥିଲେ। ପ୍ରକୃତି ସୁରକ୍ଷା ଉଦ୍ଦେଶ୍ୟରେ ବୃକ୍ଷରୋପଣ କରିଥିଲେ।ଯୁବ ସମାବେଶର ଉଦ୍‌ଘାଟନ କରି ଶ୍ରୀ ଜଗଦାନନ୍ଦଜୀ ମହାରାଜ କହିଥିଲେ-ଆଧ୍ୟାତ୍ମିକତା ମାଧ୍ୟମରେ ସେ ପରିବାର, ସମାଜ ଓ ଦେଶ ମଧ୍ୟରେ ଶ୍ରଦ୍ଧା, ସ୍ନେହ, ସମ୍ମାନରେ ବଞ୍ଚିବାର କୌଶଳ ଯୁବା ଶିଖିବା ଶିକ୍ଷା, ବୃତ୍ତିଗତ ଓ ପାରିବାରିକ ଜୀବନକୁ ସରସସୁନ୍ଦର କରିବା କଳାକୁ ଆୟତ୍ତ କରିବା ଜୀବନକୁ ଆନନ୍ଦ ହିଁ ଆନନ୍ଦ କରିବାର ସୂତ୍ର ସେ ଜାଣିପାରିବ। ବାସ୍ତବରେ ଜଣେ ଯୁବା ଅନୁଭବ କରିବାର ଅଛି ଯେ ତାକୁ ସାଂସାରିକ ସୁଖ ଯେତେ ଆନନ୍ଦ ଦେବ ତାଠାରୁ ନିତ୍ୟ ଆନନ୍ଦ ଦେବ ଆଧ୍ୟାତ୍ମିକ ସୁଖ। ସେବା ଓ ପରୋପକାରୀ ହେବା ଦ୍ୱାରା ଯେଉଁ ନୈସର୍ଗିକ ଆନନ୍ଦ ପ୍ରାପ୍ତି ହୋଇଥାଏ। ଜଣକର ସବୁ ଥାଇ ମଧ୍ୟ ଆଧ୍ୟାତ୍ମିକ ନାହିଁ ତାହେଲେ ସେ ଜୀବନରେ ଅନନ୍ତ ସୁଖ ଓ ମହାଆନନ୍ଦର ପ୍ରାପ୍ତି ସମ୍ଭବପର ନୁହେଁ। ସମସ୍ତ ଯୁବପିଢି ଜାଗୃତ ହୁଅନ୍ତୁ। ନିଜ ଭିତରେ ହିଁ ସବୁକିଛି ଅଛି। ଦୁଃଖ ଯେମିତି ନିଜେ ଭୋଗକରୁ ସୁଖ ମଧ୍ୟ ସେମିତି।କ୍ଷଣିକ ସୁଖ, ଆନନ୍ଦ, ଭୋଗ, ବାସ୍ନା ଠାରୁ ଉାରୁକୁ ଉଠିଲେ ଅନନ୍ତ ସୁଖ, ମହାଆନନ୍ଦ ପ୍ରାପ୍ତି ପାଇଁ ଧାବମାନ ହୁଅନ୍ତୁ ବୋଲି କହିଥିଲେ।ଏହି ଅବସରରେ ସମାଜସେବୀ କିଶୋର ଅଗ୍ରୱାଲ, ସଂଘର ସଭାପତି ସଞ୍ଜୟ କୁମାର ପଣ୍ଡା, କାର୍ଯ୍ୟକାରୀ ସଭାପତି ପ୍ରିୟା ନନ୍ଦ, ସମ୍ପାଦକ ମାଧବା ନନ୍ଦ, କୋଷାଧକ୍ଷ ଲକ୍ଷ୍ମୀକାନ୍ତ ଖମାରୀ, ସହ ସମ୍ପାଦକ ଜିତେନ୍ଦ୍ର ପଣ୍ଡା ଉପସ୍ଥିତ ଥିବାବେଳେ ମିଡିଆସେଲର ପ୍ରମୁଖ ଜନ୍ମେଜୟ ଦାଶ ମଞ୍ଚ ପରିଚାଳନା, ସୁଶ୍ରୀ କ୍ରିଷ୍ଣା ମେହେର ଯୁବ ସମାବେଶର ଉଦ୍ଦେଶ୍ୟ ଓ ମନୋଜ କୁମାର ରଥ କୃତଜ୍ଞତାଜ୍ଞାପନ କରିଥିଲେ।କାର୍ଯ୍ୟକ୍ରମ ପରିଚାଳନାରେ ସୁଜିତ କୁମାର ଠାକୁର, ପ୍ରଦ୍ୟୁମ୍ନ ପଣ୍ଡା, ନାରାୟଣ ସାହୁ, ନବୀନ ମେହେର, ତନୁକଲାଲ ନାଗ, ନବୀନ ରାଉତ ସମେତ ମିଡିଆ ସେଲ, କାଳୀକୃଷ୍ଣ ବାହିନୀ, ପ୍ରଜ୍ଞା ବାହିନୀର ସଦସ୍ୟ ସଦସ୍ୟା ସହଯୋଗ କରିଥିଲେ।ସମାବେଶରେ କଳାହାଣ୍ଡି, ନବରଙ୍ଗପୁର ଓ କରୋପୁଟ ଜିଲ୍ଲାରୁ ୫ଶହ ଯୁବା ଯୋଗଦାନ କରିଥିଲେ।

## ୧୭ରୁ କୁଷ୍ଠ ନିରାକରଣ ଅଭିଯାନ

# ସ୍ୱାସ୍ଥ୍ୟ କର୍ମୀ ଏବଂ ଆଶାଙ୍କ ପ୍ରଶିକ୍ଷଣ ଶିବିର

**ସିନାପାଲି, ୯ ।୧୧(ସମିସ):** ନୂଆପଡ଼ା ଜିଲ୍ଲା ବ୍ୟାପି ଆସନ୍ତା ୧୭ରୁ ୩୦ ତାରିଖ ପର୍ଯ୍ୟନ୍ତ କୁଷ୍ଠ ରୋଗ ନିରାକରଣ ଅଭିଯାନ ହେବାକୁ ଯାଉଥିବା ବେଳେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସିନାପାଲି ଆନୁକୂଲ୍ୟରେ ସ୍ଥାନୀୟ ସଭାଗୃହରେ ସ୍ୱାସ୍ଥ୍ୟ କର୍ମି ଏବଂ ଆଶାମାନଙ୍କୁ ନେଇ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଉଯାଇଛି।୨୦୨୭ ମସିହା ସୁଦ୍ଧା କୁଷ୍ଠମୁକ୍ତ ଓଡ଼ିଶା କରିବା ଉଦେଶ୍ୟ ରଖି କାର୍ଯ୍ୟକ୍ରମ ଆରମ୍ଭ କରାଯାଉ ଥିବା ବେଳେ ଲୁକ୍କାୟିତ ଥିବା କୁଷ୍ଠ, ଛଉର ଚିହ୍ନଟ ଓ ତାର ଚିକିତ୍ସା ସହ ଜନସାଧାରଣଙ୍କର କୁଷ୍ଠରୋଗ ପ୍ରତି ଥିବା ଘୃଣା ଭାବ ଦୂର କରିବା ଓ କୁଷ୍ଠ ସଂକ୍ରମଣକୁ ରୋକିବା କୁଷ୍ଠ ରୋଗ ଦ୍ୱାରା ହୋଇଥିବା ବିକଳାଙ୍ଗ ରୋଗୀକୁ ଚିହ୍ନଟ ଏବଂ ତାର ମାଗଣାରେ ଅସ୍ତ୍ରୋପଚାର କରାଇବା ଭଳି ପ୍ରମୁଖ ଆଭିମୁଖ୍ୟକୁ ଗୁରୁତ୍ୱ ଦିଆଯାଇଛଇ।ଏହି ସଂକ୍ରାନ୍ତରେ ୧୭ ଠାରୁ ଆରମ୍ଭ ହୋଇ ୩୦ତାରିଖ ପର୍ଯ୍ୟନ୍ତ ସମସ୍ତ ଆଶା ଦିଦି ଏବଂ ସ୍ୱାସ୍ଥ୍ୟ କର୍ମୀ ଘର ଘର ବୁଲି ସନ୍ଦେହ ଥିବା ଛଉ ଚିହ୍ନଟ କରି ଡାକ୍ତରଖାନାକୁ ପଠେଇବେ ଏବଂ ଡାକ୍ତର ତାଙ୍କୁ ଜଦି କୁଷ୍ଠ ରୋଗୀ ବୋଲି ଚିହ୍ନଟ କଲେ ରୋଗୀକୁ ଔଷଧ ଦେଇ ଚିକସ୍ତା କରାଯିବାର ସ୍ୱାସ୍ଥ୍ୟ ବିଭାଗ ତରଫରୁ ସୂଚନା ରହିଛି।ଉକ୍ତ କାର୍ଯ୍ୟକ୍ରମ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ଧନେଶ୍ୱର ସେଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଏବଂ କୁଷ୍ଠରୋଗ ନିରାକରଣ ଜିଲ୍ଲା ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ତନ୍ମୟ ତ୍ରିପାଠୀଙ୍କ ନେତୃତ୍ୱ ରେ ଅନୁଷ୍ଠିତ ହୋଉଥିବା ବେଳେ ଡିଏଲସି ଡାକ୍ତର ଅନିତା ସାହୁ ସହଯୋଗ କରୁଛନ୍ତି।



# ପଞ୍ଚାୟତ କର୍ମଚାରୀ ପିଅନ ସଂଘର ବୈଠକ

**ବୌଦ୍ଧ, ୯ ।୧୧(ସମିସ):** ବୌଦ୍ଧ ବ୍ଲକ ଖୁଣ୍ଟବନ୍ଧ ପଞ୍ଚାୟତ ପରିସରରେ ଓଡ଼ିଶା ପଞ୍ଚାୟତ କର୍ମଚାରୀ ପିଅନ ସଂଘର ଏକ ବୈଠକ ସଭାପତି ଦୟାନିଧି ଜାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା । ଆଲୋଚନାରେ ଓଡ଼ିଶାର ୬୭୯୪ ପଞ୍ଚାୟତ ମାନଙ୍କରେ ଗୋଟିଏ ଲେଖାଏଁ ପିଅନ ପଦ ସୃଷ୍ଟି କରିବା ସହିତ ପ୍ରତି ପଞ୍ଚାୟତରେ ସ୍ଥାୟୀ ନିଯୁକ୍ତି ଓ ନିୟମିତ ଦରମା ପ୍ରଦାନ କରିବା, ଓଡ଼ିଶା ଗ୍ରାମ ପଞ୍ଚାୟତ ୨୦୧୪ ମସିହା ୧୨୫ ନିୟମକୁ ଉଚ୍ଛେଦ କରିବା ଓ ୧୯୬୪ ମସିହା ୧୨୩ ଆଇନକୁ ତୁରନ୍ତ ବିଧାନସଭାରେ ଉପସ୍ଥାପନା କରାଯାଇ ସଂଶୋଧନ କରିବା ସହ ଅନ୍ୟାନ୍ୟ ଦାବି ଉପସ୍ଥାପନ କରାଯାଇଥିଲା । ପ୍ରତି ମାସରେ ନିୟମିତଭାବେ ପଞ୍ଚାୟତ ପିଅନ ମାନଙ୍କୁ ଅନଲାଇନ ମାଧ୍ୟମରେ ଦରମା ପ୍ରଦାନ କରିବା ବ୍ୟବସ୍ଥା ରଖିବା ସମ୍ପର୍କରେ ଆଲୋଚନା କରାଯାଇଥିଲା । ଆଗାମୀ ଦିନରେ ଜିଲ୍ଲାସ୍ତରୀୟ ବୈଠକ କରାଯାଇ ଏହାର ଚୂଡ଼ାନ୍ତ ପଦକ୍ଷେପ ନେବାକୁ ବୈଠକରେ ନିଷ୍ପତ୍ତି ନିଆଗଲା । ବୈଠକରେ ସମ୍ପାଦକ ଦିଲୀପ କ୍ଷେତି, କୋଷାଧ୍ୟକ୍ଷ କେଶବ ଖମାରି, ଆର୍ତ୍ତତ୍ରାଣ ଖଟୁଆ, ରଘୁନନ୍ଦନ ଭୋକ୍ତା, ଦ୍ୱିତୀୟଲା ନାଏକ, ଜୟନ୍ତ ବେହେରା, ଚତୁରୁ ପ୍ରଧାନ, ଦଶରଥ ଖମାରି, ହୃଷିକେଶ ପରିଡ଼ା, ନୀଳାମ୍ବର ନାଏକ ପ୍ରମୁଖ ଉପସ୍ଥିତ ଥିଲେ ।



## ଲାଖବାହାଲି ସ୍ୱାସ୍ଥ୍ୟ ଉପକେନ୍ଦ୍ର ନିର୍ମାଣରେ ବିଳମ୍ବ

# ଦୁଇ ବର୍ଷ ହେଲା କାମ ବନ୍ଦ, ଠିକାଦାର ଗାଏବ

**ଲାଞ୍ଜିଗଡ଼, ୯ ।୧୧(ସମିସ)**

କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ଲାଖବାହାଲି ସ୍ୱାସ୍ଥ୍ୟ ଉପକେନ୍ଦ୍ରର ପୁରୁଣା କୋଠା ଏଯାଏଁ ହସ୍ତାନ୍ତର ହୋଇନି ।ତେବେ ପୁଣି ଏକ ନୂଆ କୋଠା ନିର୍ମାଣ କାମ ଆରମ୍ଭ ହୋଇଥିବା ବେଳେ ନିମ୍ନ ମାନର କାମକୁ ନେଇ ପଞ୍ଚାୟତବାସୀ ବିରୋଧ କରିଥିଲେ। ଫଳରେ ବର୍ଷେ ହେଲା କାମ ବନ୍ଦ କରିଛି ଠିକାଦାର। ଏଣୁ ଜରୁରୀ କାଳୀନ ପ୍ରାଥମିକ ସ୍ୱାସ୍ଥ୍ୟ ସେବାରୁ ଲୋକେ ବଞ୍ଚିତ ହେଉଥିବା ପ୍ରକାଶ କରିଛନ୍ତି। ସୂଚନା ଅନୁସାରେ, ଲାଞ୍ଜିଗଡ଼ ବ୍ଲକ ଆଦିବାସୀ ଅଧ୍ୟୁଷିତ ଦୁର୍ଗମ ଅଞ୍ଚଳରେ ରହିଛି ଲାଖବାହାଲି ପଞ୍ଚାୟତ। ଏହି ପଞ୍ଚାୟତରେ ୧୭ଟିଗାଁ ରହିଥିବା ବେଳେ ବାରଗୁଡା, ପଣସ ପଦର, ପଟାଙ୍ଗ ପଦର, ସରଗୁଡା, ତିର୍କୀଝୁଲା, ବଣ୍ଡେଲ, ଡକରିଗୁଡା ଓ ମୁଣ୍ଡାଙ୍ଗ ପଦର ଗାଁ ମାନଙ୍କୁ ରାସ୍ତା ନାହିଁ। ଏହି ଗାଁ ଲୋକେ ଗୁରୁତର ରୋଗୀ, ଗର୍ଭବତୀ ଓ ପ୍ରସୂତି ମହିଳାଙ୍କୁ ଖଟିଆରେ ବୋହି ମୁଖ୍ୟ ରାସ୍ତାକୁ ଆଣିଥିବା ଦୃଶ୍ୟମାନ ବାରମ୍ବାର ଦେଖିବାକୁ ମିଳିଥିଲା। ଲୋକେ ପ୍ରାଥମିକ ସ୍ୱାସ୍ଥ୍ୟ ସେବାରୁ ବଞ୍ଚିତ ରହୁଥିବା ବେଳେ ଏକ ଉପସ୍ୱାସ୍ଥ୍ୟକେନ୍ଦ୍ର ସ୍ଥାପନ କରି ପ୍ରାଥମିକ ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ପଞ୍ଚାୟତବାସୀ ଏହାକୁ ନେଇ ବ୍ଲକ ସ୍ୱାସ୍ଥ୍ୟ ବିଭାଗ ଓ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗସ୍ତରରେ ବାରମ୍ବାର ଅଭିଯୋଗ ପରେ ୨୦୧୫ ମସିହାରେ ଏକ ସ୍ୱାସ୍ଥ୍ୟ ଉପକେନ୍ଦ୍ର ସ୍ଥାପନ ପାଇଁ ସରକାର ଅନୁମତି ଦେଇଥିଲେ।ଏଥିପାଇଁ କୋଠା ନିର୍ମାଣ ହୋଇଥିଲା। ଭବାନୀପାଟଣାର ଜଣେ ଠିକାଦାର ନିର୍ମାଣ କାର୍ଯ୍ୟ୨୦୧୬ ମସିହାରେ ସମ୍ପୂର୍ଣ୍ଣ କରିଥିଲେ। କିନ୍ତୁ ସମ୍ପୂର୍ଣ୍ଣ ହେବାର ୮ ବର୍ଷ ବିତି ଯାଇଥିଲେ ମଧ୍ୟ ସ୍ୱାସ୍ଥ୍ୟ ବିଭାଗକୁ ହସ୍ତାନ୍ତର କରାଯାଇ ନାହିଁ। ଏବେ ସେହି କୋଠାଟି ମୁଖ୍ୟ ରାସ୍ତା କଡରେ ଅସାମାଜିକ ବ୍ୟକ୍ତିଙ୍କ ଆଡାସ୍ଥଳୀ ହୋଇ ରହିଛି। ପୁଣି ଗତ ୨୦୨୩ ମସିହାରେ ପୂର୍ବ ସ୍ୱାସ୍ଥ୍ୟ ଉପକେନ୍ଦ୍ର କୋଠାର ୩୦୦ ଶହ ମିଟର ବ୍ୟବଧାନରେ ଆଉ ଏକ କୋଠା ନିର୍ମାଣ କାମ ଆରମ୍ଭ ହୋଇଥିଲା। ଏହି କାମ ଅତି ନିମ୍ନମାନର ହେଉଥିବା ଗ୍ରାମବାସୀ ଅଭିଯୋଗ କରିଥିଲେ। ସେହିପରି କାମର ଫଳକ ବି ଲଗାଯାଇ ନାହିଁ। ନିୟମ ଉଲ୍ଲଂଘନ କରି ଏହି କାମ ଚାଲୁଥିବାରୁ ପଞ୍ଚାୟତବାସୀ ବିରୋଧ କରିଥିଲେ। ଫଳରେ ପ୍ରାୟ ୨ବର୍ଷ ହେବ କାମ ବନ୍ଦ ରହିଛି ।ଅନ୍ୟପକ୍ଷେ ଦାୟିତ୍ୱରେ ଥିବା ସ୍ୱାସ୍ଥ୍ୟ କର୍ମୀଙ୍କୁ ନିଜସ୍ୱ ସ୍ୱାସ୍ଥ୍ୟ ଉପକେନ୍ଦ୍ର ନଥିବା ଯୋଗୁଁ ଲୋକଙ୍କ ଘର ବାରଣ୍ଡା, ଗଛମୂଳେ ନିୟମିତ ସ୍ୱାସ୍ଥ୍ୟ ସେବା ଯୋଗାଇବା ସମ୍ଭବ ହେଉନାହିଁ। ଏନେଇ ସରପଞ୍ଚ ପଦ୍ମିନୀ ମାଝୀଙ୍କୁ ପଚାରିବାରୁ ବର୍ତ୍ତମାନ ଉପ ସ୍ୱାସ୍ଥ୍ୟକେନ୍ଦ୍ର ୨ବର୍ଷ ହେଲା କାମ ବନ୍ଦ ପଡ଼ିଛି। ବାରମ୍ବାର ପ୍ରଶାସନ ନିକଟରେ ଅଭିଯୋଗ କଲେବି ଶୁଣୁନାହାନ୍ତି। ଯାହା ଫଳରେ ସ୍ୱାସ୍ଥ୍ୟ ସେବାରେ ଅସୁବିଧା ଦେଖା ଦେଇଥିବା ପ୍ରକାଶ କରିଛନ୍ତି। ଏନେଇ କାର୍ଯ୍ୟର ତଦାରଖ କରୁଥିବା ବ୍ଲକ କନିଷ୍ଠ ଯନ୍ତ୍ରୀ ଲଳିତ ମାଝୀଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ ସମ୍ଭବ ହୋଇନଥିଲା।



# ମା’ ପାଟଣେଶ୍ୱରୀ ମନ୍ଦିର ଉନ୍ନତୀକରଣ କାମ ଶୀଘ୍ର ସାରିବାକୁ ଉପଜିଲ୍ଲାପାଳଙ୍କ ଦ୍ୱାରସ୍ଥ

**ବଲାଙ୍ଗିର, ୯ ।୧୧ (ସମିସ):** ପାଟଣା ରାଜ୍ୟର ଇଷ୍ଟଦେବୀ ମା’ ପାଟଣେଶ୍ୱରୀ ମନ୍ଦିର ପୀଠକୁ ୧୮୭୨ରୁ ୨୦୨୫କୁ ୧୫୦ ବର୍ଷ ପୂର୍ତ୍ତି ହୋଇଯାଇଛି। ଏହି ଅବସରରେ ବଲାଙ୍ଗିର ଜିଲ୍ଲାର ଦେବାଳୟ ଐତିହ୍ୟ ସୁରକ୍ଷା ଟ୍ରଷ୍ଟ ପକ୍ଷରୁ ଆଗାମୀ ଜାନୁୟାରୀ ମାସ ପହିଲା ସପ୍ତାହରେ ପାଟଣେଶ୍ୱରୀ ମହୋତ୍ସବ ଆୟୋଜନ ପାଇଁ ଉପ-ଜିଲ୍ଲାପାଳ ତଥା ଦୋବୋତ୍ତର ବିଭାଗକୁ ସୂଚନା ପ୍ରଦାନ କରିଛି। ୨୦୨୩ ମସିହାରେ ଉନ୍ନତିକରଣ ପାଇଁ ୧କୋଟି ୧୨ଲକ୍ଷ ଟଙ୍କାରେ ସୌ÷ନ୍ଦର୍ଯ୍ୟକରଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ୩ବର୍ଷରୁ ଉର୍ଦ୍ଧ୍ୱ ହୋଇଗଲାଣି ଏଯାଏଁ ସମ୍ପୂର୍ଣ୍ଣ ହୋଇନାହିଁ କାମ। ଏହି ଅବସରରେ ବଲାଙ୍ଗିର ଉପ-ଜିଲ୍ଲାପାଳ ଆଲୋକ କୁମାର ପଟେଲଙ୍କୁ ଦେବାଳୟ ସୁରକ୍ଷା କମିଟି ୪ଟି ଦାବି ପ୍ରଦାନ କରିଛି। ଜାନୁୟାରୀ ମାସରେ ମହୋତ୍ସବ ଆୟୋଜନ ହେବାହେତୁ ମନ୍ଦିର ଉନ୍ନତିକରଣ ତ୍ୱରାନ୍ୱିତ କରିବା ପାଇଁ ଏବଂ ମା’ ପାଟଣେଶ୍ୱରୀ ମନ୍ଦିରର ଗମ୍ଭିରାଘର, ପରଭା ରୂପା କିମ୍ବା ପିକ୍ଷଳ ଛାଉଣି ଲଗାଇବା ପାଇଁ ଦାବି କରାଯାଇଛି। ୧୫୦ ବର୍ଷ ପୂର୍ତ୍ତି ଅବସରରେ ପାଟଣା ରାଜ୍ୟର ଇଷ୍ଟଦେବୀ ମାଁ ପାଟଣେଶ୍ୱରୀ ମନ୍ଦିରକୁ ପର୍ଯ୍ୟଟନ ମାନ୍ୟତା ଦାବି, ପାଟଣେଶ୍ୱରୀ ମହୋତ୍ସବ ପାଇଁ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ପଠାଇବା ପାଇଁ ଦାବି ଜଣାଇଥିଲେ। କମିଟିର ସଭାପତି ଜୟକୃଷ୍ଣ ମିଶ୍ର, ପ୍ରଶାନ୍ତ ମହାକୁର ଆଗାମୀ ଦିନରେ ମହୋତ୍ସବ ପାଇଁ ବିଭିନ୍ନ ଯୋଜନା ଓ ବଲାଙ୍ଗିରର ବୁଦ୍ଧିଜୀବୀଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ ହେବ। ରାଜ୍ୟପାଳ ଏବଂ ରାଜ୍ୟର ବିଭିନ୍ନ ନେତା ମନ୍ତ୍ରୀଗଣ ଉତ୍ସବରେ ନିମନ୍ତ୍ରିତ କରାଯିବ ବୋଲି ନିଷ୍ପତ୍ତି ହୋଇଛି।

# ଉତ୍କଳ ଗ୍ରାମୀଣ ବ୍ୟାଙ୍କ କର୍ମଚାରୀ ସଂଘର ସ୍ୱତନ୍ତ୍ର ଅଧିବେଶନ




**ବଲାଙ୍ଗିର, ୯ ।୧୧(ସମିସ):** ଉତ୍କଳ ଗ୍ରାମୀଣ ବ୍ୟାଙ୍କ କର୍ମଚାରୀ ସଂଘର ସ୍ୱତନ୍ତ୍ର ତଥା ଶେଷ ସମ୍ମିଳନୀ ରେନ୍‌ବୋ ପ୍ୟାଲେସ ବଲାଙ୍ଗିରଠାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ୧୭ଟି ଜିଲ୍ଲାରେ କାମ କରୁଥିବା ଗ୍ରାମୀଣ ବ୍ୟାଙ୍କର ଶତାଧିକ କର୍ମଚାରୀ ଯୋଗଦାନ କରିଥିଲେ। ମୁଖ୍ୟ ଅତିଥି, ଆବାହକ କୋଶଲ ରାଜ୍ୟ ସମନ୍ୱୟ ସମିତି ପ୍ରମୋଦ କୁମାର ମିଶ୍ର ସହିଦମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ସଂଘର କାର୍ଯ୍ୟକାରୀ ସଭାପତି ସାଥୀ ଅଭିଜିତ ଗଡ଼ତ୍ୟା ସମସ୍ତ ଅତିଥିମାନଙ୍କୁ ସମ୍ମାନିତ କରିଥିଲେ। ସଂଘର ସଭାପତି ପୁଲିନ ମିଶ୍ର ଅଧ୍ୟକ୍ଷତା କରି ସଭାର ଆଭିମୁଖ୍ୟକୁ ସ୍ପଷ୍ଟ କରିଥିଲେ। ସେ ସାଧାରଣ ସମ୍ପାଦକଙ୍କ ବିବରଣୀ ଉପରେ ବିଶେଷ ଭାବରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଶିବକରଣ ଦ୍ୱିବେଦି ସର୍ବଭାରତୀୟ ଗ୍ରାମୀଣ ବ୍ୟାଙ୍କ କର୍ମଚାରୀ ସଂଘର ପ୍ରଥମ ସାଧାରଣ ସମ୍ପାଦକ, ଭାରତ ଭଳି ଗ୍ରାମ୍ୟ ବହୁଳ ଦେଶରେ ଗ୍ରାମ୍ୟବ୍ୟାଙ୍କର ଭୂମିକା ଓ ବର୍ତ୍ତମାନର ସରକାରଙ୍କ ଆଭିମୁଖ୍ୟ ଉପରେ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଅନ୍ୟାନ୍ୟ ବକ୍ତା ମଧ୍ୟରେ ଛତିଶଗଡ଼ ଗ୍ରାମୀଣ ବ୍ୟାଙ୍କ ଅଫିସର ସଂଘର କାର୍ଯ୍ୟକର୍ତ୍ତା ରୋନକ ତ୍ରିପାଠୀ, ବ୍ୟାଙ୍କ ଏମ୍ପ୍ଲୟିଜ୍ ଫେଡେରେସନର କର୍ମକର୍ତ୍ତା ପ୍ରଦୀପ ଷଡ଼ଙ୍ଗୀ ଓ ପ୍ରକାଶ ରାୟ, ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ କର୍ମଚାରୀ ସଂଘ ସଭାପତି ପ୍ରତିମ ପୁହାନ, ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ ଅବସରପ୍ରାପ୍ତ କର୍ମଚାରୀ ସଂଘ ସଭାପତି ଦ୍ୱାରିକାନାଥ ପଟେଲ, ଉତ୍କଳଗ୍ରାମୀଣ ବ୍ୟାଙ୍କ ମହିଳା ସବ୍‌କମିଟି ର ଆବାହକ ଲତିକା ସେଠ, ଅସ୍ଥାୟୀ କର୍ମଚାରୀ ସଂଘ ସମ୍ପାଦକ ପ୍ରଦୀପ ରାଉତ, ଟ୍ରେଡ୍ ୟୁନିୟନ ନେତା ବିଭୁଦତ୍ତ ମିଶ୍ର, ଆଇଏନ୍‌ଟିୟୁସି ଜିଲ୍ଲା ସଭାପତି କୃଷ୍ଣଚନ୍ଦ୍ର ସାହୁ ପ୍ରମୁଖ ମଞ୍ଚାସିନ ଥିଲେ। ଆଲୋକ ପଧାନ, ସନୁଜିତ ମିଶ୍ର, କରୁଣାକର ପ୍ରଧାନ, ପିଙ୍କୁ ଯୋଷୀ, ବିଭୁଦତ୍ତ ପଣ୍ଡା, କୌ÷ଦଣ୍ଡଦର ବାଗ, ରୋହିତ ପଟ୍ଟନାୟକ, ବିଧୁଶେଖର ନନ୍ଦ, ଲିଙ୍ଗରାଜ ନାଏକ, ଶୁଭେନ୍ଦୁ କୁମାର ସାହୁ, ରୋଶନ ମିଶ୍ର ଓ ଅନ୍ୟାନ୍ୟ ନେତୃମଣ୍ଡଳୀ ସଭା ପରିଚାଳନା ଦାୟିତ୍ୱ ନେଇଥିଲେ। ସାଥୀ ପ୍ରତାପ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ■ ଅନୁସୂଚିତ ଜାତି ଓ ଜନଜାତି କର୍ମଚାରୀ ପରିଷଦର ବାର୍ଷିକ ସାଧାରଣ ସଭା

# ଧରତୀ ଆବା ବିର୍ସାମୁଣ୍ଡାଙ୍କ ଜୟନ୍ତୀକୁ ଛୁଟି ଘୋଷଣା କରାଯାଉ

**ବଲାଙ୍ଗିର, ୯ ।୧୧(ସମିସ):** ସ୍ଥାନୀୟ ଗୌଣ୍ଡୱାନା ଭବନଠାରେ ଓଡ଼ିଶା ଅନୁସୂଚିତ ଜାତି ଓ ଜନଜାତି କର୍ମଚାରୀ କଲ୍ୟାଣ ସମନ୍ୱୟ ପରିଷଦ ବଲାଙ୍ଗିର ଜିଲ୍ଲା ଶାଖାର ବାର୍ଷିକ ସାଧାରଣସଭା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଭାପତି ମୀନକେତନ ମାଝୀ ଅଧ୍ୟକ୍ଷତା କରି ପରିଷଦର ଆଭିମୁଖ୍ୟ, ଲକ୍ଷ୍ୟ, ଉପଲବ୍ଧି ବିଷୟରେ ଅବଗତ କରାଇଥିଲେ। ମୁଖ୍ୟଅତିଥି ଭାବେ ଗୁଣନିଧି ମଲ୍ଲିକ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ବଲାଙ୍ଗିର ଯୋଗ ଦେଇ ସମାଜ ପ୍ରତି ଉତ୍ତର ଦାୟିତ୍ୱ, ସଂଗଠନର ମହତ୍ୱ ଉପରେ ସଚେତନତା ଜରୁରୀ ବୋଲି ମାର୍ଗଦର୍ଶନ କରିଥିଲେ। ସାଧାରଣ ସମ୍ପାଦକ ରବୀନ୍ଦ୍ର କୁମାର ସୁନା ବାର୍ଷିକ ବିବରଣୀ ପାଠ, ସମ୍ପାଦକ(ବିତ) ବୃନ୍ଦାବନ ନାଗ ବାର୍ଷିକ ଆୟବ୍ୟୟ, ସମ୍ପାଦକ(ସାଂସ୍କୃତିକ) ସୁରେନ୍ଦ୍ର ସେଠ୍ ଶୈକ୍ଷିକ କାର୍ଯ୍ୟାବଳି, କାର୍ଯ୍ୟକାରୀ ସଭାପତି କମଳଲୋଚନ ବିଶ୍ୱାଳ ଆର୍ଥିକ ପରିଚାଳନା ବିଷୟରେ ଉଲ୍ଲେଖ କରିଥିଲେ। ଜିଲ୍ଲାର ସମସ୍ତ ବ୍ଲକ ସଭାପତି, ସମ୍ପାଦକ ତଥା ସଭ୍ୟମାନେ ଯୋଗଦେଇ ବିବରଣୀ ଉପସ୍ଥାପନ ସହ ପରିଷଦର ଉନ୍ନତି ଏବଂ ଧରତି ଆବା ବିର୍ସାମୁଣ୍ଡାଙ୍କ ଜୟନ୍ତୀକୁ ଛୁଟି ଘୋଷଣା କରାଯାଉ ବୋଲି ମତାମତ ଦେଇ ପ୍ରସ୍ତାବ ଗୃହୀତ ହୋଇଥିଲା। ଜିଲ୍ଲାରେ ଉଲ୍ଲେଖନୀୟ ସଭ୍ୟ ସଂଖ୍ୟା ସଂଗ୍ରହରେ ଗୁଡ଼ଭେଲା ବ୍ଲକ ପ୍ରଥମ, ଦେଓଗାଁ ବ୍ଲକ ଦ୍ୱିତୀୟ ଓ ବେଲପଡ଼ା ବ୍ଲକ ତୃତୀୟ ହୋଇଥିବାରୁ ମୁଖ୍ୟ ଅତିଥି ସମ୍ବର୍ଦ୍ଧିତ କରିଥିଲେ। ବ୍ଲକ ସଭାପତି ରଘୁନାଥ ପୁଝାରୀ, ଖୁସିରାମ ମଲ୍ଲିକ, ପ୍ରିୟବ୍ରତ କୁମୁରା, ନକୁଳ ମାଝୀ, ଡମ୍ବରୁଧର ଧରୁଆ, ଶୁକ୍ରୁ ଧରୁଆ, ସମ୍ପାଦକ ସତ୍ୟଜିତ ଛତ୍ରିଆ, ହୋଲେଶ୍ୱର ଧରୁଆ, କାର୍ତ୍ତିକ ହରପାଲ, ପରଶୁରାମ ସୁନା, ମହେନ୍ଦ୍ର ନାଗ, ଅଜତିତ କୁମାର ନାଗ, କଳିଙ୍ଗ ସୁନା, ଭଗତ ନାଗ, ତରୁଣ ସିଂ ଦୀପ, ସହଦେବ ଧରୁଆ, ଛବୀନ୍ଦ୍ର ବେହେରା, ଗୋପାଳ ଭୁଏ, ବିରଞ୍ଚି ମାଝୀ, ବବୃ ନାଗ, ଯୋଗେନ୍ଦ୍ର ଦଳପତି ପ୍ରମୁଖ ମତାମତ ଦେଇଥିଲେ। ନୀଳକଣ୍ଠ ସୁନା ସଭା ପରିଚାଳନା କରିଥିବା ବେଳେ ଗଦି ସୁନା ଧନ୍ୟବାଦ ଦେଇଥିଲେ।

# ଧମାନଡାଙ୍ଗାରେ ଜାତୀୟ ବିଧି ସେବା ଦିବସ

**କାଣ୍ଟାବାଞ୍ଜି, ୯ ।୧୧(ସମିସ):** ବଲାଙ୍ଗିର ଜିଲ୍ଲା କାଣ୍ଟାବାଞ୍ଜି ତାଲୁକ ବିଧି ସେବା ସମିତି ତରଫରୁ ଜାତୀୟ ବିଧି ସେବା ଦିବସ ଧମାନଡାଙ୍ଗା ସରକାରୀ ସ୍କୁଲରେ ପାଳନ କରାଯାଇଛି । ଏହି ଅବସରରେ ନିଃଶୁଳ୍କ ବିଧି ସେବା ଓ ନାଗରିକ ଅଧିକାର ସମ୍ବନ୍ଧରେ ଜନଚେତନା ସୃଷ୍ଟି କରାଯାଇଥିଲା । ଏହି ଅବସରରେ ବରିଷ୍ଠ ସିଭିଲ ଜଜ୍ ସରୋଜିନୀ ସାହୁ, କଣ୍ଟାବାଞ୍ଜି ଜେଏମ୍‌ଏଫସି ଜଜ୍ ରାହୁଲ କୁମାର ଜେନା, ପିଏଲଭି ଜମ୍ମୁ ଛୁରା ଉପସ୍ଥିତ ଥିଲେ । ଧମାନଡାଙ୍ଗା ଗ୍ରାମର ଅନେକ ଶିକ୍ଷକ, ଛାତ୍ରଛାତ୍ରୀ ଓ ଗ୍ରାମବାସୀ ମଧ୍ୟ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ସେହିପରି ସରକାରଙ୍କ ବିଭିନ୍ନ କଲ୍ୟାଣମୂଳକ ଯୋଜନା ଓ ଅଧିକାର ବିଷୟରେ ସଚେତନତା ମଧ୍ୟ ସୃଷ୍ଟି କରାଯାଇଥିଲା ।

# ଜାତୀୟ ଆଇନ ସେବା ଦିବସ

**ବୌଦ୍ଧ, ୯ ।୧୧(ସମିସ):** ବୌଦ୍ଧ ବ୍ଲକ ସଂଗ୍ରାମପୁର ଠାରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଜାତୀୟ ଆଇନ ସେବା ଦିବସ ପାଳିତ ହୋଇଛି। ଉକ୍ତ କାର୍ଯ୍ୟକ୍ରମରେ ବୌଦ୍ଧ ଜିଲ୍ଲାର ମୁଖ୍ୟ ଦଣ୍ଡଧୀଶକାରୀ ନିରଞ୍ଜନ ପାତ୍ର, ଜିଲ୍ଲା ଆଇନ ସେବା ପ୍ରାଧିକରଣ, ବୌଦ୍ଧର ସଚିବ ଶ୍ରଦ୍ଧାଞ୍ଜଳି ରାୟ, ଜିଲ୍ଲା ଉପଖଣ୍ଡୀୟ ବିଚାର ବିଭାଗୀୟ ବିଚାରପତି ନିରଞ୍ଜନ ଦାସ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ସୁସ୍ମିତା ପ୍ରିୟଦର୍ଶିନୀ ଏବଂ ନିରାଳୀ ସାମନ୍ତରାୟ ଉପସ୍ଥିତ ଥିଲେ। ପ୍ରଧାନଶିକ୍ଷକ ଭରତ ମେହେର, ସଂଗ୍ରାମପୁର ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଜିତ କୁମାର ମେଣ୍ଡେଲୀ ଏବଂ ଉଭୟ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

## ୭୧ତମ ମହାବୀର ମହୋତ୍ସବ

# ମହନୀୟ କଳା ଓ ସଂସ୍କୃତିର ଅପୂର୍ବ ଭଣ୍ଡାର କଳାହାଣ୍ଡି

**ଭବାନୀପାଟଣା, ୯ ।୧୧ (ସମିସ):** ବୀର ପ୍ରସବିନୀ କଳାହାଣ୍ଡି ମାଟିର ସୁସମୃଦ୍ଧ ଐତିହ୍ୟ ଓ ଇତିହାସ ସହିତ ଅନେକ ପ୍ରଥା, ପରମ୍ପରା ଏ ମାଟିକୁ ଋଦ୍ଧିମନ୍ତ କରିଛି। ମହନୀୟ କଳା ଓ ସଂସ୍କୃତିର ଅପୂର୍ବ ଭଣ୍ଡାର କଳାହାଣ୍ଡି ଓ ଏହାକୁ ଉଜ୍ଜୀବିତ କରି ରଖିବାରେ ଓଡ଼ିଶାର ଅଗ୍ରଗଣ୍ୟ ମହାବୀର ସାଂସ୍କୃତିକ ଅନୁଷ୍ଠାନ ଦ୍ୱାରା ଆୟୋଜିତ ମହାବୀର ମହୋତ୍ସବ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସୁଛି ବୋଲି ୭୧ତମ ମହାବୀର ମହୋତ୍ସବ ଅବସରରେ ଯୋଗଦେଇ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଅନୁଷ୍ଠାନର ସଭାପତି ଶାନ୍ତନୁ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉଦଘାଟନୀ ସମାରୋହରେ ଅତିଥି ଭାବେ ମୁଖ୍ୟଅତିଥି ଭାବେ ମହାବୀର ସାଂସ୍କୃତିକ ଅନୁଷ୍ଠାନର ପ୍ରତିଷ୍ଠାତା ସଭ୍ୟ ଯତୀନ୍ଦ୍ର କୁମାର ପଣ୍ଡା ଯୋଗ ଦେଇଥିଲେ। ପୂର୍ବାହ୍ନରେ ଅନୁଷ୍ଠାନର ପତାକା ଉତ୍ତୋଳନ ପରେ ପରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରବନ୍ଧ, ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ଅନୁଷ୍ଠିତ ଉଦଘାଟନୀ ସଭାରେ ଅତିଥି ଭାବେ ଓଡ଼ିଶା ଉର୍ଦ୍ଦୁ ଏକାଡେମୀର ସଦସ୍ୟ ଅବଦୁଲ କାଦିର, କଳାହାଣ୍ଡି ଲେଖକ କଳା ପରିଷଦର ଭବନାଥ ରାୟଗୁରୁ, ପ୍ରତିଭା ଅନୁଷ୍ଠାନର ସଭାପତି ଧ୍ୟାନାନନ୍ଦ ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ। ଏହାପରେ ପରେ ଓଡ଼ିଶାର ପ୍ରଥମ ଷ୍ଟେଜ ରିୟଲିଟି ସୋ ଭଏସ ଅଫ କଳାହାଣ୍ଡିର ସ୍କ୍ରିନିଂ ଅନୁଷ୍ଠିତ ହୋଇଥିଲା। ମହୋତ୍ସବର ଦ୍ୱିତୀୟ ଦିବସର ଦିବା କାର୍ଯ୍ୟକ୍ରମ ମଧ୍ୟରେ ଚିତ୍ରାଙ୍କନ, ସାଧାରଣ ଜ୍ଞାନ, କଣ୍ଠ ସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସେହିପରି ଅପରାହ୍ନରେ ବିଶିଷ୍ଟ ଉଦଘୋଷକ ତଥା ମହାବୀର ସାଂସ୍କୃତିକ ଅନୁଷ୍ଠାନର ସମର୍ପିତ କର୍ମକର୍ତ୍ତା ସ୍ୱର୍ଗତ ସୁଶୀଲ ଗହୀର ସ୍ମାରକୀ ଶିଶୁ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।ଦ୍ୱିତୀୟ ଦିନର ସନ୍ଧ୍ୟା କାର୍ଯ୍ୟକ୍ରମରେ ଅତିଥି ଭାବେ ଶିକ୍ଷାବିତ ସୁଧାଂଶୁ ନେଗୀ, ବୃନ୍ଦାବନ ସାଂସ୍କୃତିକ ଅନୁଷ୍ଠାନର ସମ୍ପାଦକ ଅକ୍ଷୟ କୁମାର ଦାସ, ସମାଜସେବୀ ଶୁଭଲକ୍ଷ୍ମୀ ନାୟକ ଅତିଥି ଭାବେ ଯୋଗ ଦେଇଥିବାବେଳେ ଅନୁଷ୍ଠାନର ସାଧାରଣ ସମ୍ପାଦକ ସଞ୍ଜୟ ସିଂହ, ସୁଶାନ୍ତ ସିଂହ, ପ୍ରଶାନ୍ତ ସିଂହ, ପ୍ରଦୀପ ସିଂହ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଅନୁଷ୍ଠାନର ଅଧକ୍ଷ ଶାନ୍ତନୁ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସଞ୍ଜୀବ କୁମାର ସିଂହ ସଭା ପରିଚାଳନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଭଏସ ଅଫ କଳାହାଣ୍ଡିର ଏଲିମିନେସନ ରାଉଣ୍ଡ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ କଳାହାଣ୍ଡିର ବିଭିନ୍ନ ଅଞ୍ଚଳରୁ ୧୪ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ବିଚାରକ ଭାବେ ବିଶିଷ୍ଟ ସଙ୍ଗୀତଜ୍ଞ ଶୁଭେନ୍ଦୁ ପାଢ଼ୀ, ରୋଜାଲିନ ତ୍ରିପାଠୀ, ସଂଗ୍ରାମ ସରାଫ ଦାୟିତ୍ୱ ତୁଲାଇଥିଲେ। ସଞ୍ଜୀବ ସିଂହ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ।



# ଜିଲ୍ଲା ସିଟି ପ୍ରାଥମିକ ଶିକ୍ଷକ ସଂଘର ସାଂଗଠନିକ ବୈଠକ



**ଭବାନୀପାଟଣା, ୯ ।୧୧(ସମିସ):** ସ୍ଥାନୀୟ ଶକ୍ତିନଗର ପଡ଼ା ସ୍ଥିତ ମାଁ ମଙ୍ଗଳା ଜନକଲ୍ୟାଣ କେନ୍ଦ୍ର ପରିସରରେ କଳାହାଣ୍ଡି ଜିଲ୍ଲା ସିଟି ପ୍ରାଥମିକ ଶିକ୍ଷକ ସଂଘର ସାଂଗଠାନିକ ନିର୍ବାଚନ ୨୦୨୫ ଅନୁଷ୍ଠିତ ହୋଇଯାଇଛି ।କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ରାଜ୍ୟ ଫେଡେରେସନର ସଭାପତି ପ୍ରଦୀପ କୁମାର ସାହୁ, ସମ୍ମାନିତ ଅତିଥି ଭାବରେ ‘ସକାଳ’ର ଜିଲ୍ଲା ମୁଖ୍ୟ ସ୍ୱାଧୀନ ପାତ୍ର ଯୋଗଦାନ କରିଥିଲେ ।ସଙ୍ଘକୁ ନେଇ ଜାଗରଣ ଓ ଶିକ୍ଷା ପାଇଁ ଚିନ୍ତନ ହିଁ ଆଜିର ସବୁଠାରୁ ବଡ଼ ଆହ୍ୱାନ ।ସଂଘ ପ୍ରତି ପ୍ରଘଡା ଆନ୍ତରିକତା ଏବଂ ଏକନିଷ୍ଠତାର ଭାବରେ କାର୍ଯ୍ୟକରିବା ଜରୁରୀ। ସଂଘ ଭିତରେ ପ୍ରାଣ ଓ ସ୍ପନ୍ଦନ ରହିଲେ ଯେ କୌଣସି ଆନ୍ଦୋଳନ ମାଧ୍ୟମରେ ସଫଳତା ମିଳିବା ସୁନିଶ୍ଚିତ ।ସଂଘୀୟ ନିର୍ବାଚନ ୨୦୨୫ ଆଜି ଅନୁଷ୍ଠିତ ହୋଇଯାଇଛି ।

ସଭାପତିଭାବେ ଲବ ଦୁର୍ଗା, କାର୍ଯ୍ୟକାରୀ ସଭାପତି ଯୁଧିଷ୍ଠିର ଶୁକ୍ଲା, ଉପସଭାନେତ୍ରୀ ସିପ୍ରା ମହାପାତ୍ର, ଉପସଭାପତି ବିପିନ ମାଝୀ, ବିଭୂତିଭୂଷଣ ତାଣ୍ଡି, ଭୃକୁଟି ଗଉଡ, ଜଗନ୍ନାଥ ତ୍ରିପାଠୀ, ସାଧାରଣ ସମ୍ପାଦକ ଦୁର୍ଯ୍ୟୋଧନ ମାଝୀ, ଯୁଗ୍ମ ସମ୍ପାଦକ ଅରୁଣ ମାଝୀ, ଧନଞ୍ଜୟ ପାଣିଗ୍ରାହୀ, ସଙ୍ଗଠନ ସମ୍ପାଦକ ଧନଞ୍ଜୟ ସାହୁ ପ୍ରମୁଖ ନିର୍ବାଚିତ ହୋଇଛନ୍ତି। ନିର୍ବାଚନ ତତ୍ତ୍ୱାବଧାରକ ଭାବରେ ସଂଘର ବରିଷ୍ଠ ଉପଦେଷ୍ଟା ସତ୍ୟନାରାୟଣ ରାଜପୁତ, ବରିଷ୍ଠ ଶିକ୍ଷକ ପ୍ରଫୁଲ୍ଲ ଦାସ କାର୍ଯ୍ୟନିର୍ବାହ କରିଥିଲେ। ଏମ୍ ନାଗେଶ୍ୱର ଦୋରା ଅନ୍ୟତମ ଅତିଥି ଥିଲେ। ଅନିଲ କୁମାର ତ୍ରିପାଠୀ, ଜନାର୍ଦ୍ଦନ ମିଶ୍ର, ବିଶୁ ସାହୁ, ସୁଶିଲ ଦାଶ, ଭୋଦେବ ମାଝୀ ପ୍ରମୁଖ ସଭା ପରିଚାଳନାରେ ପୂର୍ଣ୍ଣ ସହଯୋଗ କରିଥିଲେ। ଶେଷରେ ଲାଞ୍ଜିଗଡ଼ ବ୍ଲକ ସମ୍ପାଦକ ମନୋଜ ମହାକୁଡ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ବଲାସିଙ୍ଗା ନକ୍ ଆଉଟ୍ ଫୁଟବଲ ପ୍ରତିଯୋଗିତା

# ମୁରଶୁଣ୍ଡୀକୁ ହରାଇ ଗିରାସିଙ୍ଗା ଚାମ୍ପିଅନ

**ବୌଦ୍ଧ, ୯ ।୧୧(ସମିସ)**

ବୌଦ୍ଧ ବ୍ଲକ ବଡ଼ିଗାଁ ପଞ୍ଚାୟତ ଅଧୀନ ବଲାସିଙ୍ଗା ସାଲୁଙ୍କି ଖେଳପଡ଼ିଆରେ ବାପୁଜୀ ୟୁଥ୍ ଫୁଟବଲ ସଂଘ ବଲାସିଙ୍ଗା ଆନୁକୂଲ୍ୟରେ ଚାଲିଥିବା ୩୭ ତମ ନକ୍‌ଆଉଟ୍ ଫୁଟବଲ କପ ପ୍ରତିଯୋଗିତାର ଆଜି ଫାଇନାଲ ମ୍ୟାଚ୍ ଗିରାସିଙ୍ଗା ଓ ମୁରଶୁଣ୍ଡୀ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ କେହି କାହାରିକୁ ଗୋଲ ନ ଦେବାରୁ ଖେଳ ଅମୀମାଂଶିତ ରହିଥିଲା। ଫଳରେ ଟ୍ରାଇବେକର ସାହାଯ୍ୟ ନିଆଯାଇଥିଲା। ଏଥିରେ ଗିରାସିଙ୍ଗା ମୁରଶୁଣ୍ଡୀ ଦଳକୁ ୪-୩ ଗୋଲ ଦେଇ ବିଜୟୀ ହୋଇ ଚାମ୍ପିଅନ ହୋଇଥିଲା। ଏହି ଉପଲକ୍ଷେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ସୁଶାନ୍ତ କୁମାର ପ୍ରଧାନ, ସମ୍ମାନିତ ଅତିଥି ଭାବେ ନେହରୁ ଯୁବ କେନ୍ଦ୍ର ସଂଯୋଜକ ଆସମାନ ମହାକୁଡ଼, ସାମ୍ବାଦିକ ସତ୍ୟ ନାରାୟଣ ପାଣି, ସ୍ୱେଚ୍ଛାସେବୀ ବିଶି କେସନ ପ୍ରଧାନ, ଶିକ୍ଷକ ଛବିଳ ପ୍ରଧାନ, ପୂର୍ବ ସରପଞ୍ଚ ପ୍ରଫୁଲ୍ଲ ପାଢ଼ୀ ଯୋଗ ଦେଇ ଚାମ୍ପିଅନ ଗିରାସିଙ୍ଗା ଦଳକୁ ଟ୍ରଫି ସହ ୫ ହଜାର ଟଙ୍କା ଓ ଉପବିଜେତା ମୁରଶୁଣ୍ଡୀ ଦଳକୁ ଟ୍ରଫି ସହ ୪ ହଜାର ଟଙ୍କା ଦେଇ ପୁରସ୍କୃତ କରିଥିଲେ। ଖେଳକୁ ଅମିତ ନାଏକ, ମାନଭଞ୍ଜନ ମହାରଣା, ଚନ୍ଦନ ମହାରଣା, ଗରୀବ ବେହେରା ଓ ବଳରାମ ବେହେରା ପରିଚାଳନା କରିଥିଲେ। ଦୀର୍ଘ ୭ ଦିନ ଧରି ଚାଲିଥିବା ଏହି ଫୁଟବଲ ପ୍ରତିଯୋଗିତାରେ ବାପୁଜୀ ୟୁଥ ଫୁଟବେଲ କ୍ଲବ ବଲାସିଙ୍ଗାର ସଭାପତି ରାଜେଶ ସାହୁ, ଚମ୍ପେଶ୍ୱର ମହାଖୁଡ଼, ସଂଗ୍ରାମ ପୋଢ଼, ମଦନ ମୋହନ ପ୍ରଧାନ (ଗାନ୍ଧୀ), ଦିନବନ୍ଧୁ ପ୍ରଧାନ, ନିଖିଳ ପ୍ରଧାନ, ଅଲେଖ ଧଳ, ଭରତ ପ୍ରଧାନ, ପିଣ୍ଟୁ ମହାଖୁଡ଼, ରଜତ ସାହୁ, ପ୍ରିତମ୍ ପାଣିଗ୍ରାହୀ, ସୁଦାମ ମହାଖୁଡ଼, ପିଣ୍ଟୁ ପ୍ରଧାନ ଓ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।



# କଳାହାଣ୍ଡି ମଣ୍ଡି ହେମାଲ ୟୁନିୟନର ସାଧାରଣ ସଭା

**କୋକସରା, ୯ ।୧୧(ସମିସ):** କୋକସରା ବ୍ଲକ କାଉଡୋଲା ଧାନମଣ୍ଡିଠାରେ ରବିବାର କଳାହାଣ୍ଡି ଜିଲ୍ଲା ରାଇସ ମିଲ ଏବଂ ମଣ୍ଡି ହେମାଲ ୟୁନିୟନ (ସଂଲଗ୍ନ ଭାରତୀୟ ମଜଦୁର ସଂଘ ଓଡ଼ିଶା)ର ସାଧାରଣ ସଭା ଅନୁଷ୍ଠିତ ହୋଇଛି ।କଳାହାଣ୍ଡି ଜିଲ୍ଲା ମଣ୍ଡିହେମାଲ ୟୁନିୟନର ସଭାପତି ସୁରେନ୍ଦ୍ର ମୋହନ କରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଭାରତୀୟ ମଜଦୁର ସଂଘର ପୂର୍ବତନ ପ୍ରଦେଶ ସଭାପତି ତଥା ମଣ୍ଡି ଓ ରାଇସ ମିଲ ହେମାଲ ସଂଘର ଜିଲ୍ଲା ସଭାପତି ଦେବେନ୍ଦ୍ର ପାଟଯୋଷୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ ।ବିଏମ୍‌ଏସ୍‌ର ସଭାପତି ଲୋଚନ ସାହୁ, ଉପସଭାପତି ପଙ୍କଜ ମଙ୍ଗରାଜ, ରାଧାକାନ୍ତ ବେହେରା, ଭବାନୀ ଶଙ୍କର ରାଉତ, ଡୋଲାମଣି ସାହୁ, ନବୀନ ଛତ୍ରିଆ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି କ୍ରମରେ ଶ୍ରମିକମାନଙ୍କ ନିମନ୍ତେ ୨୧ ଟଙ୍କା ୭୦ପଇସା ବୃଦ୍ଧି କରିଥିବାରୁ ସରକାରଙ୍କୁ ଶ୍ରମିକମାନେ ଧନ୍ୟବାଦ ଓ କୃତଜ୍ଞତା ଜଣାଇଥିଲେ। ପରେ ସଭାରେ ରାଇସ ମିଲ ଏବଂ ମଣ୍ଡି ଶ୍ରମିକ ମାନଙ୍କ ବିଭିନ୍ନ ସମସ୍ୟା ସମାଧାନ ଉପରେ ଆଲୋଚନା କରାଯାଇଥିଲା ।ଏବଂ ଜିଲ୍ଲାର ବିଭିନ୍ନ ସ୍ଥାନରୁ ଆସିଥିବା ଶ୍ରମିକମାନଙ୍କ ମତାମତ ନିଆଯାଇଥିଲା। ସମସ୍ତଙ୍କ ମତାମତ ପରେ ଶ୍ରମିକମାନଙ୍କ ପାଇଁ ଡ୍ରେସ୍‌କୋଡ଼, ସାମାଜିକ ନିରାପତ୍ତା ଓ ଇପିଏଫ୍ ଆଦି ବିଷୟରେ ସରକାରଙ୍କୁ ଦାବି ଉପସ୍ଥାପନ କରିଥିଲେ ।ସଭାକୁ ୟୁନିୟନର ସଭାପତି ସୁରେନ୍ଦ୍ର ମୋହନ କର ସଂଯୋଜନା କରିଥିବା ବେଳେ ଜିଲ୍ଲାର ବିଭିନ୍ନ ସ୍ଥାନରୁ ଶ୍ରମିକମାନେ ଯୋଗ ଦେଇଥିଲେ।



● ଯୁବ ସାମ୍ବାଦିକଙ୍କ ମାନବିକତା

## ଦୁର୍ଘଟଣାଗ୍ରସ୍ତ ବୁଲା କୁକୁରର କରାଇଲେ ଚିକିତ୍ସା

ଝାରସୁଗୁଡ଼ା, ୯।୧୧(ସମିସ): ଝାରସୁଗୁଡ଼ାର ଦୁଇ ଯୁବ ସାମ୍ବାଦିକଙ୍କ ମାନବିକତା ଚର୍ଚ୍ଚାକୁ ଆସିଛି। ରବିବାର ଦୁର୍ଘଟଣାରେ ଗୁରୁତର ଆହତ ହୋଇଥିବା ଏକ ବୁଲା କୁକୁରକୁ ତୁରନ୍ତ ଚିକିତ୍ସା ଯୋଗାଇଦେବା ସାମ୍ବାଦିକ ଗୁରୁଚରଣ ବାଘ ଓ ପୂଜା ଚୌଧୁରୀ ଆଗେଇ ଆସିଛନ୍ତି। ଖବର ସଂଗ୍ରହ ପାଇଁ ସକାଳୁ ଉଭୟେ ବାହାରିଥିଲେ। ଏହି ସମୟରେ ଝାରସୁଗୁଡ଼ା ସରକାରୀ ଉଦ୍ୟାନ ବିଭାଗ ତଥା ଭିଜିଲାନ୍ସ କାର୍ଯ୍ୟାଳୟ ଛକ ଠାରେ ଅଜଣା ଗାଡି ଧକ୍କାରେ ଏକ ବୁଲା କୁକୁର ଗୁରୁତର ଆହତ ହୋଇଥିବା ଦେଖିଥିଲେ। କୁକରଟି ରାସ୍ତା ମଝିରେ କାହାରି ସହାୟତାତ ନ ପାଇ ଦୀର୍ଘ ସମୟ ଧରି ଛଟପଟ ହେଉଥିଲା। ସାମ୍ବାଦିକ ଦ୍ୱୟ ଆହତ କୁକୁରକୁ ଦେଖି କାଳବିଳମ୍ବ ନକରି ତାକୁ ବଞ୍ଚାଇବା ପ୍ରୟାସ ଆରମ୍ଭ କରିଥିଲେ।



ପ୍ରଥମେ ଜିଲ୍ଲା ମୁଖ୍ୟ ଭେଟ୍‌ନାରୀ ଅଧିକାରୀଙ୍କୁ ଏହି ବାବଦରେ ଅବଗତ କରାଇଥିଲେ। ଏହା ପରେ ସିଡିଭିଓଙ୍କ ଠାରୁ ଚିକିତ୍ସା ପାଇଁ ପରାମର୍ଶ ନେଇ ତୁରନ୍ତ ୧୯୬୨ ପ୍ରାଣୀ ଚିକିତ୍ସା ସହାୟତା ଟୋଲଫ୍ରୀ ନମ୍ବରରେ ଯୋଗାଯୋଗ କରିଥିଲେ। ସୂଚନା ପାଇ ୨ଜଣିଆ ଚିକିତ୍ସା ଟିମ ଘଟଣା ସ୍ଥଳରେ ପହଞ୍ଚି ଚିକିତ୍ସା ଆରମ୍ଭ କରିଥିଲେ। ହେଲେ କର୍ମଚାରୀଙ୍କ ଅଭାବ ଯୋଗୁଁ ଗୁରୁଚରଣ କୁକୁରର ଚିକିତ୍ସାରେ ଏହି ଟିମକୁ ସହଯୋଗ କରିଥିଲେ। ଏହା ଦେଖି ଡାକ୍ତର ପ୍ରକାଶ ରଣା ଏବଂ ସ୍ଥାନୀୟ ଲୋକମାନେ ମଧ୍ୟ ସହଯୋଗ କରିବା ପାଇଁ ଆଗେଇ ଆସିଲେ। ଦୁଇ ଯୁବ ସାମ୍ବାଦିକଙ୍କ ଏପରି ମାନବୀୟ ସହାୟତା ସ୍ଥାନୀୟ ଅଞ୍ଚଳରେ ବେଶ୍ ପ୍ରଶଂସାର ପାତ୍ର ହୋଇଛି।

# ବାଲି ଚାଲାଣ ୪ ହାଇୱା ଅଟକ ରଖିଲେ ଗ୍ରାମବାସୀ

କୋଲାବିରା, ୯।୧୧(ସମିସ): ବାଲି ଚୋରା ଚାଲାଣରେ ସମ୍ପୃକ୍ତ ୪ଟି ହାଇୱା ଗାଡିକୁ ଜବତ୍ କରିଛି ଖଣି ବିଭାଗ। ଜବତ୍ ପରେ ଗାଡି ଗୁଡିକୁ କୋଲାବିରା ଥାନାରେ ଜିମା ଦିଆଯାଇଛି। ଘଟଣାମତେ କୋଲାବିରା ଥାନା ଅଧୀନ ଭେଡେନ ନଦୀ ଭୀମ ଯୋର ଘାଟରୁ ବେଆଇନ ଭାବେ ବାଲି ଉତ୍ତୋଳନ ହେଇଆସୁଥିଲା। ଚୋରା ଚାଲାଣକାରୀ ଗାଡ଼ି ଗୁଡ଼ିକ କୁଲିତା ସମାସିଂହା ଗାଁ ଦେଇ ଯାଉଥିବାର ଅଭିଯୋଗ ହୋଇ ଆସୁଥିଲେ ମଧ୍ୟ ଏଦିଗରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନଥିଲା। ରବିବାର ସକାଳେ ୩ଟି ବାଲି ବୋଝେଇ ହାଇୱା ଭୀମଯୋର ଘାଟରୁ ବାହାରି କୁଲିତା ସମାସିଂହା ଦେଇ ଯାଉଥିବା ସମୟରେ ଗ୍ରାମବାସୀ ଗାଡି ଗୁଡିକୁ ଅଟକ ରଖି କୋଲାବିରା ଥାନା ଏବଂ ଖଣି ବିଭାଗକୁ ସୂଚନା ଦେଇଥିଲେ। ସୂଚନା ପାଇବା ପରେ ଦିନ ସାଢ଼େ ଗୋଟାଏ ବେଳକୁ ଖଣି ବିଭାଗର ଅଧିକାରୀ ଏବଂ ପୁଲିସ ଘଟଣା ସ୍ଥଳରେ ପହଞ୍ଚିଥିଲେ। ଆଞ୍ଚଳିକ ଖଣି ବିଭାଗର କନିଷ୍ଠ ଅଧିକାରୀ ଶୁଭମ ପଟ୍ଟନାୟକ, ଚନ୍ଦ୍ରସେନ କେଉଁଟ ଏବଂ ସୁଲଭ ପଟେଲ ଘଟଣା ସ୍ଥଳରେ ପହଞ୍ଚି ସମ୍ପୃକ୍ତ ହାଇୱା ୩ଟିକୁ ଜବତ କରି ଥାନାରେ ଅଟକ ରଖିଛନ୍ତି। ଏହାସହ ଘଟଣା ସ୍ଥଳରୁ ଫେରିବା ସମୟରେ ବଡବାହାଲ ନିକଟରେ ଏକ ବାଲି ବୋଝେଇ ହାଇୱାକୁ ଅଟକାଇ ଯାଞ୍ଚ କରିଥିଲେ। ମାତ୍ର ଗାଡିରେ ଅବଶ୍ୟକ କାଗଜପତ୍ର ନଥିବାରୁ ଉକ୍ତ ଗାଡିକୁ ମଧ ବେଆଇନ ବାଲି ଚାଲାଣକାରୀ ଭାବେ ଅଧିକାରୀ ମାନେ ଜବତ୍ କରି ଥାନାରେ ଅଟକ ରଖିଛନ୍ତି। ଏସନ୍ତ୍ରାନ୍ତରେ ଆଞ୍ଚଳିକ ଖଣି ଅଧିକାରୀ ଚୂଡାମଣୀ ବିଶ୍ୱାଲଙ୍କୁ ପଚାରିବାରୁ ସେ ଜବତ ଗାଡିରେ ଦିନ ଗୋଟାଏ ସମୟର ଟ୍ରାନଜିଟ ପାସ ରହିଥିବା ଖବର ରହିଛି ବୋଲି କହିଛନ୍ତି। ତେବେ ଗ୍ରାମବାସୀ କେତେବେଳେ ଗାଡି ଅଟକ ରଖିଥିଲେ ସେ ବିଷୟରେ ଜାଣି ନଥିବା କହିଛନ୍ତି। ଗାଡିଗୁଡିକ କିନ୍ତୁ ଦିନ ୧୦ଟାରୁ ଗାଁ ମଝିରେ ଗ୍ରାମବାସୀଙ୍କ ଦ୍ୱାରା ଅଟକ ରଖାଯାଇଥିବାର ଭିଡିଓ ଏବଂ ଫଟୋ ଗ୍ରାମବାସୀଙ୍କ ନିକଟରେ ରହିଛି। ଅନ୍ୟ ପକ୍ଷରେ ଗାଡି ଗୁଡିକ ଅଟକ କରାଯିବା ପରେ ଗାଡିର ଚାଳକ ଘଟଣାସ୍ଥଳରୁ ଖସି ଯାଇଥିଲା। ଦିନ ଗୋଟାଏ ସମୟର ଟ୍ରାନଜିଟ ପାସ କରାଇ ବିଭାଗୀୟ ଅଧିକାରୀଙ୍କୁ ଦେଖାଇଥିବା ଅଭିଯୋଗ ହୋଇଛି। ଆଞ୍ଚଳିକ ଖଣି ଅଧିକାରୀ ଶ୍ରୀ ବିଶ୍ୱାଲଙ୍କ କହିବାନୁଯାୟୀ ଯଦି ତାଙ୍କ ନିକଟରେ ଦିନ ଗୋଟାଏରେ ଗାଡି ଅଟକର ସୂଚନା ସହିତ ଦିନ ଗୋଟାଏର ଟ୍ରାନଜିଟ ପାସ ରହିଛି ତେବେ ଗାଡିରେ ଚାଲାଣ ହେଉଥିବା ବାଲି ବେଆଇନ ନୁହେଁ। କିନ୍ତୁ ଗାଡି ବାଲାକୁ ସୁରକ୍ଷା ଦେବାକୁ ଯାଇ ଏପରି କୁହାଯାଉଛି ବୋଲି ଗ୍ରାମବାସୀଙ୍କ କହିଛନ୍ତି। ଗ୍ରାମବାସୀଙ୍କ ଅନୁଯାୟୀ ଦିନ ୧୦ ଟାରୁ ଗାଡି ଗୁଡିକ ଅଟକ ରଖାଯାଇ ଖଣି ବିଭାଗ ନିକଟକୁ ସୂଚନା ଦିଆଯାଇଥିଲା। ତେବେ ବର୍ତ୍ତମାନ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପରିବର୍ତ୍ତେ ଗାଡି ଗୁଡିକ ଉପଯୁକ୍ତ କାଗଜପତ୍ର ଥିବା ଦର୍ଶାଇ ଛାଡି ଦିଆଯିବା ବୋଲି ସନ୍ଦେହ ଜାତ ହୋଇଛି। ତେବେ ରବିବାର ଚଡ଼ଉରେ ଜବତ୍ ହୋଇଥିବା ଗାଡିଗୁଡିକ ବର୍ତ୍ତମାନ କୋଲାବିରା ଥାନାରେ ଅଟକ ଥିବା ପୁଲିସ ସୂତ୍ରରୁ ପ୍ରକାଶ।




## ହାତର ଶିରା କାଟି ଯୁବକଙ୍କ ଆତ୍ମହତ୍ୟା ଉଦ୍ୟମ

ଦେବଗଡ଼, ୯।୧୧(ସମିସ): ଦେବଗଡ଼ ଥାନାଞ୍ଚଳ ବିଜୟନଗର ଗାଁରେ ଥିବା ଏକ ପାଳଛତୁ ଫାର୍ମରେ କାର୍ଯ୍ୟରତ ଜଣେ ଯୁବକ ରବିବାର ନିଜର ଦୁଇ ହାତର ଶିରା କାଟି ଆତ୍ମହତ୍ୟା ଉଦ୍ୟମ କରି ଗୁରୁତର ହୋଇଛନ୍ତି।

ବାରକୋଟ ଥାନା ଜାଲିସୁଆଁ ଗାଁର ବନ୍ଧୁ ମହାକୁଳଙ୍କ ପୁଅ ପ୍ରଦୀପ ମହାକୁଳ(୨୮) କିଛିମାସ ହେଲା ବିଜୟନଗର ସ୍ଥିତ ଏକ ଛତୁ ଫାର୍ମରେ କାମ କରୁଥିଲେ। ତେବେ ଆଜି ସଂଧ୍ୟାରେ ସେ କୌଣସି କାରଣରୁ ନିଜର ଦୁଇ ହାତର ଶିରା କାଟି ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଏକଥା ଜାଣିବା ପରେ ସମ୍ପୃକ୍ତ ଛତୁ ଫାର୍ମର ମାଲିକ ପ୍ରଦୀପଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉଦ୍ଧାର କରିଥିଲେ। ଚିକିତ୍ସା ନିମନ୍ତେ ଦେବଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇବା ସହ ପ୍ରଦୀପଙ୍କ ପିତାଙ୍କୁ ସୂଚନା ଦେଇଥିଲେ। ପ୍ରଦୀପଙ୍କ ଅବସ୍ଥା ଗୁରୁତର ଥିବାରୁ ଅଧିକ ଚିକିତ୍ସା ନିମନ୍ତେ ତାଙ୍କୁ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି। ପ୍ରଦୀପ କେଉଁ କାରଣରୁ ଆତ୍ମହତ୍ୟା ଉଦ୍ୟମ କରିଥିଲେ ତାହା ବର୍ତ୍ତମାନ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇପାରିନାହିଁ।

## ରାଜ୍ୟସ୍ତରୀୟ ସନ୍ତରଣ ପ୍ରତିଯୋଗିତାରେ ଭଇଁରଖୋଲ ଓ ଜାମଗାଁ ସ୍କୁଲର ସଫଳତା



ଝାରସୁଗୁଡ଼ା, ୯।୧୧(ସମିସ): ଭଇଁରଖୋଲ ବିପିଏମ ଏବଂ ଜାମଗାଁ ହାଇସ୍କୁଲର ଛାତ୍ରଛାତ୍ରୀ ରାଜ୍ୟସ୍ତରୀୟ ସ୍କୁଲ ସନ୍ତରଣ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରଛନ୍ତି। ବିପିଏମ ହାଇସ୍କୁଲର ଛାତ୍ରୀ ଅନିମା ମୁଣ୍ଡା ବାଳିକା ବିଭାଗର ୧୭ ବର୍ଷରୁ କମ ବର୍ଗ ସନ୍ତରଣ ପ୍ରତିଯୋଗିତରେ ୪୦୦ ମିଟର ରେ ତୃତୀୟ ଏବଂ ୨୦୦ ମିଟରରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି ଏବଂ ପ୍ରୀତି ବାରିକ ୨୦୦ ମିଟରରେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି।

ସେହିପରି ସାଗରିକା ସାହୁ ୧୪ ବର୍ଷରୁ କମ ବର୍ଗରେ ୨୦୦ ମିଟରରେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଅନ୍ୟପଟେ ବାଳକ ବିଭାଗରେ ଜାମଗାଁ ହାଇସ୍କୁଲର କସମିନ ଖମାରୀ ୧୭ ବର୍ଷରୁ କମ ବର୍ଗରେ ୨୦୦ ମିଟର ଏବଂ ୧୦୦ ମିଟର ବ୍ରେଷ୍ଟ ଷ୍ଟୋକ ସନ୍ତରଣରେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଏହି ପ୍ରତିଯୋଗିତା ଦୁଇଦିନ ଧରି ସମ୍ବଲପୁର ଝସକେତନ ସାହୁ ସନ୍ତରଣାଗାର ଠାରେ ଅନୁଷ୍ଠିତ ହୋଇଥିଲା।

## ବାବା ପଶ୍ଚିମେଶ୍ୱର ଯୁବକ ସଂଘର ନୂଆଁଖାଇ ଭେଟ

ଇବଥର୍ମାଲ, ୯।୧୧(ସମିସ): ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ୍ ତେଲେନପାଲି ପଞ୍ଚାୟତ ବାବା ପଶ୍ଚିମେଶ୍ୱର ଯୁବକ ସଂଘ ପକ୍ଷରୁ ତେଲେନପାଲି ବଜାର ପଡିଆ ଠାରେ ନୂଆଁଖାଇ ଭେଟ ଅନୁଷ୍ଠିତ ହୋଇଯାଇଛି। ଅପରାହ୍ଣ ୩ଟା ସମୟରେ ମାଁ ସମଲେଇ ମନ୍ଦିରରୁ ଏକ ଶୋଭାଯାତ୍ରାରେ ମାଁଙ୍କ ପ୍ରତିମୂର୍ତ୍ତି ଅଣାଯାଇ ମଞ୍ଚ ଉପରେ ସ୍ଥାପନ କରାଯାଇଥିଲା। ସନ୍ଧ୍ୟାରେ ଭେଟ୍‌ଘାଟ୍ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। ଯୁବକ ସଂଘ ସଭାପତି ସଞ୍ଜୟ ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ପଦ୍ମଶ୍ରୀ ହଳଧର ନାଗ ଯୋଗ ଦେଇଥିଲ। ସମ୍ମାନିତ ଅତିଥି ଭାବେ ଝାରସୁଗୁଡ଼ା ତହସିଲଦାର ସୁଧାକର କୁମ୍ଭାର, ମୋର ସମିତି ଏଡିଟର ଦେବେଶ ପାଣିଗ୍ରାହୀ, ତେଲେନପାଲି ସରପଞ୍ଚ ଆକାଶ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ସଂଘର ଉପଦେଷ୍ଟା ଶଙ୍କର ଖମାରୀ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ବିଭିନ୍ନ ଗଣମାଧ୍ୟମ ପ୍ରତିନିଧି ସୁରେଶ ତ୍ରିପାଠୀ, ଉମାକାନ୍ତ ପଣ୍ଡା, ଦାମୋଦର ବଡ଼େଇ, ଅଶୋକରାଜ, ସାହାଜାଦ୍ ବାସ୍ୱା, ରବୀନ୍ଦ୍ର ସାହୁ, ଆଲୋକ ତ୍ରିପାଠୀ, ସୀତମ ପ୍ରଧାନ, ନିଳେନ୍ଦ୍ର ଗଜେନ୍ଦ୍ର, ସମିର ଛୋଟୁଙ୍କୁ ସମ୍ମାନିତ କରାଯାଇଥିଲା। ସେହିପରି ପୁଲିସ ବିଭାଗର ତଥା ଅଞ୍ଚଳର ସାହିତ୍ୟ ସ୍ରଷ୍ଟା, କଳାକାର, ଜନ ପ୍ରତିନିଧି, ସମାଜସେବୀ ମଧ୍ୟରେ ବନହରପାଲି ଥାନା ଆଇଆଇସି ରଞ୍ଜିତ ନାଏକ, ସଂଯୁକ୍ତା ହୋତା, ବଳରାମ ସାହୁ, ମୁନିରାମ ପ୍ରଧାନ, ସୌଦାଗର ହାତୀ, ନିବେଶ ପାଣିଗ୍ରାହୀ, ଅରୁଣ ପ୍ରଧାନ, ସୁଦାମ ସାହୁ, ନରେନ୍ଦ୍ର ସାହୁ, ନେତ୍ରାନନ୍ଦ ସାହୁ, କେଶବ ଗହିର, ଜନ୍ମଜୟ ଭୋଇ, ପଦ୍ମିନୀ ସିଂ, ଡିଲେଶ୍ୱର ପୂଜାରୀ, ସନତ ପୂଜାରୀ, ସୁପ୍ରଭାତ ପଣ୍ଡା, ସୁକଦେବ ସା, ଚତୁର୍ଭୁଜ ସାହୁ, ମନବୋଧ ତଣ୍ଡକାର, ସୁଶିଳା ଭଇଁସାଲ, ତୋଳାମଣୀ ପ୍ରଧାନ, ମୁନୁ ମିଶ୍ର, ଭୁତେଶ ପ୍ରଧାନ, ଚତୁର୍ଭୁଜ ସାହୁ, ରାହାସ ନାଏକ, କୀର୍ତ୍ତନ ବାଗ, ପିଣ୍ଟୁ ଖମାରୀ, ରାଜେଶ ସାହୁ, କ୍ଷେତ୍ରବାସୀ ଦାଶ, ଶଶିରଣା, ମହାବିର ସାହୁ, ବିଦ୍ୟାଧର ଗୁଡାରୀ, ରାହୁଲ ଓଝା, ରଘୁମଣି ପ୍ରଧାନ, ନରେନ୍ଦ୍ର ପଣ୍ଡା, ଜୀବର୍ଦ୍ଧନ ପ୍ରଧାନଙ୍କୁ ସମ୍ମାନିତ କରା ଯାଇଥିଲା।



କାର୍ଯ୍ୟକ୍ରମରେ ଉମାକାନ୍ତ ପଣ୍ଡା ବାଙ୍କେଶ୍ୱର ଖମାରୀ ମଞ୍ଚ ସଞ୍ଚାଳନ କରିଥିଲେ। ଏହି ଅବସରରେ ଲୋକଙ୍କ ମନୋରଞ୍ଜନର ସକାଶେ ଉମାକାନ୍ତ ବାରିକ ଓ ଦଳ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ଯୁବକ ସଂଘ ସଦସ୍ୟ ଗୌତମ ଚନ୍ଦନ, ଦିନେଶ ସା, ଅଜୟ ସ୍ୱାଇଁ, ମଣ୍ଟୁ ହାତୀ, ଦୀପକ ମିଞ୍ଜ, ଅଶ୍ୱିନୀ ସେଟ୍, ବବି ବୋର୍ଡ, ସଞ୍ଜିବ ପ୍ରଧାନ ସହଯୋଗ କରିଥିଲେ।

## ୫ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଦେବଗଡ଼, ୯।୧୧(ସମିସ): ପୌରାଞ୍ଚଳ କ୍ଲଷ୍ଟର ଆନୁକୂଲ୍ୟରେ ରବିବାର ସ୍ଥାନୀୟ ବାଳକ ପ୍ରାଥମିକ ବିଦ୍ୟାଳୟ ପରିସରରେ ୫ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଅବସର ଗ୍ରହଣ କରିଥିବା ୫ ଜଣ ଶିକ୍ଷକ ଓ ଶିକ୍ଷୟିତ୍ରୀ ହେଲେ ମନ୍ଦାକିନୀ ବାଳିକା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସଞ୍ଜୀବ ବ୍ରହ୍ମା, ବାଳକ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ସୁଧାଂଶୁବାଳା ମହାପାତ୍ର, ଭୂୟାଁ ସାହି ପ୍ରାଥମିକ ବିଦ୍ୟାଳୟ ସହକାରୀ ଶିକ୍ଷୟିତ୍ରୀ ଜୟନ୍ତୀ ତ୍ରିପାଠୀ, ଗୋକନେଶ୍ୱର ପ୍ରାଥମିକ ବିଦ୍ୟାଳୟ ସହକାରୀ ଶିକ୍ଷୟିତ୍ରୀ ସଂଯୁକ୍ତା ଦାସ ଓ ରେଙ୍ଗାଲି କଲୋନୀ ପ୍ରାଥମିକ ବିଦ୍ୟାଳୟ ସହକାରୀ ଶିକ୍ଷୟିତ୍ରୀ ଦେବକଲ୍ୟାଣୀ ସାହୁ। ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ପୌରାଞ୍ଚଳ ସିଆର୍‌ସିସି ଚୂଡାମଣି ସାହୁ ସଭାପତିତ୍ୱ କରିଥିଲେ। ଦେବଗଡ଼ ଜିଲ୍ଲା ଶିକ୍ଷା ଅଧିକାରୀ ଗେନ୍ଦ୍ରା କୁଜୁର ଯୋଗ ଦେଇଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ତିଳେଇବଣି ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଶାନ୍ତ ସାହୁ, ତିଳେଇବଣି ପ୍ରାଥମିକ ଶିକ୍ଷକ ସଂଘ ସଭାପତି ସୁଶାନ୍ତ ନନ୍ଦ, ସମ୍ପାଦକ ଡୋଳାଧର ସ୍ୱାଇଁ, ଏନପିସ ପ୍ରାଥମିକ ଶିକ୍ଷକ ସଂଘ ଜିଲ୍ଲା ସଭାପତି ତ୍ରିନାଥ ଖୁଣ୍ଟିଆ, ସୁଗୁଡା ସିଆର୍‌ସିସି ପ୍ରାଣବନ୍ଧୁ ଘଡେଇ ପ୍ରମୁଖ ମଞ୍ଚାସୀନ ଥିଲେ। ସଭା ପ୍ରାରମ୍ଭରେ ଧରଣୀଧର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଶିକ୍ଷୟିତ୍ରୀ ମାନେ ସମ୍ବର୍ଦ୍ଧନା ଗୀତ ପରିବେଷଣ କରିଥିଲେ। ମନ୍ଦାକିନୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ସବିତା ନନ୍ଦ, ଭୂୟାଁ ସାହି ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ସୁଧାଂଶୁ ସାହୁ, ବାଳକ ପ୍ରାଥମିକ ବିଦ୍ୟାଳୟ ସହକାରୀ ଶିକ୍ଷୟିତ୍ରୀ ଅମିତା ନାୟକ ବିଦାୟୀ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ଗୁଣାବଳୀ ଉପରେ ଆଲୋକପାତ କରିଥିଲେ। ଅବସର ଗ୍ରହଣ କରିଥିବା ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ କ୍ଲଷ୍ଟର ତରଫରୁ ମାନପତ୍ର, ଉପଢୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଧରଣୀଧର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସହକାରୀ ଶିକ୍ଷକ ଘନଶ୍ୟାମ ବେହେରା ପରିଚାଳନା କରିଥିଲେ। ବାଳକ ପ୍ରାଥମିକ ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଭବାନୀକାନ୍ତ ପ୍ରଧାନ ଧନ୍ୟବାଦ ପ୍ରଦାନ କରିଥିଲେ।



ପର୍ଶୁରାମ ବାହିନୀର ବୈଠକ

## ବ୍ରାହ୍ମଣ ସମାଜ ସଂସ୍କୃତିକୁ ବଞ୍ଚାଇବା ପାଇଁ ଆହ୍ୱାନ




ଦେବଗଡ଼, ୯।୧୧(ସମିସ): ଦେବଗଡ଼ ପର୍ଶୁରାମ ବାହିନୀ ପକ୍ଷରୁ ସୁରଞ୍ଜିତ ମହାପାତ୍ରଙ୍କ ଆବାହକତ୍ୱ ଓ ସତ୍ୟନାରାୟଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ରବିବାର ସ୍ଥାନୀୟ ବସନ୍ତନିବାସ ଠାରେ ବ୍ରାହ୍ମଣ ସମାଜ ସଦସ୍ୟଙ୍କୁ ନେଇ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଦେବଗଡ଼ ଜିଲ୍ଲାର କୋଣ ଅନୁକୋଣରେ ଥିବା ବ୍ରାହ୍ମଣ ସମାଜକୁ ସଂଗଠିତ କରାଯିବା ନେଇ ଆଲୋଚନା ହୋଇଥିଲା। ବ୍ରାହ୍ମଣ ପରିବାରର ପୁରୁଷ ସଦସ୍ୟ ମାନେ ନିଜ ସଂସ୍କୃତିକୁ ବଞ୍ଚାଇବା ପାଇଁ ଧୋତି ପରିଧାନ ସହ ପଇତା ତିଆରି କରିବା କୌଶଳ ଜାଣିବା ପାଇଁ ଆହ୍ୱାନ ଦିଆ ଯାଇଥିଲା। ସେହିପରି ଦେବଗଡ଼ ପୌରାଞ୍ଚଳରେ ପର୍ଶୁରାମଙ୍କ ଏକ ପ୍ରତିମୂର୍ତ୍ତି ସ୍ଥାପନ ସହ ସହରର କୌଣସି ଛକକୁ ପର୍ଶୁରାମଙ୍କ ନାମରେ ନାମିତ କରାଯିବା ପାଇଁ ଆଲୋଚନା କରାଯାଇଥିଲା। ଏହି ଅବସରରେ ପର୍ଶୁରାମ ବାହିନୀର ସରକାରୀ ସ୍ତରରେ ପଞ୍ଜୀକରଣ କରାଯିବା ନେଇ ମଧ୍ୟ ବୈଠକରେ ଉପସ୍ଥିତ ସଦସ୍ୟ ମାନେ ମତ ପ୍ରକାଶ କରିଥିଲେ। ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ ସିଦ୍ଧାର୍ଥ ଗୁରୁ, ସିଦ୍ଧେଶ୍ୱର ଗୁରୁ, ପ୍ରଣବ କିଶୋର ଗୁରୁ, ଚିନୁ ଦାଶ, ପ୍ରକାଶ ଆଚାର୍ଯ୍ୟ, ବାବୁଲି କର, ତରଣୀ ଦାଶ, ମୋତିଲାଲ ଶର୍ମା, ସରୋଜ ପାଢ଼ୀ, ସନ୍ତୋଷ ଦେବତା, ମାନସ ଦେବତା, ଅଭୟ ନନ୍ଦଙ୍କ ସମେତ ଶତାଧିକ ସଦସ୍ୟ ଉପସ୍ଥିତ ଥିଲେ।

## ଇନ୍ଦିରାଗାନ୍ଧୀ ଷ୍ଟାଡିୟମରେ ସାଂସଦ ଖେଳ ମହୋତ୍ସବ ଉଦ୍‌ଯାପିତ



ଦେବଗଡ଼, ୯।୧୧(ସମିସ): ଦେବଗଡ଼ ଇନ୍ଦିରାଗାନ୍ଧୀ ଷ୍ଟାଡିୟମ ଠାରେ ଆରମ୍ଭ ହୋଇଥିବା ଦ୍ୱିଦିବସୀୟ ବ୍ଲକସ୍ତରୀୟ ସାଂସଦ ଖେଳ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ତିଳେଇବଣି ଏବଂ ଦେବଗଡ଼ ପୌରାଞ୍ଚଳର ପ୍ରତିଯୋଗୀ ମାନେ ଅଂଶଗ୍ରହଣ କରିଥିଲେ। ଆଗାମୀ ଦିନରେ ବାରକୋଟ ଏବଂ ରିଆମାଳ ବ୍ଲକ୍‌ରେ ଉକ୍ତ ଖେଳ ମହୋତ୍ସବ ଆୟୋଜନ ହେବ ବୋଲି ସୂଚନା ଦିଆଯାଇଛି। ଦୁର୍ଗମ ଅଞ୍ଚଳରେ ଲୁକ୍କାୟିତ ଥିବା କ୍ରୀଡା ପ୍ରତିଭାମାନଙ୍କୁ ଲୋକଲୋଚନକୁ ଆଣିବା ଦିଗରେ ପ୍ରଧାନମନ୍ତ୍ରୀଙ୍କ ଏହି ସାଂସଦ କ୍ରୀଡା ମହୋତ୍ସବ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ରହିଛି। କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ କାର୍ଯ୍ୟକାରୀ ହେଉଥିବା ଜାତୀୟ ଶିକ୍ଷା ନୀତିରେ କ୍ରୀଡା ଏବଂ ଶାରୀରିକ ଶିକ୍ଷା ଉପରେ ଗୁରୁତ୍ୱ ଦିଆଯାଇଛି। ବ୍ଲକସ୍ତରରୁ ମନୋନୀତ ହୋଇଥିବା ଛାତ୍ରଛାତ୍ରୀ ଆସନ୍ତା ଦିନରେ ସଂସଦ ସ୍ତରୀୟ ଖେଳ ମହୋତ୍ସବରେ ଅଂଶଗ୍ରହଣ କରିବେ। ବିକାଶ ପାଉଣ୍ଡେସନର କର୍ମକର୍ତ୍ତା ଏବଂ ଶିକ୍ଷା ବିଭାଗ ପକ୍ଷରୁ ନିୟୋଜିତ ଖେଳ ଶିକ୍ଷକ ମାନେ ଖେଳ ପରିଚାଳନା କରିଥିଲେ। ଏହି ଅବସରରେ ଖୋ ଖୋ, କବାଡି, ଦୌଡକୁଦ ସମେତ ବିଭିନ୍ନ ଖେଳ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

## ସାଇକଲ ରାଲିରେ ସାଇବର କ୍ରାଇମ୍ ସଚେତନତା




ଝାରସୁଗୁଡ଼ା, ୯।୧୧(ସମିସ): ଝାରସୁଗୁଡ଼ା ସହର ସ୍ଥିତ ବିଟିଏମ ପଡିଆ ଠାରୁ ଏସ୍‌ପି କାର୍ଯ୍ୟାଳୟ ପର୍ଯ୍ୟନ୍ତ ସାଇକଲ ରାଲି ଦ୍ୱାରା ସାଇବର କ୍ରାଇମ ସଚେତନତା କାର୍ଯ୍ୟକ୍ରମ ଝାରସୁଗୁଡ଼ା ପୁଲିସ ଦ୍ୱାରା ରବିବାର ଅନୁଷ୍ଠିତ ହୋଇ ଯାଇଛି। ଝାରସୁଗୁଡ଼ା ଏସପି ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ରାଲିରେ ଯୋଗଦେଇଥିବା ବିଭିନ୍ନ ସ୍କୁଲ, କଲେଜର ଛାତ୍ରଛାତ୍ରୀ, ପୁଲିସ ଅଧିକାରୀ ତଥା ଉପସ୍ଥିତ ଜନସାଧାରଣଙ୍କୁ କିପରି ସାଇବର କ୍ରାଇମ ହେଉଛି ଏବଂ ଏହାକୁ କିପରି ରୋକଯାଇ ପାରିବ ସେ ନେଇ ବୁଝାଇଥିଲେ। ବିଭିନ୍ନ ସ୍ଲୋଗାନ ଦେଇ ରାଲି କରାଯାଇଥିଲା। କାର୍ଯ୍ୟକ୍ରମରେ ଓଏସଏପି କମାଣ୍ଡାଣ୍ଟ ପ୍ରସାଦ ତମଙ୍ଗ, ଝାରସୁଗୁଡ଼ା ପୁଲିସ ବିଭାଗର ଅତିରିକ୍ତ ଏସ୍‌ପି ମଧୁସିକ୍ତା ମିଶ୍ର, ଡିଏସପି ଜ୍ୟୋସ୍ନାମୟୀ ପ୍ରଧାନ, ଡିଏସପି ଉମାଶଙ୍କର ସିଂ, ଟାଉନ ଆଇ ଆଇ ସିରଞ୍ଜନ ବରିହାଙ୍କ ସହିତ ପୁଲିସ ବିଭାଗର ବହୁ ଅଧିକାରୀ ଯୋଗ ଦେଇଥିଲେ। ସଦର ଥାନା ଆଇଆଇସି ସ୍ୱପ୍ନାରାଣୀ ଗୋଛାୟତଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

## ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ ଜାତୀୟ ଆଇନ୍ ସେବା ଦିବସ

ଝାରସୁଗୁଡ଼ା, ୯।୧୧(ସମିସ)

ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ଝାରସୁଗୁଡ଼ା ପକ୍ଷରୁ ରବିବାର ଜାତୀୟ ଆଇନ୍ ସେବା ଦିବସ ବ୍ରଜରାଜନଗର ସ୍ଥିତ ଡାନିଏଲ୍ ପବ୍ଲିକ ସ୍କୁଲ ଠାରେ ପାଳିତ ହୋଇଯାଇଛି। ଏହି ଅବସରରେ ଆଇନ୍ ସଚେତନତା ଶୋଭାଯାତ୍ରା ଓ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଅତିରିକ୍ତ ଜିଲ୍ଲା ଓ ଦୌରାଜଜ ତଥା ପ୍ରାଧିକରଣର ଭାରପ୍ରାପ୍ତ ଅଧ୍ୟକ୍ଷ ସଦାଶିବ ଜେନା ଏଥିରେ ଅଧ୍ୟକ୍ଷତା କରିଥିଲେ। ପ୍ରାଧିକରଣ ସଚିବ ଆଲୋକମୟୀ ପ୍ରଧାନ, ଦେୱାନୀ ବିଚାରପତି ସନ୍ଧ୍ୟା ରଥ, ଦେୱାନୀ ବିଚାରପତି (ମହିଳା ନ୍ୟାୟାଳୟ) ପ୍ରତ୍ୟୁଷା କିରଣ ପ୍ରମୁଖ ବିଚାର ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ। ଝାରସୁଗୁଡ଼ା ଜିଲ୍ଲା ଓକିଲ ସଂଘର ସଭାପତି ତ୍ରିନାଥ ଗୁଆଲ, ଆଇନ୍ ସେବା ପ୍ରତିପକ୍ଷ ଓକିଲ ସାଜଦା ବେଗମ ପ୍ରମୁଖ ଉପସ୍ଥିତ ଥିଲେ। ଡାନିଏଲ ପବ୍ଲିକ ସ୍କୁଲର ନିର୍ଦ୍ଦେଶକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ବିଭିନ୍ନ ଯୋଜନା ଯଥା ମାଗଣା ଆଇନ୍ ସେବା ଓ ପରାମର୍ଶ, ଓକିଲ ଯୋଗାଇ ଦେବା, ନ୍ୟାୟ ସଂଯୋଗ, ନାଲସା ମାଗଣା ହେଲ୍ପ ଲାଇନ ୧୫୧୦୦, ଲୋକ ଅଦାଲତ ଓ ମଧ୍ୟସ୍ଥତା ମାଧ୍ୟମରେ ମାମଲା ଗୁଡିକର ସମାଧାନ ଇତ୍ୟାଦି ବିଷୟରେ ସ୍ଲୋଗାନ ଦେଇଥିଲେ। ସଚେତନତା କାର୍ଯ୍ୟକ୍ରମରେ ଉପରୋକ୍ତ ବିଷୟ ବସ୍ତୁ ଉପରେ ଆଲୋଚନା କରଯାଇଥିଲା। ବିଦ୍ୟାଳୟର ଛାତ୍ରଛାତ୍ରୀ, ପ୍ୟାନେଲ ଓକିଲ, ପାରା ଲିଗାଲ ସ୍ୱେଚ୍ଛାସେବୀ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।



# ନୀଳଗିରିରେ ପଶିଲା ପାଇଲଟ ଦନ୍ତା, ବନାଞ୍ଚଳବାସୀ ଆତଙ୍କିତ



ନୀଳଗିରି, ୯।୧୧ (ସମିସ): ବାଲେଶ୍ୱର ଜିଲ୍ଲା ନୀଳଗିରିକୁ ପ୍ରବେଶ କଲା ପାଇଲଟ ଦନ୍ତା। ଝାଡ଼ଖଣ୍ଡ ଦଲମା ଜଙ୍ଗଲରୁ ଗତ ୨୦୧୦ ମସିହାରୁ ଚିରାଚରିତ ଭାବେ ନୀଳଗିରିକୁ ପ୍ରଥମେ ଆସନ୍ତି ପାଇଲଟ ଦନ୍ତା ଓ ପରେ ଆସନ୍ତି ହାତୀପଲ। ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ଝାଡ଼ଖଣ୍ଡର ଦଲମା ଜଙ୍ଗଲରୁ ଏକ ପାଇଲଟ ଦନ୍ତା ଓଡିଶା ସୀମା ପାରି ହୋଇ କିଛି ଦିନ ମୟୂରଭଞ୍ଜରେ ରହିଥିବା ବେଳେ ଶନିବାର ଭୋର ସମୟରେ କାଠପାଳ, ପାଟଣା ଅଯୋଧ୍ୟା ପିଚୁ ରାସ୍ତା ପାର କରି ଗୋପାଳପୁର ସଂରକ୍ଷିତ ଜଙ୍ଗଲରେ ପ୍ରବେଶ କରିଥିଲା। ରବିବାର ସନ୍ଧ୍ୟା ୬ଟା ସୁଦ୍ଧା ପାଇଲଟ ଦନ୍ତା ତିନିକୋଶିଆକୁ ସଂରକ୍ଷିତ ଜଙ୍ଗଲମୁହାଁ ହେଉଥିବା ଜଣାପଡୁଛି। ପାଇଲଟ ଦନ୍ତା ଆସୁଥିବାର ଖବର ପାଇ ଗୋପାଳପୁର ଓ ତିନିକୋଶିଆ ସଂରକ୍ଷିତ ଜଙ୍ଗଲ ଚତୁଃପାଶ୍ୱର୍ରେ ଥିବା ଗ୍ରାମବାସୀ ଆତଙ୍କିତ ଅବସ୍ଥାରେ ରହିବା ସହ ଜଙ୍ଗଲ ଚାରି ପାଖରେ ଖୋଳା ଯାଇଥିବା ଟ୍ରେଞ୍ଚ, ସୌରବାଡଗୁଡ଼ିକ ଧ୍ୱସ୍ତବିଧ୍ୱସ୍ତ ହୋଇଥିବା ବେଳେ ମରାମତି ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ପାଇଲଟ ଦନ୍ତାର ଗତିବିଧି ନୀରିକ୍ଷଣ ପାଇଁ ଜଙ୍ଗଲ ଚତୁଃପାଶ୍ୱର୍ରେ ନୀଳଗିରି ବନବିଭାଗର ରେଞ୍ଜର ମନୱାର ଖାନ, ଫରେଷ୍ଟର, ଫରେଷ୍ଟ ଗାଡର୍, ସବୁଜବାହିନୀ ଜଗି ରହିଛନ୍ତି।

# ଦମ୍ପତିଙ୍କ ଜୀବନ ଦୁର୍ବିସହ କରିଛି ସଡ଼କ ଦୁର୍ଘଟଣା

ବାଲେଶ୍ୱର, ୯।୧୧(ସମିସ)



କାଳ ସାଜିଲା ସଡ଼କ ଦୁର୍ଘଟଣା। ସ୍ୱାମୀ ସ୍ତ୍ରୀ ଉଭୟ ଏକ ଦୁର୍ଘଟଣାର ଶିକାର ହେବା ପରେ ଉଭୟଙ୍କ ଭାଗ୍ୟ ଓ ଭବିଷ୍ୟତ ବଦଳିଗଲା। ଜୀବନ ବଞ୍ଚିବା କଷ୍ଟକର ହୋଇପଡିଛି। ପ୍ରତିଦିନ ବଞ୍ଚିବା ପାଇଁ କଷ୍ଟ କରିବାକୁ ପଡୁଛି। ନିଜର ରୋଜଗାର ନ ଥିବା ବେଳେ ସରକାରୀ ସହାୟତା ବି ସାହା ହୋଇନାହିଁ। ତା'ସାଙ୍ଗକୁ ତିନି ବର୍ଷର ଝିଅ। ଗୋଟେ ପଟେ ଅପରେସନ୍ ପାଇଁ ଅର୍ଥର ଅଭାବ ଥିବାବେଳେ ଅନ୍ୟପଟେ ପରିବାର କେମିତି ଚଳିବ ସେନେଇ ଘାରିଛି ଚିନ୍ତା। ଦୁର୍ଘଟଣାରେ ସ୍ତ୍ରୀ ସମ୍ପୂର୍ଣ୍ଣ ଶଯ୍ୟାଶାୟୀ ହୋଇଥିବା ବେଳେ ସ୍ୱାମୀଙ୍କ ମଧ୍ୟ ହାତ ଭାଙ୍ଗିଯାଇଛି। ଫଳରେ ରୋଜଗାରର ବାଟ ବନ୍ଦ ହୋଇଯାଇଛି। ନା ରାସନ୍ କାର୍ଡ ଅଛି ନା ସ୍ୱାସ୍ଥ୍ୟ କାର୍ଡ।

ରେମୁଣା ବ୍ଲକ ମଦାରପୁର ପଞ୍ଚାୟତ କାଠସଙ୍ଗଡା ଗ୍ରାମର କବିତା ଦାସ ଓ ତାଙ୍କ ସ୍ୱାମୀ ବବୁଲ ଦାସ। ସୂଚନାଯୋଗ୍ୟ, କବିତା ଓ ବବୁଲ ଝିଅର ଜନ୍ମଦିନ ସମୟରେ ଡ୍ରେସ୍ କିଣିବା ପାଇଁ ଯାଇଥିଲେ। ରାସ୍ତାରେ ଯିବାବେଳେ ଦୁହେଁ ଦୁର୍ଘଟଣାର ଶିକାର ହେଲେ। ଫଳରେ ବବୁଲଙ୍କ ହାତ ଗୋଡ ଭାଙ୍ଗିବା ସହ କବିତାଙ୍କ ଦୁଇ ଗୋଡ଼ରେ ଗଭୀର କ୍ଷତ ହୋଇଥିଲା। କଟକରେ ଚିକିତ୍ସା ହେଉଥିଲେ। କବିତାଙ୍କ ଦୁଇ ଗୋଡରେ ଅଧିକ ଆଘାତ ଲାଗିଥିବାରୁ ଡାକ୍ତର ଅପରେସନ୍ ପାଇଁ ପରାମର୍ଶ ଦେଲେ। ହେଲେ ଅର୍ଥ ଅଭାବରୁ ଆଉ ଚିକିତ୍ସା କରାଇ ନ ପାରି ଘରକୁ ଫେରିଆସିଛନ୍ତି ଉଭୟ। ବର୍ତ୍ତମାନ କବିତା ସମ୍ପୂର୍ଣ୍ଣ ଶଯ୍ୟାଶାୟୀ। ଦୁଇଟି ଗୋଡ ଧୀରେ ଧୀରେ ଗୁରୁତର ଅବସ୍ଥା ହେବାକୁ ଯାଉଛି। ଅନ୍ୟପଟେ ବବୁଲ ପକ୍କା କାମ କରି ପରିବାର ପ୍ରତିପୋଷଣ କରୁଥିଲେ। ମାତ୍ର ଦୁର୍ଘଟଣା ପରେ ସେ କାମକୁ ଯାଇପାରୁ ନାହାନ୍ତି। ଘରେ ତିନି ବର୍ଷର ଝିଅଟିଏ ରହିଛି। ବାପାମାଆଙ୍କ ଅବସ୍ଥା ଏପରି ହୋଇଥିବା ବେଳେ ଝିଅ କଥା ବୁଝିବା ବି କଷ୍ଟକର ହୋଇ ପଡୁଛି। ତେବେ ଗାଁର ଜଣେ ଅଙ୍ଗନବାଡି ଦିଦି ଗାଁ ଲୋକଙ୍କଠାରୁ କିଛି ମାଗିଆଣି କବିତାଙ୍କ ଘରେ ଦିଅନ୍ତି। ଫଳରେ ତାଙ୍କର ଚୁଲି ଜଳେ। ରୋଜଗାର ପାଇଁ କିଛି ମାଧ୍ୟମ ନ ଥିବାବେଳେ ଏବେ ଚଳିବା ସେମାନଙ୍କ ପାଇଁ ଅଧିକ କଷ୍ଟକର ହୋଇଛି। କାରଣ କବିତା ନିଜେ ବିଛଣାରେ ପଡ଼ିଥିବାବେଳେ ଝିଅ ଓ ଘର କଥା ବୁଝିବା ସମ୍ଭବ ହେଉନି। ସେଥିପାଇଁ ଗାଁ ଲୋକଙ୍କଠୁ ମାଗିଯାଚି ଘରେ ଚୁଲି ଜଳୁଛି। ଚିକିତ୍ସା ପାଇଁ ମଧ୍ୟ ସୁବିଧା ନାହିଁ। ସେଥିପାଇଁ ସହଯୋଗ ପାଇଁ ନିବେଦନ କରିଛନ୍ତି କବିତା ଓ ତାଙ୍କ ସ୍ୱାମୀ। ତାଙ୍କ ପାଖରେ ନା ରାସନ୍ କାର୍ଡ ଅଛି ନା ସ୍ୱାସ୍ଥ୍ୟ କାର୍ଡ ଅଛି। ସରକାରୀ ସହାୟତାରୁ ବଞ୍ଚିତ ହେଉଛନ୍ତି କବିତା। ଚିକିତ୍ସା ପାଇଁ ବାଧକ ସାଜିଛି ଅର୍ଥ। ସରକାରୀ ସହାୟତା ସହ ଯେ କେହି ହୃଦୟବାନ ତଥା ସମାଜସେବୀ ବ୍ୟକ୍ତି ସହଯୋଗ କରିବାକୁ ପରିବାର ତରଫରୁ ନିବେଦନ କରାଯାଇଛି।

- ସ୍ତ୍ରୀ ଶଯ୍ୟାଶାୟୀ, ସ୍ୱାମୀ ଅଚଳ
- ଚିକିତ୍ସାରେ ଅର୍ଥାଭାବ
- ୩ ବର୍ଷର ଝିଅ ଅସହାୟ
- ସରକାରୀ ସହାୟତା ଦେବାକୁ ପରିବାରର ନିବେଦନ

# ଗରିବ ମେଧାବୀ ଛାତ୍ରକୁ ସହାୟତାର ହାତ ବଢ଼ାଇଲା ରାଧାକୃଷ୍ଣ ଚାରିଟେବୁଲ ଟ୍ରଷ୍ଟ

ନୀଳଗିରି, ୯।୧୧ (ସମିସ): ନୀଳଗିରିର ଅଗ୍ରଣୀ ଶିକ୍ଷାନୁଷ୍ଠାନ ରତ୍ନାକର ଟାଉନ ଉଚ୍ଚବିଦ୍ୟାଳୟର ପୁରାତନ ଛାତ୍ରମାନଙ୍କ ଦ୍ୱାରା ନବନିର୍ମିତ ଆର.ଟି.ଏଚ.ଏସ ରାଧାକୃଷ୍ଣ ଚାରିଟେବଲ ଫାଉଣ୍ଡେସନ ଦ୍ୱାରା ବାଲେଶ୍ୱର ଜିଲ୍ଲାର ସରସ୍ୱତୀପୁର ଅଞ୍ଚଳ ନିବାସୀ ସନ୍ତୋଷ କୁମାର ବେହେରା ଓ ଅମିତା ବେହେରାଙ୍କ ସୁଯୋଗ୍ୟ ସନ୍ତାନ ଶ୍ରୀକାନ୍ତ ବେହେରା ଯିଏକି ଡାକ୍ତରୀ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିଲେ ମଧ୍ୟ ଅର୍ଥାଭାବରୁ ଆଡ଼ମିଶନ ହୋଇପାରୁନଥିଲେ। ଏହି ଖବର ପାଇବା ପରେ ଟ୍ରଷ୍ଟର ମ୍ୟାନେଜିଂ ଟ୍ରଷ୍ଟି ସତ୍ୟ ଗୋପାଳ ମହାପାତ୍ର ଓ ଭଲ୍ୟୁଣ୍ଟର୍ ତାପସ କୁମାର ପ୍ରଧାନ ଗତ ୭ତାରିଖରେ ତାଙ୍କ ଘରେ ଭେଟିବା ସହିତ ସହାୟତା ଯୋଗାଇଦେବାକୁ ପ୍ରତିଶ୍ରୁତି ପ୍ରଦାନ କରିଥିଲେ। ଶନିବାର ନୀଳଗିରି ରତ୍ନାକର ଟାଉନ ଉଚ୍ଚବିଦ୍ୟାଳୟ ପ୍ରାଙ୍ଗଣରେ ଟ୍ରଷ୍ଟର ଚେୟାରମ୍ୟାନ ତଥା ପୂର୍ବତନ ପ୍ରଧାନ ଶିକ୍ଷକ ବିନୋଦ ବିହାରୀ ପଣ୍ଡା ଓ ବାଲେଶ୍ୱର ସାଂସଦଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସଙ୍କ ଉପସ୍ଥିତିରେ ଟ୍ରଷ୍ଟର ମ୍ୟାନେଜିଂ ଟ୍ରଷ୍ଟି ଓ ସମସ୍ତ ସଦସ୍ୟଙ୍କ ଉପସ୍ଥିତିରେ ମେଧାବୀ ଛାତ୍ର ଶ୍ରୀକାନ୍ତ ବେହେରାଙ୍କୁ ଅର୍ଥରାଶି ପ୍ରଦାନ କରାଯାଇଥିଲା। ମେଡିକାଲ ଛାତ୍ର ଶ୍ରୀକାନ୍ତ ଆଗାମୀ ଭବିଷ୍ୟତରେ ଜଣେ ଭଲ ଡାକ୍ତର ହେବା ସହିତ ଗରିବ ଲୋକମାନଙ୍କୁ ସହାୟତା କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ।



# ଅସହାୟଙ୍କ ମୁହଁରେ ଫୁଟିଲା ହସ





ଲଙ୍ଗଳେଶ୍ୱର, ୯।୧୧ (ସମିସ): ବାଲିଆପାଳ ବ୍ଲକ ବଣିଆଡିହା ପଞ୍ଚାୟତ ରାଇପୁର ଗ୍ରାମର ନିରଞ୍ଜନ ମାଝୀଙ୍କ ପରିବାର ଦୀର୍ଘ ଦଶବର୍ଷ ଧରି ରାସନ କାର୍ଡ ସୁବିଧାରୁ ବଞ୍ଚିତ ହୋଇଥିଲେ। ଏହି ପରିବାରର ଶାଶୂ ଓ ବୋହୂ ଦୁହେଁ ମାନସିକ ରୋଗାଗ୍ରସ୍ତ ଓ ନିଜସ୍ୱ ଜମି ନ ଥିବାରୁ ସେମାନେ ଅନ୍ୟ ଘରୁ ମାଗି ଜୀବନ ଚଳାଉଛନ୍ତି। ଦାରିଦ୍ର୍ୟତା ଓ ନିରକ୍ଷରତା ତାଙ୍କୁ ସମାଜରୁ ପଛକୁ ଠେଲି ଦେଇଛି। ସ୍ଥାନୀୟ ଲୋକଙ୍କ ଅନୁସାରେ ଜଣେ ବ୍ୟକ୍ତି ଆବାସ ଘର ନିର୍ମାଣ ଓ ଚିକିତ୍ସାରେ ସହାୟତା ନାମରେ ସେମାନଙ୍କୁ ଠକି ନିରଞ୍ଜନଙ୍କୁ ନିଜ ଘରେ କ୍ରୀତଦାସ ଭଳି କାମ କରାଉଛି। ଏହି ଖବର ବିଷୟରେ ପାରାଲିଗାଲ ସ୍ୱେଚ୍ଛାସେବୀ ତଥା ଯୁବ ସାମ୍ବାଦିକ ରାଜକିଶୋର ପାତ୍ର ଜାଣିଲା ପରେ ସେ ଉକ୍ତ ପରିବାରର ଦସ୍ତାବିଜ ସଂଗ୍ରହ କରି ଅନଲାଇନ ମାଧ୍ୟମରେ ରାସନ କାର୍ଡ ଆବେଦନ ସହିତ ବାଲିଆପାଳ ବିଡ଼ିଓଙ୍କ ନିକଟରେ ଅଭିଯୋଗ ଦାଖଲ କରିଥିଲେ। ବିଡ଼ିଓଙ୍କ ନିର୍ଦ୍ଦେଶ ପରେ ଯୋଗାଣ ଅଧିକାରୀ ଅମ୍ବିକା ପ୍ରସାଦ ରଥ ନିଜେ ଗ୍ରାମକୁ ଯାଇ ପରିବାରର ସ୍ଥିତି ତଦନ୍ତ କରି ଦୁଇ ଦିନ ମଧ୍ୟରେ ରାସନ କାର୍ଡ ଯୋଗାଇବାକୁ ଆଶ୍ୱାସନ ଦେଇଛନ୍ତି। ସେହିପରି ବଣିଆଡିହା ପଞ୍ଚାୟତ ବିଶ୍ୱନାଥପୁର ଗ୍ରାମର ଦିନ ମଜୁରିଆ ପ୍ରାଣକୃଷ୍ଣ ନାୟକଙ୍କ ଝିଅ ଜୟଶ୍ରୀ ରକ୍ତ ରୋଗରେ ପୀଡିତ ଅଛନ୍ତି। ରାସନ କାର୍ଡରେ ନାମ ନ ଥିବା ହେତୁ ଏମ୍ସ ଭୁବନେଶ୍ୱରରେ ଚିକିତ୍ସା ଜାରି ରଖିବା କଷ୍ଟକର ହେଉଅଛି । ସାମ୍ବାଦିକ ସୁବାଷ ଦାସ ଓ ସାମାଜିକ କର୍ମୀ ରାଜକିଶୋର ପାତ୍ର ଏହାକୁ ଯୋଗାଣ ଅଧିକାରୀଙ୍କ ନଜରକୁ ଆଣିବା ପରେ ଶ୍ରୀ ରଥ ନିଜେ ପୁରୁଣା କାର୍ଡ ଫେରାଇ ନେଇ ଜୟଶ୍ରୀଙ୍କ ନାମ ସହ ନୂତନ ରାସନ କାର୍ଡ ଆଜି ଜୟଶ୍ରୀର ପରିବାରକୁ ଯୋଗାଇଥିଲେ।

# ପୋଖରୀରେ ଲୁଚିଥିବା ଗୋରୁ ଚୋର ଗିରଫ

ସୋର, ୯।୧୧(ସମିସ): ସୋର ଥାନା ସାରୁପଦା ଗ୍ରାମରେ ଗୋରୁ ଚୋରି କରୁଥିବା ବେଳେ ଜଣେ ଯୁବକକୁ କାବୁ କରି ଗ୍ରାମବାସୀ ସୋର ପୁଲିସକୁ ହସ୍ତାନ୍ତର କରିଥିବା ବେଳେ ପୁଲିସ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଜଣକ ହେଲେ ବେଲପୁର ଗ୍ରାମର ସେକ ସାଜୁଦ୍ଦିନ (୨୫)। ଗତ ଶୁକ୍ରବାର ରାତିରେ ଏହି ଗ୍ରାମକୁ ଏକ ଗାଡିରେ ଚାରିଜଣ ଯୁବକ ଗୋରୁ ଚୋରି କରିବାକୁ ଆସିଥିବା ବେଳେ ରାତିରେ ଗ୍ରାମର କିଛି ଯୁବକ ଏ ବାବଦରେ ଜାଣିପାରି ସେମାନଙ୍କୁ ଅଟକାଇବାକୁ ଚେଷ୍ଟା କରିଥିଲେ। ଏହି ସମୟରେ ଚାରି ଜଣ ଯୁବକଙ୍କ ମଧ୍ୟରୁ ତିନିଜଣ ଉକ୍ତ ଗାଡିରେ ଫେରାର ହୋଇଯାଇଥିବା ବେଳେ ସାଜୁଦ୍ଦିନ ଗ୍ରାମରେ ଥିବା ଏକ ପୋଖରୀ ପାଣିରେ ଲୁଚି ରହିଥିଲେ। ଗତକାଲି ସକାଳେ ଗ୍ରାମବାସୀ ତାକୁ କାବୁ କରି ଉତ୍ତମ ମଧ୍ୟମ ଦେଇ ସୋର ପୁଲିସକୁ ହସ୍ତାନ୍ତର କରିଥିଲେ। ଏ ବାବଦରେ ଥାନାରେ ଅଭିଯୋଗ ହେବାପରେ ପୁଲିସ ଏକ ମାମଲା ରୁଜୁ କରି ଆଜି ସକାଳେ ତାକୁ ଗିରଫ କରିଥିଲେ। ସନ୍ଧ୍ୟାରେ ସୋର ମେଡିକାଲରେ ତାର ଡାକ୍ତରୀ ମାଇନା ପରେ ପୁଲିସ ତାକୁ କୋର୍ଟ ଚାଲାଣ କରିଛି। ତେବେ ସୋର ଅଞ୍ଚଳରେ ଦିନକୁ ଦିନ ଗୋରୁ ଚୋର ମାନେ ସକ୍ରିୟ ହେବାରେ ଲାଗିଛନ୍ତି। ରାତିରେ ବିଭିନ୍ନ ଗ୍ରାମକୁ ଯାଇ ରାସ୍ତାରେ ବୁଲୁଥିବା ବୁଲା ଷଣ୍ଢ ଏବଂ ଗୋରୁ ଗାଈଙ୍କୁ ଉଠାଇ ଆଣି ବିକ୍ରି କରିଦେଉଛନ୍ତି। ଫଳରେ ଗ୍ରାମାଞ୍ଚଳରେ ଗୋ ବଂଶ ଲୋପ ପାଇବାକୁ ବସିଲାଣି। ଗୋବଂଶର ସୁରକ୍ଷା ପାଇଁ ପ୍ରଶାସନ ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସାଧାରଣରେ ଦାବି ହେଉଛି।

# ଶ୍ୟାମସୁନ୍ଦର ରିକ୍ରିଏସନ୍ ସେଣ୍ଟରର ବାର୍ଷିକ ଉତ୍ସବ

ଭୋଗରାଇ, ୯।୧୧ (ସମିସ): ଶ୍ୟାମସୁନ୍ଦର ରିକ୍ରିଏସନ ସେଣ୍ଟରର ୧୦୪ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉଦଯାପନୀ ସଭାରେ ଅନୁଷ୍ଠାନର ସଭାପତି ଯଦୁନନ୍ଦନ ସୁରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଭୋଗରାଇ ପଞ୍ଚାୟତ ସମିତିର ଅଧ୍ୟକ୍ଷ ପ୍ରବୀର କୁମାର ଗିରି, ମୁଖ୍ୟବକ୍ତା ୩୧ ନମ୍ବର ଜିଲ୍ଲାପରିଷଦ ସଦସ୍ୟା ଦମୟନ୍ତୀ ସାହୁ, ସମ୍ମାନିତ ଅତିଥି ଭୋଗରାଇ ପଞ୍ଚାୟତର ସରପଞ୍ଚ ସୁଷମା କର, ସୁନାଧରବସାଣ ପଞ୍ଚାୟତର ସରପଞ୍ଚ ଦିଲ୍ଲୀପ କୁମାର ଦତ୍ତ ଯୋଗ ଦେଇ ଓଡିଶାର ଏହି ପୁରାତନ ଶତାୟୁ ଅନୁଷ୍ଠାନକୁ ଭୋଗରାଇ କଳାର କୋଣାର୍କ ବୋଲି ଅଭିହିତ କରିଥିଲେ। ପ୍ରାରମ୍ଭରେ ଡ଼ଃ ପୂର୍ଣ୍ଣାଶିଷ ପାତ୍ର ମଞ୍ଚ ଆହ୍ୱାନ କରିଥିଲା ବେଳେ ଅଧ୍ୟାପକ ରାଜୀବ ଲୋଚନ ପରିଡ଼ା ଅତିଥି ପରିଚୟ ଏବଂ ଅଧ୍ୟାପକ ରାମଚନ୍ଦ୍ର ଭଞ୍ଜ ସ୍ୱାଗତ ଭାଷଣ ସହ ଅନୁଷ୍ଠାନର ସମ୍ପାଦକ ଗଙ୍ଗାଧର ସାହୁ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ପ୍ରତିଭା ସମ୍ମାନ କାର୍ଯ୍ୟକ୍ରମରେ ରାଜ୍ୟପାଳ ପୁରସ୍କାର ପ୍ରାପ୍ତ ଅବସର ପ୍ରାପ୍ତ ଶିକ୍ଷକ ରାଧାଶ୍ୟାମ ମହାନ୍ତିଙ୍କୁ ନବକୃଷ୍ଣ ଦାସ ସ୍ମୃତି ସମ୍ମାନ, ଅନୁଷ୍ଠାନର ବରିଷ୍ଠ ସଦସ୍ୟ ପଦ୍ମଲୋଚନ ବାରିକଙ୍କୁ ନରେଶ ଚନ୍ଦ୍ର ପାତ୍ର ସ୍ମୃତି ସମ୍ମାନ, ୩୧ ନଂ ଜିଲ୍ଲା ପରିଷଦ ଜୋନରେ ଚଳିତ ୨୦୨୫ ମାଟ୍ରିକ ପରୀକ୍ଷାରେ ସର୍ବାଧିକ ନମ୍ବର ରଖି ପାସ କରିଥିବା ସୁଶ୍ରୀ ଐଶ୍ୱର୍ଯ୍ୟା ଜେନାଙ୍କୁ ସ୍ୱର୍ଗତ ସନ୍ତୋଷ କୁମାର ବିଶି ସ୍ମୃତି ପୁରସ୍କାର ପ୍ରଦାନ କରାଯାଇଥିଲା। ହାଇସ୍କୁଲସ୍ତରୀୟ ନାଟକ ପ୍ରତିଯୋଗିତାରେ ଚାମ୍ପିଅନ ଜୟରାମପୁର ହାଇସ୍କୁଲକୁ ଅତିଥି ମାନଙ୍କ ଦ୍ୱାରା ଟ୍ରଫି ଓ ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ଆୟୋଜିତ ହୋଇଥିବା ସ୍କୁଲ ସ୍ତରୀୟ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ର ଛାତ୍ରୀଙ୍କୁ ସ୍ୱର୍ଗତ ରାମନାଥ ପ୍ରଧାନଙ୍କ ପରିବାର ତରଫରୁ ପୁରସ୍କାର ପ୍ରଦାନ କରାଯାଇଥିଲା । ଅଧ୍ୟାପକ ସରୋଜ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଅନୁଷ୍ଠାନର ସଦସ୍ୟ ଆଶିଷ ମହାନ୍ତି, ବିଜୟ ସିଂହ, ସୁନୀଲ କର, ବଳରାମ ବିଶି, ଶମ୍ଭୁନାଥ ସାହୁ, ସୁଧାଂଶୁ ଶେଖର ପାତ୍ର, ସୁଧାକର ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ତ୍ରୟୋଦଶ ସ୍ମାରକୀ ସମାରୋହ



ଜଳେଶ୍ୱର ବ୍ଲକ, ୯।୧୧ (ସମିସ): ଜଳେଶ୍ୱର ବ୍ଲକ ଖୁଆଡ଼ ପଞ୍ଚାୟତସ୍ଥିତ ଦୀନକୃଷ୍ଣ ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ତ୍ରୟୋଦଶ ସ୍ମାରକୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଆଜିର ଏହି ସଭାରେ ପୁରାତନ ଛାତ୍ର ସଂସଦର ସଭାପତି ଚନ୍ଦ୍ରମୋହନ କାପୁଡିଙ୍କ ସଭାପତିତ୍ୱରେ ପୁରାତନ ଛାତ୍ର ସଂଗଠନର ସାଂଗଠନିକ ସଭାପତି ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ଅଶ୍ୱନୀ କୁମାର ପାତ୍ର ଉପସ୍ଥିତ ରହି ବକ୍ତବ୍ୟ ରଖିଥିଲେ। ମୁଖ୍ୟଅତିଥି ଭାବେ ଜଳେଶ୍ୱର ବିଡିଓ ଗୌରାଙ୍ଗ ଚରଣ ଘୋଷ, ମୁଖ୍ୟବକ୍ତା ନାଟ୍ୟକାର ତଥା ସିନେମା ପ୍ରଯୋଜକ ଚିନ୍ମୟ କୁମାର ଦାସ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ପୁରାତନ ଛାତ୍ର ତଥା ପୂର୍ବତନ ପ୍ରଧାନଶିକ୍ଷକ ଦିଗାମ୍ବର ପ୍ରଧାନ, ବିଦ୍ୟାଳୟର ପ୍ରଧାନଶିକ୍ଷକ ଶୁକଦେବ ପରମାଣିକ, ଅବସରପ୍ରାପ୍ତ ଅଧକ୍ଷା ଅଳକା ମଞ୍ଜରୀ ଭୂୟାଁ ଉପସ୍ଥିତ ରହି ବକ୍ତବ୍ୟ ରଖିଥିଲେ। ଏହି ମଞ୍ଚରେ ବିଦ୍ୟାଳୟର ପୁରାତନ ଛାତ୍ର ରାଜୀବ କୁମାର ପାତ୍ର, ରାଜେନ୍ଦ୍ର ନାଥ ମୁର୍ମୁ, ଅମିତ କୁମାର ସେଠି, ମଧୁସୂଦନ ଗାନ୍ଧୀ ଓ ସୀତାରାମ ସୋରେନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୂର୍ବତନ ଛାତ୍ର ତଥା ଶିକ୍ଷକ ପ୍ରଣୟ କୁମାର ପାତ୍ର ବିବରଣୀ ପାଠ କରିଥିଲେ। ପୁରାତନ ଛାତ୍ର ତଥା ଅବସରପ୍ରାପ୍ତ କଲେଜ ଉପାଧ୍ୟକ୍ଷ ରାଖାଲ ଚନ୍ଦ୍ର ଘଡ଼ାଇ ମଞ୍ଚ ଆହ୍ୱାନ କରିଥିବାବେଳେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶୁକଦେବ ପରମାଣିକ ଧନ୍ୟବାଦ ଅର୍ପଣ କରିଥିଲେ। ସନ୍ଧ୍ୟାରେ ଏହି ମଞ୍ଚରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଥିଲା।

# ମିଳୁନି ବକେୟା ପ୍ରାପ୍ୟ, ଗାଁ ସାଥୀ ସଂଘର ପ୍ରତିବାଦ

କାଳିପଦା, ୯।୧୧ (ସମିସ): ଦୀର୍ଘ ଦିନରୁ ନିଜ ନିଜର ବକେୟା ପାଉଣା ପାଉ ନ ଥିବାରୁ ଗାଁ ସାଥୀ ସଂଘ ଆଜି ପୂର୍ତ୍ତ ବିଭାଗ ଡାକ ବଙ୍ଗଳା ପରିସରରେ ଏକ ସାମ୍ବାଦିକ ସମ୍ମିଳନୀ କରିଛନ୍ତି। ବାଲିଆପାଳ ବ୍ଲକର ବିଭିନ୍ନ ପଞ୍ଚାୟତରୁ ଆସିଥିବା ଗାଁ ସାଥୀମାନେ ଦୀର୍ଘ ଦିନରୁ ସେମାନେ ମହା।। ଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ କାମ କରିଥିବା ମଜୁରୀ ପାଇ ନ ଥିବାରୁ ସଂଘର ବ୍ଲକ ସଭାପତି କ୍ଷୀତିଶ ଜେନାଙ୍କ ନେତୃତ୍ୱରେ ବିଭିନ୍ନ ଦାବି ନେଇ ଏହି ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ବର୍ତ୍ତମାନ ପଞ୍ଚାୟତର ସରପଞ୍ଚ ଓ ଏପିଓ ସେମାନଙ୍କୁ ବିଭିନ୍ନ କାମ ଦେବାରେ ଅବହେଳା, ଜବକାର୍ଡ ଧାରୀ ମାନେ ତାଲିକାରୁ ବାଦ ପଡିବା, ଜବ କାର୍ଡ ନ ଥିବା ଲୋକଙ୍କୁ କାର୍ଯ୍ୟ ଦେବା ଇତ୍ୟାଦି ଦାବି ଉପରେ ଆଲୋଚନା କରିଥିଲେ। ସେମାଙ୍କର ଦାବି ଯଦି ଅବିଳମ୍ବେ ପୂରଣ ନ ହୁଏ ତେବେ ସେମାନେ ଶହ ଶହ ସଂଖ୍ୟାରେ ଆସି ବ୍ଲକ ସମ୍ମୁଖରେ ଧାରଣାରେ ବସିବେ ବୋଲି କହିଥିଲେ। ବ୍ଲକ କମିଟିର ସମ୍ପାଦକ ନକୁଳ କୁମାର ସାହୁ, ଆନନ୍ଦ ମଲ୍ଲିକ, ଅନିରୁଦ୍ଧ ନାୟକ, ନରେନ୍ଦ୍ର ପାତ୍ର, କାଳିଚରଣ ବାରିକ, ଗୌତମ ବାରିକ, ଉତ୍ତମ ବାରିକ, ସବିତା ଦାସ, ସସ୍ମିତା ପରିଡା, ବିନତି ସାନ୍ତରା, ଅନ୍ନପୂର୍ଣ୍ଣା ପଣ୍ଡିତ, ଅଞ୍ଜଳି ବାରିକ ଓ ଶୁଚିସ୍ମିତା ବେହେରା ପ୍ରମୁଖ ସମ୍ମିଳନୀ ରେ ଉପସ୍ଥିତ ଥିଲେ।




# ପାନ ଦୋକାନରୁ ମଦ ଜବତ, ଜଣେ ଗିରଫ

ସୋର, ୯।୧୧(ସମିସ): ବାଲେଶ୍ୱର ଜିଲ୍ଲା ସୋର ଥାନା ରାଧିକା ନଗର ଗ୍ରାମରେ ଗତକାଲି ରାତିରେ ସୋର ପୁଲିସ ପକ୍ଷରୁ ଚଢ଼ଉ କରାଯାଇ ବିପୁଳ ପରିମାଣର ବିଦେଶୀମଦ ଜବତ କରିଥିବା ବେଳେ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ରାଧିକାନଗର ଗ୍ରାମରେ ଥିବା ଏକ ପାନ ଦୋକାନରେ ମଦ ବିକ୍ରି ହେଉଥିବା ଗ୍ରାମବାସୀ ଅଭିଯୋଗ କରି ଆସୁଥିଲେ। ଗତକାଲି ରାତିରେ ଉକ୍ତ ଦୋକାନରେ ପୁଲିସ ଚଢ଼ଉ କରିଥିଲା। ଉକ୍ତ ଦୋକାନରୁ ୧୧. ୭୨୦ ଲିଟର ବିଦେଶୀ ମଦ ଜବତ କରିବା ସହିତ ଅଭିଯୁକ୍ତ ରାଧିକା ନଗର ଗ୍ରାମର ଗଣେଶ ବେହେରାକୁ ଥାନାରେ ଅଟକ ରଖିଥିଲେ। ଆଜି ଏ ବାବଦରେ ସୋର ଥାନାରେ ପୁଲିସ ଏକ ମାମଲା ରୁଜୁ କରି ଗଣେଶକୁ ଗିରଫ କରିଥିଲେ। ଅପରାହ୍ନରେ ସୋର ମେଡିକାଲରେ ତାର ଡାକ୍ତରୀ ମାଇନା ପରେ ପୁଲିସ ତାକୁ କୋର୍ଟ ଚାଲାଣ କରିଛି।

## 'ବନ୍ଦେ ମାତରମ୍' ଉତ୍ସବ

ବାଲେଶ୍ୱର, ୯।୧୧(ସମିସ): ଦକ୍ଷିଣ ପୂର୍ବ ରେଳବାଇ ପକ୍ଷରୁ ୨ ନମ୍ବର ପ୍ଲାଟଫର୍ମରେ ରାଷ୍ଟ୍ରୀୟ ସଙ୍ଗୀତ ବନ୍ଦେ ମାତରମ୍‌ର ୧୫୦ ତମ ବର୍ଷ ପୂର୍ତ୍ତି ପାଳିତ ହୋଇଯାଇଛି। ରେଳବାଇ ଅଧିକାରୀ, ସ୍ଥାନୀୟ ଟିଟିଆଇ, ଷ୍ଟେସନ ମାଷ୍ଟର, ରେଳବାଇ ଡ଼ାକ୍ତର, ସିଗ୍ନାଲ, ପିଡବ୍ଲୁଆଇ ସହ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ହୋଇ ବନ୍ଦେ ମାତ୍‌ରମ ସଙ୍ଗୀତ ଗାନ କରିଥିଲେ। କାର୍ଯ୍ୟକ୍ରମକୁ ରତ୍ନାକର ପଣ୍ଡା ପରିଚାଳନା କରିଥିଲେ।

BEST OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112

## ୮ ମାସ ତଳେ ହୋଇଥିଲା ମରାମତି

# ଶଙ୍ଖୁଆ-କୁଣ୍ଡୁଳି ରାସ୍ତା ପାଲଟିଛି ମରଣଯନ୍ତା

ଲଙ୍ଗଳେଶ୍ୱର, ୯।୧୧ (ସମିସ)



ବାଲିଆପାଳ ବ୍ଲକ କୁଣ୍ଡୁଳି ପଞ୍ଚାୟତ ଶଙ୍ଖୁଆ ଛକ ଠାରୁ କୁଣ୍ଡୁଳି ଛକ ପର୍ଯ୍ୟନ୍ତ ରାସ୍ତା ମରଣଯନ୍ତା ପାଲଟିଛି। ମାତ୍ର ଆଠ ମାସ ତଳେ ଏହି ରାସ୍ତା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ମରାମତି ହୋଇଥିଲା, ମାତ୍ର ଅତ୍ୟନ୍ତ ନିମ୍ନ ମାନର କାର୍ଯ୍ୟ ଯୋଗୁଁ ରାସ୍ତା ଯାକ ଖାଲଖମାରେ ଭର୍ତ୍ତି ହୋଇ ଗଲାଣି। ଯାହା ଫଳରେ ପ୍ରତିଦିନ ଯାତାୟାତ କରୁଥିବା ଲୋକେ ଦୁର୍ଘଟଣାର ଶିକାର ହେଉଛନ୍ତି। ରାସ୍ତା ମରାମତି ପାଇଁ ଟେଣ୍ଡର ନେଇଥିବା ଠିକାଦାର ଜଣକ ନିମ୍ନମାନର ସିମେଣ୍ଟ, ଗୋଡି ଏବଂ ସମୁଦ୍ରର ଲୁଣିବାଲି ମିଶାଇ ଢଳାଇ ପକାଉଥିବା ନେଇ ଗ୍ରାମବାସୀ ବିଭାଗୀୟ ଅଧିକାରୀଙ୍କ ନିକଟରେ ବାରମ୍ବାର ଅଭିଯୋଗ କରିଥିଲେ ହେଁ ସେତେବେଳେ ବିଭାଗୀୟ କର୍ତ୍ତୃପକ୍ଷ ଶୁଣିନଥିଲେ। ସେଥିପାଇଁ ନିର୍ମାଣର ମାତ୍ର ଆଠ ମାସ ପରେ ରାସ୍ତାର ଅବସ୍ଥା ଶୋଚନୀୟ ହେବା ସହ ଦୁଇ ପାଶ୍ୱର୍ ଦବି ଯିବା ଫଳରେ ମଝିରେ ଅଣ ଓସାରିଆ ରାସ୍ତାରେ ଯାତାୟାତ ଅସମ୍ଭବ ହୋଇ ପଡୁଛି। ସାଇକେଲ କିମ୍ବା ମଟର ସାଇକେଲରେ ଯିବା ସମ୍ଭବ ହେଉ ନ ଥିବାରୁ ଲୋକେ ଚାଲି ଚାଲି ଯାଉଛନ୍ତି। ଏହି ରାସ୍ତାଟି ଲଙ୍ଗଳେଶ୍ୱରରୁ ହଳଦୀପଦାକୁ ସଂଯୋଗ କରୁଥିବାରୁ ସକାଳୁ ଠୁ ରାତି ପର୍ଯ୍ୟନ୍ତ ଏହି ରାସ୍ତା ଦେଇ ହଜାର ହଜାର ଲୋକ ଏବଂ ବସ୍ ଟ୍ରକ୍ ଯାତାୟତ କରିଥାଏ, କୁଣ୍ଡୁଳି ପଞ୍ଚାୟତ ସମେତ ବଣିଆଡିହା, ସାଉଡି, ସାର୍ଥା ଏବଂ ଆଖ ପାଖ ପଞ୍ଚାୟତର ହଜାର ହଜାର ଲୋକେ ଏହି ରାସ୍ତା ଉପରେ ନିର୍ଭର କରନ୍ତି, ତେଣୁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ରାସ୍ତା ନିର୍ମାଣ କରିବା ସହ ଅସାଧୁ ଠିକାଦାରଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହୋଇଛି।

ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନଚୈନଂ କ୍ଲେଦୟନ୍ତ୍ୟାପୋଃ ନ ଶୋଷୟତି ମରୁତଃ ॥
ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ ଇନ୍ଦୁଭୂଷଣ ସାହୁ
ସୁନାରୀପଡା, ତରଭା, ସୋନପୁର
ଆବିର୍ଭାବ: ୦୭.୦୧.୨୦୨୫
ତିରୋଧାନ:୩୦.୧୦.୨୦୨୫( କାର୍ତ୍ତିକ ଶୁକ୍ଳ ନବମୀ)
ଆଜି ଅଶ୍ରୁଳ ନୟନରେ ବିଦାୟ ଦେଉଛୁ ଆମର ପରମ ପୂଜ୍ୟ ପିତା ଓ ଜଣେ ଅମର ଗୁରୁଙ୍କୁ। ଗଣିତ, ବିଜ୍ଞାନର ଧୁରନ୍ଧର ଶିକ୍ଷକ ଭାବେ ଦଶନ୍ଧି ଧରି ଛାତ୍ରଛାତ୍ରୀ ମାନଙ୍କୁ ଶିକ୍ଷାର ଆଲୋକ ଦାନ କରିଥିଲେ;ଅବସର ପରେ ମଧ୍ୟ ଶେଷ ନିଶ୍ୱାସ ପର୍ଯ୍ୟନ୍ତ ନିଜ କର୍ତ୍ତବ୍ୟରୁ ଥକି ନଥିଲେ। ଫୁଟବଲ,ଭଲିବଲ,ବ୍ୟାଡ଼ମିଣ୍ଟନ ଓ କ୍ୟାରେମରେ ଅପରାଜେୟ କୌଶଳୀ ଥିଲେ, ଆପଣ ପରିବାର ପ୍ରତି ଅଗାଧ ସ୍ନେହରେ ଜଣେ ଆଦର୍ଶ ସ୍ୱାମୀ ଓ ପିତା ଥିଲେ। ହେ ପ୍ରିୟ ଗୁରୁ ଆପଣଙ୍କ ସ୍ମୃତି ଚିର ଜାଗ୍ରତ। ଅମର ଆତ୍ମାର ସଦଗତି ପାଇଁ ପ୍ରାର୍ଥନା,ଶାନ୍ତିରେ ରହନ୍ତୁ।
ଶୋକସନ୍ତପ୍ତ
ପତ୍ନୀ ଜାହ୍ନବୀ, ପୁତ୍ର- ସଞ୍ଜିବ, ସନ୍ତୋଷ, ସୁନୀଲ,
ପୁତ୍ରବଧୂ- ଇତିଶ୍ରୀ ,ଦୀପ୍ତି, ଶର୍ମିଷ୍ଠା, ନାତି ନାତୁଣୀ - ରୁଚି, ରିୟା, ରିତିସ୍ଥିକା,
ଆହାନା, ଅଙ୍କନା, ରିଦ୍ଧିକ ସାହୁ ପରିବାର ଓ ବନ୍ଧୁବର୍ଗ

## ଗଞ୍ଜାମ କବିତା ଘରର ବାର୍ଷିକ ଉତ୍ସବ



ରମ୍ଭା, ୯ ।୧୧(ସମିସ): ବ୍ରହ୍ମପୁର ସର୍କିଟ ହାଉସ ସଭାଗୃହରେ ଓଡ଼ିଶାର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ଗଞ୍ଜାମର କବିତାଘର ଲିଟେରାରୀ ଟ୍ରଷ୍ଟର ଏକାଦଶ ବାର୍ଷିକ ସାହିତ୍ୟ ଉତ୍ସବ ପାଳିତ ହୋଇଯାଇଛି । ଏଥିରେ କେନ୍ଦ୍ରାପଡ଼ାରୁ ସମ୍ପାଦକ ବନମାଳି ସେନାପତି ମୁଖ୍ୟଅତିଥି, ଫୁଲବାଣୀରୁ କବି ବିଦେଶୀ ନାୟକ ସମ୍ମାନିତ ଅତିଥି, ଖଲ୍ଲିକୋଟରୁ କବି ସୁଧାଂଶୁ ଶେଖର ସାହୁ ଓ ଭୁବନେଶ୍ୱରରୁ ଶିକ୍ଷା ପ୍ରଶାସକ ଅବିନାଶ ଶତପଥି ସମ୍ମାନିତ ଅତିଥି, ଡ଼ା ରାଜେନ୍ଦ୍ର କୁମାର ବେହେରା ସଭାପତି ଓ ଭାଗୀରଥି ବେହେରା ସଞ୍ଚାଳକ ଆସନରେ ଆସୀନ ଥିଲେ । କବି ଗୋପୀନାଥ ଦାଶଙ୍କୁ ରାଜ୍ୟସ୍ତରୀୟ କବିତା ସମ୍ମାନ, ଧର୍ମାନନ୍ଦ ମହାରଣାଙ୍କୁ ଜିଲ୍ଲାସ୍ତରୀୟ କବିତା ସମ୍ମାନ, ପ୍ରହଲ୍ଲାଦ ବେହେରାଙ୍କୁ ସ୍ୱର୍ଗତା ଦେବମଣି ସାହୁ କବିତା ପୁସ୍ତକ ସ୍ମୃତି ସମ୍ମାନ, କବି ସରୋଜବାଳା ପଟ୍ଟନାୟକଙ୍କୁ ରୁକୁଣା ବେହେରା କବିତା ପୁସ୍ତକ ସ୍ମୃତି ସମ୍ମାନ, କରାଯାଇଥିଲା । ଅନୁଷ୍ଠାନର ବାର୍ଷିକ ମୁଖପତ୍ର 'ଭାଗୀରଥୀ କବିତାର ଗଙ୍ଗା ୨୦୨୫ ', ସ୍ୱତନ୍ତ୍ର ସଂକଳିତ କବିତା ସଙ୍କଳନ 'ମାଆ', ଭାଗୀରଥି ବେହେରାଙ୍କ ଦୁଇଟି ଉପନ୍ୟାସ ତୃତୀୟ ପୁରୁଷ, ମାନବ ହିନ୍ଦୀ ସଂସ୍କରଣ ଓ ଯୋଗେଶ ଚନ୍ଦ୍ର ପ୍ରଧାନଙ୍କ ଗୀତିନାଟ୍ୟ' ସାଧବ କନ୍ୟା' ଉନ୍ମୋଚିତ ହୋଇଥିଲା । ସହ ସଂପାଦକ ଧର୍ମାନନ୍ଦ ମହାରଣାଙ୍କ ସହ ଭାଗିରଥୀ ପଣ୍ଡା, ଜୟନ୍ତୀ ବେହେରା, ଶେଷଦେବ ବେହେରା, ସୁଦାମ ପାଣିଗ୍ରାହୀ, ରବି ନାରାୟଣ ମିଶ୍ର, ରବି ସେଠୀ ପ୍ରମୁଖ ସହଯୋଗ କରିଥିଲେ ।

## ଶ୍ରୀଜଗନ୍ନାଥ ପଞ୍ଚରାତ୍ର ନିମନ୍ତେ ଶୁଭଖୁଣ୍ଟି ସ୍ଥାପନ



ପୋଲସରା, ୯ ।୧୧(ସମିସ): ଶ୍ରୀଜଗନ୍ନାଥ ଚେତନା ଜାଗରଣ ଟ୍ରଷ୍ଟ ପକ୍ଷରୁ ଆସନ୍ତା ନଭେମ୍ବର ୨୭ ତାରିଖ ଠାରୁ ଡିସେମ୍ବର ୫ ତାରିଖ ପର୍ଯ୍ୟନ୍ତ ବିଶ୍ୱ ପାଞ୍ଚ ରାତ୍ର ପ୍ରବଚନ, ପରାୟଣ ଓ ଘୃତଯଜ୍ଞ ଅନୁଷ୍ଠିତ ହେବ । ଏନେଇ ରବିବାର ପୋଲସରା ଷ୍ଟେଟବ୍ୟାଙ୍କ ଛକ ନିକଟରେ ଥିବା ପଡ଼ିଆରେ ଶ୍ରୀଜଗନ୍ନାଥ ଚେତନା ଟ୍ରଷ୍ଟ ପକ୍ଷରୁ ଶୁଭଖୁଣ୍ଟି ସ୍ଥାପନ କରାଯାଇଛି । ବିଶିଷ୍ଟ ପଣ୍ଡିତ ସୁବ୍ରତ କୁମାର ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ବ୍ରାହ୍ମଣ ସାହିରେ ଥିବା ଦଧିବାବନ ଶ୍ରୀ ଜଗନ୍ନାଥ ମନ୍ଦିରରେ ଏକତ୍ରିତ ହୋଇ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଜ୍ଞାମାଳ ପାଇଥିଲେ । ପଞ୍ଚରାତ୍ର ନିମନ୍ତେ ସଭାପତି ଯଜ୍ଞନାରାୟଣ ସାହୁ, ସଂପାଦକ ରବିନାରାୟଣ ପୃଷ୍ଟି, ଉପସଭାପତି ପ୍ରତାପ ପ୍ରଧାନ, ସନ୍ତୋଷିନୀ ତ୍ରିପାଠୀ, ବବିତା ବେହେରା, ନର୍ମଦା ପୃଷ୍ଟି, ରଶ୍ମିତା ବେହେରା, ସବିତା ପ୍ରଧାନ ପ୍ରମୁଖ ବହୁ ଶ୍ରଦ୍ଧାଳୁ ମହିଳା ପୁରୁଷ ମାନେ ଉପସ୍ଥିତ ଥିଲେ ।

## ଜାତୀୟ ଆଇନ ସେବା ଦିବସ ପାଳିତ



ଛତ୍ରପୁର, ୯ ।୧୧(ସମିସ): ଛତ୍ରପୁର ତାଲୁକ ଆଇନ ସେବା କମିଟି ପକ୍ଷରୁ ସ୍ଥାନୀୟ ୟୁରୋ ସ୍କୁଲ ପରିସରରେ ଜାତୀୟ ଆଇନ ସେବା ଦିବସ ପାଳିତ ହୋଇଯାଇଛି । ଏଥିରେ ତାଲୁକ ଆଇନ ସେବା କମିଟି ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲ୍ଲା ଦୌରା ଜଜ୍ ପ୍ରଦୀପ କୁମାର ସାମଲ ଅଧ୍ୟକ୍ଷତା କରିଜାତୀୟ ଆଇନ ସେବା ଦିବସ ସଂପର୍କରେ ଆଲୋକପାତ କରିବା ସହିତ ଆଇନର ବିଭିନ୍ନ ଦିଗ ଉପରେ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ସଚେତନ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ୟୁରୋ ସ୍କୁଲର ଏକାଡେମୀ ଡାଇରେକ୍ଟର ପ୍ରମୋଦ କୁମାର ମିଶ୍ର, ଏସଡିଜେଏମ ପ୍ରିତିଶ କୁମାର ରଥ, ଛତ୍ରପୁର ଓକିଲ ସଂଘର ସଭାପତି ପ୍ରଦୀପ କୁମାର ପାଢୀ ଓ ତାଲୁକ ଆଇନ ସେବା କମିଟି ସଦସ୍ୟ ମନୋଜ କୁମାର ପାଢି ପ୍ରମୁଖ ଯୋଗଦେଇ ସେବା କମିଟ ପକ୍ଷରୁ ପ୍ରଦାନ କରାଯାଉଥିବା ସୁବିଧା ସମ୍ପର୍କରେ ଆଲୋକପାତ କରିଥିଲେ । ଏକାଡେମୀ ଡାଇରେକ୍ଟର ଶ୍ରୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ଜାତୀୟ ଆଇନ ସେବା ଦିବସ

ଆସିକା, ୯ ।୧୧(ସମିସ): ଆସିକା ତାଲୁକ ଆଇନ ସେବା କମିଟି ପକ୍ଷରୁ ଜାତୀୟ ଆଇନ ସେବା ଦିବସ ପାଳିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲା ଦୌରାଜଜ୍ ମନୋଜ କୁମାର, ବିଚାରପତି ଗୀତାଞ୍ଜଳି ନାଇଡୁ, ବିଚାରପତି ମୋହିନୀ, ଓକିଲ ସଙ୍ଘର ସଭାପତି ଅଜିତ କୁମାର ଚୌଧୁରୀ, ସମ୍ପାଦକ ନାରାୟଣ ମୁନି, ଉପ ସଭାପତି ଛବିଳ ରାମ ମିଶ୍ର ଉପସ୍ଥିତ ଥିଲେ । ଭାରତର ସମ୍ବିଧାନ ପ୍ରତ୍ୟେକ ନାଗରିକଙ୍କୁ ସମାନ ଅଧିକାର ଏବଂ ଆଇନ ଅନୁଯାୟୀ ସମାନ ସୁରକ୍ଷା ପ୍ରଦାନ କରେ । କାର୍ଯ୍ୟକ୍ରମରେ ବରିଷ୍ଠ ଆଇନଜୀବୀ ସରୋଜ କୁମାର ତ୍ରିପାଠୀ, ଅଜିତ ପଟ୍ଟନାୟକ, ସଞ୍ଜୟ ପାତ୍ର, ପ୍ରିୟାଂଶୁ ପରିଡା, ପ୍ରଭାତ ପାଢ଼ୀ, ସନ୍ତୋଷ ମିଶ୍ର, ଅନିଲ ପାଣିଗ୍ରାହୀ, ଦେବରାଜ ମିଶ୍ର, ସୁଧାଂଶୁ ପାଣିଗ୍ରାହୀ, ପ୍ରଶ୍ନ ବିଷୋୟୀ, ଅମ୍ବିକା ରଥ, ହରିହର ସ୍ୱାଇଁ, ହର୍ଷ ରଞ୍ଜନ ପାଢ଼ୀ, ରୁଦ୍ର ପାଣିଗ୍ରାହୀ, ଯଜ୍ଞ ଆଚାରୀଙ୍କ ସମେତ ବହୁ ଆଇନଜୀବୀ ଉପସ୍ଥିତ ଥିଲେ ।

● ଜିଲ୍ଲାସ୍ତରୀୟ 'ସୁରଭି'

## ବେଲଗୁଣ୍ଠାର ୨ ଛାତ୍ରୀଙ୍କ କୃତିତ୍ୱ

ବେଲଗୁଣ୍ଠା, ୯ ।୧୧(ସମିସ): ବ୍ରହ୍ମପୁର ଭିଭିଗିରି ବାଳିକା ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ବେଲଗୁଣ୍ଠା ବ୍ଲକର ଦୁଇ ଜଣ ଛାତ୍ରୀ କୃତିତ୍ୱ ହାସଲ କରି ରାଜ୍ୟସ୍ତରକୁ ମନୋନୀତ ହୋଇଛନ୍ତି । ବରିଷ୍ଠ ବିଭାଗରେ କେ ନୂଆଁଗଡ଼ ନୋଡ଼ାଲ୍ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀ ଛାତ୍ରୀ ତୃପ୍ତିମୟୀ ପ୍ରଧାନ 'ମୋ ସ୍ୱପ୍ନର ଓଡ଼ିଶା, ପ୍ରସ୍ତୁତି ଓ ପ୍ରଗତି' ଶୀର୍ଷକରେ ସୃଜନଶୀଳ ଲିଖନରେ ଶ୍ରେଷ୍ଠ ଓ ଏକାଦଶ/ ଦ୍ୱାଦଶ ଶ୍ରେଣୀ ବିଭାଗରେ କ୍ଷତ୍ରିୟବରପୁର ଆଞ୍ଚଳିକ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଦ୍ୱାଦଶ ଶ୍ରେଣୀ ଛାତ୍ରୀ ଲିପ୍ସାରାଣୀ ବିଷୋୟୀ 'ଆଧୁନିକତା, ସୂଚନା ଓ ପ୍ରଯୁକ୍ତି ବିଦ୍ୟା, ସମୃଦ୍ଧ ଓଡ଼ିଶା' ଶୀର୍ଷକ ପ୍ରବନ୍ଧ ଲିଖନରେ ଶ୍ରେଷ୍ଠ ପ୍ରଦର୍ଶନ କରି ରାଜ୍ୟସ୍ତରୀୟ 'ସୁରଭି'କୁ ମନୋନୀତ ହୋଇଛନ୍ତି । ଜିଲ୍ଲା ଶିକ୍ଷାଧିକାରୀ ଅଜୟ କୁମାର ପାତ୍ରଙ୍କ ସମେତ ସୋରଡ଼ା ବିଧାୟକ ନୀଳମଣି ବିଷୋୟୀ, ବେଲଗୁଣ୍ଠା ଗୋଷ୍ଠୀ ଶିକ୍ଷାଧିକାରୀ ଲୋପାମୁଦ୍ରା ରଥ, ଏବିଇଓ ଗୋବିନ୍ଦ ଚନ୍ଦ୍ର ପାଢୀ, ପ୍ରତିଭା କୁମାରୀ ରଥ, ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ସଭାପତି ମୃତ୍ୟୁଞ୍ଜୟ ପଣ୍ଡା, ପ୍ରଧାନ ଶିକ୍ଷକ ସୀମାଞ୍ଚଳ ପ୍ରଧାନ, ଅଧକ୍ଷା ରୁନିବାଳା ତ୍ରିପାଠୀ, ଗାଇଡ୍ ଶିକ୍ଷକ କରୁଣାକର ବିଷୋୟୀ, ଅଧ୍ୟାପକ ତ୍ରିନାଥ ବେହେରା, ସମସ୍ତ ସିଆରସିସି ପ୍ରମୁଖ କୃତୀ ଛାତ୍ରୀଙ୍କ ସଫଳତା କାମନା କରିଛନ୍ତି ।



## ପ୍ରଶାସନିକ ବିଫଳତା ନା ଜନପ୍ରତିନିଧିଙ୍କ ଅବହେଳା

# ମୌଳିକ ସୁବିଧାରୁ ବଞ୍ଚିତ ତିନି ଗ୍ରାମବାସୀ

ହୁମ୍ମା/ଗଞ୍ଜାମ, ୯ ।୧୧(ସମିସ)

ଗ୍ରାମାଞ୍ଚଳ ଲୋକଙ୍କୁ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦେବା ଲାଗି ସରକାର ବିଭିନ୍ନ ଯୋଜନା କରିଛନ୍ତି । ହେଲେ ପ୍ରଶାସନିକ ବିଫଳତା ତଥା ଜନପ୍ରତିନିଧିଙ୍କ ଅବହେଳା କାରଣରୁ ଏବେ ବି ଅନେକ ଗାଁ ଅଛି ଯେଉଁଠି ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ, ରାସ୍ତା ଭଳି ମୌଳିକ ସୁବିଧା ପହଞ୍ଚି ପାରିନି । ଏମିତି ଏକ ଘଟଣା ଦେଖିବାକୁ ମିଳିଛି ଗଞ୍ଜାମ ବ୍ଲକର ସୁବଳୟା ପଞ୍ଚାୟତ ଅଧିନସ୍ତ ବାହାଡାପଲ୍ଲୀ, ଡିଏନଟି କଲୋନୀ, ସୂର୍ଯ୍ୟନାରାୟଣପୁର



ଭଳି ତିନି ଗାଁରେ । ଗାଁକୁ ଭଲ ରାସ୍ତା ଖଣ୍ଡିଏ ନଥିବା ବେଳେ ପହଞ୍ଚି ପାରୁନାହାନ୍ତି କୌଣସି ସରକାରୀ ଅଧିକାରୀ । ଗାଁର ଅଧିକାଂଶ ଲୋକ ଦିନ ମଜୁରିଆ । ଏହି ଗାଁକୁ ଯିବାକୁ ହେଲେ ପାହାଡ଼ିଆ ଜଙ୍ଗଲ ରାସ୍ତା ଦେଇ ଯିବାକୁ ପଡ଼େ । ଗାଁରେ ଅଙ୍ଗନବାଡି କି ବିଦ୍ୟାଳୟ ନାହିଁ । ଫଳରେ ପିଲା ପାଠପଢ଼ାରୁ ବଞ୍ଚିତ ହେଉଛନ୍ତି । କିଛି ପିଲା ନିକଟବର୍ତ୍ତୀ ଗାଁ ମାନଙ୍କୁ ଯାଇ ଶିକ୍ଷା ଗ୍ରହଣ କରୁଛନ୍ତି । ଭଲ ରାସ୍ତାଟିଏ ନଥିବାରୁ ଗାଁକୁ ଯାଇପାରେ ନାହିଁ ଆମ୍ବୁଲାନ୍ସ । ରାତି ହେଲେ ଅନ୍ଧାରରେ ହଜିଯାଏ ପୁରା ଗାଁ । କାରଣ ଗାଁରେ ଏପର୍ଯ୍ୟନ୍ତ ପହଞ୍ଚି ପାରିନାହିଁ ବିଦ୍ୟୁତ ସେବା । ଚାରିପଟେ ଜଙ୍ଗଲ ଥିବାରୁ ରାତିରେ ବନ୍ୟଜନ୍ତୁଙ୍କ ଭୟ । ସେପଟେ ଗାଁରେ ନାହିଁ ବିଶୁଦ୍ଧ ପାନୀୟ ଜଳ । ନଳକୂଅ ଅଛି ମାତ୍ର ଆଇରନ ମିଶା ପାଣି ବାହାରୁଛି ।

ସମସ୍ୟାର ସମାଧାନ ପାଇଁ ଗ୍ରାମବାସୀ ଅନେକ ଥର ପ୍ରଶାସନ ଓ ସ୍ଥାନୀୟ ଜନ ପ୍ରତିନିଧିଙ୍କ ନିକଟରେ ଦାବି କରିଛନ୍ତି । ହେଲେ କୌଣସି ସୁଫଳ ମିଳିନି । ତେବେ ତିନି ଗ୍ରାମବାସୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ଜିଲ୍ଲା ପ୍ରଶାସନ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି ।

## ପଞ୍ଚାୟତିରାଜ ସଚିବଙ୍କ ପାନୀୟ ଜଳ ପ୍ରକଳ୍ପ ପରିଦର୍ଶନ



ଗଞ୍ଜାମ, ୯ ।୧୧(ସମିସ): ଗଞ୍ଜାମ ବ୍ଲକ ମଲାଡ଼ରେ ରହିଥିବା ମେଗା ପାନୀୟ ଜଳ ପ୍ରକଳ୍ପକୁ ପଞ୍ଚାୟତିରାଜ ବିଭାଗ ସଚିବ ତଥା କମିଶନର ଗିରିଶ ଏସଏନ ପରିଦର୍ଶନ କରିଛନ୍ତି । ଏହି ପ୍ରକଳ୍ପ ୨୦୧୮ ମସିହାରୁ ଆରମ୍ଭ ହୋଇଥିଲେ ମଧ୍ୟ ଆଜି ଯାଏ କାହିଁକି ସମ୍ପୂର୍ଣ୍ଣ ହୋଇନାହିଁ ପଚାରି ବୁଝିଥିଲେ । ପ୍ରକଳ୍ପରୁ କେତେ ପରିମାଣର ଜଳ ଯୋଗାଣ ହେଉଛି, ଉଚ୍ଚ ସ୍ଥାନକୁ ପାଣି ଯୋଗାଣ ସମୟରେ କେଉଁ ସମସ୍ୟା ସୃଷ୍ଟି ହେଉଛି, ପ୍ରକଳ୍ପରେ କର୍ମଚାରୀ ସଂଖ୍ୟା, ସେମାନଙ୍କ ଯୋଗ୍ୟତା ସମ୍ପର୍କରେ ପଚାରି ବୁଝିଥିଲେ ।

ଏହି ଅବସରରେ ବିଡିଓ ଅଚ୍ୟୁତାନନ୍ଦ ଜାନି, ସ୍ଥାନୀୟ ସରପଞ୍ଚ ମମତା ବେହେରା, ସୁପରିଟେଣ୍ଡ ଇଞ୍ଜିନିୟର ବିକାଶ ପତି, ଏସଡିଓ ସନ୍ତୋଷ କୁମାର ଦାଶ, ସହକାରୀ ନିର୍ବାହୀ ଯନ୍ତ୍ରୀ, ଅଚ୍ୟୁତାନନ୍ଦ ପଟ୍ଟନାୟକ, ଯନ୍ତ୍ରୀ ସୌମ୍ୟରଞ୍ଜନ ସାହୁ, ସପନ କୁମାର ପାଢ଼ୀ, ପ୍ରକଳ୍ପ ପିଏମ ବ୍ରହ୍ମାନନ୍ଦ ରେଡି, ଏଏମ ଭେଙ୍କେଟଶ, ଲ୍ୟାବ ଆସିଷ୍ଟାଣ୍ଡ ଅରୁଣ ମହାପାତ୍ର, ପିଇଓ କେ. ପୋଟଡୁ ପ୍ରମୁଖ ଉପସ୍ଥିତ ଥିଲେ ।

## ସୁନା ଚୋରି ମାମଲାରେ ଦୁଇ ଗିରଫ

ରଙ୍ଗେଇଲୁଣ୍ଡା, ୯ ।୧୧(ସମିସ): ଗତ ଅକ୍ଟୋବର ୨୨ ତାରିଖରେ ଗୋଳନ୍ଥରା ଥାନା ଅନ୍ତର୍ଗତ ସୁରଳ ଗ୍ରାମରୁ ସୁନା ଚୋରି ହୋଇଥିଲା । ଏହି ମାମଲାରେ ପୁଲିସ ସେହି ଗ୍ରାମର ଜଣେ ଯୁବକ ସମେତ ସୁନା କ୍ରେତାକୁ ଗିରଫ କରି କୋର୍ଟଚାଲାଣ କରିଛି । ଅଭିଯୁକ୍ତମାନେ ହେଲେ କାହ୍ନା ଓରଫ ଚୂଡ଼ାମଣି ବେହେରା (୨୦) ଏବଂ ସୁନାରୀ କେ. ଯୋଗେଶ୍ୱର ଆଚାରୀ(୬୦) । ଅକ୍ଟୋବର ୨୨ରେ ସୁରଳରେ ରହୁଥିବା ପୁନି ବେହେରା (୬୦) ଭୋର ସମୟରେ ଗାଁ ପୋଖରୀକୁ ଗାଧୋଇ ଯାଇଥିବା ବେଳେ ଅଭିଯୁକ୍ତ ପୁନିଙ୍କ ଘରେ ପଶି ୧୬ ଗ୍ରାମ ଓଜନର ଏକ ସୁନା ମାଳି ସହ ଘରେ ଶୋଇଥିବା ତାଙ୍କ ଝିଅ ବେକରୁ ଏକ ସୁନା ଚେନ ଚୋରି କରି ନେଇଥିଲେ । ପୁନି ଘରକୁ ଫେରି ଚୋରି ସମ୍ପର୍କରେ ଜାଣିବା ପରେ ଗୋଳନ୍ଥରା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ପୁଲିସ ମାମଲା ରୁଜୁ କରି ସନ୍ଦେହରେ କାହ୍ନାକୁ ଥାନାକୁ ଆଣି ପଚରାଉଚରା କରିବାରୁ ସେ ଚୋରି କରିଥିବା ସ୍ୱୀକାର କରିବା ସହ ଚୋରି ସୁନାକୁ ଗ୍ରାମରେ ରହୁଥିବା ସୁନାରୀ ଯୋଗେଶ୍ୱରକୁ ବିକ୍ରି କରିଥିବା କହିଥିଲା । ଯୋଗେଶ୍ୱରଙ୍କ ଘରେ ଚଢ଼ଉ କରିବାରୁ ସେ କାହ୍ନା ଠାରୁ ସୁନା କିଣିବା ସହ ତାକୁ ୧ ଲକ୍ଷ ୭୦ ହଜାର ଟଙ୍କା ଦେଇଥିବା ସହ ଚୋରି ସୁନାକୁ ତରଳାଇ ଦେଇଥିବା ପ୍ରକାଶ କରିଥିଲେ । ପୁଲିସ ପକ୍ଷରୁ ଯୋଗେଶ୍ୱର ଠାରୁ ୧୬ ଗ୍ରାମ ଓଜନର ସୁନା ଜବତ ସହ ଅଭିଯୁକ୍ତ କାହ୍ନାଠାରୁ ୭୦ ହଜାର ଟଙ୍କା ଜବତ କରିଥିଲେ । ଅନ୍ୟପଟେ ସୁନା ବିକ୍ରି କରି ଆଣିଥିବା ଟଙ୍କାରୁ ପ୍ରାୟ ୧ ଲକ୍ଷ ଟଙ୍କା ଖର୍ଚ୍ଚ କରିଦେଇଥିବା ମଧ୍ୟ ସ୍ୱୀକାର କରିଥିବା ପୁଲିସ ପକ୍ଷରୁ କୁହାଯାଇଛି ।



## ଗଞ୍ଜେଇ ସହ ଅଟୋ ଜବତ; ଜଣେ ଗିରଫ



ସାନଖେମୁଣ୍ଡି, ୯ ।୧୧(ସମିସ): ସାନଖେମୁଣ୍ଡି ବ୍ଲକ ପାଟପୁର ପୁଲିସ ଦିଗପହଣ୍ଡି-ମୋହନା ମୁଖ୍ୟରାସ୍ତା ପୋଡ଼ାମାରି ପୁଲିସ ଫାଣ୍ଡି ନିକଟରୁ ରବିବାର ଏକ ଯାତ୍ରୀବାହୀ ଅଟୋରୁ ୧୦୬ କେଜି ଗଞ୍ଜେଇ ଜବତ ସହ ଜଣଙ୍କୁ ଗିରଫ କରାଯାଇଛି । ଅଭିଯୁକ୍ତ ଜଣଙ୍କ ହେଲେ ଅଡ଼ବା ଥାନା ଅଞ୍ଚଳର ଜମରାଜ ମାଝୀ । ପାଟପୁର ଥାନା ଅଧିକାରୀ ଦୀପ୍ତି ରଞ୍ଜନ ବେହେରାଙ୍କ ନେତୃତ୍ୱରେ ପୋଡ଼ାମାରି-ତପ୍ତପାଣି ମୁଖ୍ୟରାସ୍ତାରେ ପାଟପୁର ଥାନା ଏସ୍ଆଇ ସୁଲେମାନ ଭୂୟାଁ ଭୋରରେ ଗାଡ଼ି ଯାଞ୍ଚ କରୁଥିବା ବେଳେ ମୋହନାରୁ ବ୍ରହ୍ମପୁର ଅଭିମୁଖେ ଦ୍ରୁତଗତିରେ ଆସୁଥିବା ଅଟୋକୁ ସନ୍ଦେହରେ ଅଟକାଇ ତଲାସୀ କରିବାରୁ ୩ଟି ବସ୍ତାରେ ଗଞ୍ଜେଇ ଥିବା ଜଣାପଡିଥିଲା । ଓଜନ କରିବାରୁ ୧୦୬ କେଜି ୬୦୦ ଗ୍ରାମ ହୋଇଥିଲା । ସାନଖେମୁଣ୍ଡି ଅତିରିକ୍ତ ତହସିଲଦାର ଦୀଲିପ କୁମାର ଜେନାଙ୍କ ଉପସ୍ଥିତିରେ ସମସ୍ତ ଗଞ୍ଜେଇ ଜବତ କରାଯିବା ସହ ଅଭିଯୁକ୍ତଙ୍କୁ ପାଟପୁର ଥାନାରେ ଅଟକ ରଖାଯାଇଛି । ଏକ ମାମଲା ରୁଜୁ କରାଯାଇଥିବା ବେଳେ ଅଭିଯୁକ୍ତକୁ ସୋମବାର ବ୍ରହ୍ମପୁର ଜିଲ୍ଲା ଦୌରାଜଜ୍ କୋର୍ଟକୁ ଚାଲାଣ କରାଯିବ ବୋଲି ଥାନା ଅଧିକାରୀ କହିଛନ୍ତି ।

## ଗଞ୍ଜାମ କଲେଜରେ ଯୋଗ ପ୍ରଶିକ୍ଷଣ ଶିବିର



ଗଞ୍ଜାମ, ୯ ।୧୧(ସମିସ): ଗଞ୍ଜାମ ମହାବିଦ୍ୟାଳୟ ଖେଳ ପଡିଆରେ ଏକ ଯୋଗ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଅବସରପ୍ରାପ୍ତ ସେନା ଅଧିକାରୀ ବି. କାମେରାଜୁ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ସ୍ୱର୍ଣ୍ଣପଦକ ବିଜେତା ଯୋଗ ପ୍ରଶିକ୍ଷକ ପଦ୍ମନାଭ ବେହେରା ଯୋଗ ପ୍ରାଣାୟମ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ପ୍ରଥମ ପ୍ରଭାତରେ ୨୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ, ବୁଦ୍ଧିଜୀବୀ ଯୋଗାଭ୍ୟାସ କରିଥିଲେ । ଡି. ନିରଞ୍ଜନ ରେଡି, ଲଳିତେନ୍ଦୁ ପଟ୍ଟନାୟକ, ବିନୋଦ ବେହେରା, ଉମାକାନ୍ତ ବେହେରା, ପି. ରାଜୁ ରେଡି ପ୍ରମୁଖଙ୍କ ସମେତ ଅନ୍ୟମାନେ ଉପସ୍ଥିତ ରହିଥିଲେ ।

BEST OFFER SALE

Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.

9437015112

## ନାରାୟଣ ହତ୍ୟାକାଣ୍ଡ; ଅଭିଯୁକ୍ତ ଗିରଫ

### ନାବାଳିକାକୁ ଅସଦାଚରଣ ପାଇଁ ଜୀବନ ଗଲା

ଦିଗପହଣ୍ଡି, ୯ ।୧୧(ସମିସ): ଗଞ୍ଜାମ ଜିଲ୍ଲା ନୂଆପଡ଼ା ଗ୍ରାମ ନିକଟ ବାହୁଦା ନଦୀ ପଠାରେ ନାରାୟଣ ପ୍ରଧାନ(୬୧) ଙ୍କୁ ନିର୍ମମ ହତ୍ୟା ଘଟଣାର ପର୍ଦ୍ଦାଫାଶ ହୋଇଛି । ଏହି ବହୁଚର୍ଚ୍ଚିତ ଯୋଜନାବଦ୍ଧ ହତ୍ୟା ଘଟଣାରେ ସମ୍ପୃକ୍ତ ନୂଆପଡ଼ା ଗାଁ ଚରିଆପଡ଼ା ସାହିର ଶଙ୍କର ଓରଫ ବାଙ୍ଗରା ବେହେରାଙ୍କୁ ତଦନ୍ତକାରୀ ଅଧିକାରୀ କେ.ନୂଆଗାଁ ଥାନା ନୂଆପଡ଼ା ଫାଣ୍ଡି ଏସ୍ଆଇ ଜଗବନ୍ଧୁ ବାର୍ଲା ଗିରଫ କରି ରବିବାର କୋର୍ଟ ଚାଲାଣ କରିଛନ୍ତି । ଜାମିନ ଆବେଦନ ଖାରଜ ହେବାରୁ ଅଭିଯୁକ୍ତଙ୍କୁ ଦିଗପହଣ୍ଡି ସବ୍ ଜେଲ ହାଜତକୁ ପଠାଇ ଦିଆଯାଇଛି । ଗତ ଅକ୍ଟୋବର ୧୨ ଭୋରରେ ନାରାୟଣଙ୍କ ରକ୍ତାକ୍ତ ମୃତଦେହ ନଦୀ ପଠାରୁ ଉଦ୍ଧାର ହୋଇଥିଲା । ଚିକିଟି ଏସଡିପିଓ ବିଶ୍ୱାମିତ୍ର ହରପାଲ, କେ.ନୂଆଗାଁ ଥାନା ଆଇଆଇସି କିଶୋର କୁମାର ସାମଲ, ନୂଆପଡ଼ା ଫାଣ୍ଡି ଅଧିକାରୀ ପୁଲିସ ସାଇଣ୍ଟିଫିକ୍ ଟିମ୍ ଏବଂ ଡ଼ଗ୍ସ୍କ୍ୱାଡ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରି ଫେରିଥିଲେ । ନାରାୟଣଙ୍କ ପୁଅ ଶିବ ଏନେଇ କେ.ନୂଆଗାଁ ଥାନାରେ ଏତଲା ଦେଇଥିଲେ । ହତ୍ୟା ଘଟଣାର ୫ ଦିନ ପୂର୍ବେ ନାରାୟଣ ତାଙ୍କ ଗ୍ରାମର ଜଣେ ବ୍ୟକ୍ତିଙ୍କ ଘରେ କେହି ନଥିବା ସୁଯୋଗ ନେଇ ଘରେ ଥିବା ନାବାଳିକାଙ୍କୁ ଅସଦାଚରଣ କରିଥିଲେ । ନାବାଳିକାଙ୍କ ମା'ଘରକୁ ଫେରିବା ପରେ ଝିଅ ସବୁ କଥା ତାଙ୍କୁ କହିଥିଲେ । ନାବାଳିକାଙ୍କ ପରିବାର ଲୋକେ ନାରାୟଣଙ୍କୁ ଘଟଣା ସମ୍ପର୍କରେ ପଚାରିବା ସହ ମାଡ଼ ମାରିଥିଲେ । ନାବାଳିକାଙ୍କ ମା' ଏନେଇ ତାଙ୍କ ସାନଭାଇ ଶୁଭରାଜ ବେହେରାଙ୍କୁ ଜଣାଇଥିଲେ । ଭାଣିଜୀଙ୍କୁ ଘରେ ପଶି ଅସଦାଚରଣ କରିଥିବା ନାରାୟଣଙ୍କୁ ଶୁଭରାଜ ହତ୍ୟା କରିବାକୁ ତାଙ୍କ ସାଙ୍ଗ ଶଙ୍କରଙ୍କ ସହ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରିଥିଲେ । ଅକ୍ଟୋବର ୧୧ ସନ୍ଧ୍ୟା ପ୍ରାୟ ୬ଟାରେ ଉଭୟେ ଦିଗପହଣ୍ଡି ପୁଞ୍ଜିକୟାଁ ଛକରେ ମିଶି କଥା ହେବା ପରେ ଚିକିଟି ଧାନଘର ଛକକୁ ବାଇକ୍‌ରେ ଯାଇଥିଲେ । ସେଠାରେ ରାତ୍ରି ଭୋଜନ ସାରି ଉଭୟେ ବାଇକରେ ନୂଆପଡ଼ା ଗ୍ରାମ ନିକଟ ଧାନ୍ୟରାଶି ଶିବମନ୍ଦିରରେ ରାତି କଟାଇଥିଲେ । ଶୁଭରାଜଙ୍କ ଭଉଣୀ ନୂଆପଡ଼ା ଗାଁର ଝୁମୁରି ବେହେରା ରାତି ପ୍ରାୟ ୩ ଟାରେ ନାରାୟଣ ନଦୀକୁ ଯାଉଥିବା ନେଇ ଫୋନରେ ଭାଇ ଶୁଭରାଜଙ୍କୁ ଜଣାଇଥିଲେ । ନାରାୟଣ ନଦୀ ପଠାରେ ଥିବା ତାଙ୍କ ବଗିଚାରେ ପହଞ୍ଚି ପୂଜାପାଇଁ ଫୁଲ ତୋଳିବା ପରେ ନଦୀକୁ ଗାଧୋଇବାକୁ ଯାଇଥିଲେ । ସେଠାରେ ପୂର୍ବରୁ ପ୍ରସ୍ତୁତ ହୋଇ ରହିଥିବା ଶୁଭରାଜ ଏବଂ ଶଙ୍କର ନାରାୟଣଙ୍କୁ କାତିରେ ହାଣି ହତ୍ୟା କରିଥିଲେ । ତାଙ୍କ ବାମ ହାତକୁ କାଟି ଉଭୟେ ଘଟଣାସ୍ଥଳ ଠାରୁ ପ୍ରାୟ ୧୨୪ ଫୁଟ ଦୂରରେ ଫୋପାଡି ବାଇକ ଯୋଗେ ବ୍ରହ୍ମପୁର ଚାଲି ଯାଇଥିଲେ । ସେଠାରୁ ସେମାନେ ଫେରାର ହୋଇଯାଇଥିଲେ । ପୁଲିସ ଉଭୟଙ୍କ ମୋବାଇଲ ଟ୍ରାକିଂ କରିବା ସହ ସିଡିଆର ସଂଗ୍ରହ କରିଥିଲେ । ଉଭୟେ ବାରମ୍ବାର ଲୋକେସନ ବଦଳାଉଥିବା କାରଣରୁ ପୁଲିସ ଟିମ୍ ସେମାନଙ୍କୁ କାବୁ କରି ପାରୁନଥିଲେ । ଶନିବାର ଶଙ୍କର ଅନ୍ୟ ରାଜ୍ୟରୁ ଫେରିଥିବା ଖବର ପାଇଁ ତଦନ୍ତକାରୀ ଅଧିକାରୀ ସଦଳବଳ ବିଭିନ୍ନ ସନ୍ଦିଗ୍ଧ ସ୍ଥାନରେ ଚଢ଼ଉ କରିଥିଲେ । ରବିବାର ସକାଳ ପ୍ରାୟ ୭ଟାରେ ଶଙ୍କର ଗାଁକୁ ଆସୁଥିବା ବେଳେ ତାଙ୍କୁ ପୁଲିସ ଟିମ୍ ସାଦା ପୋଷାକରେ ମାଡ଼ି ବସି ଥାନାକୁ ଉଠାଇ ନେଇଥିଲେ । ପରେ ପୁଲିସ ନିକଟରେ ସେ ସମ୍ପୂର୍ଣ୍ଣ ଘଟଣା ପ୍ରକାଶ କରିବା ସହ ନିଜ ଦୋଷ ସ୍ୱୀକାର କରିଥିବା ତଦନ୍ତକାରୀ ଅଧିକାରୀ କହିଛନ୍ତି ।



ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ ।
ନଚୈନଂ କ୍ଲେଦୟନ୍ତ୍ୟାପୋଃ ନ ଶୋଷୟତି ମରୁତଃ ॥

ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ ଇନ୍ଦୁଭୂଷଣ ସାହୁ

ସୁନାରୀପଡା, ତରଭା, ସୋନପୁର

ଆବିର୍ଭାବ: ୦୭.୦୧.୨୦୨୫

ତିରୋଧାନ:୩୦.୧୦.୨୦୨୫( କାର୍ତ୍ତିକ ଶୁକ୍ଳ ନବମୀ)

ଆଜି ଅଶ୍ରୁଳ ନୟନରେ ବିଦାୟ ଦେଉଛୁ ଆମର ପରମ ପୂଜ୍ୟ ପିତା ଓ ଜଣେ ଅମର ଗୁରୁଙ୍କୁ । ଗଣିତ, ବିଜ୍ଞାନର ଧୁରନ୍ଧର ଶିକ୍ଷକ ଭାବେ ଦଶନ୍ଧି ଧରି ଛାତ୍ରଛାତ୍ରୀ ମାନଙ୍କୁ ଶିକ୍ଷାର ଆଲୋକ ଦାନ କରିଥିଲେ;ଅବସର ପରେ ମଧ୍ୟ ଶେଷ ନିଶ୍ୱାସ ପର୍ଯ୍ୟନ୍ତ ନିଜ କର୍ତ୍ତବ୍ୟରୁ ଥକି ନଥିଲେ । ଫୁଟବଲ,ଭଲିବଲ,ବ୍ୟାଡ଼ମିଣ୍ଟନ ଓ କ୍ୟାରେମରେ ଅପରାଜେୟ କୌଶଳୀ ଥିଲେ, ଆପଣ ପରିବାର ପ୍ରତି ଅଗାଧ ସ୍ନେହରେ ଜଣେ ଆଦର୍ଶ ସ୍ୱାମୀ ଓ ପିତା ଥିଲେ । ହେ ପ୍ରିୟ ଗୁରୁ ଆପଣଙ୍କ ସ୍ମୃତି ଚିର ଜାଗ୍ରତ । ଅମର ଆତ୍ମାର ସଦଗତି ପାଇଁ ପ୍ରାର୍ଥନା,ଶାନ୍ତିରେ ରହନ୍ତୁ ।

ଶୋକସନ୍ତପ୍ତ

ପତ୍ନୀ ଜାହ୍ନବୀ, ପୁତ୍ର- ସଞ୍ଜିବ, ସନ୍ତୋଷ, ସୁନୀଲ,
ପୁତ୍ରବଧୂ- ଇତିଶ୍ରୀ ,ଦୀପ୍ତି, ଶର୍ମିଷ୍ଠା, ନାତି ନାତୁଣୀ - ରୁଚି, ରିୟା, ରିତିୟୁକା,
ଆହାନା, ଅଙ୍କନା, ରିଦ୍ଧିକ ସାହୁ ପରିବାର ଓ ବନ୍ଧୁବର୍ଗ

# ରାତି ଅଧିଆ ଜଳପଥରେ ଚୋରା ଚାଲାଣ






**୪ କଣ୍ଟେନର୍ ଓ ଗୋଟିଏ ବୋଟ୍ ଜବତ, ତିନି ଚାଳକ ଅଟକ**

ବାଲେଶ୍ୱର, ୯।୧୧(ସମିସ)

ରାତି ଅଧିଆ ଜଳପଥରେ ହେଉଛି ଚୋରା ଚାଲାଣ। ପଶ୍ଚିମବଙ୍ଗରୁ ବୋଟ୍‌ରେ ଆସି ବାଲେଶ୍ୱରରେ କଣ୍ଟେନରରେ ଅନଲୋଡ୍ ହେଉଥିବା ସମୟରେ ଧରାପଡିଛି ଏହା ଚୋରା କାରବାର। ଜଳପଥରେ ବୋଟ୍ ଥିବାବେଳେ ସ୍ଥଳ ପଥରେ କଣ୍ଟେନର୍ ରହିଥିଲା। ସେଥିରେ ବସ୍ତା ବସ୍ତା ଗୁଆ ଚୋରା ଚାଲାଣ ପାଇଁ ବୋଟ୍‌ରୁ କଣ୍ଟେନରକୁ ଲୋଡ୍ ହେଉଥିଲା। ତେବେ ଜଳପଥରେ ସୁପାରି ଚୋରା ଚାଲାଣ ବେଳେ ବାଲେଶ୍ୱର ବାହାବଳପୁର ସମୁଦ୍ର ମୁହାଣ ନିକଟରେ ମେରାଇନ ଥାନା ଓ ବସ୍ତା ପୁଲିସର ମିଳିତ ଚଢ଼ଉ କରିଥିଲା। ସେଥିରେ ବିପୁଳ ପରିମାଣରେ ସୁପାରି ଜବତ ହୋଇଛି।

ଗତକାଲି ବିଳମ୍ବିତ ରାତିରେ ସୁପାରି ଅନଲୋଡ୍ ହେଉଥିବା ସମୟରେ ବସ୍ତା ପୁଲିସ ତିନୋଟି କଣ୍ଟେନର ଜବତ କରି ବାଲେଶ୍ୱର ରିଜର୍ଭରେ ରଖାଯାଇଛି। ଅନ୍ୟ ଏକ କଣ୍ଟେନର ଗାଁ ନିକଟରେ ରହିଛି। ଯାହାକୁ ପୁଲିସ ଜଗିକି ରହିଛି। ତା ଭିତରେ କ'ଣ ଅଛି ଜଣାପଡିନାହିଁ। ବସ୍ତା ଥାନା ଧରିଥିବା ତିନୋଟି କଣ୍ଟେନର ମଧ୍ୟରୁ ଗୋଟିଏ କଣ୍ଟେନର ରେ ସୁପାରି ଭର୍ତ୍ତି ଥିବାବେଳେ ଅନ୍ୟଟିରେ ଅଧା ସୁପାରି ଭରି ରହିଥିଲା। ଆଉ ଏକ କଣ୍ଟେନର ଖାଲି ରହିଥିବା ଜଣାପଡିଛି। ଆଜି ସକାଳେ ନଦୀ ମୁହାଣ ନିକଟରେ ଥିବା କଣ୍ଟେନରକୁ ମେରାଇନ ପୁଲିସ ପକ୍ଷରୁ ଯାଞ୍ଚ କରାଯାଇଛି। ହେଲେ ତାହା ଏଯାଏଁ ଖୋଲାଯାଇ ନାହିଁ। ତେବେ ଏହି ଘଟଣାରେ ଚାରୋଟି କଣ୍ଟେନର ଓ ଗୋଟିଏ ବୋଟ ଜବତ ହୋଇଛି। ତିନିଜଣ ଚାଳକଙ୍କୁ ଅଟକ ରଖି ପୁଲିସ ଅଧିକ ପଚରାଉଚରା କରୁଛି।

ମିଳିଥିବା ସୂଚନା ଅନୁସାରେ, ବାଲେଶ୍ୱର ବାହାବଳପୁର ସମୁଦ୍ର ମୁହାଣରେ ବୋଟରୁ ସନ୍ଦିଗ୍ଧ ଜିନିଷ ଠାବ ହୋଇଛି। ଜଳପଥରେ ବୋଟ୍‌ରେ ଆଣି ବାହାବଳପୁରରେ ତିନୋଟି କଣ୍ଟେନରରେ ସୁପାରି ଖାଲି କରାଯାଇ କଣ୍ଟନରେ ଲୋଡିଂ କରାଯାଉଥିଲା। କୌଣସି ସୂତ୍ରରୁ ଖବର ପାଇ ମେରାଇନ ଥାନା ଓ ବସ୍ତା ପୁଲିସ ଚଢ଼ଉ କରିଥିଲେ। ଗୋଟିଏ ବୋଟ ସହିତ ତିନୋଟି କଣ୍ଟେନରେ ବୋଝେଇ ସୁପାରୀ ଓ ଗୋଟିଏ ଖାଲି କଣ୍ଟେନର ଜବତ କରିଥିଲେ। ଏଥିସହିତ ତିନିଜଣ ଡ୍ରାଇଭରଙ୍କୁ ଅଟକ ରଖିଛି ପୁଲିସ। ସୁପାରି କେଉଁଠାରୁ ଆସିଥିଲା? କେଉଁଠି ଯାଉଥିଲା? ଜଳପଥରେ କାହିଁକି ବେଆଇନ ଚାଲାଣ କରାଯାଉଥିଲା? ଏହି ଘଟଣାରେ କାହାର ସଂପୃକ୍ତି ରହିଛି ଏନେଇ ତିନି ଡ୍ରାଇଭରଙ୍କୁ ଅଧିକ ପଚରାଉଚରା କରାଯାଉଛି। ସମ୍ପୂର୍ଣ୍ଣ ଘଟଣାର ତଥ୍ୟ ବର୍ତ୍ତମାନ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ତେବେ ଜଳପଥରେ ପରିବହନର କୌଣସି ନିୟମ ନଥିବା ବେଳେ ରାତି ଅଧରେ ଜଳପଥରେ କ'ଣ ଚାଲାଣ ହେଉଥିଲା ଏବଂ କେଉଁଠିକି ଯାଉଥିଲା, ତାହାକୁ ନେଇ ବାଲେଶ୍ୱରରେ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି। ବୋଟ୍ ପଶ୍ଚିମବଙ୍ଗରୁ ଆସୁଥିବା ସୂଚନା ମିଳିଛି।

## ଶ୍ରୀ ଶ୍ରୀ ଶ୍ୟାମରାଇଜୀଉ ବୋଇତ ବନ୍ଦାଣ ଉତ୍ସବ




ବାଲେଶ୍ୱର, ୯।୧୧(ସମିସ): ରେମୁଣା ବ୍ଲକ କାକବୋରାଇସ୍ଥିତ ଶ୍ରୀ ଶ୍ରୀ ଶ୍ୟାମରାଇ ଜୀଉ ମନ୍ଦିର ପ୍ରାଙ୍ଗଣରେ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ବଳାଙ୍ଗୀ କଲେଜ ଅଧ୍ୟକ୍ଷ ଡ. ରତ୍ନାକର ସିଂହ, ମୁଖ୍ୟବକ୍ତା ବ୍ରଜମୋହନ ଦିନ୍ଧାଣୀ, ସମ୍ମାନୀୟ ଅତିଥି ରମେଶ ଚନ୍ଦ୍ର ଖଣ୍ଡା, କମିଟି ଉପଦେଷ୍ଟା ବେଣୁଧର ଦାସ, ସୁବଳ ଦାସ ମଙ୍ଗରାଜ, ରାଧା ରଞ୍ଜନ ଦାସ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ସୁଶାନ୍ତ ପଟ୍ଟନାୟକ, ଯୁବ ନେତା ଶୁଭେନ୍ଦୁ ମଙ୍ଗରାଜ ଯୋଗଦେଇ ଉତ୍କଳୀୟ ନୌବାଣିଜ୍ୟ ପରମ୍ପରା ଏବଂ ଆଜିର ବୋଇତ ବନ୍ଦାଣ ସମ୍ପର୍କରେ ବକ୍ତବ୍ୟ ଦେଇଥିଲେ। କମିଟି ସଦସ୍ୟ ଅଶ୍ୱିନୀ କୁମାର ପଣ୍ଡା, ତପନ କୁମାର ଦାସ, ଜଗନ୍ନାଥ ଦାସ, ଅଭିମନ୍ୟୁ ସାଉ, ବିନୋଦ ଦାସ, ଜୟକୃଷ୍ଣ ଦାସ, ବିଶ୍ୱଜିତ ଦାସ, ମୁରଲୀଧର ଜେନା, ପ୍ରହଲ୍ଲାଦ ଦାସ, ରମେଶ କମିଲା, ଶ୍ରୁତିଧର ଦାସ, କମଳାକାନ୍ତ ସାଉ, ଦିବାକର ବାରିକ, ବସନ୍ତ କୁମାର ମାହାର୍ଣ୍ଣା ଆଦିଙ୍କ ସହଯୋଗରେ ଉତ୍ସବ ପୁନରୁଦ୍ଧାର କରାଯାଇ ଚଳିତବର୍ଷ ପାଳନ କରାଯାଇଥିଲା। ପ୍ରାରମ୍ଭରେ ମନ୍ଦିର ପୂଜକ ଅନନ୍ତ ଗୋପାଳ ମହାପାତ୍ର ମଙ୍ଗଳାଷ୍ଟକ ପାଠ, ପ୍ରଭାକର ମାହାର୍ଣ୍ଣା ମଞ୍ଚ ଆହ୍ୱାନ, କମିଟି ସମ୍ପାଦକ ପ୍ରଦୀର କୁମାର ସାଉ ବିବରଣୀ ପାଠ କରିଥିଲେ। ଭାସ୍କର ସାଉ ଧନ୍ୟବାଦ ଦେଇଥିଲେ। ପରେ ସ୍ଥାନୀୟ କଳାକାରଙ୍କ ଦ୍ୱାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

## ଲୋକ ମହୋତ୍ସବ କମିଟିର ପ୍ରତିଭା ଚୟନ କାର୍ଯ୍ୟକ୍ରମ



ବାଲେଶ୍ୱର, ୯।୧୧(ସମିସ): ଲୋକ ମହୋତ୍ସବ କମିଟି ପକ୍ଷରୁ ଏକ ପ୍ରତିଭା ଚୟନ କାର୍ଯ୍ୟକ୍ରମ ସ୍ଥାନୀୟ ଷ୍ଟେସନ କ୍ଲବ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଚଳିତ ମାସ ୧୦ରୁ ୧୯ ତାରିଖ ପର୍ଯ୍ୟନ୍ତ ଦଶ ଦିନ ଧରି ସ୍ଥାନୀୟ ଆଇଟିଆଇ ପଡିଆରେ ହେବାକୁ ଥିବା ମହୋତ୍ସବରେ ସ୍ଥାନୀୟ କଳାକାରମାନଙ୍କୁ ଏକ ପ୍ଲାଟଫର୍ମ ଦେବା ଉଦ୍ଦେଶ୍ୟରେ ଏହିଭଳି ପ୍ରତିଭା ଚୟନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି ବୋଲି କମିଟି କର୍ମକର୍ତ୍ତା ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଜୁନିଅର, ସବ୍‌ଜୁନିଅର ଏବଂ ସିନିଅର ଭଳି ତିନୋଟି ବର୍ଗରେ ପ୍ରତିଯୋଗୀମାନଙ୍କ ମଧ୍ୟରେ ଚୟନ ହୋଇଥିଲା। ଏଥିରୁ କୃତି ପ୍ରତିଯୋଗୀଙ୍କୁ ଦଶ ଦିନ ଧରି ହେବାକୁ ଥିବା ମହୋତ୍ସବରେ ନିଜର କଳା ପ୍ରଦର୍ଶନ କରିବାକୁ ସୁଯୋଗ ଦିଆଯିବ ବୋଲି କମିଟି କର୍ମକର୍ତ୍ତା ସୂଚନା ଦେଇଥିଲେ। ଜ୍ୟୋତିର୍ମୟୀ ସାମଲ, ଅନୁପମ ମିଶ୍ର ଏହି ପ୍ରତିଭା ଚୟନ କାର୍ଯ୍ୟକ୍ରମରେ ବିଚାରକ ଭାବେ ଦାୟିତ୍ୱ ତୁଲାଇଥିଲେ। ମହୋତ୍ସବ କମିଟିର ସଦସ୍ୟମାନେ ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ସହଯୋଗ କରିଥିଲେ।

## ଜିଲ୍ଲା ଆଇନସେବା ପ୍ରାଧିକରଣର ଜାତୀୟ ଆଇନସେବା ଦିବସ



ବାଲେଶ୍ୱର, ୯।୧୧(ସମିସ): ଜିଲ୍ଲା ଆଇନସେବା ପ୍ରାଧିକରଣର ସମ୍ମିଳନୀ କକ୍ଷରେ ଜାତୀୟ ଆଇନସେବା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ଜିଲ୍ଲା ଆଇନସେବା ପ୍ରାଧିକରଣ ଭାରପ୍ରାପ୍ତ ଅଧ୍ୟକ୍ଷ ମହୋନ ରାଓ ଦୋରା ଅଧ୍ୟକ୍ଷତା କରି ଆଇନସେବା କର୍ତ୍ତୃପକ୍ଷ ଅଧିନିୟମ-୧୯୮୭, ଲୋକ ଅଦାଲତ, ମଧ୍ୟସ୍ଥତା, ସ୍ଥାୟୀ ଲୋକ ଅଦାଲତ (ଲୋକ ଉପଯୋଗୀ ସେବା), ନ୍ୟାୟ ସଂଯୋଗ ଏବଂ ଜାତୀୟ ଆଇନସେବା ପ୍ରାଧିକରଣର ନିଃଶୁଳ୍କ ନମ୍ବର-୧୫୧୦୦ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲା ଏବଂ ଦୌରାଜଜ୍ ତଥା ସ୍ୱତନ୍ତ୍ର ବିଚାରପତି (ପୋକ୍ସୋ), ବାଲେଶ୍ୱର ଇନ୍ଦିରା ପ୍ରିୟଦର୍ଶିନୀ, ଅତିରିକ୍ତ ବରିଷ୍ଠ ଦେୱାନୀ ବିଚାରପତି ବିନୟ କୁମାର ପାତ୍ର, ଚିଫ୍ ଲିଗାଲ୍ ଏଡ୍ ଡିଫେନ୍ସ କାଉନସେଲ, ବାଲେଶ୍ୱର ନଟଗୋପାଳ ପଣ୍ଡା, ଜିଲ୍ଲା କୋର୍ଟ ବାଲେଶ୍ୱରର ଅନ୍ୟାନ୍ୟ ବିଚାର ବିଭାଗୀୟ ଅଧିକାରୀମାନେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ୟାନେଲ୍ ଲୟର, ପାରାଲିଗାଲ୍ ସ୍ୱେଚ୍ଛାସେବୀ, ଅଙ୍ଗନବାଡ଼ି କର୍ମୀ, ବିଭିନ୍ନ ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାମାନେ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ଆଇନସେବା ପ୍ରାଧିକରଣର ଭାରପ୍ରାପ୍ତ ସଚିବ ସୀତୀକଣ୍ଠ ପ୍ରଧାନ ପରିଚାଳନା କରିବା ସହିତ ଜାତୀୟ ଆଇନସେବା ପ୍ରାଧିକରଣ ପ୍ରଣୟନ କରୁଥିବା ବିଭିନ୍ନ ଜନମଙ୍ଗଳକାରୀ ଯୋଜନା ତୃଣମୂଳ ସ୍ତରରେ ପହଞ୍ଚିବାରେ ଆଇନସେବା ପ୍ରାଧିକରଣର ବିଭିନ୍ନ ସକ୍ରିୟ ଅଂଶୀଦାର ଯଥା ପ୍ୟାନେଲ ଲୟର, ଲିଗାଲ୍ ଏଡ୍ ଡିଫେନ୍ସ କାଉନ୍ସେଲ୍ ଏବଂ ପାରାଲିଗାଲ୍ ସ୍ୱେଚ୍ଛାସେବୀଙ୍କ ଭୂମିକା ବାବଦରେ ଗୁରୁତ୍ୱାରୋପ କରିଥିଲେ।

## ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପକ୍ଷରୁ ଯୁବ ସମ୍ମିଳନୀ

ବାଲେଶ୍ୱର, ୯।୧୧(ସମିସ): ଆଜିର ଯୁବ ସମାଜ ଯେତେ ଅଧିକ ଶୃଙ୍ଖଳିତ ହେବେ ରାଷ୍ଟ୍ର ସେତିକି ସଂଗଠିତ ଓ ଶକ୍ତିଶାଳୀ ହେବ। ଶୃଙ୍ଖଳିତ ସମାଜ ଗଠନ କ୍ଷେତ୍ରରେ ଯୁବ ସମାଜର ଅଗ୍ରଣୀ ଭୂମିକା ରହିଛି। ଏହାକୁ




ଅନୁଭବ କରି ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ତାର ଶତାବ୍ଦୀ ବର୍ଷର ଦ୍ୱିତୀୟ କାର୍ଯ୍ୟକ୍ରମ ସ୍ୱରୂପ ଏହି ଯୁବ ସମ୍ମିଳନୀର ଆୟୋଜନ କରିଛି ବୋଲି ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ପୂର୍ବକ୍ଷେତ୍ର କାର୍ଯ୍ୟବାହ ଦୁର୍ଗାପ୍ରସାଦ ସାହୁ ମତପ୍ରକାଶ କରିଛନ୍ତି। ଆରଏସଏସ ବାଲେଶ୍ୱର ନଗର ତରଫରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶ୍ରୀ ସାହୁ ମୁଖ୍ୟବକ୍ତା ଭାବେ ଯୋଗଦେଇ ଯୁବକମାନେ ନିଜକୁ ଶୃଙ୍ଖଳିତ କରି ଏହି ସମାଜ ଜାଗରଣ କାର୍ଯ୍ୟରେ ନିଜକୁ ନିୟୋଜିତ କରନ୍ତୁ ବୋଲି ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମର ପ୍ରଥମ ସତ୍ରରେ ବାଲେଶ୍ୱର ସହ ବିଭାଗ କାର୍ଯ୍ୟବାହ ବରୁଣ ବନଛୋର ଯୋଗଦେଇ ୧୯୨୫ ବିଜୟା ଦଶମୀରେ ଡାକ୍ତର କେଶବ ବଳିରାମ ହେଡ଼ଗେୱାରଙ୍କ ଦ୍ୱାରା ପ୍ରତିଷ୍ଠା ହୋଇଥିବା ଏହି ସଂଗଠନ ଏବେ ବିଶାଳ ବଟବୃକ୍ଷରେ ପରିଣତ ହୋଇଛି। ଶତାବ୍ଦୀ ବର୍ଷରେ ସଂଘ ସମାଜର ଉତ୍ଥାନ ପାଇଁ ୫ ସୂତ୍ରୀ କାର୍ଯ୍ୟକ୍ରମ କୁଟୁମ୍ବ ପ୍ରବୋଧନ, ପର୍ଯ୍ୟାବରଣ ସଂରକ୍ଷଣ, ସ୍ୱଦେଶୀ ଦ୍ରବ୍ୟ ଓ ବିଚାର, ସାମାଜିକ ସମରସତା ଓ ନାଗରିକ କର୍ତ୍ତବ୍ୟବୋଧ ସମ୍ପର୍କରେ ସଂଘର ସ୍ୱୟଂସେବକମାନେ ବର୍ଷବ୍ୟାପୀ କାର୍ଯ୍ୟକ୍ରମ ଜାରି ରଖିବ ବୋଲି କହିଥିଲେ। ମଞ୍ଚରେ ବାଲେଶ୍ୱର ଜିଲ୍ଲାର କାର୍ଯ୍ୟବାହ ବିଜୟ କୁମାର ଦାସ ଉପସ୍ଥିତ ଥିଲେ। ଜିଲ୍ଲା ମହାବିଦ୍ୟାଳୟ ପ୍ରମୁଖ ହରିଚନ୍ଦନ ଦାସ, ବିଷ୍ଣୁପଦ ଦାସ ଓ ମନୋଜ ଖୁଣ୍ଟିଆ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ଜିଲ୍ଲାର ରେମୁଣା, ନୀଳଗିରି, ବାଲେଶ୍ୱର ନଗର ଓ ବାଲେଶ୍ୱର ସଦରରୁ ୫୦୦ରୁ ଉର୍ଦ୍ଧ ଯୁବକ ଯୋଗ ଦେଇଥିଲେ। ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ କ୍ରୀଡ଼ା, ବକ୍ତୃତା ଓ ସଙ୍ଗୀତ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## ଜିଆଇ ଟ୍ୟାଗ୍ ଶୂନ୍ୟ ବାଲେଶ୍ୱର ଜିଲ୍ଲା




ବାଲେଶ୍ୱର, ୯।୧୧(ସମିସ): ଜିଆଇ ଟ୍ୟାଗ୍ ଶୂନ୍ୟ ବାଲେଶ୍ୱର ଜିଲ୍ଲା। ଜିଆଇ ଟ୍ୟାଗ୍ ଠାରୁ ବହୁ ଦୂରରେ ବାଲେଶ୍ୱର। ମାତ୍ର ଏସବୁକୁ ଜିଆଇ ଟ୍ୟାଗ୍ ବା ସ୍ୱୀକୃତି ମିଳି ନାହିଁ। ଜିଲ୍ଲା ପ୍ରଶାସନ ପକ୍ଷରୁ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଅନେକ ସମୟରେ ଜଉକଣ୍ଢେଇକୁ ଜିଆଇ ଟ୍ୟାଗ୍ ନେଇ ଦାବି ଉଠିଥିବା ବେଳେ କୌଣସି ସୁଫଳ ମିଳିନାହିଁ। ତେବେ ଜିଆଇ ଟ୍ୟାଗ୍ ଅପେକ୍ଷାରେ ବାଲେଶ୍ୱର ଉତ୍ପାଦ। ସୂଚନାଯୋଗ୍ୟ, ବାଲେଶ୍ୱର ଜିଲ୍ଲାରେ ଜଉକଣ୍ଢେଇଠୁ ଆରମ୍ଭ କରି ନୀଳଗିରି ପଥର ବାସନ, ରେମୁଣା କଂସା ବାସନ, ଭୋଗରାଇ ସପ ମସିଣା, ବାଲିଆପାଳ ବାଲି ପାନ, ଗୁଡୁଦାର ପୋଡ଼ା ମାଟି (ଟେରାକୋଟା)ର କଳା ଘୋଡ଼ା, ବାଲେଶ୍ୱରୀ ଗଜା, ମାକେଡିଆ ଟସର ଶାଢ଼ୀ, ଗୋପୀନାଥଙ୍କ କ୍ଷୀର ଭୋଗ ଆଦି ବେଶ୍ ପରିଚିତ। ପ୍ରକାଶ ଥାଉକି, ଡାଇରେକ୍ଟୋରେଟ ଅଫ୍ ଏକ୍ସପୋର୍ଟ ପ୍ରମୋସନ ଆଣ୍ଡ ମାର୍କେଟିଂ (ଡିଇପିଏମ୍) ଦ୍ୱାରା ରେଜିଂ ଏଣ୍ଡ ଅକ୍ସଲେରେଟିଂ ଏମଏସଏମଇ ପରଫରମାନ୍ସ (ରାମ୍ପ)" କାର୍ଯ୍ୟକ୍ରମ ଅଧୀନରେ ଜିଆଇ-ଟ୍ୟାଗ୍ ପ୍ରୋଡକ୍ଟସ୍ ଓ ଅନୁମୋଦିତ ଜିଆଇ ୟୁଜର ସର୍ଟିଫିକେସନ ବିଷୟରେ ଏକ କାର୍ଯ୍ୟଶାଳା ବାଲେଶ୍ୱର ଚାମ୍ବର ଅଫ୍ ଇଣ୍ଡଷ୍ଟ୍ରିଜ୍ ଏଣ୍ଡ କମର୍ସ (ବିସିଆଇସି)ରେ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଡିଇପିଏମ ସଂଯୁକ୍ତ ନିର୍ଦ୍ଦେଶକ ପ୍ରଭାକର ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହା ପରେ ବିସିଆଇସି ଅଧ୍ୟକ୍ଷ ସଞ୍ଜୟ ଦାସ ଓ ଡି. ଟୁଡୁ, ସହ ନିର୍ଦ୍ଦେଶକ (ହ୍ୟାଣ୍ଡିକ୍ରାଫ୍ଟସ୍) ଡି. ଟୁଡୁ ଅଭିଭାଷଣ ରଖିଥିଲେ। ଓଡିଶା ରାଜ୍ୟ ଜିଆଇ ପରାମର୍ଶଦାତା ଡା. ଅନିତା ସାବତ ମୁଖ୍ୟ ଅଧିବେଶନରେ ଜିଆଇ ଟ୍ୟାଗିଂର ଗୁରୁତ୍ୱ, ଶିଳ୍ପୀ ଓ ସ୍ଥାନୀୟ ଉଦ୍ୟମୀଙ୍କ ପାଇଁ ଏହାର ଲାଭ ଓ ଅନୁମୋଦିତ ଜିଆଇ ୟୁଜର ସର୍ଟିଫିକେସନ ପାଇବା ପ୍ରକ୍ରିୟା ବିଷୟରେ ଆଲୋଚନା କରିଥିଲେ। ଶିଳ୍ପୀ କେଶୁ ଦାସ ମଧ୍ୟ କାର୍ଯ୍ୟକ୍ରମରେ ଉପସ୍ଥିତ ହୋଇ ନିଜ ଅଭିଜ୍ଞତା ସମ୍ପର୍କରେ ବାର୍ତ୍ତା ପ୍ରଦାନ କରିଥିଲେ। ଏହି କାର୍ଯ୍ୟଶାଳା ବାଲେଶ୍ୱର ଜିଲ୍ଲାରେ ଜିଆଇ ଟ୍ୟାଗ୍ ପ୍ରୋଡକ୍ଟସ୍ ବିଷୟରେ ସଚେତନତା ବୃଦ୍ଧି କରିବା ଓ ରାମ୍ପ ପରିକଳ୍ପନା ଅଧୀନରେ ସ୍ଥାନୀୟ ଶିଳ୍ପୀ ଓ ଉଦ୍ୟମୀଙ୍କ ପାଇଁ ସୁଦୃଢ଼ ଭିତ୍ତି ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚ ଥିଲା।

## ୧୩ରେ ନୀଳଗିରିରେ ରାଜ୍ୟସ୍ତରୀୟ ବିଶେଷ ପଦଯାତ୍ରା

ବାଲେଶ୍ୱର, ୯।୧୧(ସମିସ): ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ଅବସରରେ ଦେଶବ୍ୟାପୀ ଭାବେ 'ଏକତା ପଦଯାତ୍ରା' କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ବାଲେଶ୍ୱର ଜିଲ୍ଲାର ଏହାର ଶୁଭାରମ୍ଭ ଅକ୍ଟୋବର ୩୧ ତାରିଖରେ ଆଇଟିଆଇ ଛକସ୍ଥିତ ଇଣ୍ଡୋର ହଲ୍‌ରୁ ଏକ ପଦଯାତ୍ରା ମାଧ୍ୟମରେ ହୋଇଥିଲା। ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ଅବସରରେ ପ୍ରଥମ ପର୍ଯ୍ୟାୟରେ ବାଲେଶ୍ୱରର ନୀଳଗିରିରେ ରାଜ୍ୟସ୍ତରୀୟ ବିଶେଷ ପଦଯାତ୍ରା ୧୩ ତାରିଖରେ ଆୟୋଜିତ ହେବ। ଏହାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନ କରିବେ ବୋଲି ଜିଲ୍ଲା ପ୍ରଶାସନର କ୍ରୀଡ଼ା ବିଭାଗ ପକ୍ଷରୁ ଆଜି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ସୂଚନା ପ୍ରଦାନ କରିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଏବଂ ଏସ୍‌ପି ପ୍ରତ୍ୟୁଷ ଦିବାକର ଉପସ୍ଥିତ ଥିଲେ। ଭାରତ ସରକାରଙ୍କ ନିର୍ଦ୍ଦେଶାନୁସାରେ ପ୍ରତ୍ୟେକ ସଂସଦୀୟ କ୍ଷେତ୍ରରେ ତିନୋଟି ପଦଯାତ୍ରା ଆୟୋଜିତ ହେବାର କାର୍ଯ୍ୟକ୍ରମ ରହିଥିବା ବେଳେ ବାଲେଶ୍ୱର ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ନୀଳଗିରି, ବାଲେଶ୍ୱର ସଦର ଓ ଭୋଗରାଇରେ ହେବ। ଏହାବ୍ୟତୀତ ଭଦ୍ରକ ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ସିମୁଳିଆରେ ଏହି ପଦଯାତ୍ରା ଆୟୋଜିତ ହେବ। ନୀଳଗିରିରେ ରାଜ୍ୟ ସ୍ତରୀୟ ବିଶେଷ ପଦଯାତ୍ରା ୧୩ ନଭେମ୍ବରରେ ଆୟୋଜିତ ହେବା ସହିତ ଏହାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦଘାଟନ କରିବେ। ପଦଯାତ୍ରା ନୀଳଗିରି ଠାରେ ପ୍ରାରମ୍ଭ ହୋଇ ମିତ୍ରପୁର ପର୍ଯ୍ୟନ୍ତ ଯିବ। ପ୍ରତି ୨.୫ କିଲୋମିଟର ବ୍ୟବଧାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବ। ସେହିପରି ଦ୍ୱିତୀୟ ପର୍ଯ୍ୟାୟର ପଦଯାତ୍ରା ୧୮ ନଭେମ୍ବରରେ ଭୋଗରାଇ ଚନ୍ଦନେଶ୍ୱରଠାରେ ଆରମ୍ଭ ହୋଇ ବଗଡା ହାଇସ୍କୁଲ, ନଗୁଆ ପାନ ବଜାର ଦେଇ ଯିବ ଏବଂ ଥାନା ଛକ ଠାରେ ସମାପ୍ତ ହେବ। ତୃତୀୟ ପର୍ଯ୍ୟାୟର ପଦଯାତ୍ରା ୨୧ ନଭେମ୍ବରରେ ବାଲେଶ୍ୱର ସଦର ମହକୁମାରେ ହେବ।

## ଫକୀରମୋହନ ସାହିତ୍ୟ ପରିଷଦର ସାଧାରଣ ସଭା



ବାଲେଶ୍ୱର, ୯।୧୧(ସମିସ): କବିତୀର୍ଥ ଶାନ୍ତିକାନନରେ ଫକୀରମୋହନ ସାହିତ୍ୟ ପରିଷଦର ବାର୍ଷିକ ସାଧାରଣ ସଭା ପରିଷଦ ସଭାପତି ଡ. ସୁବାସ ଚନ୍ଦ୍ର ପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ବରିଷ୍ଠ ସଦସ୍ୟ ଶରତ ଦାଶଙ୍କ ସମେତ ସଭାପତି ଡ. ସୁବାସ ଚନ୍ଦ୍ର ପାତ୍ର ସମ୍ପାଦକ ଡ. ରତ୍ନାକର ସିଂହ ଉପ ସଭାପତି ଦୀନବନ୍ଧୁ ଲେଙ୍କା କୋଷାଧ୍ୟକ୍ଷ ତପନ ରାୟ, ଯୁଗ୍ମ ସମ୍ପାଦିକା କଲ୍ୟାଣୀ ନନ୍ଦ, ସଦସ୍ୟା ଯଶୋଧାରା ଦାସ, ସଦସ୍ୟ ପ୍ରଦୀପ ଚାଟାର୍ଜୀ ଫକୀରମୋହନଙ୍କ ଠାରେ ପୁଷ୍ପଅର୍ଘ୍ୟ ପ୍ରଦାନ କରିଥିଲେ। ପରେ ଦିବଙ୍ଗତ ସଦସ୍ୟମାନଙ୍କ ପ୍ରତି ଏକ ମିନିଟ ନୀରବ ପ୍ରାର୍ଥନା ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ସଭାପତିଙ୍କ ପ୍ରାକ ସୂଚନା ପରେ ସମ୍ପାଦକ ଡ.ରତ୍ନାକର ସିଂହ ଗତ ବର୍ଷର ସାଧାରଣ ସଭାର ବିବରଣୀ ପାଠ କରିବା ସହ ନିର୍ବାଚିତ କାର୍ଯ୍ୟନିର୍ବାହୀ ପରିଷଦର ଏକ ବର୍ଷର ବାର୍ଷିକ ବିବରଣୀ ମଧ୍ୟ ପାଠ କରିଥିଲେ। ଏହାପରେ ପରିଷଦର ଉନ୍ନତି ପାଇଁ ଗଠନ ମୂଳକ ପ୍ରସ୍ତାବ ଡ. ହରିଶ୍ଚନ୍ଦ୍ର ବେହେରା, ଡ. ରାଧାରଞ୍ଜନ ପଟ୍ଟନାୟକ, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ଅଧ୍ୟାପକ ଅନିରୁଦ୍ଧ ବେହେରା, ଶରତ ଚନ୍ଦ୍ର ଦାଶ, ପୁରୁଷୋତ୍ତମ ବିଶ୍ୱାଳ, କାଳିପଦ ପଣ୍ଡା, ବରିଷ୍ଠ ଆଇନଜୀବୀ ମନୋଜ ନାୟକ, ଆଇନଜୀବୀ ଉତ୍ପଳ ମହାନ୍ତି, ସନ୍ନ୍ୟାସୀ ବେହେରା, କବି ବିମଳ ଜେନା, ଜିତେନ୍ଦ୍ର ଉପାଧ୍ୟାୟ, ସୁଧାକର ସେଠୀ ଓ ଆଇନଜୀବୀ ମହମ୍ମଦ ଇସଲାମ ପ୍ରମୁଖ ମତ ରଖିଥିଲେ। ନୂତନ ସଦସ୍ୟ ମାନଙ୍କୁ ସ୍ୱାଗତ ସହ ସେମାନଙ୍କର ନାମ ସର୍ବସମ୍ମୁଖରେ ସମ୍ପାଦକ ପାଠ କରିଥିଲେ। ଯୁଗ୍ମ ସମ୍ପାଦିକା କଲ୍ୟାଣୀ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

# ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ବାଲେଶ୍ୱରକୁ ସରକାରୀ ଅବହେଳା

ବାଲେଶ୍ୱର, ୯।୧୧(ସମିସ)



**● ଉନ୍ନତ ଚିକିତ୍ସା ସେବା ନ ପାଇ ରୋଗୀ ହତାଶ**

**● ଆସନ୍ତା ବିଧାନସଭା ଅଧିବେଶନରେ ରାଜଧାନୀରେ ଗଣଧାରଣା ନିଷ୍ପତ୍ତି**

ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ବାଲେଶ୍ୱର ଜିଲ୍ଲାକୁ ସରକାରୀ ଅବହେଳା ସଂପର୍କରେ ମେଡିକାଲ୍ କଲେଜ୍ ପ୍ରତିଷ୍ଠା କ୍ରିୟାନୁଷ୍ଠାନ ପକ୍ଷରୁ ଆହୁତ ପ୍ରମୁଖ ସାମାଜିକ ସଂଗଠନ ଓ ଗଣସଂଗଠନମାନଙ୍କ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଛି। କ୍ରିୟାନୁଷ୍ଠାନ କମିଟି ସଭାପତି ନିରଞ୍ଜନ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସାଧାରଣ ସଂପାଦକ ପ୍ରଦୀପ ଦାସଙ୍କ ଏହି ଅଭିଯୋଗ ପ୍ରସ୍ତାବ ଉପରେ ବୈଠକରେ ବିଭିନ୍ନ ସଂଗଠନର ପ୍ରତିନିଧିମାନେ ଆଲୋଚନାରେ ଅଂଶଗ୍ରହଣ କରି ଅଭିଯୋଗ ଉପରେ ସହମତି ପ୍ରକାଶ କରିଥିଲେ।

ଫକୀରମୋହନ ମେଡିକାଲ୍ କଲେଜ୍ ହସ୍‌ପିଟାଲ୍ ସମେତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ଜିଲ୍ଲାର ସମସ୍ତ ସରକାରୀ ସ୍ୱାସ୍ଥ୍ୟସେବା କେନ୍ଦ୍ରମାନଙ୍କରେ ଆବଶ୍ୟକୀୟ ଡାକ୍ତର, ନର୍ସ ଓ ସ୍ୱାସ୍ଥ୍ୟକର୍ମୀ ପଦବୀଗୁଡ଼ିକ ବର୍ଷ ବର୍ଷ ଧରି ଖାଲିପଡ଼ିଛି। ମେଡିକାଲ୍ କଲେଜ୍‌ରେ ସମସ୍ତ ବିଭାଗରେ ପ୍ରଫେସର, ସହକାରୀ ପ୍ରଫେସର ପଦବୀ ପୂରଣ ହେଉନାହିଁ। ମେଡିକାଲ୍ କଲେଜ୍ ହସ୍‌ପିଟାଲରେ ଅନେକ ସମୟରେ ଲାଇଟ୍, ପାଣି, ଶୌଚାଳୟ, ଲିଫ୍ଟ ପ୍ରଭୃତି ଅଭାବରୁ ବହୁ ଗୋଗୀ ହତାଶ ହେଉଛନ୍ତି। ମେଡିକାଲ୍ କଲେଜ୍ ହସ୍‌ପିଟାଲକୁ ଆମ୍ବୁଲାନ୍ସଗୁଡ଼ିକ ଯିବା ଆସିବାରେ ରାସ୍ତାର ସଂକୀର୍ଣ୍ଣତା ଓ ଅବରୋଧ ପାଇଁ ବିଳମ୍ବ ହେଉଛି। ଜାତୀୟ ରାଜପଥରୁ ମେଡିକାଲ୍ କଲେଜ୍‌କୁ ପ୍ରସ୍ତାବିତ ସଂଯୋଗ ରାସ୍ତା ପାଇଁ କୋଟିକୋଟି ଟଙ୍କା ବ୍ୟୟରେ ଜମି ଅଧିଗ୍ରହଣ ପରେ ବି ରାସ୍ତାକାମ ଆରମ୍ଭ ହୋଇନାହିଁ। ମେଡିକାଲ୍ କଲେଜ୍‌ରେ ହୃଦ୍‌ରୋଗ, ସ୍ନାୟୁରୋଗ ଓ ମୁତ୍ରାଶୟଜନିତ ଗୁରୁତର ରୋଗର ବିଭାଗ ଖୋଲାଯାଇ ପାରୁନାହିଁ। ରାଜ୍ୟ ସରକାରଙ୍କୁ ବହୁବାର ଅଭିଯୋଗ କଲେ ବି କିଛି ସୁଫଳ ମିଳୁନାହିଁ। ସେହିପରି ଏମ୍ସ ସାଟେଲାଇଟ୍ ସେଣ୍ଟରର ସୁଉଚ୍ଚ ପ୍ରାସାଦ ନିର୍ମାଣ ହୋଇଛି କିନ୍ତୁ ଏହାର ବହିର୍ବିଭାଗ ସପ୍ତାହରେ ମାତ୍ର ଦୁଇଦିନ ଖୋଲୁଛି। ପରୀକ୍ଷା ନିରୀକ୍ଷା ପାଇଁ ସଠାରେ କୌଣସି ବ୍ୟବସ୍ଥା ନାହିଁ। ଚିକିତ୍ସା ପାଇଁ ଆସୁଥିବା ରୋଗୀମାନେ ହତାଶ ହେଉଛନ୍ତି। ଦିନକୁ ଦିନ ଏଠାରେ ରୋଗୀସଂଖ୍ୟା ହ୍ରାସ ପାଉଛି। ତେଣୁ ଏମ୍ସ ସାଟେଲାଇଟ୍ ସେଣ୍ଟର ଅନ୍ୟ ଜିଲ୍ଲାକୁ ସ୍ଥାନାନ୍ତର ହେବାର ଗୁଜବ ପ୍ରଚାର ହେଉଛି। ଅନ୍ୟପକ୍ଷରେ ଆୟୁଷ ହସପିଟାଲ୍ ନିର୍ମାଣ କାମ ମନ୍ଥର ଗତିରେ ଚାଲୁଥିଲାବେଳେ ନର୍ସିଂ କଲେଜ୍ ପ୍ରତିଷ୍ଠା କାଗଜପତ୍ରରେ ରହିଛି। ଦୀର୍ଘବର୍ଷ ଧରି କୃଷି ମହାବିଦ୍ୟାଳୟ ପାଇଁ ବାଲେଶ୍ୱରବାସୀଙ୍କ ଦାବି ଥିବାବେଳେ ଅନ୍ୟ ଜିଲ୍ଲାରେ ଏହି କୃଷି ଶିକ୍ଷାନୁଷ୍ଠାନ ଖୋଲିବା ଘୋଷଣା ବାଲେଶ୍ୱରବାସୀଙ୍କୁ ବିସ୍ମିତ କରିଛି। ବାଲେଶ୍ୱର ଜିଲ୍ଲା ସର୍ବଦା ବିକାଶ କ୍ଷେତ୍ରରେ ଅବହେଳାର ଶିକାର ହେଉଛି। ଆସନ୍ତା ଡିସେମ୍ବର ୧୪ ତାରିଖରେ କ୍ରିୟାନୁଷ୍ଠାନ କମିଟିର ଜିଲ୍ଲା ସମ୍ମିଳନୀରେ ଏହିସବୁ ସମସ୍ୟା ନେଇ ବିଷଦ ଆଲୋଚନା ପରେ ଆସନ୍ତା ବିଧାନସଭା ଅଧିବେଶନ ସମୟରେ ରାଜଧାନୀ ଭୁବନେଶ୍ୱରରେ ଗଣଧାରଣା ପାଇଁ ପ୍ରସ୍ତାବ ଗୃହୀତ ହୋଇଛି। ଏଥିପାଇଁ ବ୍ଲକ୍ ଓ ପଞ୍ଚାୟତ ସ୍ତରରେ ଥିବା ଶାଖା କମିଟି ଏବଂ ବିଭିନ୍ନ ଗଣସଂଗଠନ ନିଜସ୍ୱ ବୈଠକରେ ଜନସାଧାରଣଙ୍କ ଦାବି ଓ ସରକାରୀ ଅବହେଳା ସମ୍ପର୍କରେ ପ୍ରସ୍ତାବ ଗ୍ରହଣ କରିବାକୁ ବୈଠକରେ ଆହ୍ୱାନ ଦିଆଯାଇଛି। ଏହି ବୈଠକରେ ବିଭିନ୍ନ ସଂଗଠନ ଓ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ବିପ୍ଳବ କୁମାର ମହାନ୍ତି, ଦାମୋଦର ନାୟକ, ଅର୍ଚ୍ଚନା ନନ୍ଦୀ, ଡ. କେଶବ ଚରଣ ପଣ୍ଡା, ଦେବାଶିଷ ମହାନ୍ତି, ଡ. କ୍ଷିତୀଶ୍ୱର ଦାଶ, ମହେଶ୍ୱର ବେହେରା, ରାଜକିଶୋର ଲେଙ୍କା, ରମେଶ ଚନ୍ଦ୍ର ଜେନା, ପ୍ରଭାସ ଚନ୍ଦ୍ର ପ୍ରଧାନ, ନିରଞ୍ଜନ ରାଉତ, ଡା. ତାରାକାନ୍ତ ନନ୍ଦ, ଶ୍ୟାମସୁନ୍ଦର ଜେନା, ଅଭୟ ଚନ୍ଦ୍ର ମିଶ୍ର, ବିରେନ୍ଦ୍ର ପ୍ରହରାଜ, ମମତା ଦାସ, ସଚୀନ୍ଦ୍ର ଦାସ, ଆଇନଜୀବୀ କେଶବ କୁମାର ଆଚାର୍ଯ୍ୟ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଗୌରାଙ୍ଗ ପାଣିଗ୍ରାହୀ ଆଗାମୀ ଆନ୍ଦୋଳନ ପାଇଁ ଆଗତ କରିଥିବା ପ୍ରସ୍ତାବ ସର୍ବସମ୍ମତିକ୍ରମେ ଗୃହୀତ ହୋଇଥିଲା। ଶ୍ୟାମସୁନ୍ଦର ଜେନା ଧନ୍ୟବାଦ ଦେଇଥିଲେ।

## ବ୍ଲକ୍‌ସ୍ତରୀୟ ନୃତ୍ୟ ପ୍ରତିଯୋଗିତା ଉଦ୍‌ଯାପିତ



ରାଜନଗର,୯।୧୧(ସମିସ): ରାଜନଗର ବ୍ଲକ୍ ସଦର ମହକୁମାସ୍ଥ କାର୍ତ୍ତିକେଶ୍ୱର ପୂଜା କମିଟି ପକ୍ଷରୁ ତିନିଦିନ ଧରି ଚାଲିଥିବା ବ୍ଲକସ୍ତରୀୟ ନୃତ୍ୟ ପ୍ରତିଯୋଗିତା ଉଦ୍‌ଯାପନୀ ହୋଇଯାଇଛି। ମୁଖ୍ୟଅତିଥି ଭାବେ ମହିମା ଧର୍ମର ସାଧୁ ପରୀକ୍ଷିତ ଦାସ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରତିଭା ପାତ୍ର, ସମ୍ମାନିତ ଅତିଥି ଭାବେ ରାଜନଗର ପଞ୍ଚାୟତ ସମିତି ସଭ୍ୟ ସୁମିତ୍ରା ସେଠୀ ଯୋଗଦେଇ ଓଡ଼ିଶା ସିନେମା କଳାକାର ସନ୍ତୋଷ ରାଉତଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ବିଚାରକ ଭାବେ ରାମଚନ୍ଦ୍ର ବାରିକ, ରୀତା ସେଠୀ, ଶତ୍ରୁଘ୍ନ ତରାଇ, ରବୀନ୍ଦ୍ର ନାଥଶର୍ମା, ପ୍ରଫୁଲ୍ଲ ଦାସ, ବିଶ୍ୱମୋହିନୀ ଦାସ ପ୍ରମୁଖ ଯୋଗଦେଇ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା କଳାକାରଙ୍କୁ ଚୟନ କରିଥିଲେ। ଏହି ନୃତ୍ୟ ପ୍ରତିଯୋଗିତାରେ ବ୍ଲକର ୫୦ରୁ ଅଧିକ ନୃତ୍ୟଶିଳ୍ପୀ ଭାଗ ନେଇଥିଲେ। ଜୁନିୟର ବିଭାଗରେ ସାକ୍ଷୀ ପରିଡ଼ା ପ୍ରଥମ, ସ୍ୱପ୍ନପ୍ରଭା ମହାରଣା ଦ୍ୱିତୀୟ, ପ୍ରତିଜ୍ଞା ପ୍ରଧାନ ତୃତୀୟ ସ୍ଥାନ ଅଧିକାର କରିଥିବାବେଳେ ସିନିୟର ବିଭାଗରେ ବୈଶାଳୀ ଜେନା ପ୍ରଥମ, ରୋଜାଲିନା ବିଶାଳ ଦ୍ୱିତୀୟ, ଯାଜ୍ଞସେନୀ ସେଠୀ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଅତିଥିଙ୍କ ଦ୍ୱାରା କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସଭାପତି ବିକାଶ ସେଠୀ, ସମ୍ପାଦକ ଅଜୟ ସେଠୀ ପରିଚାଳନା କରିଥିଲେ। ଦେବଦତ୍ତ ସେଠୀ ମଞ୍ଚ ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

## ଶ୍ରମ ନିୟମ ମାନୁନି ଠିକା ସଂସ୍ଥା

# ବିପଦପୂର୍ଣ୍ଣ ଅବସ୍ଥାରେ ହେଉଛି ନିର୍ମାଣ କାମ

ଆଳି, ୯।୧୧(ସମିସ)

କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ୍ ଅନ୍ତର୍ଗତ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ନିର୍ମାଣ କାମ ହେଉଛି। ଏଠାରେ ଠିକା ସଂସ୍ଥା ସରକାରଙ୍କ ଶ୍ରମିକ ଆଇନକୁ ଖୁଲମଖୁଲା ଉଲ୍ଲଙ୍ଘନ କରି ବିପଦପୂର୍ଣ୍ଣ ଭାବେ ଶ୍ରମିକଙ୍କଠାରୁ କାମ ଆଦାୟ କରୁଛି। ଏହା ପୂର୍ବରୁ ଠିକାଦାରଙ୍କ ଏପରି ଆଇନ ଉଲ୍ଲଙ୍ଘନ କାର୍ଯ୍ୟ ଖବରକାଗଜରେ ପ୍ରକାଶ ପାଇଥିଲେ ମଧ୍ୟ ବିଭିନ୍ନ ସ୍ଥାନରେ ଠିକାଦାର ଶ୍ରମିକଙ୍କ ପ୍ରତି ଏପରି ଦାୟିତ୍ୱହୀନ କାର୍ଯ୍ୟ କରିଆସୁଛନ୍ତି।

ଆଳି ସ୍ୱାସ୍ଥ୍ୟକେନ୍ଦ୍ରରେ ନୂତନ ଭାବେ ନିର୍ମାଣ ହେଉଥିବା ସ୍ୱାସ୍ଥ୍ୟକେନ୍ଦ୍ର ଗୃହ କାର୍ଯ୍ୟ କରୁଥିବା ସମ୍ପୃକ୍ତ ଠିକାଦାର ବିନା ସୁରକ୍ଷା ଉପକରଣରେ ବିପଦପୂର୍ଣ୍ଣ ଭାବେ ଶ୍ରମିକଙ୍କୁ କାମ କରାଉଥିବା ନେଇ ଦେଖିବାକୁ ମିଳିଛି। ଏପରିକି ଶ୍ରମିକଙ୍କ ସୁରକ୍ଷା ପାଇଁ ଜୋତା, ହେଲମେଣ୍ଟ, ଗ୍ଲୋବସ, ସୁରକ୍ଷା ବେଲ୍ଟ ଓ ରେଡିୟମ ଲାଗିଥିବା ବସ୍ତ୍ର ବ୍ୟବହାର କରାଯାଉନାହିଁ। ଶ୍ରମିକଙ୍କ ସୁରକ୍ଷା ଦୃଷ୍ଟିକୋଣରୁ ରାଜ୍ୟ ସରକାର ଏସବୁ



ସୁରକ୍ଷା ଉପକରଣ ବ୍ୟବହାର କରିବା ପାଇଁ ସ୍ୱତନ୍ତ୍ର ନିୟମ ପ୍ରଣୟନ କରିଛନ୍ତି। କିନ୍ତୁ ଏଠାରେ ବିନା ସୁରକ୍ଷା ଉପକରଣରେ କାର୍ଯ୍ୟ କରୁଛନ୍ତି ଶହ ଶହ ଶ୍ରମିକ। ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ସୁରକ୍ଷା ଅଧିକାରୀଙ୍କ ନଜର ନାହିଁ ନା ଠିକାଦାରଙ୍କ ଠୁ ପିସି ଖାଇ ଶ୍ରମିକଙ୍କୁ ବିପଦ ମୁହଁକୁ ଠେଲି ଦେଇ ନିଦାବିଷ୍ଟ ସାଜିଥିବା ଅଭିଯୋଗ ହେଉଛି। ଶ୍ରମିକଙ୍କ ସୁରକ୍ଷା ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ନୈତିକ ଦାୟିତ୍ୱ। ଏ ନେଇ କାର୍ଯ୍ୟ କରୁଥିବା ସଂସ୍ଥାର ବିଭାଗୀୟ ଅଧିକାରୀ କୌଣସି ଉତ୍ତର ନ ଦେଇ ଚାଲିଯାଇଥିଲେ। ଯାହାକୁ ନେଇ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଉଥିବାବେଳେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ତେବେ ଶ୍ରମ ବିଭାଗ ଆଇନ ଉଲ୍ଲଙ୍ଘନ କରୁଥିବା ଠିକାଦାରଙ୍କ ଉପରେ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି, ତାହା ଦେଖିବାକୁ ବାକି ରହିଛି।

## ଗହୀରମଥାରୁ ଟ୍ରଲର ଜବତ; ୯ ମତ୍ସ୍ୟଜୀବୀ ଗିରଫ

ରାଜନଗର,୯।୧୧(ସମିସ): ଗହୀରମଥା ସାମୁଦ୍ରିକ ନିଷିଦ୍ଧାଞ୍ଚଳରେ ବେଆଇନ ଭାବେ ମାଛ ମାରୁଥିବାବେଳେ ବନ ବିଭାଗ ପାଟ୍ରୋଲିଂ ଟିମ ଗୋଟିଏ ଟ୍ରଲର ଜବତ କରିବା ସହ ଏଥିରେ ଥିବା ୯ ଜଣ ମତ୍ସ୍ୟଜୀବୀଙ୍କୁ ଗିରଫ କରିଛି। ଗହୀରମଥା ଦାୟିତ୍ୱରେ ଥିବା ଏସିଏଫ ମାନସ ଦାସଙ୍କ ନିର୍ଦ୍ଦେଶକ୍ରମେ ଡେପୁଟି ରେଞ୍ଜର କପିଳେନ୍ଦ୍ର ପ୍ରଧାନ, ଫରେଷ୍ଟର ମହନ୍ତ କୁମାର ମଲ୍ଲିକଙ୍କ ନେତୃତ୍ୱରେ ବନ ବିଭାଗ ପାଟ୍ରୋଲିଂ ଟିମ ଗହୀରମଥାର ବରୁଣେଇ ନିକଟରେ ଦୈତ୍ୟ ନାମକ ଟ୍ରଲରକୁ ଜବତ କରିଥିଲେ। ଜବତ ଟ୍ରଲରରୁ ୩୦ କେଜି ମାଛ, ୧ଟି ଜିପିଏସ,୨ଟି ଭିଏଚ୍‌ଏଫ, ୧ଟି ଫିସଫାଇଣ୍ଡର, ଟ୍ରଲିଂ ନେଟ ୧୦ଟି ଜବତ କରାଯାଇଛି। ଟ୍ରଲରରେ ଥିବା ମତ୍ସ୍ୟଜୀବୀ ନରେନ ମାଝୀ, ସୁରେଶ ମାଝୀ, ଯୁଷ୍ଠିଧର ଖଟୁଆ, ସୁଦର୍ଶନ ମଲିକ, ମକରା ତରାଇ, ଅଜୟ ବେହେରା, ଗୟାଧର ଦାସ, ନିରଞ୍ଜନ ଖଟୁଆ, କମଳାକାନ୍ତ ମଲିକ ପ୍ରମୁଖ ୯ ଜଣ ମତ୍ସ୍ୟଜୀବୀଙ୍କୁ ଗିରଫ କରାଯାଇ ବନ୍ୟ ପ୍ରାଣୀ ଆଇନ ୧୯୭୨ରେ ମୋକଦମା ରୁଜୁ କରି କୋର୍ଟ ଚାଲାଣ କରାଯାଇଥିବା ନେଇ ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଗିରଫ ମତ୍ସ୍ୟଜୀବୀ ବାଲେଶ୍ୱର ଜିଲ୍ଲାର ବୋଲି ଜଣାପଡ଼ିଛି।

## ଦଳ ଭର୍ତ୍ତି ପାଟନାଳିରୁ ମିଳିଲା ଆୟୁଷ୍ମାନ କାର୍ଡ



ମହାକାଳପଡ଼ା, ୯।୧୧(ସମିସ): ହିତାଧିକାରୀଙ୍କ ନିକଟରେ ନ ପହଞ୍ଚି ଦଳ ଭର୍ତ୍ତି ପାଟନାଳିରୁ ଉଦ୍ଧାର ହୋଇଛି ପୁଳା ପୁଳା ଆୟୁଷ୍ମାନ କାର୍ଡ। ଗ୍ରାମର କିଛି ଯୁବକ ପାଟନାଳିରୁ ଦଳ କାଢ଼ି ମାଛ ଧରୁଥିବାବେଳେ କାଦୁଅ ଭିତରୁ ମିଳିଛି ଆୟୁଷ୍ମାନ କାର୍ଡ। ହିତାଧିକାରୀ ଆୟୁଷ୍ମାନ କାର୍ଡ ପାଇବା ପାଇଁ ଦୀର୍ଘଦିନ ଅପେକ୍ଷା କରି ରହିଥିବାବେଳେ ପାଟନାଳିରୁ କାର୍ଡ ମିଳିବା ଘଟଣା ହିତାଧିକାରୀଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକ୍ ରାଜଗଡ଼ ପଞ୍ଚାୟତ ୯ ନଂ ଓ ୧୦ନଂ ୱାର୍ଡର ହିତାଧିକାରୀଙ୍କ ଆୟୁଷ୍ମାନ କାର୍ଡ ମିଳିଛି ଏକ ପାଟନାଳିରୁ। ତାହା ପୁଣି ଯୁବକମାନେ ମାଛ ଧରୁଥିବାବେଳେ। ଅଳାଇଲୋ ପଞ୍ଚାୟତ ବବକରପୁର ଗ୍ରାମର ଏକ ପାଟନାଳିରୁ ରାଜଗଡ଼ ପଞ୍ଚାୟତ ୯ ଓ ୧୦ ନମ୍ବର ୱାର୍ଡ ହିତାଧିକାରୀଙ୍କ ୩୧ଟି ଆୟୁଷ୍ମାନ କାର୍ଡ ମିଳିଛି। ବବକରପୁର ଗ୍ରାମର କିଛି ଯୁବକ ପାଟନାଳିକୁ ଶୁଖାଇ ମାଛ ଧରୁଥିବା ସମୟରେ ଏହି ଆୟୁଷ୍ମାନ କାର୍ଡ ପାଇଛନ୍ତି। ଯେଉଁ ହିତାଧିକାରୀଙ୍କ ଆୟୁଷ୍ମାନ କାର୍ଡ ଯୁବକମାନେ ପାଇଥିଲେ ସେମାନଙ୍କୁ ଡାକି ସେମାନଙ୍କ ଆୟୁଷ୍ମାନ କାର୍ଡ ବାଣ୍ଟି ଦେଇଥିବା ସୁଚନା ମିଳିଛି। ହିତାଧିକାରୀଙ୍କୁ ଦିଆ ନ ଯାଇ ଆୟୁଷ୍ମାନ କାର୍ଡ ପାଟନାଳି କାଦୁଅରୁ ମିଳିବା ଘଟଣାକୁ ଜିଲ୍ଲା ପ୍ରଶାସନ ତଦନ୍ତ କରି କିଏ ଓ କେଉଁ ପରିସ୍ଥିତିରେ ପାଟନାଳିକୁ କାର୍ଡ ଫୋପାଡିଲା ଘଟଣାର ପର୍ଦ୍ଦାଫାସ କରିବା ସହ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।

## ଧର୍ମ ସମ୍ମିଳନୀର ଆଜ୍ଞାମାଳ ଉତ୍ସବ ପ୍ରସ୍ତୁତି ବୈଠକ

ରାଜନଗର, ୯।୧୧(ସମିସ): ଗୁପ୍ତିଠାରେ ଆସନ୍ତାବର୍ଷ ହେବାକୁ ଥିବା ଜଗତଗୁରୁ ଠାକୁର ଶ୍ରୀଶ୍ରୀ ଅଭିରାମ ପରମହଂସ ଦେବଙ୍କ ଆଞ୍ଚଳିକ ଭକ୍ତ ଗୋଷ୍ଠୀର ୫୬ତମ ଧର୍ମ ସମ୍ମିଳନୀ ପାଇଁ ଆଜ୍ଞାମାଳ ଉତ୍ସବ ପ୍ରସ୍ତୁତି ବୈଠକ ମା' ମାଟିଆ ମଙ୍ଗଳାଙ୍କ ପୀଠରେ ଅନୁଷ୍ଠିତ ହୋଇଛି।



ରାଜନଗର ଆଞ୍ଚଳିକ ଭକ୍ତ ଗୋଷ୍ଠୀ ସଭାପତି ଦିବାକର ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କରମଳା ଶାନ୍ତି ଧାମ ଆଶ୍ରମ ବାବାଜୀ ଭୀମସେନ ଦାସ, ବାବାଜୀ ସୁଧାନନ୍ଦ ଦାସ, ବାବାଜୀ ଆନନ୍ଦ ଚନ୍ଦ୍ର ଦାସ, ବାବାଜୀ ଆଶାରାମ ଦାସ ଯୋଗଦେଇ ଆଶୀର୍ବାଚନ ସହ ଅନୁଷ୍ଠାନର ଶୁଭ କାମନା କରିଥିଲେ। ଏଥିରେ ଗୁପ୍ତି ପଞ୍ଚାୟତର ଅଧିବାସୀ, ରାଜନଗର ବ୍ଲକ୍‌ର ନେତୃମଣ୍ଡଳୀ ଓ ଶ୍ରଦ୍ଧାଳୁ ଯୋଗଦେଇଥିଲେ। ସେବକ ଅଭୟ ଦାସ ସଂଯୋଜନା କରିଥିବାବେଳେ ସଙ୍ଘର ଉପସଭାପତି ଅଭିରାମ ମହାନ୍ତି, ସମ୍ପାଦକ ଗୋଲେଖ ରାଉତ, ଯାମିନୀକାନ୍ତ ସାହୁ, ଦୁଃଶାସନ ନାୟକ ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ।

## ମାର୍ଶାଘାଇ ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ

ମାର୍ଶାଘାଇ, ୯।୧୧(ସମିସ): ମାର୍ଶାଘାଇ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷ ଗାନ୍ଧୀ ଭବନ ପରିସରରେ ଅଧ୍ୟକ୍ଷ ପ୍ରଫେସର ଡ. ଶଶୀକାନ୍ତ ନାୟକଙ୍କ ସଭାପତିତ୍ୱରେ ୪୬ତମ ପ୍ରତିଷ୍ଠା ଦିବସ ଉତ୍ସବ ପାଳିତ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟବକ୍ତା ଭାବେ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ନନ୍ଦକିଶୋର ପରିଡ଼ା ଯୋଗଦେଇ ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ ପ୍ରତିଟି ବ୍ୟକ୍ତି ପାଇଁ ଆତ୍ମଚିନ୍ତନ, ଆତ୍ମସମୀକ୍ଷା, ପ୍ରତିଜ୍ଞାର ଦିବସ ହୋଇଥିବାବେଳେ ପୂର୍ବସୂରୀଙ୍କ ତ୍ୟାଗ, ଶ୍ରମ, ଅବଦାନ ପ୍ରତି କୃତଜ୍ଞତା ଜ୍ଞାପନ ମୁଖ୍ୟ ଆଧାର। ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ପ୍ରଣୟ ପରିଜା, ପ୍ରଶାନ୍ତ ଦାଶ, ସୁରେନ୍ଦ୍ର ପଣ୍ଡା, ଡ. ସଦାନନ୍ଦ ବାରିକ, ଡ. ପ୍ରମୋଦ ଦାସ, ଡ. ରାମଚନ୍ଦ୍ର ପଲାଇ, ଡ. ଅଶୋକ ବେଉରା, ମଧୁସୂଦନ ବେହେରା ପ୍ରମୁଖ ଅତିଥି ଭାବେ ଯୋଗଦେଇ ମହାବିଦ୍ୟାଳୟର ୪୬ ବର୍ଷର ସ୍ମୃତିଚାରଣ କରିଥିଲେ। ମହାବିଦ୍ୟାଳୟ ପ୍ରତିଷ୍ଠା କମିଟି ସଂଯୋଜକ ପ୍ରାଧ୍ୟାପକ ପ୍ରଭାତରଞ୍ଜନ ଲେଙ୍କା ଅତିଥି ପରିଚୟ, ସହସଂଯୋଜକ ଅଧ୍ୟାପକ ସୁକାନ୍ତ ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ଏ ଅବସରରେ +୨ ଓ +୩ ଟପ୍ପର, ମହାବିଦ୍ୟାଳୟ ଟପ୍ପରଙ୍କ ସମେତ ଝୋଟି ପ୍ରତିଯୋଗିତାର ପ୍ରଥମ ସ୍ଥାନ ଅଧିକାର କରିଥିବା ସୌମ୍ୟପ୍ରଭା ବେହେରା, ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରୀ ରାଜେଶ୍ୱରୀ ବେହେରା ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରୀ ପାୟଲ ପ୍ରିୟଦର୍ଶିନୀ ଦାସଙ୍କୁ ପୁରସ୍କୃତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପ୍ରାଧ୍ୟାପକ ବିଜୟ ପାତ୍ର, ଉମେଶ ଦାଶ, ଅଧ୍ୟାପକ ବସନ୍ତ ମିଶ୍ର, ଦୀପକ ମହାନ୍ତି, ମନୋଜ ରାଉତ, ଶାଶ୍ୱତ ସାମନ୍ତରାୟ, ଅଧ୍ୟାପିକା କାଞ୍ଚନବାଳା ସାହୁ, ଜନନୀମଣି ପାତ୍ର, ଲୁସିପ୍ରଭା ଜେନା, ଅଜିତ ବାରିକ, ପ୍ରଶାନ୍ତ ବେହେରା, ହୃଷିକେଶ ଗୋଛାୟତ, ମହେନ୍ଦ୍ର ପରିଡ଼ା, ବ୍ରଜକିଶୋର ସାହୁ ପ୍ରମୁଖ ସହଯୋଗ କରିଥିଲେ। ପ୍ରଶାସନିକ ଅଧିକାରୀ ପ୍ରାଧ୍ୟାପକ ଦୀପକ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ପାଟକୁରା ଥାନା ପକ୍ଷରୁ ସାଇବର ସଚେତନତା

ଗରଦପୁର, ୯।୧୧(ସମିସ): ପାଟକୁରା ଥାନା ପକ୍ଷରୁ ବିଭିନ୍ନ ସ୍ଥାନରେ ସାଇବର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଧୁନିକ ଯୁଗରେ ଟେକ୍ନୋଲୋଜି ଆଶୀର୍ବାଦ ହେଉଥିବାବେଳେ ଏହାର ଅଜଣା ଅନ୍ତଃରାଳ ସମାଜକୁ କିଭଳି କେଉଁପରି ଅସୁରକ୍ଷିତ କରୁଛି ସେଥିପାଇଁ ସଚେତନତା ଆବଶ୍ୟକ। ଏହି ଫଳଶ୍ରୁତିକୁ ଆଧାର କରି ବ୍ରହ୍ମପୁର ଯୁଗଜ୍ୟୋତି ଯୁଥ କ୍ଲବ୍ ପରିସରରେ ଆୟୋଜିତ ସାଇବର ସଚେତନତା କାର୍ଯ୍ୟକ୍ରମରେ ଗୋସ୍ୱାମୀ ଅନାମ ଚରଣ ଦାଶ ସମାଜକୁ ଆପ୍ରାଣ ବାଣୀ ଦେଇଛନ୍ତି। ପାଟକୁରା ଥାନା ଅଧିକାରୀ ମହମ୍ମଦ ଜାମସେଦ ମୁଖ୍ୟଅତିଥି, ଏସଆଇ ଦୀପ୍ତିମୟୀ ରାଉତ, ଏଏସଆଇ ଅଭୟ ନାୟକ, ଏଏସଆଇ ରେବତୀ ପରିଡା, ବରିଷ୍ଠ ନାଗରିକ ମଞ୍ଚ ସଭାପତି ଦ୍ୱାରିକାନାଥ ସେନାପତି, ଯୋଗଗୁରୁ ଦେବ ପାଣି, ସମାଜସେବୀ ନରୋତ୍ତମ ପରିଡା, ଗୁରୁପଦ ଦାଶ, ଶିବପ୍ରସାଦ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ରମାକାନ୍ତ



ବେହେରା ପରିଚାଳନା କରିଥବାବେଳେ ବିଭାଗ ଅଧିକାରୀ, ଅଞ୍ଚଳର ଯୁବକ ଓ ମହିଳା ଓ ବରିଷ୍ଠ ନାଗରିକ ଯୋଗ ଦେଇଥିଲେ। ସଚେତନତା ହେଉଛି ଆମର ପ୍ରଥମ ଅସ୍ତ୍ର ବୋଲି ବୁଦ୍ଧିଜୀବୀ ଗୋସ୍ୱାମୀ ଅନାମ ଚରଣ ଦାଶ କହିଛନ୍ତି। ତାଙ୍କ ମତାନୁସାରେ ସାଇବର ଅପରାଧୀ କେବଳ ଟଙ୍କା ଲୁଟିବାରେ ନୁହେଁ, ମାନସିକ ଅତ୍ୟାଚାର, ଧମକ, ମହିଳାଙ୍କ ଛବି ଦୁର୍ବ୍ୟବହାର, ଜାଲ ଆଇଡି, ଏଟିଏମ ଓଟିପି ଠକେଇ, ଲୋନ ଆପ ବ୍ଲାକମେଲ ଆଦି ଆକାରରେ ସମାଜର କ୍ଷତି କରୁଛନ୍ତି। ଟେକ୍ନୋଲୋଜି ଦକ୍ଷ ହେବା ଆବଶ୍ୟକ। ନଚେତ୍ ଆମେ ତାହାର ଶିକାର ହେବା ବୋଲି ସେ କହିଥିଲେ। ସେ ଆହୁରି କହିଛନ୍ତି, ଦେଶର ସୁରକ୍ଷା ନାଗରିକର ରକ୍ଷା। ଏହାର ଅର୍ଥ ହେଉଛି ଦେଶକୁ ଏହି ସାଇବର ଅପରାଧରୁ ରକ୍ଷା କରିବାକୁ ପ୍ରଥମେ ନାଗରିକମାନେ ସଚେତନ ହେବା ଆବଶ୍ୟକ। ଥାନା ଅଧିକାରୀ ମହମ୍ମଦ ଜାମସେଦ, ଫୋନ୍ ସ୍ମାର୍ଟ ହେଲା, କିନ୍ତୁ ଆମେ ସ୍ମାର୍ଟ ହେଲୁ କି? ଏହି ପ୍ରଶ୍ନ ପ୍ରତ୍ୟେକଙ୍କ ଆଗରେ ଥିବା ଉଚିତ। ଏକ ଭୁଲ୍ କ୍ଲିକ୍ ଆମକୁ ସର୍ବସ୍ୱାନ୍ତ କରାଇପାରେ। ଏଥିପାଇଁ ସତର୍କ ହେବାକୁ ସେ ଆହ୍ୱାନ ଦେଇଛନ୍ତି। ଅପରାଧୀ ଯୁବଗୋଷ୍ଠୀଙ୍କୁ ଅଧିକ ଟାର୍ଗେଟ କରିଥା'ନ୍ତି। କାରଣ ସେମାନେ ଅଧିକ ଅନଲାଇନରେ ରୁହନ୍ତି। ଅନଲାଇନ୍ ଗେମ୍, ଶୀଘ୍ର ଆୟ କରିବାର ଲୋଭ, ଅନଲାଇନ ଚାର୍ଟିଂ, ଜୁଆ ଏସବୁ ହେଉଛି ସାଇବର ରାକ୍ଷସଙ୍କ ଜାଲ। ମହିଳାଙ୍କ ସାଇବର ସୁରକ୍ଷା ସବୁଠୁ ଶୀର୍ଷ ଚିନ୍ତା ବୋଲି କାର୍ଯ୍ୟକ୍ରମରେ ମତପ୍ରକାଶ ପାଇଛି।

## ରାଜ୍ୟସ୍ତରୀୟ କେନ୍ଦ୍ରାପଡ଼ା ପୁସ୍ତକ ମେଳା ପ୍ରସ୍ତୁତି ବୈଠକ

କେନ୍ଦ୍ରାପଡ଼ା, ୯।୧୧(ସମିସ): ଆଗାମୀ ଜାନୁଆରୀ ୬ରୁ ୧୩ ତାରିଖ ଯାଏଁ କେନ୍ଦ୍ରାପଡ଼ା ସହରର ମହୀପାଳ ଟେଲିକମ ପଡ଼ିଆରେ ଅନୁଷ୍ଠିତ ହେବାକୁ ଥିବା ୨୩ତମ ରାଜ୍ୟସ୍ତରୀୟ ପୁସ୍ତକମେଳା ପାଇଁ କେନ୍ଦ୍ରାପଡ଼ା ଇଭେଣ୍ଟ ମ୍ୟାନେଜର୍ସ (କେମ) ପକ୍ଷରୁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ମାଧପୁରସ୍ଥ କେମ କାର୍ଯ୍ୟାଳୟରେ କେମର ମୁଖ୍ୟ ଉପଦେଷ୍ଟା ଡ. ବିରଜା ରାଉତରାୟଙ୍କ ସଞ୍ଚାଳନରେ ପ୍ରଥମ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ କେମ ସଭାପତି ଅକ୍ଷୟ ପାଣି ସଭାପତିତ୍ୱ କରିଥିଲେ। ଏ ବର୍ଷ ପୁସ୍ତକମେଳାକୁ ଅଧିକ ସାରଗର୍ଭିତ କରିବା ପାଇଁ କେମ ପକ୍ଷରୁ କିଛି ନୂଆ ପଦକ୍ଷେପ ଗ୍ରହଣ କରାଯାଇଛି। କେନ୍ଦ୍ରାପଡ଼ା ପରିକ୍ରମା ଉନ୍ମୋଚନ, ବ୍ୟାପକ ଭାବେ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ସଂପୃକ୍ତି, ଯୁବକଙ୍କ ପ୍ରତିଭା ବିକାଶ ପାଇଁ ନୂଆ ଯୁବ ମହୋତ୍ସବ, ପ୍ରତିଭା ଅନ୍ୱେଷଣ ପ୍ରତିଯୋଗିତା, ପ୍ରତିଦିନ ସାହିତ୍ୟ ସଭା, ଆଲୋଚନାଚକ୍ର ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ପୁସ୍ତକ କ୍ରୟ ଉପରେ



ବିଶେଷ ରିଆତି ସହିତ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯିବ। ଏହି ପୁସ୍ତକ ମେଳାରେ ରାଜ୍ୟ ଓ ରାଜ୍ୟ ବାହାରର ପ୍ରକାଶକ ନିଜ ଷ୍ଟଲ ନେଇ ଯୋଗଦେବେ ବୋଲି କେମ ସମ୍ପାଦକ ଜାହିଦ୍ ଖାନ ସୂଚନା ଦେଇଛନ୍ତି। ପ୍ରସ୍ତୁତି ବୈଠକରେ ସମ୍ପାଦକଙ୍କ ସହ ବଂଶୀଧର ମହାନ୍ତି, ସରୋଜ ସାହୁ, ନୃସିଂହ ତ୍ରିପାଠୀ, ଧର୍ମଦର୍ଶୀ କର, ପ୍ରତାପ ସ୍ୱାଇଁ, ତାରେଣୀ ପଟ୍ଟଯୋଶୀ, ଶାନ୍ତନୁ ମଲ୍ଲିକ, ହିମାଂଶୁ ଦାସ, ଅମ୍ରିନ ସାହାଦତ, କ୍ଷୀରୋଦ କର, ରାଜେନ୍ଦ୍ର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ସ୍ୱେଚ୍ଛାକୃତ ରକ୍ତଦାନ ଶିବିର; ୬୫ ୟୁନିଟ୍ ସଂଗୃହୀତ



ଡେରାବିଶ, ୯।୧୧(ସମିସ): ଗୋଲରାହାଟ ପଞ୍ଚାୟତ ଅନ୍ତର୍ଗତ ଦୁମୁକାହାଟସ୍ଥ ଆଞ୍ଚଳିକ ଯୁବ ସାମ୍ମୁଖ୍ୟ କାର୍ଯ୍ୟାଳୟରେ ଆଜି ସତ୍ୟସାଇ ବାବାଙ୍କ ୧୦୦ତମ ଜୟନ୍ତୀ ଉପଲକ୍ଷେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ସତ୍ୟସାଇ ପ୍ରେମ ସଂଜୀବନୀ କାର୍ଯ୍ୟକ୍ରମ ମାଧ୍ୟମରେ ଅନୁଷ୍ଠିତ ଏହି ରକ୍ତଦାନ ଶିବିରରେ ସତ୍ୟସାଇଙ୍କ ଭକ୍ତ ଉପସ୍ଥିତ ରହି ୬୫ ୟୁନିଟ୍ ରକ୍ତ ପ୍ରଦାନ କରିଥିଲେ। ସତ୍ୟସାଇ ସେବା ସଂଗଠନ କେନ୍ଦ୍ରାପଡ଼ାର ଜିଲ୍ଲା ସଭାପତି ଉମେଶ ନାୟକ, ଜିଲ୍ଲା ଯୁବ ସଂଯୋଜକ ସ୍ମୃତିରଞ୍ଜନ ନାୟକ, ଠାକୁରପାଟଣା ସମିତି ଆବାହକ ଗୋପବନ୍ଧୁ ଦାସ, ଜହଙ୍ଗର ଭଜନ ମଣ୍ଡଳୀ ଆବାହକ ଇଶନ ରଥ, ଲକ୍ଷ୍ମୀନାରାୟଣପୁର ଭଜନ ମଣ୍ଡଳୀ ଆବାହକ ଉତ୍ତମ ସିଂ ଓ ବରିଷ୍ଠ ସାଇ ଆଶ୍ରିତ ହରିଶ ଦାସ ଯୋଗଦେଇ ପୂଜାର୍ଚ୍ଚା ପୂର୍ବକ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। କଟକ ରେଡକ୍ରସ୍ କର୍ମଚାରୀ ରକ୍ତ ସଂଗ୍ରହ କରିଥିଲେ। ଶିବିରକୁ ସତ୍ୟସାଇ ସେବା ସମିତି ଠାକୁରପାଟଣା, ଜହଙ୍ଗର ଭଜନ ମଣ୍ଡଳୀ ଓ ଲକ୍ଷ୍ମୀନାରାୟଣପୁର ଭଜନ ମଣ୍ଡଳୀର ସମସ୍ତ ସାଇ ଆଶ୍ରିତ ଆୟୋଜନ କରିଥିବାବେଳେ ଅତୁଲ୍ୟ ରଥ, ପ୍ରଭାତ ବେହେରା, ଅଭିମନ୍ୟୁ ବେହେରା, ରୁଦ୍ରନାରାୟଣ ସ୍ୱାଇଁ, ଅଶ୍ୱିନୀ ରାଉତ, ଭକ୍ତରଞ୍ଜନ ସ୍ୱାଇଁ, ଚିରଞ୍ଜିବୀ ସାହୁ ପ୍ରମୁଖ ପରିଚାଳନା କରିଥିଲେ।

## ଅନନ୍ତ ଗୋପାଳ ପୂଜା କମିଟି ପକ୍ଷରୁ କାର୍ତ୍ତିକେଶ୍ୱର ପୂଜା

ପଟ୍ଟାମୁଣ୍ଡାଇ, ୯।୧୧(ସମିସ): ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅଧୀନ ପୋଖରୀଆପଡ଼ା ଗ୍ରାମର ଅନନ୍ତ ଗୋପାଳ ଥାନପତି ପୂଜା କମିଟି ପକ୍ଷରୁ କାର୍ତ୍ତିକେଶ୍ୱର ପୂଜା ଓ ଭସାଣି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପୂଜା କମିଟି ସଭାପତି ତପନ ନାଥଙ୍କ ପରିଚାଳନାରେ ଅନୁଷ୍ଠିତ ପୂଜା ଉତ୍ସବ ଅବସରରେ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମ୍ବର୍ଦ୍ଧନା ଉତ୍ସବରେ ପଟ୍ଟାମୁଣ୍ଡାଇ ଅତିରିକ୍ତ ତହସିଲଦାର ଦିଲ୍ଲୀପ ନାୟକ ମୁଖ୍ୟଅତିଥି, ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ର ବିଶେଷ ଅତିଥି ଭାବେ ଯୋଗ ଦେଇଥିବାବେଳେ ଯୁବ ନେତା ମିଟୁ ମନୋଜ ନାୟକ, ବରିଷ୍ଠ ନେତା ସଞ୍ଜୟ ସ୍ୱାଇଁ, ବରିଷ୍ଠ ସାମ୍ବାଦିକ ଅନୀଲ ଚୌଧୁରୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଭସାଣି ଉତ୍ସବରେ ରାଜସ୍ଥାନରୁ ଆସିଥିବା ଅଘୋରି ନୃତ୍ୟ ଦେଖିବାକୁ ସହରରେ ପ୍ରବଳ ଜନସମାଗମ ହୋଇଥିଲା। ସେହିପରି ବ୍ରହ୍ମପୁରରୁ ଜେମିନି ବ୍ରାସ ବ୍ୟାଣ୍ଡ, ଢେଙ୍କାନାଳର ମାଦଳ ଆଦି ବାଦ୍ୟରେ ଭସାଣି ଉତ୍ସବ ବେଶ୍ ମନ ମୁଗ୍ଧକର ହୋଇଥିଲା। ସେହିପରି ପ୍ରତ୍ୟହ ସନ୍ଧ୍ୟାରେ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା। ଦୀର୍ଘ ୫୩ ବର୍ଷ ଧରି ପୋଖରୀଆପଡା ଗ୍ରାମରେ ଅନନ୍ତ ଗୋପାଳ ପୂଜା କମିଟି ପକ୍ଷରୁ ଅନୁଷ୍ଠିତ ହୋଇଆସୁଥିବା କାର୍ତ୍ତିକେଶ୍ୱର ପୂଜା ମେଢ଼କୁ ଥାନପତି ମର୍ଯ୍ୟାଦା ମିଳିଛି। ପଣ୍ଡିତ ସୁରେନ୍ଦ୍ର ଦାଶ ବୈଦିକ ରୀତିନୀତିରେ ପୂଜା କରିଥିବାବେଳେ ଉତ୍ସବକୁ ଉପସଭାପତି ବାବନ ଷଣ୍ଢ, ସମ୍ପାଦକ ବୁଟୁ ଷଣ୍ଢ, ବାପୁ ଲେଙ୍କା, ଦେବାଶିଷ ନାୟକ, ରଶ୍ମିରଞ୍ଜନ ଷଣ୍ଢ, ଦିପୁ ନାୟକ, ଶୁଭ ନାୟକ, ଜାକି ଦାସ, ପିଙ୍କୁଲ ଦାଶ, ଚିତ୍ତ ମହାନ୍ତି, ମଟୁ ନାଥ, ବାପୁନି ଦାସ, ଗୁଡୁଲ ଦାଶ, ସୁରଜ ନାୟକ, ଲିପା ଦାଶ, ରମେଶ ଦାସ, ସନ୍ତୋଷ ପାତ୍ର, ପ୍ରସନ୍ନ ଦାସ, ବାପି ସୂତାର, ବାବନ ନାୟକ, ମୁନା ନାୟକ ପ୍ରମୁଖ ପରିଚାଳନା କରିଥିଲେ।



## ୟଙ୍ଗ୍ ଷ୍ଟାର କ୍ଲବ୍‌ର ସାଂସ୍କୃତିକ ଉତ୍ସବ

ଡେରାବିଶ, ୯।୧୧(ସମିସ): ଏଣ୍ଡର ପଞ୍ଚାୟତ ଅନ୍ତର୍ଗତ ଓଳକଣା ମେଳଣ ପଡ଼ିଆରେ ଅରାଖଣ୍ଡର ୟଙ୍ଗ୍ ଷ୍ଟାର କ୍ଲବ୍ ପକ୍ଷରୁ ଆୟୋଜିତ ଦୁଇଦିନିଆ ସାଂସ୍କୃତିକ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସଭାରେ ଡେରାବିଶ ବ୍ଲକ୍‌ର ପୂର୍ବତନ ଉପାଧ୍ୟକ୍ଷ ବଟକୃଷ୍ଣ ସାମଲ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ବିଜୟ ମହାପାତ୍ର, ସମ୍ମାନିତ ଅତିଥି ଭାବେ ସମାଜସେବୀ ସୁକାନ୍ତ ଦ୍ୱିବେଦୀ, ପୂର୍ବତନ ସରପଞ୍ଚ ମନୋରଞ୍ଜନ ଉପାଧ୍ୟାୟ, ନରସିଂହପୁର ସରପଞ୍ଚ ସୁଧୀର ଖଟୁଆ ପ୍ରମୁଖ ଯୋଗ ଦେଇଥିଲେ। ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅନୁଷ୍ଠିତ ନୃତ୍ୟ ଓ ସଙ୍ଗୀତ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶିକ୍ଷାବିତ୍ ମନୋଜ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ କ୍ଲବ୍ ସଭାପତି ଶ୍ରୀକାନ୍ତ ମଲ୍ଲ, ପ୍ରତାପ ମଲ୍ଲ, ଜିତୁଶ୍ରୀ ମଲ୍ଲ, ପଙ୍କଜ ମଲ୍ଲ, ଉଦୟ ସାହୁ, ତାପସ ମଲ୍ଲ, ଶୁଭପ୍ରକାଶ ସାହୁ ଓ ବିଶ୍ୱଜିତ ସାହୁ ପ୍ରମୁଖ ପରିଚାଳନା କରିଥିଲେ।



## ବାଲି ବୋଝେଇ ହାଇୱା ଜବତ

ଡେରାବିଶ, ୯।୧୧(ସମିସ): ଆଜି ପୂର୍ବାହ୍ନରେ କଟକ-ଚାନ୍ଦବାଲି ରାଜରାସ୍ତାରେ ଏକ ହାଇୱା ବେଆଇନ ଭାବେ ବାଲି ଚାଲାଣ କରୁଥିବାବେଳେ ପୂର୍ବରୁ ସଦଳବଳେ ଛକି ବସିଥିବା ଖଣି ବିଭାଗ କର୍ମଚାରୀ ମାଡ଼ି ବସିଥିଲେ। ଏହି ହାଇୱାକୁ ଜବତ କରି ଚାନ୍ଦୋଳ ଫାଣ୍ଡିକୁ ନେଇଥିଲେ ଏହାକୁ ମିଶାଇ ୪ଟି ବାଲି ବୋଝେଇ ହାଇୱା ଜବତ ହେଲାଣି। ଏ ସମ୍ପର୍କରେ ଖଣି ଅଧିକାରୀଙ୍କୁ ପଚାରିବାରୁ କେନ୍ଦ୍ରାପଡ଼ା ଜିଲ୍ଲାରେ ମାତ୍ର ୪ଟି ବାଲିଘାଟ ସରକାରୀ ଭାବେ ନିଲାମ ହୋଇଥିବା ପ୍ରକାଶ କରିଥିଲେ। ଡେରାବିଶ ବ୍ଲକ୍ ଅଞ୍ଚଳରେ କୌଣସି ବାଲିଘାଟ ନିଲାମ ହୋଇ ନ ଥିବାବେଳେ ଡେରାବିଶ ଥାନା ପକ୍ଷରୁ ଦୁଇଦିନ ତଳେ ରଘୁଦେଇପୁର ନିକଟରୁ ଧରାଯାଇଥିବା ତିନୋଟି ହାଇୱା ବିରୂପା ନଦୀରୁ ଚୋରାରେ ବାଲି ଚାଲାଣ କରୁଥିବା ଜଣାଯାଇଛି। ଯଦି ଖଣି ନିଗମ ଡେରାବିଶ ବ୍ଲକ୍ ଅଞ୍ଚଳ ଦେଇ ପ୍ରବାହିତ ଲୁଣା, କରାଣ୍ଡିଆ, ବିରୂପା ନଦୀରେ ଥିବା ବାଲିଘାଟ ନିଲାମ ନ କରନ୍ତି, ଏପରି ଭାବେ ଦୈନିକ ଚୋରାରେ ବାଲି ଚାଲାଣ ହେବ ବୋଲି ଅଞ୍ଚଳବାସୀ ପ୍ରକାଶ କରିଛନ୍ତି।

# ଜିଲ୍ଲାସ୍ତରୀୟ ବିପର୍ଯ୍ୟୟ ପ୍ରଶମନ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ଡେରାବିଶ, ୯।୧୧(ସମିସ)




ଚାନ୍ଦୋଳସ୍ଥ ହୃଦୟାନନ୍ଦ ନାୟକ ସ୍ମାରକୀ ମହାବିଦ୍ୟାଳୟରେ ଚାଲିଥିବା ତ୍ରିଦିବସୀୟ ଜିଲ୍ଲାସ୍ତରୀୟ ବିପର୍ଯ୍ୟୟ ପ୍ରଶମନ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ଚାନ୍ଦୋଳ କଲେଜ ଅଧ୍ୟକ୍ଷ ପ୍ରାଧ୍ୟାପକ ଅକ୍ଷୟ ବଳ ସଭାପତିତ୍ୱ କରିଥିବାବେଳେ ମୁଖ୍ୟଅତିଥି ଭାବେ ପଟ୍ଟାମୁଣ୍ଡାଇ କଲେଜ ଅଧ୍ୟକ୍ଷ ପ୍ରାଧ୍ୟାପକ ଉମାକାନ୍ତ ମହାପାତ୍ର, ସମ୍ମାନିତ ଅତିଥି ଭାବେ ଯୁବ ରେଡକ୍ରସ ସଭାପତି ତଥା କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧ୍ୟକ୍ଷ ଶାନ୍ତନୁ ଜେନା ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଓଡ଼ିଶା ଉଚ୍ଚନ୍ୟାୟାଳୟର ବରିଷ୍ଠ ଅଧିବକ୍ତା ଗିରିଜାନନ୍ଦ ନାୟକ ଯୋଗଦେଇ ସ୍ୱେଚ୍ଛାସେବୀଙ୍କୁ ଉତ୍ସାହିତ କରିଥିଲେ। ଜିଲ୍ଲା ସଂଯୋଜକ ବିକାଶ ନାୟକ ଓ ଜିଲ୍ଲା କାର୍ଯ୍ୟକାରୀ ଅଧିକାରୀ ରତ୍ନାକର ସେଠୀ ଯୋଗଦେଇ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଉପାଦେୟତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। କୃତୀ ସ୍ୱେଚ୍ଛାସେବୀଙ୍କୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ଯୁବ ରେଡକ୍ରସର ପରିଚାଳିକା ଅଧ୍ୟାପିକା ସୁକନ୍ୟା ମହାନ୍ତି ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶକ୍ତି ପ୍ରସାଦ ମିଶ୍ର ବେଦପାଠ କରିଥିବାବେଳେ ସ୍ୱେଚ୍ଛାସେବୀ ରକ୍ଷୀ ତ୍ରିପାଠୀ ନୃତ୍ୟ ପରିବେଷଣ କରିଥିଲେ। ଯୁବ ରେଡକ୍ରସର ଅଧିକାରୀ ଅଧ୍ୟାପକ ପ୍ରଭାତ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

ଏହି ତିନିଦିନିଆ ଆବାସିକ ତାଲିମ ଶିବିରରେ ଶିବିରାର୍ଥୀ ସନ୍ଧ୍ୟାରେ ନାଚଗୀତ, କୁଇଜ୍ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଜାତୀୟ ବିପର୍ଯ୍ୟୟ ମୁକାବିଲା ବାହିନୀ, ଅଗ୍ନିଶମ ବିଭାଗ, ସାଇବର ସୁରକ୍ଷା ବିଭାଗ, ରୋଡ ଟ୍ରାନ୍ସପୋର୍ଟ ଅଫିସର ଆଦି ଯୋଗଦେଇ ବିପର୍ଯ୍ୟୟ ସମୟରେ ସ୍ୱେଚ୍ଛାସେବୀ ନିଜ ଜୀବନ ବଞ୍ଚାଇବା ସହ ଅନ୍ୟମାନଙ୍କ ଜୀବନ ବଞ୍ଚାଇବା କଳା କୌଶଳ ଶିଖାଇଥିଲେ। କାର୍ଯ୍ୟକ୍ରମକୁ ପ୍ରାଧ୍ୟାପକ ବିନୟ ଷଡ଼ଙ୍ଗୀ, ସଞ୍ଜୟ ନାୟକ, ରମାକାନ୍ତ ଦାସ, ସୌଭାଗ୍ୟ ପ୍ରଧାନ, ଅଧ୍ୟାପକ ପ୍ରଦୀପ ରାଉତ, ଶଶୀଭୂଷଣ ଜେନା, ବରଦା ଜେନା, ପ୍ରତାପ ଜେନା, ବିଶ୍ୱରଞ୍ଜନ ମିଶ୍ର, ଦିବ୍ୟ କୁମାର ଦାସ, ହରେକୃଷ୍ଣ ସାହୁ ପ୍ରମୁଖ ପରିଚାଳନା କରିଥିବାବେଳେ ୫୮ଟି ବିଦ୍ୟାଳୟରୁ ଶତାଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ।